

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-74 ◆SUNDAY ◆7 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୪ ◆ରବିବାର ◆୭ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଆଜି ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ: ଦେଖାଯିବ 'ବ୍ଲଡ୍ ମୁନ୍'

■ **ପୁରୀ, ୬।୯ (ସମିସ):** ଆସନ୍ତାକାଲି ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମାରେ ସଂଘଟିତ ହେଉଛି ରାହୁଗ୍ରସ୍ତ ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ। ଚଳିତ ବର୍ଷର ଏହା ଶେଷ ଚନ୍ଦ୍ରଗ୍ରହଣ। ଏଥିପାଇଁ ରବିବାର ମଧ୍ୟାହ୍ନ ୧୨ଟା ୫୭ ମିନିଟ୍ ୨୨ ସେକେଣ୍ଡରୁ ଅନ୍ନଭୋଜନ, ପାକତ୍ୟାଗ ଓ ଦେବନୀତି ନିଷେଧ କରାଯାଇଛି। ବାଳୁତ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ଏହି ନିୟମ କୋହଳ ରହିଛି। ରାତି ୯ଟା ୫୭ ମିନିଟ୍ ୨୨ ସେକେଣ୍ଡରେ ଗ୍ରହଣ ସ୍ପର୍ଶ ହୋଇ ରାତି ୧ଟା ୨୭ ମିନିଟ୍ ୧୭ ସେକେଣ୍ଡରେ ସର୍ବମୋକ୍ଷ ହେବ। ତେଣୁ ମଧ୍ୟାହ୍ନ ୧୨ଟା ୫୭ମିନିଟ୍ ପୂର୍ବରୁ ଦେବନୀତି ଶେଷ ହେବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦେବନୀତି ଓ ଅନ୍ନଭୋଜନ କରାଯାଇପାରିବ ବୋଲି ପଞ୍ଜିକାରେ କୁହାଯାଇଛି।

ଚଳିତ ବର୍ଷର ଭାଦ୍ରବ ପୂର୍ଣ୍ଣିମାରେ ଆକାଶରେ 'ବ୍ଲଡ୍ ମୁନ୍' ଦୃଶ୍ୟମାନ ହେବ। ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ଏହି ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଇନ୍ଦ୍ରଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରାଯିବ। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ଅନ୍ୟାନ୍ୟ ନୀତି କରାଯିବ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ଶନିବାର ରାତି ୨ଟାରୁ ଦ୍ୱାର ଫିଟାଯିବ। ୨ଟା ୪୦ରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ଚାଲିବ। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ, ଗ୍ରହଣଭୋଗ ଓ ଅନ୍ୟାନ୍ୟ ନୀତି ହେବ।



**ମଧ୍ୟାହ୍ନ ୧୨.୫୭ରୁ ପାକତ୍ୟାଗ**

**ରାତି ୯.୫୭ରୁ ଗ୍ରହଣ ଆରମ୍ଭ**

**୧.୨୬ ମିନିଟ୍‌ରେ ସର୍ବମୋକ୍ଷ**

# ୧୨ ଘଣ୍ଟାରେ ଟ୍ରମ୍ପଙ୍କ ୟୁ'ଟର୍ଣ୍ଣ




■ **ୱାସିଂଟନ, ୬।୯ (ଏଜେନ୍ସି):** 'କେବେ ନା, କେବେ ହଁ'। ଆମେରିକାରେ ଏମିତି ଶାସନ ଚଳାଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ନିଜ କଥାକୁ ନିଜେ ଭାଙ୍ଗିବାରେ ସେ ସିଦ୍ଧହସ୍ତ। ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଏଭଳି ସେ ଅନେକ ନିଷ୍ପତ୍ତି ନେଇଛନ୍ତି, ଯାହାକୁ ପରବର୍ତ୍ତୀ ସମୟରେ ସେ ନିଜେ ପ୍ରତ୍ୟାହାର କରିଛନ୍ତି। ଶୁଳ୍କ ଧମକ ଦେଇ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଟ୍ରମ୍ପ ଭାରତ ପ୍ରତି ତାଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ କରୁଥିବା ଲକ୍ଷ କରାଯାଉଛି। ୫୦ ପ୍ରତିଶତ ଶୁଳ୍କ ଘୋଷଣା କରିବା ପରେ ଭାରତ ଏବଂ ଏହାର ନେତାଙ୍କ ବିରୋଧରେ ବିଷୋଦଗାର କରି ଚାଲିଥିବା ଟ୍ରମ୍ପ ୧୨ ଘଣ୍ଟା ଭିତରେ ମତ ବଦଳାଇବା ଏବେ ଆଲୋଚନାର ବିଷୟ ହୋଇଛି। ଚୀନ ଓ ରୁଷ ସହିତ ସଂପର୍କ ନେଇ ଗତକାଲି ଭାରତକୁ କଟାକ୍ଷ କରିଥିବା ଟ୍ରମ୍ପ ଆଜି ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭୁରି ଭୁରି ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ମଧ ତାଙ୍କର ନୂଆ ଆଭିମୁଖ୍ୟର ସମ୍ମାନ କରୁଥିବା ଜଣାଇଛନ୍ତି। ଦୁଇ ନେତାଙ୍କର ଏଭଳି ମନ୍ତବ୍ୟ ତିକ୍ତ ହୋଇପଡ଼ିଥିବା ଭାରତ ଓ ଆମେରିକା ସଂପର୍କରେ ସୁଧାର ଆଣିପାରେ ବୋଲି ଅନୁମାନ କରାଯାଉଛି।

ଗତକାଲି ଟ୍ରମ୍ପ କହିଥିଲେ ଯେ ଚୀନ ହାତରେ ଭାରତ ଓ ରୁଷକୁ ଆମେରିକା ହରାଇଛି। ଏହି ତିନି ଦେଶ ମଧ୍ୟରେ ସଂପର୍କର କଟାକ୍ଷ କରି ଶୁଭକାମନା ଜଣାଇଥିଲେ। କିନ୍ତୁ ଏହାର ୧୨ ଘଣ୍ଟା ଭିତରେ ଭାରତ ଓ ମୋଦୀଙ୍କୁ ସେ ଏମିତି ପ୍ରଶଂସା କରିଛନ୍ତି ଯେ ଯେମିତି ସଂପର୍କ ସୁଦୃଢ଼ ରହିଛି। ▶ପୃଷ୍ଠା-୭

## ଶୁଳ୍କ କମାଇବାକୁ ୩ ସର୍ତ୍ତ

**ବ୍ରିକ୍ସ ଛାଡ଼ । ରୁଷଠୁ ତେଲ କିଣନି । ଆମକୁ ସମର୍ଥନ ଦିଅ**

■ **ୱାସିଂଟନ, ୬।୯ (ଏଜେନ୍ସି):** ଭାରତ ସହ ଆମେରିକା ଡବଲ୍ ଗେମ୍ ଖେଳୁଛି। ଭାରତକୁ ଧମକ ଦେବାର ୧୨ ଘଣ୍ଟା ଭିତରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଦାର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କିନ୍ତୁ ତାଙ୍କ ବାଣିଜ୍ୟମନ୍ତ୍ରୀ ହାଭାର୍ଡ ଲୁଟ୍‌ନିକ ଭାରତକୁ ଧମକ ଦେଇଛନ୍ତି। ସେ ଭାରତ ପାଇଁ ତିନି ସର୍ତ୍ତ ରଖିଛନ୍ତି। ଏହି ତିନୋଟି ସର୍ତ୍ତ ମାନିଲେ ଭାରତ ଉପରୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ହଟାଯିବ। ଭାରତକୁ ରୁଷ୍ ତୈଳ କ୍ରୟ ବନ୍ଦ କରିବାକୁ ହେବ ଏବଂ ବ୍ରିକ୍ସ ଗୋଷ୍ଠୀରୁ ଅଲଗା ହେବାକୁ ପଡ଼ିବ। ଏହାସହିତ ଆମେରିକାକୁ ସମର୍ଥନ ଦେବାକୁ ହେବ ବୋଲି ଲୁଟ୍‌ନିକ କହିଛନ୍ତି। ସେ ବ୍ଲୁମ୍‌ବର୍ଗ ଟିଭିକୁ ସାକ୍ଷାତକାର ଦେଇ ଶୁକ୍ରବାର ଏହି ଟିପ୍ପଣୀ ଦେଇଥିଲେ। ଏଥିରୁ ଆମେରିକା ରାଷ୍ଟ୍ରପତିଙ୍କ କହିବା ଏବଂ କରିବାରେ ଆକାଶ ପାତାଳ ଫରକ ଥିବା ଜଣାପଡୁଛି। ଟ୍ରମ୍ପ ନିଜେ ଭାରତ ସହ ସମ୍ପର୍କ ସୁଧାରିବାକୁ ପ୍ରସ୍ତୁତ ଥିବା ନେଇ କହୁଥିବା ବେଳେ ତାଙ୍କ ମନ୍ତ୍ରୀ ଏଥିରେ ବ୍ରେକ୍ ଲଗାଉଛନ୍ତି।

ଲୁଟ୍‌ନିକ କହିଥିଲେ ଯେ ଯଦି ରୁଷ୍ ଏବଂ ଚୀନ୍ ମଧ୍ୟରେ ଭାରତ ସେତୁ ହେବାକୁ ଚାହୁଁଛି ତେବେ ହେଉ। କିନ୍ତୁ ଭାରତକୁ ଡଲାରକୁ କିମ୍ବା ଆମେରିକାକୁ ସମର୍ଥନ କରିବାକୁ ହେବ। ନୂଆଦିଲ୍ଲୀ ନିଜର ▶ପୃଷ୍ଠା-୭

# ଏସିଆ କପ୍ ହକି ଫାଇନାଲ୍‌ରେ ଭାରତ

**ଦ.କୋରିଆ ସହ ଟାଇଟଲ୍ ଲଢ଼େଇ ଆଜି**



**ସୁପର୍-୪ରେ ଚୀନ ୭-୦ରେ ଧରାଶାୟୀ**

**ଓଡ଼ିଶାର ଶୀଳାନନ୍ଦ ଶ୍ରେଷ୍ଠ ଖେଳାଳି**

**୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଆଶା ଉଜ୍ଜ୍ୱଳ**

■ **ରାଜଗିର, ୬।୯ (ଏଜେନ୍ସି):** ବିହାରରେ ଚାଲିଥିବା ପୁରୁଷ ଏସିଆ କପ୍ ହକିର ଦ୍ୱାଦଶ ସଂସ୍କରଣରେ ଆୟୋଜକ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଛି। ଶନିବାର ଖେଳାଯାଇଥିବା ଶେଷ ସୁପର୍-୪ ମୁକାବିଲାରେ ଚୀନକୁ ୭-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରିଛି। ମ୍ୟାଚ୍‌ରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ହର୍‌ମନ୍‌ପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଭାରତ ସୁପର୍-୪ରେ ୩ ମ୍ୟାଚ୍‌ରୁ ୨ ବିଜୟ ଓ ଗୋଟିଏ ଡ୍ର ରଖି ସର୍ବାଧିକ ୭ ପଏଣ୍ଟ ସହ ଟେବୁଲ୍‌ର ଶୀର୍ଷରେ ରହିଛି। ରବିବାର ଖେଳାଯିବାକୁ ଥିବା ଟାଇଟଲ୍ ଲଢ଼େଇରେ ପାଞ୍ଚ ଥରର ବିଜେତା ଦକ୍ଷିଣ କୋରିଆ ସହ ଭାରତର ମୁକାବିଲା ହେବ। ଏଥିରେ ବିଜୟୀ ଦଳ ସ୍ୱର୍ଣ୍ଣ ପଦକ ସହ ୨୦୨୬ ଏଫ୍‌ଆଇଏଚ୍ ହକି ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏସିଆ କପ୍ ଇତିହାସରେ ଭାରତ ୩ଥର ଚାମ୍ପିଅନ ଓ ୫ଥର ରନର୍ସଅପ୍ ହୋଇଛି। ଶେଷଥର ଲାଗି ୨୦୧୭ରେ ଭାରତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା।

**ଗଣେଶ ବିସର୍ଜନ ବେଳେ ଗୋଷ୍ଠୀ ସଂଘର୍ଷ**

## ଗାଁ ମୁଣ୍ଡରେ ଗଡ଼ିଲା ମୁଣ୍ଡ

■ **ଶେରଗଡ଼, ୬।୯ (ସମିସ):** ଗଣେଶ ଭସାଣିକୁ ନେଇ ଶେରଗଡ଼ ଥାନା ଅନ୍ତର୍ଗତ ଗୋଠଗାଁ ଗ୍ରାମରେ ଶୁକ୍ରବାର ରାତିରେ ଗୋଷ୍ଠୀସଂଘର୍ଷ ଘଟି ଜଣଙ୍କ ଜୀବନ ଯାଇଛି। ସନ୍ଧ୍ୟାରେ ଭସାଣି ପାଇଁ ଶୋଭାଯାତ୍ରା ବେଳେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପରେ ବିଳମ୍ବିତ ରାତିରେ ଦୁଇଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଖଣ୍ଡା, କାତି, ଠେଙ୍ଗା ସାହାଯ୍ୟରେ ପରସ୍ପରକୁ ଆକ୍ରମଣ କରିଥିଲେ। ଗୋଟିଏ ଗୋଷ୍ଠୀର ସମସ୍ତ ସଦସ୍ୟ ଖସି ପଳାଇ ଯାଇଥିବା ବେଳେ ସାନଖେମୁଣ୍ଡି ଥାନା ରାମଚନ୍ଦ୍ରପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର ଚନ୍ଦନ ବିଷୋୟୀଙ୍କୁ ଏକୁଟିଆ ପାଇ ଅପରଗୋଷ୍ଠୀର ସଦସ୍ୟ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

ପୂର୍ବରୁ ଉକ୍ତ ଗୋଷ୍ଠୀଙ୍କ ସହିତ ଚନ୍ଦନଙ୍କ ଗଣ୍ଡଗୋଳ ଲାଗି ରହିଥିଲା। ଅପରପକ୍ଷେ ଚନ୍ଦନ ଘରକୁ ନଫେରିବାରୁ ପରିବାର ସଦସ୍ୟମାନେ ଖୋଜିଥିଲେ। ଚନ୍ଦନଙ୍କ ସାଙ୍ଗମାନେ ଚନ୍ଦନଙ୍କୁ ଗୋଠଗାଁରେ ହତ୍ୟା କରାଯାଇଥିବା ପରିବାର ସଦସ୍ୟଙ୍କୁ ଜଣାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ହିଞ୍ଜିଳିକାଟୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ବ୍ରହ୍ମପୁର ବଡ଼ ମେଡିକାଲକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ଏନେଇ ଚନ୍ଦନଙ୍କ ସମ୍ପର୍କୀୟ ଶେରଗଡ଼ ଥାନାରେ ଲିଖିତ ଅଭିଯୋଗ କରିବାରୁ ଏକ ହତ୍ୟା ମାମଲା ରୁଜୁ କରି ଶେରଗଡ଼ ପୁଲିସ ୩ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି।

**ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ପକ୍ଷ ରଖିଲା ଓଡ଼ିଶା**

## ଆପୋସ ସମାଧାନ ପାଇଁ ପ୍ରୟାସ ଚାଲିଛି

■ **ଭୁବନେଶ୍ୱର, ୬।୯ (ସମିସ):** ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା ଓ ଛତିଶଗଡ଼ ଆପୋସ ସମାଧାନ ପାଇଁ ଉଦ୍ୟମ କରୁଛନ୍ତି। ଉଭୟ ରାଜ୍ୟ ମଧ୍ୟରେ କିଛି ପର୍ଯ୍ୟାୟ ଆଲୋଚନା ହୋଇଛି ଓ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ପରସ୍ପର ମଧ୍ୟରେ ଦୁଇ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ସେହିପରି ଦୁଇ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ମଧ କଥାବାର୍ତ୍ତା ଆରମ୍ଭ ହୋଇଛି ବୋଲି ମହାନଦୀ ବିବାଦ ଟ୍ରିବ୍ୟୁନାଲରେ ତଥ୍ୟ ରଖିଛି ଓଡ଼ିଶା। ରାଜ୍ୟ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଗତ ଅଗଷ୍ଟ ୨ ତାରିଖରୁ ଏଯାବତ୍ ଉଭୟ ରାଜ୍ୟ ମଧ୍ୟରେ ମହାନଦୀ ପ୍ରସଙ୍ଗରେ ଆପୋସ ବୁଝାମଣାର ବିସ୍ତୃତ ଅଗ୍ରଗତିର ତଥ୍ୟ ଉପସ୍ଥାପନ କରିଛନ୍ତି। ଟ୍ରିବ୍ୟୁନାଲ ଅଧ୍ୟକ୍ଷ ଜଷ୍ଟିସ ବେଲା ଏମ୍ ତ୍ରିବେଦୀ ଆସନ୍ତା ଅକ୍ଟୋବର ୧୧କୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିବା ସହ ଏହି ତାରିଖ ସୁଦ୍ଧା ଆପୋସ ବୁଝାମଣାର ଅଗ୍ରଗତି ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜଳ ବିବାଦ ସଂକ୍ରାନ୍ତରେ ଟ୍ରିବ୍ୟୁନାଲ ଶୁଣାଣି ସମ୍ପର୍କରେ ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର ପାଟିଲଙ୍କ ସହ ବିବାଦର ସମାଧାନ ନିମନ୍ତେ ଆଲୋଚନା କରିଛନ୍ତି। ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ମଧ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଥର ଆଲୋଚନା କରି ସାରିଛନ୍ତି। ଗତ ୩୦ ତାରିଖରେ ଉଭୟ ରାଜ୍ୟର ମୁଖ୍ୟ ସଚିବ ନୂଆଦିଲ୍ଲୀରେ ଜଳ ବିବାଦ ଆପୋସ ସମାଧାନ ନେଇ ଆଲୋଚନା କରିଥିଲେ। ଗତକାଲି ଅର୍ଥାତ୍ ଶୁକ୍ରବାର ଦୁଇ ରାଜ୍ୟର ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଗଠିତ ବୈଷୟିକ ଟିମ୍ ମଧ୍ୟରେ ମଧ ଆଲୋଚନା ହୋଇଛି। କେନ୍ଦ୍ର ସରକାରଙ୍କ ମଧ୍ୟସ୍ଥତାରେ ସମାଧାନ ପାଇଁ ଆଲୋଚନା ଜାରି ରହିଛି। କୌଣସି ଜଳ ବିବାଦର ସମାଧାନ ଟ୍ରିବ୍ୟୁନାଲ୍‌ରେ ହୋଇପାରି ନାହିଁ। ଏହା ଏକ ରାଜନୈତିକ ବିବାଦ ଏବଂ ଦୁଇ ରାଜ୍ୟର ରାଜନୈତିକ ▶ପୃଷ୍ଠା-୭



**ଅଗ୍ରଗତି ତଥ୍ୟ ଦେବାକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ**

**ଅକ୍ଟୋବର ୧୧ ତାରିଖରେ ପରବର୍ତ୍ତୀ ଶୁଣାଣି**

**ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ଆଲୋଚନା ଆରମ୍ଭ**

**୧୨ ହଜାର କୋଟିର ଡ୍ରଗ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାସ**

## ଆଇଟି ବିଶେଷଜ୍ଞ ସମେତ ୧୨ ଗିରଫ

■ **ହାଇଦରାବାଦ୍, ୬।୯ (ଏଜେନ୍ସି):** ମହାରାଷ୍ଟ୍ର ପୁଲିସ ନିଶା ତଥା ଡ୍ରଗ୍ସ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଥାଣେ ଜିଲ୍ଲାର ମୀରା ରୋଡ ପୁଲିସ୍ ଏହିକ୍ରମରେ ଶନିବାର ତେଲଙ୍ଗାନାର ହାଇଦରାବାଦ୍‌ରେ ଏକ ଡ୍ରଗ୍ସ ଉତ୍ପାଦନକାରୀ କାରଖାନା ଉପରେ ଚଢ଼ାଉ କରିବା ସହ ୧୨,୦୦୦ କୋଟି ଟଙ୍କାର ଏକ ଡ୍ରଗ୍ସ ର୍‍ୟାକେଟ୍‌ର ପର୍ଦ୍ଦାଫାସ କରିଛି। କଞ୍ଚାମାଲ ଜବତ କରିବା ସହିତ ୧୨ ଜଣଙ୍କୁ ଗିରଫ କରିଛି। ମହାରାଷ୍ଟ୍ର ନିଆଯାଇ ଏମାନଙ୍କୁ ପଚରା ଉଚରା କରାଯାଉଛି। ଏହି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଜଣେ ଆଇଟି ଏକ୍ସପର୍ଟ। ଏମାନଙ୍କ ମଧ୍ୟରେ ଜଣେ ବାଂଲାଦେଶୀ ମହିଳା ମଧ ସାମିଲ ରହିଛନ୍ତି। ଫାତିମା ସେଖ ନାମକ ଏହି ମହିଳା ଗତମାସରେ ମହାରାଷ୍ଟ୍ରର ମୀରା ରୋଡ୍‌ରେ ୨୪ ଲକ୍ଷ ଟଙ୍କା ନିଶାଦ୍ରବ୍ୟ ସହ ଧରାପଡ଼ିଥିଲା। ▶ପୃଷ୍ଠା-୭

**କାର୍ ତଳେ ଚାପି ହୋଇଗଲା ଅଟୋ**

## ଦମ୍ପତିଙ୍କ ସମେତ ୩ ମୃତ

■ **ଅନୁଗୋଳ, ୬।୯ (ସମିସ):** ଅନୁଗୋଳ ସଦର ଥାନା ଅନ୍ତର୍ଗତ ଖଣ୍ଡହତା ବ୍ରିଜ୍ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଏକ କାର୍ ତଳେ ଅଟୋ ଚାପି ହୋଇଯିବାରୁ ଏହି ଅଘଟଣ ଘଟିଛି। ମୃତକଙ୍କ ମଧ୍ୟରେ ଏକ ଦମ୍ପତି ଅଛନ୍ତି। ସେମାନେ ହେଲେ, ବାଲିମି ଥାନା କାରନ୍ଦା ଅଞ୍ଚଳର ବଂଶୀଧର ସେଠୀ, ତାଙ୍କ ସ୍ତ୍ରୀ କମଳା ସେଠୀ ଏବଂ ଅଟୋ ଚାଳକ ମଣ୍ଟୁ ମୁଦୁଲି। ବଂଶୀଧରଙ୍କ ବୋହୂ ସୁନିତା ସେଠୀ, ସୁନିତାଙ୍କ ପୁଅ ଶ୍ରୀସାଇ ସେଠୀ ଓ କାର୍ ମାଲିକ ବିଶ୍ୱଜିତ୍ ଗୁରୁତର ଆହତ ହୋଇଛନ୍ତି।

ସୂଚନାନୁଯାୟୀ, ବଂଶୀଧରଙ୍କ ଦେହ ଖରାପ ଥିବାରୁ ଏକ ଅଟୋ ଯୋଗେ ସ୍ତ୍ରୀ କମଳା, ବୋହୂ ସୁନିତା, ନାତି ଶ୍ରୀସାଇଙ୍କ ସହ ଚିକିତ୍ସା ପାଇଁ ଅନୁଗୋଳ ଡାକ୍ତରଖାନା ଆସିଥିଲେ। ଡାକ୍ତରଙ୍କୁ ଦେଖାଇବା ପରେ ସମସ୍ତେ ବଂଶୀଧରଙ୍କ ସମୁଦି ଘର ତୁରଙ୍ଗ ଗ୍ରାମକୁ ଯାଇଥିଲେ। ସେଠାରେ ଖାଇ ସାରି ଅଟୋ ଯୋଗେ ନିଜ ଗ୍ରାମକୁ ଫେରୁଥିବା ବେଳେ ନରସିଂହପୁର ଅଞ୍ଚଳରୁ ଆସୁଥିବା ଏକ କାର୍ ସହ ଅଟୋଟି ଧକ୍କା ହୋଇଥିଲା। ଅଟୋ ଓ କାର୍ ରାସ୍ତା ପାର୍ଶ୍ୱ ବିଲ ଭିତରକୁ ପଶିଯାଇଥିଲା। ଅଟୋଟି କାର୍ ତଳେ ଚାପି ହୋଇ ରହିଯାଇଥିଲା। ଏହି ଦୁର୍ଘଟଣାରେ ଅଟୋରେ ଥିବା ବଂଶୀଧର, କମଳା ଏବଂ ଅଟୋ



ଚାଳକ ମଣ୍ଟୁଙ୍କ ମୃତ୍ୟୁ ଘଟିଥିବା ବେଳେ ସୁନିତା, ଶ୍ରୀସାଇ ଓ କାର୍ ମାଲିକ ବିଶ୍ୱଜିତ ଗୁରୁତର ହୋଇଥିଲେ। ଅନ୍ୟପଟେ କାର୍ ଚାଳକଙ୍କ କୌଣସି ଖବର ମିଳିନାହିଁ। ଅନୁଗୋଳ ଅଗ୍ନିଶମ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

**ରାସ୍ତା ମରାମତି ସମୀକ୍ଷା ବୈଠକ**

## ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଦୁର୍ଦ୍ଦଶା

■ **ଭୁବନେଶ୍ୱର, ୬।୯ (ସମିସ):** ରାଜ୍ୟର ବିଭିନ୍ନ ସହରରେ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟର ଘୋର ଅଭାବ ରହୁଛି। ଗୋଟିଏ ବିଭାଗ ରାସ୍ତା ତିଆରି କରି ଚାଲିଯାଉଛି, ୭ ଦିନ ମଧ୍ୟରେ ସେହି ବିଭାଗ ରାସ୍ତାକୁ ଆଉ କିଏ ଆସି ଖୋଳି ଦେଇ ଚାଲିଯାଉଛି। ୟୁଟିଲିଟି କରିଡର ନାମରେ ବିଭାଗଗୁଡ଼ିକ ଯେମିତି ପାରୁଛନ୍ତି ସେମିତି ରାସ୍ତାକୁ ବ୍ୟବହାର କରୁଛନ୍ତି। ବିନା ଅନୁମତିରେ କିଏ ପାଇପ୍ ବିଛାଉଛି ତ ଆଉ କିଏ ବିଦ୍ୟୁତ୍ ଲାଇନ୍ ପକାଇବା ଅବା ଅନ୍ୟ ୟୁଟିଲିଟି କରିଡର୍ ନାମରେ ଭଲ ଥିବା ରାସ୍ତାକୁ ଖୋଳି ପକାଉଛନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ରାସ୍ତାଟି ଖରାପ ଅବସ୍ଥାକୁ ଚାଲିଆସୁଛି। ରାସ୍ତାଘାଟର ଦୁରବସ୍ଥା ପାଇଁ ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ରହୁଥିବା ଶନିବାର ହୋଇଥିବା ଏକ ସମୀକ୍ଷାରୁ ସ୍ପଷ୍ଟ ଜଣାପଡ଼ିଛି।

ରାଜ୍ୟରେ ରାସ୍ତାଘାଟ ମରାମତିକୁ ନେଇ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ଆସନ୍ତା ୨୦ ତାରିଖ ସୁଦ୍ଧା ରାଜ୍ୟର ସମସ୍ତ ରାସ୍ତାକୁ ଖାଲଖମାମୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅକ୍ଟୋବର ୨ ତାରିଖରୁ ଖରାପ ଅବସ୍ଥାରେ ଥିବା ରାସ୍ତାର ସମ୍ପୂର୍ଣ୍ଣ ନବୀକରଣ କରିବା ପାଇଁ ମନ୍ତ୍ରୀ ବିଭାଗୀୟ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର ସହ ▶ପୃଷ୍ଠା-୭

**୨୦ ସେପ୍ଟେମ୍ବର ସୁଦ୍ଧା ସବୁ ରାସ୍ତା ମରାମତି ସାରିବାକୁ ମନ୍ତ୍ରୀଙ୍କ ତାଗିଦ**

**୨ ଦିନରେ ରାସ୍ତା ସ୍ଥିତି ସମ୍ପର୍କରେ ରିପୋର୍ଟ ଦେବାକୁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ**



# ନକଲି ସୁନାଇଟା ଠକେଇ ଘଟଣାରେ ୫ ଗିରଫ

ନୀଳଗିରି, ୬।୯ (ସମିସ)



ବାଲେଶ୍ୱର ଜିଲା ନୀଳଗିରିରେ ନକଲି ସୁନା ଇଟା କାରବାର ଘଟଣାରେ ନୀଳଗିରି ଓ ବରହମପୁର ପୁଲିସ ମିଳିତ ଭାବେ ଚଢ଼ାଉକରି ଏହାର ମୁଖ୍ୟ କାର୍ପଟଦାର ନୀଳଗିରି ଏନ.ଏ.ସି ବାଣପୁର ଗ୍ରାମର ବିଷ୍ଣୁ ମହାନ୍ତିଙ୍କ ସମେତ ୪ଜଣଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଗ୍ରୁପ ଅତି ଚତୁରତାର ସହ ଅସଲି ସୁନାକୁ ଦେଖାଇ ନକଲି ସୁନା ବେପାର କରୁଥିଲେ। ଗଞ୍ଜାମ ଜିଲା ବୈଦ୍ୟନାଥପୁର ଥାନା ଅଧୀନ ସେବକନଗର ଗାଁର କୃଷ୍ଣ ନାୟକ ନାମକ ବ୍ୟକ୍ତିଙ୍କୁ ନୀଳଗିରି ଥାନା ବାଣପୁର ଅଞ୍ଚଳର ବିଷ୍ଣୁ ମହାନ୍ତି(୬୦) ଶସ୍ତାରେ ସୁନ ଇଟା ଯୋଗାଇଦେବ କହି ପ୍ରଲୋଭିତ କରିଥିଲା। ଏ ନେଇ ସମ୍ପୃକ୍ତ ବ୍ୟକ୍ତି କିଛିଦିନ ପୂର୍ବରୁ ନୀଳଗିରି ବ୍ଲକ ବରହମପୁର ଥାନା ଅଧୀନ ତେଲିପାଳ ଅଞ୍ଚଳରେ ପହଞ୍ଚି ପୂର୍ବ ମୁଲଚାଲ ଅନୁଯାୟୀ ୧୬ ଲକ୍ଷ ଟଙ୍କା ଧରି ଆସିଥିଲେ। ମାତ୍ର ସେଠାରେ ମାଷ୍ଟର ମାଇଣ୍ଡ କୁହାଯାଉଥିବା ବିଷ୍ଣୁ ନ ପହଞ୍ଚି ୪ଜଣ ସହଯୋଗୀଙ୍କୁ ପଠାଇଥିଲା। ସେମାନେ ସମ୍ପୃକ୍ତ ବ୍ୟକ୍ତିଗଠାରୁ ୧୬ ଲକ୍ଷ ଟଙ୍କା ଛଡ଼ାଇ ଛୁରାମାଡ଼ କରିଫେରାର ହୋଇଯାଇଥିଲେ। ଜୀବନ ଭୟରେ କୃଷ୍ଣ ଆହତ ଅବସ୍ଥାରେ ନିଜ ଗ୍ରାମକୁ ଯାଇ ନିକଟସ୍ଥ ମେଡିକାଲରେ ଚିକିତ୍ସିତ ହୋଇଥିଲେ। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ଜଣକ ଏ ସଂକ୍ରାନ୍ତରେ ଗତ ସେପ୍ଟେମ୍ବର ୧ରେ ନୀଳଗିରି ବରହମପୁର ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ ଏକ ମାମଲା (ନଂ.୧୧୨/୨୫) ରୁଜୁ କରି ଖୋଳତାଡ଼ ଆର ଆରମ୍ଭ କରିଥିଲା। ଶୁକ୍ରବାର ରାତି ୮ ଘଟିକାରେ ନୀଳଗିରି ଥାନା ଅଧିନ ବାଣପୁର ଗ୍ରାମର ବାବୁଲି ଓରଫ ବିଷ୍ଣୁ ଚରଣ ମହାନ୍ତି (୬୦), ସେହିପରି ନୀଳଗିରି ଥାନା ଅଧିନ ସାରୁପାଳ ଗ୍ରାମର ପିଙ୍କୁ ଓରଫ ଆଶିଷ କୁମାର ସ୍ୱାଇଁ(୨୦), ନୀଳଗିରି ଧୋବସିଳା ଗ୍ରାମର ନଳି ଓରଫ ଲଳିନ ମାହାନ୍ତି (୨୨), ବାଲେଶ୍ୱର ଚାନ୍ଦିପୁର ଥାନା ଅଧିନ ଚାନ୍ଦିପୁର ଗ୍ରାମର ରାଜା ଓରଫ ରାଜେନ୍ଦ୍ର ଡାକୁଆ (୫୦), କଟକ ସାଲେପୁର ଥାନା ଅଧିନ ଜୁଲୁକିପଡା ଗ୍ରାମର ମୁନା ଓରଫ ଅକ୍ଷୟ କୁମାର ସାମଲ (୩୭) ଙ୍କୁ ନୀଳଗିରି କୋର୍ଟରେ ପୁଲିସ ହାଜର କରିଛି। ସେମାନଙ୍କଠାରୁ ତିନି ଲକ୍ଷ ଅଣାଅଶି ହଜାର ଟଙ୍କା, ୪ କେଜି ୧୯୬ ଗ୍ରାମ ର ପିତଳ ପ୍ଲେଟ, ୬ଟି ମୋବାଇଲ୍, ଦୁଇଟି ବାଇକ୍ କୁ ପୁଲିସ ଜବତ କରିଛି। ଜାମିନ ନାମାଞ୍ଜୁର ହେବାରୁ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ଗୁଣି ଗାରେଡ଼ିକୁ କେନ୍ଦ୍ରକରି ଦାଦାପୁତୁରା ଲହୁଲୁହାଣ

ନୀଳଗିରି, ୬।୯ (ସମିସ): ଗୁଣି ଗାରେଡ଼ିକୁ କେନ୍ଦ୍ର କରି ହଣାକଟା ଲାଗି ଗୁରୁତର ହୋଇଥିବା ବେଳେ ଉଭୟଙ୍କ ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ ମିରିଗିଣି ଗ୍ରାମରେ ଶନିବାର ଦିନ ବିଦୁକର ସ୍ୱାଇଁଙ୍କ ଘରେ ଉକ୍ତ ଗ୍ରାମର ମାୟା ଦେଉରି ଓରଫ ଦନାକ ପୂଜା କରୁଥିଲା। କାଳେ ଗୁଣି ଗାରେଡ଼ି କରି ଫୁଲ ଅରୁଆ ଚାଉଳ ଆଣି ଉକ୍ତ ଗ୍ରାମର ମାନସ ସ୍ୱାଇଁଙ୍କ ଘର ଦାଣ୍ଡରେ ପକାଇ ଥିବା ନେଇ ବିଦୁକର ସ୍ୱାଇଁଙ୍କ ଘରେ ଥିବା ମାୟାକୁ ମନରଞ୍ଜନ ସ୍ୱାଇଁ, ମାନସ ସ୍ୱାଇଁ ମିଳିତ ଭାବେ ଗାଳି ଗୁଲଜ କରିବା ସହ ପିଟି ଥିଲେ। ବିଦୁକର ଏହାକୁ ପ୍ରତିବାଦ କରିବାରୁ ମନୋରଞ୍ଜନ ସ୍ୱାଇଁ, ମାନସ ସ୍ୱାଇଁ, ପୁନି ସ୍ୱାଇଁ, ଲିଜା ସ୍ୱାଇଁ ମିଶି ଗାଳି ଗୁଲଜ କରିବା ସହ ଠେଙ୍ଗାରେ ବାଡେଇବାରୁ ବିଦୁକରର ଗୋଡ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ବିଦୁକରର ପୁଅ ଲକ୍ଷ୍ମୀଧର ପ୍ରତିବାଦ କରିବାରୁ ତାକୁ ମଧ ମାଡ଼ ମାରିଥିଲେ। ଏପଟେ ମାନସ କୁମାର ସ୍ୱାଇଁ ଶନିବାର ଦିନ ଦୁଇଟା ସମୟରେ ଘରେ ଥିବା ବେଳେ ହଠାତ୍ ତାର ଦାଦା ବିଦୁକର ସ୍ୱାଇଁ ଓ ତାର ପୁଅ ଲକ୍ଷ୍ମୀଧର ସ୍ୱାଇଁ ପହଞ୍ଚି ମାନସର ସାନଭାଇ ମନୋରଞ୍ଜନକୁ ଗାଳି ଗୁଲଜ କରିବା ସହ ବିଧା, ଗୋଇଠା ମାରି ସହ ଠେଙ୍ଗାରେ ବାଡେଇ ଥିଲେ। ପାଟି ଶୁଣି ମାନସ ପ୍ରତିବାଦ କରିବାରୁ ତାକୁ ମଧ ମାଡ଼ ମାରି ଥିଲେ। ଏପରିକି ଦୁଇ ଜଣ ରକ୍ତାକ୍ତ ଅବସ୍ଥାରେ ନୀଳଗିରି ମେଡିକାଲରେ ଚିକିତ୍ସିତ ହୋଇଥିବାର ଜଣା ପଡ଼ିଛି। ଏ ନେଇ ନୀଳଗିରି ଥାନାରେ ଲକ୍ଷ୍ମୀଧର ସ୍ୱାଇଁଙ୍କ ଏତଲା ମୂଳେ ଏକ ମାମଲା ରୁଜୁ ହୋଇଥିବାବେଳେ ଅନ୍ୟପଟେ ମାନସ କୁମାର ସ୍ୱାଇଁ ଙ୍କ ଅଭିଯୋଗ ମୂଳେ ଆଉ ଏକ ମାମଲା ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ଗୋବର୍ଦ୍ଧନ ନାୟକ ପ୍ରକାଶ କରିଛନ୍ତି।

## ପାଞ୍ଚଟି ପଞ୍ଚାୟତରେ ହେବ ସ୍ୱତନ୍ତ୍ର ଅଡିଟ୍

ନୀଳଗିରି, ୬।୯ (ସମିସ): ନୀଳଗିରି ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବିଭିନ୍ନ କାମରେ ଅନିୟମିତତା ଅଭିଯୋଗ କରି ସ୍ଥାନୀୟ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଗତ ଏପ୍ରିଲ ୧୯ ରେ ଚିଠି ଲେଖିଥିଲେ। ଏହି ଚିଠି ମୂଳେ ଉପରୋକ୍ତ ବିଭାଗର ଗତ ଅଗଷ୍ଟ ୨୨ ପତ୍ରସଂଖ୍ୟା ୨୩୨୯୮ ମୂଳେ ଔପଦା ବ୍ଲକର ଗଡ଼ସାହି ଓ ନୀଳଗିରି ବ୍ଲକର ବେଗୁନିଆ, ବରହମପୁର, ସଜନାଗଡ଼, କେପିଲାଖରାଜ ୫ଟି ପଞ୍ଚାୟତରେ ୨୦୨୦-୨୧ ରୁ ୨୦୨୩-୨୪ର ସ୍ୱତନ୍ତ୍ର ଅଡିଟ ହେବ ବୋଲି ନିର୍ଦ୍ଦେଶ ହୋଇଛି। ପୂର୍ବତନ ବିଧାୟକ ଶ୍ରୀ ନାୟକ ମୁଖ୍ୟମନ୍ତ୍ରୀଙ୍କ ଠାରେ ଅଭିଯୋଗ କରିଛନ୍ତି ଯେ, ଉପରୋକ୍ତ ପଞ୍ଚାୟତରେ ବିଭିନ୍ନ କାମରେ ବ୍ୟାପକ ଅନିୟମିତତା ହୋଇଛି। ଯନ୍ତ୍ରୀ, ପିଇଓଙ୍କ ନାମରେ କାର୍ଯ୍ୟାଦେଶ ହୋଇ ସେ ନିଜେ ନିଜେ ହିଁ ବିଲ କରୁଛନ୍ତି। ଏଥିରେ ତଦାରଖ ପାଇଁ ଅନ୍ୟ ଉଚ୍ଚ ଅଧିକାରୀ ଯାଉନାହାନ୍ତି। ଗୃହ, ରାସ୍ତା, ନିର୍ମାଣ, ପାନୀୟ ଜଳ ପାଇପ ଯୋଗାଣ ପ୍ରଭୃତି ଏକାଧିକ ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଛି। ତଦନ୍ତ କରାଯାଇ ଅନିୟମିତତା ଓ ଦୁର୍ନୀତିରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବାକୁ ଶ୍ରୀ ନାୟକ ଦାବି କରିଛନ୍ତି। ଏପରିକି ଏହି ସ୍ୱତନ୍ତ୍ର ଅଡିଟରମାନେ କ୍ଷେତ୍ରକୁ ଯାଇ ତଦନ୍ତ କଲେ ସବୁ ଅନିୟମିତତାର ପର୍ଦ୍ଦାଫାସ ହୋଇପାରିବ ବୋଲି ସୂଚନା ମିଳିଛି।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ନୀଳଗିରି, ୬।୯ (ସମିସ): ନୀଳଗିରି ବ୍ଲକ ଅନ୍ତର୍ଗତ ଭଉଁରୀୟାବାଡ ପଞ୍ଚାୟତରେ ଥିବା ଧିରିଘୁଟ ଖେଳ ପଡିଆରେ ମୁର୍ମୁ ହାଉସଦା କ୍ଲବ ଧିରିଘୁଟ ପକ୍ଷରୁ ପଞ୍ଚମ ୨ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନ ଶୁକ୍ରବାର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଉପସ୍ଥିତ ରହି ଖେଳକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଇଥିଲେ। ଶନିବାର ଫାଇନାଲ ମ୍ୟାଚରେ ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ବିତରଣ କରିଥିଲେ। ମୟୂରଭଞ୍ଜର ମୁର୍ମୁଗେଣ୍ଡା ଟୁର୍ନାମେଣ୍ଟର ପ୍ରଥମ ପୁରସ୍କାର ବିଜେତା ଦଳ ପାଇଁ ୩୦,୦୦୦ ଟଙ୍କା, ଉପ ବିଜେତା ବିର୍ସାମୁଣ୍ଡା ପୁରସ୍କାର ୨୦,୦୦୦ ଟଙ୍କା, ତୃତୀୟ ଏବଂ ଚତୁର୍ଥ ଦଳକୁ ୪୦୦୦ ଟଙ୍କା ନଗଦ ପୁରସ୍କାର ଦିଆଯାଇଥିଲା। ସଭାପତି ଦୁଲା ମାଝି, କୋଷାଧ୍ୟକ୍ଷ ରାମ ମାଝି, ସମ୍ମାନିତ ଅତିଥିଭାବେ ମଦନ ମୋହନ ମାଝି, ବିଶମ୍ବର ପରିଡା, ସୁନାମ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖେଳ ପଡିଆର ଚାରିପାଖରେ ହଜାର ହଜାର ଫୁଟବଲ ପ୍ରେମୀ ଖେଳ ଉପଭୋଗ କରିଥିଲେ।



## ଖେଳ ପ୍ରତିଯୋଗିତାକୁ ଶୁଭାରମ୍ଭ କଲେ ବିଧାୟିକା



ବାଲିଆପାଳ, ୬।୯ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଶାରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ପରିସରରେ ଶନିବାର ପୂର୍ବାହ୍ନରେ ବ୍ଲକ ସ୍ତରୀୟ ଖେଳ ଓ ଦୌଡ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ବସ୍ତା ବିଧାୟିକା ସୁବାସିନି ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରି ଜଗବନ୍ଧୁ ଜେନାଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ନମିତା ପ୍ରଭା ସାମଲ, ପ୍ରଧାନ ଶିକ୍ଷକ ସଞ୍ଜୟ ଜେନା, ସମରଞ୍ଜନ ଜେନା, ରାଜେନ୍ଦ୍ର ବେହେରା, ଅନ୍ନପୂର୍ଣ୍ଣା ପ୍ରଧାନ, ଇପ୍ସିତା ନାୟକ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ଷୋହଳଟି କ୍ଲଷ୍ଟରରୁ ଚାରି ଶହ ପିଲା ଖେଳ ପ୍ରତିଯୋଗିତାରେ ଭାଗନେବା ପାଇଁ ମନୋନୀତ ହୋଇଥିଲେ। ପ୍ରଥମ ଦିବସରେ ଫୁଟବଲ, ଭଲିବଲ, ଶହେରୁ ତିନି ହଜାର ମିଟର ଦୌଡ, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ସଟଫୁଟ, ଡିସକସ ପ୍ରମୁଖ ଖେଳ ୩୧୪ ପିଲା ଖେଳରେ ଅଂଶଗ୍ରହଣ କରିଥିଲେ। ଏହି ଖେଳ ଆସନ୍ତା ସୋମବାର ଉଦଯାପିତ ହେବ।

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ



ସୋର, ୬।୯ (ସମିସ) : ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ସଂଘର କ୍ଷୀରକୋଣି ସ୍ଥିତ କାର୍ଯ୍ୟାଳୟର ମାତା ଭୁବନେଶ୍ୱରୀ ଦେବୀ ସମ୍ମିଳନୀ କକ୍ଷରେ ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ତଥା ଗୁରୁ ଦିବସ ପାଳିତ ହୋଇଯାଇଛି। ଯୁବକ ସଂଘ ର ଗୁରୁ ତଥା ପ୍ରାକ୍ତନ ଶିକ୍ଷକ ଦିବାକର ମହାନ୍ତିଙ୍କୁ ଯୁବକ ସଂଘ ପକ୍ଷରୁ ଗୁରୁ ପୂଜନ କରାଯାଇଥିଲା। ଯୁବକ ସଂଘର ସଭାପତି କମଳ ଲୋଚନ ବାରିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ସମ୍ପାଦକ ସରୋଜ କୁମାର ବିଶ୍ୱାଳ କାର୍ଯ୍ୟକ୍ରମକୁ ପୌରହିତ୍ୟ କରିଥିଲେ। ଶିକ୍ଷା ଓ କଳା ଗୁରୁ ଦିବାକର ମହାନ୍ତି ନିଜ ଅଭିଭାଷଣ ରଖିଥିଲେ। ଏହି ଅବସରରେ ଯୁବକ ସଂଘର ମୁଖ୍ୟ ପରିଚାଳକ ଲଳିତ କୁମାର ଦାସ, କୋଷାଧ୍ୟକ୍ଷ ବିଶ୍ୱରଂଜନ ସାହୁ, ସଦସ୍ୟ ଦେବାଶିଷ ପୋଇ, ପରେଶ ବେହେରା, ସ୍ଲୋଗାନ ଦାସ, ବିମ୍ବାଧର ବେହେରା, ଭଗ୍ୟଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ବାଲିଆପାଳ:** ମଧୁପୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଛି। ପଞ୍ଚରୁଖି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରଂଜିତା ପାତ୍ରଙ୍କ ସଭାପତିତ୍ୱ ରେ ଏକ ସଭାର ଆୟୋଜନ ହୋଇଥିଲା। ଏହି ଅବସରରେ ମୁଧୁପୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୨୦୦୪ ମସିହା ପୁରାତନ ଛାତ୍ରଛାତ୍ରୀ ଦୁର୍ଗା ଶଙ୍କର ଗିରି, ଅନୋଜ କୁମାର ଗିରି, ଶିବଶଙ୍କର ବିଶ୍ୱାଳ, କବ୍ୟଲ ଜେନା ପ୍ରମୁଖ ସହଯୋଗ କରିଥିଲେ।

**ଜଳେଶ୍ୱର:** ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନସ୍ଥ ଦିଗମ୍ବରୀ ଦେବୀ ଶିକ୍ଷାନୁଷ୍ଠାନ ସମୂହରେ ପବିତ୍ର ଗୁରୁ ଦିବସ ପାଳନ ସହ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ପ୍ରାଧାପକ ବିପିନ ବିହାରୀ ବିଶ୍ୱାଳ ଯୋଗଦେଇ ଗୁରୁ ଯୁଗେ ଯୁଗେ ପୁଜ୍ୟ ଓ ନମସ୍ୟ ବୋଲି କହିଥିଲେ। ବରିଷ୍ଠ ସାମ୍ବାଦିକ ସୁକୁମାର ରଣା, ଅଧାପକ ବିଷ୍ଣୁପଦ ପାତ୍ର, ଅଧାପକ ଅକ୍ଷୟ କୁମାର ଜେନା, ଅଧାପକ ସତ୍ୟ ମୟ ଆଚାର୍ଯ୍ୟ, ଅଧାପକ ଗଣେଷ ଚନ୍ଦ୍ର ସାହୁ ପ୍ରମୁଖ ମନୀଷୀ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ର ରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ। ଅନୁଷ୍ଠାନର ସମ୍ପାଦିକା ମଧୁ ଛନ୍ଦା ମହାନ୍ତି ଯୋଗଦେଇ ମତ ରଖିଥିଲେ। ଆଇ ଟି ଆଇ ର ଅଧ୍ୟକ୍ଷ ପ୍ରକାଶ କୁମାର ଦିନ୍ଦା, ପ୍ରଶିକ୍ଷକ ମାନସ କୁମାର ମାଇତି, ପ୍ରଶିକ୍ଷକ ସୁଜୟ କୁମାର ବ୍ରହ୍ମ, ଗୌର ଗୋପାଳ ପରିଡା, ଅଧାପକ ସ୍ୱରାଜ ଜେନା, ସ୍ୱପ୍ନା ସେନାପତି ପ୍ରମୁଖ ଗୁରୁ ଶିଷ୍ୟ ସମ୍ପର୍କ ବିଷୟରେ ବକ୍ତବ୍ୟ ରଖିଥିଲେ।

**ଦୀନକୃଷ୍ଣ ମହାବିଦ୍ୟାଳୟ:** ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତ ଅନ୍ତର୍ଗତ ଧାନଶିମୁଳିଆ ସ୍ଥିତ ସର୍ବ ପୁରାତନ ମହାବିଦ୍ୟାଳୟରେ ଗୁରୁ ଦିବସ ଅବସରରେ ପୂଜ୍ୟ ପୂଜା ଓ ବିଗ୍ରହ ସିଂହାସନ ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ଦାସ ସଭାପତିତ୍ୱ କରି ଗୁରୁ ଶିଷ୍ୟଙ୍କ ମଧ୍ୟରେ ଅନାବିଳ ସମ୍ପର୍କ ବିଷୟରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସଂସ୍କୃତ ବିଭାଗ ର ଅଧାପକ ରତନ କୁମାର କର, ସ୍ୱାତି ଶ୍ରୀ କାମିକା ପ୍ରମୁଖ ଯୋଗଦେଇ ଗୁରୁ ଶିଷ୍ୟ ଆଷିକ ସମ୍ପର୍କ ବିଷୟରେ ମାର୍ମିକ ଅଭି ଭାଷଣ ରଖିଥିଲେ। ସଂସ୍କୃତ ବିଭାଗ ପକ୍ଷରୁ ସିଂହାସନ ପ୍ରତିଷ୍ଠା ସହିତ ଜଗନ୍ନାଥ ମୂର୍ତ୍ତି ପ୍ରତିଷ୍ଠା ହୋଇଥିଲା।





**ସିମୁଳିଆ:** ସିମୁଳିଆ ବ୍ଲକ୍ ଜାମୁଝାଡ଼ି ଠାରେ ଓଡ଼ିଶା ଶିଳ୍ପୀ ମହାସଂଘ ତରଫରୁ ଏକ ନିଆରା ଗୁରୁ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ଶିଳ୍ପୀ ମହାସଙ୍ଘ ସଭାପତି ଉଦୟ ମହାନ୍ତିଙ୍କ ନେତୃତ୍ୱରେ ବାଲେଶ୍ୱର, ଭଦ୍ରକ ଏବଂ ମୟୁରଭଞ୍ଜ ଜିଲ୍ଲାର ବିଭିନ୍ନ ହସ୍ତଶିଳ୍ପୀ ଏକତ୍ରିତ ହୋଇ ୧୫ ଜଣରୁ ଅଧିକ ଗୁରୁମାନଙ୍କୁ ପୂଜାର୍ଚ୍ଚନା କରି ତାଙ୍କର ଦୀର୍ଘାୟୁ କାମନା କରିଛନ୍ତି। ପବିତ୍ର ଗୁରୁଦିବସରେ ବେତ ଓ ବାଉଁଶରେ ସରୋଜିନୀ ଦାସ, ଚାନ୍ଦୁଆରେ ବାସନ୍ତୀ ନାୟକ, ରଶ୍ମିତା ମହାନ୍ତି, ମଞ୍ଜୁଲତା ପାତ୍ର, ଝୋଟରେ ମିନତୀ ବର, ରେବତୀ ବଡ଼େଇ, ଗୀତାରାଣୀ ବଡ଼େଇ ଟେଡିରେ ସମ୍ପାସିଲ, ପେଡ଼ିରେ ମିନତୀ ଦାସ, ସବାଇରେ ଆରତୀ ଦାସ ଏବଂ କଳ୍ପନା ଜେନା, କାଠ ଖୋଦେଇରେ ତପନ ମହାରଣା, ପଥରରେ ଅକ୍ଷୟ ମହାନ୍ତି ପ୍ରମୁଖ ଗୁରୁମାନଙ୍କୁ ଚନ୍ଦନ, ପୁଷ୍ପ ଓ ଦୁବ, ଅରୁଆ ଚାଉଳ ଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ ଦାସ ଏବଂ ସୋରର ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା ଯୋଗ ଦେଇଥିବା ବେଳେ ସମ୍ପାଦକ ପ୍ରିୟରଞ୍ଜନ କର ସଭା ପରିଚାଳନା କରିଥିଲେ। ସରୋଜିନୀ ଦାସ, ପୂର୍ଣ୍ଣିମା ବର, ଆନନ୍ଦ ନାୟଙ୍କ ସମେତ ସମସ୍ତ ହସ୍ତଶିଳ୍ପୀ ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ଜୟଚଣ୍ଡୀ ଉଚ୍ଚ ବିଦ୍ୟାଳୟର ୩ ଜଣ ଶିକ୍ଷକ

ଜଳେଶ୍ୱର, ୬।୯ (ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୟଚଣ୍ଡୀ ଉଚ୍ଚ ବିଦ୍ୟାଳୟ ଚୋରମରାର ୩ ଜଣ ଶିକ୍ଷକ ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସେମାନେ ହେଲେ ବିଜ୍ଞାନ ଶିକ୍ଷକ ସପନ କୁମାର ମଲ୍ଲିକ, ସଂସ୍କୃତ ଶିକ୍ଷକ ସୁଦାମ ଚରଣ ନାୟକ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଦୀପ କୁମାର ଦାସ। କଠିନ ପରିଶ୍ରମ, ଦୃଢ ଇଚ୍ଛାଶକ୍ତି, ଶିକ୍ଷକ, ଛାତ୍ରଛାତ୍ରୀ ତଥା ଗ୍ରାମବାସୀଙ୍କର ଭଲ ପାଇବାରୁ ଏହା ସମ୍ଭବ ହୋଇଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜେନାଲ ସିଂ, ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ପ୍ରୀତିଲତା ସୋରେନ, ବରିଷ୍ଠ ଶିକ୍ଷକ ରାଜା ସିଂ, କୃପାସିନ୍ଧୁ ହାଜିରା ଓ ଚୈତନ୍ୟ ହେମ୍ବ୍ରମ ସମେତ ଛାତ୍ରଛାତ୍ରୀ ମାନଙ୍କୁ ଶ୍ରେୟ ଦେଇଛନ୍ତି।



## ସାପ କାମୁଡ଼ାରେ ବୃଦ୍ଧା ମୃତ

ଜଳେଶ୍ୱର ବ୍ଲକ, ୬।୯ (ସମିସ): ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ମାଳି ପାଳ ଗ୍ରାମର ସ୍ୱର୍ଗତ କିଶାରାମ ବିଶ୍ୱାଳଙ୍କ ପତ୍ନୀ ମଣ୍ଟୁ ବିଶ୍ୱାଳ (୬୨) ଆଜି ସନ୍ଧ୍ୟା ସମୟରେ ମାଳିପାଳ ବାଳିକା ବିଦ୍ୟାଳୟର ହଷ୍ଟେଲକୁ ରୋଷେଇ କରିବାକୁ ଯାଉଥିବା ବେଳେ ସ୍କୁଲ ଛକ ନିକଟରେ ଏକ ବିଷାକ୍ତ ସର୍ପ ଦଂଶନ କରିବାରୁ ସଙ୍ଗେ ସଙ୍ଗେ ତାଙ୍କୁ ଜଳେଶ୍ୱର ଜିକେ ଭଟର ହସ୍ପିଟାଲ ନିଆଯାଇ ଥିଲା। ସେଠାରେ ଡାକ୍ତର ରୋଗୀର ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇ ଥିଲା। ସେଠାରେ ତାଙ୍କର ଚିକିତ୍ସା ଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗ୍ରାମର ଯୁବ ନେତା ବ୍ରଜ ମୋହନ ଦାସ, ବୀରକିଶୋର ରାଉତ, ସରୋଜ ଦତ୍ତ, ଭାଗବତ ଘୋଷ ପ୍ରମୁଖ ତାଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ପାଖରେ ଦାବି ଜଣାଇଛନ୍ତି।

## ମଦ୍ୟପ ଯୁବକ ଗିରଫ

ସୋର, ୬।୯ (ସମିସ): ଗତ କାଲି ରାତିରେ ପବିତ୍ର ମହରମ ପର୍ବ ଉପଲକ୍ଷେ ସୋରର ବିଭିନ୍ନ ସାହିରୁ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଲକ୍ଷରେ ରଖି ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ୨ପ୍ଲାଟୁନରୁ ଅଧିକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। କେତେକ ସ୍ଥାନରେ ଭିଡକୁ ନିୟନ୍ତ୍ରଣ କରିବାକୁ ରାସ୍ତା ବନ୍ଦ କରାଯିବ ସହିତ ଅନ୍ୟ ରାସ୍ତାରେ ଲୋକେ ଯାତାୟାତ କରିଥିଲେ। ସୋର ଅନନ୍ତପୁର ଛକ ନିକଟରେ କମାଣପୁର ଗ୍ରାମର ଅଜୟ କୁମାର ବିଶ୍ୱାଳ(୪୫) ଉକ୍ତ ବନ୍ଦ ଥିବା ରାସ୍ତାରେ କାର ଚଳାଇ ଆସିଥିବାରୁ ପୁଲିସ ତାଙ୍କୁ ଅଟକାଇଥିଲା। ଏହି ସମୟରେ ଅଜୟ ମଦ୍ୟପାନ କରିଥିବାରୁ ପୁଲିସ ସହ ଯୁକ୍ତିତର୍କ କରିଥିଲେ। ଫଳରେ ପୁଲିସ ତାଙ୍କୁ ମଦ୍ୟପାନ କରି ଗାଡି ଚଳାଉଥିବା ଅଭିଯୋଗରେ ଗିରଫ କରି ଥାନାରେ ଏକ ମାମଲା ରୁଜୁ କରି ଆଜି ଅପରାହ୍ଣରେ କୋର୍ଟ ଚାଲାଣ କରିଛି। ପୁଲିସ କାର ଟିକୁ ଜବତ କରିଥିବା ସୂଚନା ମିଳିଛି।

## ୨୫ ଗୋରୁ ଉଦ୍ଧାର, କଣ୍ଟେନର ଜବତ

ଖନ୍ତାପଡ଼ା/ବାହାନଗା, ୬।୯ (ସମିସ): ୧୬ ନଂ ଜାତୀୟରାଜପଥରେ ଏକ କଣ୍ଟେନର ଭଦ୍ରକ ଆଡୁ ପଶ୍ଚିମବଙ୍ଗ ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ସମୟରେ ଖନ୍ତାପଡ଼ା ବେଗୁନିଆ ପୋଲ ନିକଟରେ ଦୁଇଟି ଆଗ ଚକା ଫାଟିଯାଇ ଥିଲା। ଗୋସୁରକ୍ଷା ବାହିନୀ କୌଣସି ସୂତ୍ରରୁ ଖବର ପାଇ ଖନ୍ତାପଡ଼ା ଥାନାକୁ ଖବର ଦେଇଥିଲେ। କିନ୍ତୁ ଖନ୍ତାପଡ଼ା ପୁଲିସ ଦୁଇଘଣ୍ଟା ବିଳମ୍ବରେ ପହଞ୍ଚିବାରୁ ଗାଡ଼ିରେ ଥିବା ଡ୍ରାଇଭର ଓ ହେଲପର ଖସି ପଳାଇଯିବାକୁ ସକ୍ଷମ ହୋଇଥିଲେ। ପୁଲିସ କଣ୍ଟେନରର ଦୁଇଟି ଆଗ ଚକା ଲଗାଇ କଣ୍ଟେନରରେ ଥିବା ୨୫ ଗୋଟି ଗୋରୁଙ୍କୁ ବାମପଦା ଠାରେ ଥିବା ମା'ଭାରତୀ ଗୋଶାଳାରେ ଜୀବିତ ଅବସ୍ଥାରେ ଛାଡି କଣ୍ଟେନରକୁ ଜବତ କରାଯାଇଛି।



## ମଦ ଜବତ, ଅଭିଯୁକ୍ତ ଗିରଫ

ସୋର, ୬।୯ (ସମିସ): ସୋର ପୁଲିସ ପକ୍ଷରୁ ମହୁମୁହାଣ ଗ୍ରାମ ନିକଟରେ ଥିବା ଏକ ପାନ ଦୋକାନରେ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆଗାଁ ଗ୍ରାମର ଆଦିକନ୍ଦ ସାହୁ ମହୁମୁହାଣ ଗ୍ରାମ ନିକଟରେ ଏକ ପାନ ଦୋକାନ କରି ମଦ ବିକ୍ରି କରୁଥିବା ନେଇ ଅଭିଯୋଗ ହେଉଥିଲା। ଆଜି ମଧ୍ୟାହ୍ନରେ ସୋର ପୁଲିସ ଉକ୍ତ ସ୍ଥାନରେ ପେଟ୍ରୋଲିଙ୍ଗ କରୁଥିବା ବେଳେ ପାନ ଦୋକାନରେ ଚଢ଼ାଉ କରିଥିଲେ। ଚଢ଼ାଉ ପରେ ଆଦିକନ୍ଦ ନିକଟରୁ ପୁଲିସ ୩୧.୪୩୫ ଲିଟର ବିଦେଶୀ ମଦ ଜବତ କରିବା ସହିତ ଆଦିକନ୍ଦକୁ ଗିରଫ କରିଥିଲେ। ଅପରାହ୍ନରେ ପୁଲିସ ତାକୁ କୋର୍ଟ ଚାଲାଣ କରିଛି।

## ଟ୍ରେନ୍ ଆଗକୁ ଡେଇଁ ବୃଦ୍ଧଙ୍କ ଆତ୍ମହତ୍ୟା

ସୋର, ୬।୯ (ସମିସ): ସୋର ରେଳ ଷ୍ଟେସନ ନିକଟରେ ଟ୍ରେନ ଆଗକୁ ଡେଇଁ ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତ ବୃଦ୍ଧ ଜଣଙ୍କ ହେଲେ ସୋର ପୌର ପାଳିକା ଅନ୍ତର୍ଗତ ପଠାଣ ମହଲ୍ଲା ଗ୍ରାମର ମିର୍ଜା ଆକବର ବେଗ (୬୫)। ସୋର ପୌର ପାଳିକା ଅନ୍ତର୍ଗତ ପଠାଣ ମହଲ୍ଲା ଗ୍ରାମର ବୃଦ୍ଧ ଜଣଙ୍କ ପାରିବାରିକ କଳହରେ ଅତିଷ୍ଠ ହୋଇ ବାହାରେ ଏଣେତେଣେ ବୁଲୁଥିଲେ। କିନ୍ତୁ ସୋର ରେଳ ଷ୍ଟେସନ ନିକଟରେ ଆଜି ଅପରାହ୍ନରେ ଭଦ୍ରକରୁ ଖଡ଼ଗପୁର ଯାଉଥିବା ଡାଉନ ମେମୁ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ସୋର ଷ୍ଟେସନରେ କାର୍ଯ୍ୟରତ ଆରପିଏଫ କର୍ମଚାରୀ ମାନେ ଘଟଣାସ୍ଥଳରେ ଶବକୁ ଜଗି ରହିଛନ୍ତି। ଦୁର୍ଘଟଣା ଘଟାଇବା ପରେ ଟ୍ରେନ ଟି ଷ୍ଟେସନରେ କିଛି ସମୟ ପାଇଁ ଅଟକି ରହିଥିଲା। ପରେ ଗନ୍ତବ୍ୟ ସ୍ଥଳରୁ ଯାଇଥିଲା।

## ବେଆଇନ ବାଲି ଉଠାଣ, ନୌକା ଜବତ

ବାଲିଆପାଳ, ୬।୯ (ସମସ): ବାଲିଆପାଳ ବ୍ଲକ ନିଖିରା ପଞ୍ଚାୟତର ପାଳପଡାଠାରେ ବେଆଇନ ବାଲି ଉତ୍ତୋଳନକୁ ନେଇ ଦୀର୍ଘ ଦିନ ଧରି ବାଲିଆପାଳ ତହସିଲଦାର ଓ ଖଣି ଅଧିକାରୀଙ୍କ ଠାରେ ଅଭିଯୋଗ ହୋଇଆସୁଥିଲା। ଶନିବାର ଅପରାହ୍ନରେ ବାଲିଆପାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ, ଖଣି ଅଧିକାରୀ ସତ୍ୟ ଚିନ୍ମୟ ଜେନା ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ବାଲି ଉତ୍ତୋଳନ କରୁଥିବା ତିନୋଟି ଯନ୍ତ୍ର ଚାଳିତ ନୌକାକୁ ଜବତ କରିଥିଲେ।

## ଜିଲ୍ଲା ଦୌରାଜଜ୍‌ଙ୍କ ଜଳେଶ୍ୱର ଗସ୍ତ

ଜଳେଶ୍ୱର ୬।୯ (ସମିସ): ଡାଲସାର ଚେୟାରମ୍ୟାନ ତଥା ଦୌରାଜଜ୍ ସତ୍ୟନାରାୟଣ ମିଶ୍ର ଜଳେଶ୍ୱର ଗସ୍ତ କରିବା ସହିତ ଖୁଆଡ ପଂଚାୟତର ପୁରୁଣାପାଣିଠାରେ ଥିବା "ପ୍ରୟାସ' ଜରାନିବାସକୁ ପରିଦର୍ଶନ କରିଥିଲେ। ସେଠାରେ ଥିବା ୨୫ଜଣ ଅନ୍ତେବାସୀଙ୍କ ସହିତ ସୌଜନ୍ୟ ଆଲୋଚନା କରିଥିଲେ। ସଂଗଠନର ସଂପାଦକ ଜୀବନ ମଲ୍ଲିକ ଓ ସୁପରିଟେଣ୍ଡେ ଜଗନ୍ନାଥ ପାତ୍ର ପ୍ରମୁଖ ଉପସ୍ଥିତ ରହି ଜରାନିବାସ କେତେକ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ସେହିପରି ଶାନ୍ତିଆଠାରେ ଥିବା ଗାନ୍ଧିସେବାଶ୍ରମକୁ ପରିଦର୍ଶନ କରି ପିଲାମାନଙ୍କ ସଂପର୍କରେ ପଚାରି ବୁଝିଥିଲେ। ସେବାଶ୍ରମରେ କେତେକ ଆବଶ୍ୟକତା ସଂପର୍କରେ ଆଲୋଚନା କରାଯାଇଥିବା ଜଣାଯାଇଛି।

# ଭୋଗରାଇ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଭୋଗରାଇ, ୬।୯ (ସମିସ)



ଭୋଗରଇ ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଏହି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏହି ବ୍ଲକର ୧୭୫ଟି ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଥମେ ଜୋନ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ସେଥିରୁ ମନୋନୀତ ହୋଇଥିବା ପ୍ରତିଯୋଗୀ ମାନଙ୍କୁ ନେଇ ବ୍ଲକ ସ୍ତରୀୟ ପ୍ରତିଯୋଗିତା ହେଉଛି। ଆଜି ଜଳେଶ୍ୱରପୁର ଉଚ୍ଚ ସରକାରୀ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଏହି କ୍ରୀଡ଼ା ପ୍ରତିଯୋଗୀତାକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦତ୍ତ ସଭାପତିତ୍ୱ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଭୋଗରାଇ ବିଧାୟକ ଶ୍ରୀ ଦାସ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୀପକ କୁମାର ଗାରୁ, ଶ୍ରେଣୀ ଶିକ୍ଷକ ଗୋବର୍ଦ୍ଧନ ଜେନା, ଭବାନୀ ଶଙ୍କର ପ୍ରଧାନ, ଗୌତମ ସାମଲ, ବିକ୍ରମ ରାଉଳ, ଶିକ୍ଷୟିତ୍ରୀ ବିଦ୍ୟୁତପ୍ରଭା ନନ୍ଦୀ, କ୍ରିଷ୍ଣା ରାଣୀ ବେହେରା ଏହି ଉଦଘାଟନ ସମାରୋହରେ ଯୋଗ ଦେଇଥିଲେ। ଆୟୋଜିତ ୪ଟି ଜୋନରୁ ମନୋନୀତ ହୋଇଆସିଥିବା ମୋଟ ୫୫୫ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲା ବେଳେ ସେମାନଙ୍କ ମଧ୍ୟରୁ ଉଭୟ ସିନିୟର ବାଳକ, ଜୁନିୟର ବାଳକ, ସିନିୟର ବାଳିକା, ଜୁନିୟର ବାଳିକା ବିଭାଗ ରେ ମୋଟ ୧୬୯ ଜଣ ଛାତ୍ରଛାତ୍ରୀ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ବିଭିନ୍ନ ଜୋନ ବ୍ଲକରୁ ଜିଲ୍ଲା ସ୍ତର ତଥା ସେଠାରୁ ରାଜ୍ୟ ସ୍ତର ପ୍ରତିଯୋଗିତା କୁ ମନୋନୀତ ହେବେ ବୋଲି ସୂଚନା ଦିଆଯାଇଛି। ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ବିଶ୍ୱଜିତ ଜେନା, ସ୍ୱପ୍ନନ୍ଦୁ ଆଚାର୍ଯ୍ୟ, ଦିଲ୍ଲୀପ ପାତ୍ର, ସୁଶାନ୍ତ ବାରିକ, ଚକ୍ରଧର ମହାନ୍ତି, ମନୋଜ କୁମାର ସାହୁ, ସୁକୁମାର ଦାସ, ଦିଗ ବିଜୟ ପ୍ରଧାନ, ସଂଜୀବ କୁମାର ପଣ୍ଡା, ଶ୍ରୀକାନ୍ତ ଜେନା, ଉତ୍ତମ କୁମାର ଜେନା, ଆଶିଷ କୁମାର ବେହେରା, ଜୟନ୍ତ କୁମାର ଗିରି, ତନୁଲତା ପିଳା, ଶ୍ରାବଣୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ସଦସ୍ୟା ମାନେ ପରିଚାଳନା ରେ ସହାୟତା କରିଥିଲେ।

# ଗଦାଶିଳା ସମବାୟ ସମିତିରେ ସାର ଅଭାବ

**ଚାଷୀ ହତାଶ**

ଢେଙ୍କାନାଳ,୬।୯(ସମିସ)

ଢେଙ୍କାନାଳ ଜିଲ୍ଲା ଓଡାପଡ଼ା ବ୍ଲକ ଗଦାଶିଳା ସମବାୟ ସମିତିରେ ସାର ମିଳୁନଥିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି। ସୋସାଇଟି ତରଫରୁ ନାମ ପଞ୍ଜିକରଣ କରିଥିବା ଚାଷୀଙ୍କୁ ପ୍ରଥମେ ସାର ଦେବାକୁ ସମିତି ତରଫରୁ ନିଷ୍ପତି ହୋଇଥିବା ବେଳେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଗଦାଶିଳା ସମବାୟ ସମିତି ଅଧିନରେ ୪ଟି ପଞ୍ଚାୟତ ଗଦାଶିଳା, ସିମିନଇ, ବଳରାମପୁର, କାଶିଆଡିହ ପଞ୍ଚାୟତର ୧୫ଟି ଗ୍ରାମ ରହିଛି। ଏହି ଗ୍ରାମ ଗୁଡିକରୁ ଗଦାଶିଳା ସୋସାଇଟିରେ ୬୧୫ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବାର ଜଣାପଡ଼ିଛି। ବର୍ତ୍ତମାନ ଧାନ ରୁଆ ସରିବା ପରେ ବିଭିନ୍ନ ସାରର ଆବଶ୍ୟକତା ରହିଛି। କିନ୍ତୁ ଚାଷୀମାନଙ୍କୁ ଉପଯୁକ୍ତପରିମାଣରସାରମିଳୁନଥିବାର ଜଣାପଡ଼ିଛି। ଖୋଲା ବଜାରରେ ୟୁରିଆ, ପଟାସ ସହିତ ଅନ୍ୟ ସାରର ଆବଶ୍ୟକତା ରହିଥିବା ବେଳେ ସୋସାଇଟିରେ ସାର ନାହିଁ। ସାଇପାଇବା ପାଇଁ ସକାଳୁ ସକାଳୁ ଚାଷୀ,ଭାଗଚାଷୀ,ମହିଳା ଚାଷୀମାନେ ଅପେକ୍ଷା କରିଥିବାବେଳେ ସାର ନାହିଁ। ଦିର୍ଘ ଦିନ ପରେ ୨୨୦ ବସ୍ତା ସାର ଆସିଥିବା ବେଳେ ମୋଟ ୬୧୫ ଜଣ ଚାଷୀଙ୍କ ପାଇଁ ସମୂଦ୍ରକୁ ଶଙ୍ଖେ ଭଳି ହୋଇଛି। ଜମିରେ ସାର ପକାଇବା ପାଇଁ ସକାଳୁ ସକାଳୁ ଚାଷୀମାନେ ସୋମାଇଟି ସମ୍ମୁଖରେ ଧାଡି ବାନ୍ଧି ବସୁଛନ୍ତି। ଆଜି ୨୨୦ ବସ୍ତା ସାର ଆସିଥିବା ବେଳେ ସୋସାଇଟିରେ ଧାନ ବିକ୍ରୀ କରିବାପାଇଁ ଯେଉଁମାନେ ନାମ ପଞ୍ଜିକରଣ କରିଛନ୍ତି ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରଥମେ ସେମାନଙ୍କୁ ଗୋଟିଏ ଗୋଟିଏ ବସ୍ତା ସାର ପ୍ରଦାନ କରାଯାଇଛି। କିନ୍ତୁ ଯେଉଁମାନେ ନାମ ପଞ୍ଜିକରଣ କରିନାହାଁନ୍ତି ସେମାନଙ୍କୁ ସାର ଦିଆଯିବାରେଟାଳଟୁଳ ନିତୀ ଅବଲମ୍ବନ କରିବାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏ ଦିଗରେ ପଦକ୍ଷେପ ନେବାକୁ ସରକାରଙ୍କୁ ଜିଲ୍ଲାପରିଷଦ ସଭ୍ୟ ବାଳକୃଷ୍ଣ ସାହୁ ଦାବୀ କରିଥିବା ବେଳେ ସାର ଆସିଲେ ଚାଷୀଙ୍କୁ ଯୋଗାଇ ସେବାକୁ ଯଥେଷ୍ଟ ହେବ ବୋଲି କହିଛନ୍ତି। କିନ୍ତୁ ଖୋଲାବଜାରରେ ସାର ଚଡ଼ା ଦରରେ ସାର ମିଳୁଥିବା ବେଳେ ସରକାରଙ୍କ ତରଫରୁ ସାର ଯୋଗାଇଦେବାକୁ ଦାବୀ ହୋଇଛି।

# ଗଣେଶ ମହୋତ୍ସବ ଉଦଯାପିତ



ଭୁବନ,୬।୯(ସମିସ): ଭୁବନ ଗଣେଶ ମେଳଣ ମହୋତ୍ସବ ଶନିବାର ଉଦଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଜିଲ୍ଲାପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ, ସମ୍ମାନିତ ଅତିଥି ଭାବେ ଭୁବନ ମହିଳା ମହାବିଦ୍ୟାଳୟ ଅଧକ୍ଷ ଦିଲୀପ କୁମାର, ସମାଜସେବୀ ଶର୍ମିଳା ଧଳ, ଭୁବନ ବ୍ଲକ ଅଧକ୍ଷା ସିପ୍ରା ବରାଳ, ବକ୍ତା ଭାବେ ଭୁବନ ଏନ୍‌ଏସି ଅଧକ୍ଷ ଶୁଭେନ୍ଦୁ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ସଭାପତି ସୁବ୍ରତ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶାନ୍ତି କମିଟି ସମ୍ପାଦକ ଜିତେନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟିଟୁ ଦାସ, ମନୋରଞ୍ଜନ ବେହେରା, ମିଥୁନ ପାତ୍ର, ଜଗନ ବେଜ, ନିର୍ମଳ ପୋଥାଳ, ଜୀବନଜ୍ୟୋତି ପୃଷ୍ଟି, ରାକେଶ ପୃଷ୍ଟି, ଡମ୍ବରୁଧର ପାତ୍ର, ନାରାୟଣ ନାୟକ, ରାମଚନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ, ପିଣ୍ଟୁ ଦାସ, ସିଲୁ ନାୟକ, ସୌରଭ ରାଉତ, ମିଲୁ ରାଉତ, ସତ୍ୟବ୍ରତ ନାୟକ, ସୁଶାନ୍ତ ବାରିକ, ପ୍ରଭଞ୍ଜନ ବେହେରା, ପ୍ରଜନ ପଟ୍ଟନାୟକ, ଚିନ୍ମୟ ପୃଷ୍ଟି, ଗୋପାଳ ନାୟକ, ଦେବାଶିଷ ସାହୁ, ବିପିନ ଚିନରା, ବଳରାମ ସାହୁ, ମିଥୁନ କୁମାର ପାତ୍ର, ଜଗବନ୍ଧୁ ସାହୁଙ୍କ ସମେତ ଶାନ୍ତି କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବସନ୍ତ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ।

# ମାଷ୍ଟର ଟ୍ରେନରଙ୍କ ପ୍ରଶିକ୍ଷଣ ଶିବିର



ଢେଙ୍କାନାଳ,୬।୯(ସମିସ): ଢେଙ୍କାନାଳ ଜିଲ୍ଲାରେ ଆଦି କର୍ମଯୋଗୀ ଅଭିଯାନ ଅଧୀନରେ ୩ ଦିନିଆ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜିଲ୍ଲାର ୬ ବ୍ଲକର ୧୭ ଜଣ ମାଷ୍ଟର ଟ୍ରେନର ଏବଂ ୭ ଜଣ ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଏହି ପ୍ରଶିକ୍ଷଣରେ ଭାଗ ନେଇଛନ୍ତି। ଶିବିରର ଦିତ୍ୱୀୟ ଦିନରେ ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରାଳୟର ଅନୁସଚିବ ତଥା ଜିଲ୍ଲା ପ୍ରଭାରୀ ଭାବେ ସତୀଶ କୁମାର ସିଂ ଯୋଗଦେଇ ଏହି ଅଭିଯାନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା ଶିବିର ପରିଚାଳନା କରିଥିଲେ।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ହିନ୍ଦୋଳ/ଖଜୁରିଆକଟା,୬।୯(ସମିସ): ହିନ୍ଦୋଳ ଉପଖଣ୍ଡରେ ହାତୀ ଆକ୍ରମଣରେ ମୃତ୍ୟୁ ଏବେ ନିତିଦିନିଆ ଘଟଣା ପାଲଟିଛି। ୧ ମାସ ଭିତରେ ହାତୀ ଆକ୍ରମଣରେ ଉପଖଣ୍ଡର ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ବାଲିମି ଥାନା ଅନ୍ତର୍ଗତ ନୂଆଗାଁରେ ଘର ସମ୍ମୁଖରେ ଜଣେ ବୃଦ୍ଧଙ୍କୁ ହାତୀ ମାରିଦେଇଥିଲା। ଶୁକ୍ରବାର ରାତିରେ ରାସୋଳ ଥାନା ଅନ୍ତର୍ଗତ ବେଡ଼ାପଡ଼ା ଗ୍ରାମର ସାନନ୍ଦ ନାୟକଙ୍କ ପୁଅ ଚଣିଆ ନାୟକ (୪୫)ଙ୍କୁ ନିଜ ଘର ନିକଟରେ ହାତୀ ମାରିଦେଇଥିବା ଜଣାପଡ଼ିଛି। ସନ୍ଧ୍ୟାରେ ଚଣିଆ ଘର ନିକଟ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଚଣିଆ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ହାତୀ ତାଙ୍କୁ ଗୋଡ଼େଇ ଗୋଡ଼େଇ ଶୁଣ୍ଢରେ କଚାଡ଼ି ଦେଇଥିଲା। ନିକଟରେ ଥିବା କିଛି ଗ୍ରାମବାସୀ ପାଟି କରିବାରୁ ହାତୀ ପଳାଇଥିଲା। ତେବେ ଘଟଣାସ୍ଥଳରେ ଚଣିଆଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ହିନ୍ଦୋଳ ବନ ବିଭାଗ ଅଧିକାରୀ ଗ୍ରାମରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ହିନ୍ଦୋଳ ଡାକ୍ତରଖାନା ନେଇଛନ୍ତି।

# ପ୍ରାଣୀବିଜ୍ଞାନ ବିଭାଗର ସ୍ୱାଗତ ସମାରୋହ

ଖଜୁରିଆକଟା,୬।୯(ସମିସ): ସ୍ଥାନୀୟ ହିନ୍ଦୋଳ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ସମ୍ମାନ ବିଭାଗ ପକ୍ଷରୁ ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଛି। ବିଭାଗ ମୁଖ୍ୟ ଶିବଶଙ୍କର ଦାସ ସଭାରେ ପୌରୋହିତ୍ୟ କରିବା ସହ ଛାତ୍ରଛାତ୍ରୀମାନେ ଆତ୍ମଗଠନ ପାଇଁ ନିଜ କର୍ତ୍ତବ୍ୟ ପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ରୂପେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ ପାତ୍ର, ମୁଖ୍ୟବକ୍ତା ରୂପେ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ପତି, ସମ୍ମାନିତ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଜୟନ୍ତ ନାରାୟଣ ପତି ଓ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ଯୋଗଦେଇ ଛାତ୍ର ଜୀବନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସୂର୍ଯ୍ୟପ୍ରତାପ, ତୁଷାର, ଆମ୍ରିତାଂଶୁ, ଶ୍ରୀୟା ସୁଦିପ୍ତା, ଇନାଲିଶା, ଚନ୍ଦ୍ରକାନ୍ତ ଓ ଆଶିଷ ପ୍ରମୁଖ ସ୍ୱାଗତ ଅଭିଭାଷଣ ରଖିଥିଲେ। ଡେମନଷ୍ଟ୍ରେଟର୍ ପାଣ୍ଡବ ସାହୁ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ଦେଇଥିବା ବେଳେ ବିଭାଗୀୟ ଅଧ୍ୟାପିକା ନିଳମ ଡୁଙ୍ଗଡୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

# ଦିବ୍ୟାଙ୍ଗ ଦମ୍ପତିଙ୍କୁ ଶାଢ଼ି, ରାସନ ବଣ୍ଟନ

ଢେଙ୍କାନାଳ,୬।୯(ସମିସ): ସାମାଜିକ ସାଂସ୍କୃତିକ ବିକାଶ ସଂଘ ପକ୍ଷରୁ ବିଶ୍ୱଶ୍ରୀ ପାଢ଼ୀଙ୍କ



ଜନ୍ମଦିନ ଉପଲକ୍ଷେ କଙ୍କଡ଼ାହାଡ଼ ବ୍ଲକ କଣ୍ଟାପାଳ ପଞ୍ଚାୟତର ଦିବ୍ୟାଙ୍ଗ ଦମ୍ପତି ଭୀମସେନ ମୁଣ୍ଡା ଓ ରାଧି ମୁଣ୍ଡାଙ୍କୁ ରାସନ ସାମଗ୍ରୀ ଓ ନୂତନ ଶାଢ଼ି ପ୍ରଦାନ କରାଯାଇଥିଲା। ନା ଅଛି ରୋଜଗାର ନା ରହିବା ପାଇଁ ଘର। ଏକ ଭଙ୍ଗା ଘରେ ଦୁଇ ଦିବ୍ୟାଙ୍ଗ ଦମ୍ପତି ଜୀବନଯାପନ କରୁଛନ୍ତି। ଏହି ଦମ୍ପତିଙ୍କ ପାଇଁ ଗ୍ରାମର ସମାଜସେବୀ ସତ୍ୟବାନ ଦିବ୍ୟାଙ୍ଗ ଭତ୍ତା ଆବେଦନ କରିଥିଲେ। ଆଗାମୀ ଦିନରେ ସଂଘ ତରଫରୁ ଏକ ଆବାସ ପାଇଁ ଆବେଦନ କରାଯିବ ବୋଲି କୁହାଯାଇଛି।

# ଗୁରୁଦିବସ ଓ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



ଖଜୁରିଆକଟା,୬।୯(ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ଗୌତମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗୁରୁଦିବସ ଓ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଗିରିଧରପ୍ରସାଦ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଗାୟକବିମଳ ବିଚିତ୍ରାନନ୍ଦ ପଟ୍ଟନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଗୁରୁଶିଷ୍ୟ ପରମ୍ପରା ଆଧାରିତ ସୁନ୍ଦର ବାର୍ତ୍ତା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତି ସମ୍ପାଦକ ଶଶିଭୂଷଣ ବେହେରା, ଯୁଗ୍ମ ସମ୍ପାଦକ ମନୋଜ କୁମାର ପ୍ରଧାନ, କୋଷାଧ୍ୟକ୍ଷ ସୁରେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଗୁରୁପୂଜନ କରାଯାଇଥିଲା। ପରେ ପ୍ରଜ୍ଞାନ ମିଶନ ତରଫରୁ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଢେଙ୍କାନାଳ ଜିଲ୍ଲା ସଂଯୋଜକ ଭୁବନାନନ୍ଦ ସାହୁ ଏହାକୁ ଉଦଘାଟନ କରିଥିଲେ। ପ୍ରଜ୍ଞାନ ମିଶନ ସଦସ୍ୟା ଲୀନା ପଟ୍ଟନାୟକ ଆଭିମୁଖ୍ୟ କଥନ କରିଥିଲେ। ଏଥିରେ ହିନ୍ଦୋଳ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ମୋଟ ୨୭ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ସଂସ୍କୃତ ଆଚାର୍ଯ୍ୟା ସୁକାନ୍ତି ନାଥ, ଖଜୁରିଆକଟା ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଶ୍ରୀନିବାସ ସାହୁ ଏବଂ ପ୍ରଜ୍ଞାନ ମିଶନ ସଦସ୍ୟା ଲୀନା ପଟ୍ଟନାୟକ ବିଚାରକ ଭାବରେ ମୂଲ୍ୟାଙ୍କନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

● ସର୍ବଭାରତୀୟ କନିଷ୍ଠ କିକ୍ ବକ୍ସିଂ ଚାମ୍ପିଅନସିପ

# ଢେଙ୍କାନାଳକୁ ୩ ପଦକ

ଢେଙ୍କାନାଳ,୬।୯(ସମିସ): ତାମିଲନାଡୁ ଚେନ୍ନାଇ ଜବହାରଲାଲ୍ ନେହରୁ ଇନ୍‌ଡୋ ଷ୍ଟାଡିୟମରେ ସର୍ବଭାରତୀୟ କନିଷ୍ଠ କିକ୍ ବକ୍ସିଂ ପ୍ରତିଯୋଗିତା ଅଗଷ୍ଟ ୨୭ରୁ ୩୧ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୱାକୋ ଓଡ଼ିଶା ୪୯ଟି ପଦକ ହାସଲ କରିଛନ୍ତି। ସେଥିମଧ୍ୟରୁ ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ଖେଳାଳିମାନେ ଗୋଟିଏ ରୌପ୍ୟ ଏବଂ ୨ଟି କାଂସ୍ୟ ସହ ମୋଟ



୩ଟି ପଦକ ହାସଲ କରିଛନ୍ତି। ବାଳକ ବିଭାଗରେ ଭବାନୀ ପ୍ରସାଦ ଭଞ୍ଜ ୩୩କେଜି ଲାଇଟ କଣ୍ଟାକ୍ଟରେ କାଂସ୍ୟ ଏବଂ କିକ ଲାଇଟରେ ରୌପ୍ୟ ପଦକ ଏବଂ ବାଳିକା ବିଭାଗରେରେ ରିତିଶା ମହାପାତ୍ର ୩୬କେଜି ଲାଇଟ୍ କଣ୍ଟାକ୍ଟରେ କାଂସ୍ୟ ପଦକ ହାସଲ କରିଛନ୍ତି। ମିହିର କୁମାର ସାହୁ ଟିମ କୋଚ ଭାବରେ ଦାୟିତ୍ୱ ତୁଲାଇଥିଲେ। ଉକ୍ତ ପ୍ରତଯୋଗିତାରେ ଭାଗ ନେବାପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ କ୍ରୀଡ଼ା ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ବହନ କରାଯାଇଥିଲା। ଏହି ଚାମ୍ପିଅନସିପ ପାଇଁ ଦଳରେ ଖେଳାଳୀ ମାନେ କଠିନ ଅଭ୍ୟାସ କରିଛନ୍ତି, ତେଣୁ ପ୍ରତିଥର ପରି ଏଥର ମଧ୍ୟ ଖେଳାଳୀମାନେ ଭଲ ପ୍ରଦର୍ଶନ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଆମେଚୋର କିକ ବକ୍ସିଂ ଆସୋସିଏସନ ଅଫ ଓଡ଼ିଶାର ସଭାପତି କାର୍ତ୍ତିକ ଡାକୁଆ, ସମ୍ପାଦକ ବିଚିତ୍ର ନାରାୟଣ ଜେନା ଏବଂ ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ସମସ୍ତ ସଦସ୍ୟ ଏବଂ ଆସୋସିଏସନର କୋଚମାନେ ସମସ୍ତ ଖେଳାଳୀମାନଙ୍କ ସଫଳତା ପାଇଁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

# ଆନନ୍ଦ ବଜାର ଲକ୍ଷ୍ମୀପୂଜା କମିଟି ପକ୍ଷରୁ ମାଟି ଅନୁକୂଳ



ଢେଙ୍କାନାଳ,୬।୯(ସମିସ): ସ୍ଥାନୀୟ ଆନନ୍ଦ ବଜାର ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ ତରଫରୁ ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ଆଜି ପବିତ୍ର ଅନନ୍ତ ବ୍ରତ ଅବସରରେ ବ୍ରାହ୍ମଣୀ ନଦୀର ତଟ କମଗରା ଘାଟରୁ ସଂକୀର୍ତନ ମଣ୍ଡଳୀ ସହ ଷୋଡ଼ଶ ଉପଚାରରେ ପୂଜା ଅର୍ଚ୍ଚନା ଓ ହୋମ, ଯଜ୍ଞ କରାଯାଇ ମାଟି ଅନୁକୂଳ କରାଯାଇଥିଲା। ମୁଖ୍ୟ ପୂଜକ ରାକେଶ କୁମାର ଦାସ, କର୍ତା ମନୋରଞ୍ଜନ ସାହୁ, ସଭାପତି ଚକ୍ରଧର ନାୟକ, ସମ୍ପାଦକ ଚିତରଞ୍ଜନ ସାହୁ, କୋଷାଧକ୍ଷ ଲିପୁନ କୁମାର ପ୍ରଧାନ ଓ ଆନନ୍ଦ ବଜାର ପୂଜା କମିଟିର ସମସ୍ତ କର୍ମ କର୍ତାଙ୍କ ଉପସ୍ଥିତିରେ ଏହି ମାଟି ଅନୁକୂଳ କରାଯାଇଥିଲା।

# ଅର୍ନ୍ତଜାତୀୟ ସମବାୟ ଦିବସ ପାଳିତ



ଢେଙ୍କାନାଳ,୬।୯(ସମିସ): ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲରେ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ଏନଏଲପିଏସ ମାଧ୍ୟମରେ କମ୍ପ୍ୟୁଟରୀକରଣ ଓ ସମବାୟ ହିସାବ ସମୀକ୍ଷା ଗୁରୁତ୍ୱ ସମ୍ବନ୍ଧରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଉପନିବନ୍ଧକ ସମବାୟ ସମିତି ସମୂହ ଉମାଶଙ୍କର ଦାସ, ତତ ସହିତ ଅନୁଗୁଳ ଢେଙ୍କାନାଳ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ପ୍ରଭାସ କୁମାର ବେହେରା, ଜିଲ୍ଲା ମୁଖ୍ୟ ମତ୍ସ୍ୟ ଅଧିକାରୀ ଶୁଭସ୍ମିତା ଘଡେଇ, ଏ ଡି ଟି ଦାମୋଦର ବେହେରା ସହକାରୀ ମହାସମୀକ୍ଷକ ବାଲଙ୍କେଶ୍ୱର ଦାଶ, ଏଆରସିଏସ କାମାକ୍ଷାନଗର ଅମରର୍ଜ୍ୟେ ଦାସ, ଏଆରସିଏସ ସୁଶ୍ରୀ ଅନନ୍ୟା ଶର୍ମା, ନିରାକାର ସାମନ୍ତରାୟ ଓ ନୃସିଂହଚରଣ ବେହୁରା ଅତିଥି ରୂପେ ଜିଲ୍ଲା ସମନ୍ୱୟକାରୀ ସତ୍ୟଜିତ ରାଉତ ଚାଷୀ ଓ ବିଭିନ୍ନ ସମବାୟ ସମିତି ର ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ଜେନେରାଲ ମ୍ୟାନେଜର ଓମଫେଡ ପ୍ରିୟବ୍ରତ ତରିଆ, ଏହି କର୍ମଶାଳାରେ ଆଜିର ବୈଷୟିକ ଜ୍ଞାନ ପ୍ରୟୋଗ ମାଧ୍ୟମରେ ସ୍ୱଚ୍ଛତା ଓ କମ୍ପୁଟରୀକରଣର ଆବଶ୍ୟକତା ଏଥି ନିମନ୍ତେ ଅଡିଟର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। ଆମ ସେବା କେନ୍ଦ୍ର ମାଧ୍ୟମରେ କିପରି ସମସ୍ତଙ୍କୁ ସେବା ଯୋଗାଇ ଦେବା ଓ କାର୍ଯ୍ୟଶୈଳୀ ରେ ବିବିଧତା ଆଣିପାରିବ ସେ ବିଷୟରେ ଆଲୋଚନା ହେଲା ର ଏହି ସମୟରେ ମଞ୍ଚ ପରିଚାଳନା କରୁଥିଲେ ସନ୍ତୋଷ ପ୍ରଧାନ। ଏହି ଅବସରରେ ବିଧାରପୁର ଓ ସନ୍ଥପୁର ପ୍ୟାକ୍ସ ଯୋରନ୍ଦା ଦୁଗ୍ଧ ଉତ୍ପାଦକ ସମିତି, ବାଜିରାଉତ କେନ୍ଦ୍ର ମତ୍ସ୍ୟ ସମବାୟ ସମିତି କୁ ଏ କ୍ଷେତ୍ରରେ ଉତ୍ତମ ପରାକାଷ୍ଠା ପାଇଁ ପୁରସ୍କୃତ କରାଯାଇଥିଲା।

● ଗଣେଶ ପୂଜା ବୁଲାଇ ନେଲେନି ବୋଲି...

# ପେଟ୍ରୋଲ ଢାଳି ମହିଳାଙ୍କ ଆତ୍ମହୁତି ଉଦ୍ୟମ

ଢେଙ୍କାନାଳ/ଅନୁଗୋଳ,୬।୯(ସମିସ): ସ୍ୱାମୀ ଗଣେଶ ପୂଜା ବୁଲାଇବାକୁ ନେଲେନି ବୋଲି ଢେଙ୍କନାଳ ଜିଲ୍ଲା କଣ୍ଟାବଣିଆ ଥାନା ମାନପୁର ଗ୍ରାମରେ ଶୁକ୍ରବାର ରାତିରେ ଜଣେ ମହିଳା ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମାହୁତି ଉଦ୍ୟମ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଅନୁଗୋଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଶନିବାର ପୂର୍ବାହ୍ନରେ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁତର ମହିଳା ଜଣକ ହେଲେ ମାନପୁର ଗ୍ରାମର ବାଲୁ ଗୋଚ୍ଛାୟତଙ୍କ ସ୍ତ୍ରୀ ସବିତା ଗୋଚ୍ଛାୟତ। ଶୁକ୍ରବାର ରାତିରେ ସବିତା ଗଣେଶ ପୂଜା ଦେଖିବା ପାଇଁ ତାଳଚେର ଯିବାକୁ ବାଲୁଙ୍କୁ କହିଥିଲେ। ତେବେ ବାଲୁଙ୍କର ଏକ ବାଜା ଦଳ ଥିବାବେଳେ ଗାଁରେ ଗଣେଶ ପୂଜା ବିସର୍ଜନ ପାଇଁ ସେ ବଇନା ନେଇଥିବାରୁ ଗଣେଶ ପୂଜା ଦେଖି ଯିବାକୁ ରାଜି ହୋଇ ନ ଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ସବିତା ତାଙ୍କ ଘରେ ଥିବା ଡିଜିରୁ ପେଟ୍ରୋଲ ବାହାର କରି ରାତି ପ୍ରାୟ ୮ଟାରେ ନିଜ ଦେହରେ ଢାଳି ନିଆଁ ଲଗାଇ ଦେଇଥିଲେ। ବାଲୁ ତୁରନ୍ତ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଡାକ୍ତରଖାନା ନେଇଥିଲେ। ଶନିବାର ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ସବୁତାଙ୍କୁ ଜଗିବା ପାଇଁ ପରିବାରରେ କୌଣସି ସଦସ୍ୟ ନ ଥିବାରୁ ପୁଣି କଟକରୁ ଅନୁଗୋଳ ଡାକ୍ତରଖାନା ଆଣିଛନ୍ତି। ସୂଚନାଯୋଗ୍ୟ, ବାଲୁ ଓ ସବିତାଙ୍କର ୧୧ ବର୍ଷର ପୁଅ ଓ ୬ ବର୍ଷର ଝିଅ ଅଛନ୍ତି। ଅନ୍ୟପଟେ ପୁଲିସ ଓ ସାଇଣ୍ଟିଫିକ ଟିମ୍ ତଦନ୍ତ କରିବାକୁ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ପୀଡ଼ିତାଙ୍କ ଘରେ କେହି ନ ଥିବାରୁ ଅନୁଗୋଳ ଡାକ୍ତରଖାନା ଯାଇଥିଲେ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



ଗଦିଆ,୬।୯(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ସନ୍ଥପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁନିତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଗଁଦିଆ ବ୍ଲକ ସହକାରୀ କୃଷି ଅଧିକାରୀଣୀ ମିନତୀ ନାୟକ ଯୋଗ ଦେଇଥିଲେ। ଗଣିତ ଶିକ୍ଷକ ମନୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ବିଜ୍ଞାନ ଶିକ୍ଷକ ଆକାଶ ଅଭିଶେକ ବେହେରା ବିଜ୍ଞାନ ମେଳାର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ ଓ ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବିଜ୍ଞାନ ମେଳାରେ ୧୦୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ମନୋଜ କୁମାର ବଳିୟାରସିଂ, ସଂଜୟ କୁମାର ଜେନା,ବର୍ଷା ସେଠୀ, କନିଷ୍ଠ ସହାୟିକା ରାଜଲକ୍ଷ୍ମୀ ଭୋଇ, ଡମ୍ବରୁଧର ସ୍ୱାଇଁ ଓ ହେମନ୍ତ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଜିଲ୍ଲା ନୋଡାଲ ଅଧିକାରିଣୀଙ୍କ ଢେଙ୍କାନାଳ ଗସ୍ତ

ଢେଙ୍କାନାଳ,୬।୯(ସମିସ): ଅତିରିକ୍ତ କୃଷି ନିର୍ଦ୍ଦେଶିକା ଲିଟି ପଟ୍ଟନାୟକ, ଓ ଅନପାନୀ ରାଜ୍ୟସ୍ତରୀୟ ଯୋଜନା



ଅଧିକାରୀଗଣ ଜିଲ୍ଲାରେ ଚାଲିଥିବା ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କୃଷକ ପଞ୍ଜୀକରଣ, ଡିଜିଟାଲ ଫସଲ ସର୍ବେକ୍ଷଣ ଯୋଜନା, ଆଖୁ ଓ ନଳିତା କ୍ଷେତଗୁଡ଼ିକୁ ବୁଲି ଦେଖିଥିଲେ। କଙ୍କଡାହାଡ କୃଷି ସମବାୟ ସମିତିରେ ୟୁରିଆ ସାର ଉପଲବ୍ଧ ହେଉଛି କି ନାହିଁ ଚାଷୀମାନଙ୍କୁ ପଚାରି ବୁଝିଥିଲେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଗତ ବିଭିନ୍ନପ୍ରକାର ପ୍ରକଳ୍ପଗୁଡିକୁ ପରିଦର୍ଶନ କରିଥିଲେ। ପ୍ରକଳ୍ପଗୁଡିକ ମଧ୍ୟରେ ଫଳ ବଗିଚା ପ୍ରତିଷ୍ଠା, ଜୈବିକ ସାର ଉତ୍ପାଦନ କେନ୍ଦ୍ର ଓ କୃଷି କେନ୍ଦ୍ରଗୁଡିକୁ ବୁଲି ଦେଖିବା ସଙ୍ଗେ ସଙ୍ଗେ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ବିଶ୍ୱନାଥ ଦାସ, ସହକାରୀ କୃଷି ନିର୍ଦ୍ଦେଶକ ପଦାରବିନ୍ଦ ସାହୁ, କୃଷି ଜିଲ୍ଲା ଅଧିକାରୀ, କାମାକ୍ଷାନଗର ର ପ୍ରଦୀପ ବେଉରା ଙ୍କ ସମେତ କୃଷି ଓ ଆନୁସଙ୍ଗିକ ବିଭାଗର ଅଧିକାରୀମାନେ ସହଯୋଗ କରିଥିଲେ।

**ଇନରହୁଇଲ କ୍ଲବ ପକ୍ଷରୁ ଗୁରୁଦିବସ ପାଳିତ**

# ଶିକ୍ଷାଦାନକୁ ବୃତ୍ତି ନୁହେଁ; ବ୍ରତ ଭାବେ ଗ୍ରହଣ କରିବା ଉଚିତ

ଢେଙ୍କାନାଳ,୬।୯(ସମିସ)



ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲରେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ ପବିତ୍ର ଗୁରୁଦିବସ ଅବସରରେ ଗୁରୁପୂଜନ ତଥା ଦିଶା ଆଇଆଇଏଲଏମ ସମ୍ମାନ-୨୦୨୫ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାନେତ୍ରୀ ପ୍ରିୟତମା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ୭ ଜଣ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟତ୍ରୀ, ସମାଜସେବୀ, ଶିକ୍ଷାବିତ ମାୟାଧର ନାୟକ, ପ୍ରମିଳା ବିଶ୍ୱାଳ, ସଞ୍ଜୁବାଳା ମିଶ୍ର, ବିଦ୍ୟୁତ୍‌ଲତା ନାୟକ, ପ୍ରଣତୀ ମହାପାତ୍ର, ଅସିତ ମିଶ୍ର ଓ ଡ. ଦେବୀପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାଦାନକୁ ଜୀବନରେ ବୃତ୍ତି ଭାବେ ଗ୍ରହଣ ନ କରି ବ୍ରତ ଭାବେ ଗ୍ରହଣ କଲେ ଜଣେ ଆଦର୍ଶ ଶିକ୍ଷକ ଭାବେ ନିଜକୁ ଗଢ଼ି ତୋଳିପାରିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଉତ୍ସବରେ ୭ ଜଣ ବର୍ଷିଆନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ଜୀବନବ୍ୟାପୀ ଅବଦାନ ପାଇଁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଦିଶା ଆଇଆଇଏଲଏମ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଅଧ୍ୟାପିକା ଦୀପ୍ତିବାଳା ମିଶ୍ର ଗୁରୁବନ୍ଦନା ଗାନ କରିବା ସହ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟା କୃଷିଦା ବେଗମ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭ୍ୟା ଅନ୍ନପୂର୍ଣ୍ଣା ବେହରା, ରଞ୍ଜିତା ବିଶ୍ୱାଳ, ଇନ୍ଦିରା ଦେବତା, ସୁନିତା ସାହୁ, ମମତା ମିଶ୍ର, ତିଲୋତ୍ତମା ଚୌଧୁରୀ, ଅଳକାବତୀ ସାମଲ, ପୁଷ୍ପରାଣୀ ମିଶ୍ର, ସ୍ୱପ୍ନା ଆଚାର୍ଯ୍ୟ, ବିଶ୍ୱଭାରତୀ ରଥ, ସ୍ମିତା ପ୍ରିୟଦର୍ଶିନୀ, ପ୍ରଣତି ପଣ୍ଡା, ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର, ଗୌତମୀ ନାୟକ, ଶେଖ ଅବଦୁଲ ସଫିକ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟୁତଲତା ନାୟକ ଇନର୍ ହୁଇଲ କ୍ଲବ କପିଳାସକୁ ୫ ହଜାର ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ।

# ବରକନ୍ୟା ଝରଣା

# ଜଗୁଆଳି ବିନା ଅସୁରକ୍ଷିତ

ଓଡ଼ଗାଁ,୬।୯(ସମିସ)



ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ବାଣ୍ଟପୁର ପଞ୍ଚାୟତରେ ଅବସ୍ଥିତ ବରକନ୍ୟା ଝରଣା ଦିନେ ଅପହଞ୍ଚ ଇଲାକାରେ ଲୋକଲୋଚନ ଆଢୁଆଳରେ ବହିଯାଉଥିଲା। ତେବେ ଦୈନିକ ଖବରକାଗଜ 'ସକାଳ' ଏହାକୁ ଲୋକଲୋଚନକୁ ଆଣିଥିଲା। ସକାଳର 'ସୁବ୍ୟବସ୍ଥିତ ହେଲେ ପର୍ଯ୍ୟଟକଙ୍କ ସୁଅ ଛୁଟିବ' ଖବରଟି ଆଜି ସାକାର ହୋଇଛି। ବରକନ୍ୟା ଝରଣା ଆଜି କେବଳ ନୟାଗଡ଼ ଜିଲ୍ଲା ନୁହେଁ, ସାରା ଓଡ଼ିଶାରେ ଏକ ଚିରସ୍ରୋତା ଝରଣା ଭାବେ ପରିଚିତ ଲାଭ କରିବା ସହିତ ପ୍ରାକୃତିକ ପରିବେଶ ପରିବେଷ୍ଟିତ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପାଇପାରିଛି।

ରାଜନୈତିକ ଓ ପ୍ରଶାସନିକ ହସ୍ତକ୍ଷେପ ପରେ ଏଠାକୁ ଗମନାଗମନ ସୁବିଧା ସହିତ ପାଞ୍ଚଗୋଟି ଜଳପ୍ରପାତ ନିକଟରେ ସହଜରେ ପହଞ୍ଚିବା ପାଇଁ ପାହାଚ ନିର୍ମାଣ ହୋଇଛି। ରାସ୍ତାଘାଟର ଉନ୍ନତି କରଣ କରାଯାଉଥିବା ବେଳେ ତିନି ଗୋଟି କଟେଜ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ତେବେ ନିର୍ମାଣଗତ ତ୍ରୁଟି କାରଣରୁ ଝରଣା ପାଖରେ ପହଞ୍ଚିବାକୁ ନିର୍ମାଣ ହୋଇଥିବା ପାହାଚ ଗୁଡ଼ିକର ଉଚ୍ଚତାରେ ତାରତମ୍ୟ ରହିଥିବା ବେଳେ ଆଶ୍ରୟ ବାଡ଼ ନଥିବାରୁ ମଧ୍ୟ ବୟସ୍କଙ୍କ ପକ୍ଷେ ଉପରକୁ ଉଠି କରି ଯିବା କଷ୍ଟସାଧ୍ୟ ହେଉଛି। ତଥାପି ଦୈନନ୍ଦିନ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ କ୍ଷେତ୍ରରୁ ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କ ସହିତ ପରିବାର ସହ ଅନେକ ପ୍ରକୃତିପ୍ରେମୀଙ୍କ ଏଠାରେ ଭିଡ଼ ଦେଖିବାକୁ ମିଳୁଛି। ଏପରି ସ୍ଥଳେ ଦିନକୁ ଦିନ ଏଠାରେ ଜନଗହଳି ବୃଦ୍ଧି ପାଇଥିବା ବେଳେ ଏଠାରେ ବିଜୁଳି ଲାଇଟ୍ ବ୍ୟବସ୍ଥା, ନେଟୱର୍କ ଓ ପାନୀୟ ଜଳର ଅଭାବ ରହିଛି। ବିଶେଷ କରି ବର୍ତ୍ତମାନ ପର୍ଯ୍ୟନ୍ତ ଏଠାରେ କୌଣସି ଜଗୁଆଳି ବ୍ୟବସ୍ଥା କରାଯାଇନାହିଁ। ଫଳରେ ଏଠାକୁ ନିରାପଦ ସ୍ଥାନ ମନେକରି ଅସାମାଜିକ ଲୋକଙ୍କ ଭିଡ଼ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଅନେକ ସମୟରେ ଏଠାରେ ସର୍ବସାଧାରଣଙ୍କ ଆଗରେ ମଦର ଆସର ଲାଗି ରହିଥିବା ବେଳେ କାଚ ବୋତଲ ସହିତ କେତେକ କ୍ଷେତ୍ରରେ ବୋତଲ ଭାଙ୍ଗି ଜଳପ୍ରପାତ ଓ ବାଟ ଘାଟରେ ପଡ଼ିଛି। ଏନେଇ ଆଗକୁ ଅନେକ ଅନୈତିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର ମଧ୍ୟ ଆଶଙ୍କା ରହିଛି। ଏଭଳି ଘଟଣାକୁ ସ୍ଥାନୀୟ ବିଧାୟକଙ୍କ ସହିତ ଅନ୍ୟାନ୍ୟ ନେତୃବର୍ଗ ନିନ୍ଦା କରିବା ସହିତ ବିକାଶ ଧାରାରେ ବାଧାସୃଷ୍ଟି ହେବ ବୋଲି କହିଛନ୍ତି। ସୂଚନା ଥାଉକି ଗୁରୁବାର ଏଠାରୁ ଗୌଡ଼ପୁଟର ଜଣେ ଯୁବକ ଆରଡ଼ା ଗ୍ରାମର ଯୁବକଙ୍କ ଏକ ବାଇକ୍ ଅପହରଣ ଘଟଣାରୁ ନେଇ ପୁଲିସ ସହ ଆରଡ଼ାବାସୀ ମୁହାଁମୁହିଁ ହୋଇଥିଲେ। ଗ୍ରାମବାସୀ ୨ ଜଣଙ୍କୁ ଅଟକ ରଖିଥିବା ବେଳେ ପୁଲିସ ଫୋର୍ସ ଆସିବା ପରେ ସେମାନଙ୍କୁ ସେଠାରୁ ମୁକୁଳାଇଥିଲା। ବରକନ୍ୟାରେ କୌଣସି ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏପରି ଘଟଣା ଘଟିଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ୧୨ରେ ହେବ ପଞ୍ଚାୟତ ସମିତି ଅଧିବେଶନ

# ଗଣିଆରେ ନାହାନ୍ତି ସ୍ଥାୟୀ ବିଡିଓ




ଗଣିଆ,୬।୯(ସମିସ): ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି। ଅଲଗା ବ୍ଲକ ଗୁଡିକରେ ୧୦ରୁ ଅଧିକ ପଞ୍ଚାୟତ ସମିତି ଅଧିବେଶନ ଶେଷ ହୋଇସାରିଥିଲେ ମଧ ଗଣିଆରେ ୭ଟି ଅଧିବେଶନ ଶେଷ ହୋଇଛି। ଅଷ୍ଟମ ଅଧିବେଶନ ଅଗଷ୍ଟ ୧୩ ତାରିଖରେ ହେବା ପାଇଁ ସ୍ଥିରୀକୃତ ହୋଇଥିଲା। ତେବେ ୧୨ ତାରିଖରେ ଏହି ବୈଠକକୁ ବାତିଲ କରାଗଲା। ଲୋକସଭା ଅଧିବେଶନ ଚାଲିଥିବାରୁ ବୈଠକ ବାତିଲ କରାଗଲା ବୋଲି ଚିଠିରେ ଉଲ୍ଲେଖ କରାଗଲା। ତେବେ ଗତ ୪ ତାରିଖରେ ବ୍ଲକ ପ୍ରଶାସନ ତରଫରୁ ଆସନ୍ତା ସେପ୍ଟେମ୍ବର ୧୨ ତାରିଖରେ ଅଷ୍ଟମ ସାଧାରଣ ଅଧିବେଶନ ଅନୁଷ୍ଠିତ ହେବା ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ସେହିଦିନ ବୈଠକ ହେବ ନା ଅନ୍ୟ କୌଣସି ବାହାନା ଦେଖାଇ ବାତିଲ ହେବ ତାହା ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି। ପଞ୍ଚାୟତ ସମିତି ଅଧିବେଶନରେ ଅନେକ ବିଭାଗ ସମ୍ପର୍କରେ ଆଲୋଚନା ହେବା ସହିତ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ ଆୟୋଗର ୨୦୨୫-୨୬ ବର୍ଷ ପାଇଁ ବ୍ଲକ ପଞ୍ଚାୟତ ଯୋଜନାର ଅନୁମୋଦନ ହେବ। ଗଣିଆ ବ୍ଲକରେ ଏବେ ସ୍ଥାୟୀ ବିଡିଓ ରହୁନଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ବିଡିଓ ନ ଥିବାରୁ ତହସିଲଦାର ପ୍ରୀତିବାଳା ରଣାଙ୍କୁ ବିଡିଓ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ତହସିଲରେ ବିଭିନ୍ନ କାର୍ଯ୍ୟ ଥିବାବେଳେ ବ୍ଲକର ଅତିରିକ୍ତ ଦାୟିତ୍ୱ ତୁଲାଇବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି। ବିଡିଓ ନଥିବାରୁ ବ୍ଲକ କାର୍ଯ୍ୟାଳୟ ଏକପ୍ରକାର ସ୍ଥାଣୁ ପାଲଟିଛି। କନିଷ୍ଠ ଯନ୍ତ୍ରୀ ଉପେନ୍ଦ୍ର କୁମାର ତିହାଡ଼ିଙ୍କର ଦଶପଲ୍ଲା ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ନୂତନ କନିଷ୍ଠ ଯନ୍ତ୍ରୀ ନୂଆଗାଁର ନେତ୍ରରଞ୍ଜନ ମିଶ୍ରଙ୍କର ଦୀର୍ଘ ଦିନ ହେବ ଗଣିଆ ବଦଳି ହୋଇଥିବା ବେଳେ ସେ କାର୍ଯ୍ୟ ଆରମ୍ଭ କରୁନାହାନ୍ତି। ଫଳରେ ଅନେକ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ଗଣିଆ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ପ୍ରଶାସନିକ ଅଧିକାରୀ ମାନଙ୍କ ବୈମାତୃକ ମନୋଭାବର ଶିକାର ହେଉଛନ୍ତି ନୀରିହ ଜନସାଧାରଣ। ବ୍ଲକରେ ବିଭିନ୍ନ ଯୋଜନା ଅନ୍ତର୍ଗତ କୋଟି କୋଟି ଟଙ୍କାର ଅର୍ଥ ମଞ୍ଜୁର ହୋଇ ପଡି ରହିଥିଲେ ମଧ୍ୟ ରାଜନୈତିକ ଅଭିସନ୍ଧି ଯୋଗୁଁ କାର୍ଯ୍ୟ ଆଗେଇ ପାରୁନାହିଁ। ତେଣୁ ଗଣିଆ ବ୍ଲକକୁ ଜଣେ ସ୍ଥାୟୀ ବିଂଓ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

## ଗ୍ରାମ ରୋଜଗାର ସେବକ ନିଯୁକ୍ତି ପାଇଁ ଦାବି

ଗଣିଆ,୬।୯(ସମିସ): ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗ୍ରାମ ରୋଜଗାର ସେବକମାନେ କାର୍ଯ୍ୟ କରିଥାନ୍ତି। ତେବେ ଏହି ପଦବୀ ପାଇଁ ବର୍ଷେ ହେବ ଆବେଦନ କରିଥିଲେ ମଧ ସେମାନଙ୍କ ମଧ୍ୟରୁ କାହା ନାମ ସର୍ଟ ଲିଷ୍ଟେଡ କରାଯାଇନାହିଁ। ଆବେଦନର ଏକ ବର୍ଷ ବିତିଯାଇଥିଲେ ମଧ ସେମାନଙ୍କୁ ସରକାରଙ୍କ ତରଫରୁ ନିଯୁକ୍ତି ଦିଆଯାଉନାହିଁ। ଫଳରେ ଚାକିରି ପାଇବା ଆଶାରେ ଥିବା ଆଶାୟୀ ମାନେ ଆଶା ଓ ଆଶଙ୍କାରେ ଜୀବନ ଅତିବାହିତ କରୁଛନ୍ତି। ଚାକିରି ନ ମିଳିବାରୁ ସେମାନେ ମାନସିକ ଦୁଶ୍ଚିନ୍ତାରେ ରହୁଥିବା ବେଳେ ସରକାର ସେମାନଙ୍କ ପ୍ରତି ଏତେ ଉଦାସୀନ କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ତେବେ ତୁରନ୍ତ ସେମାନଙ୍କ ଚୂଡାନ୍ତ ମେରିଟ ଲିଷ୍ଟ ପ୍ରକାଶ କରିବା ସହିତ ନିଯୁକ୍ତି ପ୍ରଦାନ କରିବାକୁ ଆଶାୟୀ ପ୍ରାର୍ଥୀ ବଡସିଲିଙ୍ଗାର ଉମାକାନ୍ତ ନାୟକ,ପ୍ରତିଭା ବେହେରା ଏବଂ ଜଗନ୍ନାଥ ପ୍ରସାଦର ରୋଜାଲିନ କରଣ ଦାବି କରିଛନ୍ତି।

## ଦୁଇ ଯନ୍ତ୍ରୀଙ୍କୁ ୮ ପଞ୍ଚାୟତ ଦାୟିତ୍ୱ

ଗଣିଆ,୬।୯(ସମିସ): ଗଣିଆ ବ୍ଲକରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ସ୍ତରରେ ଅଦଳବଦଳ ହୋଇଥିବା ଜଣାପଡିଛି। ଗଣିଆରେ ୮ ଟି ପଞ୍ଚାୟତ ଥିବା ବେଳେ ୨ ଜଣ ଯନ୍ତ୍ରୀ ଥିବାରୁ ଜଣେ ଯନ୍ତ୍ରୀଙ୍କୁ ୪ଟି ଲେଖାଏଁ ପଞ୍ଚାୟତ ଦାୟିତ୍ୱ ଦିଆଯାଇଛି। ଯନ୍ତ୍ରୀ ପୁଷ୍ପାଞ୍ଜଳି ମୁର୍ମୁଙ୍କୁ ବେଲପଡ଼ାପାଟଣା, ରାସଙ୍ଗ, କିଶୋର ପ୍ରସାଦ ଏବଂ କରଡ଼ାପଡ଼ା ପଞ୍ଚାୟତ ଦାୟିତ୍ୱ ଦିଆଯାଇଥିବା ବେଳେ ଯନ୍ତ୍ରୀ ନେତ୍ରରଞ୍ଜନ ମିଶ୍ରଙ୍କୁ ଗଣିଆ, ଆଡ଼କଟା, ଛାମୁଣ୍ଡିଆ ଓ ବଡସିଲିଙ୍ଗା ପଞ୍ଚାୟତ ଦାୟିତ୍ୱ ପ୍ରଦାନ କରାଯାଇଛି। କିଛି ଦିନ ଭିତରେ ଆଉ ଜଣେ ଯନ୍ତ୍ରୀ ଗଣିଆରେ ଯୋଗ ଦେବାର ସମ୍ଭାବନା ଥିବା ବିଶେଷ ସୂତ୍ରରୁ ଜଣାପଡିଛି। ନୂତନ ଯନ୍ତ୍ରୀ ଆସିଲେ ପୁଣିଥରେ ପଞ୍ଚାୟତ ଅଦଳବଦଳ ହୋଇପାରେ ଏଥିରେ ସନ୍ଦେହ ନାହିଁ। ଗଣିଆରେ ଦଳୀୟ ବିବାଦ ପାଇଁ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିବା ବେଳେ ଆଗକୁ ଏହାର କିଭଳି ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା। ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ନିଜ ନିଜ ପଞ୍ଚାୟତରେ ଥିବା କାର୍ଯ୍ୟ ଗୁଡ଼ିକୁ ସମାପ୍ତ କରିବାକୁ ଲୋକପ୍ରତିନିଧି ମାନଙ୍କ ମଧ୍ୟରେ ଆଗ୍ରହ ବଢୁଥିବା ବେଳେ ରାଜନୈତିକ ବିବାଦ ଯୋଗୁଁ ସମାଧାନ ହୋଇପାରୁ ନଥିବା ଜଣାପଡ଼ିଛି।

## ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ

ଭାପୁର,୬।୯(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବରିଷ୍ଠ ନାଗରିକମାନଙ୍କ ପାଇଁ ସାଇବର ଠକେଇ ସଚେତନତା କାର୍ଯ୍ୟକ୍ରମ ଶନିବାର ସଂଘ ଗୃହରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ହେଲପ୍ ଏଜ ଇଣ୍ଡିଆର ରାଜ୍ୟ ସଂଯୋଜିକା ଦେବଶ୍ରୀ ବ୍ରହ୍ମା ପ୍ରଶିକ୍ଷଣ ଦେଇଥିଲେ। ଭାପୁର ବ୍ଲକ ବରିଷ୍ଠ ନାଗରିକ ସଂଘର ସଭାପତି ଲକ୍ଷ୍ମୀଧର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଯୁଗଳ କିଶୋର ସାହୁ, ଭାପୁର ସଂଘର ସମ୍ପାଦକ ପ୍ରଭାକର ସାହୁ ଓ ବିଜିପୁର ଆକ୍ସିସ ବ୍ୟାଙ୍କ ପରିଚାଳକ ତୁଷାର କୁମାର ସାହୁ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ମାନଙ୍କୁ ଅଜଣା ଫୋନ କଲ, ଅଜଣା ମେସେଜ ଗ୍ରହଣ ନ କରିବା ସହ କୌଣସି ବ୍ୟକ୍ତି ବା ସଂସ୍ଥାକୁ ନିଜର ଗୋପନୀୟ ତଥ୍ୟ ନ ଦେବାକୁ ପରାମର୍ଶ ଦେଇଥିଲେ। ବ୍ୟାଙ୍କ ଆସିବାକୁ ଅସମର୍ଥ ୭୦ ବର୍ଷରୁ ଊର୍ଦ୍ଧ୍ୱ ନାଗରିକମାନଙ୍କ ଘରେ ବ୍ୟାଙ୍କ ସେବା ଯୋଗାଇବା ପାଇଁ ଶାଖାର କର୍ମଚାରୀ ତାଙ୍କ ଘରେ ପହଞ୍ଚି ସେବା ଯୋଗାଇ ଦେବାର ବ୍ୟବସ୍ଥା ରହିଛି ବୋଲି ଆକ୍ସିସ ବ୍ୟାଙ୍କ ପରିଚାଳକ କହିଥିଲେ।

# ମା' ଆସୁଛନ୍ତି; ହସୁଛି କାଶତଣ୍ଡୀ



ଗଣିଆ,୬।୯(ସମିସ): 'କାଶତଣ୍ଡି ଫୁଲେ ମହୀ ଦିଶଇ ଧବଳ, ସରୋବରେ ଫୁଟିଅଛି କୁମୁଦ କମଳ। ମା'ଙ୍କ ଆଗମନରେ ପୁଲକିତ ଧରଣୀ ରାଣୀ। ଶସ୍ୟ ଶ୍ୟାମଳା ଧରଣୀରେ ନିଜ ପତିଆରା ବିସ୍ତାର କରି ନୀଳ ଆକାଶ ତଳେ ଖିଲିଖିଲି ହସୁଛି କାଶତଣ୍ଡୀ ଫୁଲ। ଗଣିଆ ରାଉତପଡ଼ା ନଦୀ ପଠାଠାରୁ ଆରମ୍ଭ କରି ନାଳ, ରାସ୍ତାକଡ, ଗହୀର ପର୍ଯ୍ୟନ୍ତ ସବୁଠି ଭରିଦେଇଛି ସୌନ୍ଦର୍ଯ୍ୟର ଫୁଆରା। ଆସୁଛି ପାର୍ବଣ, ମାଆଙ୍କ ଆଗମନର ବାର୍ତ୍ତା ନେଇ ଫୁଟିଲାଣି କାଶତଣ୍ଡି। ଧରାପୃଷ୍ଠକୁ ଓହ୍ଲାଇବେ ଜଗତଜନନୀ ମା' ଦୁର୍ଗା। ମା'ଙ୍କ ସ୍ୱାଗତରେ ବାହୁମେଲାଇ ବସିଲାଣି କାଶତଣ୍ଡୀ ଫୁଲ। ପ୍ରକୃତି ରାଣୀ ସଜେଇ ହେଲାଣି। ସୁଲୁସୁଲିଆ ପବନର ଦୋଳି ଖେଳୁଥିବା କାଶତଣ୍ଡୀକୁ ଦେଖି କ୍ଷଣିଏ ଅଟକି ଯାଉଛନ୍ତି ସଭିଏଁ। ଏହିଫୁଲ ଓଡ଼ିଆ ସଂସ୍କୃତି ସହ ମଧ୍ୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ରେଖା ପାଞ୍ଚମୀରେ କାଶତାଣ୍ଡି ଫୁଲର ବେଣୀ ଘର କବାଟରେ ବାନ୍ଧି ପୂଜା କରାଯାଏ। ଆଉ କାଶତଣ୍ଡିର ବେଳାୟିତ ଚାମରରେ ମା' ଦୁର୍ଗା ଧରାବତରଣ କରନ୍ତି ବୋଲି ବିଶ୍ୱାସ ରହିଛି। ଶରତ ଋତୁରେ ଆଗମନଠାରୁ ଆରମ୍ଭ କରି ଶାରଦୀୟ ଦୁର୍ଗାପୂଜାର ପ୍ରତୀକ କାଶତଣ୍ଡି ଫୁଲ ଧରାପୃଷ୍ଠରେ ନିଜ ସୌନ୍ଦର୍ଯ୍ୟ ସଦା ବିକିରଣ କରିଥାଏ।

## ପ୍ରତିଶ୍ରୁତିରେ ଅଟକିଛି ଆଦିକ୍ଷେତ୍ରରୁ ଶ୍ରୀକ୍ଷେତ୍ରକୁ ବସ୍ ସେବା

କଣ୍ଟିଲୋ,୬।୯(ସମିସ): ଜଗନ୍ନାଥଙ୍କ ଆଦିପୀଠ ନୀଳମାଧବ ପୀଠରୁ ଶ୍ରୀକ୍ଷେତ୍ର ପୁରୀକୁ ସ୍ୱତନ୍ତ୍ର ସରକାରୀ ବସ୍ ଚଳାଚଳ ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇଆସୁଛି। କିନ୍ତୁ ପରିବହନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ନିରାଶ ହୋଇଛନ୍ତି ଅଞ୍ଚଳବାସୀ। ଗତ ଏପ୍ରିଲ ମାସରେ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କୁ ଭେଟିବା ସମୟରେ ୨ଟି ବସ୍ ଚଳାଚଳ ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ନୀଳମାଧବ ପୀଠକୁ ଅଣଦେଖା କରାଯାଇଥିବାରୁ ନିରାଶ ହେବା ସହ ଅସନ୍ତୋଷ ପ୍ରକାଶ କରୁଛନ୍ତି ଅଞ୍ଚଳବାସୀ। ଉତ୍କଳୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛନ୍ତି ପ୍ରଭୁ ଶ୍ରୀ ଜଗନ୍ନାଥ। ଏହି ମହାନ ସଂସ୍କୃତିର ଅୟମାରମ୍ଭ ନୀଳମାଧବଙ୍କ ଠାରୁ ହୋଇଥାଏ। ଏଣୁ ନୀଳମାଧବ ପୀଠକୁ ଆଦିପୀଠ ବୋଲି କୁହାଯାଇଥାଏ। ଜଗନ୍ନାଥ ଦର୍ଶନ ସହିତ ନୀଳମାଧବ ଦର୍ଶନ ବିନା ଦର୍ଶନ ଅସମ୍ପୂର୍ଣ୍ଣ ହୋଇଥାଏ। ଏଥିପାଇଁ ପୁରୀ ସମେତ କଣ୍ଟିଲୋରେ ମଧ୍ୟ ପର୍ଯ୍ୟଟକଙ୍କ ଆଗମନ ହୋଇଥାଏ। ଚଳିତ ବର୍ଷ ନୀଳମାଧବ ପୀଠକୁ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଛି। ଆସୁଥିବା ଶ୍ରଦ୍ଧାଳୁ ନିଜସ୍ୱ ଅଥବା ଘରୋଇ ଗାଡ଼ି ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି। ଧାର୍ମିକ ଦୃଷ୍ଟି କୋଣରୁ ଗୁରୁତ୍ୱପୂର୍ଣ୍ଣ ଉଭୟ ପୀଠକୁ ବସ୍ ସଂଯୋଗ କରାଗଲେ ଶ୍ରଦ୍ଧାଳୁ ମାନେ ଉପକୃତ ହୋଇପାରନ୍ତେ ବୋଲି ମତପ୍ରକାଶ ପାଉଛି।

## କାଳିକାପ୍ରସାଦରେ ଜନସୁରକ୍ଷା ଅଭିଯାନ



ନୟାଗଡ଼,୬।୯(ସମିସ): ନୟାଗଡ଼ ସଦର ବ୍ଲକ କାଳିକାପ୍ରସାଦ ପଞ୍ଚାୟତ ପରିସରରେ ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ଜନ ସୁରକ୍ଷା ଅଭିଯାନ ଅନ୍ତର୍ଗତ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପରିପୂର୍ତ୍ତି ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ସାଧାରଣ ପରିଚାଳକ ଅନିତା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସାମାଜିକ ସୁରକ୍ଷା ଯୋଜନା, ଇ-କେୱାସି, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ଜୀବନ ଜ୍ୟୋତି ବୀମା, ଅଟଳ ପେନସନ ଯୋଜନା, ସାଇବର ଠକେଇ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ବେହେରା, ଇଣ୍ଡିଆନ ବ୍ୟାଙ୍କ କ୍ଷେତ୍ରୀୟ ପରିଚାଳକ ଧର୍ମେନ୍ଦ୍ର ପରମାର, ଲିଡ୍ ବ୍ୟାଙ୍କ କାର୍ଯ୍ୟାଳୟ ପରିଚାଳକ ଲୋହିତ ନନ୍ଦ, ଷ୍ଟେଟ୍ ବ୍ୟାଙ୍କ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନ ନିର୍ଦ୍ଦେଶକ ସୁଶ୍ରୀ ବ୍ରତାତି ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଇଣ୍ଡିଆନ ବ୍ୟାଙ୍କ ଶାଖା ପରିଚାଳକ ସୁନିଲ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ବାସିନ୍ଦାମାନେ ଅଂଶଗ୍ରହଣ କରିଥିଲେ।

## କଂଗ୍ରେସ ପକ୍ଷରୁ ସୃଜନ ଅଭିଯାନ କାର୍ଯ୍ୟକ୍ରମ




ଖଣ୍ଡପଡ଼ା,୬।୯(ସମିସ): ଖଣ୍ଡପଡା ସହରାଞ୍ଚଳ ସ୍ଥିତ ଶୁଭ ମଣ୍ଡପ ପରିସରରେ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ନୟାଗଡ ଜିଲ୍ଲା କଂଗ୍ରସ କମିଟି ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଖଣ୍ଡପଡା ବ୍ଲକ ଓ ଏନ୍ଏସି ସଂଗଠନ ସୃଜନ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଖିଳ ଭାରତ କଂଗ୍ରସ କମିଟି ପର୍ଯ୍ୟବେକ୍ଷକ ମହେଶ ଶର୍ମା ଯୋଗଦେଇଥିଲେ। ନୂତନ ପଦାଧିକାରୀ ଚୟନ ନିମନ୍ତେ ପ୍ରତି ବ୍ଲକ ଓ ଏନଏସି ରେ ହେଉଥିବା ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ, ବଣିକ ସଂଘ, ଶ୍ରମିକ ସଂଗଠନ, ଗଣ ସଂଗଠନର କାର୍ଯ୍ୟକର୍ତ୍ତା ମାନଙ୍କୁ ଭେଟି ସେମାନଙ୍କ ମତାମତ ଗ୍ରହଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଖଣ୍ଡପଡା ବ୍ଲକରେ କଂଗ୍ରେସ୍ ସଂଗଠନ କିପରି ସୁଦୃଢ ହେବ ଏବଂ ବୁଥ ଲେବୁଲରୁ କଂଗ୍ରେସ କର୍ମୀ ଦଳ ପ୍ରତି ଆକୃଷ୍ଟ ହୋଇ ସଂଗଠନକୁ କିପରି ଆଗେଇ ନେବେ ବୈଠକରେ କଂଗ୍ରେସ ନେତୃମଣ୍ଡଳୀ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ସଂଗ୍ରାମ ମହାନ୍ତି, ବରିଷ୍ଠ ନେତ୍ରୀ ବୈଜୟନ୍ତୀ ମାଳା ମହାନ୍ତି, ବିନୋଦିନୀ ମହାନ୍ତି, ବସନ୍ତ ମହାରଣା, ପୂର୍ବତନ ଜିଲ୍ଲା ସଭାପତି ରଞ୍ଜିତ ଦାସ, ବରିଷ୍ଠ ନେତା ହୁସେନ ଖାନ, ମନୋଜ ସାହୁ, ପୀତବାଶ ଖୁଣ୍ଟିଆ, ଶିବରଞ୍ଜନ ସାହୁ, ପ୍ରକାଶ ଖୁଣ୍ଟିଆ, ଦିଲ୍ଲୀପ ଖୁଣ୍ଟିଆ, ଜଗନ୍ନାଥ ନାୟକ, ଅଯୋଧ୍ୟା ମାହଲ, ବାଙ୍କବିହାରୀ ଧଳ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନବକିଶୋର ସାଥୁଆ, ପୂର୍ଣଚନ୍ଦ୍ର ସଣ୍ଢ ପ୍ରମୁଖ ମଞ୍ଚାସିନ ରହିଥିଲେ। ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତ ଓ ଏନ୍ଏସିରୁ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଖଣ୍ଡପଡା ନଗର ସଭାପତି ସନ୍ତୋଷ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ ଗୁରୁ ଗୌରବ ସମ୍ମାନ



ଖଣ୍ଡପଡ଼ା,୬।୯(ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ନଟବରପୁରଶାସନ ଗ୍ରାମରେ ପ୍ରତିଷ୍ଠିତ ବେଦ ପାଠଶାଳାର ପ୍ରତିଷ୍ଠାତା ତଥା ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସାହିତ୍ୟ ସଂସ୍କୃତି ସଙ୍କାୟ ଅଧ୍ୟକ୍ଷ ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କୁ' ଗୁରୁ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିବା ଜଣାଯାଇଛି। ଗୁରୁଦିବସ ପାଳନ ଅବସରରେ କଟକ ଜିଲ୍ଲା ଅଧୀନ ସାଲେପୁର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶ୍ରୀ ଆଚାର୍ଯ୍ୟଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଏହି ସମ୍ମାନରେ ସମ୍ମାନିତ କରାଯାଇଥିବା ଜଣାଯାଇଛି। ଗୁରୁପୂଜନ ସମିତିର ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ, ଲୋକକବି ଡ. କାଳୀପ୍ରସନ୍ନ ଶତପଥୀଙ୍କ ସମେତ ବହୁ ମାନ୍ୟଗଣ୍ୟବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ରାଜମିସ୍ତ୍ରିଙ୍କ ସନ୍ଦେହଜନକ ମୃତ୍ୟୁ

ଦଶପଲ୍ଲା,୬।୯(ସମିସ): ଦଶପଲ୍ଲା ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମରେ ମାମୁ ଘରକୁ ଆସିଥିବା ଭଣଜାର ମୃତ୍ୟୁ ହୋଇଯାଇଛି। ସ୍ଥାନୀୟ ଜାନିସାହି ଗ୍ରାମର ରାଜମିସ୍ତ୍ରି ନୀଳାଚଳ ସାମଲ(୩୨) ଗତକାଲି ଶ୍ରୀରାମପୁର ଗ୍ରାମର ମାମୁ ପୂର୍ଣ୍ଣ ସାହୁଙ୍କ ଘରକୁ ସପରିବାର ଆସିଥିଲେ। ମାମୁ ଘରେ ପୂର୍ବପୁରୁଷଙ୍କ ଅସ୍ଥି ବିସର୍ଜନ ଓ ତୀର୍ଥଯାତ୍ରା ନିମନ୍ତେ ଆୟୋଜିତ ଉତ୍ସବରେ ଯୋଗ ଦେଇ ମଧ୍ୟାହ୍ନରେ ସ୍ୱାଭାବିକ ଭାବରେ ଭୋଜିଭାତ ଖାଇଥିଲେ। ସନ୍ଧ୍ୟାରେ ପରିବାରବର୍ଗ ନିଜ ଗ୍ରାମ ଜାନିସାହିକୁ ଫେରି ଯାଇଥିଲେ। ସନ୍ଧ୍ୟାରେ ସେହି ଗ୍ରାମରେ ଅନ୍ୟ ସମ୍ପର୍କୀୟଙ୍କ ନବମ ଶୁଦ୍ଧି କ୍ରିୟା କର୍ମରେ ଯୋଗ ଦେଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାମିଲ ଥିଲେ। ତେବେ ସନ୍ଧ୍ୟାରେ ନିକଟସ୍ଥ ଦଶପଲ୍ଲା ବଜାରରୁ ଯାଇ ରାତିରେ ମାମୁ ଘର କିମ୍ବା ନିଜ ଗ୍ରାମକୁ ଫେରି ନ ଥିଲେ। ଆଜି ସକାଳୁ ଏକ ନିକାଞ୍ଚନ ସ୍ଥାନରେ ସେ ଚେତା ଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ନିକଟରେ ମଦ ବୋତଲ, ପ୍ଲାଷ୍ଟିକ ଗ୍ଲାସ ଓ ଚିକେନ୍ ପକୋଡାର ବଳକା ଅଂଶ ପଡ଼ିଥିଲା। ନିକଟ ସମ୍ପର୍କୀୟମାନେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ୭ ଜଣଙ୍କୁ ନେଇ ଗ୍ରାମସଭା; ବିଦ୍ୟାଳୟ ଛାଡ଼ି ବୈଠକରେ ଶିକ୍ଷକ

# ଅଙ୍ଗନବାଡ଼ି ସହାୟିକା ନିଯୁକ୍ତିରେ ଅନିୟମିତତା

ଦଶପଲ୍ଲା,୬।୯(ସମିସ)

ବିବାଦ ଓ ବଦନାମ୍ ଦଶପଲ୍ଲା ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପିଛା ଛାଡୁନି। ଅତୀତରେ ନିମ୍ନମାନର ଛତୁଆ, ଲଡୁ, ଖେଳଣା, ପୋଷାକ, ଔଷଧ କିଟ୍‌କୁ ନେଇ ଅଭିଯୋଗର ଲମ୍ବା ଫର୍ଦ୍ଦରେ ଦୁର୍ନୀତି ଗନ୍ଧ ବାରି ହୋଇପଡ଼ିଛି। ଏବେ ଖୋଦ୍ ସହରାଞ୍ଚଳ ଅନ୍ତର୍ଗତ ୧୧ ନମ୍ବର ୱାର୍ଡ ଅଙ୍ଗନବାଡ଼ି କେନ୍ଦ୍ରରେ ଜନୈକା ସହାୟିକାଙ୍କୁ ସମସ୍ତ ସର୍ତ୍ତାବଳୀକୁ ଉଲ୍ଲଙ୍ଘନ କରି ଯେନତେନ ଉପାୟରେ ନିଯୁକ୍ତି ଦେବାରେ ବହୁ ବିଭାଗୀୟ ଅଧିକାରୀଙ୍କ ସନ୍ଦିଗ୍ଧ ଓ ବିବାଦୀୟ ଭୂମିକା ବିଭାଗକୁ କାଠଗଡ଼ାକୁ ଟାଣିବାକୁ ବସିଛି।

ଏହି ପ୍ରାୟୋଜିତ ଦୁର୍ନୀତିରେ ବ୍ୟାପକ ଅର୍ଥ କାରବାର ହୋଇଥିବା ଅଭିଯୋଗ ସହିତ ସଂପୃକ୍ତ ଗ୍ରାମବାସୀଙ୍କ ଅଭିଯୋଗ ମଧ୍ୟ ଘଟଣାକୁ ଚାପି ଦିଆଯିବାର ମସୁଧା ଚାଲିଛି। ବିଜ୍ଞପ୍ତି ୩୯୦/୨୩-୦୪-୨୦୨୫ ଅନୁଯାୟୀ ୧୧ ନମ୍ବର ୱାର୍ଡରୁ ୨ ଜଣ ଏବଂ ୧୨ ଓ ୧୩ ନମ୍ବର ୱାର୍ଡରୁ ଜଣେ ଜଣେ ପ୍ରାର୍ଥିନୀ ଏହି ପଦବୀ ନିମନ୍ତେ ଆବେଦନ କରିଥିବାରୁ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ପ୍ରତିନିଧିଙ୍କ ସମେତ ୱାର୍ଡର ମାତ୍ର ୭ ଜଣଙ୍କ ଉପସ୍ଥିତିରେ ପଡ଼ୋଶୀ ୧୨ ନମ୍ବର ୱାର୍ଡରୁ ମଧୁସ୍ମିତା ସାହୁଙ୍କୁ ଚୟନ କରାଯାଇଥିଲା। ମଧୁସ୍ମିତା ଦୀର୍ଘ ବର୍ଷ ଧରି ଅନ୍ୟତ୍ର ଶିମିଳିସାହି ପଞ୍ଚାୟତ ଗୋଡ଼ିବିଡା ଗ୍ରାମର ସ୍ଥାୟୀ ବାସିନ୍ଦା ଥିବା ପ୍ରାମାଣିକ କାଗଜାତ ଦର୍ଶାଉଛି। ଏହି କେନ୍ଦ୍ର ଅଧୀନସ୍ଥ କୌଣସି ଶିଶୁ ଅଭିଭାବକ, କିମ୍ବା ସମୂହ ଗ୍ରାମବାସୀଙ୍କୁ ଜାଣି ଶୁଣି ଡକା ଯାଇ ନଥିଲା। ଉପସ୍ଥିତ ୭ ଜଣକ ମଧ୍ୟରେ ମହିଳାଙ୍କ ଶଶୁର, ଦେଢ଼ସୁର ଓ ସମ୍ପର୍କୀୟ ଥିବା ଉତ୍ତୋଳିତ ଭିଡିଓରୁ ବାରି ହୋଇପଡ଼ିଥିବା ବେଳେ ପ୍ରସ୍ତାବନାରେ ୧୪ ଜଣ ଦସ୍ତଖତକାରୀ ଦେଖିବାକୁ ମିଳିଛି। ଏହି ପ୍ରସ୍ତାବନାର ସପ୍ତମ ଦସ୍ତଖତକାରି ଚଢ଼େୟାପଲ୍ଲୀ ପଞ୍ଚାୟତ ଅଧିବାସୀ ହୋଇଥିବା ବେଳେ ଦେଢ଼ସୁର ଯୋଗେଶ୍ୱର ସାହୁ ହରିଡାବାଡି ସରକାରୀ ପ୍ରାଥମିକ ସ୍କୁଲ୍ ସହକାରୀ ଶିକ୍ଷକ ସ୍କୁଲ ଡ୍ୟୁଟି ଛାଡ଼ି ବସିଥିବା ଦେଖିବାକୁ ମିଳିଛି। ଏଥିନେଇ ଅନ୍ୟତମ ଦାୟିତ୍ୱରତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଗୋପବନ୍ଧୁ ଜାନି ନିଜେ ଅନୁପସ୍ଥିତ ଥାଇ କେମିତି ଦସ୍ତଖତ କଲେ ସଠିକ୍ ଉତ୍ତର ଦେଇ ପାରିନାହାଁନ୍ତି। ଖୋଦ୍ କେନ୍ଦ୍ର ଶିକ୍ଷୟିତ୍ରୀ କୌଣସି କାରଣରୁ ଅନୁପସ୍ଥିତ ଥିବା ବେଳେ ପଡୋଶୀ କେନ୍ଦ୍ରର ସହାୟିକା ଉପସ୍ଥିତ ଥିଲେ। ଶିଶୁ ବିକାଶ ଅଧିକାରୀଙ୍କ ଅନୁପସ୍ଥିତିରେ ସୁପରଭାଇଜର ସ୍ୱାଗତିକା ସାମନ୍ତରାୟ ଏହି ବୈଠକକୁ ତୁଲାଇବା କେତେଦୂର ଯଥାର୍ଥ ବୋଲି ବୈଧାନିକ ପ୍ରଶ୍ନ ଉଠିଛି। ସ୍ୱାସ୍ଥ୍ୟ ବିଭାଗରୁ ସ୍ଥାନୀୟ ମହିଳା ସ୍ୱାସ୍ଥ୍ୟକର୍ମୀ ବୈଠକରେ ସମ୍ପୂର୍ଣ୍ଣ ଅନୁପସ୍ଥିତ ଥାଇ କେମିତି ବୈଠକ ପ୍ରସ୍ତାବନାରେ ଦସ୍ତଖତ ଦେଲେ ଏହା ତଦନ୍ତ ସାପେକ୍ଷ। ଅନୁସନ୍ଧାନରୁ ଜଣାଯାଇଛି ଯେ ଚୟନ ହୋଇଥିବା ପ୍ରାର୍ଥିନୀଙ୍କ ଜନ୍ମ ତାରିଖ ୨୦-୦୪-୨୦୦୧ ହୋଇଥିବା ବେଳେ ସଦ୍ୟ ପ୍ରାପ୍ତ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରରେ ଦୀର୍ଘ ୧୦ ବର୍ଷ ଧରି ଶଶୁରାଳୟରେ କେମିତି ରହି ଆସୁଛନ୍ତି। ଏହା ସମ୍ପୂର୍ଣ୍ଣ ଭ୍ରମାତ୍ମକ ମନେ ହୁଏ। ଏଥିସହିତ ମହିଳା ଜଣକ ନିଜ ସ୍ୱାମୀ ସର୍ବେଶ୍ୱର ସାହୁଙ୍କ ସହିତ ହାଲ ବାସସ୍ଥାନ ସିମିଳିସାହି ପଞ୍ଚାୟତ ଗୋଡିବିଡା ଗ୍ରାମରେ ସ୍ଥାୟୀ ବାସିନ୍ଦା ଭାବରେ ଖାତା ନମ୍ବର ୨୮୯/୪୪୧ ଓ ପ୍ଲଟ ନମ୍ବର ୧୫୨୦ରେ ଦୀର୍ଘ ଦିନ ଧରି ଅବସ୍ଥାନ କରୁଥିବା ସହିତ ରାସନ୍ କାର୍ଡ ନିମନ୍ତେ କ୍ରମିକ ସଂଖ୍ୟା ୨୪୩୩୦୨୩୯୪୪୫୧/୨୨-୧୨-୨୦୨୨ ରେ ଆବେଦନ କରିବା ସହିତ ଯାଞ୍ଚ ତାଲିକା ପ୍ରକାଶ ପାଇଥିବା ସ୍ପଷ୍ଟ। ଏଥିସହିତ ପ୍ରଧାନମନ୍ତ୍ରୀ ଆବାସ ନିମନ୍ତେ ମଧ୍ୟ ଆବେଦନ କରିଥିବା ଜଣାଯାଇଛି।

# ଗୋଟିଏ ରାତିରେ ୭ ଜଣଙ୍କ ଘରୁ ଚୋରି ଉଦ୍ୟମ



ଫୁଲନଖରା, ୬।୯(ସମିସ)

କଟକ ସଦର ଥାନା ଅନ୍ତର୍ଗତ ରାମନଗର ଗ୍ରାମରେ ଗୋଟିଏ ରାତିରେ ୭ଜଣଙ୍କ ଘରେ ଚୋରି ଉଦ୍ୟମ କରିବା ସହିତ ଅନ୍ୟ ଜଣଙ୍କ ଘରୁ ଚୋରି ହୋଇଛି। ଉକ୍ତ ଗ୍ରାମର ତ୍ରୈଲୋକ୍ୟ ବେହେରାଙ୍କ ଠାକୁର ଘର ଝରକା ତାଡି ଘରେ ଥିବା କିଛି ଟଙ୍କା, ସୁନାଗହଣା ଆଦି ଲୁଟି ନେବାକୁ ଚୋରମାନେ ସମର୍ଥ ହୋଇଛନ୍ତି। ସେହି ରାତିରେ ପ୍ରହଲ୍ଲାଦ ସ୍ୱାଇଁ, ପୂର୍ଣ୍ଣାନନ୍ଦ ବେହେରା, ସନ୍ତୋଷ ମହାନ୍ତି, ସୁଧାକର ଦାସ, ବିମଳ ମହାନ୍ତି, ବାସୁଦେବ ସେଠୀ ଓ ଉପେନ୍ଦ୍ର ସେଠୀଙ୍କ ଘରର ଝରକା ତ କାହାର କାବଟ ଆଦିକୁ ତାଡିବାକୁ ଉଦ୍ୟମ କଲାବେଳେ ଘର ଲୋକଙ୍କ ପାଟି ଶୁଣି ଘର ଭିତରେ ପଶିବାକୁ ସମର୍ଥ ହୋଇ ନଥିବାର ଜଣାପଡ଼ିଛି। ଏ ବାବଦରେ ଥାନାରେ ଏତଲା ହୋଇଥିବା ବେଳେ ସଦର ଥାନା ପକ୍ଷରୁ ତଦନ୍ତ କରାଯିବା ସହ ସିସିଟିଭି ଫୁଟେଜ୍‌ଗୁଡିକୁ ଯାଞ୍ଚ କରାଯାଇଥିଲା। ଫୁଟେଜ୍‌ରୁ ସେମାନଙ୍କୁ ଚିହ୍ନଟ କରିବା ସମ୍ଭବପର ନୁହେଁ ବୋଲି ଜଣାପଡ଼ିଛି। ଦିନକୁ ଦିନ ଝରକା, କବାଟ ଆଦି ତାଡି ଚୋରମାନେ ଚୋରି କରୁଥିବାର ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶ ଥାଉକି, ଜୁଲାଇ ୨୨ ତାରିଖରେ ରାମନଗର ନିକଟସ୍ଥ ସଇନ୍ଧା ନଛିପୁର ଗ୍ରାମସ୍ଥିତ ପ୍ରଧାନ ଭିଲ୍ଲା କଲୋନୀ ଭିତରୁ ମାନସ ନାୟକଙ୍କ ଲୁହା ଗ୍ରୀଲ୍ ଭାଙ୍ଗି ଘର ଭିତରୁ ଲୁଟେରାମାନେ ଚୋରି କରିବାକୁ ସକ୍ଷମ ହୋଇଥିଲେ। ସିସିଟିଭି ଫୁଟେଜ୍‌ରେ ସେମାନଙ୍କ ଚିତ୍ର ଉତ୍ତୋଳନ ହୋଇଥିଲେ ସୁଦ୍ଧା ଏଯାବତ୍ ସେମାନଙ୍କୁ ପୁଲିସ୍ ଧରିବାକୁ ସକ୍ଷମ ହୋଇପାରିନାହିଁ। ଏହି ଚୋରି ଘଟଣାରେ ନିଶାଡି କିମ୍ବା ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିବା ରୋହିଆ ବଙ୍ଗାଳି ମାନଙ୍କର ସମ୍ପୃକ୍ତି ଥାଇପାରେ ବୋଲି ଅଞ୍ଚଳବାସୀ ପ୍ରକାଶ କରିବା ସହିତ ସଦର ଥାନା ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂକୁ ଆହୁରି କଡାକଡି କରିବା ପାଇଁ ଦାବି କରିଛନ୍ତି।

## କଟକ ଜିଲ୍ଲା ପରିଷଦର ଏକାଦଶତମ ବୈଠକ

# ପ୍ରକଳ୍ପର ତଦାରଖ ଓ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ



କଟକ, ୬।୯(ସମିସ): ପୂର୍ବାହ୍ନରେ ଏକାଦଶତମ କଟକ ଜିଲ୍ଲା ପରିଷଦ ବୈଠକ ଜିଲ୍ଲା ପରିଷଦ ସଭାପତି କିଶୋରଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଷୁଦ୍ର ଜଳସେଚନ, ଉଠା ଜଳସେଚନ, ଗ୍ରାମ୍ୟ ନିର୍ମାଣ ବିଭାଜନ ଆଦି ବିଭାଗ ଅଧୀନସ୍ଥ ସମସ୍ତ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ପଞ୍ଚାୟତ ଓ ବ୍ଲକରେ ଚାଲୁ ରହିଥିବା ସମସ୍ତ କାର୍ଯ୍ୟର ସ୍ଥିତି ପରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମତବ୍ୟକ୍ତ କରିଥିଲେ। ବୈଠକରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ-ସଦର ବିଧାୟକ, ଇଂ ଶ୍ରୀ ପ୍ରକାଶଚନ୍ଦ୍ର ସେଠୀ, ବଡମ୍ବା ବିଧାୟକ ବିଜୟ ଦଳବେହେରା ପ୍ରମୁଖ ଉପରୋକ୍ତ ସମସ୍ତ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ବୈଠକରେ ସଂଯୋଜନା କରିଥିଲେ। କଟକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ବାଙ୍କୀ ଉପଜିଲ୍ଲାପାଳ, ପ୍ରଣବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟତମ ଜନପ୍ରତିନିଧି ରାମନାରାୟଣ ମହାନ୍ତି, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଆଶିଷ କୁମାର ସାହୁ ବୈଠକରେ ବିଭିନ୍ନ ବିଷୟରେ ମଧ୍ୟ ଉପସ୍ଥାପନା କରିଥିଲେ। ଜିଲ୍ଲା ପରିଷଦ ଉପସଭାପତି ସୁଭଦ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ଦ୍ଦିଷ୍ଟ ସମୟ ସୀମାରେ ବିଚାର ପ୍ରକ୍ରିୟା ନସରିବାରୁ ଅଭିଯୁକ୍ତଙ୍କୁ ଜାମିନ

କଟକ, ୬।୯(ସମିସ): ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଚାରଯୋଗ୍ୟ ଅପରାଧର ବିଚାର ପ୍ରକ୍ରିୟା କୋର୍ଟରେ ସାକ୍ଷୀଙ୍କୁ ସମନ କରିବାର ୬୦ ଦିନ ଭିତରେ ଯଦି ଅଭିଯୁକ୍ତ ଜେଲରେ ଥାନ୍ତି ଏବଂ ବିଚାରପ୍ରକ୍ରିୟା ଏହି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନ ସରେ ଅଭିଯୁକ୍ତ ଜାମିନ ପାଇବା ପାଇଁ ହକଦାର। କାରଣ ୪୮୦(୬) ବିଏନ୍‌ଏସଏସ୍ ଧାରାଟି ଅଭିଯୁକ୍ତର ବ୍ୟକ୍ତିଗତ ସ୍ୱାଧୀନତା ଓ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବୋଲି ଓଡ଼ିଶା ହାଇ କୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରି କହିଛନ୍ତି। ୩ କୋଟିରୁ ଉର୍ଦ୍ଧ୍ୱ ବ୍ୟାଙ୍କ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ଗିରଫ ହୋଇଥିବା ଆଞ୍ଜେଲ୍ ମିଶ୍ରଙ୍କର ଜାମିନ ଆବେଦନ ଶୁଣାଣି କରି ଏହି ମାମଲା ବିଚାର ପ୍ରକ୍ରିୟା ୬୦ ଦିନ ଭିତରେ ସରି ନଥିବାରୁ ଆବେଦନକାରୀ ଜଣେ ମହିଳା ହେଇଥିବାରୁ ତାଙ୍କୁ ସର୍ତ୍ତରେ ଜାମିନ ମଞ୍ଜୁର କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଦେବସ୍ମାନ ଦାସ ମାମଲା ପରିଚାଳନା କରୁଥିଲେ।

# ଆଦର୍ଶ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା

ଚୌଦ୍ୱାର, ୬।୯(ସମିସ): ଚୌଦ୍ୱାରସ୍ଥିତ କଳିଙ୍ଗ ନୋଡାଲ ବିଦ୍ୟାପୀଠର ଶିକ୍ଷୟିତ୍ରୀ ସୋନାଲୀ ମହାପାତ୍ର ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଗୁରୁ ଦିବସ ଅବସରରେ ଆୟୋଜିତ ଉତ୍ସବରେ ସେ ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ସେହିପରି ଏହି ବିଦ୍ୟାଳୟର ମାଧ୍ୟମିକ ଶିକ୍ଷକ ସସ୍ମିତା ମଣ୍ଡଳ, କଳିଙ୍ଗ ନୋଡାଲ ବିଦ୍ୟାପୀଠ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରାଜେଶ କୁମାର ନାୟକ ଓ ପୌରପାଳିକା ୧୭ନଂ ୱାର୍ଡସ୍ଥିତ ନୂଆସାହି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଶାନ୍ତି ମହାନ୍ତି ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କଟକ ଜିଲ୍ଲାପାଳଙ୍କ ଠାରୁ ଗ୍ରହଣ କରିଛନ୍ତି।



ଏହି ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷା ସମ୍ମାନରେ ସମ୍ମାନିତ ହୋଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ ପାଇଁ ଗର୍ବ ଓ ଗୌରବ ଆଣି ଥିବାରୁ କଳିଙ୍ଗ ବିଦ୍ୟାପୀଠର ଆଲୁମନି କମିଟି ଓ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆଲୁମନି କମିଟି ସଭାପତି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାଉନସିଲର ଆଶୁତୋଷ ଦାସ, ପ୍ରଶାନ୍ତ ବରାଳ, ଭାସ୍କର ଚନ୍ଦ୍ର ପ୍ରଧାନ, ଗୋକୁଳାନନ୍ଦ ସାହୁ, ଶିବବ୍ରତ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌତମ ଆଚାର୍ଯ୍ୟ, ମମତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ରାଜେନ୍ଦ୍ର ନାଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଟକ ସଦରରେ ଇଦ୍-ମିଲାଦ୍-ଉନ୍ ପାଳିତ

କିଶନନଗର, ୬।୯(ସମିସ): କଟକ ସଦର ଅଞ୍ଚଳରେ ମହାପୁରୁଷ ହଜରତ ପ୍ରୋଫେଟ ମହମ୍ମଦଙ୍କ ଜନ୍ମଦିବସ ପାଳନ କରାଯାଇଛି। ରାଉତରାପୁର, ଦେଓପୁର, ରଘୁନାଥପୁର, ଦାମୋଦରପୁର, ସୋମପୁର, ଥୋରିଆପଡ଼ା, କିଶନନଗର, ପ୍ରହରାଜପୁର, ସିର୍ଲୋ, ଗଡ଼ମା, ନେମାଳ, ମହମ୍ମଦପୁରରେ ମୁସଲମାନ ସମ୍ପ୍ରଦାୟର ଲୋକ ମାନେ ଏହି ପବିତ୍ର ଦିନକୁ ଇଦ୍-ମିଲାଦୁନ-ନବି ଭାବେ ପାଳନ କରିଥିଲେ। ଗଡ଼ମାଠାରୁ ଏକ ହଜାରରୁ ଉର୍ଦ୍ଧ୍ୱ ମୋଟର ସାଇକଲରେ ଏକ ଶୋଭାଯାତ୍ରା (ଜୁଲୁସ୍) ରୁସ୍ତମ ମହମ୍ମଦଙ୍କ ନେତୃତ୍ୱରେ କରାଯାଇଥିଲା। ଜୁଲୁସ୍ ପରିଚାଳନାରେ ମୌଲାନା ମୁମତାଜ କାଦ୍ରି, ଅସରଫ୍ ଅଲ୍ଲୀ ଖାଁ, ଅବଦୁଲ ଗଫର ଖାଁ, ଫିରଦୋଶ ହୁସେନ, ସେଖ୍ ତଜମୁଲ, ଅକବର ମିର୍ଜା, ସିରାଜ ବେଗ୍, ଆସିଫ୍ ଅଲ୍ଲୀ ଖାଁ, ଅବଦୁଲ ୱାହିଦ୍ ଖାଁ ସେଖ୍ ଅବଦୁଲ ବୁରାହାନ, ଯାକୁବ ଅଲ୍ଲୀ ଖାଁ, ଲିୟାକତ ଅଲ୍ଲୀ ଖାଁ, ହାସିମ୍ ଅଲ୍ଲୀ ଖାଁ, ୱାହାବ ଖାଁ ପ୍ରମୁଖ ସହାୟତା କରିଥିଲେ।

# ମୁଣ୍ଡଳି ବ୍ୟାରେଜରୁ ଯୁବକଙ୍କ ଶବ ଉଦ୍ଧାର

ତ୍ରିଶୂଳିଆ, ୬।୯(ସମିସ): ଗୋଡିସାହି ଫାଣ୍ଡି ନିକଟସ୍ଥ ମୁଣ୍ଡଳି ବ୍ୟାରେଜରୁ ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ବାରଙ୍ଗ ଥାନା ପୁଲିସ। ଶନିବାର ଭୋର୍ ସମୟରେ ମହାନଦୀ ମୁଣ୍ଡଳି ବ୍ୟାରେଜ ୧ନଂ ଗେଟ୍ ପାଖରେ ଜଣେ ଅଚିହ୍ନା ଯୁବକଙ୍କ ମୃତଦେହ ଭାସୁଥିବା କିଛି ସ୍ଥାନୀୟ ଲୋକ ଦେଖି ନିକଟସ୍ଥ ଗୋଡିସାହି ଫାଣ୍ଡି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାରଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ସହାୟତାରେ ମୃତ ଦେହ ଉଦ୍ଧାର କରିଥିଲା। ଏ ସମ୍ପର୍କରେ ବାରଙ୍ଗ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତଦେହଟି ଉଲଗ୍ନ ଅବସ୍ଥାରେ ଥିବାବେଳେ ଦୁଇ-ତିନି ଦିନର ହେବ ବୋଲି ଅନୁମାନ କରାଯାଉଛି।

# ମହାନଦୀ ବିହାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ

କଟକ, ୬।୯(ସମିସ): ମହାନଦୀବିହାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ସ୍କୁଲରେ ଅନୁଷ୍ଠିତ ସଭାରେ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ନିବେଦିତା ନାୟକ ସଭାପତିତ୍ୱ କରିଥିଲେ। ଶିକ୍ଷାବିତ ପ୍ରମୋଦ ମିଶ୍ର ମୁଖ୍ୟଅତିଥି, କର୍ପୋରେଟର ସୁବ୍ରତ କୁମାର ଘଡ଼ାଇ ବିଶିଷ୍ଟ ଅତିଥି, ବରିଷ୍ଠ ଡଃ ଗୋପାଳକୃଷ୍ଣ ପରିଡ଼ା ଉଦ୍‌ଘାଟକ ଭାବେ ଯୋଗ ଦେଥିଲେ। ସିଆରସିସି ମୋନାଲିସା ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଉମେଶଚନ୍ଦ୍ର ନାୟକ ସଂଯୋଜନା କରିଥିଲେ। ସ୍କୁଲର ପରିଚାଳନା କମିଟି ସଭାପତି ପୂର୍ଣ୍ଣିମା ବେହେରା ଯୋଗ ଦେଇଥିଲେ। ସେ ସ୍କୁଲର ଛାତ୍ର ଛାତ୍ରୀଙ୍କ ଉତ୍ତମ ବିଦ୍ୟାର୍ଥୀ ଗଠନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଗୀତିଞ୍ଜଳି ମହାନ୍ତି, ପ୍ରେମଲତା ସାହୁ, ମିନତୀ ମହାନ୍ତି ଜୟନ୍ତୀ କୁମାରୀ ମହାପାତ୍ର, ସଞ୍ଜୁ ଦେଇ,




ସ୍ୱର୍ଣ୍ଣଲତା ନାୟକ ଓ କଲ୍ୟାଣୀ ସେଠ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଙ୍ଗୁରବାଳା ବେହେରା, ସୁଷମା ମଞ୍ଜରୀ ମହାନ୍ତି, ଗୀତାରାଣୀ ବେହେରା ଶୁଭଲକ୍ଷ୍ମୀ ମହାନ୍ତି ଓ ଶୈଳବାଳା ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦି କର୍ମଯୋଗୀ ଅଭିଯାନ ଉପରେ ତିନିଦିନିଆ ତାଲିମ ଉଦ୍‌ଯାପିତ



କଟକ, ୬।୯(ସମିସ): ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ଆଦି କର୍ମଯୋଗୀ ଅଭିଯାନ ଉପରେ ତିନିଦିନିଆ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାରେ ୨୦ ଜଣ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନର ତାଲିମ ଗ୍ରହଣ କରିଛନ୍ତି। ଜିଲ୍ଲାସ୍ତରୀୟ ମାଷ୍ଟର ଟ୍ରେନର ଜିଲ୍ଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବନ୍ଦନା ଖଟୁଆ, ସମାଜ ମଙ୍ଗଳ ଅଧିକାରୀ ରଶ୍ମିତା ମହାନ୍ତି ପ୍ରମୁଖ ତାଲିମ ଦେଇଛନ୍ତି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଜିଲ୍ଲା ପ୍ରଭାରୀ ଅରବିନ୍ଦ ମୁଦଗଲ, ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅଭିଯାନରେ ୨୧ଟି ଗ୍ରାମରେ ଗ୍ରାମ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇ ଅକ୍ଟୋବର ୨ ତାରିଖ ସ୍ୱତନ୍ତ୍ର ଗ୍ରାମ ସଭାରେ ଅନୁମୋଦିତ କରାଯିବ। ପ୍ରକାଶ ଥାଉକି, କଟକ ଜିଲ୍ଲାରେ ୪ଟି ବ୍ଲକ ଆଠଗଡ଼, ବାରଙ୍ଗ, ବଡମ୍ବା, ଟାଙ୍ଗୀ-ଚୌଦ୍ୱାରର ୨୧ଟି ଗ୍ରାମରେ ଏହି ଆଦି କର୍ମଯୋଗୀ ଅଭିଯାନ କରାଯାଇଛି।

# ନାବାଳକର ଆତ୍ମହତ୍ୟା

ନିଆଳି, ୬।୯(ସମିସ): ନିଆଳି ଥାନା ବିନିଶିପୁର ପଞ୍ଚାୟତ କୁଦପାଟଣା ଗ୍ରାମର ଜଣେ ନାବାଳକ ଛାତ୍ର ଆତ୍ମହତ୍ୟା କରିଥିବା ଜଣାଯାଇଛି। ତାଙ୍କ ଘରେ ରଶିରେ ଝୁଲି ପଡ଼ିଥିବା ବେଳେ ତାକୁ ସେଠାରୁ ଉଦ୍ଧାର କରାଯାଇ ଚାରିଛକ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ପୁଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲାରେ ପ୍ରାଥମିକ ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ଆତ୍ମହତ୍ୟା କରିବା ପଛରେ କାରଣ ଏଯାଏ ସ୍ପଷ୍ଟ ହୋଇପାରି ନାହିଁ।

# ବ୍ୟବସାୟୀଙ୍କ ପରଲୋକରେ ଶୋକ

ନିଶ୍ଚିନ୍ତକୋଇଲି, ୬।୯(ସମିସ): ଅସୁରେଶ୍ୱର ବଜାର ପ୍ରତିଷ୍ଠାର ଅନ୍ୟତମ ପୁରୋଧା ଆଜାଦ୍ ସମିଲ୍ ମାଲିକ ବରିଷ୍ଠ ବ୍ୟବସାୟୀ ତଥା ସମାଜସେବୀ ସେକ୍ ସବିର ମହମ୍ମଦ (୭୫)ଙ୍କ କଟକର ଏକ ଘରୋଇ ହସ୍ପିଟାଲରେ ଶନିବାର ପରଲୋକ ହୋଇଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସେକ୍ ଜାହିର ମହମ୍ମଦ, ତାହିର ମହମ୍ମଦ, ପୁତ୍ରବଧୂ ଓ ପରିବାରର ସଦସ୍ୟମାନେ ଉପସ୍ଥିତ ଥିଲେ। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶରଞ୍ଜନ ମହାପାତ୍ର, ଅନନ୍ତ କୁମାର ଦାସ, ଅସୁରେଶ୍ୱର ବ୍ୟବସାୟୀ ସଂଘର ସଭାପତି ରଘୁନାଥ ନାୟକ, ରାମଚନ୍ଦ୍ର ଖୁଣ୍ଟିଆ, ନିତ୍ୟାନନ୍ଦ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି। ଇସଲାମ୍ ଧର୍ମାନୁଯାୟୀ ତାଙ୍କ ମର ଶରୀରକୁ କବର ଦିଆଯାଇଛି।



# ଧାକୁଲେଇ ଗ୍ରାମ୍ୟ କମିଟି ପକ୍ଷରୁ ନୂଆ ଆଇଆଇସିଙ୍କ ସମ୍ବର୍ଦ୍ଧନା



ଫୁଲନଖରା, ୬।୯(ସମିସ): କଟକ ମହାନଗର ନିଗମ ୫୮ନଂ ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀ ଗ୍ରାମର ମା' ଧାକୁଲେଇ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ କଟକ ସଦର ଥାନାରେ ନୂତନ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ଆଇଆଇସି ତୁଷାରକାନ୍ତ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗ୍ରାମ୍ୟ କମିଟିର ସଭାପତି ପ୍ରମୋଦ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ସମ୍ପାଦକ ପ୍ରମୋଦ କୁମାର ବେହେରା, ସହସମ୍ପାଦକ ବାଦଲ କୁମାର ଜେନା, କୋଷାଧ୍ୟକ୍ଷ ବାଦଲ କୁମାର ସ୍ୱାଇଁ, ଚନ୍ଦ୍ରଶେଖର ରାଉତ, ଅତୁଲ୍ୟ ରାଉତ ଓ ରଞ୍ଜିତ ସ୍ୱାଇଁଙ୍କ ସମେତ କମିଟିର ସଦସ୍ୟମାନେ ଆଇଆଇସି ଶ୍ରୀଯୁକ୍ତ ସେଠୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କମିଟି ପକ୍ଷରୁ ଆଗକୁ ଆସୁଥିବା ପାର୍ବଣ ଋତୁକୁ ସଦର ଥାନା ଅଞ୍ଚଳରେ କିଭଳି ଶୃଙ୍ଖଳିତ ଭାବରେ ପାଳନ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ।

# ଜରାୟୁ କର୍କଟ ଟୀକାକରଣ ଓ ଋତୁସ୍ରାବ ପରିଚ୍ଛନ୍ନତା ଉପରେ ସଚେତନତା

କଟକ, ୬।୯(ସମିସ)

ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ଦ୍ୱାରା ଜରାୟୁ କର୍କଟ ଟୀକାକରଣ ଓ ଋତୁସ୍ରାବ ପରିଚ୍ଛନ୍ନତା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଋତୁସ୍ରାବ ବିଷୟରେ ନିରବତା ଭାଙ୍ଗିବା ଏବଂ ଋତୁସ୍ରାବ ପରିଷ୍କାର ପରିଚ୍ଛନ୍ନତା ଏବଂ ଗର୍ଭାଶୟ ସ୍ୱାସ୍ଥ୍ୟ ବିଷୟରେ ଶିକ୍ଷା ଦେବା ଦିଗରେ ଗୋଟିଏ ପାଦ ଆଗକୁ ଯାଇ ବିଦ୍ୟାଳୟର ପୁରାତନ ଛାତ୍ର ସାଂସଦ ପକ୍ଷରୁ ଏଭଳି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡାକ୍ତର ଲୀଳାବତୀ ଗୁରୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ବିଦ୍ୟାଳୟର ଛାତ୍ରୀମାନଙ୍କୁ ବିଭିନ୍ନ ପ୍ରକାରର କର୍କଟ ରୋଗ ବିଶେଷକରି ଜରାୟୁ ଓ ଗର୍ଭାଶୟ କର୍କଟ ରୋଗ ସମ୍ପର୍କରେ ବୁଝାଇଥିଲେ। ସମୟାନୁସାରେ, ଟୀକାକରଣ ଦ୍ୱାରା ଏହାର ନିରାକରଣ ସମ୍ଭବ। ତେଣୁ ବୟସ ଅନୁସାରେ ଟୀକା ନେଇ ଜରାୟୁ କର୍କଟ ରୋଗରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଥିଲେ। ମାସିକ ଋତୁଶ୍ରାବ ସମୟରେ ସ୍ୱଚ୍ଛତା ଏବଂ ପରିଚ୍ଛନ୍ନତା ନିଜର ସ୍ୱାସ୍ଥ୍ୟ, ଗରିମା ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ବହୁତ ଆବଶ୍ୟକ। ତେଣୁ ନିଜର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନିଜେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ସ୍ୱାଧୀନତା ଅପେକ୍ଷା ପରିଚ୍ଛନ୍ନତା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହା ଆମ ପାଇଁ ମର୍ଯ୍ୟାଦା, ସମାନତା ଆଣି ଦେଇଥାଏ। ସେହିସବୁ ବିଷୟଗୁଡ଼ିକ ଆଲୋକପାତ କରାଯାଇଥିଲା ଯାହା ମହିଳା ସଶକ୍ତିକରଣର ପ୍ରଥମ ପାହାଚ ଭାବେ ବିବେଚିତ ହୁଏ। ସୁସ୍ଥ ରହିଲେ ହିଁ ଆମେ ନିଜ କଥା ଓ ସମାଜ କଥା ଭାବିପାରିବା। ପୁରାତନ ଛାତ୍ର ସଂସଦର ସମ୍ପାଦକ ସୁବ୍ରତ ମହାନ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀ ଇନା ପୁରୋହିତ କାର୍ଯ୍ୟକ୍ରମରେ ପୌରାହିତ୍ୟ କରିଥିବା ବେଳେ ଦେବଦୀପ୍ତା ସ୍ୱାଇଁ ଓ ରାନୁ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରାତନ ଛାତ୍ରୀ ଶ୍ରଦ୍ଧାଞ୍ଜଳୀ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ବର୍ତ୍ତମାନ ପଢୁଥିବା ବିଭିନ୍ନ ଶ୍ରେଣୀର ଛାତ୍ରୀମାନଙ୍କୁ ପୁରାତନ ଛାତ୍ର ସଂସଦ ତରଫରୁ ହାଇଜିନ କିଟ୍ ବଣ୍ଟନ କରାଯାଇଥିଲା। ଏହି ଅବସରରେ ଚଳିତ ବର୍ଷ ପାଇଁ ରାଜ୍ୟ ସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା କୃତୀ ଶିକ୍ଷୟତ୍ରୀ ପ୍ରଭାସିନୀ ଦତ୍ତ ଓ ସସ୍ମିତା ବେହେରା ତଥା ଜିଲ୍ଲାସ୍ତରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବିଦ୍ୟାଳୟର କୃତୀ ଶିକ୍ଷକ ଶିକ୍ଷୟତ୍ରୀ ପୁଷ୍ପିତା ନାୟକ, ମଦନ ମୋହନ ବେହେରା, ପ୍ରମୋଦ କୁମାର ପଲ ଓ ଅମ୍ବିକା ପୃଷ୍ଟିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପୁରାତନ ଛାତ୍ରୀ ସ୍ୱାଗତିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ରୀ ସୁଦେଷ୍ଣା ମିଶ୍ର, କାଜଲ ମହାପାତ୍ର, ସ୍ମୃତିରେଖା ସ୍ୱାଇଁ, ଶ୍ରଦ୍ଧାଞ୍ଜଳି ଜେନା, ଶ୍ୱେତା ସ୍ୱାଇଁ, ସ୍ମିତା ରଥ, ଶ୍ରାବଣୀ ଦାସ, ରଶ୍ମି ସାହୁ ଓ ସରୋଜିନୀ ପଦ୍ମିନୀ ପ୍ରମୁଖ ଉପସ୍ଥିତ ଥିଲେ।



■ ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ପ୍ରସଙ୍ଗ

# ୧୦ରେ ୧୪ କାଉନସିଲରଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

ଉମରକୋଟ,୬।୯ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରାଙ୍କ ବିରୋଧରେ ପରିଷଦର ସମସ୍ତ ୧୪ କାଉନସିଲର ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଏକ ସ୍ୱତନ୍ତ୍ର ବୈଠକ ଆସନ୍ତା ୧୦ ତାରିଖ ବୁଧବାର ସକାଳ ୧୦ଟାରେ ପୌର ପରିଷଦ କାର୍ଯ୍ୟାଳୟରେ ହେବ। ଏଥିପାଇଁ ନବରଙ୍ଗପୁର ଜିଲ୍ଲାପାଳ ସମସ୍ତ ୧୪ କାଉନସିଲରଙ୍କୁ ନୋଟିସ ଜାରି କରି ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୌରପାଳିକା ଧାରା ୧୯୫୦ ଭାଗ ୫୪ ଅନୁସାରେ ଜିଲ୍ଲାପାଳ ନୋଟିସ ଜାରି କରିଥିବା ଉକ୍ତ ନୋଟିସରେ ଉଲ୍ଲେଖ ରହିଛି। ତେବେ ଏହି ବୈଠକରେ ଉପଜିଲ୍ଲାପାଳ ଉପସ୍ଥିତ ରହିବେ ବୋଲି ନୋଟିସରେ ଉଲ୍ଲେଖ ରହିଛି। ବୈଠକରେ ବିଶଦ ଆଲୋଚନା ପରେ ଯଦି ନିଷ୍କର୍ଷ ନ ବାହାରେ ତେବେ ସେହି ଦିନ ହିଁ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ହୋଇପାରେ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଗତ୨୬ ତାରିଖରେ ଉମରକୋଟ ପୌର ପରିଷଦର ସମସ୍ତ ୧୪ କାଉନସିଲ ପୌରାଧ୍ୟକ୍ଷା ରାଧା ଭତ୍ରାଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣିଥିଲେ। ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ଜିଲ୍ଲାପାଳ ଏହି ପଦକ୍ଷେପ ନେଇଛନ୍ତି। ଅପରପକ୍ଷରେ କିଛି ଦିନ ତଳେ ବୁର୍ଗା ନିକଟସ୍ଥ ଏକ ଅଜ୍ଞାତ ସ୍ଥାନରେ ବିଜେଡିର ସମସ୍ତ ୧୨ ଜଣ କାଉନସିଲର ଓ ପୌରାଧ୍ୟକ୍ଷା ରାଧା ଭତ୍ରାଙ୍କୁ ନେଇ ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ନବରଙ୍ଗପୁର ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ ଓ ପ୍ରଦୀପ ମାଝୀ ଯୋଗଦେଇଥିଲେ। ତେବେ ବିଜେଡିର ସମସ୍ତ କାଉନସିଲର ନିଷ୍ପତ୍ତି ନେବା ପାଇଁ ୨ ଦିନ ସମୟ ମାଗିଥିଲେ। ବିଜେଡିର ୩ ମହାରଥୀ ନିଜ ଦଳର ଅଧ୍ୟକ୍ଷ, ଅଧ୍ୟକ୍ଷାଙ୍କ ଆସନ ବଞ୍ଚାଇବାରେ ସଫଳ ହେଉଛନ୍ତି କି ନାହିଁ ସେ ନେଇ ଆଲୋଚନା ଜୋର୍ ଧରିଛି।

# ପୋଡ଼ାଗଡ଼ ପର୍ଯ୍ୟଟନ ସ୍ଥଳକୁ ରାସ୍ତା ନିର୍ମାଣ ଦାବି



ଉମରକୋଟ,୬।୯ (ସମିସ): ଐତିହାସିକ ପର୍ଯ୍ୟଟନ ସ୍ଥଳ ପୋଡାଗଡକୁ ରାସ୍ତା ନିର୍ମାଣ ଦାବିରେ ଆଜି ଛଟାଗୁଡ଼ା ଛକଠାରେ ଭଣ୍ଡାରିଗୁଡ଼ା ଓ ରାଜପୁର ଗ୍ରାମ ପଞ୍ଚାୟତର ଶତାଧିକ ଲୋକ ରାସ୍ତାରୋକ କରିଛନ୍ତି। ଜିରାଗୁଡ଼ା ଠାରୁ ପୋଡ଼ାଗଡ଼ ପ୍ରାୟ ୧୦ କିଲୋମିଟର ରାସ୍ତା ଖରାପ ହୋଇଥିବାରୁ ଉକ୍ତ ରାସ୍ତା ଦେଇ ଯିବାଆସିବା କରୁଥିବା ରୋଗୀ, ଗର୍ଭବତୀ, ଛାତ୍ରଛାତ୍ରୀ ଓ ଜନସାଧାରଣ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ରାସ୍ତା ଖରାପ ଯୋଗୁଁ ପୋଡ଼ାଗଡ଼ ପର୍ଯ୍ୟଟକଙ୍କୁ ଆକର୍ଷଣ କରି ପାରୁନାହିଁ। ଅତିଶୀଘ୍ର ଏହି ରାସ୍ତାକୁ ନିର୍ମାଣ କରିବାକୁ ଏହି ୨ ଗ୍ରାମ ପଞ୍ଚାୟତର ଲୋକେ ଦାବି କରୁଛନ୍ତି। ଏହି ରାସ୍ତାର ନିର୍ମାଣ ତୁରନ୍ତ ନହେଲେ ଆଗାମୀ ଦିନରେ ରାଜ୍ୟ ରାଜପଥକୁ ଅବରୋଧ କରିବୁ ବୋଲି ଚେତାବନୀ ଦେଇଛନ୍ତି। ଏହି ରାସ୍ତାକୁ ନେଇ ଆଜି ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ ଟଣା ଓଟରା ଦେଖିବାକୁ ମିଳିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ପୂର୍ତ୍ତ ବିଭାଗକୁ ରାସ୍ତାକୁ ହସ୍ତାନ୍ତର କରିଦେଇଥିବା କହିଥିବା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ଆମର ନାହିଁ ବୋଲି କହିଥିବା ଶୁଣିବାକୁ ମିଳିଥିଲା। ଶେଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ପୂର୍ତ୍ତ ବିଭାଗକୁ ବର୍ତ୍ତମାନ ପର୍ଯ୍ୟନ୍ତ ହସ୍ତାନ୍ତର କରାଯାଇ ନଥିବା ନେଇ କୁହାଯାଇଥିଲା। ଆଜିର ଏହି ରାସ୍ତା ରୋକ ଆନ୍ଦୋଳନ ସମୟରେ ଭଣ୍ଡାରିଗୁଡାର ପୂର୍ବତନ ସରପଞ୍ଚ ଉଦ୍ଧବ ଚରଣ ନାୟକଙ୍କ ସମେତ କାରାଗାଁର ସମିତି ସଭ୍ୟ ବିକ୍ରମ ସିଂ, ଅକ୍ଷୟ କୁମାର ନାୟକ, ଚକ୍ରଧର ନାୟକ, ମସୁ ପନକା, ଅମର ନାୟକ, ରାମଚନ୍ଦ୍ର ନାୟକ ଓ ନରସିଂହ ରାଜ ଗଣ୍ଡଙ୍କ ସହ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। ଖବରପାଇ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ତିଳୋତ୍ତମା ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ୭ ଦିନ ମଧ୍ୟରେ ରାସ୍ତା ନିର୍ମାଣ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ।

### ଗ୍ରାମବାସୀଙ୍କ ରାସ୍ତାରୋକ

# ଗୁରୁ ଦିବସରେ ସମାଜସେବୀ ସମ୍ବର୍ଦ୍ଧିତ

ଦାମନଯୋଡି /ସେମିଳିଗୁଡା,୬।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ାର ବରିଷ୍ଠ ସମାଜସେବୀ, ଏଫବିଡିଓର କୋରାପୁଟ ଜିଲ୍ଲାର ସଂପାଦିକା, ଲିଭ୍ ଫର୍ ଅଦର୍ସର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ରଙ୍କୁ ସରସ୍ୱତୀ ବିଦ୍ୟାମନ୍ଦିର ଦାମନଯୋଡିରେ ଗୁରୁ ଦିବସ ପାଳନ ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ସମ୍ମାନୀତ କରାଯାଇଛି। ରକ୍ତଦାନ କ୍ଷେତ୍ରରେ ତାଙ୍କ ସଂସ୍ଥାର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁବ ରେଡକ୍ରସର ଜିଲ୍ଲା ସଂଯୋଜକଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ନାଲକୋର ଜିଏମ୍ ଫାଇନାନ୍ସ ପ୍ରଶାନ୍ତ କୁମାର ମହାରଣା ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ସମୟରେ ମାନବ ସମ୍ବଳ ଜିଏମ୍. ଚନ୍ଦ୍ର ମୋହନ ମହାନ୍ତ, ବିଦ୍ୟାଳୟର ସଂପାଦକ ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ଅଧ୍ୟକ୍ଷ ଡକ୍ଟର ଶୁଭ୍ରାଂଶୁ ଶେଖର ବାହିନୀପତି, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଶ୍ରୀମତୀ ମିଶ୍ର ୫୪ଥର ରକ୍ତଦାନ କରି ମହିଳା ରକ୍ତଦାନ କ୍ଷେତ୍ରରେ ଅବିଭକ୍ତ କୋରାପୁଟ ଜିଲ୍ଲାରେ ରେକର୍ଡ କରିଛନ୍ତି।




### ବ୍ଲକ୍‌ସ୍ତରୀୟ ମନରେଗା ଜନଶୁଣାଣି

# ମନରେଗା ଯୋଜନାର ସଚେତନତା ହେଉ ନଥିବା ଅଭିଯୋଗ

କୁନ୍ଦୁରା,୬।୯ (ସମିସ): ଗ୍ରାମାଞ୍ଚଳରେ ମନରେଗା ଯୋଜନାର ସଚେତନତା ସଠିକ ଭାବେ ହେଉନଥିବା ଅଭିଯୋଗ ହୋଇଛି। ଯଦ୍ୱାରାକି କେନ୍ଦ୍ର ସରକାରଙ୍କ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନରେ ବାଧା ସୃଷ୍ଟି ହେଉଛି ବୋଲି ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିରରେ ଅଭିଯୋଗ ଆଣିଛନ୍ତି ଜନ ପ୍ରତିନିଧି। ଆଜି କୁନ୍ଦୁରା ବ୍ଲକ୍ କାର୍ଯ୍ୟାଳୟ ସଭାଗୃହଠାରେ ବ୍ଲକ୍‌ସ୍ତରୀୟ ମନରେଗା, ପିଡିଏସ୍ ଏବଂ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ ପି. ମନସ୍ୱିତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ବିଜେ ଦଳେଇ, ଜିଲ୍ଲା ସାମାଜିକ ସମୀକ୍ଷକ ଅନିଲ କୁମାର ମହାରଣା, ବ୍ଲକ୍ ଅଧ୍ୟକ୍ଷା ରାଜେଶ୍ୱରୀ ପରଜା ପ୍ରମୁଖ ମଞ୍ଚାସୀନ ଥିଲେ। ଗତ ଅକ୍ଟୋବର ୨୦୨୪ ଠାରୁ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ମନରେଗା, ୨୪-୨୫ ଆର୍ଥିକ ବର୍ଷର ପିଡିଏସ୍ ଏବଂ ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ସାମାଜିକ ସମୀକ୍ଷା ଜନଶୁଣାଣି ହୋଇଥିଲା। ଏହି ଶିବିରଟି କେବଳ ନାମକୁ ମାତ୍ର, ଏଥିରେ କୌଣସି ସୁଫଳ ମିଳୁନାହିଁ ବୋଲି କୁନ୍ଦୁରା ସମିତି ସଭ୍ୟ ଦାମୋଦର ଗଣ୍ଡା, ଫୁପୁଗାଁ ସମିତି ସଭ୍ୟା ଚନ୍ଦ୍ରିକା କାନ୍ଦଲିଆ ସମତ ଅନ୍ୟାନ୍ୟ ଜନ ପ୍ରତିନିଧି ଅଭିଯୋଗ ଆଣିଥିଲେ। ସରକାଙ୍କ ଯୋଜନା ଅନୁଯାଇ ପ୍ରତ୍ୟେକ ଜବକାର୍ଡ ଧାରୀମାନଙ୍କୁ ବର୍ଷକୁ ଶହେ ଦିନର କାମ ଯୋଗାଇ ଦେବା ବ୍ୟବସ୍ଥା ରହିଥିଲେ ସୁଦ୍ଧା କୌଣସି ସଫଳତା ମିଳୁନାହିଁ। ଜନସାଧାରଣ, ମେଟ୍ କିମ୍ବା ଅଣକୁଶଳୀ ଶ୍ରମିକଙ୍କ ନିଜର କାର୍ଯ୍ୟ ଦକ୍ଷତାକୁ ନେଇ ସଚେତନତାର ଅଭାବ ରହୁଛି। ସରକାରୀଙ୍କ ପକ୍ଷରୁ ମନରେଗା ସଚେତନତା ପାଇଁ କାନ୍ଥ ଲେଖା, ଡେଙ୍ଗୁରା ପିଟି ଜଣାଇବା ଆଦି ପାଇଁ ନରେଗାରେ ପାଣ୍ଠି ମଧ୍ୟ ରହିଛି। ଏହା ସତ୍ତ୍ୱେ ମଧ୍ୟ କୁନ୍ଦୁରା ପଂଚାୟତ ସମିତି ପକ୍ଷରୁ ସଚେତନତା ଉଦ୍ୟମ ବିଫଳ ହୋଇଛି ବୋଲି ଅଭିଯୋଗ ଆଣିଛନ୍ତି କୁନ୍ଦୁରା ଜନପ୍ରତିନିଧିମାନେ।

# ୩.୭ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

ପୋଡ଼ାଗଡ଼, ୬।୯ (ସମିସ): ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ଲକ୍ଷ୍ମୀପୁର ଅବକାରୀ ଥାନା ଅଧିକାରୀ କୁଶ ଜାଲ ଓ ଅବକାରୀ ନିରୀକ୍ଷକ ସୁଧିର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଦଶମନ୍ତପୁର ଥାନା ଅଧୀନସ୍ଥ ପରଜା ବାରିକଣ୍ଠା ଗାଁ ଛକ ନିକଟରେ ଅବକାରୀ ବିଭାଗ ଏକ ଟିମ୍ ଯାଞ୍ଚ କରିଥିଲେ। ଏହି ସମୟରେ ମାଛପୁଟ ଗାଁର ଧର୍ମେନ୍ଦ୍ର ଚେଟି ନିଜ ହୋଣ୍ଡା ବାଇକ୍ ଯୋଗେ ୩.୭ କିଲୋଗ୍ରାମ ଗଞ୍ଜେଇ ନେଉଥିବା ବେଳେ ଅବକାରୀ ବିଭାଗ କର୍ମଚାରୀ ତାହାକୁ ଜବତ କରିଛନ୍ତି। ବାଇକ୍‌ରେ ଏକ ଧଳା ରଙ୍ଗର ଜରି ବ୍ୟାଗ୍‌ରେ ଗଞ୍ଜେଇ ଧରି ନିଜ ଗାଁ ଆଡ଼କୁ ଆସୁଥିବା ବେଳେ ଅବକାରୀ ବିଭାଗ ତାଙ୍କ ବାଇକ୍‌କୁ ପିଛା କରି ତାଙ୍କୁ କାବୁ କରିଥିଲା। ଅଭିଯୁକ୍ତ ଧର୍ମେନ୍ଦ୍ର ଚେଟିଙ୍କୁ ଗିରଫ କରି କୋରାପୁଟ କୋର୍ଟରେ ହାଜର କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ଚଢ଼ଉରେ ଶୁଭେନ୍ଦୁ କୁମାର ତୁରୁକ, ସ୍ମୃତିକାନ୍ତ ବିଶ୍ୱାଳ, ଉଷା ଭତ୍ରା, ନକୁଳ ନାୟକ ପ୍ରମୁଖ ଲକ୍ଷ୍ମୀପୁର ଅବକାରୀ ବିଭାଗୀୟ କର୍ମଚାରୀ ସାମିଲ୍ ଥିବା ଜଣାପଡିଛି।

# ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ରାମନାଗୁଡା,୬।୯ (ସମିସ): ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ଥାନା ଅନ୍ତର୍ଗତ ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ କେ. ମୋହନ (୪୦)। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ମୋହନଙ୍କୁ ରାମନାଗୁଡ଼ା ସିଏଚସି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ମୋହନଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଅଭିଷେକ ପଟ୍ଟନାୟକ ଜଣାଇଛନ୍ତି। ତେବେ ମୃତକ ଜଣକ କେଉଁ ଆଡେ ଯାଉଥିଲେ ତାହା ଜଣାପଡ଼ି ନ ଥିବା ବେଳେ ତାଙ୍କ ବାଇକ୍ ନମ୍ବର ଅନୁଯାୟୀ ମୃତକଙ୍କ ଘର ପାରଳାଖେମୁଣ୍ଡି ଅଧିନସ୍ଥ ଜିବା ଗ୍ରାମର ବୋଲି ଜଣାପଡିଛି। ରାମନାଗୁଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି।

# ପଞ୍ଚାନନ ମନ୍ଦିର ପୂଜକଙ୍କ ପରଲୋକ



ଜୟପୁର,୬।୯ (ସମିସ): ଜୟପୁର ରାଜୁସାହି ସ୍ଥିତ ପଞ୍ଚାନନ ମନ୍ଦିରର ପୂଜକ ହରିଦାସ ତ୍ରିପାଠୀଙ୍କ ଆଜି ପରଲୋକ ହୋଇଯାଇଛି। ସ୍ୱର୍ଗତ ତ୍ରିପାଠୀ ଫୁସଫୁସ କର୍କଟ ରୋଗରେ ପୀଡିତ ଥିଲେ। ଆଜି ସକାଳ ସାଢେ ୫ଟା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ପ୍ରଥମେ ସେ ସୁଆର ଭାବେ ପଞ୍ଚାନନ ମନ୍ଦିରରେ କାର୍ଯ୍ୟରତ ଥିବା ବେଳେ ବର୍ତ୍ତମାନ ସେ ପୂଜକ ଭାବେ ଭଗବାନଙ୍କ ସେବା କରିଆସୁଥିଲେ। ସେ ଜଣେ ମେଳାପି ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

● ଜମି ବିବାଦକୁ ନେଇ ବାପା ପୁଅକୁ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶବ ରଖି ଗ୍ରାମବାସୀଙ୍କ ବିକ୍ଷୋଭ



କୋରାପୁଟ,୬।୯ (ସମିସ): ଜମିଜମା ବିବାଦକୁ ନେଇ ବିଶିପୁର ଥାନା ପାଙ୍ଗିଗୁଡ଼ା ଗ୍ରାମରେ ଗୁରୁବାର ଅପରାହ୍ନରେ କୋରାପୁଟ ପୌର ପରିଷଦ ୧୦ନଂ ୱାର୍ଡ କାଉନସିଲର କମଳା ନାୟକଙ୍କ ସ୍ୱାମୀ ଧନୁର୍ଜୟ ନାୟକ ଓ ପୁଅ ଶିବା ନାୟକଙ୍କୁ ଦୁର୍ବୃତ୍ତମାନେ ଖଣ୍ଡାରେ ହାଣି ମରଣାନ୍ତକ ଆକ୍ରମଣ କରିଥିବାବେଳେ ଶୁକ୍ରବାର ସକାଳେ ପୁଅ ଶିବା ନାୟକଙ୍କ ବିଶାଖାପାଟଣାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଶନିବାର ଅପରାହ୍ନରେ ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ ସ୍ଥାନୀୟ ଅଞ୍ଚଳବାସୀ ରାଣୀଗଡ଼ ଫାଣ୍ଡି ସମ୍ମୁଖରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୁଲିସ ମାତ୍ର ୪ ଜଣଙ୍କୁ ଅଟକ ରଖି ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରୁନଥିବା ଅଭିଯୋଗ କରିଥିଲେ। ବୋରିଗୁମ୍ମା ଏସଡିପିଓ, ବିଶିପୁର ଥାନା ଅଧିକାରୀ ଲିମାରାଜ ପ୍ରଧାନ ପହଞ୍ଚି ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ଲୋକେ ମୃତଦେହ ନେଇ ସତ୍କାର କରିଥିଲେ। ସୂଚନା ଥାଉକି, ଗୁରୁବାର ଧନୁର୍ଜୟ ଓ ପୁଅ ଶିବା ନାୟକ ବୋରିଗୁମ୍ମା ବ୍ଲକ ବିଶିପୁର ଥାନା ବୃଜୁନିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ପାଙ୍ଗିଗୁଡ଼ା ଗ୍ରାମକୁ ଯାଇଥିଲେ। ଜମି ବିବାଦକୁ ନେଇ ସେଠାରେ କଥା କଟାକଟି ହେବାରୁ ପ୍ରାୟ ୧୦ ଜଣ ଧନୁର୍ଜୟ ଓ ଶିବାକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ବାପା ଓ ପୁଅକୁ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ, ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ କୋରାପୁଟ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରା ଯାଇଥିଲା। ପୁଅ ଶିବାର ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା, ହେଲେ ସେଠାରେ ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିଲା।

# ୮ ରୁ ରାଜ୍ୟପାଳଙ୍କ ଦୁଇ ଦିନିଆ କୋରାପୁଟ ଗସ୍ତ

କୋରାପୁଟ,୬।୯ (ସମିସ): ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ୮ ତାରିଖରୁ ଦୁଇ ଦିନିଆ କୋରାପୁଟ ଜିଲ୍ଲା ଗସ୍ତରେ ଆସୁଛନ୍ତି। ୮ ତାରିଖ ପୂର୍ବାହ୍ନରେ ଜୟପୁର ବିମାନ ବନ୍ଦରରେ ପହଞ୍ଚିବା ପରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସ୍‌ପି ରୋହିତ ବର୍ମା ଏବଂ ଅନ୍ୟାନ୍ୟ ଅଧିକାରୀ ତାଙ୍କୁ ସ୍ୱାଗତ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଜୟପୁରରୁ କୋରାପୁଟ କଫି ବୋର୍ଡ କାର୍ଯ୍ୟାଳୟରେ ପହଞ୍ଚି କଫି ଚାଷୀମାନଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସଠାରେ ନାଲକୋ, ହାଲ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ, କୋଟସ ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ମୁଦ୍ରା ହିତାଧୀକାରୀ ଏବଂ ଭାରତୀୟ ରେଡକ୍ରସ ସୋସାଇଟିର ଅଧିକାରୀମାନଙ୍କ ସହ ଆଲୋଚନା କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ସେହିଦିନ ସନ୍ଧ୍ୟାରେ ଶାବର ଶ୍ରୀକ୍ଷେତ୍ର କୋରାପୁଟ ଜଗନ୍ନାଥ ମନ୍ଦିର ଦର୍ଶନ କରିବେ। ୯ ତାରିଖ ଦିନ ସକାଳେ ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବାଉଁଶଗୁଡ଼ା କଫି ନର୍ସରୀ ପରିଦର୍ଶନ କରିବା ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନଙ୍କ ସହ ଆଲୋଚନା କରିବେ। ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ସୁନାବେଡ଼ା ହାଇସ୍କୁଲ ପରିଦର୍ଶନ କରି ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ସହ ଆଲୋଚନା କରିବା ସହ ମାଧୋ ସିଂ ହାତଖର୍ଚ୍ଚ ଏବଂ ସିଏମ୍ ପୋଷଣ ଯୋଜନା ସଂପର୍କରେ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ଏହାପରେ କୁନ୍ଦୁଳି ଗ୍ରାମକୁ ଯାଇ ଜଙ୍ଗଲ ଜମି ପଟ୍ଟା ହିତାଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ଏହାପରେ ଦେଓମାଳି ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ୧୦ ତାରିଖରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପତି ମାଲକାନଗିରି ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି।

### ଜିଲ୍ଲା ରୋଗୀ କଲ୍ୟାଣ ସମିତିର ବୈଠକ

# ଜିଲ୍ଲା ଚିକିତ୍ସାଳୟର ସମସ୍ୟାକୁ ନେଇ ସାଂସଦ, ବିଧାୟକଙ୍କ ଅସନ୍ତୋଷ

## ଅଧିକ ରେଫେରାଲ କରୁଥିବା ଡାକ୍ତରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ




ଜୟପୁର,୬।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଶନିବାର ଜିଲ୍ଲା ରୋଗୀ କଲ୍ୟାଣ ସମିତିର ବୈଠକ ଅନୁଷ୍ଠିତ ହୋଇଥିଲା। କୋରାପୁଟ ସାଂସଦ ସପ୍ତଗିରି ଉଲକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ଚିକିତ୍ସାଳୟ ଶୁଭାରମ୍ଭ ହୋଇ ମାତ୍ର ଏକବର୍ଷ ହୋଇଥିଲେ ସୁଦ୍ଧା ଏହାର ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ସୁଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ସମାଧାନ ନେଇ କୌଣସି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ବୈଠକରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଜିଲ୍ଲା ଚିକିତ୍ସାଳୟର ମାନ୍ୟତା ପାଇଥିଲେ ସୁଦ୍ଧା ଏହାର ମୁଖ୍ୟ ସମସ୍ୟା ବିଭାଗରେ ବିଶେଷଜ୍ଞ ଡାକ୍ତରଙ୍କ ଅଭାବ ଏବଂ କନିଷ୍ଠ ଡାକ୍ତରମାନେ ଏଠାରେ ନିଯୁକ୍ତି ପାଉଥିଲେ ସୁଦ୍ଧା ସେମାନେ ଉଚ୍ଚ ଶିକ୍ଷାପାଇଁ ବ୍ୟସ୍ତତା ରହି ରୋଗିଙ୍କୁ ଉପଯୁକ୍ତ ସେବା ପ୍ରଦାନ କରୁନାହାଁନ୍ତି ବୋଲି ଅଭିଯୋଗ ହୋଇଥିଲା। ଜିଲ୍ଲା ଚିକିତ୍ସାଳୟରେ ୧୫୬ ଜଣ ଡାକ୍ତରଙ୍କ ମଧ୍ୟରୁ ମାତ୍ର ୪୮ ଜଣ ଡାକ୍ତର ରହିଛନ୍ତି। ୧୦୮ ଡାକ୍ତର ପଦବୀ ଖାଲି ପଡିଥିବା ଯୋଗୁଁ ରୋଗୀ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏଠାକୁ ସମାନ୍ୟ ଦୁର୍ଘଟଣା ଏବଂ ଅନ୍ୟାନ୍ୟ ସାମାନ୍ୟ ରୋଗର ଚିକିତ୍ସା ନେଇ ଡାକ୍ତରମାନେ କୌଣସି ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଫଳରେ ଅଧିକାଂଶ ରୋଗୀଙ୍କୁ ମେଡିକାଲ କଲେଜକୁ ରିଫେର କରାଯାଉଛି। ତେଣୁ ଏପରି ବ୍ୟବସ୍ଥା ବନ୍ଦ କରିବା ସହ କେଉଁ ଡାକ୍ତର ଅଧିକାଂଶ ରୋଗିଙ୍କୁ ରିଫେର କରୁଛନ୍ତି, ତାହାର ସୂଚୀ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଉପସ୍ଥିତ ଜନ ପ୍ରତିନିଧି ମାନେ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ୨୫ ପ୍ରତିଶତ ରୋଗୀଙ୍କୁ ରିଫେରାଲ କରାଯାଇଥିବା ବେଳେ ଚଳିତ ବର୍ଷ ତାହା ହ୍ରାସ ପାଇ ୧୮ ପ୍ରତିଶତକୁ ଆସିଛି ବୋଲି ବୈଠକରେ ଜିଲ୍ଲା ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ପକ୍ଷରୁ ସୂଚନା ଦିଆଯାଇଛି। ସ୍ତ୍ରୀ ଓ ପ୍ରସୁତି, ସର୍ଜରୀ ଓ ନିଶ୍ଚେତକ ବିଭାଗରେ ବିଶେଷଜ୍ଞ ଡାକ୍ତର ଅଭାବ ଯୋଗୁଁ ଜିଲ୍ଲା ଚିକିତ୍ସାଳକୁ ଏହି ବିଭାଗକୁ ଆସୁଥିବା ରୋଗିମାନେ ଉପଯୁକ୍ତ ସୁବିଧା ପାଇପାରୁନାହାଁନ୍ତି। ତୁରନ୍ତ ସରକାର ଏଥିପ୍ରତି ଯେପରି ଗୁରୁତ୍ୱ ଦେବେ ସେନେଇ ବିଧାନସଭାରେ ଆଲୋଚନା କରାଯିବ ଏବଂ ସରକାରଙ୍କ ଅବଗତ କରାଯାଇ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରାଯିବ। ଆବଶ୍ୟକ ହେଉଥିବା ସିଟିସ୍କାନ ଓ ଏମଆରଆଇ ଦୁଇଟି ମେସିନ ଜିଲ୍ଲା ଚିକିତ୍ସାଳୟରେ ନୂତନ ଭାବେ ପ୍ରଦାନ କରାଯାଇ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦିଆଯାଇଥିଲା। ଚିକିତ୍ସାଳୟରେ ଆବଶ୍ୟକ ରୋଗିଙ୍କ ବେଡ ଅଭାବ ଯୋଗୁଁ ରୋଗୀମାନେ ଚଟାଣରେ ଶୋଇ ହନ୍ତସନ୍ତ ହେଉଛନ୍ତି। ପ୍ରସୂତିମାନଙ୍କୁ ନେଇ ଡାଇରିଆ ୱାର୍ଡରେ ରୋଗୀମାନଙ୍କ ନିକଟରେ ରଖାଯାଉଥିବା ନେଇ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ବର୍ଷା ହେଲେ ଡାକ୍ତରଖାନା ପରିସରର ପାଣି ଜମା ରହୁଛି, ନୂତନ କୋଠା ଗୁଡିକରୁ ବର୍ଷା ହେଲେ ପାଣି ଗଳିବା, ଚିକିତ୍ସାଳୟ ନିକଟରେ ଥିବା ବାସଗୃହ ଗୁଡିକରେ ମଧ୍ୟ ପାଣି ଗଳୁଥିବା ଯୋଗୁଁ ଜନପ୍ରତିନିଧିମାନେ ଠିକାଦାରଙ୍କ ବିଲ ପାସ ବିନା ଲୋକ ପ୍ରତିନିଧିଙ୍କୁ ଅବଗତ ନକରି ପ୍ରଦାନ କରିବା ମନା କରାଯାଇଛି। ପୂର୍ବ ବୈଠକ ସମ୍ପର୍କରେ ଆଲୋଚନା କରାଯିବା ପରେ ଆସନ୍ତା ୨୦୨୫-୨୬ ମସିହା ପାଇଁ ଆବଶ୍ୟକ ବିଭିନ୍ନ ଉନ୍ନତୀମୂଳକ କାର୍ଯ୍ୟ ଏବଂ ବଜେଟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚିକିତ୍ସାଳୟ ଏକ୍ସରେ ଅଲଟ୍ରା ସାଉଣ୍ଡ ବ୍ୟବସ୍ଥା ଚିକିତ୍ସାଳୟରେ ରହିଛି; କିନ୍ତୁ ରାତିରେ ଜରୁରୀକାଳୀନ ପରସ୍ଥିତିରେ ଏହା ପ୍ରଦାନ କରାଯାଉନାହିଁ, ଆବଶ୍ୟକ ବୈଷୟିକ କର୍ମଚାରୀ ଏବଂ ଅନ୍ୟାନ୍ୟ କର୍ମଚାରୀ ଅଭାବ ଯୋଗୁଁ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହେଉଥିବା ନେଇ ହୋଇଥିବା ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ଉପସ୍ଥିତ ଅଗ୍ନିଶମ ବିଭାଗର ପକ୍ଷରୁ ତୁରନ୍ତ ଚିକିତ୍ସାଳୟକୁ ଅଗ୍ନିସୁରକ୍ଷା ପ୍ରମାଣପତ୍ର ପ୍ରଦାନ ପାଇଁ ପରାମର୍ଶ ଦିଆଯାଇଥିଲା। ତେବେ ସାଂସଦ ଏବଂ ବିଧାୟକମାନଙ୍କୁ ବିଭିନ୍ନ ପ୍ରଶ୍ନର ସଠିକ ଉତ୍ତର ମିଳି ନ ଥିବା ଯୋଗୁଁ ବିରକ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଉପଜିଲ୍ଲାପାଳ ଏ.ସସ୍ୟାରେଡ୍ଡୀ, ସିଡିଏମ୍‌ଓ ରବିନ୍ଦ୍ରନାଥ ମିଶ୍ର, ଜିଲ୍ଲା ଚିକିତ୍ସାଳୟ ଅଧିକ୍ଷକ ଦୀଲିପ କୁମାର ବିଶ୍ୱାଳ, ଏସ୍‌ଡିପିଓ ପାର୍ଥ କଶ୍ୟପ, ବିଡିଓ ଶକ୍ତି ମହାପାତ୍ର ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଡାକ୍ତର, ଚିକିତ୍ସାଳୟର ଦୁଇ ମ୍ୟାନେଜର ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗୀତାରାଣୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ନବରଙ୍ଗପୁର,୬।୯ (ସମିସ): ପବିତ୍ର ଗୁରୁଦିବସ ପାଳନ ଅବସରରେ ଶିକ୍ଷୟିତ୍ରୀ ଗୀତା ରାଣୀ ଦାଶଙ୍କୁ ଚଳିତ ୨୦୨୫ ଶିକ୍ଷା ବର୍ଷ ପାଇଁ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପୁରସ୍କୃତ କରାଯାଇଛି। ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଗୁରୁ ଦିବସ ଦିନ ଭୁବନେଶ୍ୱର ସ୍ଥିତ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ରହିଥିଲେ। ଏହି ପୁରସ୍କାର ପାଇଁ ଶ୍ରୀମତୀ ଦାଶ ନିଜ ପିତାଙ୍କ ଆଦର୍ଶ ଶିକ୍ଷା ବୃତ୍ତିର ପ୍ରେରଣା, ନିଜ ମା'ଙ୍କ ଠାରୁ ପାଇଥିବା କର୍ତ୍ତବ୍ୟ ନିଷ୍ଠାର ସଂସ୍କାର, ସ୍ୱାମୀଙ୍କ ଅଶେଷ ସହଯୋଗ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ପ୍ରେରଣା, ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ମହାପାତ୍ରଙ୍କ ସହଯୋଗ ଏବଂ ନିଜ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,ଛାତ୍ରଛାତ୍ରୀକୁ ଶ୍ରେୟ ଦେଇଥିବା ସୂଚନା ମିଳିଛି।

# ପୌର ଉପାଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

ଉମରକୋଟ,୬।୯ (ସମିସ): ଉମରକୋଟ ପୌର ପରିଷଦର ଉପାଧ୍ୟକ୍ଷ ସୁଧାଂଶୁ ଦାସଙ୍କୁ ଆଜି ବିଜେଡ଼ି ଦଳରୁ ନିଲମ୍ବନ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ରାଜ୍ୟ ବିଜେଡିର ଉପସଭାପତି ପ୍ରତାପ ଜେନା ନିଲମ୍ବନ ପତ୍ରରେ ଉଲ୍ଲେଖ କରିଛନ୍ତି।

## ଇସ୍ପାତ ଦୃଷ୍ଟି ଦାନ ଚକ୍ଷୁ ବ୍ୟାଙ୍କ ଦୃଷ୍ଟିହୀନଙ୍କ ପାଇଁ ଆଶାର ଆଲୋକ




ରାଉରକେଲା, ୬।୯ (ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଧୀନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ)ରେ କାର୍ଯ୍ୟ କରୁଥିବା ଇସ୍ପାତ ଦୃଷ୍ଟି ଦାନ ଚକ୍ଷୁ ବ୍ୟାଙ୍କ ଦୃଷ୍ଟିବାଧକଙ୍କ ପାଇଁ ଆଶାର ଆଲୋକ ଭାବେ ଉଭା ହୋଇଛି। ଏପ୍ରିଲ ୨୦୧୪ରେ ଏହାର ପ୍ରତିଷ୍ଠା ହେବା ପରଠାରୁ, ଚକ୍ଷୁ ବ୍ୟାଙ୍କ ୨୩୧୬ ଟି କର୍ଣ୍ଣିଆ ସଂଗ୍ରହ କରିଛି, ଯାହାକୁ ୧୭୮୫ ଜଣଙ୍କଠାରେ ସଫଳତାର ସହ ପ୍ରତିରୋପଣ ହୋଇଛି ତଥା ଅନେକ ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବାରେ ସହାୟକ ହୋଇଛି। କର୍ଣ୍ଣିଆ ପୁନରୁଦ୍ଧାର କାର୍ଯ୍ୟକ୍ରମ (ଏଚସିଆରପି) ଅଧୀନରେ କାର୍ଯ୍ୟ କରୁଥିବା ଏହି ହସ୍ପିଟାଲର ଚକ୍ଷୁ ବ୍ୟାଙ୍କ ପ୍ରଗତି ପଥରେ ଆଗେଇ ଚାଲିଛି । ୨୦୨୪ରେ ୩୩୫ କର୍ଣ୍ଣିଆ ସଂଗ୍ରହ କରିଛି। ସେହିପରି ୨୦୨୫ରେ ଏହା ପ୍ରତିରୋପଣ ଅସ୍ତ୍ରୋପଚାର ପାଇଁ ୧୧୦ଟି କର୍ଣ୍ଣିଆ ସଂଗ୍ରହ କରିଛି। ଚକ୍ଷୁ ଦାନ ପାଇଁ ସଂକଳ୍ପ ପତ୍ର ଆଇଜିଏଚ୍‌ର ଚକ୍ଷୁ ବିଭାଗର ବହିଃବିଭାଗରେଠାରେ ଉପଲବ୍ଧ ଅଛି। ଚକ୍ଷୁଦାନ ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷ ଅଧିକ ବିବରଣୀ ପାଇଁ ଫୋନ ନମ୍ବର ୭୭୮୯୯୬୬୧୫୦ରେ ଯୋଗାଯୋଗ କରିପାରିବେ ବୋଲି କୁହାଯାଇଛି।

## ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲିଶଙ୍କରା, ୬।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା ବାଲିଶଙ୍କରା ବ୍ଲକ ବୁଡ଼ାବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲିଶଙ୍କରା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଜାନକୀ ପଟେଲ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଲିଙ୍ଗରାଜ ନାଏକ, ଧନେଶ୍ୱର ନାଏକ, ରଜନୀକାନ୍ତ ପଟେଲ, ସୁଧାକର ସିଂହ, ଦୁର୍ଗାଚରଣ ସିଂହ, କୁଞ୍ଜଲତା ଗୋଖୁରା, ସୁନ୍ଦରଗଡ଼ ଏସବିଆଇ ଚିଫ୍ ମ୍ୟାନେଜର ଦେବେନ୍ଦ୍ର କୁମାର ସାହୁ , ଏଲଏମ ସୀମା ରାଓ, କର୍ମଚାରୀ ରଜନୀ ସୁନାନୀ ପ୍ରମୁଖ ଯୋଗଦେଇଥିଲେ। ସଭା ସଞ୍ଚାଳନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଶିକ୍ଷକ କୁଳଦୀପ ସେଠ। ବାଲିଶଙ୍କରା ନିଖିଳ ପ୍ରାଥମିକ ଶିକ୍ଷକ ଫେଡରେସନ ସଂଘ ତରଫରୁ ୧୧ ଜଣ ଅବସର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସମାରୋହରେ ପୁଲିନ ଚନ୍ଦ୍ର ନାଏକ, ଜୟବିହାରୀ ନାଏକ, ରଞ୍ଜନ ପଟେଲ, ମାଧାଧର ତାଜନ, ବାବୁଲ ସା, ଉତ୍ତମ ତନ୍ତି, ପ୍ରତିମା ଚୌଧୁରୀ, ଗୀତା ନାଏକ, ରସ ତନ୍ତୀ, ସୁପ୍ରଭା ତନ୍ତୀ, ପ୍ରକାଶ ନାଏକ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ କୁଞ୍ଜଲତା ଘୁଖୁରା ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆଗାଁରେ ବ୍ଲକସ୍ତରୀୟ ଗୁରୁଦିବସ



ରାଉରକେଲା, ୬।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଗୁରୁ ଦିବସ ସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୂଆଗାଁ ସହକାରୀ ଶିକ୍ଷାଧିକାରୀ ବନମାଳୀ ମଲିକ ଯୋଗ ଦେଇ ଥିଲେ। ରାଉରକେଲା ମ୍ୟୁନପାଲ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ଯୋଗ ଦେଇ ସାମ୍ପ୍ରତିକ ପରିସ୍ଥିତିରେ ଗୁରୁ ଏବଂ ଶିଷ୍ୟ ମାନଙ୍କ ଭିତରେ ରହିଥିବା ସଂପର୍କ କିପରି ବିପଥଗାମୀ ହେବାରେ ଲାଗିଛି ସେ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୁତ୍ରା ବ୍ଲକର ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ଗୁରୁଚରଣ ସାହୁ ଏବଂ ନୂଆଗାଁ ବ୍ଲକର ପୂର୍ବତନ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇଥିଲେ। ମିଳିତ ପ୍ରାଥମିକ ସଂଘର ସଭାପତି ଦିଲୀପ ସାହୁ ଓ ସମ୍ପାଦକ ମଙ୍ଗଳ କେର୍କେଟାଙ୍କ ତତ୍ତ୍ୱାବଧାନରେ ୧୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ଅବସରର ଗ୍ରହଣ କରିଥିବା ୧୪ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନା କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ସମାରୋହ

ରାଉରକେଲା, ୬।୯ (ସମିସ): ରାଉରକେଲା ଆଇନ ମହାବିଦ୍ୟାଳୟରେ ନୂତନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ନିମନ୍ତେ ଏକ ସମାରୋହ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ବିଭୁରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷତା କରି କଲେଜର ନବାଗତଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବରିଷ୍ଠ ପ୍ରାଧ୍ୟାପିକା ଡକ୍ଟର ସମ୍ପାଦିକା ମହାନ୍ତିଙ୍କ ସମେତ କଲେଜର ଅତିଥି ଅଧ୍ୟାପକ, ପ୍ରାଧ୍ୟାପିକା, ପ୍ରାଧ୍ୟାପକ, କର୍ମଚାରୀ ପ୍ରମୁଖ ଯୋଗଦେଇ ନବାଗତ ଛାତ୍ରଛାତ୍ରୀମାନଙ୍କୁ ନିଷ୍ଠାର ସହିତ ଶିକ୍ଷାଗ୍ରହଣ ଓ ଶୃଙ୍ଖଳିତ ଜୀବନ ଅତିବାହିତ କରିବାପାଇଁ ପରାମର୍ଶ ଦେଇଥିଲେ। ଏହାପରେ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସମ୍ବିଧାନର ମୁଖପତ୍ର, ମହାବିଦ୍ୟାଳୟର ଛାତ୍ରନୀତି, ପାଠାଗାରନୀତି ସହିତ ପାଠ୍ୟକ୍ରମ ଏବଂ ବିଷୟବସ୍ତୁ ସମ୍ବଳିତ ଏକ କିଟ ପ୍ରଦାନ କରାଯାଇଥିଲା। ଛାତ୍ରୀ ସିମରନ୍ ତିର୍କୀ ମଞ୍ଚ ପରିଚାଳନା କରିଥିବାବେଳେ ଛାତ୍ର ହବିବୁର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଏନ୍ଆଇଟିର ୨୩ତମ ସମାବର୍ତ୍ତନ ଉତ୍ସବ

# ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ସହାୟକ ହୁଅନ୍ତୁ

ରାଉରକେଲା, ୬।୯ (ସମିସ)




ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି)ର ୨୩ତମ ସମାବର୍ତ୍ତନ ଉତ୍ସବ ଏନ୍ଆଇଟିର ଭୁବନେଶ୍ୱର ବେହେରା ଅଡିଟୋରିୟମ ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନାଲକୋ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ବ୍ରଜେନ୍ଦ୍ର ପ୍ରତାପ ସିଂହ ଯୋଗ ଦେଇ ତାଙ୍କର ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ। ଏଲଏଣ୍ଡଟିର ସିଏମଡି ତଥା ଏନ୍ଆଇଟି ରାଉରକେଲାର ବୋର୍ଡ

- ୧୯୪୮ ଡିଗ୍ରୀଧାରୀ ସମ୍ବର୍ଦ୍ଧିତ; ୯ ଟି ପ୍ରତିଷ୍ଠାନ ସ୍ୱର୍ଣ୍ଣପଦକ ଓ ୭ ଏଣ୍ଡୋମେଣ୍ଟ ସ୍ୱର୍ଣ୍ଣପଦକ
- ୪ ଆଲୁମିନି ପାଇବେ ଆଲୁମିନୟସ ଆୱାର୍ଡ - ୨୦୨୫
- ଆଶିଷ ପାଢ଼ୀ ଶ୍ରେଷ୍ଠ ବି. ଟେକ୍ ଓ ଶିଭମ୍ କୁମାର ସିଂହ ଶ୍ରେଷ୍ଠ ଏମ୍. ଟେକ୍

ଅଫ୍ ଗଭର୍ଣ୍ଣର୍ସ ଏସ.ଏନ୍ ସୁବ୍ରମଣ୍ୟମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଉରକେଲା ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବର୍ତ୍ତନ ଉତ୍ସବ ଅବସରରେ ଏନ୍ଆଇଟିର ବିଭିନ୍ନ ବିଭାଗର ବିଦ୍ୟାର୍ଥୀଙ୍କୁ ଉପାଧି ପ୍ରଦାନ ଓ ପୁରାତନ ଛାତ୍ର(ଆଲମୁନି)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମାବର୍ତ୍ତନ ଉତ୍ସବରେ ମୋଟ ୧୯୪୮ ଜଣଙ୍କୁ ଡିଗ୍ରୀ ଉପାଧି ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ୪୭୧ ଜଣ ଝିଅ ରହିଥିଲେ ଯାହାକି ମୋଟ ଡିଗ୍ରୀ ଛାତ୍ରଛାତ୍ରୀଙ୍କର ୨୪. ୧୭ ପ୍ରତିଶତ। ଏତଦ୍‌ବ୍ୟତୀତ ସେମାନଙ୍କ ମଧ୍ୟରେ ୯ ଜଣଙ୍କୁ ପ୍ରତିଷ୍ଠାନ ସ୍ୱର୍ଣ୍ଣ ପଦକ, ୭ ଜଣଙ୍କୁ ଏଣ୍ଡୋମେଣ୍ଟ ସ୍ୱର୍ଣ୍ଣ ପଦକ, ୯ ଜଣଙ୍କୁ ଏଣ୍ଡୋମେଣ୍ଟ ପଦକ ଏବଂ ୫୮ ଜଣଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ଚଳିତବର୍ଷ ଆଶିଷ ପାଢ଼ୀ ଶ୍ରେଷ୍ଠ ବି. ଟେକ୍ ଓ ଶିଭମ୍ କୁମାର ସିଂହ ଶ୍ରେଷ୍ଠ ଏମ୍. ଟେକ୍ ଛାତ୍ର ଭାବେ ସ୍ୱର୍ଣ୍ଣପଦକ ହାସଲ କରି ସମ୍ବର୍ଦ୍ଧିତ ହୋଇଥିଲେ । ସେହିପରି ଶ୍ରେଷ୍ଠ ଏମବିଏ ଅଶିମା ପଣ୍ଡା, ଶ୍ରେଷ୍ଠ ଇଣ୍ଟିଗ୍ରେଟେଡ ଏମଏସସି ଇଶାନ୍ ଟକ୍କର, ଶ୍ରେଷ୍ଠ ପୋଷ୍ଟ ଗ୍ରାଜୁଏଟ ଶ୍ରିଷ୍ଟି ସାମର୍ଥ ଦାସ, ଶ୍ରେଷ୍ଠ ଡୁଆଲ ଡିଗ୍ରୀ ବି. ଟେକ୍ ଓ ଏମ୍. ଟେକ୍ ସଂସ୍କର ଶୋଭେନ୍, ଶ୍ରେଷ୍ଠ ପୋଷ୍ଟ ଗ୍ରାଜୁଏଟ ଏମ୍. ଟେକ୍ ଓ ଡୁଆଲ ଡିଗ୍ରୀ ଆଶିଷ ସାହୁ, ଶ୍ରେଷ୍ଠ ବିଟେକ୍ ଓ ବି. ଆର୍କ ସହସ୍ରାବ୍ଦ ସାଇ ପ୍ରଧାନ ଏବଂ ଶ୍ରେଷ୍ଠ ବିଆର୍କ ଭାବେ ତିଲକ ନିରଞ୍ଜନ ଇଙ୍କୁ ସ୍ୱର୍ଣ୍ଣପଦକ ସହ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ୧୦୪୪ ଜଣଙ୍କୁ ବିଟେକ୍, ୧୯ ଜଣଙ୍କୁ ବି ଆର୍କିଟେକ୍, ୪୪ ଜଣଙ୍କୁ ବିଟେକ ଓ ଏମଟେକ୍(ଦ୍ୱୈତ ଡିଗ୍ରୀ), ୬୫ ଜଣଙ୍କୁ ୫ ବର୍ଷିଆ ଇଣ୍ଟିଗ୍ରେଟେଡ଼େ ଏମ୍ଏସସି, ୪୬୯ ଜଣଙ୍କୁ ଏମଟେକ୍, ୧୭୦ ଜଣଙ୍କୁ ଏମ୍ଏସ୍‌ସି, ୨୫ ଜଣଙ୍କୁ ଏମଏମ୍, ୬୬ ଜଣଙ୍କୁ ଏମ୍‌ବିଏ, ୪୨୨ ଜଣଙ୍କୁ ଏମଟେକ୍ (ଗବେଷଣା) ଓ ୯୩ ଜଣଙ୍କୁ ପିଏଚ୍‌ଡି ଉପାଧି ପ୍ରଦାନ କରଯାଇଥିଲା। ଏତଦ୍‌ବ୍ୟତୀତ ଚଳିତ ବର୍ଷ ୮୧ ଜଣ ବିଦେଶୀ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା ଯେଉଁଥିରେ ୧୮ ଜଣ ଛାତ୍ରୀ ରହିଥିଲେ। ଏଥିରେ ବାଂଲାଦେଶର ୨୦ ଜଣ, ସୁଦାନର ଜଣେ, ନେପାଳର ୩୨, ଯୁକ୍ତରାଷ୍ଟ୍ର ଆମେରିକାର ୪ ଜଣ, ଆଫଗାନିସ୍ତାନର ଜଣେ, ଭୁଟାନର ୩ ଜଣ, ଦକ୍ଷିଣ ଆଫ୍ରିକାର ଜଣେ ଏବଂ ଭାରତର ଏନ୍ଆରଆଇ(ଅଣ ଆବାସିକ ଭାରତୀୟ) ଆଦି ବିଦେଶରୁ ୧୯ ଜଣଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସେହିପରି ଏନ୍ଆଇଟି ରାଉରକେଲାରୁ ପାଠପଢ଼ା ଶେଷ କରି ବିଭିନ୍ନ କ୍ଷେତ୍ରରେ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ୪ ଜଣ ପୁରାତନ ଛାତ୍ର(ଆଲୁମିନି)କୁ ଆଲୁମିନସ ଆୱାର୍ଡ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଥିଲେ ୨୦୪୭ ସୁଦ୍ଧା ଆମ ଦେଶ ବିକଶିତ ଭାରତ ହେବାକୁ ଆକାଂକ୍ଷା ଅଛି। ବିକଶିତ ଭାରତର ଚାରୋଟି ସ୍ତମ୍ଭ ମଧ୍ୟରୁ, ପ୍ରଥମ ଓ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଉଛି ଯୁବପିଢ଼ି। ଏକ ବିକଶିତ ଦେଶ ହେବା ପାଇଁ ଭାରତକୁ ଯୁବ ଉଦ୍ୟୋଗୀ, ଇଞ୍ଜିନିୟର, ବୈଜ୍ଞାନିକ, ପ୍ରଶାସକ, ଡାକ୍ତର ତଥା ସମସ୍ତଙ୍କର ଆବଶ୍ୟକତା ପଡ଼ିବ। ଆପଣ ସମସ୍ତଙ୍କ ପାଖରେ ପ୍ରଚୁର ସୁଯୋଗ ରହିବ, ତେଣୁ ଭାରତରେ ରୁହନ୍ତୁ, ଭାରତକୁ ସମର୍ଥନ କରନ୍ତୁ ଏବଂ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାର ସହାୟକ ହୁଅନ୍ତୁ ବୋଲି ଶ୍ରୀ ସିଂହ କହିଥିଲେ। ଏନ୍ଆଇଟି ରାଉରକେଲାର ବୋର୍ଡ ଅଫ୍ ଗଭର୍ଣ୍ଣରସ୍‌ର ଅଧ୍ୟକ୍ଷ ଏସ୍. ଏନ୍. ସୁବ୍ରମଣ୍ୟମ କହିଥିଲେ, ସଂପ୍ରତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପ୍ରତିଷ୍ଠାନ ଏନ୍ଆଇଆର୍‌ଏଫ୍ ୨୦୨୫ ତାଲିକାରେ ୧୩ତମ ସ୍ଥାନକୁ ଉନ୍ନୀତ ହୋଇଛି। ମୋଟ ଡିଗ୍ରୀଧାରୀଙ୍କ ମଧ୍ୟରୁ ୯୦ ପ୍ରତିଶତ ଛାତ୍ରଛାତ୍ରୀ ଚାକିରି ପାଇଛନ୍ତି। ଏହି ଅବସରରେ ଗ୍ରାଜୁଏଟିଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ଏନ୍ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି, ଏନ୍ଆଇଟି ରାଉରକେଲା କେବଳ ଜ୍ଞାନ ଓ ବୈଷୟିକ ବିଶେଷଜ୍ଞତା ଦେଇ ନାହିଁ ବରଂ ଆପଣଙ୍କୁ ମୂଲ୍ୟବାନ ଜୀବନ ଶିକ୍ଷା ମଧ୍ୟ ଦେଇ ଆଗାମୀ ଆହ୍ୱାନ ପାଇଁ ପ୍ରସ୍ତୁତ କରିଛି।

## ରାଉରକେଲାରେ ଉଡ଼ିଲା ପାକିସ୍ତାନ ଓ ପାଲେଷ୍ଟାଇନ ପତାକା

ରାଉରକେଲା, ୬।୯ (ସମିସ): ମହମ୍ମଦ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଆୟୋଜିତ ଶୋଭାଯାତ୍ରାରେ ପାକିସ୍ତାନ ଓ ପାଲେଷ୍ଟାଇନ ଦେଶର ପତାକା ଉଡ଼ିଥିବା ଦେଖିବାକୁ ମିଳିଥିଲା। ଫଳରେ ସହରବାସୀଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଏହି ପ୍ରସଙ୍ଗକୁ ନେଇ ଶନିବାର ଅନ୍ତର୍ରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ କଡ଼ା ବିରୋଧ କରାଯାଇ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ କରାଯାଇଛି। ଅପରପକ୍ଷେ ସମାନ ଅଭିଯୋଗ ବିଜେପି ପକ୍ଷରୁ ମଧ୍ୟ ପ୍ଲାଣ୍ଟସାଇଟ୍ ଥାନାରେ କରାଯାଇଛି। ଏହି ଅବସରରେ ରାଷ୍ଟ୍ରୀୟ ବଜରଙ୍ଗ ଦଳ ରାଜ୍ୟ ଉପସଭାପତି ରାଜୁ ସିଂ, ଅଂଶୁମାନ ପଣ୍ଡା, ଦେବାଶିଷ ହୋତା, ଲକ୍ଷ୍ମୀ ନାରାୟଣ ଶର୍ମା, ରଞ୍ଜିତ ବିଶ୍ୱାଳ ସମେତ ଅନ୍ୟମାନେ କଡ଼ା ବିରୋଧ କରିଥିଲେ। ଅପରପକ୍ଷେ ଶତାଧିକ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଘଟିଥିବା ଏଭଳି ଘଟଣାକୁ ନେଇ ସହରରେ ନାନାଦି ପ୍ରଶ୍ନ ଉଠିଛି। ଘଟଣାରେ ସମ୍ପୃକ୍ତ ଥିବା ସମସ୍ତ ଦୁର୍ବୃତ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

## ମଦ ଜବତ; ଦୁଇ ମାଷ୍ଟରମାଇଣ୍ଡ ଗିରଫ

ରାଉରକେଲା, ୬।୯ (ସମିସ): ନକଲି ବିଦେଶୀ ମଦ କାରବାର ଅଭିଯୋଗରେ ଅବକାରୀ ବିଭାଗ ଜଳଦା ଏ ବ୍ଲକ୍ ଅଞ୍ଚଳର ଶତ୍ରୁଘ୍ନ ପଶାୟତ ଓ ପୁରୁଣାପାଣି ତଇଣ୍ଡା ଅଞ୍ଚଳର ସୁକାନ୍ତି ଯୋଜୋକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ୧୫୦୦ଟି ଇଅଲ୍, ୭୦୦୦ଟି ଠିପି, ୧୧ ହଜାର ୬୪୦ଟି ମଦ ଭର୍ତ୍ତି ବୋତଲ, ୨ଟି ସ୍କୁଟି ଓ ୩ଟି ମୋବାଇଲ ଆଦି ଜବତ କରାଯାଇଛି। ବ୍ରାହ୍ମଣୀ ତରଙ୍ଗ ଥାନା ଅଧୀନ ସରଳା ଗ୍ରାମର ପରିତ୍ୟକ୍ତ ଘରେ ନକଲି ମଦ ମହଜୁଦ ରହିଥିବା ସୂଚନା ପାଇ ଅବକାରୀ ବିଭାଗର ଏକ ଟିମ୍ ଚଢ଼ଉ କରିଥିଲା। ଗିରଫ ଦୁଇ ଅଭିଯୁକ୍ତ ଝାଡ଼ଖଣ୍ଡ, ରାଞ୍ଚିରୁ ମଦ ଆଣି ବିଭିନ୍ନ କମ୍ପାନୀର ମଦ ବୋତଲରେ ବୋଟଲିଂ କରୁଥିଲେ। ପରେ ବିଭିନ୍ନ ଢାବା ସମେତ ବସ୍ତି ଅଞ୍ଚଳରେ ଚାଲାଣ କରୁଥିଲେ ବୋଲି ବିଭାଗ ନିକଟରେ ସ୍ୱୀକାର କରିଛନ୍ତି। ଦୁହିଁଙ୍କ ନାଁରେ ପୂର୍ବରୁ ସମାନ ଅଭିଯୋଗ ଏକାଧିକ ବାର ରହିଥିବା ତଦନ୍ତରୁ ଜଣାପଡ଼ିଛି। ଜବତ ହୋଇଥିବା ମଦ ସମେତ ଅନ୍ୟ ସାମଗ୍ରୀର ମୂଲ୍ୟ ୩ ଲକ୍ଷ ୨୯ ହଜାର ୮୨୦ ଟଙ୍କା ହେବ ବୋଲି ଜଣାପଡ଼ିଛି।

## ସର୍ଗୁକିଶାନ ଉଚ୍ଚ ବିଦ୍ୟାଳୟର ଦୁଇ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର





କୁତ୍ରା, ୬।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅଧୀନ ତୁନମୁରାଠାରେ ଥିବା ସାର୍ଗୁକିଶାନ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଗୁରୁଦିବସ ଦିନ 'ମୁଖ୍ୟମନ୍ତ୍ରୀ ପୁରସ୍କାର' ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ ଗୁରୁଦିବସ ପାଳନ ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପାଢ଼ୀ ଓ କ୍ରୀଡ଼ାଶିକ୍ଷକ ଉମାଶଙ୍କର ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭାଙ୍କର ମହାପାତ୍ର, ଏଡିଏମ୍ ଅଭିମନ୍ୟୁ ମାଝୀ, ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷାର ବିକାଶ ପାଇଁ ନିଜର ଅସାଧାରଣ ଉଦ୍ୟମ, ସାଧାନା, ଦୃଢ଼ ନିଷ୍ଠା, ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ ପାଇଁ ନିରନ୍ତର ଉଦ୍ୟମ ଯୋଗୁ ଓଡ଼ିଶା ସରକାରଙ୍କ ତରଫରୁ ଶ୍ରୀମତି ପାଢୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଛି। ଚଳିତବର୍ଷ ଶ୍ରୀମତି ପାଢ଼ୀଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ପ୍ରକୃତିବନ୍ଧୁ ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଇକୋ କ୍ଲବ୍ ଇନଚାର୍ଜ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟକରି ସେ ବିଦ୍ୟାଳୟ ପାଇଁ ଓଡିଶା ସରକାରଙ୍କ ପ୍ରକୃତିମିତ୍ର ପୁରସ୍କାର ଭଳି ଗୌରବ ଆଣିଛନ୍ତି। ସେହିପରି କ୍ରୀଡ଼ା ଶିକ୍ଷକ ଉମାଶଙ୍କର ମଲ୍ଲିକଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ସଫଳତାରେ ବିଦ୍ୟାଳୟ ତରଫରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

## ଆର୍‌ଏସ୍‌ପି ପକ୍ଷରୁ ଗୁରୁ ଦିବସ



ରାଉରକେଲା, ୬।୯ (ସମିସ): ରାଉରକେଲା ଇସ୍ପାତ କାରଖାନା ଓ ଏସ୍‌ଏସ୍‌ଆରଭିଏମ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଗୁରୁ ଦିବସ ପାଳିତ ହୋଇଛି। ରାଉରକେଲା ଷ୍ଟିଲପ୍ଲାଣ୍ଟ ଓ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଦ୍‌ଘାଟନ କରିଥିଲେ। ତରୁଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରଫେସର ଡ. ବୈଶାଳୀ ବାମ୍ବୋଲେ ମଞ୍ଚରେ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଟି ଜି କାନେକର ଓ ଆଲୋକେଶ ସେନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଶ୍ରୀ ବର୍ମା ଡ. ବାମ୍ବୋଲେଙ୍କ ସମେତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଏବଂ ଇସ୍ପାତ ବିଦ୍ୟା ମନ୍ଦିର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲେ। ପ୍ରାରମ୍ଭରେ ଆଲୋକେଶ ସେନ୍ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର - ୨୦ର ହେଡବୟ ମାଷ୍ଟର ପ୍ରଜ୍ଞାନରଞ୍ଜନ ବାରିକ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ।

## ନିରଞ୍ଜନ ବେହେରାଙ୍କ ବିୟୋଗରେ ଶୋକ

ରାଉରକେଲା, ୫।୯ (ସମିସ): ସୃଜନୀ ସାହିତ୍ୟ ସଂସଦର ସଭାପତି ଶଚିନ୍ଦ୍ର ସ୍ୱାଇଁ ଏବଂ ସାଧାରଣ ସମ୍ପାଦକ ରବୀନ୍ଦ୍ର ବେହୁରିଆ ସ୍ୱର୍ଗତ ନିରଂଜନ ବେହେରାଙ୍କ ଭାଇଙ୍କ ବିୟୋଗରେ ଶୋକ ପ୍ରକାଶ ପ୍ରକଟ କରିଛନ୍ତି। ଏକ ବିବୃତିରେ ସେମାନ କହିଛନ୍ତି ସ୍ୱର୍ଗତ ବେହେରା ଅଶୋଭନୀୟ ଆନ୍ଦୋଳନରେ ଜୀବନବ୍ୟାପୀ ନିଜକୁ ଉତ୍ସର୍ଗ କରି ଶୋଭାନୀୟ ଶିକ୍ଷାଶ୍ରମ ଆଇଡିଏଲ୍ ରୋଡ ସ୍ଥିତ ତଥା ଲାଠିକଟା କଲରା ଖମନ୍ ଠାରେ ପ୍ରତିଷ୍ଠା କରି ଅନେକ ଗରିବ ଅବହେଳିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦାନ କରି ଆଦର୍ଶ ସୃଷ୍ଟି କରିଥିଲେ।

## କାଶିଆ ସ୍କୁଲରେ ଜିନ୍ଦଲ ସୁବିଧା କେନ୍ଦ୍ର ଉଦ୍‌ଘାଟିତ

ରାଉରକେଲା, ୬।୯ (ସମିସ)




ଯୋଡ଼ା ବ୍ଲକ ଅଧୀନ ସରେଣ୍ଡା ପଞ୍ଚାୟତ କାଶିଆ(କ) ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ନିର୍ମିତ ଜିନ୍ଦଲ ସୁବିଧା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିନ୍ଦଲ ଷ୍ଟିଲର ଇଡିପି ତଥା ବିକେଟି କ୍ଲଷ୍ଟର ମୁଖ୍ୟ ପ୍ରମୋଦ କୁମାର ପାତ୍ରଙ୍କ ଉପସ୍ଥିତିରେ ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡ଼ା ବିଇଓ କ୍ଷେତ୍ରମୋହନ ହାଁସଦା, ସରେଣ୍ଡା ସରପଞ୍ଚ ଇଞ୍ଜିନିୟର ସୁସ୍ମିତା ସିଦ୍ଧୁ, ସିଏଏସଆର ମୁଖ୍ୟ ଉର୍ଜିଲ ଲାକ୍ରାଙ୍କ ସମେତ ଜିନ୍ଦଲ ଷ୍ଟିଲ୍ ଓ ଜିନ୍ଦଲ ଫାଉଣ୍ଡେସନର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏହି ଅଭିଯାନକୁ ଉପ ଜିଲ୍ଲାପାଳ ଶ୍ରୀ ପରିଡ଼ା ପ୍ରଶଂସା କରିବା ସହ ଗ୍ରାମାଞ୍ଚଳର ଶିଶୁମାନଙ୍କ ବିକାଶ ଏବଂ ସରକାରଙ୍କ ସମାବେଶୀ ଶିକ୍ଷା କାର୍ଯ୍ୟକ୍ରମରେ ଏହାର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପାରିପାର୍ଶ୍ୱିକ ଅଞ୍ଚଳରେ ଶିକ୍ଷା ଭିତ୍ତିଭୂମି ମଜଭୁତ କରିବା ସହ ଶିଶୁମାନଙ୍କ ପାଇଁ ଅନୁକୂଳ ଶିକ୍ଷଣ ପରିବେଶ ପ୍ରସ୍ତୁତି ପାଇଁ କାର୍ଯ୍ୟ କରିଆସୁଛନ୍ତି। ଏହି ଜିନ୍ଦଲ ସୁବିଧା କେନ୍ଦ୍ରର ରୋଷେଇ ଘର ତଥା ଭୋଜନାଳୟ ଦ୍ୱାରା ୨୨୦ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱଚ୍ଛ ଓ ପରିଷ୍କାର ପରିଚ୍ଛନ୍ନ ପରିବେଶ ମଧ୍ୟରେ ଖାଇବାର ସୁବିଧା ଉପଲବ୍ଧ ହୋଇଛି। ଏହା ସହିତ ଜିନ୍ଦଲ ଫାଉଣ୍ଡେସନ ନିରାପଦ ପାନୀୟ ଜଳ ବ୍ୟବସ୍ଥା, ଉନ୍ନତ ପରିମଳ ବ୍ୟବସ୍ଥା ଏବଂ ଖେଳିବା ପାଇଁ ଭିତ୍ତିଭୂମିର ବିକାଶ କରିଛି। କାଶିଆ (ଖ) ପ୍ରାଥମିକ ବିଦ୍ୟାଳୟ, ଭୁସଗାଁ ପ୍ରାଥମିକ ବିଦ୍ୟାଳୟ ଓ ଝାରଡଗାଁ ଉଚ୍ଚ ପ୍ରାଥମିକ ସ୍କୁଲରେ ମଧ୍ୟ ସମାନ ସୁବିଧା କେନ୍ଦ୍ର ନିର୍ମାଣ ଚାଲିଛି। ଆସନ୍ତା ମାସରେ ଏହାର ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି।

## ବ୍ଲକସ୍ତରୀୟ ଆଦି କର୍ମଯୋଗୀ ଅଭିଯାନର କର୍ମଶାଳା

କୁତ୍ରା, ୬।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ସଭାଗୃହରେ ଶନିବାର ଅପରାହ୍ନରେ ବ୍ଲକସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା ଆୟୋଜିତ ହୋଇଛି। ଅତିଥି ଭାବରେ କୁତ୍ରା ତହସିଲଦାର ପ୍ରମୋଦ କୁମାର ବାସ୍କେ, ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ଲତା ଲାକ୍ରା ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିଲ୍ଲି ସଞ୍ଜିତା ମିଞ୍ଜ ଯୋଗଦେଇ ଥିଲେ। ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଧିରାଣି ସୋରେନ ପରିଚାଳନା କରିଥିଲେ। ଏହି ଯୋଜନାରେ କୁତ୍ରା ବ୍ଲକ୍‌ର ୧୬ଟି ପଞ୍ଚାୟତରୁ ୪୨ଟି ଜନଜାତି ବହୁଳ ଗ୍ରାମକୁ ନିଆଯାଇଥିବା ସେ ନିଜ ବକ୍ତବ୍ୟରେ ଜଣାଇଥିଲେ। ୭ଟି ବିଭାଗର ବିଭାଗୀୟ ଅଧିକାରୀ, ବ୍ଲକର ସମସ୍ତ କର୍ମଚାରୀ ଓ ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟସଭ୍ୟାମାନଙ୍କୁ ମଧ୍ୟ ଆଗେଇ ଆସିବା ପାଇଁ ଅନୁରୋଧ କରିଥିଲେ।

## ରାମପୁରରେ ମହମ୍ମଦ ଜୟନ୍ତୀ ପାଳିତ



ବାଲିଶଙ୍କରା, ୬।୯ (ସମିସ): ବାଲିଶଙ୍କରା ବ୍ଲକ୍ ରାମପୁର ପଞ୍ଚାୟତ ରାମପୁର ଗ୍ରାମରେ ମହମ୍ମଦ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖମପୁର ଗୌନ୍ତିଆ ପ୍ରଦୀପ କୁମାର ଶେଖର ଦେଓ, ସମିତିସଭ୍ୟ ପ୍ରମୋଦ ମିଞ୍ଜ, ସମାଜସେବୀ କୃଷ୍ଣସାହୁ, ଜେନାମଣି କିସାନ, ସାମ୍ବାଦିକ ପ୍ରଦୀପ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। ମହମ୍ମଦ ଜୟନ୍ତୀରେ ରାମପୁର ମୁସଲିମ ସମାଜର ସଭାପତି ଏମ୍‌ଡି ଅନୁୟର ଆଲମ, ସମ୍ପାଦକ ଏମ୍‌ଡି ଇବ୍ରାହିମ ମହମ୍ମଦ ସିଦ୍ଦିକ, ମହମ୍ମଦ ରଫିକ, ଏମ୍‌ଡି ମନସୁର ଖାନ, ମହମ୍ମଦ ସମୀର, ରାଜା, ଅଲିମ, ଇବ୍ରାମ, ମୁସ୍ତାଫା, ସୁଲେମାନ, ଫକୀର ହୁସେନ ପ୍ରମୁଖ ଯୋଗଦେଇ ଥିଲେ।

## ରାଜ୍ୟସ୍ତରୀୟ ଗୁରୁ ସମ୍ବର୍ଦ୍ଧନା ସମାରୋହ

# ୪୦ ଜଣଙ୍କୁ ଆଦର୍ଶ ଗୁରୁ ସମ୍ମାନ

ଯାଜପୁର, ୬।୯ (ସମିସ)



ଭାରତର ପ୍ରାକ୍ତନ ରାଷ୍ଟ୍ରପତି ତଥା ମହାନ୍ ଦାର୍ଶନିକ ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୧୩୮ ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟସ୍ତରୀୟ ଗୁରୁ ସମ୍ବର୍ଦ୍ଧନା ସମାରୋହ ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସମାବେଶ ମଞ୍ଚ, ଓଡ଼ିଶା ଓ ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ୧୩୮ ତମ ଜୟନ୍ତୀ କମିଟି, ଯାଜପୁର ପକ୍ଷରୁ ଆୟୋଜିତ ଏହି ମନୋଜ୍ଞ ଓ ବର୍ଣ୍ଣାଢ଼୍ୟ ସମାରୋହରେ ଉଦ୍‌ଘାଟକ ଭାବେ ଯାଜପୁର ବିଧାୟିକା ସୁଜାତା ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାରସ୍ୱତ ସମାବେଶ ମଞ୍ଚର ସଭାପତି ସାହିତ୍ୟିକ ଘନ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଯାଜପୁର ଜିଲ୍ଲା ପରିଷଦର ପ୍ରାକ୍ତନ ଅଧ୍ୟକ୍ଷ ଗୌତମ ରାୟ ମୁଖ୍ୟଅତିଥି, କଳିଙ୍ଗନଗର ଜନଜୀବନ ସୁରକ୍ଷା ପରିଷଦର ସଭାପତି ପ୍ରଶାନ୍ତ କୁମାର ରାୟ ମୁଖ୍ୟବକ୍ତା, ବାଲେଶ୍ୱରର ପ୍ରାକ୍ତନ ଜିଲ୍ଲାପାଳ ରମେଶ ଚନ୍ଦ୍ର ରାଉତ ଓ ଶିକ୍ଷାବିତ୍ ସୁରେନ୍ଦ୍ର ରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅଭ୍ୟର୍ଥନା କମିଟିର ଉପାଧ୍ୟକ୍ଷ ଧରଣୀଧର ମହାପାତ୍ର ମଞ୍ଚ ନିମନ୍ତ୍ରଣ, ଉପସଭାପତି ଡ. ଅକ୍ଷୟ କୁମାର ପଣ୍ଡା ଅତିଥି ପରିଚୟ ଓ ଅଭ୍ୟର୍ଥନା କମିଟିର ଉପାଧ୍ୟକ୍ଷ ଦେବେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାରୋହରେ ଓଡ଼ିଶାରେ ସମାଜସେବା, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଜୀବନବ୍ୟାପୀ ଉତ୍ସର୍ଗୀକୃତ ସେବା ଓ ସାଧନା ନିମନ୍ତେ ସମାଜସେବୀ ଗୌତମ ରାୟ, ଶିକ୍ଷାବିତ ଡ. କେଶବ ଚନ୍ଦ୍ର ଶତପଥୀ ଓ ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡା. ସତ୍ୟନାରାୟଣ ରାଉତରାୟଙ୍କୁ ମାନପତ୍ର, ଉତ୍ତରୀୟ ଓ ଉପଢ଼ୌକନ ସହିତ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏତଦ୍‌ଭିନ୍ନ ଶିକ୍ଷାକ୍ଷେତ୍ରରେ ଡ. ରାମଚନ୍ଦ୍ର ନାୟକ, କଳ୍ପତରୁ ସାହୁ, ବିଦ୍ୟୁଲତା ପାତ୍ର, ମାଙ୍ଗଳିକା ଦାସ, ଜହିରୁଦ୍ଦିନ ଖାଁ, ସୁଦର୍ଶନ ମଲ୍ଲିକ, ମୀନାକ୍ଷି ମିଶ୍ର, ଲକ୍ଷ୍ମୀପ୍ରିୟା ମହାପାତ୍ର, ଡ. ମମତାମୟୀ ଦାସ, ଜ୍ଞାନ ରାଉତରାୟ, ଡ. ମୋହନ ଚରଣ ଖୁଣ୍ଟିଆ, ଦେବାଶିଷ ବେହେରା, ସୁପ୍ରଭା ନାୟକ, ନୀଳମଣି ନାୟକ, ବିଜୟ କୁମାର ଶତପଥୀ, ଡ. ସୁଦର୍ଶନ ବେହେରା, ନୀଳୋତ୍ପଳା ମହାନ୍ତି, ଗାୟିତ୍ରୀ ନାୟକ, ପୂର୍ଣ୍ଣିମା ରାୟ, ନମିତା ସୁତାର, ସୁକାନ୍ତି ରାୟ, ପ୍ରତାପ କୁମାର ବିଶ୍ୱାଳ, ବୃନ୍ଦାବନ ପାଣି, କମଳା କୁମାରୀ ଦାସ, ମହାଶ?ବେତା ଉପାଧ୍ୟାୟ, ସ୍ୱର୍ଣ୍ଣପ୍ରଭା ପଲାଇ ଓ ପ୍ରମିଳା ସ୍ୱାଇଁ ପ୍ରମୁଖଙ୍କୁ 'ଆଦର୍ଶ ଗୁରୁ ସମ୍ମାନ-୨୦୨୫' ଏବଂ ସାହିତ୍ୟ, ସ୍ୱାସ୍ଥ୍ୟ ସେବା, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ଗଙ୍ଗାଧର ମହାପାତ୍ର, ବୀରେନ୍ଦ୍ର ମହାନ୍ତି, କୃଷ୍ଣଚନ୍ଦ୍ର ସାମଲ, ନରେନ୍ଦ୍ର କୁମାର ଜେନା, ଡା. ମଦନ ମୋହନ ସାମଲ, ଡା. ସୁପ୍ରକାଶ ଶତପଥୀ, ଡା. ଭିକାରୀ ଚରଣ ଦାସ, କବି ଡ. ଶ୍ରୀହରି ଧଳ, ଗାଳ୍ପିକ ରମେଶ ଚନ୍ଦ୍ର ପଣ୍ଡା, କବୟିତ୍ରୀ ତୁହିନା ମିଶ୍ର, ଗୀତିକବି ସଂଗ୍ରାମ କେଶରୀ ବେହୁରା, ଡା. ସୁକାନ୍ତି କୁମାରୀ ଜେନା, ଇଂ. ଅଲେଖ କୁମାର ଜେନା, ଶଶିଭୂଷଣ ତ୍ରିପାଠୀ, ଅଜୟ କୁମାର ପାତ୍ର, ସଇଫୁର ରହେମାନ, ସେକ୍ ଅବଦୁଲ ସାଜିଦ୍ ଓ ପଥର ଶିଳ୍ପୀ ପ୍ରଭାତ ରଞ୍ଜନ ମହାରଣାଙ୍କୁ 'ଭାରତରତ୍ନ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ ସ୍ମୃତି ସମ୍ମାନ-୨୦୨୫' ପ୍ରଦାନ କରାଯାଇ ସମ୍ବର୍ଦ୍ଧନ କରାଯାଇଥିଲା।

**୨୦ ଜଣଙ୍କୁ ରାଧାକ୍ରିଷ୍ଣନ ସ୍ମୃତି ସମ୍ମାନ**

## ଜିଲ୍ଲାପାଳଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ



**ଯାଜପୁର, ୬।୯ (ସମିସ):** ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଅତର୍କିତ ଭାବରେ ଆସି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ସେ ମେଡିକାଲ ସ୍ଥିତ ବହିର୍ବିଭାଗକୁ ସର୍ବପ୍ରଥମେ ଯାଇ ମେଡିକାଲରେ ରୋଗୀମାନେ ନିଜ ଚିକିତ୍ସା ପାଇଁ ଏଣେ ତେଣେ ବୁଲିବା ଦେଖି ବିରକ୍ତି ଭାବ ପ୍ରକାଶ କରିଥିଲେ। ମେଡିକାଲ ପରିଚାଳକଙ୍କୁ ଏହା ସବୁ ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ରୋଗୀ ମାନେ କିପରି ସୁବିଧାରେ ଧାଡି ବାନ୍ଧି ଆସି ନିଜ ଡାକ୍ତରଙ୍କ ପରାମର୍ଶ ନେଇ ଯିବେ ତାହା କହିଥିଲେ। ପରେ ଶ୍ରୀ କର ସେଠାରେ ଉପସ୍ଥିତ ଥିବା କିଛି ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ଅଡିଓଲୋଜି ବିଭାଗରେ କିଛି ଯନ୍ତ୍ରାଂଶର ଅଭାବ ଏବଂ ଏସିର ଅଭାବ ବିଷୟରେ ସେଠାରେ ଉପସ୍ଥିତ ଡାକ୍ତର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାପାଳ ମେଡିକାଲରେ ଉପସ୍ଥିତ ଥିବା କିଛି ରୋଗୀ ଏବଂ ସେମାନଙ୍କ ଆଟେଣ୍ଡାଣ୍ଟମାନଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲାପାଳ ମେଡିକାଲର ମୁଖ୍ୟ ପ୍ରବେଶ ଦ୍ୱାରକୁ ଯାଇ ସେଠାରେ ଟ୍ରାଫିକ୍ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସେଠାରେ ଅତିମାତ୍ରାରେ ଗାଡି, ଅଟୋ ଆଦି ରହୁଥିବାରୁ ମେଡିକାଲର ପ୍ରବେଶ ପଥଟି ସଂକୀର୍ଣ୍ଣ ହୋଇଯାଉଥିବାରୁ ସେଠୁ ସମସ୍ତ ପରିବହନ ଯାନକୁ ଉଠେଇବା ପାଇଁ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ। ତତ୍ପରେ ଜିଲ୍ଲାପାଳ ନିଜ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ। ମେଡ଼ିକାଲରେ କାର୍ଯ୍ୟରତ ଥିବା ଆଉଟସୋର୍ସିଂ ଏଜେନ୍ସି ଏବଂ ମ୍ୟୁନିସିପାଲିଟିରେ ନିୟୋଜିତ ହୋଇଥିବା ଆଉଟସୋର୍ସିଂ ଏଜେନ୍ସିକୁ ୫ ଦିନ ଭିତରେ ସମସ୍ତ ବର୍ଜ୍ୟବସ୍ତୁ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନ ହେଲେ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ, ତହସିଲଦାର, ସବକଲେକ୍ଟର, ଭୂମି ଅଧିଗ୍ରହଣ ଅଧିକାରୀ, ଯାଜପୁର ମ୍ୟୁନିସିପାଲଟିର କର୍ମକର୍ତ୍ତା, ହସ୍ପିଟାଲ ମ୍ୟାନେଜର ଓ ଡିପିଏମ୍ ଉପସ୍ଥିତ ଥିଲେ।

## ପ୍ରତିଭା ଚୟନ ପ୍ରତିଯୋଗିତା




**ସିଂହପୁର, ୬।୯ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛଳ ବରୁଣେଇ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଟିଚର୍ସ କ୍ଲବ୍ ପକ୍ଷରୁ ପ୍ରତିଭା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଶମ୍ଭୁନାଥ ଦାସଙ୍କ ସଭାପତିତ୍ୱ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରୁଣେଇ ବାଳିକା ଉଚ୍ଚ ବିଦ୍ୟାଳୟ ଓ ନୋଡାଲ ୟୁପି ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଜେତା ମାନଙ୍କୁ ଅଭିମନ୍ୟୁ ସାହୁ ସ୍ମୃତିସଂସଦ ସମ୍ମାନ ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରତିଜ୍ଞା ସାହୁ, ଶିଖାମଞ୍ଜରୀ ବାରିକଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ଗୁରୁ ବନ୍ଦନା ଗାନ କରିଥିଲେ। ଶିକ୍ଷୟିତ୍ରୀ ପଦ୍ମିନୀ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଏବିଓ ପ୍ରମୋଦ କୁମାର ସାମଲ, ରବି ନାରାୟଣ ସାମଲ, ରାମଚନ୍ଦ୍ର ନାୟକ, ରବୀନ୍ଦ୍ର କୁମାର ଦାସ, ବିଷ୍ଣୁଚରଣ ସାମଲ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ପ୍ରତିଭାର ମାନ ନିର୍ଦ୍ଧାରଣ କରିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ଶ୍ରୀଧର ସାହୁ, ଟିଚର୍ସ କ୍ଲବ୍‌ର ପ୍ରାକ୍ତନ୍ ସଭାପତି ବିଜୟ କୁମାର ନାୟକ, ସମ୍ପାଦକ ସରୋଜ କୁମାର ମଲ୍ଲିକ, ଉପଦେଷ୍ଟା ସୁରେନ୍ଦ୍ର କୁମାର ପତି, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମିଶ୍ର, ରତିକାନ୍ତ ସାମଲ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ଉମେଶ ଚନ୍ଦ୍ର ସାମଲ, ଶିକ୍ଷକ ନିଶାକର ସାହୁ, ମାଧବାନନ୍ଦ ଧଳ, ସତ୍ୟଭୂଷଣ ବାରିକ, ଭାରତ ଭୁଷଣ ମଲ୍ଲିକ ସଭା ଓ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଉତ୍କଳ କେଶରୀ ବାରିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍କ୍ୱାର୍ଡ ଗଠନ

# ସାର କଳାବଜାରୀ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ

**ଯାଜପୁର, ୬।୯ (ସମିସ):** ଜିଲ୍ଲାରେ ସାରର ଅଭାବି ବିକ୍ରି ସମସ୍ୟାର ସମାଧାନ କରିବାକୁ ଜିଲ୍ଲାପାଳ ପଦକ୍ଷେପ ଗ୍ରହଣ କରିଛନ୍ତି। ଏ ନେଇ ଜିଲ୍ଲାପାଳ ଅମ୍ବର କୁମାର କର କୃଷି ଅଧିକାରୀ, ସମବାୟ ବିଭାଗ, ମାର୍କଫେଡ୍ ଏବଂ ଏଗ୍ରୋ ଇଣ୍ଡଷ୍ଟ୍ରିଜ୍ ଅଧିକାରୀମାନଙ୍କ ସହ ବିସ୍ତୃତ ସମୀକ୍ଷା କରିଛନ୍ତି। ସାର ବଣ୍ଟନ, ଉପଲବ୍ଧତା ଓ ଯୋଗାଣ ପ୍ରଣାଳୀ ସମ୍ପର୍କରେ ସେ ବିସ୍ତୃତ ସମୀକ୍ଷା କରି ତୁରନ୍ତ ଚାଷୀଙ୍କୁ ହସଜରେ ସାର ଉପଲବ୍ଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଚଳିତ ବର୍ଷ ଖରିଫ୍ ଧାନ ଚାଷ ପାଇଁ ୮୫୦୦ ମେଟ୍ରିକ୍ ଟନ୍ ୟୁରିଆ ସାରର ଆବଶ୍ୟକ ଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୯୪୪୮ ମେଟ୍ରିକ୍ ଟନ୍ ସାର ଆସିଛି। ଡିଏପି ସାର ୫୫୦୦ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୬୬୦୧ ମେଟ୍ରିକ୍ ଟନ୍ ସାର ଆସିଛି। ଏନ୍‌ପିକେ ଏସ୍ ସାର ୭୫୦୦ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୫୧୫୮ ମେଟ୍ରିକ୍ ଟନ୍ ସାର ଆସିଛି। ଏମଓପି ୨୦୦୦ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୧୮୭୩ ମେଟ୍ରିକ୍ ଟନ୍ ଆସିଛି। ସେପ୍ଟେମ୍ବର ମାସରେ ମଧ୍ୟ ପୂର୍ବରୁ ଗଚ୍ଛିତ ରଖିବା ପାଇଁ ୩୦୦୦ ମେଟ୍ରିକ୍ ଟନ୍ ୟୁରିଆ ସାର ଏବଂ ପଟାସ ସାର ଜିଲ୍ଲାକୁ ଆସିବାର ଯୋଜନା ଅଛି। ସାର ବଣ୍ଟନକୁ ସୁପରିଚାଳିତ କରିବା ପାଇଁ ସମସ୍ତ ପ୍ୟାକେଜରେ ସ୍ୱଷ୍ଟ ଲେବେଲ, ନିୟମିତ ସପ୍ଲାଇ ଚେକ୍ ଏବଂ କୃଷକମାନଙ୍କୁ ନିୟମିତ ସୂଚନା ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେଥିସହିତ, କୌଣସି ସ୍ଥାନରେ ସାର କଳାବଜାରୀ, ଅଭାବ ସୃଷ୍ଟି କିମ୍ବା ଅନିୟମିତତା ଚାଲିଥିଲେ, ତାହାପାଇଁ କଡ଼ା ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ସମବାୟ ସମିତି ଗୁଡ଼ିକୁ ମାର୍କଫେଡ୍ ମାଧ୍ୟମରେ ପର୍ଯ୍ୟାପ୍ତ ପରିମାଣରେ ସାର ପ୍ରଦାନ କରାଯିବା ସହିତ, କୃଷକମାନେ ସରଳ ଓ ସ୍ୱଷ୍ଟ ପ୍ରକ୍ରିୟାରେ ସାର ପାଇପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସ୍କ୍ୱାର୍ଡ ଗଠନ କରାଯାଇଛି। ଜିଲ୍ଲାପାଳଙ୍କ ଏହି ବୈଠକ ପରେ ସମସ୍ତ ତହସିଲଦାର ଏବଂ କୃଷି ଅଧିକାରୀଙ୍କର ଭିଡିଓ ସମ୍ମିଳନୀ ମାଧ୍ୟମରେ ବ୍ଲକସ୍ତରୀୟ ସ୍କ୍ୱାର୍ଡଙ୍କୁ ସାରର ସୁବଣ୍ଟନ କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। କୃଷି ବିଭାଗ ତରଫରୁ ଖରିଫ ପ୍ରାରମ୍ଭରୁ ବିଭିନ୍ନ ସାର ବିକ୍ରେତାଙ୍କୁ ଯାଞ୍ଚ କରାଯାଇ କାରଣ ଦର୍ଶାଅ ନୋଟିସ୍ ଦିଆଯାଇଛି ଏବଂ ଏହି ଯାଞ୍ଚକୁ ବ୍ୟାପକ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ଏଥିରେ କୃଷି ବିଭାଗ, ସମବାୟ ବିଭାଗ ଓ ତହସିଲଦାର ମାନେ ଅତର୍କିତ ଭାବରେ କୃଷି ସମବାୟ ସମିତି ଓ ଡିଲର ପଏଣ୍ଟରେ ଚଢ଼ଉ କରିବେ ବୋଲି ଜିଲ୍ଲାପାଳ କହିଥିଲେ।

## ଆରଏସ୍‌ଏସ୍‌ର ଶତାବ୍ଦୀ ସ୍ୱାଗତ ସଞ୍ଚାଳନ କାର୍ଯ୍ୟକ୍ରମ

**ସୁକିନ୍ଦା, ୬।୯ (ସମିସ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସୁକିନ୍ଦା ଖଣ୍ଡର ଶତାବ୍ଦୀ ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ସୁକିନ୍ଦା ସଦର ମହକୁମା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ବାଲେଶ୍ୱର ବିଭାଗ କାର୍ଯ୍ୟବାହ ବିଷ୍ଣୁମୋହନ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସୁକିନ୍ଦାଖଣ୍ଡ ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶତାଧିକ ସ୍ୱୟଂସେବକ ସୁକିନ୍ଦା ବ୍ଲକ ସମ୍ମୁଖରୁ ବାହାରି ୫୩ନଂ ଜାତୀୟ ରାଜପଥ ଦେଇ ବିଜୁ ପଟ୍ଟନାୟକ ଛକରେ ବାହାରି ଥିଲେ। ପରେ ରଥଛକ ଦେଇ ଦୋଳମଣ୍ଡପକୁ ଯାଇଥିଲେ। ସେଠାରୁ ମିନବଜାର ପଡ଼ିଆରେ ପ୍ରକଟ କାର୍ଯ୍ୟକ୍ରମ କରିଥିଲେ, ଏଥିରେ ୬ଟି ଆସନ ଓ ୪ଟି ବ୍ୟାୟାମ ଯୋଗ ପ୍ରଦର୍ଶନ କରାଯାଇଥିଲା। ଶେଷ ହୋଇଥିଲା। କାର୍ଯ୍ୟକ୍ରମ ପୂର୍ବରୁ ସଂଘର ପତାକା ଉତ୍ତୋଳନ ପରେ ସୁକିନ୍ଦା ଖଣ୍ଡର କାର୍ଯ୍ୟବାହ ବାଉରୀବନ୍ଧୁ ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶେଷରେ ଯାଜପୁର ଜିଲ୍ଲା ଗୋରକ୍ଷା ପ୍ରମୁଖ ପଦ୍ମନାଭ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ, ଜିଲ୍ଲା ପ୍ରଚାରକ ମନୋଜ ସାହୁ, ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ତପନ ମହାନ୍ତଙ୍କ ସହ ବିଭିନ୍ନ ଖଣ୍ଡରୁ ବହୁ ସଦସ୍ୟ ଯୋଗ ଦେଇଥିଲେ।

## କିଡ୍‌ନୀ ରୋଗୀକୁ ସହାୟତା ପାଇଁ ନିବେଦନ

**ଦଶରଥପୁର, ୬।୯ (ସମିସ):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ନୀଳକଣ୍ଠପୁର ଗ୍ରାମର ହୃଷୀକେଶ ସ୍ୱାଇଁଙ୍କ ପୁତ୍ର ସରୋଜ ସ୍ୱାଇଁ (୪୦)ଙ୍କ ୨ଟି ଯାକ କିଡ୍‌ନୀ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଏଣୁ ଚିକିତ୍ସା ପାଇଁ ଚିନ୍ତାରେ ପରିବାର ଲୋକେ। ଗତ ୫ ମାସ ତଳେ ସରୋଜ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା ଫଳରେ ଡାକ୍ତରଙ୍କ ପରାମର୍ଶ ଯୋଗୁଁ ପରୀକ୍ଷା ନିରୀକ୍ଷା କରିବା ପରେ ୨ଟି କିଡ୍‌ନୀ ନଷ୍ଟ ହୋଇଯାଇଥିବା ସୂଚନା ଦେଇଥିଲେ। ତୁରନ୍ତ ଏକ କିଡ୍‌ନୀ ଅଦଳ ବଦଳ କରିବାକୁ ପରାମର୍ଶ ଦିଆଯାଇଛି। ଏହାଛଡା ଶରୀରରେ ରକ୍ତ ଅଭାବ ଦ୍ୱାରା ପ୍ରତି ସପ୍ତାହରେ ଡାଇଲେସିସ କରିବାକୁ ପଡୁଛି। ସରୋଜଙ୍କ ପରିବାର ଅତି ଗରିବ ଶ୍ରେଣୀର ହୋଇଥିବା ବେଳେ ବାରମ୍ବାର ଚିକିତ୍ସା କରାଇବା, ଡାକ୍ତର ଦେଖାଇବା ପାଇଁ ଯାତାୟାତ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଏଣୁ ତାଙ୍କ ମା' କୁନି ସ୍ୱାଇଁ ପୁଅର ଚିକିତ୍ସା ନିମନ୍ତେ ସହାୟତା ପାଇଁ ଆକୁଳ ନିବେଦନ କରିଛନ୍ତି।

# ପାଣିକୋଇଲିକୁ ଏନ୍‌ଏସି ମାନ୍ୟତା ଦାବି: ରାଜରାସ୍ତାକୁ ଓହ୍ଲାଇଲା ବିଜେଡି



**ପାଣିକୋଇଲି, ୬।୯ (ସମିସ):** ୨୦୨୪ ମସିହାରେ ପୂର୍ବ ସରକାର ପାଣିକୋଇଲିକୁ ଏନ୍‌ଏସି (ବିଜ୍ଞାପିତ ଅଞ୍ଚଳ ପରିଷଦ) କରିବା ପାଇଁ ଘୋଷଣା କରିଥିଲା। କିନ୍ତୁ ବଦଳିଗଲା ସରକାର, ବଦଳିଗଲା ନିଷ୍ପତି। ରାଜ୍ୟ ସରକାର ନୂଆ ଏନ୍‌ଏସି ଘୋଷଣାରୁ ପାଣିକୋଇଲି ବାଦ ପଡ଼ିଛି। ଯାହାକୁ ନେଇ ପାଣିକୋଇଲି ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଆଜି ଭବପ୍ରସାଦ ଦାସଙ୍କ ନେତୃତ୍ୱରେ ସହସ୍ରାଧିକ ବିଜେଡି କର୍ମୀ ପ୍ରତିବାଦ ଜଣାଇବା ସହ ଏନ୍‌ଏସି ଘୋଷଣା ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଏନ୍‌ଏସି ପାଇଁ ପାଣିକୋଇଲି ସମସ୍ତ ଯୋଗ୍ୟତା ହାସଲ କରିଥିଲେ ବି ସରକାର ପାଣିକୋଇଲିବାସୀଙ୍କୁ ପ୍ରତାରଣା କରିଛନ୍ତି। ଏହାର ପ୍ରତିବାଦରେ ଆଜି ଏକ ବିଶାଳ ଶୋଭାଯାତ୍ରା ପାଣିକୋଇଲି ଦୁର୍ଗା ମାର୍କେଟରୁ ଆସି ମା' ତାରିଣୀ ମନ୍ଦିର ପ୍ରାଙ୍ଗଣରେ ପ୍ରତିବାଦ ସଭା କରାଯାଇଥିଲା। ବିଜୟ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଯୁବନେତା ପ୍ରତାପ ମହାନ୍ତି, ବରିଷ୍ଠ ନେତା ଅଦୈତ ଚରଣ ଦାଶ, ଡା. ସୁରେଶ ପଣ୍ଡା, ପଥରପଦା ସଭାପତି ସନ୍ତୋଷ କୁମାର ବେହେରା, ପଥରପଦା ସରପଞ୍ଚ ମଧୁସ୍ମିତା ବାରିକ, ଜିଲ୍ଲା ମହିଳା ବିଜୁ ଜନତା ଦଳ ସମ୍ପାଦିକା ଲୀଳାବତୀ ସ୍ୱାଇଁ, ପାଣିକୋଇଲି ସମିତିସଭ୍ୟା ସୁଜତା ଘଡେଇ, ଦୀପକ ରାୟ, ପ୍ରମୁଖ ଏହାର ପ୍ରତିବାଦ ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ସୁବାସ ଧଳ ଯୋଗଦେଇ ଏହି ଆନ୍ଦୋଳନକୁ ଏକ ନିର୍ଦ୍ଦିଷ୍ଟ ଦଳ ଭିତିରେ ସୀମିତ ନରଖି ସର୍ବଦଳୀୟ କରାଯାଇ ସମସ୍ତ ବୁଦ୍ଧିଜୀବୀ, ସଚେତନ ନାଗରିକ, ସମାଜୀକ କର୍ମୀ, ସମାଜସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବରିଷ୍ଠ ନାଗରିକ ମାନଙ୍କୁ ସାମିଲ କରିବାକୁ ଦାବି କରିଥିଲେ। ଦାମୋଦର ସାହୁ, ସତିସ ଧଳ, ପ୍ରକାଶ ମଲ୍ଲିକ, କାର୍ତ୍ତିକ ମଲ୍ଲିକ, ଗୋଳେଇପୁର ସଭାପତି ମିର୍ଜା ହବିବୁଲ୍ଲା ବେଗ, ସ୍ୱପ୍ନାନନ୍ଦ ଦାସ, ବିଜନ ଧଳ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ତିନୋଟି ପଞ୍ଚାୟତରୁ ମହିଳା ଓ ପୁରଷ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ସୁଧାଂଶୁ ଶେଖର ଘଡ଼ାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ସାମଗ୍ରୀ ଜବତ; ୨ ଗିରଫ

**ଯାଜପୁର, ୬।୯ (ସମିସ):** ଯାଜପୁର ଟାଉନ ଥାନା ପୁଲିସ ଚୋରି ଅଭିଯୋଗରେ ୨ଜଣ ଚୋରକୁ ଗିରଫ କରି କୋର୍ଟଚାଲାଣ କରିବା ସହ ଚୋରି କରିଥିବା ସାମଗ୍ରୀକୁ ଜବତ କରିଛି। ସୂଚନା ମୁତାବକ ଗତ ୩୦ ତାରିଖ ମଧ୍ୟ ରାତିରେ ଲଳିତେଶ୍ୱର ନଗରର ନାରାୟଣ ଚନ୍ଦ୍ର ସାହୁଙ୍କ ଘରୁ ଦୁଇଜଣ ଚୋର ତାଙ୍କ ଘରର ଝରକା ଭାଙ୍ଗି ସୁନା ଚେନ୍ ଓ ମୋବାଇଲ ଫୋନ ଚୋରି କରି ନେଇଯାଇଥିଲେ। ସେ ତୁରନ୍ତ ଯାଜପୁର ଟାଉନ ଥାନାରେ ଚୋରି ହୋଇଥିବା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଟାଉନ ପୁଲିସ ଥାନାରେ ଚୋରି ସମ୍ପର୍କରେ ଏକ ମାମଲା ରୁଜୁ କରିବା ସହ ଯାଜପୁର ଥାନା କେଶ ନଂ. ୪୦୭/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ଯାଜପୁର ସଦର ଥାନା ସାହାସପୁର ଏରବାଙ୍କ ଗ୍ରାମର ନନା ଦାସଙ୍କ ପୁଅ ବିଙ୍କ ଦାସ(୩୨) ଓ ଟାଉନ ଥାନା ଶୀତଳେଶ୍ୱର ଗ୍ରାମର କୁଳମଣି ଦାସଙ୍କ ପୁଅ ରାଜେଶ ଦାସ(୨୩)ଙ୍କ ଠାରୁ ୪ଟି ମୋବାଇଲ ଫୋନ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରି ଟାଉନ ଥାନାରେ ଆଣି ପଚରାଉଚରା କରିବା ପରେ ଶନିବାର ଦୁଇଜଣଙ୍କୁ କୋର୍ଟଚାଲାଣ କରିଥିଲେ। ଏହି ଘଟଣାର ତଦନ୍ତ କରୁଥିବା ସମୟରେ ଉପରୋକ୍ତ ଚୋରମାନଙ୍କ ଠାରୁ ୨ଟି ମୋବାଇଲ୍ ସାହାସପୁର ଏରବାଙ୍କ ଗ୍ରାମର ଦୀପକ ଦାସ (୨୩) କିଣିଥିବାରୁ ତାଙ୍କୁ ଚୋରି ଜିନିଷ କିଣିବା ମାମଲାରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଝାଡ଼େଶ୍ୱର ମହାବିଦ୍ୟାଳୟରେ ଗୁରୁଦିବସ



**ଦାନଗଦି, ୬।୯ (ସମିସ):** ଦାନଗଦୀ ବ୍ଲକ ଟୋଲକାନୀ ସ୍ଥିତ ଝାଡେଶ୍ୱର ମହାବିଦ୍ୟାଳୟ (+୨)ରେ ଗୁରୁଦିବସ ପାଳିତ ହୋଇଯାଉଛି। ଏହି ଉପଲକ୍ଷେ ଅଧ୍ୟକ୍ଷ ଡ.ଅକ୍ଷୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ 'ଗୁରୁ ହିଁ ପ୍ରେରଣାର ଉତ୍ସ' ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ଅଧ୍ୟାପିକା ମୀରାମ୍ବିକା ସାହୁ, ଅଧ୍ୟାପକ ରଞ୍ଜନ କୁମାର ସାହୁ, ତୋଫାନ କୁମାର ଜେନା, ଗୋବର୍ଦ୍ଧନ ସାହୁ, ରଞ୍ଜନ କୁମାର ଖଣ୍ଡା, ମୁନା ନାୟକ, ଅମର କୁମାର ସେଠୀ, ଶ୍ରୀମନ୍ତ ନାୟକ, ବାଇଧର ସାହୁ, ଅଧ୍ୟାପିକା ପାରିଜାତ ମହାନ୍ତି, ଇତିଶ୍ରୀ ମଲ୍ଲିକ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, କଲ୍ୟାଣୀ ମହାନ୍ତ ପ୍ରମୁଖ ଯୋଗଦେଇ ପିଲାଙ୍କ କଲ୍ୟାଣ କାମନା କରି କହିଥିଲେ ଯେ, ଭଗବାନଙ୍କ କୃପାରୁ ଜୀବନକୁ ମାନବ ଶରୀର ମିଳେ, କିନ୍ତୁ ଗୁରୁଙ୍କ କୃପାରୁ ଭଗବତ ପ୍ରାପ୍ତ ହୁଏ। ତେଣୁ ବୈଦିକ ଯୁଗରୁ ଏହି ଗୁରୁ-ଶିଷ୍ୟ ପରମ୍ପରା ଆରମ୍ଭ ହୋଇ ଆଜି ପରମାଣୁ ଯୁଗରେ ମଧ୍ୟ ତା'ର ଗୁରୁତ୍ୱ ହରାଇନାହିଁ। ପ୍ରାରମ୍ଭରେ ପିଲାମାନଙ୍କ ଦ୍ୱାରା ଗୁରୁ ବନ୍ଦନା ଗାନ କରଯାଇଥିଲା ଓ ଗୁରୁ ପୂଜନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଶେଷରେ ଅଧ୍ୟାପକ ଅଭୟ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ମଚାରୀ ଅବନୀ ମହାରଣା, ନାରାୟଣ ସାହୁ, ବ୍ରିଜେଶ ବେହେରା, ସୁଶାନ୍ତ ପଣ୍ଡା, ସତ୍ୟଭାମା ସାହୁ, ସତ୍ୟଭାମା ମୁଖୀ ପ୍ରମୁଖ ଯୋଗଦେଇ ସଭାକୁ ସଫଳ କରିଥିଲେ।

# ଠିକାଦାରଙ୍କ କାର୍ଯ୍ୟାଳୟରେ ବ୍ୟାପକ ଭଙ୍ଗାରୁଜା

ଧର୍ମଶାଳା, ୬।୯ (ସମିସ)



ଜାରକା ଶିଳ୍ପାଞ୍ଚଳରେ ଥିବା ଠିକାଦାର ତଥା ବିଜେଡି ସଂଗଠକ ଅକ୍ଷୟ ନାୟକଙ୍କ କାର୍ଯ୍ୟାଳୟରେ ଗତକାଲି ଅପରାହ୍ନରେ କିଛି ଯୁବକ ପଶି ବ୍ୟାପକ ଭଙ୍ଗାରୁଜା କରିଥିବା ଘଟଣାରେ ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଯାଜପୁର ରୋଡ୍ ଅଞ୍ଚଳର ସୌମ୍ୟରଞ୍ଜନ ରଣମନ୍ଥନ ବୋଲି ଜଣାପଡ଼ିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ପୁଲିସ ତୁରନ୍ତ ଗିରଫ କରାଯିବ ବୋଲି ସୂଚନା ଦେଇଛି। ପ୍ରକାଶ ଥାଉ କି, ଗତକାଲି ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଦିନ ଦ୍ୱିପ୍ରହରରେ ଠିକାଦାରଙ୍କ କାର୍ଯ୍ୟାଳୟରେ ପଶି ବ୍ୟାପକ ଭଙ୍ଗାରୁଜା କରିବା ଘଟଣା ସିସିଟିଭି ଫୁଟେଜରେ ସମସ୍ତ ଦୃଶ୍ୟ କଏଦ ହୋଇଛି। ଏହି ଦୃଶ୍ୟ ସାମ୍ନାକୁ ଆସିଲା ପରେ କିଭଳି ଏହି ଘଟଣା ଘଟିଥିଲା ତାହା ସ୍ପଷ୍ଟ ହୋଇଛି। ଘଟଣାକୁ ଗୁରୁତର ସହ ନେଇଥିବା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି। କୌଣସି କାରଣ ନଥାଇ ଏଭଳି ଭଙ୍ଗାରୁଜା କାହିଁକି କରାଗଲା ତାହା ଜଣାପଡ଼ିନାହିଁ। ରାଜନୈତିକ ଆକ୍ରୋଶ ହୋଇଥାଏ ବୋଲି ଅନୁମାନ କରାଯାଉଛି। ଠିକାଦାର ଶ୍ରୀ ନାୟକଙ୍କ ଉପରେ ପ୍ରଥମେ ଗତ ଜାନୁଆରୀ ୨୫ ତାରିଖରେ ତାଙ୍କ ଜାରକା ଘର ଉପରକୁ ଟେକା ମାଡ଼ ହୋଇଥିଲା। ତାର ଦୁଇ ଦିନ ପରେ ୨୭ ତାରିଖରେ ଜାରକା ସ୍ଥିତ ଗୋପବନ୍ଧୁ ଛକରେ ଶ୍ରୀ ନାୟକଙ୍କୁ ୩ ଜଣ ଯୁବକ ଆକ୍ରମଣ କରିଥିଲେ। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଠିକ୍ ୭ମାସ ପରେ ଜାରକା ଶିଳ୍ପାଞ୍ଚଳରେ ଥିବା ତାଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି। କିଭଳି ଆଗକୁ ଏଭଳି ଘଟଣା ନଘଟେ ସେଥିପ୍ରତି ପୁଲିସ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ଠିଆ ହୋଇଛି। ସୂଚନା ମୁତାବକ, ଗତକାଲି ଅପରାହ୍ନରେ ସ୍ଥାନୀୟ ଅଞ୍ଚଳର ୪ଜଣ ଯୁବକ ସୌମ୍ୟରଞ୍ଜନ ରଣମନ୍ଥନ ଓ ରଞ୍ଜନ କୁମାର ପାଳ, ଅମୀୟ କୁମାର ସାହୁ ଓ କୁପ ନାମକ ଯୁବକ ଶ୍ରୀ ନାୟକଙ୍କ କାର୍ଯ୍ୟାଳୟରେ ପଶି କର୍ମଚାରୀଙ୍କୁ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ। ଅଫିସରେ ଥିବା କମ୍ପ୍ୟୁଟର, ପ୍ରିଣ୍ଟର, ହାର୍ଡ ଡିସ୍କ, ସିସିଟିଭି ସମେତ ସମସ୍ତ ଆସବାବ ପତ୍ରକୁ ଭଙ୍ଗାରୁଜା କରିଥିଲେ। ଏଥିସହ କାର୍ଯ୍ୟାଳୟ ପରିସରରେ ଥିବା ହାଇୱା ଟ୍ରକ୍, ୪୦୭ ମିନି ଟ୍ରକ୍, ଆଇଚର ଗାଡ଼ି, ଇନୋଭ କାରକୁ ଭଙ୍ଗାରୁଜା କରିଥିଲେ। କାର୍ଯ୍ୟାଳୟରୁ ୫୦ ହଜାର ଟଙ୍କା ନେଇଯିବା ସହ ମାଲିକ ଶ୍ରୀ ନାୟକଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ସେମାନଙ୍କ ହାତରେ ବିଭିନ୍ନ ମାରଣାସ୍ତ୍ର ବନ୍ଧୁକ ଓ ଭୁଜାଲି ଥିବା ଭୁବନେଶ୍ୱରୀ ଠିକାସଂସ୍ଥାର ସହଯୋଗୀ ସୀତାରାମ ବରାଳ ଏତଲାରେ ଉଲ୍ଲେଖ କରିଛନ୍ତି। ସେହି ସମୟରେ କାର୍ଯ୍ୟାଳୟରେ ଉପସ୍ଥିତ ଥିବା କର୍ମଚାରୀ ବଟକୃଷ୍ଣ ନାୟକ, କୃଷ୍ଣଚନ୍ଦ୍ର ବରାଳ ଓ ଗାଡ଼ି ଚାଳକ ଇନ୍ଦ୍ରଜିତ ରାଉତଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରାଯିବା ସହ ମାଡ଼ ମରାଯାଉଥିବା ସେମାନେ କହିଛନ୍ତି। ଖବର ପାଇ ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଭଙ୍ଗାରୁଜା କରିବାର କାରଣ ଅସ୍ପଷ୍ଟ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଯୁବକ ଘଟଣାରେ ସମ୍ପୃକ୍ତ ଥିବାରୁ ଏହା ପୂର୍ବ ଶତ୍ରୁତା କିମ୍ବା ରାଜନୈତିକ ଶତ୍ରୁତା ଯୋଗୁଁ ଘଟିଥିବା ଅନୁମାନ କରାଯାଉଛି। ଠିକା ସଂସ୍ଥାର ପାଟନର ଶ୍ରୀ ବରାଳ ଥାନାରେ ଏତଲା ଦେଇଛନ୍ତି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ କହିଛନ୍ତି। ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବା ବୋଲି ଥାନା ଅଧିକାରୀ ଶ୍ରୀ ମାଝୀ କହିଛନ୍ତି।

# କଟକ ସିଟି



## ଷ୍ଟିୱାର୍ଟ ସ୍କୁଲ କର୍ତ୍ତୃପକ୍ଷଙ୍କ ଅଭିନବ ପ୍ରୟାସ

# ସୁଭାଷଙ୍କ ସ୍ମୃତି ବଖାଣିବ ନେତାଜୀ ସଂଗ୍ରହାଳୟ











କଟକ, ୬।୯ (ସମିସ)

ମହାନ ଜନନାୟକ ତଥା ସଂଗ୍ରାମୀ ବୀରପୁତ୍ର ନେତାଜୀଙ୍କ ଜନ୍ମ ଐତିହାସିକ କଟକ ସହରରେ ହୋଇଥିବା ବେଳେ ତାଙ୍କ ବାଲ୍ୟ ଜୀବନ ଏହି ରୌପ୍ୟନଗରୀରେ ଅତିବାହିତ ହୋଇଛି। ବାପା ଜାନକୀନାଥ ବୋଷ ଓ ମାଆ ପ୍ରଭାବତୀ ଦେବୀଙ୍କ ଔରସରୁ ୧୮୯୭ ମସିହା ଜାନୁଆରୀ ୨୩ ତାରିଖ ଦିନ ସେ ଏହି ସହରରେ ଜନ୍ମ ନେଇଥିଲେ। ତାଙ୍କ ପିତା ଥିଲେ ଜଣେ ଆଇନଜୀବୀ। ତାଙ୍କ ଭାଇଭଉଣୀଙ୍କ ପରି ନେତାଜୀଙ୍କ ଶିକ୍ଷା ବାପଟିଷ୍ଟ ମିଶନ ଦ୍ୱାରା ପରିଚାଳିତ 'ପ୍ରୋଟେଷ୍ଟାଣ୍ଟ ୟୁରୋପିଆନ୍ ସ୍କୁଲ'ରେ ଜାନୁଆରୀ ୧୯୦୨ରେ ଆରମ୍ଭ ହୋଇଥିଲା। ସେ ଦିନର ପ୍ରୋଟେଷ୍ଟାଣ୍ଟ ଇଉରୋପିଆନ୍ ସ୍କୁଲ' ହେଉଛି ଆଜିର କଟକ ଷ୍ଟିୱାର୍ଟ ସ୍କୁଲ। ଏଠାରେ ନେତାଜୀ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ତେବେ ଦୀର୍ଘ ୬ବର୍ଷର ସ୍ମୃତି ସହିତ ତାଙ୍କର ଜୀବନ, ସଂଘର୍ଷ, ସଫଳତା, ସଂଗ୍ରାମ ଓ ପରିବାରକୁ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ସଂଗ୍ରହାଳୟରେ ସ୍ଥାନ ଦେଇଛନ୍ତି।

ସେହିପରି ନେତାଜୀ ୧୯୦୯ରେ କଟକର ରେଭେନ୍ସା କଲେଜିଏଟରେ ପାଠ ପଢ଼ିଥିଲେ। ଏହା ପରେ ସେ ୧୯୧୩ରେ ମ୍ୟାଟ୍ରିକ ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ପ୍ରଥମଟି ଦିନରୁ ହିଁ ତାଙ୍କ ପ୍ରଧାନଶିକ୍ଷକ ବେଣୀମାଧବ ଦାସ ତାଙ୍କ ପ୍ରତିଭାକୁ ଚିହ୍ନି ପାରିଥିଲେ। ମାଧ୍ୟମିକ ଶିକ୍ଷା ସମାପ୍ତ କଲାପରେ କୋଲକାତାର ପ୍ରେସିଡେନ୍ସି କଲେଜରେ 'ଦର୍ଶନ ଶାସ୍ତ୍ର' ଏବଂ 'ସ୍କଟିସ୍ ଚର୍ଚ୍ଚ କଲେଜ'ରେ ପାଠ ପଢ଼ିଥିଲେ। ପ୍ରେସିଡେନ୍ସୀ କଲେଜରେ ପଢୁଥିବା ସମୟରେ ଅଧ୍ୟାପକ ସି.ଏଫ୍. ଓ୍ୱେଟେନଙ୍କ ଭାରତ ବିରୋଧୀ ମନ୍ତବ୍ୟରେ କ୍ଷୁବ୍ଧ ହୋଇ ସେ ଅନ୍ୟ ପିଲାଙ୍କ ସହିତ ତାଙ୍କୁ ଦୁର୍ବ୍ୟବହାର କରିଥିବା କାରଣରୁ କଲେଜରୁ ନେତାଜୀ ବହିଷ୍କୃତ ହୋଇଥିଲେ। ୧୯୧୯ ମସିହାରେ ପିତାଙ୍କ ନିର୍ଦ୍ଦେଶରେ ସେ ବିଲାତ ଯାଇ ୧୯୨୦ ମସିହରେ ଆଇସିଏସ ପରୀକ୍ଷାରେ ଚତୁର୍ଥ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ୧୯୨୧ରେ ଆଇସିଏସର ତାଲିମ ନେଉଥିବା ବେଳେ ଭାରତରେ 'ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ' ଘଟିଥିଲା। ତେଣୁ ସେ ଅଧାରୁ ତାଲିମ ଛାଡ଼ି ଭାରତ ଫେରି ଆସିଥିଲେ। ଏଭଳି ନେତାଜୀଙ୍କ ଛାତ୍ର ଜୀବନ ସହିତ ଜଡ଼ିତ ଥିବା ଏକାଧିକ ସ୍ମୃତିର ଝଲକ ଏହି ନେତାଜୀ ମ୍ୟୁଜିୟମ୍‌ରେ ଦେଖିବାକୁ ମିଳିବ।

**ବାସ୍ତବ ରୂପନେଲା ୨ ବର୍ଷର ପରିକଳ୍ପନା**

**ଛାତ୍ରଛାତ୍ରୀ, ଅଭିଭାବକ ଓ ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା**

ଷ୍ଟିୱାର୍ଟ ସ୍କୁଲ ଆଜି ଏକ ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତର ମୁକସାକ୍ଷୀ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ମାନରେ ନେତାଜୀ ସଂଗ୍ରହାଳୟର ଉଦ୍‌ଘାଟନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସ୍କୁଲର ପୂର୍ବତନ ଛାତ୍ର ତଥା ଭାରତର ଅନ୍ୟତମ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତିରେ ଏହି ସଂଗ୍ରହାଳୟ ଉତ୍ସର୍ଗୀକୃତ କରାଯାଇଛି। ଏହି ଉତ୍ସବରେ ରେଭରେଣ୍ଡ ଏସ୍‌କେ ନନ୍ଦ ନେତାଜୀଙ୍କ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ସ୍କୁଲର ସମ୍ପାଦିକା ଡକ୍ଟର ଆରଆର. ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରିନ୍ସିପାଲ ଡି. ମାର୍ଟିନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ବିଏମଏସ ୱାର୍ଲ୍ଡ ମିଶନର ଅଧ୍ୟକ୍ଷ ଡକ୍ଟର କେଥୋସର କେଭିଚୁସା ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରେରଣାଦାୟୀ ଭାଷଣ ଦେଇଥିଲେ। ଏହି ଅବସରରେ ବିଏମ୍‌ଏସ୍ ଟ୍ରଷ୍ଟି ତେଜଦୋର ଟିଏନସୋ ଏବଂ ଆଲାଏନ୍ସ ଡିଫେଣ୍ଡିଂ ଫ୍ରିଡମ୍‌ର ନିର୍ଦ୍ଦେଶକ ମେଲାମଶ୍ୱା ଯୋଗ ଦେଇଥିଲେ। ଏହି ଅବସରରେ ନେତାଜୀଙ୍କ ଜୀବନ ଓ ଦେଶଭକ୍ତିକୁ ନେଇ ଏକ ଜୀବନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ନେତାଜୀ ଆମର ନାୟକ' ନାମକ ଇଂରାଜୀ ନାଟିକା, ଓଡ଼ିଶୀ ନୃତ୍ୟ, ବାଲୁକା କଳା ପ୍ରଦର୍ଶନ, ନର୍ସରୀ ଓ ସିନିୟର କେଜି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଜୀବନ୍ତ ସମୂହ ନୃତ୍ୟ, ଏବଂ ଦେଶଭକ୍ତିପୂର୍ଣ୍ଣ ଗୀତ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଡାଏସେସାନ୍ ବୋର୍ଡ ଅଫ ଏଜୁକେସନର ସିଇଓ ରେଭରେଣ୍ଡ ଏଫସି. ନର୍ଥ ପ୍ରାର୍ଥନା ପରିବେଷଣ କରିଥିଲେ। ରେଶ୍ମା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଶବ୍ଦ ପ୍ରଦୂଷଣ ଯାଞ୍ଚ ପାଇଁ ନିୟୋଜିତ ହେବେ ଦୁଇ ବୈଷୟିକ ବିଶେଷଜ୍ଞ

**କଟକ, ୬।୯(ସମିସ):** ପାର୍ବଣ ପାଇଁ କଟକ ସହରରେ ଶବ୍ଦ ପ୍ରଦୂଷଣ କଟକଣା କଡାକଡି କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶକୁ ଅନୁପାଳନ କରିବା ନିମନ୍ତେ ଡିସିପିଙ୍କ ପକ୍ଷରୁ ସମସ୍ତ ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୁଲିସର ଅନୁରୋଧକ୍ରମେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀଙ୍କ ପକ୍ଷରୁ ଶବ୍ଦର ମାତ୍ରା ମାପ କରିବା ପାଇଁ ଦୁଇଜଣ ବୈଷୟିକ ବିଶେଷଜ୍ଞଙ୍କୁ ନିଯୁକ୍ତ କରାଯିବ ବୋଲି ଜଣାପଡ଼ିଛି। ପୁଲିସ ଦଳକୁ ସହାୟତା କରିବା ପାଇଁ ଏମାନଙ୍କ ନିୟନ୍ତ୍ରଣରେ କଟକ ସହର ଅଞ୍ଚଳରେ ସାଂସ୍କୃତିକ କାର୍ଯ୍ୟକ୍ରମ/ବିସର୍ଜନ ଶୋଭାଯାତ୍ରା ସମୟରେ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ପଦକ୍ଷେପ ନିଆଯିବ। ସର୍ବୋଚ୍ଚ ନ୍ୟାୟାଳୟ ଏବଂ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବା ଏବଂ ଅନୁମତିପ୍ରାପ୍ତ ଶବ୍ଦ ସୀମା ୬୫ ଡେସିବେଲରୁ ଅଧିକ ହେବ ନାହିଁ। ଚାନ୍ଦିନୀଚୌକ, ନିମଚୌଡି, ହାଇକୋର୍ଟ ଛକ, ହାଓଡ଼ା ମୋଟର ଛକରୁ କ୍ୟାଣ୍ଟନମେଣ୍ଟ ଛକ ଏବଂ ଏସସିବି ମେଡିକାଲ ଛକ ଭଳି ପ୍ରତିବନ୍ଧିତ ଅଞ୍ଚଳଗୁଡ଼ିକରେ କୌଣସି ଶବ୍ଦ/ସଙ୍ଗୀତ ବାଦ୍ୟଯନ୍ତ୍ର ବଜାଯିବ ନାହିଁ। ଉଲ୍ଲଙ୍ଘନ ହେଲେ ତେବେ ଏପରି ସମସ୍ତ ବାଦ୍ୟଯନ୍ତ୍ର ଜବତ କରାଯିବ ଏବଂ ଆଇନ ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯିବ।

## ମଧୁସ୍ମିତାଙ୍କୁ ସ୍ୱର୍ଣ୍ଣ ପଦକ




**କଟକ, ୬।୯(ସମିସ):** କଟକ ଝିଅ ମଧୁସ୍ମିତା ସେନାପତି ମାଲେସିଆ ରାଜଧାନୀ କୁଆଲାଲମ୍ପୁରଠାରେ ଆୟୋଜିତ ୱାଇଏସ୍‌ଏଫ୍ ଏସିଆ ପାସିଫିକ୍ ୩. ର ଯୋଗା ସ୍ପୋର୍ଟସ ଚାମ୍ପିଅନସିପ-୨୦୨୫ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୩୦ରୁ ୩୫ ବୟସ ବର୍ଗରେ ସେ ଭାଗ ନେଇଥିବା ବେଳେ ୧୨ଟି ଦେଶର ପ୍ରତିଯୋଗୀମାନଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କଟକ ୪୨ ମୌଜା ଅଞ୍ଚଳର ମଧୁସ୍ମିତା ଜାତୀୟ ଓ ଅନ୍ତର୍ଜାତୀୟ ଯୋଗ ପ୍ରତିଯୋଗିତାରେ ଭାଗ ନେଇ ବେଶ୍ ସୁନାମ ଅର୍ଜନ କରିଛନ୍ତି।

# ନଦୀ ଟାପୁରୁ ଗୋରୁ ପଲ ଉଦ୍ଧାର



କଟକ, ୬।୯(ସମିସ): କାଠଯୋଡ଼ି ନଈ ମଧ୍ୟରେ ଥିବା ଟାପୁକୁ ଚରିବାକୁ ଯାଇ ଏକ ଗୋରୁପଲ ଫସିଯାଇଥିଲେ। ରାତିସାରା ପାଣି ଘେରରେ ରହି କୂଳକୁ ଆସିବାକୁ ଉଦ୍ୟମ କରି ଫେଲ୍ ହୋଇଥିଲେ। ତେବେ ଆଜି ସକାଳେ ଅଗ୍ନିଶମ ଟିମ୍ ଖବର ପାଇ ଏକ ରେସ୍କ୍ୟୁ ଅପରେସନ୍ ଆରମ୍ଭ କରିଥିଲା। ପ୍ରାୟ ୩ ଘଣ୍ଟା ଏହି ଉଦ୍ଧାର କାର୍ଯ୍ୟ କରି ଗୋରୁ ପଲକୁ କୂଳକୁ ଆଣିବାରେ ସକ୍ଷମ ହୋଇଥିଲେ।

ସିଡିଏ ଓ ବିଡ଼ାନାସୀ ଅଞ୍ଚଳର କିଛି ଗାଈ, ବାଛୁରୀ ଓ ଷଣ୍ଢ ନେତାଜୀ ସେତୁ ପାଖରେ କାଠଯୋଡ଼ି ନଈ ଭିତରେ ପଶିଥିଲେ। ନଦୀ ଭିତରେ ଥିବା ଶୁଖିଲା ବାଲିର ଟାପୁରେ ଘାସ ହୋଇଥିବାରୁ ସେଠାକୁ ଚରିବାକୁ ଯାଇଥିଲେ। ନଈରେ ହଠାତ୍ ପାଣି ବଢ଼ିଯିବାରୁ ଗୋରୁ ପଲ କୂଳକୁ ଫେରିପାରିନଥିଲେ। ରାତି ତମାମ୍ ଗୋରୁ ପଲ ସେହି ଟାପୁରେ ରହିଥିଲେ। ହେଲେ ରାତିରେ ପାଣି ବଢ଼ିବାରୁ ବାଧ ହୋଇ ପାଣିରେ ପହଁରିବାକୁ ଥିଲେ। ସକାଳ ହେଲା ବେଳକୁ ପାଣିରେ ଗୋରୁ ପଲ ପହଁରୁଥିବା ସ୍ଥାନୀୟ ଲୋକ ଦେଖି ୧୧୨ରେ ଫୋନ୍ କରିଥିଲେ। ସୂଚନା ପାଇ ବକ୍ସିବଜାର, ବିଡ଼ାନାସୀ ଓ ବାରଙ୍ଗ ଅଗ୍ନିଶମ ଟିମ୍ ବୋଟ୍ ଯୋଗେ କାଠଯୋଡ଼ି ନଦୀରେ ପ୍ରବେଶ କରିଥିଲେ। ୪ଟି ଷଣ୍ଢ ଓ ୨୫ଟି ଗାଈ ଟାପୁରେ ରହିଥିଲେ। ୧୨ ଜଣ ଅଗ୍ନିଶମ କର୍ମଚାରୀ ଏହି ଅପରେସନ୍ କରି ଶେଷରେ ସଫଳ ହୋଇଥିଲେ।

## ଜୁଲୁସ୍-ଏ-ମହମ୍ମଦି ସଫଳତା ପାଇଁ କୃତଜ୍ଞତା

**କଟକ, ୬।୯(ସମିସ):** ସହରରେ ମହାପୁରୁଷ ହଜରତ୍ ମହମ୍ମଦଙ୍କ ପବିତ୍ର ଜନ୍ମଦିବସ ଅବସରରେ ବାହାର କରାଯାଇ ଥିବା ଜୁଲୁସ-ଏ-ମହମ୍ମଦିର ସଫଳତା ପାଇଁ ଐତିହାସିକ ଜାମା ମସଜିଦ ପରିଚାଳନା କମିଟିର ସାଧାରଣ ସମ୍ପାଦକ ତଥା ଓଡ଼ିଶା ବୋର୍ଡ଼ ଅଫ ୱାକଫ୍ ପ୍ରାକ୍ତନ ଚେୟାରମେନ ସୈୟଦ୍ ଏକ୍ରାମ ହୁସେନ ସହରର ସମସ୍ତ ମସ୍‌ଜିଦ ପରିଚାଳନା କମିଟି ମହଲ୍ଲା କମିଟିର କର୍ମକର୍ତ୍ତାମାନଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ସେହିପରି କଟକ ସହରର ଭାଇଚାରା ନିଦର୍ଶନ ପ୍ରଦର୍ଶନ କରି ବହୁ ଅନୁଷ୍ଠାନ ସମ୍ବର୍ଦ୍ଧିତ କରିଥିବାରୁ ସମସ୍ତଙ୍କୁ ସାଧୁବାଦ ଜଣାଇଛନ୍ତି। ଅତ୍ୟନ୍ତ ଶାନ୍ତିଶୃଙ୍ଖଳା ସମୟାନୁବର୍ତ୍ତିତା ମଧ୍ୟରେ ଏହି ବିରାଟ ଶୋଭାଯାତ୍ରାକୁ ଅତ୍ୟନ୍ତ ବ୍ୟବସ୍ଥାପିତ ଭାବେ ସମାହିତ କରିଥିବା କମିଶନରେଟ ପୁଲିସର ଡିସିପି ଋଷୀକେଶ ଦ୍ୟାନଦେଓ ଖିଲାରୀଙ୍କ ସମେତ ସମସ୍ତ ଜୋନର ଏସିପି ସମସ୍ତ ଥାନାର ଅଧିକାରୀ ଓ ପୁଲିସ ପ୍ରଶାସନକୁ ମଧ୍ୟ ଶ୍ରୀ ହୁସେନ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସ୍ୱୟଂସିଦ୍ଧା ପକ୍ଷରୁ କଟକ କ୍ଲବ୍‌ରେ ଟ୍ରେଜୋର୍-୨





**କଟକ, ୬।୯(ସମିସ):** ସ୍ୱୟଂସିଦ୍ଧା ତରଫରୁ କଟକ କ୍ଲବ୍‌ଠାରେ ଟ୍ରେଜୋର୍-୨ ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ଅନୁରାଧା ମହାନ୍ତି ଓ ପୂର୍ବତନ ବିଧାୟକ ଡ ପ୍ରଭାତ ରଞ୍ଜନ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟର କେବଳ ମହିଳାମାନେ ନିଜ ଦ୍ୱାରା ପ୍ରସ୍ତୁତ ଶାଢ଼ି, ତେଲ, ପିଠା, କେକ୍ ଓ ଅନ୍ୟାନ୍ୟ ଘର କରଣା ସାମଗ୍ରୀର ଉତ୍ପାଦିତ ଦ୍ରବ୍ୟର ବିକ୍ରୟ କରୁଛନ୍ତି। ଏହି ପ୍ରଦର୍ଶନୀ ୭ ତାରିଖରେ ଉଦ୍‌ଯାପିତ ହେବ। ସ୍ୱୟଂସିଦ୍ଧା ଓ ଇନେରହୁଇଲ୍ କ୍ଲବର ସଦସ୍ୟଙ୍କ ତରଫରୁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଇଛି ବୋଲି ମୀନା କୁମାରୀ ସାହୁ ସୂଚନା ଦେଇଛନ୍ତି। ଏହି ପ୍ରଦର୍ଶନୀରେ ଜନସାଧାରଣ ସାମିଲ୍ ହେବାକୁ ସେ ନିବେଦନ କରିଛନ୍ତି।

## ଅପହରଣ ଅଭିଯୋଗରେ ୨ ଅଟକ

**କଟକ, ୬।୯(ସମିସ):** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏମପି ଛକରେ ପ୍ରେମ ବ୍ୟାପାରକୁ ନେଇ ହାଇଡ୍ରାମା ଦେଖିବାକୁ ମିଳିଛି। ଜଣେ ଯୁବତୀଙ୍କୁ ଅପହରଣ କରି ନିଆଯାଉଥିବା ଅଭିଯୋଗ କରି ପରିବାର ଲୋକେ ଏକ କାରକୁ ଅଟକାଇ ଚାଳକଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଘଟଣା ପରେ ୨ ଜଣ ଯୁବକଙ୍କୁ ଚାଉଳିଆଗଞ୍ଜ ଥାନା ପୁଲିସ ଜିମା ଦିଆଯାଇଥିବା ଜଣାପଡ଼ିଛି।

## ଏସ୍‌ସିବି ଦନ୍ତ ଚିକିତ୍ସାଳୟର ନୂଆ ଅଧ୍ୟକ୍ଷ

**କଟକ, ୬।୯(ସମିସ):** ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ଡାକ୍ତର ପ୍ରଭାସ କୁମାର ମହାନ୍ତି ନିଯୁକ୍ତ ହୋଇଛନ୍ତି। ପରିବାର ଓ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ପକ୍ଷରୁ ଗତ ୪ ତାରିଖ ଚିଠି ନମ୍ବର- ୨୫୮୨୫ରେ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି। ସୂଚନାଅନୁଯାୟୀ, ପ୍ରଫେସର ଡାକ୍ତର ମହାନ୍ତି ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ଓରାଲ ଓ ମାକ୍ସିଲୋଫେସିଆଲ ସର୍ଜରୀ ବିଭାଗରେ କାର୍ଯ୍ୟରତ ରହିଥିଲେ। କିଛି ମାସ ପୂର୍ବେ ଏସ୍‌ସିବି ଦନ୍ତ ଚିକିତ୍ସାଳୟ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଜୟନ୍ତ ଦାସ ଅବସର ନେଇଥିଲେ। ଫଳରେ ଡା ମହାନ୍ତି ଏହି ପଦରେ ନିଯୁକ୍ତ ହୋଇଛନ୍ତି।

# ୧୫୪ ଗ୍ରାମ ବ୍ରାଉନସୁଗର ଜବତ, ୪ ଗିରଫ

କଟକ, ୬।୯(ସମିସ)

ସହରରେ ୩ଟି ସ୍ଥାନରୁ ଆଜି ୧୫୪ ଗ୍ରାମର ମାରାତ୍ମକ ବ୍ରାଉନସୁଗର ଜବତ ହୋଇଛି। ୪ ଜଣ କୁଖ୍ୟାତ ନିଶା ବେପାରୀଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗର ମୂଲ୍ୟ ପ୍ରାୟ ୧୬ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି।

ସୂଚନା ଅନୁସାରେ, ଆଜି ସକାଳ ସାଢ଼େ ୧୦ଟା ବେଳେ ଜିଲ୍ଲା ଅବକାରୀ ବିଭାଗକୁ ମିଳିଥିବା ଏକ ସୂଚନା ଅନୁସାରେ, କଟକ ଏକ୍ସସାଇଜ୍ ଷ୍ଟେସନ୍-୨ର ଅଧିକାରୀ ଅଜିତ କୁମାର ପାତ୍ର ଓ ତାଙ୍କ ଟିମ୍ ମର୍କତନଗର ଥାନା ଅନ୍ତର୍ଗତ ଡ୍ରାଇଭିଂ ଟ୍ରେନିଂ ସେଣ୍ଟର ପାଖରେ ଚଢ଼ଉ କରିଥିଲେ। ସେଠାରେ ବ୍ରାଉନ୍‌ସୁଗର ଧରି ଛିଡ଼ା ହୋଇଥିବା ନିକଟ ଇମାମ୍‌ପଡ଼ା ବସ୍ତିର ରାଜୁ ଜେନାକୁ ଅବକାରୀ ଟିମ୍ କାବୁ କରିନେଇଥିଲା। ତା'ପାଖରୁ ୬୫ ଗ୍ରାମ୍ ଓଜନର ବ୍ରାଉନସୁଗର ମିଳିଥିଲା।



ସେହିପରି ଆଜି ଭୋର୍ ସମୟରେ କଟକ ଜିଲ୍ଲା ଅବକାରୀ ମୋବାଇଲ୍ ୟୁନିଟ୍‌କୁ ଏକ ସୂଚନା ମିଳିଥିଲା ଯେ ମର୍କତନଗର ଥାନା ଅନ୍ତର୍ଗତ ସେକ୍ଟର-୬ର ଜୟପ୍ରକାଶ ନାରାୟଣ ପାର୍କ ପାଖରେ ବ୍ରାଉନସୁଗର କାରବାର ହେଉଛି। ସେଠାରେ ଏକ ଟିମ୍ ଚଢ଼ଉ କରି ସତୀଚୌରା ପାଖ ବସ୍ତିର ସବିର ସାହାକୁ କାବୁ କରିବା ସହିତ ତା' ନିକଟରୁ ୫୪ ଗ୍ରାମ୍ ଓଜର ବ୍ରାଉନସୁଗର ଜବତ କରାଯାଇଥିଲା। ୨ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହିକ୍ରମରେ ମାଲ୍‌ଗୋଦାମ ଥାନା ପୁଲିସର ହସ୍ତଗତ ହୋଇଥିବା ଏକ ସୂଚନା ଆଧାରରେ ଯୋବ୍ରା ତତ୍ତ୍ୱବଟ ପାଖରେ ଏସ୍‌ଆଇ ପିଟି ଗଣେଶ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରିବାରୁ ୨ ନିଶା ମାଫିଆଙ୍କୁ ଗିରଫ କରାଯାଇଛି। ଏକ ୟାମାହା ବାଇକ୍‌ରେ ୩୬ ଗ୍ରାମ୍ ଓଜନର ବ୍ରାଉନସୁଗର ଧରି ଜଣେ ଗ୍ରାହକକୁ ବିକିବା ପାଇଁ ଛିଡ଼ା ହୋଇଥିବା ବେଳେ ପୁଲିସ ହାତରେ ଧରାପଡ଼ିଥିଲେ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଜଗତସିଂହପୁର ନାଉଗାଁ କୋରୁଆ ଗାଁର ବୁଲା ଓରଫ ଭାଗିରଥୀ ନାୟକ ଓ ଗାରେଇ ଗାଁର ସୁଧାକର ମହାରଣା। ଅଭିଯୁକ୍ତ ବୁଲା ଜଣେ ପେସାଦାର ଅପରାଧୀ ହୋଇଥିବା ବେଳେ ତା' ନାଁରେ ନାଉଗାଁ, ନିଆଳି, ଗୋବିନ୍ଦପୁର ଓ ଗୁରୁଡ଼ିଝାଟିଆ ଥାନାରେ ୯ଟି ସଂଗୀନ ମାମଲା ରହିଛି।

**ଯୁବକଙ୍କ କଟା ଗୋଡ଼ ମିଳିବା ଘଟଣା**

## ସିସି କ୍ୟାମେରାରୁ ସ୍ପଷ୍ଟ: ଆକ୍ରମଣ ନୁହେଁ; ଦୁର୍ଘଟଣା

**କଟକ, ୬।୯(ସମିସ):** ଲିଙ୍କ୍‌ରୋଡ୍‌ରେ ଥିବା ବେସରକାରୀ ବସ୍ ମାଲିକ ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଜଣେ ଯୁବକଙ୍କ ଗୋଡ଼ କଟା ଅବସ୍ଥାରେ ମିଳିବା ଘଟଣାରେ ପୁଲିସ ଆସି ଏକ ସିସିଟିଭି ଫୁଟେଜ୍ ଜାରି କରିଛି। ଯୁବକଙ୍କୁ କେହି ହାଣି ଏଭଳି ଗୋଡ଼ କାଟି ନଥିବା ପୁଲିସ କହିଛି। ଯୁବକ ଜଣକ ଖୁବ୍‌ଜୋର୍‌ରେ ବାଇକ୍ ଚଲାଇଯାଇ ରୋଡ୍ ଡିଭାଇଡର୍‌ରେ ପିଟି ହୋଇଯିବାରୁ ତାଙ୍କ ଗୋଡ଼ ଆଣ୍ଠୁ ପାଖରୁ ଛିଡ଼ିଥିବା ପୁଲିସ କହିଛି। ଏହି ଦୃଶ୍ୟ ସିସିଟିଭିରେ ଦେଖାଯାଉଥିବାରୁ ଘଟଣା ଏକପ୍ରକାର ସ୍ପଷ୍ଟ ହୋଇଥିବା ବାଦାମବାଡ଼ି ଥାନାଧିକାରୀ ଅଜୟ ରାଉଳ କହିଛନ୍ତି। ମାତ୍ର ଯୁବକଙ୍କୁ କେହି ହାଣି ଦେଇଥିବା କଥାକୁ ଏବେ ବି ପରିବାର ଲୋକ ଦୋହରାଉଛନ୍ତି। ଦୁର୍ଘଟଣା ହେବା ପୂର୍ବରୁ କେହି ଖଣ୍ଡା ଚୋଟ ପକାଇବାରୁ ସେ ଯାଇ ଡିଭାଇଡର୍‌ରେ ପିଟି ହୋଇଥିବା ଓ ଗୋଡ଼ ଛିଡ଼ି ପଡ଼ିଥିବା ପରିବାର ପକ୍ଷରୁ ଦାବି କରାଯାଇଛି। ଏମିତିକି କଟା ଗୋଡ଼କୁ ଯୋଡ଼ାଯାଇପାରି ନଥିବା ସୂଚନା ମିଳିଛି।

ଯୁବକଙ୍କ ଆଜି ପରିଚୟ ମିଳିଛି। ସେ ହେଉଛନ୍ତି ରାଜେଶ ପ୍ରଧାନ, ଘର ସଦର ଥାନା ଅନ୍ତର୍ଗତ ଡାହାଳିଆବାଗ ଗ୍ରାମରେ। ବାଦାମବାଡ଼ି ଛକରେ ଫୁଲ ଦୋକାନ କରିଛନ୍ତି। ତେବେ ଏହି ଘଟଣାକୁ ନେଇ ଆଜି ବାଦାମବାଡ଼ି ଥାନା ପୁଲିସ ନିକଟର କିଛି ସିସିଟିଭି ଯାଞ୍ଚ ପରେ ଏକ କ୍ୟାମେରା ଫୁଟେଜ୍‌ର ଗତକାଲିର ଘଟଣା କଏଦ ହୋଇଥିବା ଜଣାପଡ଼ିଲା। ରାଜେଶ ତାଙ୍କ ବାଇକ୍‌ରେ ଯାଇ ଡିଭାଇଡର୍‌ରେ ପିଟି ହେଉଥିବା ସିସିଟିଭିରେ ଦେଖାଯାଉଛି। ତେଣୁ ଏହା ଏକ ଦୁର୍ଘଟଣା ବୋଲି ପୁଲିସ କହିଛି। ମାତ୍ର ରାଜେଶଙ୍କ ପରିବାର ଲୋକ ଏବେ ବି ଏହି ଘଟଣାକୁ ଦୁର୍ବୃତ୍ତଙ୍କ ଆକ୍ରମଣ ଘଟଣା ବୋଲି କହୁଛନ୍ତି।

## ନବ ନିଯୁକ୍ତ ଜିଲ୍ଲା ବିଜେଡି ସଭାପତିଙ୍କୁ ଶୁଭେଚ୍ଛା

କୋରାପୁଟ,୬।୯ (ସମିସ): ଗୁରୁବାର ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ବିଭିନ୍ନ ଜିଲ୍ଲାର ସଭାପତି ନିଯୁକ୍ତ କରିଥିବାବେଳେ ପୂର୍ବତନ ସାଂସଦ ଝିନ୍ନ ହିକକାଙ୍କୁ କୋରାପୁଟ ଜିଲ୍ଲା ସଭାପତି ଭାବେ ନିଯୁକ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀ ହିକକାଙ୍କୁ ଶୁକ୍ରବାର କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ଯୁବନେତା ଅମିତ ଅଗ୍ରୱାଲ, ଅଶୋକ ପ୍ରଧାନ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ହିକକାଙ୍କ ନେତୃତ୍ୱରେ ଆସନ୍ତା ଦିନରେ ଦଳ ଅଧିକ ଶକ୍ତିଶାଳୀ ହେବ ବୋଲି ଶ୍ରୀ ପଡ଼ାଲ ଆଶା ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଜଣେ ଆଦିବାସୀ ବର୍ଗର ଯୁବ ଚେହେରାକୁ ଜିଲ୍ଲା ସଭାପତି କରିଥିବାରୁ ଶ୍ରୀ ପଡ଼ାଲ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ଜିଲ୍ଲାରେ ଡିଡିଆରସି କେନ୍ଦ୍ର ସ୍ଥାପନ ଦାବି

### ● ଜିଲ୍ଲାପାଳଙ୍କୁ ଓଡ଼ିଶା ବିକଳାଙ୍ଗ ମଞ୍ଚର ଦାବିପତ୍ର



ରାୟଗଡ଼ା,୬।୯ (ସମିସ): ଓଡ଼ିଶା ବିକଳାଙ୍ଗ ମଞ୍ଚ ରାୟଗଡ଼ା ଜିଲ୍ଲା ଶାଖା ତରଫରୁ ଆଜି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ନିର୍ମିତ ହେଉଥିବା ସରକାରୀ କାର୍ଯ୍ୟାଳୟ କୋଠାରେ ଲିଫ୍ଟ ବ୍ୟବସ୍ଥା, ରାୟଗଡ଼ା ରେଳ ଷ୍ଟେସନରେ ଇ-ରିକ୍ସା ବ୍ୟବସ୍ଥା, ଜିଲ୍ଲାର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ଜିଲ୍ଲା ଭିନ୍ନକ୍ଷମ ପୁର୍ନବାସ କେନ୍ଦ୍ର (ଡିଡିଆରସି) ସ୍ଥାପନ କରିବା ପାଇଁ ଦାବି କରାଯାଇଛି। ଦାବିପତ୍ର ଗ୍ରହଣ କରି ଜରୁରି ଅତ୍ୟାବଶ୍ୟକୀୟ ବିଷୟଗୁଡିକ ପୂରଣ ଦିଗରେ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ପ୍ରତିଶୃତି ଦେଇଥିବା ଓଡ଼ିଶା ବିକଳାଙ୍ଗ ମଞ୍ଚ ରାୟଗଡ଼ା ଜିଲ୍ଲା ଶାଖା ସାଧାରଣ ସଂପାଦକ ଜଳନ୍ଧର ବାଚେଲି ପ୍ରକାଶ କରିଛନ୍ତି।

## ମନରେଗା ଯୋଜନାରେ ଏନ୍‌ଏମ୍‌ଏମ୍‌ଏସ୍ ପାଲଟିଛି ପ୍ରହସନ

### ଆପ୍‌ରେ ମୋବାଇଲ ଫଟୋରୁ ଫଟୋ ଅପ୍‌ଲୋଡ ହେଉଥିବା ଅଭିଯୋଗ

କାଲିମେଲା,୬।୯ (ସମିସ):

ମାଲକାନଗିରି ଜିଲ୍ଲାରେ ଶ୍ରମିକଙ୍କୁ ରୋଜଗାର ଯୋଗାଇଦେବା ପାଇଁ ସରକାରଙ୍କ ପକ୍ଷରୁ ମନରେଗା ଯୋଜନା ମାଧ୍ୟମରେ ବିଭିନ୍ନ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ହେଲେ ବାସ୍ତବ କ୍ଷେତ୍ରରେ ମନରେଗା ଯୋଜନା ମାଧ୍ୟମରେ ଆସୁଥିବା ଏହି ଅର୍ଥକୁ ବାଟମାରଣା କରିବା ପାଇଁ ସରକାରୀ କର୍ମଚାରୀ ନୂଆ ନୂଆ କୌଶଳ ଅପଣାଇଛନ୍ତି। ମନରେଗା ଯୋଜନା କାର୍ଯ୍ୟରେ କେବେ ମେସିନ ବ୍ୟବାହର ହେଉଛି ତ କେବେ କାମ ନ ହୋଇ ବିଲ୍ ଉଠାଯାଉଛି। ପୁଣି କେବେ ମୃତ ଶ୍ରମିକଙ୍କ ନାମରେ ଅର୍ଥ ପୈଠ ହେଉଛି। ଏ ସବୁ ବାଦେ ବର୍ତ୍ତମାନ ମନରେଗା ଯୋଜନାର ଅର୍ଥ ଲୁଟ ପାଇଁ ଶ୍ରମିକଙ୍କ ବଦଳରେ ଫଟୋରୁ ଫୋଟ ନେଇ ତାହାକୁ ମନରେଗା ପୋର୍ଟାଲ୍‌ରେ ଅପଲୋଡ଼ କରାଯାଉଛି। ଦାଦନ ସମସ୍ୟାକୁ ଦୁର କରିବା ଓ ଶ୍ରମିକଙ୍କ ରୋଜଗାର ବଢ଼େଇବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ମନରେଗା ଯୋଜନାରେ ବାଟମାରଣାର ଏସବୁ ଚିତ୍ର ଦେଖିବା ପରେ ବାସ୍ତବିକ କ୍ଷେତ୍ରରେ ଯୋଜନା କେତେଦୂର ସଫଳ ହୋଇଛି ତାହା ତଦନ୍ତ ସାପେକ୍ଷ। ଏପରି ଘଟଣା ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ୍ ଅନ୍ତର୍ଗତ ପୁଶୁଗୁଡା ପଞ୍ଚାୟତର ନର୍ଥ କେନାଲ ଠାରୁ ପୂଜାରୀ ଲ୍ୟାଣ୍ଡ ପର୍ଯ୍ୟନ୍ତ ଚାଲିଥିବା ଫିଲ ଚାନେଲ କାମ ଯାହାର କୋଡ଼ ନମ୍ବର ୨୪୩୧୦୦୧୪୦୦୮/ ଆଇସି/୧୦୬୨୧୦୮୩ ଏହି କାମରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟର ଫୋଟ ଏନଏମଏମଏସ ଆପ୍‌ରେ ଅପଲୋଡ଼ କରିବା ପରିବର୍ତ୍ତେ ମେଟ ରାମଚନ୍ଦ୍ର ୱାୟୀଙ୍କ ମୋବାଇଲ ଫଟୋରୁ ଫୋଟ ଉଠେଇଥିବା ଏକ ଫୋଟ ଅପଲୋଡ଼ କରିଥିବା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ମନରେଗା ଯୋଜନାରେ ଯେକୌଣସି କାଯ୍ୟ ଆରମ୍ଭ ହେଲେ କାଯ୍ୟ ଜାରି ଥିବା ସମୟରେ ସରକାରୀ ନିୟମ ଅନୁଯାୟୀ ଏହାର ଏନଏମଏମଏସ କରାଯାଏ। ଏନଏମଏମଏସ ଅର୍ଥ ହେଉଛି ନେସନାଲ ମେପିଂ ସିଷ୍ଟମ। ଏହି ଏନଏମ ଏମଏସ ଦ୍ୱାରା କାର୍ଯ୍ୟରତ ଶ୍ରମିକଙ୍କ ନାମ ଓ କାର୍ଯ୍ୟସ୍ଥଳୀରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଫଟୋ ଅପଲୋଡ଼ କରାଗଲେ ପ୍ରକୃତରେ କାଯ୍ୟରେ କେତେ ଶ୍ରମିକ ନିୟୋଜିତ ହୋଇଛନ୍ତି ଏବଂ କାର୍ଯ୍ୟ ସଠିକ ଭାବରେ ହେଉଛି କି ନାହିଁ ତାହା ସ୍ପଷ୍ଟ ହୋଇଥାଏ। ତେବେ ଫଟୋ ରୁ ଫୋଟ ଅପଲୋଡ଼ କରିବା ସରକାରଙ୍କ ଆଖିରେ ଧୂଳି ଦେବା ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ତେଣୁ ଏପରି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।

## ବୈପାରୀଗୁଡ଼ାରେ ୯ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ବୈପାରୀଗୁଡ଼ା,୬।୯ (ସମିସ): ବୈପାରୀଗୁଡ଼ା ସ୍ଥିତ ଶିକ୍ଷକ ଭବନ ପରିସରରେ ବ୍ଲକ୍‌ସ୍ତରୀୟ ଗୁରୁ ଦିବସ ପାଳିତ ହୋଇଯାଇଛି। ମିଳିତ ପ୍ରାଥମିକ ଶିକ୍ଷକ ସଙ୍ଘର ସଭାପତି ସୁରେନ୍ଦ୍ର ଖରାଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧକ୍ଷ ପ୍ରଶାନ୍ତ କୁମାର ଗୁପ୍ତା, ଉପାଧକ୍ଷା ପୂର୍ଣ୍ଣିମା ବାରିକ, ଗୋଷ୍ଠୀ ଶିକ୍ଷା ଅଧିକରୀ ସୁକାନ୍ତ କର୍ତ୍ତାମୀ, ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ପ୍ରୀତମ ସମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ୍‌ର ୯ ଜଣ ଅବସର ଗ୍ରହଣ ଶିକ୍ଷକଙ୍କୁ ଉପଢ଼ୌକନ ସହ ମାନପତ୍ର ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସର ଗ୍ରହଣ କରିଥିବା ଶିକ୍ଷକଙ୍କ ମଧ୍ୟରୁ ରମେଶ ଚନ୍ଦ୍ର ସ୍ୱାଇଁ, ଚତୁର୍ଭୁଜ ସ୍ୱାଇଁ, ସାମନ୍ତ ସାହୁ, ପ୍ରଶାନ୍ତ କୁମାର କର, ପ୍ରଦୀପ କୁମାର ଦାସ, ଖିରୋଦ କୁମାର ଭଟମିଶ୍ର, ସୁରେଶ ଚନ୍ଦ୍ର ଦାସ, ସରତ କୁମର ବେହେରା, ସଂଯୁକ୍ତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟାଳୟରେ ବ୍ଲକ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ବିଧାୟକଙ୍କୁ ହାଇସ୍କୁଲ ଶିକ୍ଷକ ଏନ୍‌ପିଏସ ସଂଘର ଦାବିପତ୍ର



ମାଲକାନଗିରି,୬।୯ (ସମିସ): ମାଲକାନଗିରି ଜିଲ୍ଲା ସରକାରୀ ହାଇସ୍କୁଲ ଶିକ୍ଷକ ଏନ୍‌ପିଏସ ସଂଘ ମାଲକାନଗିରି ବିଧାୟକ ନରସିଂହ ମାଡକାମିଙ୍କୁ ନିଜର ଦୁଇ ଦଫା ଦାବି ସମ୍ପର୍କରେ ଜଣାଇବା ସହ ଆଲୋଚନା କରିଥିଲେ। ୨୦୦୪ ମସିହାରୁ ୨୦୧୪ ମସିହା ପର୍ଯ୍ୟନ୍ତ ସମସ୍ତ ହାଇସ୍କୁଲ ଶିକ୍ଷକ ୬ ବର୍ଷ ମୂଳ ଚାକିରିରେ ଯୋଗ ଓ ୬ଟି ନାସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ ଏବଂ ହାଇସ୍କୁଲ ଶିକ୍ଷକମାନଙ୍କ କ୍ୟାଡର ପୁନର୍ଗଠନ ଭଳି ଦୁଇଟି ଦାବିକୁ ଆଗାମୀ ବିଧାନସଭା ଅଧିବେଶନରେ ଉପସ୍ଥାପନା କରି ଶିକ୍ଷକମାନଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ସହଯୋଗ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହି ଅବସରରେ ବିଧାୟକ ଶ୍ରୀ ମାଡକାମୀ ମଧ ଉପରସ୍ତରରେ ଆଲୋଚନା କରିବାକୁ ସଙ୍ଘକୁ ପ୍ରତିଶୃତି ଦେଇଥିବା ଜଣାପଡ଼ିଛି। ଏହି ଆଲୋଚନାରେ ସଂଘ ସଭାପତି ସଂଜୀବ କୁମାର ବୈଦ୍ୟ, କାର୍ଯ୍ୟକାରୀ ସଭାପତି ସୁଧୀର ରଞ୍ଜନ ସିକଦାର, ସମ୍ପାଦକ ସନାତନ ଦାସ, ଉପଦେଷ୍ଟା ଜଗନ୍ନାଥ ପ୍ରସାଦ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ଦୀପ୍ତ କୁମାର ଦାସ, ଉପ ସଭାପତି ସନାତନ ପ୍ରଧାନ, ଚତୁର୍ଭୁଜ ଦାସ, ରତନ ଆଚାର୍ଯ୍ୟ, ସମୀରରଞ୍ଜନ ଜେନା, ବାସୁଦେବ ପଣ୍ଡା, ଶରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ୨ ଗୁରୁତର

ପୋଡ଼ାଗଡ଼,୬।୯ (ସମିସ): କୋରାପୁଟ-ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥ ନିକଟ ଲମତାପୁଟ ନିକଟରେ ଦୁଇ ବାଇକ୍ ମୁହାମୁହିଁ ଧକ୍କାରେ ଦୁଇ ଜଣ ଗୁରୁତର ହୋଇଛନ୍ତି। ପୋଡ଼ାଗଡ଼ରୁ ପଡୟପୁଟ ଅଭିମୁଖେ ଯାଉଥିବା ସମୟରେ ଲମତାପୁଟ ବାରିଗୁଡ଼ା ନିକଟ ବୁଲାନି ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ସହ ବାଇକ୍ ମୁହାମୁହିଁ ଧକ୍କା ହୋଇଥିବାରୁ ଉଭୟ ବାଇକ୍ ଓ ସ୍କୁଟି ଚାଳକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

## ସିଆର୍‌ପିଏଫ୍‌ର ଚାରାରୋପଣ



ଚନ୍ଦ୍ରପୁର,୬।୯ (ସମିସ): ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍‌ସଦର ମହକୁମାରେ ଥିବା ଆଦର୍ଶ ବିଦ୍ୟାଳୟରେ ଗୁରୁଦିବସ ସହ ଚାରାରୋପଣ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଚନ୍ଦ୍ରପୁର ୪ର୍ଥ ସୁରକ୍ଷା ବଳ କାମାଣ୍ଡେଣ୍ଟ ଟି. ପୋଲାନିଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ଆଦର୍ଶ ବିଦ୍ୟାଳୟର ଅଧକ୍ଷ କାଳନ୍ଦୀ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା,ଶିକ୍ଷକ ,ଶିକ୍ଷୟିତ୍ରୀ, ୪ର୍ଥ ସିଆରପିଏଫ ସୁରକ୍ଷା ବଳଙ୍କ ଉପସ୍ଥିତିରେ ଆଜି ଆଦର୍ଶ ବିଦ୍ୟାଳୟର ପରିସରରେ ଅଁଳା, କାଜୁ, ଆମ୍ବ, ପିସ୍ତା ବାଦାମ ପ୍ରାୟ ୩୫୦ ଚାରାରୋପଣ କରାଗଲା। ଶେଷରେ କମାଣ୍ଡର ଟି. ପୋଲାନି ଧନ୍ୟବାଦ ଦେଇଥିଲେ।

## ମାଥିଲି ଲ୍ୟାମ୍ପସର ୟୁରିଆ ଘୋଟାଲାର ତଦନ୍ତ ଜାରି

ମାଥିଲି,୬।୯ (ସମିସ): ରାଜ୍ୟରେ ୟୁରିଆ ପାଇଁ ଚାଷୀମାନେ ହନ୍ତସନ୍ତ ହେଉଥିବା ଚିତ୍ର ସାମ୍ନାକୁ ଆସୁଛି। କିନ୍ତୁ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ଲ୍ୟାମ୍ପସରେ ୟୁରିଆର ମହା ଘୋଟାଲା ହେଉଥିବା କିଛି ଦିନ ପୂର୍ବରୁ ଆଦିବାସୀ ନେତା ଶରତ ଚନ୍ଦ୍ର ବୁରୁଦା ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଥିଲେ। ଯାହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଅଭିଯୋଗ ଆଧାରରେ ସମବାୟ ସମିତିର ନିର୍ଦ୍ଦେଶ କ୍ରମେ ଗତକାଲି ମାଥିଲି କେସିସି ବ୍ୟାଙ୍କ ପରିଚାଳକ ମନୋଜ କୁମାର ମଣ୍ଡଳ ମାଥିଲି ଲ୍ୟାମ୍ପସରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗତବର୍ଷ ସାର ବାବଦକୁ ୧୭ ଲକ୍ଷ ଟଙ୍କା ଲ୍ୟାମ୍ପସ ବକାୟା ଥିବା ବ୍ୟାଙ୍କରେ ଜମା କରି ନଥିବା ବେଳେ ଚଳିତ ବର୍ଷ ଖରିଫ ଋତୁରେ ୩୧ଲକ୍ଷ ଟଙ୍କାରେ ସାର ଆସିଥିବା ତଦନ୍ତ ସମୟରେ ଜଣାପଡ଼ିଛି। ତେବେ ଗତବର୍ଷ ଲ୍ୟାମ୍ପସର ୧୭ ଲକ୍ଷ ଟଙ୍କା ବକେୟା ପୈଠ ହୋଇ ନଥିବା ବେଳେ ଏହାର ତଦାରଖ ନକରି ଚଳିତ ବର୍ଷ ୩୧ ଲକ୍ଷ ଟଙ୍କାର ସାର କିପରି ମଞ୍ଜୁର ହେଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେସିସି ବ୍ୟାଙ୍କର କର୍ତ୍ତୃପକ୍ଷ କାର୍ଯ୍ୟକାରିତା ଉପରେ ସନ୍ଦେହ ସୃଷ୍ଟି କରିଛି। ସବୁଠାରୁ ବଡ଼ କଥା ହେଲା ଏବେ ଖରିଫ ଋତୁରେ ସାଧାରଣ ଚାଷୀମାନଙ୍କୁ ଗୋଟିଏ ୟୁରିଆ ବିକ୍ରୟ କରୁଥିବା ବେଳେ ଲ୍ୟାମ୍ପସର ନିର୍ବାଚିତ ପଦାଧିକାରୀମାନେ ୪୦ ବସ୍ତା ଲେଖାଏ ବକେୟା ଭାବରେ ନେଇଛନ୍ତି। ଯାହା ଲ୍ୟାମ୍ପସର ୟୁରିଆ ବିକ୍ରୟ ଚାର୍ଜରେ ଥିବା କର୍ମଚାରୀ ଚନ୍ଦନ କୁମାର ପଣ୍ଡା ଗଣମାଧ୍ୟମଙ୍କୁ ଓ ତଦନ୍ତ କାରି ଅଧିକାରୀ ଶ୍ରୀ ମଣ୍ଡଳଙ୍କୁ ସଠିକ ତଥ୍ୟ ପ୍ରଦାନ କରି ପାରିନଥିବା ଜଣାପଡ଼ିଛି। ଶ୍ରୀ ପଣ୍ଡା ସଠିକ ତଥ୍ୟ ଦେବାକୁ ଦୁଇ ଦିନ ସମୟ ମାଗିଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ଶ୍ରୀ ମଣ୍ଡଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ମୌଖିକ ଭାବେ ଯାହା ସୂଚନା ମିଳିଛି, ଚଳିତ ବର୍ଷ ୪ ଟନ ୫୧୫ କୁଇଣ୍ଟାଲ ୟୁରିଆ ଆସିଥିବା ବେଳେ ମୋଟ ସାର ମଧ୍ୟରେ ନାଫେଡକୁ ମାତ୍ର ୧୦ ଲକ୍ଷ ଟଙ୍କା ପୈଠ କରାଯାଇଛି, ବାକି ପାଖାପାଖି ୧୯ ଲକ୍ଷ ଟଙ୍କାର ସାର ମହଜୁଦ ଅଛି। ତେବେ ବାକି ଲକ୍ଷ ଲକ୍ଷ ଟଙ୍କା ଗଲା କୁଆଡେ ବୋଲି ଏବେ ପ୍ରଶ୍ନ ଉଠିଛି। ଏହାର ବିଧିବଦ୍ଧ ଭାବେ ଉଚ୍ଚସ୍ତରୀୟ ତଦନ୍ତ ହେଲେ ସତ୍ୟ ସାମ୍ନାକୁ ଆସିବ ବୋଲି ଚାଷୀମାନେ ଦାବି କରିଛନ୍ତି।

## କତାମେଟା କେନ୍ଦୁପତ୍ର ବନାଞ୍ଚଳର ସ୍ୱାସ୍ଥ୍ୟ ଶିବିର



ମାଲକାନଗିରି,୬।୯ (ସମିସ): ମାଲକାନଗିରି ଜିଲ୍ଲା କତାମେଟା କେନ୍ଦୁପତ୍ର ବନାଞ୍ଚଳ ତରଫରୁ ଜୟପୁର କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଶ୍ରୀ ଏ.ଉମା ମହେଶଙ୍କ ତତ୍ୱାବଧାନ ରେ କତାପାଲୀ ଗ୍ରାମପଞ୍ଚାୟତ ଦୁସାନାଡ଼ ଗ୍ରାମରେ କେନ୍ଦୁପତ୍ର ତୋଳାଳୀଙ୍କ ନିମନ୍ତେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ଅନେକ କେନ୍ଦୁପତ୍ର ତୋଳାଳୀ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ଆବଶ୍ୟକତା ଅନୁସାରେ ଔଷଧ ମଧ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମାଥିଲି ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଏବଂ କର୍ମଚାରୀ ସ୍ୱାସ୍ଥ୍ୟ ସେବା ଯୋଗାଇଦେଇଥିବା ବେଳେ ବନାଞ୍ଚଳ ଅଧିକାରୀ ବେତାଳ ଜୟରାମ, ବନପାଳ ଧିରେନ ସଥପତି, ବିବେକାନନ୍ଦ ସାନ୍ତରା, ବିଜୟ କୁମାର ବିଶ୍ୱାଳ, ରଞ୍ଜି ଦେ, କେଦାରନାଥ ସାହୁ ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ଶିକ୍ଷକଙ୍କ ପରିବାର ପକ୍ଷରୁ ଗୁରୁଦିବସ

କୋରୁକୋଣ୍ଡା/ବାଲିମେଳା,୬।୯ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ଏନଏସି ଅନ୍ତର୍ଗତ ଟାଉନହଲଠାରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀ ପରିବାର ଦ୍ୱାରା ଗୁରୁଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ପ୍ରଦୀପ କୁମାର ନାୟକ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ବାଲିମେଳା କଲେଜର ପୂର୍ବତନ ଅଧକ୍ଷ ଅମୂଲ୍ୟ କୁମାର ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବରେ ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ହିଆଲ, ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ପ୍ରଧାନ ଶିକ୍ଷକ ଅଜୟ କୁମାର ନାୟକ ଓ ସ୍ୱତନ୍ତ୍ର ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅମରେଶ୍ୱର ବେହେରା , ମନୋରଞ୍ଜନ ପ୍ରହରାଜ ଉପସ୍ଥିତ ଥିଲେ। କୋରୁକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ କୁମାର ମିସ୍ତ୍ରୀ ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ବିଶ୍ୱନାଥ ଶବର ଜଗନ୍ନାଥଙ୍କ ବନ୍ଦନା ଗାନ କରିଥିଲେ। ଉପସ୍ଥିତ ସମସ୍ତ ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ମଞ୍ଚ ପରିଚାଳନା ପ୍ରଧାନ ଶିକ୍ଷକ ଶେଷଦେବ ପ୍ରଧାନ କରିଥିଲେ।

## ୱାକର୍ସ କ୍ଲବ୍‌ରେ ଶିକ୍ଷକ ଦିବସ



ରାୟଗଡ଼ା,୬।୯ (ସମିସ): ୱାକର୍ସ କ୍ଲବ୍ ରାୟଗଡ଼ ଆନୁକୁଲ୍ୟରେ ଉପଦେଷ୍ଟା ସତ୍ୟବାଦୀ ପତି, ବରିଷ୍ଠ ସଭ୍ୟ ଅଭିମନ୍ୟୁ ନାୟକ, ଟି. ଜୟରାମ, ସୁବାସ ଚନ୍ଦ୍ର ରଥ, ବ୍ରଜସୁନ୍ଦର ନାୟକ, ରମେଶ ଗୁଲାନି,କିଶୋର ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ କ୍ଲବର ସଭାପତି ଦାସରଥୀ ରାଜଗୁରୁଙ୍କ ସଭାପତିତ୍ୱରେ ଶିକ୍ଷକ ଦିବସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ମୁକ୍ତିକାନ୍ତ ଅଗସ୍ତି ଯୋଗଦେଇ ଜିଲ୍ଲାର ପାଞ୍ଚ ଜଣ ଶିକ୍ଷକ ଯଥା ରାଜେନ୍ଦ୍ର ପାଢୀ, ଅବସରପ୍ରାପ୍ତ ଅଧକ୍ଷ ସିଟି ସ୍କୁଲ, ନୀଳାଞ୍ଚଳ ମିଶ୍ର, ସହକାରୀ ଶିକ୍ଷକ ଗୁଣୁପୁର ବିଳିକା ଉଚ୍ଚବିଦ୍ୟାଳୟ, ରବିନ୍ଦ୍ର କୁମାର ତ୍ରିପାଠୀ, ଟିକିରି ପ୍ରାଥମିକ ବିଦ୍ୟାଳୟ, ରସ୍ମିତି ହୋତା, ସହକାରୀ ଶିକ୍ଷୟତ୍ରୀ, ଟିକରପଡା ପ୍ରାଥମିକ ବିଦ୍ୟାଳୟ ଓ କୋଲନାରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପଢିଙ୍କୁ ଉତ୍ତମ ଶିକ୍ଷାଦାନ ସହିତ ବିଦ୍ୟାଳୟର ଉତ୍ତମ ପରିବେଶ ସୃଷ୍ଟି କରି ସୁନାମ କରିଥିବା ହେତୁ ଶ୍ରେଷ୍ଠ ଶିକ୍ଷକ ଭାବରେ ମାନପତ୍ର ସହିତ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ କ୍ଲବ୍‌ର ୨୩ ଜଣ ଶିକ୍ଷକ ସଭ୍ୟବୃନ୍ଦଙ୍କୁ ମଧ ଉପଢୌକନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡ଼ଃ ଦୁଷ୍ମନ୍ତ ମହାନ୍ତି ସଭା ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିବା ବେଳେ କୋଷାଧକ୍ଷ ଗୋପାଳ ଜୈନ, ଏଲି ୱକର ରାଜୁ ସାହୁ, ବି. ଡାଲିରାଜୁ , ରୁଦ୍ର ଚୈଧୁରୀ, ବଳରାମ ଚୌଧୁରୀ, ଜଳନ୍ଧର ପୁସିକା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସୁନୀଲ ମେମୋରିଆଲ ଡ୍ୟୁଜ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଗୁଣୁପୁର,୬।୯ (ସମିସ): ଆଜି ଗୁଣପୁର ମିନି ଷ୍ଟାଡିୟମ ଠାରେ ସୁନୀଲ ମେମୋରିଆଲ ଚାରିଟେବୁଲ ଫାଉଣ୍ଡେସନ, ଭୁବନେଶ୍ୱର ପକ୍ଷରୁ ଶିକ୍ଷକ ନେତା ତଥା ବରିଷ୍ଠ ସାମ୍ବାଦିକ ତଥା କ୍ରୀଡ଼ା ପ୍ରେମୀ ସ୍ୱର୍ଗତ. ସୁନୀଲ କୁମାର ଦାଶଙ୍କ ସ୍ମୃତିରେ ଅୟୋଜିତ ଡ୍ୟୁଜ୍ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହା ଆଗାମୀ ୧୭ ତାରିଖରେ ସମାପ୍ତ ହେବ ବୋଲି ସୁନୀଲ ମେମୋରିଆଲ ଚାରିଟେବୁଲ ଫାଉଣ୍ଡେସନର ନିର୍ଦ୍ଦେଶକ ଶକ୍ତି ଦାଶ ସୂଚନା ଦେଇଛନ୍ତି। ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୁଣପୁର ପୌର ପରିଷଦ ଉପାଧକ୍ଷ ଶିବ ପ୍ରସାଦ ଗୌଡ, ସମ୍ମାନିତ ଅତିଥି ଭାବେ ଓକିଲ ସଂଘ ସଭାପତି ଗୌରୀ ଶଙ୍କର ଦାଶ, ସନ୍ତୋଷ କୁମାର ଗୁରୁ ଓ ରାଜେଶ କୁମାର ପଣ୍ଡା, କ୍ରୀଡ଼ାବିତ୍ ରବିନ୍ଦ୍ର କୁମାର ପଣ୍ଡା, କଳିଙ୍ଗ ସାମ୍ବାଦିକ ସଙ୍ଘର ଉପସଭାପତି ସୂର୍ଯ୍ୟ ପ୍ରକାଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ପ୍ରଥମ ଦିନର ମ୍ୟାଚ୍ ପାରଳାଖେମୁଣ୍ଡି ଓ ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଏଥିରେ ପ୍ରଥମେ ଜିଆଇଇଟି ବିଶ୍ୱ ବିଦ୍ୟାଳୟ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ସମୁଦାୟ ୨୫ ଓଭର ଖେଳି ୯ ଗୋଟି ୱିକେଟ ହରାଇ ୧୩୭ ରନ୍ କରିଥିବାବେଳେ ପାରଳାଖେମୁଣ୍ଡି ଦ୍ୱିତୀୟ ପର୍ଯ୍ୟାୟରେ ୨୪ ଓଭର ୩ ଟି ବଲ ଖେଳି ୩ ୱିକେଟରେ ବିଜୟୀ ହୋଇଛି। ଜିଆଇଇଟି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ପ୍ରୀତମ ପ୍ରଧାନ ସର୍ବାଧିକ ୪୧ ରନ୍ କରିଥବା ବେଳେ ପାରଳାଖେମୁଣ୍ଡି ପକ୍ଷରୁ ସୁନିତ ବେହେରା ସର୍ବାଧିକ ୪୭ ରନ୍ କରି ମେନ୍ ଅଫ୍ ଦି ମ୍ୟାଚ୍ ଲାଭ କରିଛନ୍ତି। ପାରଳାଖେମୁଣ୍ଡି ପକ୍ଷରୁ ସର୍ବାଧିକ ଭାବେ ପି. ସତୀଶ ୩ ଗୋଟି ଓ ଶୁଭମ୍ ରାଉତ ୩ ଗୋଟି ୱିକେଟ ନେଇଥିଲେ।

## ଆଲୋକ ଖୋସଲାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

କୁନ୍ଦୁରା,୬।୯ (ସମିସ): କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଯନ୍ତାପୁଟ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଆଲୋକ ଖୋସଲା ପାଇଛନ୍ତି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୋରାପୁଟ ସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ଖୋସଲା ଜିଲ୍ଲାର ଉତ୍ତମ ସାମାଜିକ ବିଜ୍ଞାନ ଶିକ୍ଷକ ଭାବେ ପୁରସ୍କୃତ ହୋଇଛନ୍ତି। ଶିକ୍ଷକଙ୍କୁ ମାନପତ୍ର ଦେଇ ସମ୍ମାନୀତ କରିଛନ୍ତି ବିଧାୟକ, ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଅନ୍ୟାନ୍ୟ ଅତିଥିମାନେ। ସାମାଜିକ ବିଜ୍ଞାନ ଶିକ୍ଷକ ଆଲୋକ ଖୋସଲାଙ୍କୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ସମେତ ଯନ୍ତାପୁଟ ବିଦ୍ୟାଳୟ ଷ୍ଟାଫ୍ ଏବଂ କୁନ୍ଦୁରା ବ୍ଲକ୍ ଶିକ୍ଷକ ସଙ୍ଘ ପକ୍ଷରୁ ଅଭିନନ୍ଦନ ଜଣାଇଛନ୍ତି।

## ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ନାମ ଫଳକ ବାଧ୍ୟତାମୂଳକ

### ୩୦ରୁ ଖିଲାପକାରୀ ଗଣିବେ ଜରିମାନା




ରାୟଗଡ଼ା,୬।୯ (ସମିସ): ରାୟଗଡ଼ା ପୌରାଞ୍ଚଳରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡିକରେ ଏଣିକି ଓଡ଼ିଆ ନାମ ଫଳକ ଲଗାଇବା ବାଧ୍ୟତାମୂଳକ କରିବା ପାଇଁ ଅଣ୍ଟା ଭିଡିଛି ପୌର ପ୍ରଶାସନ। ରାୟଗଡ଼ା ପୌର ପରିଷଦରେ ବ୍ୟବସାୟ କରୁଥିବା ସମସ୍ତ ଦୋକାନୀ ତଥା ବ୍ୟବସାୟିକ ସଂଗଠନ ଗୁଡ଼ିକୁ ସେମାନଙ୍କର ନାମଫଳକ ଓଡିଆରେ ଲେଖିବା ପାଇଁ ରାୟଗଡ଼ା ପୌର ପରିଷଦ ତରଫରୁ ସୁଚିତ କରାଯାଇଛି। ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶନାମା ଅନୁଯାଇ ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କ ସାଇନବୋର୍ଡରେ ଓଡିଆ ଭାଷାର ବ୍ୟବହାର ବାଧ୍ୟତା ମୂଳକ କରାଯାଇଛି। ସାଇନବୋର୍ଡର ସମୁଦାୟ କ୍ଷେତ୍ରଫଳର ଅନୁନ୍ୟ ୬୦ ପ୍ରତିଶତ ଓଡ଼ିଆ ଭାଷାରେ ଲିପିବଦ୍ଧ ରହିବା ଆବଶ୍ୟକ। ଏହି ନିୟମକୁ ଅନୁପାଳନ ପାଇଁ ସରକାରୀ ପ୍ରୋତ୍ସାହନ ରୂପେ ଟ୍ରେଡ ଲାଇସେନ୍ସ ନବୀକରଣ ସମୟରେ ୫୦ ପ୍ରତିଶତ ରିହାତି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଏହି ନିର୍ଦ୍ଦେଶନାମାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ପାଇଁ ମାଇକ ଯୋଗେ ପ୍ରଚାର କରାଯିବା ସହ ଏନଫୋର୍ସମେଣ୍ଟ ଟିମ ଦ୍ୱାରା ପ୍ରତ୍ୟେକ ପ୍ରତିଷ୍ଠାନ ଗୁଡିକୁ ସଚେତନ କରାଯାଉଥିବା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କୁଳଦୀପ କୁମାର ମତବ୍ୟକ୍ତ କରିଛନ୍ତି। ଏହି ନିର୍ଦ୍ଦେଶକୁ ଖିଲାପ କରୁଥିବା ପ୍ରତିଷ୍ଠାନମାନଙ୍କ ଠାରୁ ଆସନ୍ତା ସେପ୍ଟେମ୍ବର ୩୦ ପରେ ଦିନକୁ ୫୦୦ ଟଙ୍କା ହିସାବରେ ଜରିମାନା ଆଦାୟ କରାଯିବ। ଏହି ନିୟମକୁ କଡାକଡି ଭାବେ କାର୍ଯ୍ୟକାରୀ କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ପୌର ପରିଷଦ ଅଧୀନସ୍ଥ ସମସ୍ତ ବ୍ୟବସାୟୀ ତଥା ବାଣିଜ୍ୟିକ ପ୍ରତିଷ୍ଠାନ ଯଥାଶୀଘ୍ର ଓଡ଼ିଆରେ ନାମ ଫଳକ ଲେଖିବା ପାଇଁ ପୌରାଧକ୍ଷ ପି. ମହେଶ ପଟନାୟକ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ମାଲକାନଗିରି,୬।୯ (ସମିସ):

ଜୁନିଅର ରେଡ଼କ୍ରସର ଅଣ ତାଲିମ ପରାମର୍ଶଦାତାମାନଙ୍କର ଏକ ତିନି ଦିନିଆ ପ୍ରଶିକ୍ଷଣ ଶିବିର ମାଲକାନଗିରି ଜିଲ୍ଲା ସ୍ଥିତ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ଏମ୍‌ଭି-୭୦ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ଆଜିଠାରୁ ଆସନ୍ତା ୮ ତାରିଖ ଯାଏଁ ଜାରି ରହିବ। ଆଜିର ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ରେଡ଼କ୍ରସ ୟୁନିଟ୍‌ର ଉପାଧକ୍ଷ ବେଦବର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ବେହେରା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଶରତ କୁମାର ରାଉତ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଏ ଇଶ୍ୱର ରାଓ, ଜିଲ୍ଲା ଜେଆର୍‌ସି ଅଫିସର ନିରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାକୁ ଜେଆର୍‌ସି ସଂଯୋଜକ ଦେବୋରାଜ ସେଠୀ ସଂଯୋଜନା କରିଥିଲେ। ଶେଷରେ ଜେଆରସି କାଉନସିଲର ଦୀନବନ୍ଧୁ ବେଜ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜୁନିୟର ରେଡ଼କ୍ରସ କାଉନସିଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାରୁ ପ୍ରାୟ ୫୩ ଟି ବିଦ୍ୟାଳୟର କାଉନସିଲର ଉପସ୍ଥିତ ରହିଛନ୍ତି। ପ୍ରଥମ ଦିବସରେ ପ୍ରାକୃତିକ ବିପର୍ଯ୍ୟୟ ଓ ତାର ମୁକାବିଲା ଉପରେ ଜେ ଆର.ସି ସଂଯୋଜକ ଦେବରାଜ ସେଠୀ ଶିକ୍ଷା ଦାନ କରିଥିଲେ।

### ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବୈଠକ

# ସମସ୍ତ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ



**କେନ୍ଦ୍ରାପଡ଼ା, ୬।୯ (ସମିସ)**

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଲିଲିତା ଦାସଙ୍କ ସଭାପତିତ୍ୱରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ସ୍ୱାସ୍ଥ୍ୟ ମିଶନ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ସାଂସଦଙ୍କ ପ୍ରତିନିଧି ସୁନାକାର ବେହେରା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ସମସ୍ତ ବ୍ଲକ ଅଧ୍ୟକ୍ଷ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ, ଏଡିଏମଓ ଡାକ୍ତର ପ୍ରମୋଦ ପ୍ରହରାଜ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗୌରାଙ୍ଗ ଗିରି, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଫାଇନାନ୍ସିଆଲ ଅଧିକାରୀ ଆଶୁତୋଷ ତ୍ରିପାଠୀଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ, ଡିପିଏମ ଏନଏଚଏମ, ଆସିଷ୍ଟାଣ୍ଟ ଇଞ୍ଜିନିୟର ବିଚିତ୍ର ମୋହନ ଜେନା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସୁପରିଟେଣ୍ଡେଣ୍ଟ, ବ୍ଲକ ଓ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଭିତ୍ତିଭୂମି, ଷ୍ଟାଫ ପୋଜିସନ ସମେତ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ସ୍ୱାସ୍ଥ୍ୟ ବିଭାଗର ସମସ୍ତ କାର୍ଯ୍ୟକ୍ରମ, ଯୋଜନା ଯେପରି ତୃଣମୂଳ ସ୍ତରକୁ ଯିବ ଓ ଜନସାଧାରଣ ଜାଣିବା ସହିତ ଉପକୃତ ହେଇପାରିବେ, ସେଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକମାନେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଡାକ୍ତର ସମସ୍ୟା, ଆମ୍ବୁଲାନ୍ସ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ବ୍ୟବସ୍ଥା, ସଠିକ ଭାବେ ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ ପ୍ରଦାନ ସହିତ ଅନ୍ୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଥିଲା । ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଡେପୁଟି ମ୍ୟାନେଜର ସୁକାନ୍ତ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ୟାରେ ୫୦ ହଜାର ଲୋକ ବିପନ୍ନ

- କୁମ୍ଭୀର ଯୋଗୁଁ ଧୋୟାଞ୍ଚଳବାସୀ ଆତଙ୍କିତ
- ଡଙ୍ଗା, ଗୋଖାଦ୍ୟ, କିରାସିନ, ବ୍ଲିଚିଙ୍ଗ୍ ଯୋଗାଣ ଦାବି

**ପଟ୍ଟାମୁଣ୍ଡାଇ, ୬।୯ (ସମିସ):** ବାରମ୍ବାର ଲଘୁଚାପଜନିତ ଲଗାଣବର୍ଷା ଓ ରେଙ୍ଗାଲି ପାଣି ଛାଡ଼ିବା ଯୋଗୁଁ ବ୍ରାହ୍ମଣୀ, ବୈତରଣୀ ଓ କାଣୀନଦୀରେ ଚତୁର୍ଥଥର ବନ୍ୟା ଆସିବା ଫଳରେ ପଟ୍ଟାମୁଣ୍ଡାଇ ବ୍ଲକର ୧୪ଟି ପଞ୍ଚାୟତ ଓ ପୌରାଞ୍ଚଳର ୧୧ଟି ୱାର୍ଡର ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକ ଓ ୧୫ ହଜାର ଗୃହପାଳିତ ପଶୁ ଜଳବନ୍ଦୀ ହୋଇପଡ଼ିଛନ୍ତି । ନିକଟ ଅତୀତରେ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ କୁମ୍ଭୀର ଆକ୍ରମଣ ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିବା ଓ ସମ୍ପ୍ରତି ବନ୍ୟାଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡ଼ିବା ପରେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ଫଳରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି । ବନ୍ୟା ଯୋଗୁଁ ବିଭିନ୍ନ ଅଞ୍ଚଳ ଓ ଚାଷଜମି ଜଳମଗ୍ନ ହୋଇପଡ଼ିଛି ।

ରାଜନଗର ବିଧାୟକ ଧ୍ରୁବ ସାହୁ ଓ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ବନ୍ୟାବିପନ୍ନ ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ସହିତ ବନ୍ୟା ମୁକାବିଲାରେ ଜିଲ୍ଲା ପ୍ରଶାସନ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ହଜାର ହଜାର ଏକର ଚାଷଜମି ବନ୍ୟା ପାଣିରେ ବୁଡ଼ି ରହିଥିବାରୁ ପନିପରିବା ସମେତ ବିଭିନ୍ନ ଫସଲହାନୀ ଘଟିଛି । ବନ୍ୟା ବିପନ୍ନ ଲୋକେ ଜଳବନ୍ଦୀ ହୋଇ ଅତ୍ୟାବଶ୍ୟକ ସାମଗ୍ରୀ ପାଇବାରୁ ବଞ୍ଚିତ ହୋଇଥିବାବେଳେ ଗୃହପାଳିତ ପଶୁ ଗୋଖାଦ୍ୟ ପାଇଁ ଡହଳବିକଳ ହେଉଛନ୍ତି । ପଟ୍ଟାମୁଣ୍ଡାଇ ବ୍ଲକରେ ଦେଖାଦେଇଥିବା ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ପାଇଁ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଅଶୋକ ମହାନ୍ତିଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ କରାଯାଇ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯିବା ସହିତ ଆବଶ୍ୟକ ଡଙ୍ଗା, ଗୋଖାଦ୍ୟ, କିରାସିନ, ବ୍ଲିଚିଙ୍ଗ ଆଦି ସମ୍ପର୍କରେ ପଞ୍ଚାୟତ ୱାରୀ ତଥ୍ୟ ସଂଗ୍ରହ କରି ରିପୋର୍ଟ ଦେବା ସହିତ ସଦର ମହକୁମା ନ ଛାଡିବା ପାଇଁ ବିଡ଼ିଓ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକର ମାଳିପୁର ରାସ୍ତା ବୁଡି ଯାଇଥିବାରୁ ଶ୍ରୀରାମପୁର, ଡାମରପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି । ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ତନୁପୁର ରାସ୍ତା ବୁଡି ଯାଇଥିବାରୁ ବାଲିପାଟଣା, ଖଡ଼ିପାଳ ତନୁପୁର, ନନ୍ଦିନୀନଗର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି । ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ମନୋରଞ୍ଜନ ସାହୁ ଦୁର୍ବଳ ନଦୀବନ୍ଧ ପରିଦର୍ଶନ କରି ବାଲିବସ୍ତା ପକାଇ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗ ହୋଇପଡ଼ିଛି । ବନ୍ୟାବିପନ୍ନ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୂର ପାଇଁ ନିୟମିତ ଡାକ୍ତରୀ ଟିମ ବନ୍ୟାଞ୍ଚଳ ପରିଦର୍ଶନ ସହ ପର୍ଯ୍ୟାପ୍ତ ଔଷଧ, ସାଲାଇନ, ସାପ କାମୁଡା ଇଞ୍ଜେକ୍ସନ ମହଜୁଦ ରଖିବାକୁ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଅଳଭାଠାରେ ବନ୍ୟା ଜଳ ୧୭.୫ ଫୁଟ ରହିଛି । ସରକାରୀ ଭାବେ ବିପଦ ସଂକେତ ୧୬ ଫୁଟ ରହିଛି । ଜିଲ୍ଲା ପ୍ରଶାସନ ପର୍ଯ୍ୟାପ୍ତ ଡଙ୍ଗା, ଔଷଧ, ବ୍ଲିଚିଙ୍ଗ, ଗୋଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ତ୍ରୈଲୋକନାଥ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**କେନ୍ଦ୍ରାପଡ଼ା, ୬।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅନ୍ତେଇ ଉଚ୍ଚବିଦ୍ୟାଳୟର ଶିକ୍ଷକ ତ୍ରୈଲୋକନାଥ ମହାପାତ୍ର ରାଜ୍ୟସ୍ତରୀୟ ଗୁରୁ ଦିବସ ଉତ୍ସବ ସମାରୋହରେ ଶ୍ରେଷ୍ଠ ଶିକ୍ଷକ ଭାବେ ସମ୍ମାନିତ ହୋଇଛନ୍ତି । ଭୁବନେଶ୍ୱରସ୍ଥ ଲୋକସେବା ଭବନରେ ଆୟୋଜିତ ଉତ୍ସବରେ ଗଣିତ ଓ ବିଜ୍ଞାନ ଶିକ୍ଷକ ଶ୍ରୀ ମହାପାତ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା ।



ସାଧାରଣତଃ ଗଣିତ ଓ ବିଜ୍ଞାନ ପଢ଼ିବାକୁ ଛାତ୍ରଛାତ୍ରୀ ଭୟ କରନ୍ତି । ସେଥିପାଇଁ ଶ୍ରୀ ମହାପାତ୍ର ଏହି ବିଷୟ ପଢ଼ାଇବାବେଳେ ସହଜ ଓ ସରଳ ଉପାୟ ଅବଲମ୍ବନ କରି ଶିକ୍ଷାର୍ଥୀଙ୍କ ମନରୁ ଭୟ ଦୂର କରନ୍ତି । ସେ ପିଲାଙ୍କ ସହ ବନ୍ଧୁ ଭାବେ ମିଶନ୍ତି । ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବାକୁ କୁହନ୍ତି । ପିଲାମାନେ ତୁମକୁ ନିଦ ଆସିବା ସମୟରେ ଗଣିତ କଷିବ । ପରେ ଗଣିତ କଷାରେ ଏମିତି ମଜିଯିବ ଯେ ନିଦ ଲାଗୁଥିଲେ ବି ଶୋଇବାକୁ ଇଚ୍ଛା ହେବ ନାହିଁ । ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ ନିମନ୍ତେ ସେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରାନ୍ତି । ସେ ଏହି ପୁରସ୍କାରକୁ ପରିବାର, ବିଦ୍ୟାଳୟର ପ୍ରଧାଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କୁ ଉତ୍ସର୍ଗ କରିଛନ୍ତି ।

# ଖାଉଟିଙ୍କୁ ମିଳୁନି ଆବଶ୍ୟକ ଗହମ

**ପଞ୍ଚୁପାଣ୍ଡବ, ୬।୯ (ସମିସ):** ସରକାର ବିଭିନ୍ନ ଯୋଜନା କଥା କହି ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ ହେଉଛି । ସୁଭଦ୍ରା ଯୋଜନା ହେଉ କି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ୟୁନିଫର୍ମ, ଆୟୁଷ୍ମାନ ସେବା ଯୋଜନା, ୩୦୦ ୟୁନିଟ ବିଦ୍ୟୁତ ବିଲ ଛାଡ଼, ୮୦ ବୟସରୁ ଉର୍ଦ୍ଧ୍ୱ ଲୋକଙ୍କୁ ୩୫୦୦ ଟଙ୍କା ଦେବାରେ ସରକାର ବିଫଳ ହୋଇଥିବା ଅଭିଯୋଗ ହେଉଛି । ରାସନ ସାମଗ୍ରୀ ପ୍ରଦାନରେ ମଧ୍ୟ ବିଫଳ ହୋଇଛନ୍ତି । ସେପ୍ଟେମ୍ବର ଓ ଅକ୍ଟୋବର ମାସର ଚାଉଳ ଦିଆଯାଇଥିବାବେଳେ ଗହମ ବି ଦିଆଯାଇଛି । ଜଣେ ପିଛା ୫ କେଜି ଚାଉଳ ଦିଆଯାଉଥିବାବେଳେ ସେପ୍ଟେମ୍ବର ମାସର ଗହମ ମୁଣ୍ଡ ପିଛା ୧ କେଜି ଦିଆଯାଉଥିବା ଅଭିଯୋଗ ହେଉଛି । ପୂର୍ବଭଳି ମୁଣ୍ଡପିଛା ୫ କିଲୋ ଗହମ ଦେବାକୁ ଖାଉଟି ଦାବି କରିଛନ୍ତି ।

### ସତ୍ୟମ ଫାଇନାନ୍ସ କମ୍ପାନୀ ଟଙ୍କା ନେଇ ଛୁ

# ଥାନା ଆଗରୁ ମହିଳା ଏଜେଣ୍ଟଙ୍କୁ ଉଠାଇନେଲେ ମହିଳା

**ରାଜନଗର, ୬।୯ (ସମିସ):** ରାଜନଗର ଥାନା ଅନ୍ତର୍ଗତ ତନ୍ତିପୋଖରୀଠାରେ ସତ୍ୟମ ଫାଇନାନ୍ସ କମ୍ପାନୀ ଖୋଲିଥିଲା । କମ୍ପାନୀ ପକ୍ଷରୁ ବିଭିନ୍ନ ଗ୍ରାମରେ ମହିଳା ଏଜେଣ୍ଟ ରଖାଯାଇ ମହିଳାମାନଙ୍କୁ ପ୍ରଲୋଭିତ କରାଯାଇଥିଲା । ୧୦ ଜଣ ମହିଳାଙ୍କୁ ନେଇ ଗୋଟିଏ ଗୋଷ୍ଠୀ ଗଠନ କରି ସେମାନଙ୍କଠାରୁ ୧୦ ହଜାର ଟଙ୍କା ଅଣାଯାଉଥିଲା । ପ୍ରତି ବଦଳରେ ସେମାନଙ୍କୁ ଅଟା ପ୍ରସ୍ତୁତି ଓ ଖାଇବା ଥାଳି ତିଆରି ମେସିନ ଓ କଞ୍ଚାମାଲ ଯୋଗାଇ ଦିଆଯିବ । ସେମାନେ ଯାହା ସାମଗ୍ରୀ ତିଆରି କରିବେ, ତାକୁ ସେମାନେ କିଣିନେବେ ବୋଲି ପ୍ରଲୋଭନ ଦେଖାଇଥିଲେ । ପରବର୍ତ୍ତୀ ଅବସ୍ଥାରେ ବ୍ୟକ୍ତିଗତ ଋଣ ପାଇଁ ମାର୍ଜିନ ମନି ଆଦାୟ କରିଥିଲେ । ଗୁପ୍ତି ପଞ୍ଚାୟତ କାନଫୁଲିଆ ଗ୍ରାମର ୧୦ ଜଣ ମହିଳାଙ୍କୁ ନେଇ ବାବାମଣି ଗୋଷ୍ଠୀ ଗଠନ କରିଥିଲେ । ଏହି ଗୋଷ୍ଠୀଠାରୁ ଗତବର୍ଷ ନଭେମ୍ବରରେ ନଗଦ ୧୦ ହଜାର ଓ ଫୋନ୍ ପେରେ ୭୫ ହଜାର ୧୫୨ ଟଙ୍କା ଏହି ଫାଇନାନ୍ସ କମ୍ପାନୀ ନେଇଥିଲା । ସେ ଅଞ୍ଚଳରେ ୮୦ରୁ ଅଧିକ ମହିଳା ଗୋଷ୍ଠୀଙ୍କଠାରୁ ଟଙ୍କା ଆଦାୟ କରି ଏହି କମ୍ପାନୀ ଅଫିସ ଉଠାଇ ନେଇଥିଲା । ଗତ ମାର୍ଚ୍ଚ ୧୮ ତାରିଖରେ ବାବାମଣି ଗୋଷ୍ଠୀର ସଭାନେତ୍ରୀ ତପସ୍ୱିନୀ ଓଝା ଓ ଅନ୍ୟ ମହିଳାମାନେ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତପସ୍ୱିନୀଙ୍କ ଅଭିଯୋଗ ମୁତାବକ ସେମାନେ ଥାନାକୁ ୭ ଥର ଯାଇଛନ୍ତି । ମାତ୍ର ପୁଲିସ ସେମାନଙ୍କ ଅଭିଯୋଗ ଶୁଣିବା ଦୂରର କଥା ମାମଲା ବି ରୁଜୁ କରି ନ ଥିଲା । ଆମକୁ ପ୍ରଲୋଭନ ଦେଖାଇ ଟଙ୍କା ନେଇଥିବା ମହିଳା ଏଜେଣ୍ଟ ଏହି ଥାନା ଅନ୍ତର୍ଗତ ବାଲିକଣା ଗ୍ରାମର ସସ୍ମିତା ରାଉତ ବାରମ୍ବାର ଟଙ୍କା ଦେବାକୁ କହି ସମୟ ଗଡ଼ାଇଥିଲେ । ଗତକାଲି ଆମେ ସମସ୍ତ ମହିଳା ସସ୍ମିତାଙ୍କ ଘରକୁ ଯାଇଥିଲୁ । ତାଙ୍କ ଶଶୁର ଆମକୁ ଗାଳିଗୁଲଜ କଲେ । ଆମେ ସେଠାରୁ ଫେରି ରାଜନଗର ଥାନା ସମ୍ମୁଖରେ ସସ୍ମିତାଙ୍କୁ ପାଇଥିଲୁ । ତାଙ୍କୁ ଉଠାଇ ଆଣି ଗାଁରେ ଅଟକ ରଖିଛୁ । ଆମ ଟଙ୍କା ଦେଲେ ଏଠାରୁ ଛାଡିବୁ ବୋଲି କହିଛନ୍ତି । ଏ ନେଇ ଆଇଆଇସି ନରେଶ କୁମାର ସାହୁଙ୍କୁ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ ।



# ଓଡି ଟିଭି ଚ୍ୟାନେଲ ଉଦ୍‌ଘାଟିତ

**ପଟ୍ଟାମୁଣ୍ଡାଇ, ୬।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଓଡ଼ିଶା ଡ୍ରିମ ଟିଭି ଚ୍ୟାନେଲ ଉଦ୍‌ଘାଟିତ ହୋଇଛି । ପଟ୍ଟାମୁଣ୍ଡାଇ ପୌର ପରିଷଦ କଲ୍ୟାଣ ମଣ୍ଡପରେ ଗୋପୀନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରାଜନଗର ପୂର୍ବତନ ବିଧାୟକ ଅଲେଖ କୁମାର ଜେନା ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ପୂର୍ବତନ ବିଧାୟକ କିଶୋର ତରାଇ ମୁଖ୍ୟବକ୍ତା, କେନ୍ଦ୍ରାପଡ଼ା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ସାମ୍ବାଦିକ ଅମୂଲ୍ୟ ଜେନା ଓ ସୁରେଶ ଦାଶ ସମ୍ମାନିତ ଭାବେ ଯୋଗଦେଇ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଟିଭି ଚ୍ୟାନେଲ ଖୋଲାଯାଇଥିବାରୁ ଆନନ୍ଦ ପ୍ରକାଶ କରିବା ସହ ନିରପେକ୍ଷ, ନିର୍ଭିକ ସମ୍ବାଦ ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ । ଟିଭି ଚ୍ୟାନେଲ ସମ୍ପାଦକ ସୁଶାନ୍ତ କର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଅଙ୍କିତା ପ୍ରିୟଦର୍ଶିନୀ କର ଧନ୍ୟବାଦ ଦେଇଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ, ସମାଜସେବୀ ନିରଞ୍ଜନ ପଟ୍ଟନାୟକ, ଯୁବନେତା ମଣ୍ଟୁ ସ୍ୱାଇଁ, ସତ୍ୟପ୍ରିୟ ସାମଲ, ପ୍ରଦୀପ ପ୍ରଧାନ, କ୍ଷମାନିଧି ସାମଲ, ଅଲେଖ ପରିଡ଼ା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ସମାଜସେବୀ ଓ ସାମ୍ବାଦିକ ଯୋଗ ଦେଇଥିଲେ ।



# ପାତିମାଙ୍କଡ଼ ଆକ୍ରମଣରେ ୩ ଛାତ୍ର ଆହତ

**ଡେରାବିଶ, ୬।୯ (ସମିସ):** ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ ଉଦୟନଗର ଗ୍ରାମରେ ଆଜି ପାତିମାଙ୍କଡ଼ ଆକ୍ରମଣରେ ୨ ଜଣ ସ୍କୁଲ ଛାତ୍ର ଓ ଜଣେ କଲେଜ ଛାତ୍ର ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଏହି ମାଙ୍କଡ଼ ହିଂସ୍ର ହୋଇ ସମ୍ମୁଖରେ ପଡୁଥିବା ଲୋକଙ୍କୁ କାମୁଡ଼ିବାକୁ ଗୋଡ଼ାଇଥିଲା । ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଯାଉଥିବା ତିନିଜଣ ଛାତ୍ରଙ୍କୁ ମାଙ୍କଡ଼ଟି କାମୁଡ଼ିଥିଲା । ସ୍ଥାନୀୟ ଲୋକେ ଛାତ୍ର ତିନିଜଣଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ । ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଏହି ପାତିମାଙ୍କଡ଼କୁ ଧରି ଜଙ୍ଗଲରେ ଛାଡ଼ିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ବାୟାବାବାଙ୍କ ସ୍ମରଣ ଉତ୍ସବ

**ରାଜନଗର, ୬।୯ (ସମିସ):** ସନ୍ଥ ନାମାଚାର୍ଯ୍ୟ ଶ୍ରୀମଦ ବାୟାବାବାଙ୍କ ୪୪ତମ ସ୍ମରଣ ଉତ୍ସବ ପାଳିତ ହୋଇଯାଇଛି । ପବିତ୍ର ଅନନ୍ତ ଚତୁର୍ଦ୍ଦଶୀ ତିଥିରେ ବାବାଙ୍କ ତିରୋଧାନ ହୋଇଥିଲା । ତିରୋଧାନ ଦିବସକୁ ବିଭିନ୍ନ ସ୍ଥାନରେ ଥିବା ବାବାଙ୍କ ଆଶ୍ରମରେ ପାଳନ କରାଯାଇଛି । ଆଜି ବାବାଙ୍କ ଜନ୍ମମାଟି କେରେଡ଼ାଗଡ଼ ଆଶ୍ରମରେ ବାବାଙ୍କ ପ୍ରତିମୂର୍ତ୍ତିକୁ ନୈବେଦ୍ୟ ମାଧ୍ୟମରେ ପୂଜାର୍ଚ୍ଚନା କରାଯାଇଥିଲା । ପଣ୍ଡିତ ଜନକୃଷ୍ଣ ରଥ, ଅସିତ ତ୍ରିପାଠୀ, ପ୍ରଭାସ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟୁଷରୁ ମଙ୍ଗଳ ଆରତି, ୧୦୮ କଳସ ଶୋଭାଯାତ୍ରାରେ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଜଳ ସଂଗ୍ରହ କରାଯାଇ ବାବାଙ୍କ ମହାସ୍ନାନ କରାଯାଇଥିଲା । ପରେ ବିଷ୍ଣୁ ସହସ୍ର ନାମ, ବାବାଙ୍କ ସ୍ୱରଚିତ ଭଜନ ଓ ତାଙ୍କ ଦିବ୍ୟବାଣୀ ସମ୍ବନ୍ଧରେ ଉପସ୍ଥିତ ଭକ୍ତଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମକୁ ଆଶ୍ରମର ସଭାପତି ବ୍ରହ୍ମାନନ୍ଦ ତ୍ରିପାଠୀ, ସମ୍ପାଦକ କପିଳ ଦାସ, ଅନନ୍ତ ରାଉତ, ନଟବର ରାଉତ, ପ୍ରଦୀପ ବିଶ୍ୱାଳ, କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ସେହିପରି ମହିଷାସୁର ଓ ଗୁଲୁଦିଆ ଆଶ୍ରମରେ ବାବାଙ୍କ ସ୍ମରଣ ଉତ୍ସବ ପାଳନ କରାଯାଇଛି ।



# ବିଭିନ୍ନ ସ୍ଥାନରେ ଗୁରୁଦିବସ ପାଳିତ








**କେନ୍ଦ୍ରାପଡ଼ା, ୬।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅସ୍ଥ ଭାବଗ୍ରାହୀ କଳା ନିକେତନ ଓ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଗୁରୁଦିବସ ପାଳିତ ହୋଇଯାଇଛି । ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀକୁ ସମଗ୍ର ଦେଶରେ ଗୁରୁ ଦିବସ ଭାବେ ପାଳନ କରାଯାଇଥିବାବେଳେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପରିଡ଼ା ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ଭାବେ ମାନସ ଭୂଷଣ ପଣ୍ଡିତ ହୃଷିକେଶ ରଥ, ମୁଖ୍ୟବକ୍ତା ଭାବେ ଗବେଷକ ନିରଞ୍ଜନ ମେକାପ ଓ ସମ୍ମାନିତ ଅତିଥି ଭାବେ କବି ଅମର ପ୍ରସାଦ ରାଉତ, ପଣ୍ଡିତ ପଦ୍ମନାଭ ଦାଶ, ପ୍ରଧାନ ଶିକ୍ଷକ ଅଜୟ ସ୍ୱାଇଁ, ନୃତ୍ୟଗୁରୁ ପ୍ରକାନ୍ତ ମହାରଣା ପ୍ରମୁଖ ଯୋଗଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । କଣ୍ଠଶିଳ୍ପୀ ନିରୁପମା ଜେନା ବନ୍ଦେ ଉତ୍କଳ ଜନନୀ ଓ ଗୁରୁ ବନ୍ଦନା ଗାନ କରିଥିଲେ । କଣ୍ଠଶିଳ୍ପୀ ବିମଳ ପରିଡ଼ା ଅକ୍ଷୟ ମହାନ୍ତିଙ୍କ ସନ୍ଥକବି ଭୀମଭୋଇଙ୍କ ରଚନାରୁ ଗୁରୁ ଭଜନ ପରିବେଷଣ କରିଥିଲେ । କବି ବିଷ୍ଣୁପ୍ରିୟା ସାମଲ ଓ ନାଟ୍ୟକାର ଭୀମସେନ ପ୍ରଧାନ ଗୁରୁ ଦିବସ ସମ୍ପର୍କିତ କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ଗଗନ ଜେନା, ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡ଼ା, ଗୌରବ ଦାସ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଂଗଠନ ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ଅଙ୍କିତା ପରିଡ଼ା, ଅଚ୍ୟୁତାନନ୍ଦ ପରିଡ଼ା, ବିପିନ ପରିଡ଼ା, ଶିକ୍ଷକ ବିଜୟ ଦାସ, ସ୍ୱର୍ଣ୍ଣକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରବଚକ ବିକ୍ରମ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

**ରାଜନଗର:** ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି । ପ୍ରଧାନଶିକ୍ଷକ ପ୍ରମୋଦ ସେଠୀ ସଭାପତିତ୍ୱ କରିଥିବାବେଳେ ସିଆରସିସି ଲକ୍ଷ୍ମୀକାନ୍ତ ପ୍ରିୟଦର୍ଶନ, ସବିତା ମିଶ୍ର, ନିରାକାର ସେଠୀ, ମନସ୍ୱିନୀ ରଥ, ସତ୍ୟନାରାୟଣ ମହାନ୍ତି, ପଦ୍ମଲୋଚନ ସ୍ୱାଇଁ, ପ୍ରଳୟ ମଲ୍ଲିକ, ରାଜେଶ ପ୍ରଧାନ, ଉର୍ମିଳା ପରିଡ଼ା, ଅଭିଲିପ୍ସା ଦାଶ, ଭାଗ୍ୟଶ୍ରୀ କୁଣ୍ଡ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଗୁରୁ ଦିବସର ମହତ୍ତ୍ୱ ଉପରେ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଏ ଅବସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ତାରିଣୀ ପ୍ରିୟଦର୍ଶିନୀ ମଲ୍ଲିକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବାରୁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ସେହିପରି ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଗୁରୁ ଦିବସ ପାଳନ କରାଯାଇଛି । ଅଧ୍ୟକ୍ଷ ଡକ୍ଟର ଘନଶ୍ୟାମ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜନଗର ଷ୍ଟେଟ୍ ବ୍ୟାଙ୍କ ଶାଖା ପରିଚାଳକ ଦୀପକ ମହାନ୍ତି ଯୋଗଦେଇ ଗୁରୁ ଦିବସର ତାତ୍ପର୍ଯ୍ୟ ଉପରେ କହିଥିଲେ । ଅଧ୍ୟାପକ ନିହାର ପରିଡ଼ା, ଆଦିତ୍ୟ ତ୍ରିପାଠୀ ଓ ଅଧ୍ୟାପିକା ତନୁଶ୍ରୀ ମିଶ୍ର ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀ ଗୁରୁଙ୍କୁ ଫୁଲ, ଚନ୍ଦନ ଓ ଉତ୍ତରୀୟ ଦେଇ ପୂଜା କରିଥିଲେ ।

**ପଟ୍ଟାମୁଣ୍ଡାଇ:** ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ କଲେଜ, ମହିଳା କଲେଜ, ମଦନପୁର କଲେଜ, ଦାଣ୍ଡିସାହି ବ୍ରାହ୍ମଣୀ କଲେଜ, ଏମଏନ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ, କଷଣଅଣ୍ଡା ହାଇସ୍କୁଲ, ଦାଣ୍ଡିସାହି ହାଇସ୍କୁଲ, ନିମପୁର ଶାସନ ହାଇସ୍କୁଲ, ମଦନପୁର ହାଇସ୍କୁଲ, ବାଲିପାଟଣା ହାଇସ୍କୁଲ, ଚନ୍ଦନନଗର ହାଇସ୍କୁଲ, ବିଲିକଣା ହାଇସ୍କୁଲ, ଗଙ୍ଗାରାମପୁର ହାଇସ୍କୁଲ, ଦୋଷିଆ ହାଇସ୍କୁଲ, ଓଉପଦା ହାଇସ୍କୁଲ, ଆମ୍ବେର ହାଇସ୍କୁଲ, ଅଠରବାଟିଆ ହାଇସ୍କୁଲ, ତରଡ଼ିପାଳ ହାଇସ୍କୁଲ, ଅଳପୁଆ ହାଇସ୍କୁଲ, ଅଣ୍ଟେରା ହାଇସ୍କୁଲ, ବଲୁରିଆ ହାଇସ୍କୁଲ, ସଂସାରଫଳ ହାଇସ୍କୁଲ, ଡାମରପୁର ହାଇସ୍କୁଲ, ଅରୁଆ ହାଇସ୍କୁଲ, ଚଉଦକୁଲାଟ ହାଇସ୍କୁଲ, ସିଦ୍ଧବାଲି ହାଇସ୍କୁଲ, ବଡ଼ମୂଳବସନ୍ତ ହାଇସ୍କୁଲ, ଅରଡ଼ପଲ୍ଲୀ ହାଇସ୍କୁଲ, କାଠିଆପଡ଼ା ହାଇସ୍କୁଲ, ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିର, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ, ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲ, ଗୋପାଳ ଦାସ ସ୍ମାରକୀ କଳା ମନ୍ଦିର ସମେତ ବିଭିନ୍ନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି । ଛାତ୍ରଛାତ୍ରୀ ବିଦ୍ୟାଦାତା ଗୁରୁଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ ।

**ଗୋବିନ୍ଦପୁର:** ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ, ଗୋବିନ୍ଦପୁର ଗ୍ରାମର ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁଦିବସ ପାଳନ କରାଯାଇଛି । ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଗଦାଧର ପଡ଼ିହାରି, ସମ୍ମାନିତ ଅତିଥି ମନୋରଞ୍ଜନ ଜେନା, ଘନଶ୍ୟାମ ଦାସ, ପରିଚାଳନା ସମିତି ସମ୍ପାଦକ ହୃଦାନନ୍ଦ ସାମଲ, କୋଷାଧ୍ୟକ୍ଷ ରମାକାନ୍ତ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଆଚାର୍ଯ୍ୟ ତପନ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ । ଆଚାର୍ଯ୍ୟ ରଞ୍ଜନ ପତି, ଗୁରୁମା ତିଲୋତ୍ତମା ଜେନା, ନିଳୀମା ପ୍ରିୟଦର୍ଶିନୀ ସାମଲ, ଅନସୂୟା ମଲ୍ଲିକ, ଝରଣା ବେହେରା, କାଜଲ ରାଉତ, ନିବେଦିତା ବିଶ୍ୱାଳ, ପୁଷ୍ପଲତା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

**ଆଳି:** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନିଆଳସ୍ଥ ଆଦ୍ୟଶକ୍ତି ଭବନ ପକ୍ଷରୁ ବିଶ୍ୱ ଗୁରୁ ଦିବସ ପାଳିତ ହୋଇଯାଇଛି । ଏ ଅବସରରେ ଆଦ୍ୟଶକ୍ତି ଭବନ ପକ୍ଷରୁ ଶିକ୍ଷକ ଓ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ବ୍ରହ୍ମାକୁମାରିଜ ଭଉଣୀ ସଂଯୁକ୍ତା ଓ ସ୍ୱର୍ଣ୍ଣଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଓ ସମ୍ମାନିତ ଅତିଥି ଭାବେ ଆଳି ଆଇଟିଆଇ ଅଧ୍ୟକ୍ଷ ରଞ୍ଜନ ବେହେରା ଯୋଗଦେଇଥିଲେ । ଶିକ୍ଷକ ଓ ସାମ୍ବାଦିକଙ୍କ ମଧ୍ୟରେ ରହିଥିବା କାର୍ଯ୍ୟଶୈଳୀ ଉପରେ ଶ୍ରୀ ବାରିକ ଆଲୋକପାତ କରିଥିଲେ । ଏଥିରେ ୧୫ରୁ ଅଧିକ ସାମ୍ବାଦିକ, ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ ।

**ଡେରାବିଶ:** ଡେରାବିଶ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମ ଦିବସ ଉପଲକ୍ଷେ ଗୁରୁଦିବସ ପାଳନ କରାଯାଇଛି । ଛାତ୍ରଛାତ୍ରୀ ଗୁରୁଙ୍କୁ ପୁଷ୍ପଚନ୍ଦନ ଦେଇ ପୂଜାର୍ଚ୍ଚନା କରିଥିଲେ । ଏ ଅବସରରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ପ୍ରଥମେ ଡକ୍ଟର ରାଧାକ୍ରିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ପରେ ଆୟୋଜିତ ସଭାରେ ଶିକ୍ଷକ ଶିକ୍ଷୟିତ୍ରୀ ଭାରତରତ୍ନ ଡକ୍ଟର ରାଧାକ୍ରିଷ୍ଣନଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ ।

ସେହିପରି କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ନବ ଉତ୍କଳ ସ୍ୱେଚ୍ଛାସେବୀ ସଂଗଠନ କାର୍ଯ୍ୟାଳୟରେ ଗୁରୁଦିବସ ପାଳନ କରାଯାଇଥିଲା । ସଂଗଠନର ସମ୍ପାଦକ ବାଇଧର ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏ ଅବସରରେ ଅନୁଷ୍ଠାନର କର୍ମକର୍ତ୍ତା ଗୁରୁ ନିରଞ୍ଜନ ସ୍ୱାଇଁ, ମନୋରଞ୍ଜନ ବେହେରା, ହାଡ଼ିବନ୍ଧୁ ଦାସ, ଓ ନିକୁଞ୍ଜ ସାରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଗୁରୁବନ୍ଦନା କରିଥିଲେ । ସଂଗଠନର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବସନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଷ୍ଟ୍ରେଚରରେ ଭରା ନଦୀ ପାରହେଲେ ଗର୍ଭବତୀ



ବାଲିଗୁଡ଼ା,୬।୯(ସମିସ): କନ୍ଧମାଳ ଜିଲ୍ଲାରେ ପୁଣି ଜନନୀ ଯନ୍ତ୍ରଣା। ଗାଁକୁ ଆମ୍ବୁଲାନ୍ସ ସେବା ପହଞ୍ଚି ପାରିନଥିବା ହେତୁ ନଦୀରେ ବିପଦସଂକୁଳ ଭାବେ ଜଣେ ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚାଇଛନ୍ତି ସ୍ଥାନୀୟ ଗ୍ରାମବାସୀ। କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ଗୁଞ୍ଜିବାଡ଼ି ପଞ୍ଚାୟତର ଗୁଡରୀପଡ଼ି ଗାଁକୁ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇନାହିଁ। ଆଜି ଗୁଡ଼ରୀପଡ଼ି ମୁରଡ଼ି ଗ୍ରାମର ନନ୍ଦିନୀ ପ୍ରଧାନ (୨୬) ନାମକ ଜଣେ ଗର୍ଭବତୀ ମହିଳାଙ୍କ ପ୍ରସବ ବେଦନା ହେବାରୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ଗାଁକୁ ଗାଡ଼ି ଯାଇ ପାରିବ ନାହିଁ ବୋଲି ଆମ୍ବୁଲାନ୍ସ ଗାଡ଼ି ଚାଳକ ମନା କରିଥିଲେ। ଅନ୍ୟ ଉପାୟ ନ ପାଇ ଗ୍ରାମବାସୀଙ୍କ ସହାୟତାରେ ଭରା ନଦୀରେ ଆମ୍ବୁଲାନ୍ସ ଗାଡ଼ିର ଷ୍ଟ୍ରେଚରରେ ଭାର କରି ନନ୍ଦିନୀ ପ୍ରଧାନଙ୍କୁ ଆମ୍ବୁଲାନ୍ସ ନିକଟ ର ପହଞ୍ଚାଇଥିଲେ। ବର୍ତ୍ତମାନ ନନ୍ଦିନୀ କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକିତ୍ସିତ ହେଉଛନ୍ତି ଓ ସୁସ୍ଥଥିବା ସୂଚନା ମିଳିଛି।

## ସାମ୍ବାଦିକ ସମ୍ମିଳନୀରେ ବିଧାୟକଙ୍କ କ୍ଷୋଭ

# 'ସାର ପାଇଁ ଚାଷୀଙ୍କୁ ଡହଳବିକଳ କରୁଛି ଡବଲଇଞ୍ଜିନ ସରକାର'

ପାରଳାଖେମୁଣ୍ଡି,୬।୯(ସମିସ): ପାରଳାଖେମୁଣ୍ଡି ସ୍ଥିତ ରାମନଗରରେ ସ୍ଥାନୀୟ ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ସାର ଅଭାବକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ଚାଷୀଙ୍କୁ ସାର ମିଳୁନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ବିଧାୟକ ଶ୍ରୀ ପାଣିଗ୍ରାହୀ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ସାର ପାଇନଥିବା କାଶୀନଗର ଓ ଗୋଷାଣି ଅଞ୍ଚଳର ଚାଷୀଙ୍କୁ ଉପସ୍ଥିତ କରାଇଥିଲେ। ବର୍ତ୍ତମାନ ସାରର ଅଭାବ ଯୋଗୁ ଚାଷୀ କିପରି ପ୍ରଭାବିତ ହେଉଛନ୍ତି ଜଣାଇଥିଲେ। ଗଜପତି ଜିଲ୍ଲାର ୮୦ରୁ ୯୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭରଶୀଳ। ଫସଲ ପାଇଁ ଜଳସେଚନ, ବିହନ ଓ ସାରର ଗୁରୁତ୍ୱ ରହିଛି। କିନ୍ତୁ ବର୍ତ୍ତମାନର ଡବଲଇଞ୍ଜିନ ସରକାର ଗତ ୨୪ ବର୍ଷ ସରକାରର ରେକର୍ଡ ଭାଙ୍ଗି ସାର ପାଇଁ ଚାଷୀଙ୍କୁ ଡହଳବିକଳ କରାଇଛି। ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ସାର ରାଜ୍ୟକୁ ଆସିଛି। କିନ୍ତୁ ୨୦ ପ୍ରତିଶତ ସାର ଅଭାବ ରହିଛି। ଆଜି ସୁଦ୍ଧା ଗଜପତି ଜିଲ୍ଲାପାଇଁ ୫୦୮୧ ମେଟ୍ରିକଟନ୍ ୟୁରିଆ ଆବଶ୍ୟକ ରହିଛି। କିନ୍ତୁ ଜିଲ୍ଲାକୁ ୩୮୧୬ ମେଟ୍ରିକଟନ୍ ୟୁରିଆ ଆସିଛି ଏବଂ ବର୍ତ୍ତମାନ ୧୨୫୬ ମେଟ୍ରିକ ଟନ୍ ୟୁରିଆର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ



ଓ ପ୍ରଶାସନ ଅତିଶୀଘ୍ର ୬୦୦ ମେଟ୍ରିକ୍ ଟନ୍ ଆସି ପହଞ୍ଚିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ସାର ପହଞ୍ଚିବା ପରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ସାର ଅଭାବ ଥିବା ପଞ୍ଚାୟତରେ ସୋସାଇଟି ମାଧ୍ୟମରେ ଚାଷୀଙ୍କୁ ଯୋଗାଇବା ବ୍ୟବସ୍ଥା ହେବ ବୋଲି ପ୍ରଶାସନ ସହ କଥା ହେବା ପରେ ଗଣମାଧ୍ୟମକୁ ବିଧାୟକ ଶ୍ରୀ ପାଣିଗ୍ରାହୀ କହିଛନ୍ତି। କିଛିଦିନ ହେବ ବିଭିନ୍ନ ସ୍ଥାନରେ ଗସ୍ତ ସମୟରେ ସାରର ଅଭାବ ବିଷୟରେ ଚାଷୀ ଜଣାଉଥିବାରୁ ବାଧ୍ୟ ହୋଇ ଆଜି ଏହି ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଥିବା ବିଧାୟକ ପ୍ରକାଶ କରିଥିଲେ।

ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ମୁତାବକ ବର୍ତ୍ତମାନ ଆସିବାକୁ ଥିବା ୬୦୦ ମେଟ୍ରିକ ଟନ୍ ସାର ୩୦୦ ମେଟ୍ରିକ ଟନ୍ ସୋସାଇଟିକୁ ପଠାଯିବ ଆଉ ୩୦୦ ମେଟ୍ରିକ ଟନ୍ ନିଜ ପାଖରେ ଗଚ୍ଛିତ ରଖିବେ ବୋଲି କହିଛନ୍ତି। କିନ୍ତୁ ବର୍ତ୍ତମାନ ସାରର କଳାବଜାରୀ ବ୍ୟାପକ ମାତ୍ରାରେ ଚାଲିଛି। ଯେହେତୁ ସୋସାଇଟି ଗୁଡିକରେ ସାର ନାହିଁ ଚାଷୀ ବାହାରୁ କିଣିବାକୁ ବାଧ୍ୟ ହେଉଛି। ଆଉ ଯାହାର ଭରପୁର ଫାଇଦା ଉଠାଉଛନ୍ତି ଅସାଧୁ ବ୍ୟବସାୟୀ। ପ୍ୟାକେଟ୍ ପିଛା ୨୬୫ ଟଙ୍କା ମୂଲ୍ୟ ବଦଳରେ ୬୦୦ରୁ ଅଧିକ ଟଙ୍କା ଲୁଟୁଥିବା ବିଧାୟକ ଶ୍ରୀ ପାଣିଗ୍ରାହୀ କହିଛନ୍ତି। ଏହି କଳାବଜାରୀ ତୁରନ୍ତ ବନ୍ଦ କରିବାକୁ ସେ ଦାବି କରିଛନ୍ତି। ଜିଲ୍ଲା ବାହାରେ ସାର ବ୍ୟବସାୟୀ ରହୁଥିବା ବେଳେ ଗଜପତି ଜିଲ୍ଲାର ଅନେକ ବ୍ୟକ୍ତିବିଶେଷ ସାର ଡିଲର ପାଇଁ ଉଦ୍ୟମ କରୁଥିଲେ ମଧ୍ୟ ଅଜଣା ଶକ୍ତି ତାହା କରାଇଦେଉନାହିଁ। ଫଳରେ ବାହାର ଜିଲ୍ଲାର ବ୍ୟବସାୟୀ ଗଜପତି ଜିଲ୍ଲାର ସାର ନିଜ ଜିଲ୍ଲାରେ ଓହ୍ଲାଇ ଗଜପତି ଜିଲ୍ଲାକୁ ସାର ପହଞ୍ଚିଲାଭଳି ଭେଳିକି ଦେଖାଉଛନ୍ତି ବୋଲି ବିଧାୟକ କହିଛନ୍ତି। ଜଣେ ବ୍ୟବସାୟୀଙ୍କର ନାମ କିଛି ଗଣମାଧ୍ୟମ ଠାରୁ ଜାଣିପାରି ବିଧାୟକ ଏ ବିଷୟରେ ଆଗାମୀ ଦିନରେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯିବ, ଆବଶ୍ୟକ ସ୍ଥଳରେ ବିଧାନସଭାରେ ଗଜପତି ଜିଲ୍ଲାରେ ସାର ପ୍ରସଙ୍ଗ ମୁଖ୍ୟପ୍ରସଙ୍ଗ ହେବ ବୋଲି କହିଥିଲେ।

ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗଜପତି ଜିଲ୍ଲାପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା ଓ ଗଜପତି ଜିଲ୍ଲା କୃଷକ ସଂଘ ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକ ଉପସ୍ଥିତ ଥିଲେ।

# ୭ ଦୋକାନରୁ ତମାଖୁ ଜବତ ପରେ ଜରିମାନା



ଫିରିଙ୍ଗିଆ,୬।୯(ସମିସ): ଫିରିଙ୍ଗିଆ ଥାନା ତରଫରୁ ଅପରେସନ ପ୍ରହାର ଆରମ୍ଭ ହୋଇଛି। ଗତକାଲି ଠାରୁ ଏହି ଅପରେସନ ପ୍ରହାର ଆରମ୍ଭ ହୋଇଥିବା ବେଳେ ଗୋଟିଏ ଦିନରେ ଫିରିଙ୍ଗିଆ ବଜାରର ପ୍ରାୟ ଆଠଟି ଦୋକାନରୁ ବିପୁଳ ପରିମାଣରେ ତମାଖୁ ଓ ଗୁଟଖା ଜବତ କରିଛି ପୁଲିସ। ଗୁଟଖା ଜବତ ସହ ଫାଇନ ମଧ୍ୟ ପୁଲିସ କାଟିଛି। ପୁଲିସର ଏକ ଟିମ ଗଠନ କରାଯାଇଥିବା ଏଥିରେ ଫିରିଙ୍ଗିଆ ଥାନା ଏସ ଆଇ ଅଜୟ କୁମାର ସାହୁ ଙ୍କ ସହ ଆଇଆରବି ଯବାନ ଓ ଥାନାର କର୍ମଚାରୀ ସାମିଲ ଥିଲେ। ଅପରେସନ ପ୍ରହାର ଆଗାମୀ ଦିନରେ ଫିରିଙ୍ଗିଆ ଥାନା ତରଫରୁ ଚାଲୁ ରହିବା ସହ ଫିରିଙ୍ଗିଆ ଓ ବିଭିନ୍ନ ଅଞ୍ଚଳରେ ଜାରି ରହିବ ବୋଲି ଥାନା ଅଧିକାରି ତଥା ଡି ଏସ ପି ଗୋପୀନାଥ ପ୍ରଧାନ କହିଛନ୍ତି।

# ନାବାଳିକା ଦୁଷ୍କର୍ମ ଉଦ୍ୟମ; ଥାନାରେ ମାମଲା

ପାରଳାଖେମୁଣ୍ଡି,୬।୯(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଥାନା ଅଞ୍ଚଳରେ ଜଣେ ୧୦ ବର୍ଷର ନାବାଳିକାକୁ ଜନୈକ ଯୁବକ ଦୁଷ୍କର୍ମ ଉଦ୍ୟମ କରିଥିବାନେଇ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଅଟକ ରଖିଛି। ପ୍ରକାଶ ଯେ ନାବାଳିକା ଘରେ ଶୋଇଥିବା ବେଳେ ସେରଙ୍ଗ ଥାନା ଲୁହାର ଗ୍ରାମର ପ୍ରସନ୍ନ ଗମାଙ୍ଗ ଏକୁଟିଆ ପାଇ ଘର ଭିତରେ ପଶି ଦୁଷ୍କର୍ମ ଉଦ୍ୟମ କରିଥିଲେ। ନାବାଳିକା ଜଣକ ନିଜକୁ ରକ୍ଷା କରିବା ସହ ଡାକ ପକାଇଥିଲେ। ପାଟି ଶୁଣି ପଡ଼ୋଶୀ ଘର ଲୋକେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଯୁବକକୁ ପାରଳାଖେମୁଣ୍ଡି ପୁଲିସକୁ ହସ୍ତାନ୍ତର କରିଥିଲେ। ପୁଲିସ ଏନେଇ ଅଧିକ ତଦନ୍ତ ଜାରୀ ରଖିଥିବା ବେଳେ ଯୁବକଙ୍କୁ ଅଟକ ରଖି ପଚରା ଉଚରା କରୁଛି।

# ଗୋଷାଣି ସିଆରସିସିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ଗୋଷାଣି,୬।୯(ସମିସ): ଗଜପତି ଜିଲ୍ଲା ଗୋଷାଣି ଆଞ୍ଚଳିକ ସାଧନ କର୍ମୀ ରଶ୍ମିତା ସାମଲଙ୍କୁ ୨୦୨୪-୨୫ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଗୁରୁଦିବସ ଅବସରରେ ତାଙ୍କୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ଶ୍ରୀମତୀ ସାମଲ ସମଗ୍ର ଗଜପତି ଜିଲ୍ଲାରେ ଏକ ମାତ୍ର ସିଆରସିସି ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ସିଆରସିସି ଶ୍ରୀମତୀ ସାମଲଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ସମ୍ମାନିତ କରାଯାଇଥିବା ଯୋଗୁଁ ଗୋଷାଣି ବ୍ଲକର ବିଭିନ୍ନ ମହଲରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## ଦିନ ଯାଇଛି ଚିହ୍ନ ରହିଛି

# ସ୍ମୃତିରେ ଉଜ୍ଜୀବିତ ଭାଗବତ ଟୁଙ୍ଗୀ

ଶେରଗଡ଼,୬।୯(ସମିସ): ପରିବର୍ତ୍ତନଶୀଳ ସମାଜରେ ମାନବ ଜାତି ତାର ଅତୀତକୁ ଭୁଲିବାରେ ଲାଗିଛି। ଯିଏ ଦିନେ ଦିଗଦର୍ଶନ ଦେଉଥିଲା, ସମସ୍ତଙ୍କୁ ଚାରି କାନ୍ଥ ଭିତରେ ବାନ୍ଧି ରଖି ମାନବବାଦର ଶିକ୍ଷା ପ୍ରଦାନ କରୁଥିଲା, ସେ ଆଜି ଅଲୋଡା। କିନ୍ତୁ ତାର ସ୍ମୃତି ଆଜି ବି ଉଜ୍ଜୀବିତ। ହିନ୍ଦୁ ଧର୍ମରେ ଭାଗବତର ସ୍ଥାନ ସ୍ୱତନ୍ତ୍ର।

ଭାଗବତର ପ୍ରଚାର ପ୍ରସାର କରି ଘରେ ଘରେ ଧାର୍ମିକ ବାତାବରଣ ସୃଷ୍ଟି କରି ରାଜାମାନେ ସେମାନଙ୍କ ଶାସନ ସମୟରେ ଯଥେଷ୍ଟ ଉଦ୍ୟମ କରିଥିଲେ। ଏଣୁ ସର୍ବତ୍ର ପୁରପଲ୍ଲୀରେ ଭାଗବତ ଟୁଙ୍ଗୀ ନିର୍ମିତ ହୋଇଛି। ପ୍ରାତଃ ଏବଂ ସନ୍ଧ୍ୟାରେ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରୁଥିଲେ। ଏହି ପରମ୍ପରା ବର୍ତ୍ତମାନ ବି କିଛି କିଛି ଗ୍ରାମରେ ଜାରି ରହିଛି। ଅତୀତର ଇତିହାସ ଓ ପରମ୍ପରା ବଜାୟ ରଖିବା ଆଳରେ ଗ୍ରାମର ବୟୋଜ୍ୟେଷ୍ଠ ଏକତ୍ରିତ ହୋଇ ଭାଗବତର ଗାରିମାକୁ ବଜାୟ ରଖିଛନ୍ତି। ଋଷି ବ୍ୟାସଦେବ ରଚନା କରିଥିବା ଭାଗବତ ତାଳପତ୍ରରେ ଲେଖାଯାଇଥିଲା। ଏହା ସହ ଅନ୍ୟାନ୍ୟ ପୁରାଣ ଶାସ୍ତ୍ର ମଧ୍ୟ ଟୁଙ୍ଗୀ ମଧ୍ୟରେ ରହୁଥିଲା। ଭାଦ୍ରବ ପୂର୍ଣ୍ଣିମା ଦିନ ଭାଗବତ ଗ୍ରନ୍ଥକୁ ସ୍ୱତନ୍ତ୍ର ଭାବେ ପୂଜା କରାଯାଉଛି। ଘରେ ପୂଜା ବାରଣ ଯୋଗୁ



ଏହା ଟୁଙ୍ଗୀରେ ରଖି ପ୍ରତିଦିନ ସନ୍ଧ୍ୟାରେ ପାଠ କରାଯାଉଥିଲା। ପୂର୍ବ କାଳରେ କାଗଜ ବାହାରି ନଥିବାରୁ ତାଳପତ୍ର, ପୋଥିପୁରାଣକୁ ପ୍ରତ୍ୟହ ପାଠ ସହ ଆଲୋଚନା କରାଯାଉଥିଲା। ସେହି ସମୟ ଆଉ ନାହିଁ, ସମ୍ପ୍ରତି କେବଳ ସ୍ମୃତି ହିଁ ସର୍ବତ୍ର ବିଦ୍ୟମାନ। ଦିନ ଯିବା ସଙ୍ଗେ ସଙ୍ଗେ ରାଜାରାଜୁଡା ସମୟ ଯାଇଛି, ଏବେ କେବଳ ସ୍ମୃତି ଓ ସଂଗୃହୀତ ତଥ୍ୟ ଚିହ୍ନ ଭାବେ ରହିଛି। ଶେରଗଡ ଗଡଜାତ ଶେରଗଡ ଗ୍ରାମର ମଧ୍ୟ ଭାଗରେ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଭାଗବତ ଟୁଙ୍ଗୀ ଅତୀତରେ ମଧୁର ସ୍ମୃତିଚାରଣ କରି ରହିଥିଲେ ମଧ୍ୟ କିଛି ସ୍ଥାନରେ ଏହାର ନାମ ବଦଳି ଗଲାଣି। ଆଉ କିଛି ସ୍ଥାନରେ ଏହା ପରିତ୍ୟକ୍ତ ଅବସ୍ଥାରେ ରହିଛି। ମୋଟର ସାଇକଲ ଠାରୁ ଆରମ୍ଭ କରି ବାଲି, ଗୁଡି ସହ ଅନ୍ୟାନ୍ୟ ସାମଗ୍ରୀ ଏହା ଭିତରେ ରଖାଯାଉଛି। ଧାର୍ମିକ ଦର୍ଶନର ମାର୍ଗ ଯୁବପିଢୀଙ୍କ ଲାଗି ଅଲୋଡ଼ା। ରବିବାର ଭାଦ୍ରବ ପୂର୍ଣ୍ଣିମା ବା ଭଗବତ ଜନ୍ମ। କୃଷ୍ଣ ଜନ୍ମ ଠାରୁ ଆରମ୍ଭ, ଭଗବତ ଗ୍ରନ୍ଥକୁ ପଢିବା ଲାଗି କାହାର ସ୍ପୃହା ନାହିଁ। ଏଣୁ ଅଲୋଡା ହୋଇ ପଡି ରହିଥିବା ଟୁଙ୍ଗୀର ପୁନରୁଦ୍ଧାର ଲାଗି ସରକାର ଉଦ୍ୟମ କରିବାକୁ ଦାବି ହୋଇଛି। ନତୁବା ଆଗାମୀ ପିଢ଼ି ଲାଗି ଭଗବତ ଟୁଙ୍ଗୀ ଏକ ଇତିହାସ ହୋଇ ରହିଯିବ।

# ବାଇକ ସହ ୨୧ କେଜି ଗଞ୍ଜେଇ ଜବତ; ଦମ୍ପତି ଗିରଫ

ଫିରିଙ୍ଗିଆ,୬।୯(ସମିସ): ଫିରିଙ୍ଗିଆ ଥାନା ପକ୍ଷରୁ ଅପରେସନ୍ ବାଇକ ସହ ୨୧ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଫିରିଙ୍ଗିଆ ଥାନା ଅଧିକାରୀ ଡ଼ିଏସପି ଗୋପୀନାଥ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ଫୁଲବାଣୀ ଫିରିଙ୍ଗିଆ ମୁଖ୍ୟ ରାସ୍ତାର କାଳିଆ ସାହି ଶନିମନ୍ଦିର ନିକଟରେ ଯାଞ୍ଚ କରୁଥିବାବେଳେ ଏକ ବାଇକରେ ଦମ୍ପତି ଏକ ବସ୍ତା ଧରି ଫିରିଙ୍ଗିଆ ଠାରୁ ଫୁଲବାଣୀ ଆଡକୁ ଯାଉଥିଲେ। ସନ୍ଦେହରେ ପୁଲିସ ଅଟକାଇ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା। ଯାଞ୍ଚ ବେଳେ ବସ୍ତାରୁ ଗଞ୍ଜେଇ ମିଳିଥିଲା। ପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଫିରିଙ୍ଗିଆ ତହସିଲଦାର ଜ୍ୟୋତିପ୍ରକାଶ ସେଠୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା। ସମ୍ପୃକ୍ତ ଦମ୍ପତି ଫିରିଙ୍ଗିଆ ଥାନା କେଳାପଡ଼ା ପଞ୍ଚାୟତ କମଡ଼କାମ୍ବା ଗାଁର ଯଶୋବନ୍ତ ଅମାତ ଓ ଅମ୍ବିକା ଅମାତ। ଫିରିଙ୍ଗିଆ ଥାନାରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।



# ରାଜ୍ୟ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ମୋହନା ଗସ୍ତ | ଚାରା ବଣ୍ଟନ ରଥର କଲେ ଉଦ୍‌ଘାଟନ

ମୋହନା,୬।୯(ସମିସ): ଓଡ଼ିଶା ସରକାରଙ୍କ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ବନ ସୁରେଶ ପନ୍ତ ଶନିବାର ଗଜପତି ଜିଲ୍ଲା ମୋହନା ଗସ୍ତରେ ଆସି ଚାରା ବିତରଣ ରଥ ଉଦଘାଟନ କରିଛନ୍ତି। ମୋହନା ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ରଥକୁ ଉଦ୍‌ଘାଟନ ସହ ପରିବେଶ ରକ୍ଷା ପାଇଁ ସମସ୍ତେ ଗୋଟିଏ ଗୋଟିଏ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତ ବର୍ଷ ୭ କୋଟି ୫୦ ଲକ୍ଷ ଚାରାରୋପଣ କରିବାର ଲକ୍ଷ୍ୟ ରଖା ଯାଇଥିବା ପ୍ରଧାନ ମୁଖ୍ୟ ବନ ସଂରକ୍ଷକ କହିଛନ୍ତି। ଏଥିପାଇଁ ସମସ୍ତ ବିଭାଗକୁ ଚାରା ବଣ୍ଟନ କରାଯାଇଛି। ସମସ୍ତ ବିଭାଗ ନିଜ ନିଜ ସ୍ଥାନରେ ଚାରାରୋପଣ କରିବା ସହ ତାହାର ରକ୍ଷଣା ବେକ୍ଷଣ ପାଇଁ ସମସ୍ତ ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି। ତାଙ୍କର ଏହି ଗସ୍ତ ସମୟରେ ଗଜପତି ଡ଼ିଏଫଓ କେ.ନାଗରାଜୁ ଓ ବନ ବିଭାଗର ବରିଷ୍ଠ ଅଧିକାରୀ ଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଓ ମହିଳା ସଂଘ ସଦସ୍ୟାମାନେ ଉପସ୍ଥିତ ଥିଲେ।



# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଟିକାବାଲି,୬।୯(ସମିସ): ଟିକାବାଲି ବ୍ଲକ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଟିକାବାଲି ବ୍ଲକର ୧୧ ପଞ୍ଚାୟତରୁ ପ୍ରାୟ ୩୧୦ଜଣ ଦିବ୍ୟାଙ୍ଗ ଯୋଗ ଦେଇଥିଲେ। ସେଥିମଧ୍ୟରୁ ୨୨୮ଜଣଙ୍କୁ ଯୋଗ୍ୟ ଚିହ୍ନଟ କରାଯାଇଥିବା ବେଳେ ୮୨ଜଣଙ୍କୁ ଭିନ୍ନକ୍ଷମ ମାନଦଣ୍ଡରେ ନଥିବା କୁହାଯାଇଛି। ଏନେଇ ଆଜି ୨ଟି ଶ୍ରବଣ ଯନ୍ତ୍ର ୧୦ଟି ଦୁଇ ଚକିଆ ସାଇକଲ, ୩ଟି ଆଶାବାଡ଼ି ଓ ଜଣଙ୍କୁ ଦୃଷ୍ଟିବାଧିତ ବାଡ଼ି ବଣ୍ଟନ କରାଯାଇଛି।

# ବିଦ୍ୟାର୍ଥୀଙ୍କୁ ଉପକରଣ ବଣ୍ଟନ ଓ ଚାରାରୋପଣ



ପାରଳାଖେମୁଣ୍ଡି,୫।୯(ସମିସ): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ବାଇଝାଲ ପଞ୍ଚାୟତ ଆବାଡ଼ା ସରକାରୀ ବିଦ୍ୟାଳୟରେ ଗୁରୁଦିବସ ପାଳନ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଶ ପାଣିଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲ୍ଲା ଖଣି ଅଧିକାରୀ ଦିପେନ ପରିଡା, ଜିଲ୍ଲା କୋର୍ଟର ଭାରପ୍ରାପ୍ତ କ୍ୟାଡର୍ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ଉପଖଣି ଅଧିକାରୀ ଚିଣ୍ଟୁ ଦେଉରୀ ଓ ଅଙ୍ଗନବାଡି ପରିଦର୍ଶିକା ଧରିତ୍ରୀ ପାତ୍ର ଯୋଗ ଦେଇଥିଲେ। ଆବାଡ଼ା ସରକାରୀ ବିଦ୍ୟାଳୟ ପରିସରରେ ଚାରାରୋପଣ କରିବା ସହ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଖାତା, ପେନ, ପେନସିଲ ଓ ରବର ଆଦି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ଏସଏମସି ସଭାପତି ଜିରିଏଲ ରଇତ, ୱାର୍ଡ ମେମ୍ବର ଗାଲିଅ ଗମାଙ୍ଗ, ଅଙ୍ଗନବାଡି କର୍ମୀ ବିନିତା ଶବର, ସହକାରୀ ଶିକ୍ଷକ ଟଙ୍କଧର ମାଝୀ ନାୟକ ପ୍ରମୁଖ ଗ୍ରାମବାସୀ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଗୁରୁଦିବସ ପାଳିତ

ରମ୍ଭା,୬।୯(ସମିସ): ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠରେ ପ୍ରଜ୍ଞା ଭବନ ପରିସରରେ ଗଞ୍ଜାମ ବ୍ଲକସ୍ତରୀୟ ଗୁରୁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଗଞ୍ଜାମ ବିଡିଓ ଅଚ୍ୟୁତାନନ୍ଦ ଜାନୀ, ସମ୍ମାନିତ ଅତିଥି ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଓଡ଼ିଶା ସ୍ୱଚ୍ଛ ଭାରତ ପ୍ରମୁଖ ମହେଶ ମହାନ୍ତି,ଗଞ୍ଜାମ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ବେହେରା, ଭାରତୀୟ ଷ୍ଟେଟ ବ୍ୟାଙ୍କ ରମ୍ଭା ଶାଖା ମ୍ୟାନେଜର ସୌମ୍ୟକାନ୍ତ ପଟ୍ଟନାୟକ, ଗଞ୍ଜାମ ବ୍ଲକ ଏବିଇଓ ବିନିତା ମିଶ୍ର, ସଂଯୁକ୍ତା ବେହେରା, ଶିକ୍ଷାବିତ ସନ୍ତୋଷ କୁମାର ମହାପାତ୍ର, ଗଂଜାମ ବ୍ଲକ ବିଧାୟକ ପ୍ରତିନିଧି ମାନସ ରଞ୍ଜନ ନାହାକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାନାମ୍ବର ପଲେଇ, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ଗଜେନ୍ଦ୍ର ମାଝୀ, ରାଜ୍ୟ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବେହେରା, ସାନ୍ୟାସିନୀ ରିତଜାନନ୍ଦ ସରସ୍ୱତୀ, ଜୁନିଅର ଶିକ୍ଷକ ସଂଘର ସଭାପତି ସାନନ୍ଦ ଜାଲି, ପ୍ରାଥମିକ ଶିକ୍ଷକ ସଂଘର ଗଞ୍ଜାମ ସମ୍ପାଦକ ଲକ୍ଷ୍ମଣ ନାହାକ, ଏୟୁପିଟିଏଫ ସମ୍ପାଦକ ଅଭିରାମ ନାୟକ, କୋଷାଧ୍ୟକ୍ଷ ଜୟକୃଷ୍ଣ ତ୍ରିପାଠୀ, ଉପଦେଷ୍ଟା ସୁଦର୍ଶନ ତ୍ରିପାଠୀ, ଜେଟିସି ସମ୍ପାଦକ ସତ୍ୟବ୍ରତ ମହାପାତ୍ର, ପିଏସଟିଏ ସୁକାନ୍ତ ନାହାକ ମଞ୍ଚାସୀନ ରହିଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଅବସରପ୍ରାପ୍ତ ଶିକ୍ଷକ ଗତି କୃଷ୍ଣ ସାହୁ, ବିଷ୍ଣୁପ୍ରିୟା ବେହେରା, ରମେଶ ସେଠୀ, ରେଣୁବାଳା ପଟ୍ଟନାୟକ, ପ୍ରମୋଦ ତ୍ରିପାଠୀ ଓ ବିଜୟ କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ବ୍ଲକର ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଯୋଗୀନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ଶିକ୍ଷକ ନିରଞ୍ଜନ ବେହେରା, ସୀମାଞ୍ଚଳ ପାଣି, ମନ୍ମଥ ମୋହନ ନାୟକ, ରବୀନ୍ଦ୍ର ପ୍ରଧାନ, ମହାଦେବ ମଲ୍ଲିକ ସହଯୋଗ କରିଥିଲେ। ଅତିଥିଭାବେ ଗଞ୍ଜାମ ବ୍ଲକ ପୂର୍ବତନ ଅଧ୍ୟକ୍ଷ ସୁରଥ ପ୍ରଧାନ, ପ୍ରଶାନ୍ତ ନାୟକ, ଏସସି ମୋର୍ଚ୍ଚା ସଭାପତି କୀର୍ତ୍ତନ ଦାସ, ଭୀମସେନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆଠ ଫୁଟିଆ ଅଜଗର ଉଦ୍ଧାର

ଜି.ଉଦୟଗିରି,୬।୯(ସମିସ): ଜି.ଉଦୟଗିରି ନିକଟସ୍ଥ ଅବକାରୀ ବିଭାଗ କାର୍ଯ୍ୟାଳୟ ନିକଟରୁ ଏକ ଆଠ ଫୁଟିଆ ଅଜଗର ସାପ ଉଦ୍ଧାର କରିଛି ସ୍ନେକ ହେଲ୍ପ ଲାଇନ ଟିମ୍। ଖବର ପାଇ ସ୍ନେକ ହେଲ୍ପଲାଇନ ଟିମ ସଦସ୍ୟ ପହଞ୍ଚି ସାପକୁ ଧରି ନିକଟସ୍ଥ କଳିଙ୍ଗା ଜଙ୍ଗଲ ଛାଡି ଦିଆଯାଇଛି। ସ୍ନେକ ହେଲ୍ପ ଲାଇନ ଟିମ ସଦସ୍ୟ ଜଗନ୍ନାଥ ନାୟକ, ପ୍ରବୀନ ନାୟକ, ସୋମନାଥ ପ୍ରଧାନ, ମଳୟ ମହାନ୍ତି ଓ ରାଜୀବ ଦଳବେହେରା ଏଥିରେ ସାମିଲ ଥିଲେ।



# ପ୍ରଶାସନ ଶୁଣିଲାନି | ସରପଞ୍ଚ ଓ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଅସ୍ଥାୟୀ ପୋଲ ନିର୍ମାଣ

ଗୁମ୍ମା,୬।୯(ସମିସ)



ରାଜ୍ୟରେ ବର୍ଷା ଋତୁ ଲାଗି ପାହାଡ଼ ଉପରେ ପ୍ରବଳ ବର୍ଷା ଯୋଗୁ ଛୋଟ ଛୋଟ ନାଳ ନଦୀ ଉପର ମୁଣ୍ଡରେ ଜଳ ନିଷ୍କାସନ କରୁଥିବା ଦେଖିବାକୁ ମିଳିଛି। ବର୍ଷାଦିନ ଆସିଲେ ଭଗବାନଙ୍କ ଭରସାରେ ଯାତାୟାତ କରୁଛନ୍ତି ଆଦନଗୁଡ଼ା ଗ୍ରାମବାସୀ।

ସୂଚନା ଅନୁସାରେ ଗଜପତି ଜିଲ୍ଲା ଝାମି ପଞ୍ଚାୟତ ଅନ୍ତର୍ଗତ ଆଦନଗୁଡ଼ା ଗ୍ରାମରେ ୬୦ରୁ ଅଧିକ ପରିବାରର ୫୦୦ଜଣ ଲୋକେ ବସବାସ କରନ୍ତି। ଏହି ଗାଁକୁ ଭଲ ରାସ୍ତା ନଥିବା ବେଳେ ବିଲ ହୁଡ଼ା ଦେଇ ଯାଇ ନାଳ ପାରି ହୋଇ ସହର, ପଞ୍ଚାୟତ, ବ୍ଲକ ଓ ବିଦ୍ୟାଳୟକୁ ଯିବାଆସିବା କରନ୍ତି ଏଠାକାର ଗ୍ରାମବାସୀ। ମୁଖ୍ୟତଃ ଏହି ଗ୍ରାମର ୩୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରତିଦିନ ଜୀବା ସରକାରୀ ବିଦ୍ୟାଳୟକୁ ପାଠ ପଢିବାକୁ ଯାଉଥିବାବେଳେ ରାସନ ଚାଉଳ, ଭତ୍ତା ଓ ରୋଗୀ ଚିକିତ୍ସା ପାଇଁ ବହୁ ସମସ୍ୟା ସୃଷ୍ଟି ହେଉଛି ବୋଲି କହିଛନ୍ତି ସରପଞ୍ଚ ଏଡ଼ଙ୍ଗା ଶବର, ମିନାକ୍ଷୀ ବେହେରା, ସମିତିସଭ୍ୟ ଏସ ଶ୍ରୀନିବାସ ଓ ୱାର୍ଡମେମ୍ବର ଲକ୍ଷଣ ଶବର। ବର୍ତ୍ତମାନ ବର୍ଷା ଲାଗି ରହିଥିବା ବେଳେ ଉକ୍ତ ନାଳରେ ଜୋରରେ ପାଣି ପ୍ରଭାବ ହେଉଥିବା ଦେଖି ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସୁରକ୍ଷା ନିମନ୍ତେ ନାଳ ପାରିହେବାକୁ ଗ୍ରାମବାସୀ ଓ ସରପଞ୍ଚଙ୍କ ପ୍ରଚେଷ୍ଟାରେ କାଠ ଓ ବାଉଁଶର ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଛି। ଉକ୍ତ ଗ୍ରାମରେ ପକ୍କା ରାସ୍ତା ନିର୍ମାଣ କରିବା ସହ ଗୋଲପାଲମ ଚିଟ ନାଳରେ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ ସୁଧାମ ଶବର, ରାମ ଶବର,ଲୋକନାଥ ଶବର,ଲାଜାର ମଣ୍ଡଳ,ପ୍ରେମଲତା ଶବର, ଦିବସ ଶବର ଓ ମହେନ୍ଦ୍ର ଶବର। ବାରମ୍ବାର ପ୍ରଶାସନକୁ ଜଣାଇ ନିରାଶ ହେବା ପରେ ଏହି ପୋଲ ନିର୍ମାଣ କରାଯାଇଛି। ଏହି ଏନେଇ ବିଡ଼ିଓଙ୍କ ସହିତ ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶଙ୍କର କେର୍କେଟା କହିଛନ୍ତି।

# ଆଞ୍ଚଳିକ ସାଧନ କେନ୍ଦ୍ରରେ ଶିକ୍ଷକ ବୈଠକ



**ବାରିକପୁର, ୬।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ସରସଦା ଓ ବାରିକପୁର ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତୁଳସୀପୁର ବିଦ୍ୟାଳୟଠାରେ ସଂଯୋଜକ ବିଶ୍ୱରଞ୍ଜନ ଷେଣ୍ଠଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମକୁ ଶିକ୍ଷାବିତ କାର୍ତ୍ତିକ ସ୍ୱାଇଁ ଉଦଘାଟନ କରିଥିଲେ। ମାସିକ ଶୈକ୍ଷିକ, ପାଠଟିକା ପ୍ରସ୍ତୁତ, ଜିଲ୍ଲା ଭିତିକ ଶୈକ୍ଷିକ ନିର୍ଦ୍ଦେଶନା, ଭାଷାଜ୍ଞାନ, ନିପୁଣ ସପ୍ତାହ ଆଦି ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ମିତାରାଣୀ ସାହୁ ଓ ଶିକ୍ଷକ ଜୟପ୍ରକାଶ ସ୍ୱାଇଁଙ୍କୁ କ୍ଲଷ୍ଟର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ନାୟକ, ନିରଞ୍ଜନ ସେନାପତି, ଗୀତାରାଣୀ ଶଙ୍ଖୁଆ, ସୁବାଷିନୀ ସ୍ୱାଇଁ, ସୁନାକାର ଧଳ ପ୍ରମୁଖ୍ନ ଆଲୋଚନାରେ ଭାଗ ନେଇଥିଲେ। ଶିକ୍ଷକ ସଞ୍ଜୟ ନନ୍ଦ ବିବରଣୀ ପାଠ କରିଥିବା ବେଳେ ପ୍ରଜ୍ଞା ପାରମିତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ସେହିଭଳି ରାଜେନ୍ଦ୍ରପୁର ଠାରେ ସଂଯୋଜିକା ଜ୍ୟୋସ୍ନା କୁମାରୀ ବାରିକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଶିକ୍ଷକ କୈଳାସ ସାମଲ, ମନସ୍ମିତା ବିଶ୍ୱାଳ, ଭୂପେଶ ଲେଙ୍କା, ଶ୍ରୀକାନ୍ତପ୍ରସାଦ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।ଛି)

## ସ୍କୁଲ ଛାତ ଖସି ୩ ଛାତ୍ରୀ ଆହତ ଘଟଣା

# ଫାଟକ ଆଗରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଧାରଣା

**ଭଦ୍ରକ/ବାସୁଦେବପୁର, ୬।୯ (ସମିସ)**

ଭଙ୍ଗା ଛାତ ତଳେ ଆଉ ଭାଗ୍ୟ ଭବିଷ୍ୟତ ଗଢିବେ ନାହିଁ କି ଜୀବନ ହାରିବେ ନାହିଁ। ଆମକୁ ନୂତନ ସ୍କୁଲ ଘର ନିର୍ମାଣ କରି ଦିଅ; ନଚେତ ଆମେ ଯମ ଦୂତ ପରି ଦଣ୍ଡାୟମାନ ସ୍କୁଲ ଘରକୁ ଯିବୁ ନାହିଁ। ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କିସ୍ମତ କୃଷ୍ଣପୁର ପଞ୍ଚାୟତର ବହୁମାଘେରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଫାଟକରେ ତାଲା ପକାଇ ଗେଟ ଆଗରେ ଧାରଣାରେ ବସିଥିବା ଛାତ୍ରଛାତ୍ରୀମାନେ ଏଭଳି କହିଛନ୍ତି। ନୂତନ ଘର ନିର୍ମାଣ ନହେବା ପର୍ଯ୍ୟନ୍ତ ପାଠ ପଢ଼ିବାକୁ ଯିବେନାହିଁ ବୋଲି ଅବିଭାବମାନେ କହିଛନ୍ତି। ପବିତ୍ର ଗୁରୁ ଦିବସରେ ମୁଣ୍ଡ ଉପରେ ଛାତ ଖସିବାରୁ ତିନି ଛାତ୍ରୀ ଆହତ ହୋଇଥିଲେ। ବାସୁଦେବପୁର ଡାକ୍ତରଖାନାରେ ଚିକିତ୍ସିତ ହୋଇ ଘରକୁ ଫେରିଲେ। ଜଣେ ହେଲେ ବ୍ଲକସ୍ତରୀୟ ଶିକ୍ଷାଧିକାରୀ ପହଞ୍ଚି ସମବେଦନା ଜ୍ଞାପନ କଲେନାହିଁ। ଜରାଜୀର୍ଣ୍ଣ ଘର ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବାର ବାରମ୍ବାର ଗ୍ରାମବାସୀଙ୍କ ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ବର୍ଷ ବର୍ଷ ବିତି ଯାଇଥିଲେ ମଧ୍ୟ ଶେଷରେ କୁନି କୁନି ମୁଣ୍ଡରେ ଛାତ ଖସି ଖଣ୍ଡିଆ ଖାବରା ହେଲେ; ତଥାପି ଶିକ୍ଷା ବିଭାଗର ଅଧିକାରୀଙ୍କ ନିଦ ଭାଙ୍ଗୁନାହିଁ।



ବାସୁଦେବପୁର ବ୍ଲକର ବ୍ଲକ ଶିକ୍ଷାଧିକାରୀ ବଦଳି ପରେ ପଦବୀ ଗତ କିଛି ମାସ ଧରି ଖାଲି ପଡ଼ିଛି। ତିହିଡି ବ୍ଲକର ବିଇଓ ଇନଚାର୍ଯ୍ୟରେ ଦାୟିତ୍ୱ ତୁଲାଉଛନ୍ତି। ଶିକ୍ଷା ବିଭାଗର ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ବାସୁଦେବପୁର ବହୁ ସ୍କୁଲର ଛାତ କୁନି ଶିଶୁମାନଙ୍କ ମୁଣ୍ଡ ଉପରେ ଖସିବାକୁ ଯମ ଦୂତ ପରି ଅପେକ୍ଷା କରି ବସିଛି। ଶିକ୍ଷା ବିଭାଗର ଅଧିକାରୀଙ୍କ ବ୍ରିଟିଶ ଶାସନର ମନୋଭାବ ପାଇଁ ସରକାରୀ ବିଦ୍ୟାଳୟରୁ ଅବିଭାବକ ମୁହଁ ଫେରାଇ ନେଉଛନ୍ତି। ନୂତନ ବିଦ୍ୟାଳୟ ନିର୍ମାଣ ନହେବା ପର୍ଯ୍ୟନ୍ତ ଖୋଲିବ ନାହିଁ ସ୍କୁଲ ବୋଲି ଜିଦରେ ଅଟଳ ଅବିଭାବକ। ଆଜି ଶନିବାର ଥିବାରୁ ସକାଳୁଆ ସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମାଝୀ ଓ ସହକାରୀ ଶିକ୍ଷକ ଫାଟକ ଆଗରେ ପହଞ୍ଚିଥିଲେ। ଗ୍ରାମବାସୀ ଫାଟକରେ ତାଲା ପକାଇ ବସି ରହିବାରୁ ଠିଆ ହୋଇ ଆଲୋଚନା କରି ଫେରିଥିଲେ।

**'ଭଙ୍ଗା ଛାତ ତଳେ ପଢ଼ିବେନି ଛାତ୍ରଛାତ୍ରୀ'**

# ଖବର ପ୍ରକାଶ ପରେ ରାସ୍ତା ମରାମତି ଆରମ୍ଭ



**ଧାମନଗର, ୬।୯ (ସମିସ):** ଦୈନିକ 'ସକାଳ'ରେ ଖବର ପ୍ରକାଶ ହେବା ପରେ ପୂର୍ତ୍ତ ବିଭାଗ ତତ୍ପର ହୋଇଉଠିଛି। ଜାତୀୟ ରାଜପଥ ୧୬ନଂ. ତଥା ଧାମନଗର ଛକରୁ ବଡ଼ ବଜାର ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ମଝିରେ ଖାଲଖମା ସୃଷ୍ଟି ହୋଇ ମରଣଯନ୍ତା ପାଲଟିଥିଲା। ଗତ ୧୦ ବର୍ଷ ମଧ୍ୟରେ ସବୁଠୁ ଅଧିକ ବିପଦ ସଙ୍କୁଳ ହୋଇଥିଲା। ଏହି ବ୍ୟସ୍ତ ବହୁଳ ରାସ୍ତା। ଏହି ରାସ୍ତା ସମ୍ପର୍କରେ ଅଜଣା ଆରୋହୀ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟି ବହୁ ଖଣ୍ଡିଆ ଖାବରା ହୋଇଛନ୍ତି। ଏ ନେଇ ଦୈନିକ 'ସକାଳ'ରେ ଖବର ପ୍ରସାରଣ ପରେ ପୂର୍ତ୍ତବିଭାଗ ଉକ୍ତ ରାସ୍ତା ମରାମତି ଆରମ୍ଭ କରିଛି। ତେବେ ଅଞ୍ଚଳବାସୀ ସ୍ଥାୟୀ ସମାଧାନ ଦାବି କରିଛନ୍ତି।

# ଜିଲ୍ଲା କୃଷି ନୋଡାଲ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

**ବନ୍ତ/ଆଗରପଡ଼ା, ୬।୯ (ସମିସ):** କୃଷି ବିଭାଗ ଜିଲ୍ଲା ନୋଡାଲ ଅଧିକାରୀ ସଂଗ୍ରାମ କେଶରୀ ପଟ୍ଟନାୟକ ବନ୍ତର ବିଭିନ୍ନ କୃଷି କ୍ଷେତ୍ର ପରିଦର୍ଶନ କରି ଫେରିଯାଇଛନ୍ତି। ତୁମ୍ବାପଦୀ ଗ୍ରାମରେ କରାଯାଇଥିବା ଖରିଫ୍ ମାଣ୍ଡିଆ କ୍ଷେତ, ସମନ୍ୱିତ କୃଷି କ୍ଷେତ୍ର ପରିଦର୍ଶନ କରି ଜଳବାୟୁ ପରିବର୍ତ୍ତନ ଓ ବଜାରୀକରଣରେ ମାଣ୍ଡିଆ କିଭଳି ଏକ ଲାଭଦାୟକ ଫସଲ ଭାବେ ପରିଚୟ ହାସଲ କରିଛି ସେ ନେଇ ଚାଷୀଙ୍କ ସହ ଆଲୋଚନା କରିଥିଲେ। ପରେ କାଦବରାଙ୍ଗ ସେବା ସମବାୟ ସମିତିରେ ଖରିଫ ଚାଷ ପାଇଁ ଉଠାଯାଇଥିବା ସାର ସରକାରୀ ମୂଲ୍ୟରେ କୃଷକଙ୍କୁ କିପରି ଦିଆହେଉଛି ସେ ନେଇ ଯାଞ୍ଚ କରିଥିଲେ। ଧବଳେଶ୍ୱର ମହିଳା ସଂଘର ସଭ୍ୟାମାନେ ବିଭିନ୍ନ କୃଷି ଭିତିକ କାର୍ଯ୍ୟକ୍ରମ ହାତକୁ ନେଇ ସ୍ୱାବଲମ୍ବୀ ହୋଇପାରିଛନ୍ତି ସେ ସମ୍ପର୍କରେ ଆଲୋଚନା କରିବା ସହ ମହିଳା ମହାସଂଘ ପକ୍ଷରୁ



ପ୍ରତିଷ୍ଠିତ ଶ୍ରୀଅନ୍ନ ଯୋଜନାର ମିଲେଟ୍ ଶକ୍ତି ଟିପିନ୍ ଷ୍ଟୋର୍ ପରିଦର୍ଶନ କରିଛନ୍ତି। ଜିଲ୍ଲା କୃଷି ଅଧିକାରୀ ଦ୍ୱିଜବର ସେଠୀ, ଆତ୍ମାର ଓପିଡି ବିଶ୍ୱରଞ୍ଜନ ରାଉତ, ବ୍ଲକ କୃଷି ଅଧିକାରୀ ତୁଷାରକାରି ପତି, ସହକାରୀ ଉଦ୍ୟାମ କୃଷି ନିର୍ଦ୍ଦେଶକ ହୃଦୟ ରଞ୍ଜନ ଜେନା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ପାୟଲ ଚୌଧୁରୀ, ସହକାରୀ ବ୍ଲକ କୃଷି ଅଧିକାରୀ ସୁପ୍ରିୟା ମୁଦୁଲି, ଡିପିସି ଅନନ୍ୟା ବଳିୟାରସିଂ, ଶ୍ରୀ ଅନ୍ନ ଯୋଜନାର ବ୍ଲକ ସଂଯୋଜକ ପର୍ଶୁରାମ ସାହୁ, ସହ ସଂଯୋଜକ ସାରଦା ପ୍ରସନ୍ନ ସାହୁ, ଏମବିକେ କମଳା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ଅନ୍ନ ଯୋଜନାର ସିଆରପି ବନମାଳୀ ବାରିକ, ସୁଶାନ୍ତ ଜେନା, ସତ୍ୟବ୍ରତ ସିଂ, ପ୍ରମୋଦ ପାଣିଗ୍ରାହୀ, ଜ୍ୟୋତିରଞ୍ଜନ ରାଉତ, ଆସ୍ଥା ଶ୍ରୀ ଜଗନ୍ନାଥ ପ୍ରାଇଭେଟ୍ ଲିମିଟେଡ ଏମ୍‌ଡି ବାସନ୍ତୀ ପାଲ, ସିଇଓ ଅପୂର୍ବ ରଞ୍ଜନ ରାଉତ ଓ ଆକାଉଣ୍ଟାଣ୍ଟ ଶଶଧର ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରକ୍ତଦାନ ଶିବିର: ୪୪ ୟୁନିଟ୍ ସଂଗୃହୀତ



**ଭଣ୍ଡାରିପୋଖରୀ, ୬।୯ (ସମିସ):** ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ୪୪ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ଜଣାଯାଇଛି। ଅଧ୍ୟକ୍ଷ ଭରତଚନ୍ଦ୍ର କରଣ ଓ ଜାତୀୟ ସେବା ଯୋଜନା ଅଧିକାରିଣୀ ଗୀତାଞ୍ଜଳୀ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ଦକ୍ଷିଣବାଡ ସରପଞ୍ଚ ବର୍ଷାରାଣୀ ଜେନା ଓ ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ ଉଦ୍‌ଘାଟନ କରିଥିଲେ। ଭଦ୍ରକ ବ୍ଲଡ ବ୍ୟାଙ୍କ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ଭଣ୍ଡାରିପୋଖରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସାହୁ, ଶିକ୍ଷକ ନରେନ୍ଦ୍ର କୁମାର ନାଇକ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ସାହୁ, ଗ୍ରାମ୍ୟବ୍ୟାଙ୍କ ଶାଖା ପରିଚାଳିକା ରୁଚିରା ସାହୁ, ଅଧ୍ୟାପିକା ମମିତାରାଣୀ ନାୟକ, ପୁରାତନ ଛାତ୍ରଛାତ୍ରୀ, ବ୍ୟବସାୟୀ ଓ ଉତ୍ସାହୀ ଯୁବକମାନଙ୍କ ସମେତ ୪୪ ଜଣ ରକ୍ତଦାନ କରିଥିଲେ।

# ଶିକ୍ଷାବିତ୍ ଅଜିତ୍ ରାଉଳ ସମ୍ମାନିତ

**ବନ୍ତ/ଆଗରପଡ଼ା, ୬।୯ (ସମିସ):** ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ୍ ବରିଷ୍ଠ ଶିକ୍ଷକ ଅଜିତ ରାଉଳଙ୍କୁ ଜିଲ୍ଲାପାଳ ଦିଲୀପ ରାଉତରାଏ ସମ୍ମାନିତ କରିଛନ୍ତି। ମା' ପାଇଁ ଗଛଟିଏ, ଆକାଂକ୍ଷା ପରି ସରକାରୀ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ତାଙ୍କ ପ୍ରଚେଷ୍ଟା ଅନସ୍ୱୀକାର୍ଯ୍ୟ। ଏଥିସହିତ ଛାତ୍ରୀମାନଙ୍କ ବହୁବିଧ ଉନ୍ନତି ପାଇଁ ତାଙ୍କର ନିଃସ୍ୱାର୍ଥ ଉଦ୍ୟମ ଜାରି ରହିଛି। ବିଭିନ୍ନ ସମୟରେ ଏହି ହାଇସ୍କୁଲରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ ସ୍ୱଚାରୁରୂପେ ଦାୟିତ୍ୱ ନିର୍ବାହ କରି ସମସ୍ତଙ୍କର ପ୍ରଶଂସାର ପାତ୍ର ହୋଇଛନ୍ତି। ସେ ସମ୍ମାନିତ ହୋଇଥିବାରୁ ତାଙ୍କୁ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି, ପରିଚାଳନା କମିଟି ସଭାନେତ୍ରୀ ବର୍ଷାରାଣୀ ମଲ୍ଲିକ, ସଭ୍ୟ ତଥା ସାମ୍ବାଦିକ ଅକ୍ଷୟ ସିଂହ, ସହକାରୀ ଶିକ୍ଷକ ଭୀମସେନ ପାଳ, ବନଜିନୀ ନାୟକ, ଭାଗ୍ୟଶ୍ରୀ ପଣ୍ଡା, ବିଦ୍ୟୁତଲତା ଦାସ, କୈଳାସ ପଣ୍ଡା, ସାଗରୀକା ମହାନ୍ତି, ସାବିତ୍ରୀ ଦାଶ, ପ୍ରମୋଦିନୀ ସାହୁ, ରଞ୍ଜିତା ଶିଅଳ, ସୁଶାନ୍ତ ଜେନା ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



# ଲଗାଣ ବର୍ଷାରେ ଭାଙ୍ଗିଲା ଘର



**ବନ୍ତ/ଆଗରପଡ଼ା, ୬।୯ (ସମିସ):** ଲଘୁଚାପ ଜନିତ ବର୍ଷାରେ ପୁରୁଷଣ୍ଡି ପଞ୍ଚାୟତସ୍ଥିତ ଭବାନୀଗଞ୍ଜ ଗ୍ରାମର କୁଶ ସେନାପତିଙ୍କ ସ୍ତ୍ରୀ ମିଞ୍ଜରୀଙ୍କ ଚାଳଛପର ବାସଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ତାଙ୍କ ଘରେଥିବା ଟିଭି, ଫ୍ରିଜ ଆଦି ଘରୋଇ ସାମଗ୍ରୀଗୁଡ଼ିକ ନଷ୍ଟ ହୋଇଯାଇଛି। ମିଞ୍ଜରୀ ବମାନ ବାସହରା ଜୀବନ ବିତାଉଛନ୍ତି। ତୁରନ୍ତ ତାଙ୍କୁ ଆବାସ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଧୂଷୁରୀକୁ ବ୍ଲକ୍ ଓ ତହସିଲ ଘୋଷଣା ଦାବି ଉଠିଲା



**ଅସୁରାଳି, ୬।୯ (ସମିସ):** ଧାମନଗର ବ୍ଲକ ଅଧୀନ ଧୂଷୁରୀସ୍ଥିତ ହୃଦାନନ୍ଦ ପାଠାଗାରରେ ଧୂଷୁରୀକୁ ବ୍ଲକ ଓ ତହସିଲ ଘୋଷଣା ଦାବି ନେଇ ବିରୋଧୀ ଦଳ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀର ହୋଇଥିଲା। ବରିଷ୍ଠ କମ୍ୟୁନିଷ୍ଟ ନେତା ଚନ୍ଦ୍ରଶେଖର ନାୟକଙ୍କ ଅଧ୍ୟକ୍ଷତା ଓ ବରିଷ୍ଠ ଆଇନଜୀବୀ ଶଶିଭୂଷଣ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ଆଇନଜୀବୀ ରମେଶଚନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ ନାୟକ, ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରଫୁଲ୍ଲଚନ୍ଦ୍ର ଧଳ, ଶରତ ସୁତାର, ବୃନ୍ଦାବନ ପଣ୍ଡା, ଦୁଃଶାସନ ସୁତାର, ବ୍ରଜେନ୍ଦ୍ର ମହାନ୍ତି, ଜଗନ୍ନାଥ ନାୟକ, କେଦାର ନାଥ ମହାପାତ୍ର, ବାଇଧର ବିଶ୍ୱାଳ, ସଦାଶିବ ମହାଳିକ, ଗଣେଶ ମଳିକ ପ୍ରମୁଖ ଦାବି ଉପସ୍ଥାପନ କରିଥିଲେ। ଧୂଷୁରୀ ଥାନା ଅଧୀନରେ ଥିବା ଧାମନଗର ବ୍ଲକର ୧୭ ପଞ୍ଚାୟତ, ଚାନ୍ଦବାଲି ବ୍ଲକର ୪ ପଞ୍ଚାୟତ, ତିହିଡି ବ୍ଲକର ୧ ପଞ୍ଚାୟତକୁ ନେଇ ନୂତନ ବ୍ଲକ ଓ ତହସିଲ ଗଠିତ ହେବା ଏବଂ ତହସିଲର ଆବଶ୍ୟକତା ଅପରିହାର୍ଯ୍ୟ ବୋଲି ମତ ଉପସ୍ଥାପନ କରିଥିଲେ। ରାଜ୍ୟ ସରକାର ଉପରୋକ୍ତ ଦାବିକୁ ମାନିନେବେ ବୋଲି ସେମାନେ ଆଶା ପ୍ରକଟ କରିଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଏହି ସମ୍ମିଳନୀରେ ଚେତାବନୀ ଦିଆଯାଇଛି।

# ଏନ୍‌ଆର୍‌ଆଇ ସ୍କୁଲରେ ପାଠଚକ୍ର

**ଭଦ୍ରକ, ୬।୯ (ସମିସ):** ଭଦ୍ରକ ଆରଡ଼ି ଛକସ୍ଥିତ ଏନଆରଆଇ ଆନ୍ତର୍ଜାତୀୟ ବିଦ୍ୟାଳୟରେ ଶନିବାର ଅଧ୍ୟକ୍ଷ ବିବେକାନନ୍ଦ ସେନାପତିଙ୍କ ସଭାପତିତ୍ୱରେ 'ସୁକନ୍ୟା; କନ୍ୟାରତ୍ନ, କନ୍ୟାଯତ୍ନ' ଶୀର୍ଷକ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଭେଷଜ ବିଶେଷଜ୍ଞ ଡାକ୍ତର ଭାଗ୍ୟଶ୍ରୀ ପଣ୍ଡା ଯୋଗଦେଇ ସମାଜରେ ନାରୀର ଭୂମିକା ସମ୍ପର୍କରେ ଆଲୋଚନା କରି 'କନ୍ୟା ଜାଗିଲେ ଦେଶ ଜାଗିବ' ବୋଲି କହିଥିଲେ। ପ୍ରଜାପିତା ବ୍ରହ୍ମ କୁମାରୀ ରତ୍ନପ୍ରଭା ଦେବୀ ସମ୍ମାନିତ ଅତିଥି ରୂପେ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଭାବନା ରହିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଏହାବ୍ୟତୀତ ବିଦ୍ୟାଳୟର ମୁଖ୍ୟ ନରେନ୍ଦ୍ର ପ୍ରସାଦ ସାହୁ, ନିର୍ଦ୍ଦେଶକ ଗୌରାଙ୍ଗ ଚରଣ ନାଥ, ଲକ୍ଷ୍ମୀଧର ନାୟକ, ସୁଶାନ୍ତ କୁମାର ପାଣି, ବ୍ରହ୍ମକୁମାର ସୌଭାଗ୍ୟ ବାବୁ, ଶିକ୍ଷୟିତ୍ରୀ, ଅଭିଭାବିକା ତଥା ଛାତ୍ରୀମାନେ ଏହି ପାଠଚକ୍ରରେ ଅଂଶଗ୍ରହଣ ହୋଇଥିଲେ।

# ଗୁରୁଦିବସ ପାଳିତ

**ବାରିକପୁର, ୬।୯ (ସମିସ):** ଭଣ୍ଡାରିପୋଖରୀ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଆଶ୍ରମଠାରେ ପବିତ୍ର ଗୁରୁଦିବସ ପାଳିତ ହୋଇଯାଇଛି। ଆଶ୍ରମ ସଞ୍ଚାଳିକା ବିକେ ସରସ୍ୱତୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବହୁ ଶିକ୍ଷାବିତ ଯୋଗ ଦେଇଥିଲେ। ଏହି ଅବସରରେ ରାଜସ୍ଥାନ ମାଉଂଟଆବୁରୁ ଆସିଥିବା ବିକେ ହିମାଂଶୁ, ବିକେ ଅଶୋକ ଓ ବିକେ ନିରଞ୍ଜନ ବ୍ରହ୍ମ କୁମାର ସଂସ୍ଥାର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ବାରିକପୁର, ୬।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ଦେଉଳପଦୀ ଗ୍ରାମର ଜଣେ ବୃଦ୍ଧ ବ୍ୟକ୍ତି ଗାଁ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ଗ୍ରାମର ବିମ୍ବାଧର ସାମଲ(୮୨)। ସେ ଶୁକ୍ରବାର ସନ୍ଧ୍ୟାରେ ଗାଁ ଛକରୁ ଘରକୁ ଫେରୁଥିବା ବେଳେ କୌଣସି କାରଣରୁ ସ୍କୁଲ ନିକଟସ୍ଥ ପୁଷ୍କରିଣୀରେ ପଡ଼ିଯାଇଥିଲେ। ଘରେ ସେ ନ ପହଞ୍ଚିବାରୁ ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ। ପରେ ପୋଖରୀରୁ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ସଂଗେ ସଂଗେ ଯାଜପୁର ମେଡିକାଲକୁ ନିଆଯାଇଥିବା ବେଳେ ଡାକ୍ତର ବୃଦ୍ଧଙ୍କୁ ମୃତ ଘୋଷଣା କରିଥିଲେ।

# 'ସଫଳ ମଣିଷ ହେବା ପାଇଁ ଗୁରୁଙ୍କ ଆଶୀର୍ବାଦ ଲୋଡ଼ା'



**ଭଦ୍ରକ, ୬।୯ (ସମିସ)**

ଶିକ୍ଷକ ହେଉଛନ୍ତି ସୁସ୍ଥ ସମାଜର ନିର୍ମାଣକାରୀ। ଉତ୍ତମ ଛାତ୍ରଛାତ୍ରୀ ଗଢି ତୋଳିବାରେ ଶିକ୍ଷକଙ୍କ ଭୂମିକା ଅତୁଳନୀୟ। ତେଣୁ ପ୍ରତ୍ୟେକ ସଫଳ ମଣିଷ ହେବା ପାଇଁ ଜଣେ ଗୁରୁର ଆଶୀର୍ବାଦ ନିହାତି ଆବଶ୍ୟକ। ଆଧୁନିକ ଯୁଗରେ ମଣିଷ ଯେତେ ବିକାଶ କଲେ ମଧ୍ୟ ଗୁରୁର ସ୍ଥାନ ସର୍ବଦା ଉଚ୍ଚରେ ବୋଲି ଶୁକ୍ରବାର ପବିତ୍ର ଗୁରୁଦିବସ ଅବସରରେ ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ଓ ସ୍ୱରାଜ ବାର୍ତ୍ତା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଅତିଥିମାନେ ମତ ଦେଇଛନ୍ତି। ଜିଲ୍ଲା ସଂସ୍କୃତି ଭବନ ପରିସରରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ଗୁରୁଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି, ବିଶିଷ୍ଟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ମୁଖ୍ୟବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ଇଂ.ଅଭୟ ସୂତାର, ଅଧ୍ୟକ୍ଷ ନିହାର ରଞ୍ଜନ କର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଂଗଠନ ଉପସଭାପତି ମନୋରମା ରାୟ ମଞ୍ଚ ଆମନ୍ତ୍ରଣ, ଉପଦେଷ୍ଟା ଜାନକୀ ପାଢ଼ୀ ଅତିଥି ପରିଚୟ, ସଭାନେତ୍ରୀ କଳ୍ପନା ଜେନା ପ୍ରାରମ୍ଭିକ ସୂଚନା, ସମ୍ପାଦିକା ଅଞ୍ଜନା ମିଶ୍ର ସମ୍ପାଦକୀୟ ବିବରଣୀ, ସହ ସମ୍ପାଦିକା ଗାୟତ୍ରୀ ସେଠି, ଆବାହକ ରେଣୁବାଳା ଖିଲାର, ସଦସ୍ୟା ରିତାଞ୍ଜଳୀ ମହାରଣା, ରେଣୁକା ନାୟକ, ସଦସ୍ୟ କୃଷ୍ଣଚନ୍ଦ୍ର ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ। ସାଂସ୍କୃତିକ ସମ୍ପାଦକ ରିଚିସ୍ମିତା ମହାନ୍ତିଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଣ୍ଠଶିଳ୍ପୀ କୁମାର ଗୌତମ ଗୁରୁ ବନ୍ଦନା ଗାନ କରିଥିଲେ ଓ ଉପଦେଷ୍ଟା ଦୀପ୍ତି ମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୩୭ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ଦୀପାଳି ମିଶ୍ର, ଆବାହକ ରେଣୁବାଳା ଖିଲାର, ଉପସଭାପତି ଚଇତାଳି ଖିଲାର, ଆଇନଜୀବି ଅଞ୍ଜୁବାଳା ରାଉତ, ଚିତ୍ରଶିଳ୍ପୀ ପ୍ରଭାତ ଜେନା, ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ବେହେରା, ଟୁଲୁ ରାୟ ପ୍ରମୁଖ ପରିଚାଳନା କରିଥିଲେ।

# ସରୋଜ ଓଝାଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ



**ଭଦ୍ରକ, ୬।୯ (ସମିସ):** ମନ୍ତ୍ରବାସୁଲୀ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସରୋଜ କୁମାର ଓଝା ୨୦୨୪-୨୫ ଶିକ୍ଷାବର୍ଷର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ତିହିଡ଼ି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଜିଲ୍ଲା ସ୍ତରୀୟ ପବିତ୍ର ଗୁରୁଦିବସ ଉତ୍ସବ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଭଦ୍ରକ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସରୋଜ କୁମାର ଦତ୍ତ, ଡେପୁଟି ଜିଲ୍ଲାପାଳ ଡ. କାର୍ତ୍ତିକନାଥ ମଣ୍ଡଳ, ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ତୃପ୍ତିମୟୀ ପାତ୍ର ଓ ଧରଣୀଧର ପାତ୍ରଙ୍କ ସମେତ ତିହିଡ଼ି ବ୍ଲକ ଶିକ୍ଷାଧିକାରିଣୀ ସୂର୍ଯ୍ୟଶିଖା ମହାନ୍ତି ଓ ମାନ୍ୟଗଣ୍ୟ ଅଧିକାରୀ ମଞ୍ଚାସୀନ ଥିଲେ। ସେହିପରି ଅନ୍ୟ ପ୍ରତିଭାଧାରୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଅତିଥିମାନେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିଥିଲେ। ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଏବଂ ଆଦର୍ଶ ଶିକ୍ଷକ ସମେତ ଏକାଧାରରେ କବି ଓ ଲେଖକ ଶ୍ରୀ ଓଝା ଜଣେ ଚର୍ଚ୍ଚିତ ଚେହେରା।





# ମୋବାଇଲ୍ ମାୟା ନେଉଛି ଯୁବଗୋଷ୍ଠୀଙ୍କ ଜୀବନ

ଭୁବନେଶ୍ୱର, ୬।୯ (ସମିସ): ଡିଜିଟାଲ ଯୁଗରେ ମୋବାଇଲ୍ ଫୋନ୍‌ର ଆବଶ୍ୟକତା ରହିଛି। ଅନ୍‌ଲାଇନ୍ କ୍ଲାସ୍ ହେଉ ଅବା ଅତ୍ୟାଧୁନିକ ପାଠପଢ଼ା। ସବୁଠି ଏହି ଆଣ୍ଡ୍ରୋଏଡ୍ ମୋବାଇଲ୍ ଫୋନ୍‌ର ବ୍ୟବହାର କରାଯାଉଛି। ବିଶେଷ କରି କୋଭିଡ୍ ସମୟରେ ପିଲାଙ୍କୁ ଅନ୍‌ଲାଇନ୍ କ୍ଲାସ୍ କରିବା ପାଇଁ ମୋବାଇଲ୍ ବ୍ୟବହାର କରିବାକୁ ଦିଆଯାଉଥିଲା। ହେଲେ ଏହି ମୋବାଇଲ୍ ସେମାନଙ୍କ ପାଇଁ ଘାତକ ସାଜିଛି। ସେମାନେ ମୋବାଇଲ୍‌ରେ ଅନ୍‌ଲାଇନ୍ କ୍ଲାସ୍ କରିବା ପରେ ବିଭିନ୍ନ ପ୍ରକାର ଅନ୍‌ଲାଇନ୍ ଗେମ୍ ଖେଳୁଛନ୍ତି। ସେମାନେ ଭୋକ ଶୋଷ ଭୁଲି ୨୪ଘଣ୍ଟା ମୋବାଇଲ୍‌ରେ ବୁଡ଼ି ରହୁଛନ୍ତି।



ଏମିତିକି ସେମାନେ ରାତିରେ ମଧ୍ୟ ନିଦ ହେଉନାହିଁ। ଅନ୍‌ଲାଇନ୍‌ରେ ଗେମ୍ ଖେଳି ରାତି ସାରି ଦେଉଛନ୍ତି। ଅନେକ ପିଲା ଅନ୍‌ଲାଇନ୍ ଗେମ୍ ଖେଳୁଥିବା ବେଳେ, କିଏ ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଇନ୍‌ଷ୍ଟାଗ୍ରାମ ଆଦିରେ ମଜି ରହୁଛନ୍ତି। କିନ୍ତୁ ଅନେକ ପିଲା ଅନ୍‌ଲାଇନ୍ ଗେମ୍‌ରେ ଖେଳୁଥିବା ଜଣାପଡ଼ିଛି। ଅଧିକ ସମୟ ମୋବାଇଲ୍ ଫୋନ୍‌ରେ ଯୁବପିଢି ମଜି ରହୁଥିବାରୁ ସେମାନଙ୍କ ସ୍ୱଭାବରେ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳୁଛି। ବହୁ ପିଲା ଚିଡ଼ିଚିଡ଼ା ସ୍ୱାଭାବର ହେଉଥିବା ଦେଖିବାକୁ ମିଳିଛି। ଏପରିକି ଅନେକ ପିଲାଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି। ଯାହାକି ଭବିଷ୍ୟତ ଯୁବପିଢୀ ପାଇଁ ଏକ ବଡ଼ ଉଦ୍‌ବେଗର କଥା ବୋଲି ବୃଦ୍ଧିଜୀବୀମାନେ ମତ ଦେଲେଣି।

### ଖେଳରେ ହାରିଗଲା ପରେ କରୁଛନ୍ତି ଆତ୍ମହତ୍ୟା

### ଜୀବନ ନେଉଛି ଅନ୍‌ଲାଇନ୍ ଗେମ୍

ପିଲାମାନେ ୨୪ ଘଣ୍ଟା ଅନ୍‌ଲାଇନ୍ ଗେମ୍ ଖେଳି ମାନସିକ ଭାରସାମ୍ୟ ହରାଉଛନ୍ତି। ବିଶେଷ କରି ଏହି ଅନ୍‌ଲାଇନ୍ ଗେମ୍‌ରେ ଅର୍ଥ ଲଗାଉଛନ୍ତି। ଯଦି କେହି ଏଥିରେ ଅର୍ଥ ହାରି ଯାଉଛନ୍ତି ତେବେ ସେ ପରିବାର ଲୋକଙ୍କ ଭୟରେ ଆତ୍ମହତ୍ୟା କରୁଛନ୍ତି। ଅନେକ ପିଲା ଦିନରାତି ଫ୍ରି ଫାୟର ଗେମ୍ ଖେଳି ମାନସିକ ଭାରସାମ୍ୟ ହରାଇ ବସୁଛନ୍ତି। ଯେଉଁଥି ପାଇଁ ପରିବାର ଲୋକେ ପାଟି କରୁଥିବାରୁ ଅନେକ ପିଲା ଆତ୍ମହତ୍ୟା କରୁଛନ୍ତି। ଗତ ରବିବାର ପୁନାମା ଗେଟ୍ ନିକଟରେ ଜଣେ ଯୁବକ ଅନ୍‌ଲାଇନ୍ ଗେମ୍‌ରେ ହାରି ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିବା କୁହାଯାଉଛି। ସେହିଭଳି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ମାନପୁର ଗାଁର ୨୩ ବର୍ଷୀୟ ଯୁବକ ଆଶିଷ ଦାସ ମୋବାଇଲ୍‌ରେ ଅନ୍‌ଲାଇନ୍ ଭିଡ଼ିଓ ଗେମ୍ ଖେଳୁଥିବା ସମୟରେ ୧୦ହଜାର ଟଙ୍କା ହାରି ଯିବାରୁ ବେକରେ ରଶି ଲଗାଇ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ଭିଡ଼ିଓ ଗେମ୍ ପାଇଁ ସେ ଆତ୍ମହତ୍ୟା କରିଥିବା ସୁଇସାଇଡ୍ ନୋଟ୍‌ରେ ଲେଖି ଯାଇଥିବା ପୁଲିସ କହିଛି। ସେହିପରି ଜଗତସିଂହପୁର ଜିଲ୍ଲା ଏରସମା ଅଞ୍ଚଳର ଜଣେ ଛାତ୍ର ଅନ୍‌ଲାଇନ୍ ଗେମ୍‌ରେ ହାରିଯିବାରୁ ଫ୍ୟାନ୍‌ରେ ଝୁଲି ପଡ଼ିଛନ୍ତି।

### ରାଜଧାନୀରେ ୨ ବର୍ଷରେ ୪୦ ପିଲାଙ୍କ ଆତ୍ମହତ୍ୟା

ଜାତୀୟ ଶିଶୁ ସୁରକ୍ଷା ଅଧିକାରଙ୍କ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ୫୯.୨ପ୍ରତିଶତ ସ୍କୁଲ ଛାତ୍ରଛାତ୍ରୀ ସୋସିଆଲ ମିଡ଼ିଆରେ ଚାଟିଂ ପାଇଁ ସ୍ମାର୍ଟ ଫୋନ୍ ବ୍ୟବହାର କରୁଛନ୍ତି। ମାତ୍ର ୧୦.୨ ପ୍ରତିଶତ ପିଲା ପାଠପଢ଼ା ପାଇଁ ବ୍ୟବହାର କରୁଛନ୍ତି। ତେବେ ୩୦.୨ପ୍ରତିଶତ ପିଲାଙ୍କ ପାଖରେ ନିଜସ୍ୱ ମୋବାଇଲ୍‌ଫୋନ୍ ବ୍ୟବହାର କରୁଛନ୍ତି। ଯେଉଁଥି ପାଇଁ ସେମାନେ ମନ ଇଚ୍ଛା ବ୍ୟବହାର କରି ମାନସିକ ଚାପଗ୍ରସ୍ତ ହେଉଛନ୍ତି। ଗତ ୨ବର୍ଷରେ ରାଜଧାନୀରେ ୪୦ ଜଣ ସ୍କୁଲ ପିଲା ଆତ୍ମହତ୍ୟା କରିଛନ୍ତି। ସେମାନେ ଗେମ୍ ଖେଳିବା ହେଉ ଅବା ମୋବାଇଲ୍ ବ୍ୟବହାର କରିବାକୁ ପରିବାର ଲୋକଙ୍କ ବାରଣ ପାଇଁ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏଭଳି ଦେଶର ଭବିଷ୍ୟତ ଝଡ଼ି ପଡୁଥିବାରୁ ମନସ୍ତତ୍ତ୍ୱବିତ୍‌ମାନେ ଚିନ୍ତାପ୍ରକଟ କରିଛନ୍ତି।

### ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

## ମଞ୍ଚରେ କର୍ଣ୍ଣାଟକୀ ମାଣ୍ଡୋଲିନ୍ ବାଦକ ଯୋଡ଼ି



ଭୁବନେଶ୍ୱର, ୬।୯ (ସମିସ): ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ କୁମାର ମାର୍ଦୁରଙ୍କ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଏବଂ ପ୍ରସିଦ୍ଧ କର୍ଣ୍ଣାଟକୀ ମାଣ୍ଡୋଲିନ୍ ବାଦକ ଯୋଡ଼ି ଯୁପି ରାଜୁ ଏବଂ ଯୁ ନାଗାମଣିଙ୍କ ଦ୍ୱାରା ମାଣ୍ଡୋଲିନ୍ ବାଦନ ଉପସ୍ଥାପନ ରବୀନ୍ଦ୍ର ମଣ୍ଡପରେ ଦେଖିବାକୁ ମିଳିଥିଲା।

କାର୍ଯ୍ୟକ୍ରମଟି ଧାରୱାଡର ଜଣାଶୁଣା ହିନ୍ଦୁସ୍ତାନୀ କଣ୍ଠଶିଳ୍ପୀ କୁମାର ମାର୍ଦୁରଙ୍କ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣରୁ ଆରମ୍ଭ ହୋଇଥିଲା। ଯାହାଙ୍କ ସଙ୍ଗୀତରେ ଖୟାଲ, ଠୁମରୀ, ଦାଦ୍ରା, ଭଜନ, କନ୍ନଡ ଦାସ ସାହିତ୍ୟ ଏବଂ ଭବଗୀତ ସହିତ ବୈଷୟିକ ସଠିକତା ଏବଂ ସୁରଳ ଅଭିବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲା। ସନ୍ଧ୍ୟାରେ କର୍ଣ୍ଣାଟକୀ ମାଣ୍ଡୋଲିନ୍ ଯୋଡ଼ି, ମାଣ୍ଡୋଲିନ୍ ଯୁପି ରାଜୁ ଏବଂ ଯୁ ନାଗାମଣିଙ୍କ ଦ୍ୱାରା ମାଣ୍ଡୋଲିନ୍ ବାଦନ ପରିବେଷିତ ହୋଇଥିଲା। ସେମାନଙ୍କ ରାଗ ଓ ତାଳର ସୂକ୍ଷ୍ମ ବୋଧଗମ୍ୟତା ସୁମଧୁର ବାର୍ତ୍ତାଳାପକୁ ଯୋଡିବା ସହ ଶୁଦ୍ଧ ସଙ୍ଗୀତର ସାମଞ୍ଜସ୍ୟର ମୁହୂର୍ତ୍ତ ସୃଷ୍ଟି କରିଥିଲା। ତାଳମେଳରେ ପ୍ରଦର୍ଶିତ ହୋଇଥିଲା ବାଦ୍ୟଯନ୍ତ୍ର ସଙ୍ଗମର ଏକ ଭାବପୂର୍ଣ୍ଣ ମୁହୂର୍ତ୍ତ ଯାହା ଦର୍ଶକଙ୍କୁ ପ୍ରେକ୍ଷାଳୟରେ ବାନ୍ଧି ରଖିଥିଲା। ଅବସର ଥିଲା ୩୧ତମ ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା। ଏହି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପାରାଦୀପ ଫସଫେଟ୍ସ ଲିମିଟେଡର କର୍ପୋରେଟ୍ ବ୍ୟାପାରର ମୁଖ୍ୟ ସୁଧୀ ରଞ୍ଜନ ମିଶ୍ର, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଅପରେସନ୍ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ଗାୟକ ବାବୁ ପାଣିଗ୍ରାହୀ ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମଟିକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

## ଅନନ୍ତ ବାସୁଦେବଙ୍କୁ ଦର୍ଶନ କଲେ ୩୫ ହଜାର ବ୍ରତଧାରୀ



ଭୁବନେଶ୍ୱର, ୬।୯ (ସମିସ): ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀରେ ଉଭୟ ମହିଳା ଓ ପୁରୁଷ ଅନନ୍ତ ବ୍ରତ ପାଳିନ କରିଛନ୍ତି। ଏଥିପାଇଁ ପୁରୁଣା ଭୁବନେଶ୍ୱର ଶନିବାର ଚଳଚଞ୍ଚଳ ହୋଇ ପଡ଼ିଥିଲା। ବ୍ରତଧାରୀମାନେ ଅନନ୍ତ ବାସୁଦେବ ମନ୍ଦିରରେ ଅନନ୍ତ ବ୍ରତ ପୂଜା କରିଥିଲେ। ଏହି ବ୍ରତରେ ୩୫ହଜାରରୁ ଅଧିକ ବ୍ରତଧାରୀ ଏହି ପୂଜାରେ ସାମିଲ ହୋଇଥିଲେ। ରାତି ୨ଟାରେ ଅନନ୍ତ ବାସୁଦେବ ମନ୍ଦିର ଆଗରେ ବ୍ରତଧାରୀ ଭିଡ ଜମାଇଥିଲେ। ରାତି ୨ଟାରେ ମନ୍ଦିର ପହଡ ଖୋଲି ମଙ୍ଗଳଆଳତି, ଅବକାଶ ନୀତି କରାଯିବା ପରେ ରାତି ସାଢେ ୨ଟାରେ ସର୍ବସାଧରଣ ଦର୍ଶନ ସହିତ ବ୍ରତପୂଜା ଆରମ୍ଭ ହୋଇଥିଲା। ଅପରାହ୍ଣ ସାଢେ ୪ଟା ପର୍ଯ୍ୟନ୍ତ ବ୍ରତଧାରୀ ମାନେ ବ୍ରତପୂଜା କରିଥିଲେ। ବ୍ରତପୂଜା ସରିବା ପରେ ବେଢ଼ା ସଫା କରାଯାଇ ଠାକୁରଙ୍କୁ ସ୍ନାନ, ମାଜଣା ଓ ବେଶ କରାଯାଇଥିଲା। ସନ୍ଧ୍ୟାରେ ସନ୍ଧ୍ୟାଧୂପ ଓ ବଡସିଂହାର ହୋଇ ରାତି ୧୦ଟାରେ ପହଡ ପଡ଼ିଥିଲା। ବ୍ରତଧାରୀମାନେ ବିନ୍ଦୁସାଗର କୂଳରେ ବାରିକେଡିଂ ଭିତରେ ଧାଡିରେ ଶୃଙ୍ଖଳିତ ଭାବେ ମନ୍ଦିର ଭିତରେ ପ୍ରବେଶ କରି ବ୍ରତପୂଜା କରିଥିଲେ। ବ୍ରାହ୍ମଣ ନିଯୋଗ ଓ କମିସନରେଟ ପୁଲିସର ମିଳିତ ସହଯୋଗରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ ହୋଇଥିଲା। ସ୍ଥାନୀୟ ବିଧାୟକ ବାବୁ ସିଂ ମନ୍ଦିରରେ ପହଞ୍ଚି ବ୍ରତାଧାରୀଙ୍କୁ ପିଇବା ପାଣି ବଣ୍ଟନ କରିଥିଲେ। ବ୍ରତଧାରୀଙ୍କୁ ମନ୍ଦିର ମୁଖ୍ୟଦ୍ୱାର ଦେଇ ପ୍ରବେଶ ଆନନ୍ଦ ବଜାର ଦେଇ ପ୍ରସ୍ଥାନ ହୋଇଥିଲା। ମନ୍ଦିର ସାମ୍ନାରେ ସୂଚନା କେନ୍ଦ୍ର ଖୋଲାଯାଇ ବେତାର ଯନ୍ତ୍ରରେ ଅହରହ ସତର୍କ କରାଯାଇଥିଲା। ସାମାଜିକ କର୍ମୀ ନିଳମଣୀ ମିଶ୍ର ବେତାର ଯନ୍ତ୍ରରେ ସୂଚନା ଦେଇଥିଲେ।

ଚତୁର୍ଦ୍ଦଶୀରେ ପାଳନ କରାଯାଉଥିବା ଏହି ପୂଜା ନିମନ୍ତେ ବ୍ରତଧାରୀ ମାନେ ୧୪ ପ୍ରକାରର ଫୁଲ ଫଳ ଲାଗି କରି ବ୍ରତରେ ୧୪ ଟି ଗଣ୍ଠି ପକାଇ ପରିଧାନ ରହିଛି। ଏହି ବ୍ରତ ଥରେ ଆରମ୍ଭ କରିଲେ ୧୪ ବର୍ଷ ପର୍ଯ୍ୟନ୍ତ କରିବାର ବିଧି ରହିଛି ବୋଲି ବ୍ରତଧାରୀ ମାନେ ମତ ଦିଅନ୍ତି।

ସୂଚନାଯୋଗ୍ୟ ଭବିଷ୍ୟ ପୁରାଣରେ ଶ୍ରୀକୃଷ୍ଣ ଓ ଯୁଧିଷ୍ଠିର ସମ୍ବାଦରେ ଏହି ବ୍ରତର ମାହାତ୍ମ୍ୟ ବିଶେଷ ଭାବେ ବର୍ଣ୍ଣନା କରାଯାଇଛି। ଚତୁର୍ବର୍ଗ ଫଳ ଲାଭ ପାଇଁ କି କି ବ୍ରତ ପାଳନୀୟ ବୋଲି ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଶ୍ରୀକୃଷ୍ଣ ଏହି ଅନନ୍ତବ୍ରତ ପାଳିବାକୁ ତାଙ୍କୁ ଉପଦେଶ ଦେଇଥିଲେ।

### ଦୁଇଟି ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୬।୯ (ସମିସ): ଶନିବାର ଜୟଦେବ ଭବନରେ କବି ପ୍ରହରାଜ ସତ୍ୟ ନାରାୟଣ ନନ୍ଦଙ୍କ 'ଗୀତଗୋବିନ୍ଦ ଭାବାନୁବାଦ' ଓ 'ପେଟାଲସ ଅଫ ଲଭ' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ 'ପ୍ରଣମ୍ୟ ପ୍ରହରାଜ' କାର୍ଯ୍ୟକ୍ରମରେ କବି ଫନୀ ମହାନ୍ତି ଯୋଗ ଦେଇଥିଲେ। ବର୍ଷା ପବ୍ଲିକେସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ବିଜୟଲକ୍ଷ୍ମୀ ଦାଶ ଓ କବି କେଦାର ମିଶ୍ର ଯୋଗ ଦେଇ ପ୍ରହାରାଜଙ୍କ ସାହିତ୍ୟକୃତିର ସଦୃଷ୍ଟାନ୍ତ ଆଲୋଚନା କରିଥିଲେ। ପ୍ରହରାଜଙ୍କ ସାନଭାଇ ପ୍ରହରାଜ ଜୟନାରାୟଣ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ବର୍ଷା ପବ୍ଲିକେସନର ନିର୍ଦ୍ଦେଶକ ବାଦଲ ମହାନ୍ତିଧନ୍ୟବାଦଅର୍ପଣକରିଥିଲେ।

## ଅବକାରୀ ଜାଲରେ ନିଶା ବେପାରୀ







ଭୁବନେଶ୍ୱର, ୬।୯ (ସମିସ): ବେଆଇନ ନିଶା କାରବାର ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଗିରଫ ଅଭିଯୁକ୍ତ ହେଲେ ପଥରବନ୍ଧ ବସ୍ତିର ଟୁକୁ ବୁଢାଣୀ (୨୯) ଓ ଝାରପଡ଼ା କେନାଲ ରୋଡର ଶ୍ରୀଧର ନାୟକ (୫୧)। ପୁଲିସ ସୂଚନାନୁସାରେ, ଆଚାର୍ଯ୍ୟ ବିହାର ଦେଇ ଦେଶୀ ମଦ ଚାଲାଣ ହେଉଥିବା ଖବରପାଇ ଅବକାରୀ ରେଞ୍ଜ ୧ର ସ୍ୱତନ୍ତ୍ର ଟିମ୍ ଚଢ଼ଉ କରିଥିଲା। ଆଚାର୍ଯ୍ୟ ବିହାର ଛକରୁ ଟୁକୁକୁ ଗିରଫ କରିବା ସହ ତା' ଠାରୁ ୨୦୦ ଲିଟର ଦେଶୀମଦ ଓ ବାଇକ୍ ଜବତ କରିଥିଲା।

ସେହିପରି ପାନ ଦୋକାନରେ ଗଞ୍ଜେଇ ବିକ୍ରି ହେଉଥିବା ଖବରପାଇ ଝାରପଡ଼ା କେନାଲ ରୋଡରେ ଚଢ଼ଉ କରିଥିଲା। ସେଠାରୁ ଶ୍ରୀଧରକୁ ଗିରଫ କରିବା ସହ ତା' ହେପାଜତରୁ ୨ କିଲୋ ୬୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲା। ଏନେଇ ଦୁଇଟି ମାମଲା ରୁଜୁ କରି ଦୁଇ ନିଶା ବେପାରୀଙ୍କୁ କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ।

## ବିଦ୍ୟାଳୟରେ ମେଧା ସମ୍ବର୍ଦ୍ଧନା

ଭୁବନେଶ୍ୱର, ୬।୯ (ସମିସ): ବିଜୁ ପଟ୍ଟନାୟକ ମେମୋରିଆଲ ସରକାରୀ ଉଚ୍ଚବିଦ୍ୟାଳୟରେ ମେଧା ସମ୍ବର୍ଦ୍ଧନା ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ନାୟୁସଲ୍ୟ ଚିକିତ୍ସକ ପଦ୍ମଶ୍ରୀ ପ୍ରଫେସର ଅଶୋକ କୁମାର ମହାପାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ଟପର୍ ହୋଇଥିବା ଶୁଭଶ୍ରୀ ପ୍ରିୟଦର୍ଶିନୀ ସାହୁ, ଶୁଭ୍ରାଶିନୀ ଗୋଛାୟତ, ଶୁଭମ ଭୋଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନୃତ୍ୟ ସଙ୍ଗୀତ କ୍ଷେତ୍ରରେ ଦିବ୍ୟାଙ୍ଗ ଛାତ୍ର ରାଜେନ୍ଦ୍ର ମଲ୍ଲିକ, ରାକେଶ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରମାକାନ୍ତ ମିଶ୍ର, ଶିରୀଶ ଚନ୍ଦ୍ର ଦାଶ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଭାରତୀ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସୁଜାତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଅଭିରୁଚି ଗୁରୁ ପ୍ରତିଭା ସମ୍ମାନ'



ଭୁବନେଶ୍ୱର, ୬।୯ (ସମିସ): ସତ୍ୟନଗର ଲେଡିଜ୍ ଫୋରମ୍ ପକ୍ଷରୁ ଗୁରୁଦିବସ ଅବସରରେ 'ଅଭିରୁଚି ଗୁରୁ ପ୍ରତିଭା ସମ୍ମାନ' ବୃଦ୍ଧ ମନ୍ଦିର ପ୍ରେକ୍ଷାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ମୁଖ୍ୟ ପରାମର୍ଶଦାତା, ପଦ୍ମଶ୍ରୀ ଡଃ ଅଶୋକ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ, ଲେଖକ ଏବଂ ସମ୍ପାଦକ 'ନିତିଦିନ' ମନୋଜ କୁମାର ମହାପାତ୍ର ଏବଂ ବରିଷ୍ଠ ବରିଷ୍ଠ ଅର୍ଥନୀତି ବିଶେଷଜ୍ଞ ଅରୁଣ କୁମାର ସାବତ୍ ଯୋଗ ଦେଇଥିଲେ। ଏହି ଆଲୋଚନାଚକ୍ରରେ ପର୍ଯ୍ୟାଲୋଚନ କରିଥିଲେ ଭିମସାର ବୁର୍ଲାର ପୁରାତନ ନିର୍ଦ୍ଦେଶକ ଡ଼. ଲଳିତ କୁମାର ମେହେର୍, ଏଚଡିଏଫସି ବ୍ୟାଙ୍କର ବରିଷ୍ଠ ଉପସଭାପତି ଅନନ୍ତ ପଟ୍ଟନାୟକ ଏବଂ ଭୁବନେଶ୍ୱରସ୍ଥିତ ଏମଆଇଟିଏମର କମ୍ପ୍ୟୁଟର ବିଜ୍ଞାନର ମୁଖ୍ୟ ପ୍ରଧାପକ ବିନାୟକ ସାହୁ। ସତ୍ୟନଗର ଲେଡିଜ୍ ଫୋରମର ସମ୍ପାଦିକା ଅନୁରାଧା ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆନି ଶତପଥୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୁରଭୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ୱାର୍ଡ ଅଫିସ ଓ ଲାଇଟ୍ ହାଉସ ଉଦ୍‌ଘାଟିତ

ଭୁବନେଶ୍ୱର, ୬।୯ (ସମିସ): ବିଏମ୍‌ସି ପକ୍ଷରୁ ଆଜି ୫୯ ନମ୍ବର ୱାର୍ଡ ଅଫିସ ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ତ୍ତମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ସାମନ୍ତରାପୁର ଛକ ନିକଟ ତଥା ନବ ନିର୍ମିତ ୱାର୍ଡ ଅଫିସ ସମ୍ମୁଖ ଛକରେ ଏକ ହାଇମାଷ୍ଟ ଲାଇଟ୍ ପୋଷ୍ଟକୁ ଉଦ୍‌ଘାଟନ କରିଥିଲେ। ପରେ ୱାର୍ଡ ଅଫିସ ସହ ସାମନ୍ତରାପୁର ଲାଇଟ୍ ହାଉସ ଉଦ୍‌ଘାଟନ କରିଥିଲେ। ଲୋକମାନଙ୍କୁ ଘର ପାଖରେ ସେବା ଯୋଗାଇ ଦେବା ପାଇଁ ୱାର୍ଡ ଅଫିସ ନିର୍ମାଣ ହୋଇଛି। ଏଣିକି ୫୯ ୱାର୍ଡବାସୀ ଆଉ ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟକୁ ନଯାଇ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ଏହିଠାରେ କରାଯିବ। ୧୫ଶହ ବର୍ଗଫୁଟ ଅଞ୍ଚଳରେ ନିର୍ମିତ ଏହି ୱାର୍ଡ ଅଫିସରେ ୱାର୍ଡ ସମସ୍ତ କାର୍ଯ୍ୟ ଓ ଲୋକମାନଙ୍କର ବିଭିନ୍ନ ସମସ୍ୟା ସମାଧାନ କରାଯିବ। ଅପରପକ୍ଷେ ଲାଇଟ୍ ହାଉସ ୧୮ ରୁ ୩୫ ବର୍ଷର ନିମ୍ନ ଆୟକାରୀ ଯୁବକ ଯୁବତୀମାନଙ୍କୁ ତାଲିମ ପ୍ରଦାନ ପୂର୍ବକ ସେମାନଙ୍କ ଦକ୍ଷତା ବୃଦ୍ଧି କରିବ। ଏହା ଦ୍ୱାରା ଯୁବକ ଯୁବତୀମାନେ କର୍ମ ସଂସ୍ଥାନ ପାଇବା ସହ ଆତ୍ମ ନିର୍ଭରଶୀଳ ମଧ୍ୟ ହୋଇପାରିବେ। କେବଳ ସେତିକି ନୁହେଁ, ଜୀବିକା ନିର୍ବାହର ପଥପ୍ରଦର୍ଶନ କରିବା ସହ କର୍ମ ନିଯୁକ୍ତି ପାଇଁ ସହାୟତା ତଥା ଦକ୍ଷ କରାଯାଇବ ଏହି ଲାଇଟ୍ ହାଉସ। ତେବେ ଏଠାରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ କମ୍ୟୁନିଟ୍ ହଲ୍ ନିର୍ମାଣ କରିବା ନିମନ୍ତେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମ୍‌ସି କମିସନର ଚଞ୍ଚଳ ରାଣା, ସ୍ଥାନୀୟ କର୍ପୋରେଟର ତଥା ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାରଙ୍କ କର୍ପୋରେଟର ଓ ସରପଞ୍ଚ ମଞ୍ଚାସୀନ ଥିଲେ।

## ରୋଟାରୀ କ୍ଲବ୍ ଖାରବେଳ-କଳିଙ୍ଗନଗର ପକ୍ଷରୁ ଗୁରୁଦିବସ



ଭୁବନେଶ୍ୱର, ୬।୯ (ସମିସ): ଗୁରୁଦିବସ ଅବସରରେ ରୋଟାରୀ କ୍ଲବ ଖାରବେଳ-କଳିଙ୍ଗନଗର ଡ୍ରିମ୍ ଇଣ୍ଡିଆ ସ୍କୁଲ ପରିସରରେ ଏକ ଗୁରୁ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଆଡଭୋକେଟ୍ ରୋଟାରିଆନ୍ ଦିଲ୍ଲୀପ୍ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ପିଡିଜି. ଶିବବ୍ରତ ଦାଶ, ମୁଖ୍ୟବକ୍ତା ଭାବେ ରୋଟାରୀଆନ୍ ଡ. କିଶୋର ଚନ୍ଦ୍ର ସ୍ୱାଇଁ, ରୋଟାରିଆନ ଆସିଷ୍ଟାଣ୍ଟ ଗଭର୍ଣ୍ଣର ଶିଶିରକାନ୍ତ ଷଡ଼ଙ୍ଗି ଏବଂ ରୋଟାରିଆନ ନିହାରିକା ମିଶ୍ର ସମ୍ମାନନୀୟ ବକ୍ତା ଭାବେ ଯୋଗ ଦେଇ ଶିକ୍ଷକ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍କୁଲର ୩୦ଜଣ ଶିକ୍ଷକ ଶିକ୍ଷୟିତ୍ରିଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସ୍କୁଲ୍‌ର ପ୍ରିନସିପାଲ୍ ଗାୟତ୍ରୀ ରାଉତଦାସ ଧନ୍ୟବାଦ ଦେଇଥିଲେ। କ୍ଲବର ସଦସ୍ୟ ରୋଟାରିଆନ୍ ଆଇପିପି ରମେଶ ଚନ୍ଦ୍ର ମହାନ୍ତି, ଡ. ଦେବଦତ୍ତ ମହାନ୍ତି, ଡ. ରଞ୍ଜନ କୁମାର ପାତ୍ର ପ୍ରମୁଖ ସଭା ପରିଚାଳନା କରିଥିଲେ।

### ଆସୁଛନ୍ତି ମା'



ପଳାଶୁଣି ଦୁର୍ଗାପୂଜା ସମିତି

## ଆକର୍ଷଣରେ ମିଆଁମାର୍ ଗୋଲଡେନ୍ ପ୍ୟାଲେସ୍



ଭୁବନେଶ୍ୱର, ୬।୯ (ସମିସ): ଚଳିତ ବର୍ଷ ପଳାଶୁଣି ଦୁର୍ଗାପୂଜା ସମିତି ପକ୍ଷରୁ ମିଆଁମାରର ଗୋଲଡେନ୍ ପ୍ୟାଲେସ୍ ସଦୃଶ ତୋରଣ ନିର୍ମାଣ କରାଯାଇଛି। ଦୀର୍ଘ ୪୦ବର୍ଷ ଧରି ଚାଲିଆସୁଥିବା ଏହି ପୂଜାମଣ୍ଡପ ଏଥର ପଥଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବ। ୫୦ ଫୁଟ୍ ଉଚ୍ଚତା ଓ ୬୦ଫୁଟ୍ ଓସାରର ଏହି ତୋରଣ ନିର୍ମାଣ କାର୍ଯ୍ୟ ସାଙ୍ଗକୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ମଧ୍ୟ ଚାଲିଛି। ଏଥର ମୂର୍ତ୍ତିର ଉଚ୍ଚତା ୨୦ଫୁଟ୍ ରହିଛି। ବିଧି ଅନୁସାରେ, ୬ଷ୍ଠୀରେ ବେଲ୍ଲବରଣୀ ଅନୁଷ୍ଠିତ ହେବ। ପ୍ରତିବର୍ଷ ଭଳି ଏଥର ମଧ୍ୟ ମା' ତାରିଣୀଙ୍କ ଆଜ୍ଞାମାଳ ଅଣାଯାଇ ପୂଜା ଆରମ୍ଭ ହେବ। ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ରକମର ପିଠାପଣା ମା'ଙ୍କ ପାଖରେ ଅର୍ପଣ କରାଯିବ। ଅଷ୍ଟମୀରେ ଖେଚୁଡି ଭୋଗ ଲାଗି ହେବା ସହ ସମସ୍ତ ଭକ୍ତଙ୍କୁ ପ୍ରଦାନ କରାଯିବ। ଏହାସହିତ ଦଶମୀରେ ମା'ଙ୍କ ପାଖରେ ୧୦ପ୍ରକାରର ଭୋଗ ଲାଗି କରାଯିବ। ଅଷ୍ଟମୀ, ନବମୀ ଓ ଦଶମୀ ୩ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ। ଭଜନ, ମେଲୋଡି ପରିବେଷଣ ସହ ସାଂସ୍କୃତିକ ସନ୍ଧ୍ୟାରେ ଆକର୍ଷଣ ପାଲଟିବେ ମଣ୍ଟୁ ଛୁରିଆ। ଚଳିତ ବର୍ଷ ପୂଜା ବଜେଟ୍ ରହିଛି ୪୦ଲକ୍ଷ ଟଙ୍କା।



ଏଥର ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ପୂଜା କରାଯିବ। ଭସାଣ ଉତ୍ସବ ମଧ୍ୟ ପାରମ୍ପରିକ ବାଦ୍ୟଯନ୍ତ୍ରରେ ଅନୁଷ୍ଠିତ ହେବ। ପୂଜା ମଣ୍ଡପ ଜାତୀୟ ରାଜପଥ କଡ଼ରେ ରହିଥିବାରୁ ଭିଡ଼ ନିୟନ୍ତ୍ରଣ ପାଇଁ ୪୦ଜଣ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯିବା ସହ ପୁଲିସ ପ୍ରଶାସନର ସହଯୋଗ ରହିବ।

-ପ୍ରଭାତ କୁମାର ପରିଡ଼ା (ସଭାପତି)



ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଏକ ଥିମ୍‌କୁ ନେଇ ତୋରଣ ପ୍ରସ୍ତୁତ କରାଯାଇଛି। ପୂଜାକୁ ଶାନ୍ତିଶୃଙ୍ଖଳାର ସହ କରାଯିବାକୁ କର୍ମକର୍ତ୍ତାମାନେ ଗୁରୁତ୍ୱ ଦେଉଛନ୍ତି। ସହଜ ଦର୍ଶନ ପାଇଁ ମହିଳା ଓ ପୁରୁଷ ଲାଇନ୍ କରାଯିବା ସହ ବୟସ୍କ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ। ଚାରିଆଡ଼େ ସିସିଟିଭି କ୍ୟାମେରା ସହ ଅଗ୍ନିନିରାପତ୍ତା ବ୍ୟବସ୍ଥା କରାଯିବ।

-ରମେଶ କୁମାର ସାହୁ (ଉପସଭାପତି)

# ଭୁବନେଶ୍ୱର ସିଟି



## ଅପହୃତା ଯୁବତୀଙ୍କୁ ହତ୍ୟା ଘଟଣା

# ପଦାରେ ପଡ଼ିଲା ପୁଲିସର ପାରିବାପଣିଆ

ଭୁବନେଶ୍ୱର, ୬।୯ (ସମିସ)

ନିରୂପମା ପରିଡ଼ା ଓରଫ୍ ମିତାଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ପ୍ରେମିକକୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରଣପୁର ଥାନା ମଝିଆଖଣ୍ଡ ଗାଁର ଦେବାଶିଷ ବିଷୋୟୀ (୨୭)। ତା' ଠାରୁ ମିତାଙ୍କ ମୋବାଇଲ, ଏଟିଏମ୍ କାର୍ଡ, ବ୍ୟାଗ୍, ଡକ୍ୟୁମେଣ୍ଟ, ମିତାଙ୍କ ଭାଇର ମୋବାଇଲ ସମେତ ୩ଟି ମୋବାଇଲ ଓ ବାଇକ୍ ଜବତ କରିଛି। ଅପହରଣର ୭ ମାସ ପରେ ମଧ୍ୟ ମିତାଙ୍କୁ ଠାବ ନ କରିପାରିବା କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି। ଜାନୁୟାରୀ ମାସରୁ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ କାହିଁକି ଚୁପ୍ ବସିଥିଲା ତା'କୁ ନେଇ ପ୍ରଶ୍ନ ଉଠିଛି।

- ଜେଲ୍ ଗଲା ପିଶାଚ ପ୍ରେମିକ
- ଫୋନ୍ ଅନ୍ କରି ଭୁଆଁ ବୁଲାଇଥିଲା ଅଭିଯୁକ୍ତ
- ଯୁବତୀଙ୍କ ଏଟିଏମ୍, ମୋବାଇଲ, ବ୍ୟାଗ ଜବତ

ପୁଲିସ ସୂଚନା ଅନୁସାରେ, ପାତ୍ରପଡ଼ାର ସମରଜିତ ଜେନାଙ୍କ ଘରେ ଘରୋଇ ସହାୟିକା ଭାବେ କାମ ରଣପୁର ଥାନା ହରିପୁରର ମିତା ଓ ମଝିଆଖଣ୍ଡର ଦେବାଶିଷ ମଧ୍ୟରେ କିଛି ବର୍ଷ ହେବ ପ୍ରେମ ସମ୍ପର୍କ ରହିଥିଲା। ଜାନୁୟାରୀ ୨୪ ତାରିଖ ଦିନ ସମରଜିତଙ୍କ ପରିବାର ଭଞ୍ଜନଗର ବାହାରିଯିବା ପରେ ଦେବାଶିଷ ଉକ୍ତ ଆପାର୍ଟମେଣ୍ଟରେ ପହଞ୍ଚିଥିଲା। ସେଠାରୁ ଉଭୟ ବାଇକ୍ ଯୋଗେ ବାପୁଜୀ ନଗର ଯାଇ ମିତାଙ୍କ ଭାଇର ଫୋନ୍ ମରାମତି କରି ଗାଁ ଅଭିମୁଖେ ବାହାରିଥିଲେ। ଅନ୍ୟ କାହା ସହ ମିତାଙ୍କର ସମ୍ପର୍କ ରହିଛି କହି ଦେବାଶିଷ ତାଙ୍କ ଚରିତ୍ରକୁ ସନ୍ଦେହ କରି ଆସୁଥିଲା। ଖୋର୍ଦ୍ଧା ଅତିକ୍ରମ କରିବା ପରେ ପୂର୍ବ ଯୋଜନା ମୁତାବକ ଦେବାଶିଷ ରିଲ୍ସ କରିବା ବାହାନାରେ ମିତାଙ୍କୁ ତାପଙ୍ଗ ନିଜିଗଡ଼ସ୍ଥିତ କଳିଙ୍ଗ ମୁଣ୍ଡିଆ ନିକଟକୁ ନେଇ ଯାଇଥିଲା। ସନ୍ଧ୍ୟା ହେବାପରେ ମିତାଙ୍କ ଗଳାଚିପି ହତ୍ୟା କରିଥିଲା। ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହରେ ପଥର ବାନ୍ଧି ଖଣି ଭିତରକୁ ଫୋପାଡ଼ି ଥିଲା। ହେଲେ ମୃତଦେହଟି ପାଣିରେ ନ ପଡ଼ି ବୁଦାରେ ପଡ଼ି ଯାଇଥିଲା। ମିତାଙ୍କ ପତ୍ତା ନ ମିଳିବାରୁ ସମରଜିତ ଜେନା ପ୍ରଥମେ ଭରତପୁର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମ୍ୟାନ ମିସିଂ ରିପୋର୍ଟ (ଏମ୍ଏମ୍ଆର୍) ପଞ୍ଜୀକରଣ କରିଥିଲେ ମଧ୍ୟ ସେତେଟା ଗୁରୁତ୍ୱ ଦେଇ ନ ଥିଲା। ଝିଅକୁ ନ ପାଇ ବାପା ମଧ୍ୟ ରଣପୁର ଥାନା ଠାରୁ ଆରମ୍ଭ କରି ଭୁବନେଶ୍ୱର ଡିସିପି ଓ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତଥାପି କୌଣସି ସୁଫଳ ମିଳି ନ ଥିଲା।

ପରିବାର ଲୋକେ ଦେବାଶିଷ ଉପରେ ସନ୍ଦେହ କରୁଥିବା କହିବା ପରେ ପୁଲିସ ତାକୁ ଉଠାଇ ଆଣି ପଚରାଉଚରା କରିଥିଲା। ହେଲେ ସେପରି କୌଣସି ଠୋସ୍ ପ୍ରମାଣ ପୁଲିସ ହାତରେ ଲାଗି ନ ଥିଲା। ୨/୩ ଥର ଦେବାଶିଷକୁ ଉଠାଇଥିଲେ ମଧ୍ୟ ପ୍ରମାଣ ଅଭାବରୁ ଛାଡ଼ି ଦେଇଥିଲା। ପୁଲିସକୁ ଭୁଆଁ ବୁଲାଇବା ପାଇଁ ଦେବାଶିଷ ମଝିରେ ମଝିରେ ମିତାଙ୍କ ମୋବାଇଲ ଫୋନ ଅନ୍ କରୁଥିଲା। ହେଲେ ନିଖୋଜର ଦୁଇ ଦିନ ଭିତରେ ମିତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୭୦ ହଜାର ଟଙ୍କା ଉଠାଣ ଦେବାଶିଷକୁ ସନ୍ଦେହ ଘେରକୁ ଟାଣି ଆଣିଥିଲା। ଏଥିସହିତ ସିଡିଆର (କଲ୍ ଡିଟେଲ ରିପୋର୍ଟ) ତଥ୍ୟରୁ ଦେବାଶିଷ ଓ ମିତା ସେହିଦିନ କଥାବାର୍ତ୍ତା ହୋଇଥିବା ଜଣାପଡ଼ିଥିଲା। ଏସବୁ ପ୍ରମାଣ ମିଳିବା ପରେ ଦେବାଶିଷକୁ ପୁଣି ଉଠାଇ ଆଣି ପଚରାଉଚରା କରିଥିଲା ପୁଲିସ। ପୁଲିସର ଅଡୁଆ ପ୍ରଶ୍ନରେ ଛନ୍ଦି ହୋଇ ଯାଇଥିଲା ପିଶାଚ ପ୍ରେମିକ। ଶେଷରେ ହତ୍ୟାକାଣ୍ଡର ସବୁ କଥା ଗୋଟି ଗୋଟି କରି ବଖାଣିଥିଲା। ପୁଲିସ ଦେବାଶିଷକୁ ନେଇ ତାପଙ୍ଗ କଳିଙ୍ଗ ମୁଣ୍ଡିଆସ୍ଥିତ କ୍ରାଇମ ସ୍ପଟକୁ ଯାଇଥିଲା। ସାଇଣ୍ଟିଫିକ୍ ଟିମ୍ ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ଉଦ୍ଧାର କରିଥିଲା।







ହେଲେ ହତ୍ୟାକାରୀ ପ୍ରେମିକ ବାରମ୍ବାର ପୁଲିସ କବଜାକୁ ଆସି ମଧ୍ୟ ଚକମା ଦେଇ ଖସି ପଳାଉଥିଲା। ପ୍ରଥମେ ନିଖୋଜ ଓ ପରେ ଅପହରଣ ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ସବୁ ପ୍ରକାରର ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ଥାଇ ମଧ୍ୟ ରାଜ୍ୟର ସବୁଠାରୁ ଦକ୍ଷ କୁହାଯାଉଥିବା କମିସନରେଟ ପୁଲିସ କିପରି ୭ ମାସ ହେବ ମିତାଙ୍କୁ ଠାବ କରିପାରିଲା ନାହିଁ ତା'କୁ ନେଇ ପ୍ରଶ୍ନ ଉଠିଛି। ଏତେ ଦିନ ପରେ ମିତାଙ୍କୁ ଜୀବିତ ଭାବେ ଠାବ କରିବା ପରିବର୍ତ୍ତେ ମୃତଦେହ ମିଳିବା କମିସନରେଟ ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି।

● ସିପି-ଡିସିପିଙ୍କ ମଧ୍ୟରେ ସମନ୍ୱୟ ଅଭାବ

# ଦୁଇଟି ବଦଳି ଅର୍ଡରକୁ ନେଇ ହଟହଟା ଏଏସ୍ଆଇ

ଭୁବନେଶ୍ୱର, ୬।୯ (ସମିସ): କମିସନରେଟ ପୁଲିସରେ ଦିନକୁଦିନ ବିଚିତ୍ର ବ୍ୟବସ୍ଥା ଦେଖାଦେଉଛି। କେତେବେଳେ ଜଣଙ୍କ ଭୁଲ୍ ପାଇଁ ଆଉଜଣେ ଅଧିକାରୀ ବଦଳୁଛନ୍ତି ତ କେଉଁଠି ବଦଳି ପରେ ମଧ୍ୟ ଅଧିକାରୀ ଖବର ପାଉନାହାନ୍ତି। ପରିସ୍ଥିତି ଏମିତି ହୋଇଛି ଯେ, ବଦଳି ଅର୍ଡର ପାଇ ଥାନାରେ ଯୋଗ ଦେବାପରେ ଆଉ ଏକ ବଦଳି ଅର୍ଡର ସାମ୍ନାକୁ ଆସୁଛି। ସପ୍ତାହ ମଧ୍ୟରେ ପୁଲିସ କମିସନର ଓ ଭୁବନେଶ୍ୱର ଡିସିପିଙ୍କ ଦୁଇଟି ବଦଳି ନିର୍ଦ୍ଦେଶନାମାରୁ ଏହା ସ୍ପଷ୍ଟ ହୋଇଛି। ଏପରି ହେବା ପରେ ଉଭୟ ଡିସିପି ଓ ସିପିଙ୍କ ମଧ୍ୟରେ ସମନ୍ୱୟକୁ ନେଇ ପ୍ରଶ୍ନ ଉଠିଛି।

ଖବର ଅନୁସାରେ, ଗତମାସ ୨୯ ତାରିଖ ଦିନ ଗଣେଶ ଭସାଣି ବେଳେ ଚନ୍ଦକା ଥାନାର ସବ୍ ଇନ୍ସପେକ୍ଟର ଜଣେ ଯୁବକଙ୍କୁ ମାଡ଼ ମାରିଥିଲେ। ହେଲେ ତାଙ୍କର ବଦଳି ହେବା ପରିବର୍ତ୍ତେ ଆଉ ଜଣେ ସବ୍ ଇନ୍ସପେକ୍ଟରଙ୍କୁ ବାଲିପାଟଣା ଥାନାକୁ ବଦଳି ହୋଇଥିଲା। କେବଳ ସବ୍ ଇନ୍ସପେକ୍ଟର ନୁହଁ, ବରଂ ଏଏସ୍ଆଇ ଛବି ଜେନାଙ୍କୁ ମଧ୍ୟ ବାଲିପାଟଣା ଥାନାକୁ ବଦଳି କରାଯାଇଥିବା ନେଇ ନେଇ ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଥିଲା। ବଦଳି ନିର୍ଦ୍ଦେଶ ଅନୁଯାୟୀ ଗତକାଲି ଅର୍ଥାତ୍ ୫ ତାରିଖ ଦିନ ଛବି ଜେନା ବାଲିପାଟଣା ଥାନାରେ ଯୋଗ ଦେଇଥିଲେ। ସେ ଥାନାରେ ଯୋଗଦେବା ପରେ ଆଉ ଏକ ବଦଳି ଅର୍ଡର ସାମ୍ନାକୁ ଆସିଥିଲା। ପୁଲିସ କମିସନରଙ୍କ କାର୍ଯ୍ୟାଳୟରୁ ସୂଚନା ଅନୁସାରେ, ଛବି ଜେନାଙ୍କୁ ଚନ୍ଦକା ଥାନାରୁ କଟକ ସହରାଞ୍ଚଳ ପୁଲିସ ଜିଲ୍ଲାକୁ ବଦଳି କରାଯାଇଛି। ପୁଲିସ କମିସନରଙ୍କ ଏହି ଅର୍ଡରଟି ୨ ତାରିଖର ହୋଇଥିଲେ ମଧ୍ୟ ଛବିଙ୍କ ନିକଟରେ ପହଞ୍ଚି ପାରିନଥିଲା। ଫଳରେ ଛବି ୫ ତାରିଖରେ ବାଲିପାଟଣା ଥାନାରେ ଯୋଗ ଦେଇଥିଲେ।

ସେପଟେ ଡିସିପିଙ୍କ ନିର୍ଦ୍ଦେଶ ମୁତାବକ ଶ୍ରୀମତୀ ଜେନା ବାଲିପାଟଣା ଥାନାରେ ଯୋଗଦେବା ବେଳକୁ ପୁଲିସ କମିସନର ତାଙ୍କୁ କଟକକୁ ବଦଳି କରିଥିଲେ। ଗୋଟିଏ ସପ୍ତାହ ମଧ୍ୟରେ ଦୁଇଟି ବଦଳି ନିର୍ଦ୍ଦେଶ ପରେ ଦୁଇ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହିଛି କି ନାହିଁ ତାହା ପ୍ରଶ୍ନବାଚୀ। ଏଥିସହିତ ୨ ତାରିଖର ବଦଳି ନିର୍ଦ୍ଦେଶ ୩ ଦିନ ମଧ୍ୟରେ ଅଧିକାରିଣୀଙ୍କ ନିକଟରେ ନ ପହଞ୍ଚିବାରୁ ତାଙ୍କୁ ହଟହଟା ହେବାକୁ ପଡ଼ିଛି।

# ଗଣେଶ ପୂଜା ଭସାଣିକୁ ନେଇ ଯାଁଳା ଅଶାନ୍ତ

## କେଉଁଠି ଗୋଷ୍ଠୀ ସଂଘର୍ଷ ତ କେଉଁଠି ଫୁଟୁଛି ବୋମା

ଯାଁଳା, ୬।୯ (ସମିସ) ଗଣେଶ ପୂଜା ଭସାଣିକୁ ଯାଁଳା ଅଞ୍ଚଳ ଏବେ ଅଶାନ୍ତ ହୋଇପଡ଼ିଛି। ଗତ ଦୁଇ ତିନି ଦିନ ହେଲା ବିଭିନ୍ନ ମଣ୍ଡପଗୁଡ଼ିକରେ ପୂଜା ପାଉଥିବା ବିଘ୍ନରାଜଙ୍କ ଭସାଣ ପର୍ବ ଚାଲିଛି। ପୂଜା ପୂର୍ବରୁ ଇନଫୋସିଟି ଥାନା ପୁଲିସ ସ୍ଥାନୀୟ ଅଞ୍ଚଳର ସମସ୍ତ ପୂଜା କମିଟିର ସଦସ୍ୟଙ୍କୁ ଡାକି ପ୍ରସ୍ତୁତି ବୈଠକ ଡାକିଥିଲା। କମିସନରେଟ ପୁଲିସର ନିୟମ ମାନି ପୂଜା କରିବାକୁ କୁହାଯାଇଥିବା ବେଳେ ଡିଜେ ଓ ମଦ ମୁକ୍ତ ଭସାଣି କରିବାକୁ କୁହାଯାଇଥିଲା। କିନ୍ତୁ କେତେକ ସ୍ଥାନରେ ଗଣେଶ ଭସାଣି ବେଳେ ଗୋଷ୍ଠୀ ବିବାଦ ଦେଖାଯାଇଛି। କେଉଁଠି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି ତ କେଉଁଠି ବୋମାମାଡ଼ ହୋଇଛି। ତେଣୁ ଭଷାଭି ସମୟରେ ଯାଁଳା ଅଞ୍ଚଳରେ ଉତେଜନାକୁ ନେଇ ଇନଫୋସିଟି ଥାନାର ମୁଣ୍ଡ ବିନ୍ଧାର କାରଣ ପାଲଟିଛି।

ସ୍ଥାନୀୟ ସୂଚନା ଅନୁସାରେ ଗତ ଗୁରୁବାର ରାତିରେ ଇନଫୋସିଟି ଥାନା ପାଟଣା ସାହିରେ ଦୁଇଟି ଗୋଷ୍ଠୀର ଗଣେଷ ଭସାଣି ଆରମ୍ଭ ହୋଇଥିଲା। ବାଜା ବାଣ ସହ ଭଷାଣି ଶୋଭାଯାତ୍ରା ଚାଲିଥିବା ବେଳେ ସାହିରେ ଦୁଇ ଗୋଷ୍ଠୀ ଯୁବକ କୌଣସି କାରଣରୁ ମୁହାଁ ମୁହିଁ ହୋଇଥିଲେ। ଫଳରେ ସାହିରେ ଏକ ପ୍ରକାର ଉତ୍ତେଜନା ବଢ଼ି ଯାଇଥିଲା। ଖବର ପାଇ ଇନଫୋସିଟି ଥାନା ପୁଲିସ ଘଟଣାସ୍ଥଳରେ ପହଁଚି ଦୁଇ ଗୋଷ୍ଠୀର ଯୁବକ ମାନଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ପରେ ଦୁଇ ଗୋଷ୍ଠୀର ଯୁବକ ମାନେ ସେମାନଙ୍କ ଶୋଭାଯାତ୍ରା ନେଇ ଯାଇଥିଲେ। ଶୋଭାଯାତ୍ରା ପରେ ରାତି ପ୍ରାୟ ୧୨ ଟା ବେଳେ ଗୋଟିଏ ଗୋଷ୍ଠୀର ଦୁଇ ତିନି ଜଣ ଯୁବକ ବାଇକ ଯୋଗେ ଆସିଥିଲେ। ସାହି ଭିତରେ ଦୁଇଟି ବୋମା ମାଡ କରିଥିଲେ। ବୋମା ଶବ୍ଦ ଶୁଣି କିଛି ଲୋକ ବାହାରକୁ ଚାଲି ଆସିଥିଲେ। ଦେଖିବା ବେଳକୁ ଦାଣ୍ଡ ପୁରା ଧୂଆଁମୟ ହୋଇଯାଇଥିଲା। ତେଣୁ କିଏ ଏଭଳି କାଣ୍ଡ ଘଟାଇଛି କହି ପୁଣି ଉତ୍ତେଜନା ବଢ଼ିଥିଲା। ଏନେଇ ଇନଫୋସିଟି ଥାନାକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୋମା ମାଡ ହୋଇଥିବା ସ୍ଥାନରୁ ସୁତୁଲି ଟୁକୁଡ଼ାକୁ ସଂଗ୍ରହ କରିଥିଲା। ଏନେଇ ଶୁକ୍ରବାର ରାତିରେ ଇନଫୋସିଟି ଥାନାରେ ଅଭିଯୋଗ ହୋଇଥିଲା। ସେହିଭଳି ମୁଣ୍ଡମୁହାଣ ଗ୍ରାମରେ ହରିଜନ ସାହିର ଗଣେଷ ଭସାଣି ଶୋଭାଯାତ୍ରା ନେଇ ଅନ୍ୟ କିଛି ସାହିରେ ପଶିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଅନ୍ୟ ସାହି ଲୋକ ବାରଣ କରିବାରୁ ଏନେଇ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ତେଣୁ ଗଣେଷ ଭଷାଣି ଉପରେ ପୁଲିସର କୋହଳ ମନୋବୃତ୍ତିକୁ ନେଇ ଏଭଳି ଅଘଟଣ ଘଟୁଥିବା କୁହାଯାଉଛି।

# ଗାଈ କିଣି ନେଉଥିବା ଗୋ-ଚାଷୀଙ୍କୁ ପୁଣି ଆକ୍ରମଣ

ଭୁବନେଶ୍ୱର, ୬।୯ (ସମିସ): ଗୋ-ସୁରକ୍ଷା ନାଁରେ କିଛି ଅସାମାଜିକ ବ୍ୟକ୍ତି ଗୁଣ୍ଡାଗର୍ଦ୍ଦି କରୁଛନ୍ତି। ଗୋରୁ ଚାଲାଣ ଅଭିଯୋଗ କରି ଅନେକ ଚାଷୀ ଏବଂ ଗାଡି ଡ୍ରାଇଭରଙ୍କୁ ଆକ୍ରମଣ କରୁଛନ୍ତି। ଖଣ୍ଡଗିରି ଓଭର୍ରିଜ୍ ଉପରେ ଆକ୍ରମଣ ଘଟଣା ପରେ ପୁଣି ଚାଷୀଙ୍କୁ ମଞ୍ଚେଶ୍ୱର ଥାନା ପଳାଶୁଣି ଛକରେ ଗାଡି ଅଟକାଇ ଚାଷୀ ଏବଂ ଡ୍ରାଇଭରଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଜୀବନ ହାରିଲା ନିଷ୍ପାପ ବାଛୁରି। ସପ୍ତାହକ ଭିତରେ ସାମ୍ନାକୁ ଆସିଲାଣି ଦୁଇ ଦୁଇଟି ଘଟଣା। ଭୁବନେଶ୍ୱର ପଳାଶୁଣୀ ଛକ ନିକଟରେ ଦେଖିବାକୁ ମିଳିଛି ଏଭଳି ଘଟଣା। ଆନ୍ଧ୍ରରୁ କଟକ ସିଠାଳ ଯାଉଥିବା ଦୁଇଟି ଗୋରୁ ବୋଝେଇ ଗାଡ଼ିକୁ ଅଟକାଇ ଏଭଳି କାଣ୍ଡ ଘଟାଇଛନ୍ତି ନିଜକୁ ଗୋ ରକ୍ଷକ କହୁଥିବା କିଛି ଦୁର୍ବୃତ୍ତ। ଗୋ-ଚାଲାଣ ସନ୍ଦେହରେ ଚାଷୀଙ୍କୁ ନିବସ୍ତ୍ର କରି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ମଞ୍ଚେଶ୍ୱର ଥାନାର ଦ୍ୱାରସ୍ଥ ହୋଇଛନ୍ତି ଆକ୍ରମଣର ଶିକାର ହୋଇଥିବା ଚାଷୀ।

# ଏଣିକି 'ଏଫଏମ୍'ରେ ଭୁବନେଶ୍ୱର ଟ୍ରାଫିକ୍ ଅପ୍‌ଡେଟ୍

ଭୁବନେଶ୍ୱର, ୬।୯ (ସମିସ): ରାଜଧାନୀ ରାସ୍ତାଘାଟରେ ଭିଡ଼କୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ ଏବଂ ଏଫ୍ଏମ୍ ରେଡିଓ ଚ୍ୟାନେଲଗୁଡ଼ିକ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ରାଜଧାନୀର କେଉଁ ରାସ୍ତାରେ ଭିଡ଼ ଅଛି, କେଉଁଠାରେ ନିର୍ମାଣ କାର୍ଯ୍ୟ ଚାଲିଛି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଟ୍ରାଫିକ ପରାମର୍ଶ ସମ୍ପର୍କରେ ସଦ୍ୟତମ ସୂଚନା ଏଫ୍ଏମ୍ ରେଡିଓ ମାଧ୍ୟମରେ ପ୍ରସାରଣ ପାଇଁ ନିଷ୍ପତ୍ତି ହୋଇଛି।

ପୂର୍ବରୁ ଟ୍ରାଫିକ୍ ଅପଡେଟ୍ ଏଫ୍ଏମ୍ ମାଧ୍ୟମରେ ପ୍ରସାରିତ ହେଉଥିଲା, କିନ୍ତୁ କିଛି ଦିନ ପୂର୍ବରୁ ଏହି ସେବା ବନ୍ଦ ହୋଇଯାଇଥିଲା। ଏବେ ଟ୍ରାଫିକ୍ ପରିଚାଳନାକୁ ସୁଦୃଢ଼ କରିବା ଏବଂ ସୁଗମ ଗତିବିଧି ସୁନିଶ୍ଚିତ କରିବା ପାଇଁ, କମିସନରେଟ୍ ପୋଲିସ ଏହି ମୂଲ୍ୟବାନ ସେବାକୁ ପୁନଃଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ସେମାନେ ସମସ୍ତ ଏଫ୍ଏମ୍ ଚ୍ୟାନେଲ ସହିତ ସମନ୍ୱୟ ସ୍ଥାପନ କରିଛନ୍ତି, ଏବଂ ଟ୍ରାଫିକ୍ ପୋଲିସ ସମୟାନୁସାରେ ଟ୍ରାଫିକ୍ ସୂଚନା ପ୍ରଦାନ କରିବା ପାଇଁ ଏହି ଚ୍ୟାନେଲଗୁଡ଼ିକ ସହିତ ସହଯୋଗରେ କାର୍ଯ୍ୟ କରିବ।

ଆଗକୁ ପାର୍ବଣ ଋତୁ ଥିବାରୁ ରାଜଧାନୀ ରାସ୍ତାଘାଟ ଭିଡ଼ ହେବାର ଆଶଙ୍କା ରହିଛି। ବିଶେଷକରି ଦଶରା ସମୟରେ ରାଜଧାନୀ ରାସ୍ତାଘାଟରେ ଅହେତୁକ ଭିଡ଼କୁ ଦୃଷ୍ଟିରେ ରଖି ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି। ଏହା ମାଧ୍ୟମରେ ନାଗରିକମାନଙ୍କୁ ପୂର୍ବ ସୂଚନା ମିଳିପାରିବ ଓ ସେହି ଅନୁଯାୟୀ ସେମାନେ ନିଜର ଯାତ୍ରାର ଯୋଜନା ପ୍ରସ୍ତୁତ କରିପାରିବେ।

ପ୍ରକାଶ ଥାଉ କି କିଛିବର୍ଷ ପୂର୍ବେ ଟ୍ରାଫିକ୍ ଅପଡେଟ୍ ଏଫ୍ଏମ୍ ରେଡିଓ ମାଧ୍ୟମରେ ପ୍ରସାରିତ ହେଉଥିଲା। ପୂର୍ବରୁ ଯେକୌଣସି ଅଞ୍ଚଳରେ ପ୍ରବଳ ଭିଡ଼ ଏବଂ ଅନ୍ୟାନ୍ୟ ବିକଳ୍ପ ରାସ୍ତା ବିଷୟରେ ସୂଚନା ଏଫ୍ଏମ୍ ରେଡିଓ ଚ୍ୟାନେଲ ମାଧ୍ୟମରେ ପ୍ରଦାନ କରାଯାଉଥିଲା। କମିସନରେଟ୍ ପୋଲିସ ଏଫ୍ଏମ୍ ରେଡିଓ ଚ୍ୟାନେଲ ମାଧ୍ୟମରେ ନିୟମିତ ଟ୍ରାଫିକ୍ ଅପଡେଟ୍ ପ୍ରଦାନ କରିବାକୁ ପୁନର୍ବାର ଏହି ଯୋଜନା କରୁଛି। କମିସନରେଟ୍ ପୁଲିସ ସମସ୍ତ ଏଫ୍ଏମ୍ ଚ୍ୟାନେଲ ସହିତ ସମନ୍ୱୟ ସ୍ଥାପନ କରିଛନ୍ତି। ଟ୍ରାଫିକ୍ ପୋଲିସ ସମୟାନୁସାରେ ଟ୍ରାଫିକ୍ ସୂଚନା ପ୍ରଦାନ କରିବା ପାଇଁ ଏହି ଚ୍ୟାନେଲଗୁଡ଼ିକ ସହିତ ସହଯୋଗରେ କାର୍ଯ୍ୟ କରିବ ବୋଲି' ପୋଲିସ କମିସନର ସୁରେଶ ଦେବଦତ୍ତ ସିଂହ କହିଛନ୍ତି।



# ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଯାଁଳା, ୬।୯ (ସମିସ): ଇନଫୋସିଟି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସର୍ଭିସ ରାସ୍ତାରେ ଶନିବାର ବିଳମ୍ବିତ ରାତିରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ଢେଙ୍କାନାଳ ଅଞ୍ଚଳର ଦୁଷ୍ମନ୍ତ ଲେଙ୍କା (୩୦)। ସେ ଯାଁଳାରେ ରହି ଏକ ୱେଡିଙ୍ଗ ଦୋକାନରେ କାମ କରୁଥିଲେ।

ମିଳିଥିବା ସୂଚନା ଅନୁସାରେ ଶନିବାର ରାତିରେ ଦୁଷ୍ମନ୍ତ କୌଣସି କାମରେ ବାହାରକୁ ଯାଇଥିଲେ। ରାତି ପ୍ରାୟ ୧୦ ଟା ବେଳେ କାମ ସାରି ସର୍ଭିସ ରାସ୍ତାରେ ଦୋକାନକୁ ଫେରୁଥିଲେ। ଯାଁଳା ୟୁନିୟନ ବ୍ୟାଙ୍କ ନିକଟରେ ପହଞ୍ଚିଥିବା ବେଳେ ଏକ ଅଜଣା ଗାଡି ଦ୍ରୁତ ଗତିରେ ଆସି ଦୁଷ୍ମନ୍ତଙ୍କ ବାଇକ ପଛରେ ଧକ୍କା ଦେଇଥିଲା। ଫଳରେ ଦୁଷ୍ମନ୍ତ ତାଇ ବାଇକରୁ ଛିଟିକି ପଡ଼ିଥିଲେ। ତାଙ୍କ ମୁଣ୍ଡର ପଛପଟେ ଗଭୀର ଆଘାତ ଲାଗିଥିଲା। ଖବର ପାଇ ଦୋକାନ ମାଲିକ ଘଟଣା ସ୍ଥଳକୁ ଦୌଡ଼ି ଆସିଥିଲେ। ଏହା ସହ ଖବର ପାଇ ଇନଫୋସିଟି ଥାନା ପୁଲିସ ମଧ୍ୟ ଘଟଣା ସ୍ଥଳରେ ପହଁଚି ଥିଲା। ଦୋକାନ ମାଲିକ ତୁରନ୍ତ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ପ୍ରକାଶଥାଉକି ୧୬ ନମ୍ବର ଜାତୀୟ ରାଜପଥରେ ଗତ ୩ ଦିନ ଧରି ବାରମ୍ବାର ଦୁର୍ଘଟଣା ଘଟୁଥିବା ନଜରକୁ ଆସିଛି। ବିଶେଷକରି ପୁଲିସ ପାଟ୍ରୋଲିଂ ଅଭାବରୁ କେତେକ ଚାଳକ ଦ୍ରୁତ ଗତିରେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଉଥିବା କୁହାଯାଉଛି।

# କମିସନରେଟ୍ ପୁଲିସ ପାଇଁ କାମ ପ୍ରବଳ; ଫଳ ଦୁର୍ବଳ

ଭୁବନେଶ୍ୱର, ୬।୯ (ସମିସ): କମିସନରେଟ୍ ପୁଲିସକୁ ଅନ୍ୟ ପୁଲିସ ଜିଲ୍ଲା ମଡ଼େଲ ପୁଲିସ ବୋଲି ଭାବନ୍ତି। କାହିଁକି ନା ଏଠାରେ ଅପରାଧୀଙ୍କୁ ସାବାଡ଼ କରିବା ପାଇଁ ଯେଉଁ ସବୁ ଯୋଜନା ଲାଗୁ କରାଯାଏ ଏହାକୁ ଅନ୍ୟ ପୁଲିସ ଜିଲ୍ଲା ଗ୍ରହଣ କରନ୍ତି। ପୂର୍ବରୁ ମଧ୍ୟ ଅନେକ ଘଟଣା ଏହା ଦେଖିବାକୁ ମିଳିଛି। କିନ୍ତୁ ସବୁ ପରେବି କମିସନରେଟ୍ ପୁଲିସ କେବଳ ଛୋଟ ଛୋଟ ଅପରାଧୀଙ୍କୁ ଧରି ବାଃ ବାଃ ନେଉଥିବା ବେଳେ କାମରେ କିନ୍ତୁ ପୂରା ଦୁର୍ବଳ। କାରଣ ନିକଟରେ ସିସିଟିଏନ୍ଏସ୍ (କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱର୍କ ସିଷ୍ଟମ) ର୍‌ୟାଙ୍କିଙ୍ଗ୍‌ରେ କମିସନରେଟ୍ ପୁଲିସ ଢେର ପଛରେ ପଡ଼ିଛି। ବଡ଼କଥା ହେଲା କନ୍ଧମାଳ ଭଳି ଉପାନ୍ତ ଅଞ୍ଚଳର ଜିଲ୍ଲା ପୁଲିସ କମିସନରେଟ୍ ପୁଲିସକୁ ପଛରେ ପକାଇ ଦେଇଛି। ଅନୁନ୍ନତ ଜିଲ୍ଲାରେ ପୁଲିସ ନିଜର ଦାୟିତ୍ୱ ଠିକ୍ ଢଙ୍ଗରେ କରୁଥିବା ବେଳେ ରାଜଧାନୀ ପୁଲିସ କେବଳ କଥାରେ ବାହସ୍ଫଟ ମାଗୁଥିବା ଏହି ର୍‌ୟାଙ୍କିଂରୁ ସ୍ପଷ୍ଟ ଅନୁମେୟ। ବହୁବାର କମିସନରେଟ୍ ପୁଲିସ ଏକ ନମ୍ବର ହେବାକୁ ସତ ଚେଷ୍ଟା କରିଥିଲେ ମଧ୍ୟ ୧୦ ନମ୍ବର ର୍‌ୟାଙ୍କ୍ ଭିତରକୁ ଆସିପାରିନି। ଯାହାକି ପୁଲିସ ଏକ ପ୍ରକାର କାମ ଠିକ୍ ଢଙ୍ଗରେ କରୁନଥିବା ଜଣାପଡ଼ିଛି। ପୁଲିସ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ନୂଆପଡ଼ା ପୁଲିସ-୧ ନମ୍ବରରେ ଥିବା ବେଳେ ଦୁଇ ନମ୍ବରରେ ଅନୁଗୁଳ ରହିଛି। ସେହିପରି ୩ରେ ନବରଙ୍ଗପୁର ରହିଥିବା ବେଳେ ୪ରେ ରାୟଗଡ଼ା ରହିଛି। ସେହିପରି ୫ ନମ୍ବରରେ ବଲାଙ୍ଗୀର ରହିଥିବା ବେଳେ ୬ରେ କୋରାପୁଟ ରହିଛି। ୭ ନମ୍ବରରେ ମୟୂରଭଞ୍ଜ ରହିଥିବା ବେଳେ ୮ ନମ୍ବରରେ କଳାହାଣ୍ଡି, ୯ ନମ୍ବରରେ ଝାଡ଼ସୁଗୁଡ଼ା, ୧୦ ନମ୍ବରରେ ଗଜପତି ଏବଂ ୧୧ ନମ୍ବରରେ କନ୍ଧମାଳ ରହିଥିବା ବେଳେ ୧୨ରେ ଢେଙ୍କାନାଳ ଏବଂ ୧୩ରେ ଭୁବନେଶ୍ୱର ରହିଛି। ବଡ଼ କଥା ହେଲା କମିସନରେଟ୍ ପୁଲିସର ବିଭିନ୍ନ ଥାନାରେ ଏକାଧିକ ମାନବ ସମ୍ବଳ ରହିଛି। ସିସିଟିଏନ୍ଏସ୍ କାମ କରୁଥିବା ପିଲାଙ୍କୁ ମଧ୍ୟ ଅଧିକ ପ୍ରଶିକ୍ଷଣ ଦିଆଯାଇଛି। ଏତେ ସୁବିଧା ପରେ କମିସନ୍‌ରେଟ୍ ପୁଲିସ ପଛରେ ପଡ଼ିବା ବଡ଼ବାବୁଙ୍କ ପାରିବାପଣିଆ ପଦାରେ ପଡ଼ିଛି।

ସିସିଟିଏନ୍ଏସ୍ ର୍‌ୟାଙ୍କିଙ୍ଗ୍‌ରେ ଭୁବନେଶ୍ୱେର ପଛରେ ପଡ଼ିବାର ଅନେକ କାରଣ ରହିଛି। ଏଠାରେ ଠିକ୍ ଢଙ୍ଗରେ କାମ କରାଯାଉ ନ ଥିବା ଅଭିଯୋଗ ହେଉଛି। ଏଠାରେ ମାମଲା ସଂଖ୍ୟା ଅନ୍ୟ ଜିଲ୍ଲା ଠାରୁ ଅଧିକ ରହୁଥିବା ବେଳେ ମାମଲା କ୍ଲୋଜ୍ ସଂଖ୍ୟା କମ୍ ରହିଛି। ଆହୁରି ମଧ୍ୟ ସମ୍ବେଦନଶୀଳ ମାମଲାକୁ ବଡ଼ ଅଧିକାରୀଙ୍କୁ ସୁପରଭିଜନ କରିବାକୁ ଦାୟିତ୍ୱ ଦିଆଯାଇ ଥାଏ। କିନ୍ତୁ ସେମାନେ ସମୟ ମଧ୍ୟରେ ସୁପରି ଭିଜନ କରିନଥାନ୍ତି। ଫଳରେ ସିସିଟିଏନ୍ଏସ୍ ମାର୍କିଂରେ କମ୍ ଫଳ ପାଇଥାଏ। ସେହିପରି ପଞ୍ଜୀକରଣ ହେଉଥିବା ମାମଲାକୁ ଠିକ୍ ସମୟରେ କ୍ଲୋଜ୍ ନ କରିବା। ଯାହାକି ବର୍ଷ ବର୍ଷ ଧରି ମାମଲା ଥାନାରେ ଗଡ଼ିବା ଏହାର ମୁଖ୍ୟ କାରଣ ରହିଛି। ଏନ୍‌ଡିପିଏସ୍ ମାମଲାରେ ମଧ୍ୟ କମିସନରେଟ୍ ପୁଲିସ ଦୁର୍ବଳ ରହିଛି। ନିଶା ମାଫିଆଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ ନ କରି ପାରିବ କାରଣରୁ ସିସିଟିଏନ୍ଏସ୍‌ରେ ଦିଆଯାଉଥିବା ମାର୍କରେ କମ୍ ପାଉଛି। ଏଥିସହ ସଠିକ୍ ସମୟରେ ମଧ୍ୟ ପୁଲିସ କୋର୍ଟରେ ଚାର୍ଜସିଟ୍ ଦାଖଲ କରିପାରୁନି। ଯେଉଁଥି ପାଇଁ ଅପରାଧୀ ସହଜରେ ଜାମିନ୍‌ରେ ପଳାଇ ଆସୁଛନ୍ତି। ସେହିପରି ଏସ୍‌ସି ଏବଂ ଏସ୍‌ଟି ମାମଲାରେ ତଦନ୍ତ କରି ନ୍ୟାୟ ଦେବାରେ ପୁଲିସ ବିଫଳ ହୋଇଛି। ଅଭିଯୋଗ ହେବା ପରେ ତଦନ୍ତ କରି ନ୍ୟାୟ ଦେବାରେ କମିସନରେଟ୍ ପୁଲିସ ବିଫଳ ହୋଇଛି। କେବଳ ଏତିକି ନୁହେଁ ଅପରାଧୀଙ୍କୁ ଗିରଫ କରିବାରେ ବିଫଳ ହେବା ସହ ଜବତ କରିବାରେ ମଧ୍ୟ ପଛରେ ପଡ଼ିଛି। ଦୁର୍ଘଟଣା ମାମଲାର ତଦନ୍ତ ଶେଷ ନ କରି ଗଡ଼ାଇବା ସହ ଅପମୃତ୍ୟୁ ମାମଲାରେ ମଧ୍ୟ ସଠିକ୍ ସମୟରେ ତଦନ୍ତ ଶେଷ କରି ପାରୁନି। ଯେଉଁଥି ପାଇଁ ଅନ୍ୟ ଜିଲ୍ଲା ପୁଲିସ ଠାରୁ କମିସନରେଟ୍ ପଛରେ ପଡ଼ିଛି।

କମିସନରେଟ୍ ପୁଲିସରେ ଆଜି କ୍ରାଇମ୍ ମିଟିଂ ହୋଇଥିଲା। ଏହି ବୈଠକରେ ସିସିଟିଏନ୍ଏସ୍ ର୍‌ୟାଙ୍କିଙ୍ଗ୍‌ରେ ପଛରେ ପଡ଼ିବାକୁ ନେଇ ଡିସିପି ଥାନା ଅଧିକାରୀମାନଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ। ମାମଲା ଠିକ୍ ଢଙ୍ଗରେ କ୍ଲୋଜ ହେଉଥିବା କୁହାଯାଉଥିବା ବେଳେ କାହିଁ ରାଜଧାନୀ ପୁଲିସ ପଛରେ ପଡ଼ିଲା ତାହାକୁ ନେଇ ତାଗିଦ କରିଥିଲେ। ଅନ୍ୟ ଜିଲ୍ଲା ପୁଲିସ ଭଲ କରୁଥିବା ବେଳେ କାମ କରିଲେ ମଧ୍ୟ କଣ ପାଇଁ ପଛରେ ପଡୁଛୁ ବୋଲି ଡିସିପି ପ୍ରଶ୍ନ କରିଥିଲେ। ଥାନା ଅଧିକାରୀମାନେ ଲ ଆଣ୍ଡ ଅର୍ଡର ଏବଂ ମାନବ ସମ୍ବଳର ବାହାନା ଦେଖାଇଥିଲେ। ହେଲେ ଏହି କଥାକୁ ଡିସିପି ମାନିନଥିଲେ। ତେଣୁ ଆଗାମି ଦିନରେ ସିସିଟିଏନ୍ଏସ୍ ର୍‌ୟାଙ୍କିଙ୍ଗ୍‌ରେ ଟପ୍ ୫ରେ କିଭଳି ରହିହେବ ସେନେଇ ନିର୍ଦ୍ଦେଶ ଦେଇଛନ୍ତି।

- ର୍‌ୟାଙ୍କିଙ୍ଗରେ ରାଜଧାନୀକୁ ପଛରେ ପକାଇଲା କନ୍ଧମାଳ
- ସିସିଟିଏନ୍ଏସ୍ ର୍‌ୟାଙ୍କିଙ୍ଗ୍; ଶ୍ରେଷ୍ଠ ୧୦ ଭିତରେ ଭୁବନେଶ୍ୱର
- ଆଇନଶୃଙ୍ଖଳା ବାହାନା ଦେଖାଇ ଖସି ଯାଉଛନ୍ତି ଅଧିକାରୀ
- ସରୁନି ତଦନ୍ତ, ଗଡୁଛି ମାମଲା; ଥାନା ଅଧିକାରୀଙ୍କୁ ଡିସିପିଙ୍କ ତାଗିଦ

# ଗୋପାଳପୁର ବେଳାଭୂମି ଗଣ ଦୁଷ୍କର୍ମ ମାମଲା; ସୋମବାର ଚାର୍ଜଫ୍ରେମ୍

ବ୍ରହ୍ମପୁର,୬।୯ (ସମିସ): ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ମାମଲାର କମିଟ୍‌ମେଣ୍ଟ୍ ପରେ ବିଚାରଣା ପାଇଁ ଜିଲ୍ଲା ଦୌରାଜଜ୍ କୋର୍ଟକୁ ସ୍ଥାନାନ୍ତର ହୋଇଛି। ଏହି କୋର୍ଟରେ ଆସନ୍ତା ସୋମବାର ଉକ୍ତ ମାମଲାର ଚାର୍ଜଫ୍ରେମ ହେବ ବୋଲି ଜଣାପଡିଛି। ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିରେ ଗତ ଜୁନ୍ ୧୫ ସନ୍ଧ୍ୟାରେ ଜଣେ ଯୁକ୍ତତିନି ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣଦୁଷ୍କର୍ମ ହୋଇଥିଲା। ଏହି ଘଟଣାରେ ଗୋପାଳପୁର ଥାନା ପୁଲିସ ୬ଜଣଙ୍କୁ ଧରିଥିଲା। ସେମାନେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ହୁଣ୍ଡତ ଗ୍ରାମର ପ୍ରମୋଦ ନାୟକ, ହିଞ୍ଜିଳିକାଟୁ ଥାନା ବୁରୁପଡ଼ାର ବାବୁରାମ ଦଳାଇ, ପାଟପୁର ଥାନା ବେଲଗାଁର କୁନାଲ ପ୍ରଧାନ, ହିଞ୍ଜିଳିକାଟୁ ଥାନା ସିକିରିର ଓମ୍ ପ୍ରଧାନ, ବୁରୁପଡ଼ାର ଲକ୍ଷ୍ମଣ ପ୍ରଧାନ ଓ ଦୀପକ ତରାଇ। ପରବର୍ତ୍ତୀ ସମୟରେ ପୁଲିସ ଅନ୍ୟ ୪ଜଣ ନାବାଳକଙ୍କୁ ମଧ୍ୟ କାବୁ କରିଥିଲା। ୧୭ ତାରିଖରେ ରାଜ୍ୟ ସରକାର ଏହାର ତଦନ୍ତଭାର କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମ୍‌ବ୍ରାଞ୍ଚ ଆଇଜି ଏସ୍. ସାଇନିଙ୍କ ନେତୃତ୍ୱରେ ଏକ ଟିମ୍ ଗୋପାଳପୁରରେ କ୍ୟାମ୍ପ୍ କରି ତଦନ୍ତ କରିଥିଲା। କ୍ରାଇମ୍‌ବ୍ରାଞ୍ଚ ୫ଜଣ ଯୁବକ ଓ ୪ଜଣ ନାବାଳକଙ୍କ ବିରୋଧରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଛି। ଓଁମ୍ ପ୍ରଧାନ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇନାହିଁ। ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) କୋର୍ଟରେ ୫ଜଣ ଅଭିଯୁକ୍ତଙ୍କ ନାମରେ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ଜୁଭେନାଇଲ୍ ଜଷ୍ଟିସ୍ ବୋଡର୍ (ଜେଜେବି) ନିକଟରେ ୪ଜଣ ନାବାଳକଙ୍କ ନାମରେ ଚାର୍ଜସିଟ୍ ଦାଖଲ ହୋଇଥିଲା। ଗତ କିଛି ପୂର୍ବେ କୋର୍ଟ ଅଭିଯୁକ୍ତ ଓଁମର ଜାମିନ ଖାରଜ୍ କରିଥିଲେ।

# ମଲ୍‌ରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ବ୍ରହ୍ମପୁର,୬।୯ (ସମିସ): ରାମଲିଙ୍ଗମ ପାର୍କ ନିକଟରେ ଥିବା ଷ୍ଟାଇଲ୍ ବଜାର ନାମକ ଏକ ମଲ୍‌ରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ନେଇ ଜଣେ କର୍ମଚାରୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ପ୍ରକାଶ ଯେ, ଷ୍ଟାଇଲ ବଜାର ନାମକ ଏକ ମଲ ଖୋଲିବାର କିଛିଦିନ ପରେ କୌଣସି କାରଣରୁ ବନ୍ଦ ହୋଇ ଯାଇଥିଲା। ହେଲେ ଗତ ଗୁରୁବାର ଉକ୍ତ ମଲ୍‌ରୁ ଚୋରି ହୋଇଥିବା କର୍ମଚାରୀ ରାକେଶ ଚନ୍ଦ୍ର ପାଣିଗ୍ରାହୀ ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଥିଲେ। ଦୁଇଟି ମନିଟର, ଏସିର ତମ୍ବା ପାଇପ, ବାଥରୁମ ଖଞ୍ଜାଯାଇଥିବା ଟ୍ୟାପ୍, ବହୁ ପରିମାଣର ଦାମୀ ଡ୍ରେସ୍ ଚୋରି ସହ ଅନେକ ସାମଗ୍ରୀ ଭାଙ୍ଗି ଦେଇଛନ୍ତି ଦୁର୍ବୃତ୍ତ। ପୁଲିସ ଅଞ୍ଚଳରେ ଲାଗିଥିବା ସିସିଟିଭିକୁ ଆଧାର କରି ତଦନ୍ତ ଜାରି ରଖିଛି।

# ଯୁବ ଆଇନଜୀବୀଙ୍କୁ ମେଧାବୃତ୍ତି ଘୋଷଣା ଦାବି

ବ୍ରହ୍ମପୁର,୬।୯ (ସମିସ): ଯୁବ ଆଇନଜୀବୀମାନଙ୍କୁ ମାଜିଷ୍ଟ୍ରେଟ ପରୀକ୍ଷା ପ୍ରସ୍ତୁତି ନିମନ୍ତେ ୩ବର୍ଷ ପର୍ଯ୍ୟନ୍ତ ବାର୍ଷିକ ୩୦ହଜାର ଟଙ୍କା ମେଧାବୃତ୍ତି ଘୋଷଣା କରିବାକୁ ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ଦାବି କରିଛନ୍ତି। ଓଡିଶାର ସୁନାମଧନ୍ୟ ଭାଷାବିତ ବାରିଷ୍ଟର ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ନାମରେ ଏହି ମେଧାବୃତ୍ତି ଘୋଷଣା କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି। ଉଚ୍ଚତମ ନ୍ୟାୟାଳୟ ଘୋଷଣାନାମା ଅନୁଯାୟୀ ଆଇନ ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଆଇନ ଛାତ୍ରଛାତ୍ରୀ ତିନିବର୍ଷ ପର୍ଯ୍ୟନ୍ତ ପେଶାଦାର ଭାବରେ ଓକିଲାତି ନ କରିଲେ ସେମାନେ ମାଜିଷ୍ଟ୍ରେଟ ପରୀକ୍ଷା ଦେଇପାରିବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ବହୁ ଯୁବ ମେଧା ଆଇନଜୀବୀମାନେ ମାଜିଷ୍ଟ୍ରେଟ ହେବାକୁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି। ରାଜ୍ୟ ସରକାର ଉଚ୍ଚଶିକ୍ଷା ଛାତ୍ରଛାତ୍ରୀଙ୍କ ପାଇଁ ମେଧାବୃତ୍ତିର ବ୍ୟବସ୍ଥା କରିଥିବା ବେଳେ ଯୁବ ମେଧା ଆଇନଜୀବୀଙ୍କ ପାଇଁ କୌଣସି ପ୍ରକାର ମେଧାବୃତ୍ତି ଘୋଷଣା କରିନାହାନ୍ତି। କିନ୍ତୁ ଆର୍ଥିକ ସ୍ୱଚ୍ଛଳ ପରିବାର ବର୍ଗରୁ ଆସିନଥିବା ଯୁବ ମେଧା ଆଇନଜୀବୀଙ୍କ ପାଇଁ ମାଜିଷ୍ଟ୍ରେଟ ପ୍ରସ୍ତୁତି ହେବା ସକାଶେ କିଛି ମେଧାବୃତ୍ତି ଘୋଷଣା କରିବାକୁ ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ ଇ-ମେଲ ଯୋଗେ ଦାବି ଜଣାଇଛନ୍ତି।

## ଗ୍ରାଉଣ୍ଡ ଜିରୋରେ 'ଅନ୍ ଦି ସ୍ପଟ୍ ଫୈସଲା' କରିବ ବିଏମ୍‌ସି

# ୱାର୍ଡୱାରୀ ପରିକ୍ରମା ଆରମ୍ଭ; ପରିଦର୍ଶନ କଲେ ବରିଷ୍ଠ ଅଧିକାରୀ

ବ୍ରହ୍ମପୁର,୬।୯ (ସମିସ): ଏଣିକି ନିଜ ଅଞ୍ଚଳର ଅଥବା ବ୍ୟକ୍ତିଗତ ସମସ୍ୟାର ସମାଧାନ ପାଇଁ ଲୋକଙ୍କୁ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡିବନାହିଁ। ବରଂ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଖୋଦ୍ ବିଇଏମସି ଲୋକଙ୍କ ନିକଟକୁ ଯିବ। ଘର ପାଖରେ ପହଞ୍ଚି ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବ। ଏହି ପାଇଁ ଗତ ଅଗଷ୍ଟ ମାସରେ ଆରମ୍ଭ ହୋଇଥିବା ଅଭିଯାନ ସ୍ୱାୟତ୍ତ ଶାସନ ଦିବସ ପାଳନ ଓ ପଞ୍ଚାୟତସ୍ତରୀୟ ଜନଶୁଣାଣି ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା। ବର୍ତ୍ତମାନ ଏହି ଅଭିଯାନକୁ ପୁନଃ ଆରମ୍ଭ କରି ତ୍ୱରାନ୍ୱିତ କରିବାକୁ ପଦକ୍ଷେପ ନେଇଛନ୍ତି ବିଇଏମସି କର୍ତ୍ତୃପକ୍ଷ। ଦୈନିକ ଅନ୍ତତଃ ଦୁଇଟି ୱାର୍ଡ ପରିଦର୍ଶନ କରି ଲୋକଙ୍କ ଠାରୁ ସେମାନଙ୍କର ସମସ୍ୟା ଶୁଣି ଗ୍ରାଉଣ୍ଡ ଜିରୋରେ 'ଫୈସଲା ଅନ ଦି ସ୍ପଟ୍' କରିବାକୁ ବାହାରିଛନ୍ତି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଓ ଟିମ୍। ଏଥିପାଇଁ ସହରର ସମସ୍ତ ୱାର୍ଡର କର୍ପୋରେଟର ଓ ନିଗମର ସମସ୍ତ ଅଧିକାରୀଙ୍କୁ ସାମିଲ କରାଯାଇଛି।



**ପ୍ରଥମ ଦିନରେ ୯ ଓ ୧୫ନମ୍ବର ୱାର୍ଡ ବୁଲିଲେ**

**ଅକ୍ଟୋବର ପ୍ରଥମ ସପ୍ତାହ ସୁଦ୍ଧା ସରିବ ଅଭିଯାନ**

ଗତ ଅଗଷ୍ଟ ୧୬ରେ ଆରମ୍ଭ ହୋଇଥିବା ଅଭିଯାନର ପ୍ରଥମ ଦିନରେ ୫ ଓ ୮ୱାର୍ଡ ଏବଂ ଦ୍ୱିତୀୟ ଦିନରେ ୧ ଓ ୨ନମ୍ବର ୱାର୍ଡ ପରିକ୍ରମା କରିଥିଲେ ବିଇଏମସି ଅଧିକାରୀ। ବିଭିନ୍ନ କାରଣରୁ ସ୍ଥଗିତ ଥିବା ଏହି ୱାର୍ଡ ପରିକ୍ରମା ଅଭିଯାନକୁ ପୁନଃ ଆରମ୍ଭ କରାଯାଇଛି। ଶନିବାର ପୂର୍ବାହ୍ନରେ କମିଶନରଙ୍କ ନିର୍ଦ୍ଦେଶ କ୍ରମେ ବିଇଏମସି ଟିମ ୯ ଓ ୧୫ ଭଳି ଦୁଇଟି ୱାର୍ଡ ଗସ୍ତ କରି ସ୍ଥାନୀୟ କର୍ପୋରେଟରଙ୍କ ଉପସ୍ଥିତିରେ ଲୋକଙ୍କ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ। ବିଇଏମସିର ଏଭଳି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି।

ରବିବାର ସହରର ୧୦ ଓ ୧୧ନମ୍ବର ୱାର୍ଡ ଗସ୍ତରେ ଯିବ ବିଇଏମସିର ସ୍ୱତନ୍ତ୍ର ଟିମ୍। ପ୍ରତ୍ୟେକ ଦିନ ପାଇଁ ଅଧିକାରୀ ଓ ସେମାନଙ୍କ ଟିମ ଗଠିତ କରାଯାଇଛି। ଆସନ୍ତା ଅକ୍ଟୋବର ପ୍ରଥମ ସପ୍ତାହ ସୁଦ୍ଧା ଏହି ଅଭିଯାନକୁ ଶେଷ କରିବା ଲକ୍ଷ୍ୟ ରଖି ପ୍ରତ୍ୟେକ ଦିନ ପୂର୍ବାହ୍ନରେ ନିର୍ଦ୍ଧାରିତ ୱାର୍ଡ ପରିଦର୍ଶନ କରିବ ବିଇଏମସି ଟିମ। ଅଭିଯାନରେ ମୁଖ୍ୟତଃ ପରିମଳ, ସ୍ୱଚ୍ଛତା, ଭିତ୍ତିଭୂମିର ବିକାଶ ସହିତ ନାଗରିକଙ୍କ ମୌଳିକ ସୁବିଧା ଉପରେ ଗୁରୁତ୍ୱ ଦିଆଯିବ। ବିଭିନ୍ନ ଅଞ୍ଚଳର ରାସ୍ତାଘାଟ, ନାଳନର୍ଦ୍ଦମା, ପାର୍କ ଓ ଉଦ୍ୟାନ, ଭେଣ୍ଡିଂ ଜୋନ, କଲ୍ୟାଣ ମଣ୍ଡପ ଓ ଶୌଚାଳୟ ଗୁଡିକର ନିରୀକ୍ଷଣ ଓ ବ୍ୟବହାର ଉପଯୋଗୀ କରିବା ଉପରେ ଧ୍ୟାନ ଦିଆଯିବ।

ଜନସାଧାରଣଙ୍କଠାରୁ ସମସ୍ୟା ଶୁଣି ସମାଧାନ କରିବାକୁ ଚେଷ୍ଟା କରାଯିବ। ଏହି କାର୍ଯ୍ୟକ୍ରମ ବା ଅଭିଯାନରେ ନିଜେ କମିଶନରଙ୍କ ସମେତ ନିଗମର ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ କର୍ପୋରେଟରମାନେ ସାମିଲ ହେବେ। ଅଭିଯାନକୁ ସଫଳ କରିବାକୁ ପ୍ରତ୍ୟେକ ସହରବାସୀଙ୍କୁ ସକ୍ରିୟ ସାମିଲ ହେବାକୁ ନିଗମ ପକ୍ଷରୁ ଆହ୍ୱାନ ଦିଆଯାଇଛି। ସ୍ଥାନୀୟ କର୍ପୋରେଟରମାନଙ୍କୁ ସମିଲ କରି ଅଞ୍ଚଳର ସମସ୍ୟାଗୁଡିକର ସ୍ଥାୟୀ ତଥା ତ୍ୱରିତ ସମାଧାନ ଜରିଆରେ ଲୋକସମ୍ପର୍କ ସୁଦୃଢ କରିବା ଅନ୍ୟତମ ଲକ୍ଷ୍ୟ ବୋଲି କହିଛନ୍ତି ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ।

## ଗ୍ରହଣ ବେଳେ ସଞ୍ଜମତା ପାଇଁ ହେତୁବାଦୀଙ୍କୁ ହିନ୍ଦୁ ସଂଗଠନର ପରାମର୍ଶ

# ଆଧ୍ୟାତ୍ମିକ ପରିବେଶ ନଷ୍ଟ କଲେ 'ହନୁମାନ ପ୍ରସାଦ'

ବ୍ରହ୍ମପୁର,୬।୯ (ସମିସ): ରବିବାର ଗୋଟିଏ ଦିନରେ ପଡିଛି ଭାଦ୍ରବ ପୂର୍ଣ୍ଣିମା, ଭାଗବତ ଜନ୍ମ ତିଥି ସହିତ ଚନ୍ଦ୍ର ଗ୍ରହଣ। ଏଣୁ ଏକକାଳୀନ ଗୋଟିଏ ଦିନରେ ଏସବୁ ପଡିଥିବାରୁ ଏହି ଦିନର ଗୁରୁତ୍ୱ ଓ ମହତ୍ୱ ଅଧିକ ରହିଥିବା ବିଭିନ୍ନ ହିନ୍ଦୁ ସଂଗଠନ ଦାବି କରିଛନ୍ତି। ତେବେ ସୂର୍ଯ୍ୟପରାଗ ହେଉ ଅଥବା ଚନ୍ଦ୍ର ଗ୍ରହଣ। ଏହି ଦିନରେ ପରମ୍ପରା ଓ ବିଭିନ୍ନ କାରଣରୁ ନିର୍ଦ୍ଧାରିତ ସମୟ ପୂର୍ବରୁ ପାକତ୍ୟାଗ ବା ହାଣ୍ଡି ଛାଡିବାକୁ ପରାମର୍ଶ ଦିଆଯାଇଥାଏ। ତେବେ ବୈଜ୍ଞାନିକ ଯୁଗରେ ଏଭଳି ନୀତିନିୟମର କୌଣସି ମୂଲ୍ୟ ନଥିବା ଦର୍ଶାଇ ହେତୁବାଦୀ ସଂଗଠନମାନଙ୍କ ପକ୍ଷରୁ ସର୍ବସାଧାରଣରେ ଖାଦ୍ୟ ପରସା ଯାଇଥାଏ। ଏଭଳି ଅନେକ ନଜିର ମଧ୍ୟ ରହିଛି। ତେବେ ବିଭିନ୍ନ ସମୟରେ ହେତୁବାସୀଙ୍କ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ବିଭିନ୍ନ ହିନ୍ଦୁ ସଂଗଠନ ବିରୋଧ ମଧ୍ୟ କରିଛନ୍ତି। ଏଭଳି ସ୍ଥିତିରେ ଆସନ୍ତାକାଲି ଅର୍ଥାତ୍ ରବିବାର ଚନ୍ଦ୍ର ଗ୍ରହଣ ବେଳେ ଭାଦ୍ରବ ପୂର୍ଣ୍ଣିମା ଓ ଭାଗବତ ଜନ୍ମ ହୋଇଥିବାରୁ ଏହି ଦିନରେ ଏଭଳି କିଛି ବି ଅସାମାଜିକ ଅଥବା ବିଧର୍ମୀ କାର୍ଯ୍ୟକଳାପରୁ ଦୂରେଇ ରହିବାକୁ ଗଞ୍ଜାମ ହିନ୍ଦୁ ମଞ୍ଚ ପକ୍ଷରୁ ହେତୁବାଦୀ ସଂଗଠନଙ୍କୁ ପରାମର୍ଶ ଦିଆଯାଇଛି। ଗଞ୍ଜାମ ହିନ୍ଦୁ ମଞ୍ଚ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମଞ୍ଚର ସଭାପତି ତଥା ଆଇନଜୀବୀ ସୂର୍ଯ୍ୟନାରାୟଣ ଚୌଧୁରୀ ଏହି ଆହ୍ୱାନ ଦେଇଛନ୍ତି। ଏଥିରେ ଖିଲାପ କଲେ ଅଥବା ଲୋକଙ୍କୁ ଭ୍ରମିତ କରିବାକୁ ଅପଚେଷ୍ଟା କଲେ ବାଧ ହୋଇ ହନୁମାନ ପ୍ରସାଦ ଦିଆଯିବ ବୋଲି ସ୍ପଷ୍ଟ କରିଛନ୍ତି। ଶାନ୍ତିପୂର୍ଣ୍ଣ ବାତାବାରଣରେ ରବିବାର ଦିନକୁ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ ହେଁ ବିଧର୍ମୀଙ୍କ ପାଇଁ ଉଦ୍ଦିଷ୍ଟ 'ହନୁମାନ ପ୍ରସାଦ' କଣ ତାହା ସେ ସ୍ପଷ୍ଟ କରିନାହାନ୍ତି। ଗଞ୍ଜାମ ହିନ୍ଦୁ ମଞ୍ଚ ସହିତ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ଭଳି ଅନ୍ୟାନ୍ୟ ହିନ୍ଦୁ ସଙ୍ଗଠନମାନେ ଏଥିରେ ସାମିଲ ଥିବା ସେ ସୂଚନା ଦେଇଛନ୍ତି।



# ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ମେୟରଙ୍କ ସହ ଆଲୋଚନା



ବ୍ରହ୍ମପୁର,୬।୯ (ସମିସ): ସହରର ବିଭିନ୍ନ ବ୍ୟବସାୟିକ ଅନୁଷ୍ଠାନରେ ଓଡ଼ିଆ ନାମଫଳକ ବ୍ୟବହାର ନେଇ ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ବିଇଏମସି ମେୟର ସଂଘମିତ୍ରା ଦଳେଇଙ୍କ ସହ ଆଲୋଚନା କରାଯାଇଛି। ଓଡ଼ିଆ ନାମଫଳକ ପାଇଁ ମହାନଗର ନିଗମ ପକ୍ଷରୁ ଜାରି ହୋଇଥିବା ବିଜ୍ଞାପନକୁ ନେଇ ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ଧନ୍ୟବାଦ ଦିଆଯାଇଥିଲା। ବିଭିନ୍ନ ଅନୁଷ୍ଠାନ ଗୁଡ଼ିକରେ ଓଡ଼ିଆ ନାମଫଳକ ବ୍ୟବହାର ହୋଉଛି ନା ନାହିଁ। ତାହାର ତଦାରଖ ନିମନ୍ତେ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ସମୀକ୍ଷା, ବ୍ରହ୍ମପୁର ଆସୁଥିବା ଯାନବାହନ ଗୁଡିକର ନାମଫଳକ ଓଡ଼ିଆରେ ଲେଖିବା, ହୋଟେଲ ଓ ଦୋକାନର ଦର ତାଲିକା ଓଡ଼ିଆରେ ଲେଖିବା ପାଇଁ ପଦକ୍ଷେପ ନେବା ପାଇଁ ଦାବି ପତ୍ର ପ୍ରଦାନ କରାଯାଇଛି। ଆଲୋଚନା ବେଳେ ୨୦ନମ୍ବର ୱାର୍ଡ କର୍ପୋରେଟର ରଞ୍ଜିତା ବେହେରା ଓ ୩୭ ନମ୍ବର ୱାର୍ଡ କର୍ପୋରେଟର ବନିତା ସାହୁଙ୍କ ଉପସ୍ଥିତି ଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା ଆନ୍ଦୋଳନର ସଭାପତି ତ୍ରିନାଥ ମହାରଣା, ସମ୍ପାଦକ ଶିକ୍ଷାବିତ୍ ହରେକୃଷ୍ଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ସିମାଞ୍ଚଳ ପତି ଓ ଉପଦେଷ୍ଟା ଡ଼. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହାପୁରୁଷ ମହମ୍ମଦ୍‌ଙ୍କ ଜନ୍ମବାର୍ଷିକୀ ପାଳିତ



ବ୍ରହ୍ମପୁର,୬।୯ (ସମିସ): ମହାପୁରୁଷ ମହମ୍ମଦଙ୍କ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ମୁସଲିମ ସମ୍ପ୍ରଦାୟ ପକ୍ଷରୁ ସକାଳେ ଜାମିଆ ମସଜିଦ୍ ଠାରୁ ପ୍ରଜ୍ଞାପନ ମେଡ଼ ମକ୍‌କା ମଦିନା, ଇସ୍‌ଲାମିକ୍ ଓ ଜାତୀୟ ପତାକା ଉତ୍ତୋଳନ କରାଯାଇ ସଦ୍‌ଭାବନା ଶୋଭାଯାତ୍ରା ବାହାରିଥିଲା। ଏହା ଦଲୁଆ ସାହି, ପୁରୁଣା ବସ୍‌ଷ୍ଟାଣ୍ଡ, ଚର୍ଚ୍ଚରୋଡ଼, ପିଭିଏନ୍ ପେଟ୍ରୋଲ ପମ୍ପ, ଟେଲିଫୋନ୍ ଭବନ ରୋଡ଼, ଫାୟାରଷ୍ଟେସନ୍, ଅର୍ବାନ ବ୍ୟାଙ୍କ ରୋଡ, ଗିରି ମାର୍କେଟ, ଆସିକା ରୋଡ୍ ହୋଇ ଖାଜା ସାହି ସଭା ସ୍ଥଳରେ ପହଞ୍ଚିଥିଲେ। ସଭାସ୍ଥଳରେ ଜାମିଆ ମସଜିଦ୍ ଇମାମ ମେହରାଜ ଆଲମଙ୍କ ଦ୍ୱାରା ପ୍ରବଚନ ଓ ଆଶୀର୍ବାଦ ପ୍ରେରଣ କରାଯାଇଥିଲା। ସନ୍ଧ୍ୟା ୮.୩୦ ସମୟରେ ଭଦ୍ରକରୁ ଆସିଥିବା ଅଲ୍ ଇଣ୍ଡିଆ ତବଲୀଗେ ସୀରତର ପ୍ରବଚକ ଏବଂ ସମଗ୍ର ଜିଲ୍ଲାର ମସଜିଦ୍ ଇମାମମାନେ ଉକ୍ତ ସଭାରେ ଯୋଗ ଦେଇଥିଲେ। ଇଦ୍‌ମିଲାଜୁନ୍ ନାବି ସଭାପତି ଆମିଲ ବେଗ୍, ଉପସଭାପତି ମହମ୍ମଦ ଇରଫାନ୍ ଅଲି ଖାନ୍, ସମ୍ପାଦକ ଶାକିର ବେଗ୍, ସହ ସମ୍ପାଦକ ସୁ ହେଲ ବେଗ୍, ଜାମିଆ ମସଜିଦ୍ର ସଭାପତି ଫାଇଜୁଲା ଖାନ, ଉପସଭାପତି ଇଲିୟାସ ଅହମ୍ମଦ ଖାନ, ସାଧାରଣ ସମ୍ପାଦକ ମହମ୍ମଦ ଇବ୍ରାହିମ୍ ଖାନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିବା' ବେଳେ ସମ୍ପ୍ରଦାୟର ବହୁ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# 'ସେବା ପକ୍ଷ' ପାଳନ କରିବ ଜିଲ୍ଲା ବିଜେପି

ବ୍ରହ୍ମପୁର,୬।୯ (ସମିସ): ଗିରିରୋଡ଼ ସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ତଥା ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ସରୋଜ ସାବତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବାଣିଜ୍ୟ, ପରିବହନ,ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ରାଷ୍ଟ୍ରୀୟ ପରିଷଦ ସଭ୍ୟ କାହ୍ନୁ ଚରଣ ପତି, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଓ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ଜନତା ପାର୍ଟି ପକ୍ଷରୁ "ସେବା ପକ୍ଷ" ପାଳନ ପାଇଁ ନିଷ୍ପତି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ଏହି ସେବା ପକ୍ଷ ପାଳନ କରାଯିବ ବୋଲି ଏଠାରେ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ବିଜେପି ନେତା ସୁରେଶ ପାଢ଼ୀ, ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ପ୍ରଶାନ୍ତ ନାୟକ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ସିଦ୍ଧାନ୍ତ ଗଙ୍ଗଦେବ, ପରେଶ ରଥ ଉପସ୍ଥିତ ଥିଲେ।

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର,୬।୯ (ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ପୋସ୍ ଆକ୍ଟ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମଟିରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ମନୋଜ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବକ୍ତା ବରିଷ୍ଠ ଆଇନଜୀବୀ ଅଞ୍ଜଳି ଦାଶ ଯୋଗଦେଇ 'ପୋସ୍ ଆକ୍ଟର ଆଇନଗତ ଦିଗ' ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ନିୟମ କେଉଁ କ୍ଷେତ୍ରରେ ଲାଗୁ ହେବ ଏ ସମ୍ପର୍କିତ ବିଭିନ୍ନ ନିୟମର ତର୍ଜମା କରି ଉଭୟ ଛାତ୍ରଛାତ୍ରୀଙ୍କୁ ନିଜ ବ୍ୟବହାରରେ ଶ୍ଳୀଳତା ରକ୍ଷାକରି ସଂଜତ ଓ ଶୃଙ୍ଖଳିତ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଡ. ମନୋରଞ୍ଜନ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇସିସିର ଅଧ୍ୟକ୍ଷା ଡ. ଉଷାରାଣୀ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ।



## ୪ର୍ଥ ଟିଚର୍ସ କପ୍ ହ୍ୟାଣ୍ଡବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବାଳକ ବର୍ଗରେ ବ୍ରହ୍ମପୁର ଆଇରନ୍ ମ୍ୟାନ୍ ଓ ବାଳିକାରେ ଥଣ୍ଡର ବୋଲ୍ଟ ଚାମ୍ପିଅନ୍





ବ୍ରହ୍ମପୁର,୬।୯ (ସମିସ): ଗୁରୁଦିବସ ଅବସରରେ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ୍ ସଂଘ ପକ୍ଷରୁ ଆୟୋଜିତ ୪ର୍ଥ ଟିଚର୍ସ କପ୍ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ବାଳକ ବିଭାଗରେ ୬ଟି ଓ ବାଳିକା ବିଭାଗରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସରେ ଅନୁଷ୍ଠିତ ଉଭୟ ବାଳିକା ଓ ବାଳକ ବର୍ଗର ଫାଇନାଲ ମ୍ୟାଚ ଯଥାକ୍ରମେ ଥଣ୍ଡର ବୋଲ୍ଟ ଓ ଗୋଲଡେନ୍ ଗାର୍ଲ ଏବଂ ବ୍ରହ୍ମପୁର ଆଇରନ୍ ମ୍ୟାନ ଓ ପାନ୍ଥର୍ସ ଦଳ ମଧ୍ୟରେ ମୁକାବିଲା ହୋଇଥିଲା। ବାଳକ ବିଭାଗରେ ପାନ୍ଥର୍ସ ଦଳକୁ ଗୋଟିଏ ଗୋଲ ବ୍ୟବଧାନରେ ପରାସ୍ତ କରି ବ୍ରହ୍ମପୁର ଆଇରନ ମ୍ୟାନ ଚାମ୍ପିଅନ୍ ହୋଇଥିବାବେଳେ ବାଳିକା ବିଭାଗ ଫାଇନାଲ୍‌ରେ ଗୋଲଡେନ୍ ଗାର୍ଲ ଦଳକୁ ପରାସ୍ତ କରି ଥଣ୍ଡର ବୋଲ୍ଟ ଦଳ ଚାମ୍ପିଅନ ହୋଇଛି।

ପବିତ୍ର ଗୁରୁଦିବସ ଅବସରରେ ଖେଳାଳି ଓ ପ୍ରଶିକ୍ଷକଙ୍କ ମଧ୍ୟରେ ସୁସମ୍ପର୍କ ଓ ଏହାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘ ପକ୍ଷରୁ କ୍ରମାଗତ ଭାବେ ୪ର୍ଥ ବର୍ଷ ପାଇଁ ଏଭଳି ଟିଚର୍ସ କପ୍ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଉଛି। ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଶ୍ରେଷ୍ଠ ସଙ୍ଗଠକ ଭାବେ ଜାତୀୟ ଖେଳାଳୀ ଅବିନାଶ ମାଢୀଙ୍କ ସମେତ ଯୁବ ଆଇନଜୀବୀ ସୂର୍ଯ୍ୟନାରାୟଣ ଚୌଧୁରୀ ଓ ଡାକ୍ତର ଦେବଜାନୀ ଦେଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଖଲ୍ଲିକୋଟ ମହାବିଦ୍ୟାଳୟର ପୂର୍ବତନ କ୍ରୀଡ଼ା ସମ୍ପାଦକ ଚନ୍ଦ୍ରମଣି ଘଡ଼େଇଙ୍କୁ ମଧ୍ୟ ସଂଘ ପକ୍ଷରୁ ଅତିଥିଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ବାଳିକା ବିଭାଗରେ ଶ୍ରେଷ୍ଠ ଖେଳାଳି ଭାବେ ବର୍ଷା ବେହେରା, ଶ୍ରେଷ୍ଠ ଗୋଲରକ୍ଷକ ଭାବେ ସଞ୍ଜନା ସ୍ୱାଇଁ ଓ ଏମର୍ଜିଂ ଖେଳାଳି ଭାବେ ଥାଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**● 'ବର୍ଷା' ଓ 'ଅକ୍ଷୟ' ଶ୍ରେଷ୍ଠ ଖେଳାଳି, 'ସଞ୍ଜନା' ଓ 'ଇଶ୍ୱର' ଶ୍ରେଷ୍ଠ ଗୋଲ୍‌ରକ୍ଷକ**

ସେହିଭଳି ବାଳକ ବିଭାଗରେ ଅକ୍ଷୟ ପୁଜାରୀଙ୍କୁ ଶ୍ରେଷ୍ଠ ଖେଳାଳି, ଇଶ୍ୱର ରାଓଙ୍କୁ ଶ୍ରେଷ୍ଠ ଗୋଲରକ୍ଷକ, ଏମର୍ଜିଂ ଖେଳାଳି ଭାବେ ବିଶାଲ ବାରିକ ଓ ରାଇଜିଂ ଷ୍ଟାର ଭାବେ ଉଜ୍ଜ୍ୱଳ ସ୍ୱାଇଁଙ୍କୁ ମେୟର ସଂଘମିତ୍ରା ଦଳେଇ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଆୟୋଜକ ଗଞ୍ଜାମ ଜିଲ୍ଲା ହ୍ୟାଣ୍ଡବଲ ସଂଘର କାର୍ଯ୍ୟକାରୀ ସଭାପତି ତଥା ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢୀ, ସାଙ୍ଗଠନିକ ସମ୍ପାଦକ ଶକ୍ତିଧର ରାଜଗୁରୁ, ଉପ ସଭାପତି ରାଜେଶ କୁମାର ସାହୁ, କୋଷାଧ୍ୟକ୍ଷ ଡାକ୍ତର ମନୋଜ ପାତ୍ରଙ୍କ ସମେତ ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥ ମଞ୍ଚାସିନ ଥିଲେ।

## ହତ୍ୟା ଉଦ୍ୟମ ମାମଲା

# ସାନଖେମୁଣ୍ଡି ବିଧାୟକ କୋର୍ଟରେ ହାଜର



ବ୍ରହ୍ମପୁର,୬।୯ (ସମିସ): ୨୦୧୬ର ଏକ ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତ ଥିବା ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଶନିବାର ବ୍ରହ୍ମପୁର କୋର୍ଟରେ ହାଜର ହୋଇଥିଲେ। କୋର୍ଟରେ ଆଜି ତାଙ୍କ ବୟାନ ରେକର୍ଡ ହୋଇଥିଲା। ସୂଚନାଥାଉକି, ୨୦୧୬ରେ ରମେଶ ଜେନାଙ୍କ ନାମରେ ପାଟପୁର ଥାନାରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିଲା। ସେହି ସମୟରେ ଶ୍ରୀ ଜେନା ଜେଲରେ ଥିଲେ। ଏହି ହତ୍ୟା ଉଦ୍ୟମ ମାମଲା ରୁଜୁ ପରେ ପୁଲିସ ରିମାଣ୍ଡ ଲଗାଇଥିଲା। ଏହି ଘଟଣାର ତଦନ୍ତ କରି ପାଟପୁର ଥାନାର ତତ୍କାଳୀନ ଥାନା ଅଧିକାରୀ ଅଜୟ ବାରିକ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଉକ୍ତ ମାମଲାର ବିଚାରଣା ବ୍ରହ୍ମପୁର କୋର୍ଟରେ ଚାଲୁ ରହିଥିବା ବେଳେ ଆଜି ଶ୍ରୀ ଜେନା କୋର୍ଟରେ ହାଜର ହୋଇ ନିଜ ବୟାନ ଦେଇଥିଲେ। ରମେଶଙ୍କ ପକ୍ଷରୁ ଆଇନଜୀବୀ କିଶୋର ବିଷୋୟୀ, ନିର୍ମଳ ସାହୁ ଓ ସରୋଜ ଗୌଡ ମୋକଦ୍ଦମା ପରିଚାଳନା କରୁଛନ୍ତି।

## ଦୁର୍ଗାପୂଜା ପାଇଁ ପ୍ରଶାସନର ପ୍ରସ୍ତୁତି ବୈଠକ

# ବାଜିବନି ଡିଜେ; ରାବଣପୋଡ଼ି ଓ ଭସାଣି ଦିନ ମେଲୋଡି ବନ୍ଦ

ଜଗତସିଂହପୁର,୬।୯ (ସମିସ):



ଶନିବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଆଗାମୀ ଦଶହରା ପର୍ବ, ରାବଣ ପୋଡ଼ି ଓ ଭସାଣି ଉତ୍ସବ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଦୁର୍ଗାପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ଏବର୍ଷ ରାବଣ ପୋଡ଼ିରେ ଇଲେକ୍ଟ୍ରୋନିକ କୋଲ୍ଡ ଫାୟାର ବ୍ୟବହାର କରାଗଲେ ଏହା ଅତ୍ୟନ୍ତ ଚିତ୍ତାକର୍ଷକ ହେବା ସହ ଦର୍ଶକଙ୍କୁ ଆକୃଷ୍ଟ କରିବ ବୋଲି ନିଜ ମତ ଦେଇଥିଲେ। ଜିଲ୍ଲା ପରିଷଦ ସଭପତି ମନୋଜ ଭୋଇ ପୂଜା ଭସାଣିରେ ଡିଜେ ସାଉଣ୍ଡର ଅପବ୍ୟବହାରକୁ ବନ୍ଦ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା।

ଉକ୍ତ ବୈଠକରେ ଜିଲ୍ଲାପାଳ ଚଳିତ ବର୍ଷ ସେପ୍ଟେମ୍ବର ୨୯ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଜଗତସିଂହପୁର ପୌର ପରିଷଦ ଅଞ୍ଚଳରେ ହେବାକୁ ଥିବା ଦୁର୍ଗାପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳା ଓ ଉତ୍ସାହର ସହିତ ପାଳନ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ, ସହରର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ସମସ୍ତ ମେଢ଼ କମିଟି କର୍ମକର୍ତ୍ତାଙ୍କ ସହଯୋଗ କାମନା କରିଥିଲେ। ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ଶବ୍ଦ ପ୍ରଦୂଷଣ ବୃଦ୍ଧି କରୁଥିବା ଡିଜେ ପରିବର୍ତ୍ତେ ପାରମ୍ପରିକ ବାଦ୍ୟର ବ୍ୟବହାରକୁ ଗୁରୁତ୍ୱ ଦେବା ସହ ପୂଜା ସମୟରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ପ୍ରତି ସାବଧାନ ରହିବାକୁ ପରାମର୍ଶ ଦେଇଥିଲେ। ପୌର ଅଧକ୍ଷା ଅର୍ଚ୍ଚନା ସିଂହ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

### ୨୦ ତାରିଖ ସୁଦ୍ଧା ରାସ୍ତା ମରାମତି ସାରିବାକୁ ନିର୍ଦ୍ଦେଶ

ବୈଠକର ନିଷ୍ପତ୍ତି ଅନୁଯାୟୀ ବିଜୟା ଦଶମୀ ଦିନ ରାବଣ ପୋଡ଼ି ଉତ୍ସବ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ଅନୁଷ୍ଠିତ ହେବ। ପରଦିନ ଅର୍ଥାତ ଅକ୍ଟୋବର ୩ ତାରିଖରେ ସେହି ପଡ଼ିଆରେ ଭସାଣି ଉତ୍ସବ ଆୟୋଜନ କରାଯିବ। ଏହି ଦୁଇଦିନ କୌଣସି ମେଲୋଡି ପରିବେଷଣ କରାଯିବ ନାହିଁ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପୂର୍ବ ବର୍ଷ ଭଳି ରାବଣ ପୋଡ଼ି ଓ ସାଧାରଣ ସଭା ନିମନ୍ତେ ଶ୍ରୀରାମ କ୍ଲବ୍ ଓ ଭସାଣି ଉତ୍ସବ ପାଇଁ ସମସ୍ତ କାର୍ଯ୍ୟ ଥାନପତି କ୍ଲବ୍ ସମ୍ପାଦନ କରିବାକୁ ନିଷ୍ପତ୍ତି ହୋଇଥିଲା। ମୂର୍ତ୍ତି ବିସର୍ଜନ ନିମନ୍ତେ ଗାଲୁପଡ଼ା, ପୁରୋହିତପୁର ଓ କଲେଜ ଛକଠାରୁ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଯାଇଥିବା ରାସ୍ତା କଡ଼ରେ ଅସ୍ଥାୟୀ ପୋଖରୀ ଖନନ ପାଇଁ ଅଧିକ୍ଷଣ ଯନ୍ତ୍ରୀ (ଜଳ ସମ୍ପଦ), ଅଧୀକ୍ଷଣ ଯନ୍ତ୍ରୀ (ରାସ୍ତା ଓ କୋଠାବାଡ଼ି), ଅଧୀକ୍ଷଣ ଯନ୍ତ୍ରୀ(ଗ୍ରାମ୍ୟ ଉନ୍ନୟନ), ଅଧୀକ୍ଷଣ ଯନ୍ତ୍ରୀ (ଡ୍ରେନେଜ୍)ଙ୍କୁ ଦାୟିତ୍ୱ ଦିଆଗଲା। ରାସ୍ତା ମରାମତି ସମୟରେ କେବଳ ଡଷ୍ଟ ନ ପକାଇ ଉପଯୁକ୍ତ ଉପାୟରେ ଯଥାଶୀଘ୍ର ପରସ୍ପର ସମନ୍ୱୟରେ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଟ୍ରାଫିକ ନିୟନ୍ତ୍ରଣ ଓ ପୁଲିସ ଶିବିର ଦାୟିତ୍ୱ ଆରକ୍ଷୀ ଅଧୀକ୍ଷକ ସମ୍ପାଦନ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା।

ସେହିପରି ଟାଉନ୍ ହଲ୍‌ଠାରୁ ୧୦ ନମ୍ବର, ପୁରୋହିତପୁରଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଆଳିପିଙ୍ଗଳଠାରୁ ପୋଷ୍ଟ ଅଫିସ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛ ଡାଳ କଟା କାମ ପୂର୍ତ୍ତ ବିଭାଗ ସମ୍ପାଦନ କରିବେ। ଆସନ୍ତା ୨୦ ତାରିଖ ସୁଦ୍ଧା ସମସ୍ତ ରାସ୍ତାର ମରାମତି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଜିଲ୍ଲାପାଳ ରାସ୍ତା ଓ କୋଠାବାଡ଼ି ଅଧୀକ୍ଷଣ ଯନ୍ତ୍ରୀ, ଏନଏଚ ଡିଭିଜନ କଟକ, ଆରଡି ଅଧୀକ୍ଷଣ ଯନ୍ତ୍ରୀ, ପୌର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଳିପିଙ୍ଗଳଠାରୁ ପୋଷ୍ଟ ଅଫିସ ରାସ୍ତା ପୂର୍ତ୍ତ ବିଭାଗ, ଦଶ ନମ୍ବରଠାରୁ ଚାଟରା ବ୍ରିଜ କେନାଲ, ଜିରାଠାରୁ ଚର୍ଚ୍ଚିକା ବଜାର ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଓହଳଠାରୁ ବଡ଼ବଜାର କୋର୍ଟ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ନିର୍ବାହୀ ଅଧିକାରୀ ପୌର ପରିଷଦ ସମ୍ପାଦନ କରିବେ। ଅସ୍ଥାୟୀ ପୋଖରୀରୁ ବିସର୍ଜିତ ସାମଗ୍ରୀ ବାହାର କରିବା, ପୋଖରୀ ଜଳକୁ ଚୂନ ପକାଇ ବିଶୋଧିତ କରିବା, ପୋଖରୀ ନିକଟରେ ଡଷ୍ଟବିନ୍ ରଖିବା, ବିସର୍ଜନ ସ୍ଥଳୀ ଓ ମେଳଣ ପଡିଆରେ ଯଥେଷ୍ଟ ଆଲୋକ ବ୍ୟବସ୍ଥା ପୌର ପରିଷଦ ନିର୍ବାହୀ ଅଧିକାରୀ କରିବେ। ବୈଠକରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ରାବଣ ପୋଡ଼ି ଓ ଭସାଣି ଉତ୍ସବ ଦିନ ମେଳଣ ପଡିଆ ଓ ଅସ୍ଥାୟୀ ପୋଖରୀ ନିକଟରେ ଅସ୍ଥାୟୀ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପାନୀୟଜଳ ବ୍ୟବସ୍ଥା, ସହରରେ ପାଣି ପାଇପ୍ ମରାମତି, ରାବଣ ପୋଡ଼ି ଓ ଭସାଣି ଦିନ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ବିଷୟରେ ନିଷ୍ପତ୍ତି ନିଆଯାଇଥିଲା। ଡିଜେ ସାଉଣ୍ଡ ନ ବଜାଇବା, ଶାନ୍ତିଶୃଙ୍ଖଳାର ସହ ପୂଜା ଓ ଭସାଣି କରିବା, ପ୍ରତ୍ୟେକ ମେଢ଼ ପାଖରେ ସିସି ଟିଭି ଲଗାଇବା ଓ ନିୟମଭଙ୍ଗକାରୀ ବିରୁଦ୍ଧରେ ଆଇନ ଅନୁଯାୟୀ ଦଣ୍ଡବିଧାନ କରିବାକୁ ଆରକ୍ଷୀ ଅଧୀକ୍ଷକ ସୂଚନା ଦେଇଥିଲେ। ମେଳଣ ପଡ଼ିଆ ଓ ବିସର୍ଜନ ସ୍ଥଳୀରେ ଦମକଳ ଗାଡ଼ି ରଖିବା, ନିର୍ଦ୍ଧାରିତ ସମୟରେ ମେଢ଼ଙ୍କ ଉପସ୍ଥିତି ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ପାର୍କିଂ ଜୋନ ଓ ନୋ ପାର୍କିଂ ଜୋନ ଚିହ୍ନିତ କରିବା ପାଇଁ ପୌର ନିର୍ବାହୀ ଅଧିକାରୀ ଶ୍ରୀମତୀ ସୀମା ଜେନା ଓ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଅଜିଙ୍କ୍ୟ ମାଣେଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ପୂଜା ମଣ୍ଡପରେ ସିଙ୍ଗିଲ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ, ମୂର୍ତ୍ତିରେ ମାଟି ଓ ପ୍ରାକୃତିକ ରଙ୍ଗ ବ୍ୟବହାର ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ ରାଉତ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ସମସ୍ତ ମେଢ଼ର କର୍ମକର୍ତ୍ତା, ଶାନ୍ତି କମିଟି ସଦସ୍ୟ, ସମସ୍ତ ବିଭାଗୀୟ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି, ଆଇନଜୀବୀ ଓ ଗଣମାଧ୍ୟମ ପ୍ରତିନିଧ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି ବିବରଣୀ ପାଠ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂଜ୍ୟପୂଜା ସଂସଦ ପକ୍ଷରୁ ନିରଞ୍ଜନ ପାଣିଙ୍କୁ ଶ୍ରଦ୍ଧାଞ୍ଜଳି



ଜଗତସିଂହପୁର/ବାଲିକୁଦା, ୬।୯ (ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ୍ ଅନ୍ତର୍ଗତ ବାହାରଣା ଗ୍ରାମର ସ୍ୱର୍ଗତ ନିରଞ୍ଜନ ପାଣିଙ୍କୁ ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସଭାପତି କୈଳାସ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ନାଗରିକ ଗୋପାଳ ରାଉତ ସ୍ୱର୍ଗତ ପାଣିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସେ ଜଣେ ମେଳାପୀ, ପରୋପକାରୀ, ସଂସ୍କୃତିପ୍ରେମୀ ଭାବେ ସମସ୍ତଙ୍କର ପ୍ରିୟପାତ୍ର ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ସଭାରେ ଦଳମତ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ସ୍ମୃତିଚାରଣ କରିଥିଲେ। ସଂସଦର କୋଷାଧ୍ୟକ୍ଷ ରଞ୍ଜନ ମହାନ୍ତି, ଉପସଭାପତି ପବିତ୍ରମୋହନ ସାହୁ, ବାମନ ଚାରଣ ସ୍ୱାଇଁ, ରମେଶ ଚନ୍ଦ୍ର ପୃଷ୍ଟି, ରମାକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅତିଥି ଭାବେ ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା, ସମାଜସେବୀ ଶିବବ୍ରତ ଦାସ, ସରପଞ୍ଚ ମାନସ ପରିଡା, ସମିତିସଭ୍ୟ ରାଜଶ୍ରୀ ମହାନ୍ତି, ସମାଜସେବୀ ସତ୍ୟସାରଥି ମହାନ୍ତି, ସମରେନ୍ଦ୍ର ମହାପାତ୍ର, ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ପୂର୍ବତନ ବାହାରଣା ସରପଞ୍ଚ ନିରଞ୍ଜନ ସାହୁ, ପୂର୍ବତନ ରାଜ୍ୟ ଶିକ୍ଷା ଉପଦେଷ୍ଟା ଶିଶିର ପରିଜା, ଜଗତସିଂହପୁର ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ତ୍ରିଲୋଚନ ସାହୁ, ଓଷ୍ଟାର ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକାରୀ ସଭାପତି ପଣ୍ଡିତ ପ୍ରକାଶ ଚନ୍ଦ୍ର ନାୟକ, ରାଇରଙ୍ଗପୁର ଉଚ୍ଚବିଦ୍ୟାଳୟର ଶିକ୍ଷକ ରଞ୍ଜନ ନନ୍ଦ, ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟ ଝରାଡ଼ିହିର ବରିଷ୍ଠ ଶିକ୍ଷୟିତ୍ରୀ ଦେଓଲା ମାଝୀ, ଶିକ୍ଷୟିତ୍ରୀ ମିତା ହାଁସଦା, ଗୀତାଞ୍ଜଳି ମହାନ୍ତ, ଆଇନଜୀବୀ ରଶ୍ମିରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଛତ୍ରପୁରର ଡେପୁଟି କଲେକ୍ଟର ତଥା ଝିଆରୀ ଶୁଚିସ୍ମିତା ପାଣି ଓ ଶୁଭଲକ୍ଷ୍ମୀ ପାଣି, ରୋଜାଲିନ ପାଣି, ତିନିପୁତ୍ର ରାଜେନ୍ଦ୍ର ପାଣି, ମୟୂରଭଞ୍ଜ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, ଶିଳ୍ପପତି ବିଜୟ ପାଣି, ଭାଇ ସୁରେନ୍ଦ୍ର ପାଣି, ନୃସିହ ପାଣି,କେଶବ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ପାଣି ପରିବାର ପକ୍ଷରୁ ପୂଜ୍ୟପୂଜା ସଂସଦ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ନକୁଳାଙ୍ଗ ଅଙ୍ଗନବାଡି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ

ଜଗତସିଂହପୁର,୬।୯ (ସମିସ): ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପାଟେଣିଗାଁ ପଞ୍ଚାୟତର ନକୁଳାଙ୍ଗସ୍ଥ ଅଙ୍ଗନବାଡି କେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଛି।



ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଉକ୍ତ ଅଙ୍ଗନବାଡି ଗୃହକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜ୍ୟୋସ୍ନାମୟୀ ପରିଡା, ସମିତିସଭ୍ୟା ରାଜଶ୍ରୀ ମହାନ୍ତି, ଜଗଦୀଶ ସାହୁ, ପ୍ରଭାତ ସାହୁ, ଜ୍ଞାନରଞ୍ଜନ ମହାନ୍ତି, ବଂଶୀଧର ସାହୁ, ରଞ୍ଜିତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ବଳରାମ ମହାପାତ୍ର ବାଲିତୁଠ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି



ପାରାଦୀପ,୬।୯ (ସମିସ): ବାଲିତୁଠ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଭାବେ ବଳରାମ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ଆଜି ଭାରତୀୟ ଜନତା ପାର୍ଟିର ବାଲିତୁଠ ମଣ୍ଡଳ ସଭାପତି ବିକ୍ରମଜିତ ସାମନ୍ତରାୟ ଏକ ପ୍ରେସ ବିଜ୍ଞପ୍ତିରେ ଗଣମାଧ୍ୟମକୁ ଜଣାଇଛନ୍ତି। ପୂର୍ବରୁ ବାଲିତୁଠ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଥିବା ମନୋରଞ୍ଜନ ସାମନ୍ତରାୟଙ୍କୁ ବିଶୃଙ୍ଖଳିତ ଆଚରଣ ଓ ଦଳୀୟ ଅନୁଶାସନ ଭଙ୍ଗ ଯୋଗୁଁ ଭାରତୀୟ ଜନତା ପାର୍ଟିରୁ ନିଲମ୍ବନ କରିବା ସହିତ ତାଙ୍କ ପ୍ରାଥମିକ ସଦସ୍ୟତା ପଦକୁ ରଦ୍ଦ କରାଯାଇଛି ବୋଲି ଏହି ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।

## ପୂର୍ବତନ ମଣ୍ଡଳ ସଭାପତିଙ୍କ ପରଲୋକ

ଜଗତସିଂହପୁର,୬।୯ (ସମିସ): ଜଗତସିଂହପୁର ଜିଲ୍ଲା ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଙ୍କପାଳ ମଣ୍ଡଳର ପୂର୍ବତନ ସଭାପତି ଆଇନଜୀବୀ ପ୍ରଦୀପ୍ତ ମହାପାତ୍ରଙ୍କ



ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଟୁଟୁ ଜଣେ ଦକ୍ଷ ସଂଗଠକ ଥିଲେ। ତାଙ୍କ ସଭାପତିତ୍ୱ ସମୟରେ ପଙ୍କପାଳ ବିଜେପି ସଂଗଠନକୁ ଆଗକୁ ନେବାକୁ ନିରନ୍ତର ପ୍ରୟାସ ଜାରି ରଖିଥିଲେ। ପ୍ରଦୀପ୍ତ ମହାପାତ୍ରଙ୍କ ବିୟୋଗରେ ଜଗତସିଂହପୁର ଜିଲ୍ଲା ବିଜେପି ସଂଗଠନ ଗଭୀର ଶୋକବ୍ୟକ୍ତ କରିଛି। ସାଂସଦ ବିଭୁପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ ଓ ପୂର୍ବତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର ପ୍ରମୁଖ ଶୋକ ପ୍ରକାଶ କରିବା ସହ ଜଣେ ନିଷ୍ଠାପର କାର୍ଯ୍ୟକର୍ତ୍ତାଙ୍କୁ ହରାଇ ଆମେ ମର୍ମାହତ ବୋଲି ମତବ୍ୟକ୍ତ କରିଛନ୍ତି। ସେହିପରି ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ସତ୍ୟସାରଥି ମହାନ୍ତି, ରାଜକିଶୋର ବେହେରା, ସଞ୍ଜୟ ମହାନ୍ତି, ଅମିତା ଦାସ, ଜିଲ୍ଲା ମିଡ଼ିଆ ସେଲ୍ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତି, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋଇ, ମୋର୍ଚ୍ଚା ସଭାପତି କ୍ରିଷ୍ଣା ମହାନ୍ତି, ସୁବୋଧ ବାରିକ, ସୁଧୀର ମଲ୍ଲିକ, ତପନ ବେହେରା, ବାମଦେବ ମଲ୍ଲିକ, ନୃସିଂହ ସାହୁଙ୍କ ସମେତ ସମସ୍ତ ନୂତନ ଓ ପୁରାତନ ମଣ୍ଡଳ ସଭାପତି ଶୋକ ପ୍ରକାଶ କରିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ତିର୍ତ୍ତୋଲ, ୬।୯ (ସମିସ): ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ସଅଁରା ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଟୁଟୁ ଦାଶଙ୍କୁ ବିଦ୍ୟାଳୟ ପରିସରରେ



ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମହାମାୟା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସର୍ବେଶ୍ୱର ଦାଶ, ଶିକ୍ଷକ ଶିକ୍ଷୟିତ୍ରୀ, ସଅଁରା ପଞ୍ଚାୟତର ସମାଜସେବୀ ତଥା ଅବସରପ୍ରାପ୍ତ ସେନା ଅଧିକାରୀ ନିହାର ମହାନ୍ତି, ମୋହନ ଜେନା, ଗୌରୀକାନ୍ତ ସ୍ୱାଇଁ, ବିକାଶ ବେହେରା, ସୁଜିତ ମଲ୍ଲିକ ପ୍ରମୁଖ ଯୋଗଦେଇ ଶିକ୍ଷକ ଶ୍ରୀ ଦାଶଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ବାବୁଲି ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବ ଆଇନଜୀବୀଙ୍କ ଅକାଳ ବିୟୋଗ

ପାରାଦୀପ,୬।୯ (ସମିସ): ପାରାଦୀପ ବାର୍ ଆସୋସିଏସନ୍‌ର ସଦସ୍ୟ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ୫୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ପାରାଦୀପ ନୂଆବଜାରରେ ଟ୍ୟାକ୍ସ ଓକିଲ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିଲେ। ପାରାଦୀପ ବାର୍ ଆସୋସିଏସନ ପ୍ରତିଷ୍ଠା ହେବା ପରେ ଏହି ଆସୋସିଏସନ ସହିତ ସେ ଜଡ଼ିତ ଥିଲେ। ତାଙ୍କ ଅକାଳ ବିୟୋଗ ଖବର ପାଇ ବାର୍ ଆସୋସିଏସନ୍‌ର ସଭାପତି ତପନ ଦାଶ, ସାଧାରଣ ସମ୍ପାଦକ ହେମନ୍ତ ସାହୁ, ଉପସଭାପତି କୈଳାସ ସାହୁ, ସମ୍ପାଦକ ରବୀନ୍ଦ୍ର ଜେନା, କୋଷାଧ୍ୟକ୍ଷ ଗୋଲକ ସୂତାର, ସଦାନନ୍ଦ ମଲ୍ଲିକ, ପ୍ରଶାନ୍ତ ଦାସ, ଜଟାଧାରୀ ମଲ୍ଲିକଙ୍କ ସମେତ ସମସ୍ତ ସଦସ୍ୟ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଅନ୍ତିମ ଯାତ୍ରାରେ ପାରାଦୀପ ବିଧାୟକ ସମ୍ପଦ ସ୍ୱାଇଁଙ୍କ ସମେତ ବହୁ ସମାଜସେବୀ, ଆଇନଜୀବୀ, ଜନସାଧାରଣ ଯୋଗ ଦେଇଥିଲେ।

## ୯ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ଜଣେ ଗିରଫ

ଜଗତସିଂହପୁର,୬।୯ (ସମିସ): ଜଗତସିଂହପୁର ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ପାଣିସାଳିଆ ଗ୍ରାମରାସ୍ତା (ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଛପଟ) ନିକଟରେ ଚଢ଼ଉ



କରାଯାଇ ୯୦ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି। ଏହି ନିଶା ବ୍ୟବସାୟ କରୁଥିବା ଚାତ୍ରା ନଡିଆବାଗ ଗ୍ରାମର ସୁଶାନ୍ତ ଚାନ୍ଦ ଓରଫ ମନୁଆକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୯ ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅବକାରୀ ନିରୀକ୍ଷକ ପ୍ରଭାସ ଚୌଧୁରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଚଢ଼ଉରେ ଏଏସ୍‌ଆଇ ପିନାକୀ ରଞ୍ଜନ ରାଉତରାୟ, କନଷ୍ଟେବଳ ଜୟଦେବ ପାତ୍ର ଓ ସୁକାନ୍ତ ମାଝି ପ୍ରମୁଖ ସାମିଲ ଥିଲେ।

## ଗୋପାଳପୁର ପଞ୍ଚାୟତରେ ବିଧାୟକଙ୍କ ଜନଶୁଣାଣି



ଜଗତସିଂହପୁର,୬।୯ (ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଗୋପାଳପୁର (ଶଙ୍ଖେଶ୍ୱର) ପଞ୍ଚାୟତରେ ସ୍ଥାନୀୟ ବିଧାୟକ ଡଃ ରମାକାନ୍ତ ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସଭ୍ୟା ରଞ୍ଜିତା ସିଂହ, ଶଙ୍ଖେଶ୍ୱର ସରପଞ୍ଚ ପ୍ରଭାସ ବେହେରା, ବିଷନପୁର ସରପଞ୍ଚଙ୍କ ପ୍ରତିନିଧି ବସନ୍ତ ମହାପାତ୍ର, ଦାଇଁଲ ସରପଞ୍ଚଙ୍କ ପ୍ରତିନିଧି କ୍ଷୀରୋଦ ବାରିକ ଓ ସ୍ଥାନୀୟ ନେତୃ ମଣ୍ଡଳୀଙ୍କ ଉପସ୍ଥିତିରେ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ପ୍ରାୟ ୧୫୦ ଲୋକଙ୍କ ଅଭିଯୋଗର ବିଚାର କରାଯାଇଥିଲା। ଏହି ଲୋକଙ୍କ ଅଭିଯୋଗ ଥିଲା ଯେ ସେମାନେ ବିଭିନ୍ନ ସରକାରୀ ଯୋଜନାର ଯୋଗ୍ୟ ହିତାଧିକାରୀ ହେବା ପାଇଁ ହକଦାର ଥିଲେ ମଧ୍ୟ ସେମାନେ ଏଥିରୁ ବଞ୍ଚିତ ଅଛନ୍ତି । ନିରୁପମା ଦାସ, ସ୍ନେହଲତା ସାହୁ, ସୁବାସ ଦଳାଇ, ସମୀର ମଲ୍ଲ ଆବାସ ପାଇବାକୁ ଯୋଗ୍ୟ ଥାଇ ମଧ୍ୟ ପାଇ ନ ଥିବା ଅଭିଯୋଗ କରିଥିଲେ। ସେହିପରି ବାର୍ଦ୍ଧକ୍ୟ ଭତ୍ତା କ୍ଷେତ୍ରରେ ଯେଉଁମାନଙ୍କ ଭୋଟର କାର୍ଡରେ ବୟସ ୭୦ ବର୍ଷରୁ ଅଧିକ ଥିବା ସତ୍ତ୍ୱେ ଭୋଟର ତାଲିକାରେ କମ୍ ବୟସ ରହିଥିବାରୁ ଭତ୍ତା ପାଇବାରେ ବଞ୍ଚିତ ହେଉଛନ୍ତି। ବିଧାୟକ ଡଃ ଭୋଇ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଫୋନ ଯୋଗେ କଥା ହୋଇ ଏସବୁ ଅଭିଯୋଗର ସମାଧାନ ପାଇଁ ବାଟ ବାହାର କରିଥିଲେ। ସେହିପରି ରାସନ୍ କାର୍ଡ ନାମ ଯୋଡ଼ି ହେବା ଓ ମିଶନ ଶକ୍ତି ଗୃହ ନିର୍ମାଣ କ୍ଷେତ୍ରରେ ମଧ୍ୟ କେତେକ ସ୍ଥାନରେ ଅବହେଳିତ ଅବସ୍ଥାରେ ରହିଥିବାବେଳେ କିଛି ସ୍ଥାନରେ ଗୃହ ନ ଥିବା ଏମବିକେ ଓ ସିଆରପି ଅଭିଯୋଗ ଆଣିଥିଲେ। ସେହିପରି ଅଙ୍ଗନବାଡ଼ି ଗୃହ ଛାତରୁ ପାଣି ଝରୁଥିବା ଅଙ୍ଗନବାଡ଼ି କର୍ମୀ ଅଭିଯୋଗ କରିଥିଲେ। ବିଧାୟକ ଏଥିପାଇଁ ଉଦବେଗ ପ୍ରକାଶ କରିବା ସହିତ ପ୍ରଶାସନିକ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ନଗର କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

## 'ସୃଜନ ଅଭିଯାନରେ ବିଶୃଙ୍ଖଳା ସୃଷ୍ଟିକାରୀ କଂଗ୍ରେସ କର୍ମୀ ନୁହଁନ୍ତି'

ପାରାଦୀପ, ୬।୯ (ସମିସ): ଗୁରୁବାର ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପରେ ପାରାଦୀପ ନଗର କଂଗ୍ରେସ ପକ୍ଷରୁ ଆୟୋଜିତ "ସଂଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମ ଚାଲିଥିବାବେଳେ କିଛି ବିଶୃଙ୍ଖଳିତ ବ୍ୟକ୍ତି ମନୋରମା ଖଟୁଆ, ରବୀନ୍ଦ୍ର ମଲ୍ଲିକ ଓ ଅନ୍ୟ ଅସାମାଜିକ ବ୍ୟକ୍ତି ବିନା ନିମନ୍ତ୍ରଣରେ ସେଠାରେ ପହଞ୍ଚି ସଭାକାର୍ଯ୍ୟରେ ବାଧା ସୃଷ୍ଟି କରିବା ସହିତ କଂଗ୍ରେସ ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏମ୍ ଲିଜୁ, ରାଜ୍ୟ ପର୍ଯ୍ୟବେକ୍ଷକ ରାଜକିଶୋର ବାରିକ, ଜିଲ୍ଲା ସଂଯୋଜକ ନଟବର ବାରିକ, ପାରାଦୀପର କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳ, ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ପୁଷ୍ପଲତା ଦାସ, ଏସସି ସେଲ୍ ଅଧ୍ୟକ୍ଷ ବିଜୟ ସେଠୀଙ୍କ ସମେତ ସେଠାରେ ଉପସ୍ଥିତ ଅନ୍ୟ କଂଗ୍ରେସ କର୍ମକର୍ତ୍ତାଙ୍କୁ ଅଶାଳୀନ ବ୍ୟବହାର କରିବା ସହିତ ଧକ୍କା ମାରିଥିଲେ। ପାରାଦୀପ ନଗର କଂଗ୍ରେସ କମିଟି ଏହାର ଦୃଢ଼ ପ୍ରତିବାଦ କରିବା ସହିତ ପୁଲିସର ସହାୟତା ଲୋଡିଥିଲେ। ପୁଲିସ ପହଞ୍ଚି ସେମାନଙ୍କୁ ଆୟତ୍ତ କରିବା ସହିତ ସଭାସ୍ଥଳରୁ ବିଦା କରିଥିଲେ। ପରେ ସେମାନେ ଆମ ନେତା ନିରଞ୍ଜନ ନାୟକ ଓ ନଗର ସଭାପତି କେଦାରନାଥ ବିଶ୍ୱାଳଙ୍କ ନାମରେ ମିଥ୍ୟା ମୋକଦ୍ଦମା ଦାଏର କରିବା ସହିତ ଗଣମାଧ୍ୟମ ଆଗରେ ମିଥ୍ୟା ଆରୋପ ଲଗାଇଥିଲେ, ଯାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ସେମାନେ କୌଣସି କଂଗ୍ରେସ କର୍ମୀ ନୁହଁନ୍ତି କିମ୍ବା କଂଗ୍ରେସର କୌଣସି କାର୍ଯ୍ୟକ୍ରମରେ ଯୋଗ ମଧ୍ୟ ଦିଅନ୍ତି ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି।

## ରୋଟାରୀ କ୍ଲବ୍ ପକ୍ଷରୁ ଗୁରୁ ଦିବସ

ପାରାଦୀପ,୬।୯ (ସମିସ): ପାରାଦୀପ ରୋଟାରୀ କ୍ଲବ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। କ୍ଲବ୍‌ର ସଭାପତି କ୍ୟାପଟେନ ସୁଶାନ୍ତ କୁମାର ବାଗ କାର୍ଯ୍ୟକ୍ରମକୁ ପରିଚାଳନା କରି ଦିବସର ମହତ୍ତ୍ୱ ସମ୍ପର୍କରେ କହିଥିଲେ। କ୍ଲବ୍‌ର ସମସ୍ତ ସଦସ୍ୟ ସମାଜରେ ଶିକ୍ଷକଙ୍କ ଭୂମିକା, ଦେଶର ପ୍ରଗତି ଓ ସୁନାଗରିକ ସୃଷ୍ଟି




ପଛରେ ଥିବା ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପାରାଦୀପ, କୁଜଙ୍ଗ ଓ ରାହାମା ଅଞ୍ଚଳର ବହୁ ଶିକ୍ଷକ ଯୋଗ ଦେଇଥିଲେ। ସମ୍ପାଦକ ବିପ୍ଳବ ଜେନା କ୍ଲବର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏ ଅବସରରେ ୧୫ ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଏରସମା ଥାନା ପୋଡ଼ି ଓ ବିପ୍ଳବ ଦିବସ ସମାରୋହ

ଏରସମା,୬।୯ (ସମିସ):




ଏରସମା ସଦର ମହକୁମାସ୍ଥ ଗାନ୍ଧୀ ସ୍ମୃତିପୀଠରେ ଏରସମା ଥାନା ପୋଡ଼ି ଓ ବିପ୍ଳବ ଦିବସ ସମାରୋହ ଅନୁଷ୍ଠିତ ହୋଇଛି। ଆଜି ପୂର୍ବାହ୍ନରେ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଂଘ ପକ୍ଷରୁ ଆୟୋଜିତ ଉତ୍ସବରେ ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ୧୯୪୨ ଆଜିର ଦିନରେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏରସମାର ଥାନା ପୋଡ଼ି କରାଯାଇଥିଲା ବୋଲି କହିଥିଲେ। ଥାନା ପୋଡ଼ି ଓ ଲୁଣମରା ଆନ୍ଦୋଳନରେ ଝାସ ଦେଇଥିବା ଏରସମାର ସେହି କ୍ରାନ୍ତିକାରୀ ଯୋଦ୍ଧାଙ୍କ ତ୍ୟାଗ ଓ ବଳିଦାନ କଥାକୁ ଆଜିର ଦିବସରେ ସ୍ମରଣ କରାଯାଉଥିବାରୁ ବର୍ତ୍ତମାନ ପିଢ଼ିର ଦାୟାଦ ଧନ୍ୟବାଦର ପାତ୍ର ବୋଲି କହିଥିଲେ। ଆଇନା ସାହିତ୍ୟ ପତ୍ରିକା ସମ୍ପାଦକ କ୍ଷେତ୍ରବାସୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଷ୍ଟ ମାଷ୍ଟର ଅରୁପାନନ୍ଦ ସ୍ୱାଇଁ, ପୂର୍ବତନ ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ପୂର୍ବତନ ସରପଞ୍ଚ ନିବାରଣ ନାୟକ, ରବୀନ୍ଦ୍ର ଦାସ, ପ୍ରଶାନ୍ତ ସେଠୀ, ଚନ୍ଦ୍ରଜିତ ଦାସ, ଲୋକନାଥ ମହାନ୍ତି, ଅକ୍ଷୟ ବେହେରା, ପ୍ରବୀଣ ପଣ୍ଡା, ସରୋଜ ବେହେରା ଓ ଅରୁଣ ବେହେରା ପ୍ରମୁଖ ଯୋଗଦେଇ ଐତିହାସିକ ଥାନା ପୋଡ଼ି ଦିବସର ସ୍ମୃତିଚାରଣ କରିଥିଲେ। କବି ବୈଦ୍ୟନାଥ ସାହୁ ବିପ୍ଳବୀ ସଙ୍ଗୀତ ଗାନ କରିଥିଲେ। ନରେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ପତିତପାବନ ଦାସ, ଟିମା ମଲିକ, କୈଳାସ ଚନ୍ଦ୍ର ପ୍ରଧାନ ଓ ଅମ୍ବିକା ମହାନ୍ତିଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଆଜି ସକାଳେ ସିହାଲବଣ ସତ୍ୟାଗ୍ରହ ପୀଠରୁ ପଦଯାତ୍ରା ବାହାରି ଗାନ୍ଧୀ ସ୍ମୃତି ପୀଠରେ ପହଞ୍ଚିବା ପରେ ମହାତ୍ମା ଗାନ୍ଧୀ ଓ ସଂଗ୍ରାମୀ ଗୌରୀଶ୍ୟାମ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ପୃଥକ ଅଞ୍ଚଳରେ ସାପ କାମୁଡ଼ାରେ ୩ ମୃତ

ରାଇରଙ୍ଗପୁର, ୬।୯ (ସମିସ): ବାଦାମପାହାଡ ଥାନା ଅନ୍ତର୍ଗତ ଭଗାବନ୍ଧି ଗ୍ରାମର ଜଣେ ଆଦିବାସୀ ଯୁବକ ସାପ କାମୁଡ଼ାରେ ମୃତ୍ୟୁବରଣ କରି ଥିବା ବେଳେ କାଠଖଜୁରୀ ଗ୍ରାମର ଅନ୍ୟ ଜଣେ ମହିଳାଙ୍କ ମଧ୍ୟ ସାପ କାମୁଡାରେ ମୃତ୍ୟୁ ଘଟିଛି । ସେହିପରି ରାଇରଙ୍ଗପୁର ଟାଉନ ଥାନା ୧୩ ନମ୍ବର ୱାର୍ଡର ଜଣେ ଯୁବକଙ୍କ ମଧ୍ୟ ମୃତ୍ୟୁ ଘଟିଛି । ଭଗାବନ୍ଧି ଗ୍ରାମର ଅମୁ ନାଏକ (୪୫) ଘରେ ଶୋଇଥିବାବେଳେ ବିଷାକ୍ତ ସାପ କାମୁଡି ଦେଇଥିଲା । ପରେ ଡାକ୍ତରଖାନା ନେବାବେଳେ ବାଟରେ ମୃତ୍ୟୁ ଘଟିଛି । କାଠଖଜୁରିଆ ସରସ୍ୱତୀ ପ୍ରଧାନ (୩୨) ଏବଂ ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୧୩ର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି ।

## ବିଲକୁ ଯାଇଥିବାବେଳେ ବୃଦ୍ଧଙ୍କ ମୃତ୍ୟୁ

ବଡ଼ସାହି, ୬।୯ (ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ଦେଉଳିଆ ପଞ୍ଚାୟତ ବଇଁଚା ଗ୍ରାମର ଯୋଗେନ୍ଦ୍ର ଜେନା (୬୫)ଙ୍କ ଶୁକ୍ରବାର ଅପରାହ୍ନରେ ମୃତ୍ୟୁ ଘଟିଛି । ସେ ବିଲକୁ ଚାଷକାମ ଦେଖିବାକୁ ଯାଇଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ । ନିକଟରେ ଥିବା ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ । ପରେ ପରିବାର ପହଞ୍ଚି ଘରକୁ ଆଣିଥିଲେ; ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କ ବିୟୋଗରେ ଗ୍ରାମରେ ଶୋକପ୍ରକାଶ ପାଇଛି ।

## ପୁରୁଣା ବାରିପଦାରେ ଭାଗବତ ପାରାୟଣ

କୁଆମରା, ୬।୯ (ସମିସ): ଗୋପବନ୍ଧୁନଗର ବ୍ଲକ ପୁରୁଣା ବାରିପଦା ଦଧିବାମନ ଜୀଉ ମନ୍ଦିରରେ ୧୫ତମ ଭାଗବତ ପାରାୟଣ ଉତ୍ସବ ଅନୁଷ୍ଠିତ ହୋଇଛି । ଠାକୁରଙ୍କ ନୀତିକାନ୍ତି ସହ ସୂର୍ଯ୍ୟପୂଜା, କୃଷ୍ଣଜନ୍ମ, ରକ୍ମିଣୀ ବିବାହ, ଯଜ୍ଞ ଆଦି କାର୍ଯ୍ୟ ସହ ପ୍ରତ୍ୟହ ଭାଗବତ ପଠନରେ ବହୁ ଭକ୍ତ ସାମିଲ ହୋଇଛନ୍ତି । ମନ୍ଦିର ପୂଜକ ରଶ୍ମିରଞ୍ଜନ ହୋତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟରେ ରକ୍ମିଣୀ ବିବାହ ଉତ୍ସବରେ କର୍ତ୍ତାଭାବେ କନ୍ୟା ପିତା ରଘୁନାଥ ପୁଥାଳ ଓ ବରପିତା ଅଚ୍ୟୁତାନନ୍ଦ ବିନ୍ଧାଣୀଙ୍କ ଦ୍ୱାରା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ପଣ୍ଡିତ ଦିବାକର ଦାସ ଓ ପଦ୍ମନାଭ ତ୍ରିପାଠୀ ଯୋଗଦେଇ ଭାଗବତ ବିଷୟବସ୍ତୁ ଉପରେ ପ୍ରବଚନ ଦେଇଛନ୍ତି ।

## ତାପସ ରାଉତ ମୋରଡ଼ା ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି

ମୋରଡା, ୬।୯ (ସମିସ): ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ତରଫରୁ ବୁଧବାର ୨୧ ଜଣ ନିର୍ବାଚନମଣ୍ଡଳୀ ସ୍ତରୀୟ ସଭାପତିଙ୍କ ନାମ ଘୋଷଣା ହୋଇଛି । ସେଥିମଧ୍ୟରୁ ମୟୂରଭଞ୍ଜ ଜିଲ୍ଲା ମୋରଡା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଭାବେ ତାପସରଞ୍ଜନ ରାଉତଙ୍କ ନାମ ଘୋଷଣା କରାଯାଇଛି । ଶ୍ରୀ ରାଉତଙ୍କ ନାମ ଘୋଷଣା ହେବା ପରେ ସେ ଆଗକୁ ମୋରଡା, ରାସଗୋବିନ୍ଦପୁର ଏବଂ ଶୁଳିଆପଦା ବ୍ଲକରେ କଂଗ୍ରେସରେ ଯୁବ କର୍ମୀମାନେ ଅଧିକ ସକ୍ରିୟ ହୋଇ କଂଗ୍ରେସକୁ ମଜଭୁତ କରିବା ସହ ଲୋକଙ୍କ ସ୍ୱର ହୋଇ ସରକାରଙ୍କୁ ସଜାଗ କରିବା ପ୍ରୟାସ ଜାରି ରଖିବେ ବୋଲି କହିଛନ୍ତି ।

### ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ପୂଜନ ଉତ୍ସବ

# ଭଲ ମଣିଷ ହେବା ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିବାକୁ ପରାମର୍ଶ




ବାରିପଦା, ୬।୯ (ସମିସ): ମହର୍ଷି ଇଣ୍ଟ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲରେ ଶୁକ୍ରବାର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ପତିଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସୀ ଆଣ୍ଡ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗୁରୁ ଦିବସ ପାଳନର ତତ୍ପର୍ଯ୍ୟ କହିବା ସହ ଭଲ ମଣିଷ ହେବା ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା କିରଣବାଳା ବାସ୍କେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସମ୍ବିତ ସାହୁ ଓ ଶିକ୍ଷୟତ୍ରୀ ଫୁଲମଣି ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଗୁରୁବନ୍ଦନା ଗାଇବା ସହ ଛାତ୍ରଛାତ୍ରୀ ଗୁରୁଜୀ ଓ ଗୁରୁମା'ମାନଙ୍କୁ ପୂଜା କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ସିଧିରଞ୍ଜନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

**ମୋରଡ଼ା:** ମୋରଡ଼ା ବ୍ଲକର ବିଭିନ୍ନ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନରେ ଶୁକ୍ରବାର ଗୁରୁଦିବସ ପାଳିତ ହୋଇଯାଇଛି । ଚିତ୍ରଡା ଜବାହାର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ



ପ୍ରଧାନଶିକ୍ଷୟିତ୍ରୀ ମିନାକ୍ଷୀ ନନ୍ଦୀଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଛି । ପ୍ରଥମେ ସର୍ବପଲ୍ଲୀ ରାଧାକୃଷ୍ଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଛାତ୍ରଛାତ୍ରୀମାନେ ଗୁରୁଦିବସ ଉପରେ ଅଭିଭାଷଣ ରଖିଥିଲେ । ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅରୁଣ କୁମାର ବେହେରା ଛାତ୍ରଛାତ୍ରୀଙ୍କୁ ଗୁରୁଦିବସର ଉଦ୍ଦେଶ୍ୟ ଆଲୋକପାତ କରିବା ସହ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶିକ୍ଷକ ଗୋବିନ୍ଦ ମୁର୍ମୁ, ସରୋଜିନୀ ବେହେରା, ଜିତେନ୍ଦ୍ର ଗୋଛାୟାତ, ଲୋକନାଥ ମହାନ୍ତ, ହରିନାରାୟଣ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ ।

**ବାରିପଦା :** ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ



ବିଭାଗର ସଂଯୋଜକ ସହକାରୀ ପ୍ରଫେସର ଡକ୍ଟର ଶିଶିର ବେହେରାଙ୍କ ପୌରୋହିତ୍ୟରେ ଗୁରୁପୂଜନ ଉତ୍ସବ ପାଳନ ହୋଇଯାଇଛି । ଏହି ଅବସରରେ ସଂଯୋଜକ ଡକ୍ଟର ଶିଶିର ବେହେରା ଆଜିର ସମାଜରେ ଶୃଙ୍ଖଳାର ଆବଶ୍ୟକତା ତଥା ସାମ୍ପ୍ରତିକ ଛାତ୍ରଜୀବନ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ । ସହକାରୀ ପ୍ରଫେସର ଡକ୍ଟର ବିଚିତ୍ରନାଥ ସାହୁ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଆଦର୍ଶମୟ ଜୀବନର ଗାଥା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟତମ ଅଧ୍ୟାପକ ରାଜକୁମାର ପାତ୍ର ଶିକ୍ଷ୍ୟର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ବନ୍ଧରେ ଆଲୋଚନା କରିଥିଲେ । ଶେଷରେ ଛାତ୍ରୀ ରଶ୍ମିତା ବେରା ଧନ୍ୟବାଦ ଅର୍ପଣ କରିଥିଲେ ।

**ବଡ଼ସାହି:** ପୂର୍ଣ୍ଣମାସୀ ସେବା ସଂସ୍ଥାନ ଦ୍ୱାରା ବୁଗୁଡେଇ ବିହାରଠାରେ ୨ୟବାର୍ଷିକ ଗୁରୁପୂଜନ



ଉତ୍ସବ ଟ୍ରଷ୍ଟି ରାଜକିଶୋର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଏଥିରେ ଉଦଘାଟକ ଭାବେ ଅଟଳ ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଯୋଗଦେଇ ଗୁରୁ ଶିକ୍ଷାଗତ ଜ୍ଞାନ ଆଖି ଖୋଲିଦିଏ ଏବଂ ପ୍ରଜ୍ଞା ପରିହିତ ଲାଗି ପାରଦର୍ଶିତାରେ ପଥର ପଡ଼ିଲେ ସହି ଶିଖାଏ ବକ୍ତବ୍ୟ ରଖିଥିଲେ । ମୁଖ୍ୟଅଥିତି ଭାବେ ଡ଼ ବିଜୟ କୁମାର ଅଗ୍ରୱାଲା, ମୁଖ୍ୟବକ୍ତା ଅଧ୍ୟାପକ ଅବନୀକାନ୍ତ ଗିରି, ରଣଜିତ ଦାସ ଓ ମନରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ମହେଶ୍ୱର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଶ୍ରୀ ବୁଗୁଡେଇଙ୍କ ବାର୍ତ୍ତାବଳି ପୁସ୍ତିକା ଲୋକାର୍ପଣ କରାଯିବା ସହିତ ତାଙ୍କୁ ସମ୍ବର୍ଦ୍ଧିତ ମଧ କରାଯାଇଥିଲା ।

**ବହଳଦା :** ବହଳଦା ବ୍ଲକ ଫାଡୁ ମେମୋରିଆଲ୍ ଏକାଡେମୀ ହାଇସ୍କୁଲରେ ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମଣ୍ଡଳ ଉପସ୍ଥିତ ଥିଲେ । ଡ. ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମ ଜୟନ୍ତୀ ତିଥିରେ ଗୁରୁ ଦିବସ ଭାବେ ସମଗ୍ର ଦେଶରେ ପାଳିତ ହୋଇ ଆସୁଛି ବୋଲି ସଭାପତି ରାମଚନ୍ଦ୍ର ହେମ୍ବ୍ରମ କହିଥିଲେ । ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଅତିଥି ଓ ଶିକ୍ଷକଙ୍କୁ ଅଖଣ୍ଡ ଜ୍ୟୋତି ପତ୍ରିକା ଓ ଶିକ୍ଷକ ଗାରିମା ଏକ ବିହଙ୍ଗାବଲୋକନ ପୁସ୍ତକ ପ୍ରଦାନ କରିଥିଲେ । ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ରାସଗୋବିନ୍ଦପୁର :** ଶୁକ୍ରବାର ରାସଗୋବିନ୍ଦପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁ ଦିବସ ଉପଲକ୍ଷେ ବ୍ଲକ ସ୍ତରୀୟ ପୂଜ୍ୟପୂଜା ଉତ୍ସବ ଅନୁଷ୍ଠିତ ହୋଇଛି । ପ୍ରଥମେ ଅତିଥିମାନେ ଡ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା ଆରମ୍ଭ ହୋଇଥିଲା । ମୁଖ୍ୟଅତିଥି ଭାବେ ବ୍ଲକ ବିଇଓ ବିଜୟ କୁମାର ପାଣିଗ୍ରାହୀ, ସ୍ୱତନ୍ତ୍ର



ଅତିଥି ଭାବେ ପୂର୍ବତନ ବିଇଓ ସତିଶ ଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ପୂର୍ବତନ ଏବିଓ କନକମଞ୍ଜରୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ବିଆରସିସି ବିଜୟ କୁମାର ବାରିକ, ପୂର୍ବତନ ଶିକ୍ଷକ ସଭାପତି ମନ୍ମଥ ସାହୁ, ପୂର୍ବତନ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଗଣେଶ୍ୱର ସାହୁ, ଶଶିଧର ରାଉଳ, ପୂର୍ବତନ ଶିକ୍ଷକ ସଂଘ ଉପ ସଭାପତି ରମେଶ ପରିଡ଼ା, ପ୍ରଣତି ଉପାଧ୍ୟାୟ ପ୍ରମୁଖ ଗୁରୁଦିବସର ମହତ୍ୱ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ପ୍ରଶାନ୍ତ କୁମାର ଲେଙ୍କା, ବନଜା ବାସିନୀ ପାତ୍ର, ସଧା ସାମଲ, ହରିହର ଦେ, ମାଧୁରୀ ବେହେରା ପ୍ରମୁଖ ୧୪ ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସିଆରସିସି ଶାନ୍ତନୁ କୁମାର ବେହେରା ଅତିଥି ପରିଚୟ ଓ ଶିକ୍ଷକ କ୍ଷେତ୍ରମୋହନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

**ବେତନଟୀ :** ବେତନଟୀ ଆଞ୍ଚଳିକ ଗୁରୁପୂଜନ କମିଟି ପକ୍ଷରୁ ଶୁକ୍ରବାର ୨୦ତମ ଗୁରୁପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରକାଶ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ




ବେତନଟୀ ଓ ବଡ଼ସାହି ବ୍ଲକରୁ ୧୧୫ ଜଣ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ସମ୍ପାଦକ ଅରୁଣ କୁମାର ଓତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ, ପ୍ରାରମ୍ଭିକ ସୂଚନା ଓ ସଂଯୋଜନା କରିଥିଲେ । ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଯୋଗଦେଇ ଉତ୍ତମ ଶିକ୍ଷକ ହିଁ ଭଲ ଛାତ୍ର ସୃଷ୍ଟି କରିଥାଏ ବୋଲି କହିଥିଲେ । ଷ୍ଟେଟବ୍ୟାଙ୍କ ମ୍ୟାନେଜର ପଙ୍କଜିନୀ ସେଠୀ ଗୁରୁଙ୍କ ସ୍ଥାନ ସର୍ବଦା ଶୀର୍ଷରେ ବୋଲି କହିଥିଲେ । ମୁଖ୍ୟ ଅତିଥି ରୂପ ଶିକ୍ଷାବିଭାଗରୁ ଅବସର ଗ୍ରହଣ କରିଥିବା ରଞ୍ଜନ କୁମାର ଗିରି ଯୋଗଦେଇଥିଲେ । ବୟୋଜ୍ୟେଷ୍ଠ ଶିକ୍ଷକ ଚୂଡାମଣି ମହାପାତ୍ର ଗୁରୁଦିବସର ତାତ୍ପର୍ଯ୍ୟ ବର୍ଣ୍ଣନା କରିଥିଲେ । ଏହି ଅବସରରେ ବଡ଼ସାହି ବ୍ଲକର ରାଜେନ୍ଦ୍ର କୁମାର ଜେନା ଓ ବେତନଟୀ ବ୍ଲକର ଅତୁଲ କୁମାର ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ଜୟନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଘିଆଗଡ଼ିରେ ଅଗ୍ନିକାଣ୍ଡ; ୨ ବଖରା ପୋଡ଼ି



କପ୍ତିପଦା, ୬।୯ (ସମିସ): କପ୍ତିପଦା ବ୍ଲକ ଜାମୁଣୀ ଗ୍ରାମ ପଞ୍ଚାୟତର ବାଘିଆଗଡ଼ି ଗ୍ରାମରେ ସର ମାଝୀଙ୍କ ଘରେ ନିଆଁ ଲାଗି ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ଗ୍ରାମର ୬ ନଂ ୱାର୍ଡରେ ସର ମାଝୀ ସ୍ଥାୟୀ ବାସିନ୍ଦା ଭାବେ ବସବାସ କରି ଆସୁଛନ୍ତି । ସେ ଚାଷ କାମରେ ବିଲକୁ ଯାଇଥିବା ବେଳେ ପୂର୍ବାହ୍ନ ୧୧ଟାରେ ରୋଷେଇ ଚାଲିଥିବା ବେଳେ ଘରେ ନିଆଁ ଲାଗିଯାଇଥିଲା । ଖବର ପାଇ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଖବର ପାଇ ସରପଞ୍ଚ ରାଜେନ୍ଦ୍ର ନାୟକ ପହଞ୍ଚି ସର ମାଝୀଙ୍କୁ ଚାଉଳ, ଶୁଖିଲା ଖାଦ୍ୟ, ଲୁଗା ପଟା, ପଲଥିନ ଓ କିଛି ଟଙ୍କା ପ୍ରଦାନ କରିଛନ୍ତି ।

## ସାନସିମୂଳିଆ ରାସ୍ତା ମରଣଯନ୍ତା

କପ୍ତିପଦା, ୬।୯ (ସମିସ): କପ୍ତିପଦା ପଞ୍ଚାୟତ ଅଧୀନ ସାନଶିମୂଳିଆ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଏହି ଗାଁ ବ୍ଲକରୁ ମାତ୍ର ୨ କିମି ଦୂରରେ ରହିଥିବାବେଳେ ପ୍ରଶାସନର ଅବହେଳା ଯୋଗୁଁ ରାସ୍ତା ବିପର୍ଯ୍ୟସ୍ତ ହୋଇଛି । ଏହି ଗାଁରେ ୧୫୦ ପରିବାର ବାସ କରୁଥିବାବେଳେ ବିପର୍ଯ୍ୟସ୍ତ ରାସ୍ତାକୁ ନେଇ ଅସନ୍ତୋଷ ଦେଖାଦେଇଛି । ଏହି ରାସ୍ତା ବଣିଆ ଗାଁ, କୁଆ ଗୋଠଣା, ମାଛିଆ, ସୌଭାଗ୍ୟଦେଇପୁର ଓ ଝିଙ୍କପଦାକୁ ସଂଯୋଗ କରୁଛି । ରାସ୍ତା ଖରାପ ଥିବାରୁ ଛାତ୍ରଛାତ୍ରୀମାନେ କପ୍ତିପଦା ଦେଇ ପ୍ରାୟ ୫କିମି ବୁଲିକରି ଯାତାୟାତ କରୁଛନ୍ତି । ପୂର୍ବରୁ ମରାମତି ହୋଇଥିବା ରାସ୍ତା ନିମ୍ନମାନର ହୋଇଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ତେଣୁ ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଅନ୍ୟଥା ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।



## କଂଗ୍ରେସର ସୃଜନ ଅଭିଯାନ କାର୍ଯ୍ୟକ୍ରମ

ବଡସାହି, ୬।୯ (ସମିସ): ବଡସାହି ବ୍ଲକ କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଜାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ପୂର୍ବତନ ସଭାପତି ତଥା ବରିଷ୍ଠ ନେତା ପ୍ରକାଶ କର ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଏଆଇସିସି ପର୍ଯ୍ୟବେକ୍ଷକ ଅଖିଳେଶ ଶୁକ୍ଲା, ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ଅରବିନ୍ଦ ଦାସ, କ୍ଷିରୋଦ ଚନ୍ଦ୍ର ପାତ୍ର, ପୂର୍ବତନ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ହାଁସଦା, ଶଶାଙ୍କଶେଖର କର, ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦିପ୍ତିଭାନୁ ସେନାପତି, ପୂର୍ବତନ ବ୍ଲକ ଅଧକ୍ଷ୍ୟ ମନୋରଞ୍ଜନ ବଳା ପ୍ରମୁଖ ଯୋଗ ଦେଇ ତୃଣମୂଳ ସ୍ତରରୁ କଂଗ୍ରେସର ସଂଗଠନ କିପରି ସୁଦୃଢ ହେବ ସେ ନେଇ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀ ସୁମନ୍ତ ସାହୁ, ଆନନ୍ଦ ଶଙ୍କର ପାତ୍ର, ସତ୍ୟଜିତ ବେହେରା, ନଟବର ମହାନ୍ତ ଓ ଖଗେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## କଂଗ୍ରେସର ସାଂଗଠନିକ ବୈଠକ

ବହଳଦା, ୬।୯ (ସମିସ); ମୟୂରଭଞ୍ଜ ଜିଲ୍ଲା ବହଳଦା ଓ ତିରିଂଠାରେ କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଲ ଇଣ୍ଡିଆ କଂଗ୍ରେସର ଯୁଗ୍ମ ସମ୍ପାଦକ ନୀତିନ କୁମ୍ଭଲକର ଏବଂ ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ବନମାଳୀ ଦାସ ପହଞ୍ଚିଥିଲେ । ବୈଠକରେ ସଭାପତି ଚୟନ କରିବା ପାଇଁ କଂଗ୍ରେସ କର୍ମୀମାନେ ଏକଜୁଟ ହୋଇଥିଲେ । ସଂଗଠନ ସୃଜନ ଓ ସଭାପତି ଚୟନ ନେଇ ଦଳୀୟ କର୍ମୀ ପର୍ଯ୍ୟବେକ୍ଷକଙ୍କ ନିକଟରେ ବ୍ୟକ୍ତିଗତ ମତ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ଭୁବନ ସାହୁ, ମହିଳା କଂଗ୍ରେସର ଉପସଭାନେତ୍ରୀ ଜବାମଣୀ ଟୁଡୁ, ପୂର୍ବତନ ବିଧାୟକ ଲକ୍ଷ୍ମଣ ହେମ୍ବ୍ରମ, ପ୍ରହ୍ଲାଦ ପୂର୍ତ୍ତି ଏବଂ ଶ୍ୟାମଚରଣ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ପର୍ଯ୍ୟବେକ୍ଷକ ଶ୍ରୀ କୁମ୍ଭଲକର କହିଥିଲେ ଯେ, ଆସନ୍ତା ୮ ତାରିଖରେ କରଞ୍ଜିଆଠାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସଭାପତି ପାଇଁ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ ପ୍ରଦାନ କରିବା ସହିତ ପର୍ଯ୍ୟବେକ୍ଷକଙ୍କ ସହିତ ସାକ୍ଷାତ କରିପାରିବେ ।

### ଜିଲ୍ଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ

# ୫୫ କୃତୀ ଶିକ୍ଷକ, ଶିକ୍ଷୟିତ୍ରୀ ସମ୍ବର୍ଦ୍ଧିତ



ବାରିପଦା, ୬।୯ (ସମିସ): ଲାଲବଜାର ସ୍ଥିତ ଶିକ୍ଷକ ଭବନ ପରିସରରେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ ପବିତ୍ର ଗୁରୁ ଦିବସ ଅବସରରେ ଆୟୋଜିତ ଜିଲ୍ଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲାର ୨୬ ବ୍ଲକର ୨୦୦ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ପ୍ରତି ବ୍ଲକରୁ ୨ ଜଣ ଲେଖାଏଁ ଓ ୩ଟି ପୌର ପରିଷଦରୁ ୩ ଜଣ କୃତୀ ଶିକ୍ଷକ/ଶିକ୍ଷିକାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ନବଚରଣ ମାଝୀ, ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଓ ବିଶିଷ୍ଟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୂର୍ବତନ ସାଂସଦ ରାମଚନ୍ଦ୍ର ହାଁସଦା ପ୍ରମୁଖ ଯୋଗଦେଇ ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ଗଦାଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ସମନ୍ୱୟ ସମିତିର ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆବାହକ ବିମଳ କୁମାର ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଙ୍ଘ ସମ୍ପାଦକ ଶମ୍ଭୁନାଥ ପାଣି, ଜିଲ୍ଲା ସଂଯୋଜକ ହରେକୃଷ୍ଣ ବାରିକ, ଶିକ୍ଷକ ନେତା ଭବେଶ ପାଣିଗ୍ରାହୀ, ରାଜେନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତଥିଲେ ।

## ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା



ରାସଗୋବିନ୍ଦପୁର, ୬।୯ (ସମିସ): ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ବିନୋଦରାୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ୪ଟି ଜୋନରୁ ମୋଟ ୨୪୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ୧୪ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରୁ କବାଡି, ଖୋ - ଖୋ ପ୍ରତିଯୋଗିତାରେ ୫ ଜଣ ଲେଖାଏଁ, ୧୭ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରୁ କବାଡି, ଖୋ - ଖୋ ପ୍ରତିଯୋଗିତାରେ ୫ ଜଣ ଲେଖାଏଁ ଏବଂ ୧୨ ବର୍ଷରୁ କମ ବାଳକ ଓ ୧୭ ବର୍ଷରୁ କମ ବାଳିକା ବିଭାଗରୁ ୧୧ଜଣ ଲେଖାଏଁ ଫୁଟବଲ ପ୍ରତିଯୋଗିତା ପାଇଁ ଚୟନ ହୋଇଛନ୍ତି । ୬୨ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଥିବା ଖେଳ ଶିକ୍ଷକ ଲମ୍ବଧର ରାମ ସୂଚନା ଦେଇଛନ୍ତି ।

# ୫ ଦଫା ଦାବି ପୂରଣ ଦାବିରେ କୁଡୁମୀ ସେନାରୁ ବିକ୍ଷୋଭ

କେନ୍ଦୁଝର,୬।୯(ସମିସ):




ଓଡିଶା କୁଡୁମୀ ସେନା ପକ୍ଷରୁ କେନ୍ଦୁଝର କାଳୀପଡିଆଠାରୁ ବହୁସଂଖ୍ୟକ ସଦସ୍ୟ ଏକ ବିଶାଳ ଶୋଭାଯାତ୍ରରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଓଡ଼ିଶାର ଦ୍ୱିତୀୟ ସଂଖ୍ୟାଗରିଷ୍ଠ ଲାଭ କରିଥିବା ୩୦ ଲକ୍ଷ କୁଡୁମି ସମ୍ପ୍ରଦାୟ ଚାଷ ଏବଂ ବନ୍ୟ ଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ ଥିବାବେଳେ ବର୍ତ୍ତମାନ ଅବହେଳିତ ରହିଛନ୍ତି ବୋଲି ସଂଗଠନ ଦାବି କରିଛି । ୧୯୫୦ ସେପ୍ଟେମ୍ବର ୬ ତାରିଖ ପରେ କୁଡୁମୀ ସମ୍ପ୍ରଦାୟକୁ ଆଦିବାସୀ ବର୍ଗ ପାଇଁ ଦାବି ଦିଆଯାଇଥିଲା । ବହୁ ସଂଘର୍ଷ ସଂଗ୍ରାମ, ଆନ୍ଦୋଳନ, ପ୍ରତିବାଦ ପରେ ମଧ ଆଦିବାସୀ ବର୍ଗରେ ତାଲିକାଭୁକ୍ତ କରାଯାଉନାହିଁ । କୁଡୁମି ସମ୍ପ୍ରଦାୟକୁ ପୁଣିଥରେ ଆଦିବାସୀ ବର୍ଗରେ ସାମିଲ କରିବାକୁ ଦାବି ହୋଇଛି । କୁଡୁମାଲି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ, କୁଡୁମାଲି ଭାଷାରେ ଶିକ୍ଷାଦାନ, କୁଡୁମି ସମ୍ପ୍ରଦାୟ ଅଧିକୃତ ଜମିକୁ ପଟ୍ଟା ପ୍ରଦାନ, କୁଡୁମୀ ବିକାଶ ପରିଷଦ ଗଠନ ଆଦି ଦାବି ରହିଛି । ଓଡିଶା କୁଡମୀସେନା ଉପସଭାପତି ମିତ୍ରଭାନୁ ମହାନ୍ତ, ଯୁବ ସାଧାରଣ ସମ୍ପାଦକ ବିଶ୍ୱଜିତ ମହାନ୍ତ ସମେତ ଅନ୍ୟ ନେତୃତ୍ୱବୃନ୍ଦ ଦାବିପତ୍ର ଦେଇଥିଲେ ।

■ କାନ୍‌ଝାରୀ ବାମ କେନାଲରେ ଘାଇ

# ସପ୍ତାହେ ବନ୍ଦ ରହିବ ଜଳଯୋଗାଣ

କେନ୍ଦୁଝର, ୬।୯(ସମିସ): କାନଝାରୀ ମଧ୍ୟମ ଜଳଭଣ୍ଡାରରୁ ଯାଇଥିବା ବାମ କେନାଲରେ ଏକ ଛୋଟ ଘାଇ ସୃଷ୍ଟି ହୋଇଛି । ସଦର ବ୍ଲକ ତାଳପଦା ପଞ୍ଚାୟତ ଅନ୍ତର୍ଗତ ଛେମୁଡିବିଲ ନିକଟ ବଗାଲଠାରେ ବାମ କେନାଲରେ ଶନିବାର ସକାଳେ ଏକ ଛୋଟ ଘାଇ ସୃଷ୍ଟି ହେବା ଯୋଗୁଁ କେନାଲରେ ଜଳ ଯୋଗାଣ ବନ୍ଦ ରହିଛି । ଗତ ୨ ସପ୍ତାହ ଧରି ଲଗାଣ ବର୍ଷା ଫଳରେ ବାମ କେନାଲର ଡାହାଣ ପାଶ୍ୱର୍ ଦୁର୍ବଳ ହୋଇ



ଏକ ଘାଇ ସୃଷ୍ଟି ହୋଇ କେନାଲ ଶଯ୍ୟାରେ ପାଣି ନିଷ୍କାସନ ହେଉଛି । କେନାଲ ମରାମତି ପାଇଁ ବାମ ପଟ କେନାଲରେ ଆଜିଠାରୁ ଜଳ ଯୋଗାଣ ବନ୍ଦ କରାଯାଇଛି । ୧ ସପ୍ତାହ ମଧ୍ୟରେ ଏହାର ସ୍ଥାୟୀ ମରାମତି କରାଯାଇ ପୂର୍ବପରି କେନାଲରେ ଜଳ ଯୋଗାଣ କରାଯିବ ବୋଲି କାନ୍‌ଝାରୀ ଏସଡିଓ ଚର୍ତୁଭୂଜ ନାଏକ କହିଛନ୍ତି । ଏହି ସମୟ ମଧ୍ୟରେ ଚାଷୀମାନେ ସହଯୋଗ କରିବାକୁ ବିଭାଗ ପକ୍ଷରୁ ନିବେଦନ କରାଯାଇଛି ।

## ଚମ୍ପୁଆ ସାହିତ୍ୟ ସଂସଦ ପକ୍ଷରୁ ବ୍ଲକ୍ ଟପର୍ ପୁରସ୍କୃତ



ଚମ୍ପୁଆ, ୬।୯(ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଚମ୍ପୁଆ ବ୍ଲକରେ ୨୦୨୪-୨୫ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ଓ ମାତୃଭାଷା (ସାହିତ୍ୟ) ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଙ୍କୁ ଚମ୍ପୁଆ ସାହିତ୍ୟ ସଂସଦ ତରଫରୁ ପୁରସ୍କୃତ କରାଯାଇଛି । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାସେଶ୍ୱର ମହାନ୍ତ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନଶିକ୍ଷକ କଳାକର ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପାଣ୍ଡୁ ରାଠୋର, ଅବସରପ୍ରାପ୍ତ ପ୍ରଧାନଆଚାର୍ଯ୍ୟ ଧରଣୀଧର ଦାସ, ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ । ସାହିତ୍ୟ ସଂସଦର ସମ୍ପାଦକ କଳାକର ମହାନ୍ତଙ୍କ ଦ୍ୱାରା ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଅମରଜିତ୍ ମହାନ୍ତ ଓ ଚମ୍ପୁଆ ସାହିତ୍ୟ ସଂସଦର ସଭାପତି ରାସେଶ୍ୱର ମହାନ୍ତଙ୍କ ଦ୍ୱାରା ମାଟ୍ରିକ ପରୀକ୍ଷାରେ ମାତୃଭାଷା (ସାହିତ୍ୟ)ରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଚନ୍ଦନ ପ୍ରଧାନଙ୍କୁ ମାନପତ୍ର, ଉପଢ଼ୌକନ, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ଅର୍ଥରାଶି ପୁରସ୍କୃତ କରିଥିଲେ । ଅମରଜିତ ମହାନ୍ତଙ୍କ ସହିତ ପିତା ଜୀବନ ମହାନ୍ତ, ଚନ୍ଦନ ପ୍ରଧାନଙ୍କ ମାତା ସୁବାସିନି ପ୍ରଧାନ ପୁରସ୍କାର ଗ୍ରହଣ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନଙ୍କୁ ସମ୍ମାନିତ କରିଥିଲେ । ଆଚାର୍ଯ୍ୟ ଭାସ୍କରଚନ୍ଦ୍ର ମହାକୁଡ଼ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚକାର୍ଯ୍ୟ ପରିଚାଳନା କରିଥିଲେ । ଆଚାର୍ଯ୍ୟ ଉମେଶଚନ୍ଦ୍ର ମହାନ୍ତ, ରବିନ ମହାନ୍ତ ସହଯୋଗ କରିଥିଲେ ।

## କେନ୍ଦୁଝରଗଡ଼ ଶିଶୁ ମନ୍ଦିରରେ ପ୍ରାଦେଶିକ ଗଣିତ ମେଳା



କେନ୍ଦୁଝର, ୬।୯(ସମିସ): କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତି ପ୍ରାଦେଶିକ ଗଣିତ ମେଳା ୨୦୨୫ ଉଦ୍‌ଘାଟିତ ହୋଇଯାଇଛି । ଉତ୍ତର ସଂଭାଗ ସଂପାଦକ ଗଙ୍ଗାଧର କରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ଧରଣୀଧର ସ୍ୱୟଂଶାସିତ ବିଶ୍ୱବିଦ୍ୟାଳୟର କୂଳସଚିବ ପ୍ରତିଭା ପୃଷ୍ଟି ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ଗୁରୁଦିବସରେ ଗୁରୁଶିଷ୍ୟ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ସଂପାଦକ ସରୋଜ କୁମାର ହାତୀ ଗଣିତ ପ୍ରତି ଭାରତର ଅତୁଳନୀୟ ଅବଦାନ ରହିଛି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ସଂଭଗ ସଂଯୋଜକ କ୍ଷେତ୍ରମୋହନ ଦାଶ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ପ୍ରାନ୍ତ ଗଣିତ ସଂଯୋଜକ ବିରଞ୍ଚି ନାରାୟଣ ମହାପାତ୍ର ଗଣିତ ମେଳାର ଉଦ୍ଦେଶ୍ୟ କଥନ ରଖିଥିଲେ । ବିଦ୍ୟାଳୟର ଉପସଭାପତି ପ୍ରିୟବ୍ରତ ସାମଲ, ସଂପାଦକ ସୁଧାଂଶୁ ଶେଖର ପଣ୍ଡା, କୋଷାଧ୍ୟକ୍ଷ ବିଜୟ ଦୀକ୍ଷିତ, ପୂର୍ଣ୍ଣକାଳୀନ ସଂଜୟ ମିଶ୍ର, ରୁଦ୍ରନାରାୟଣ ବେହେରା, ଜ୍ଞାନରଂଜନ ପାଢ଼ି, ହରିଶ୍ଚନ୍ଦ୍ର ପଣ୍ଡା, ଇମ୍ବୋଦର ମହାନ୍ତ, ପ୍ରଦୀପ ସାହୁ, ଅଖିଳ ଭାରତୀୟ ବୌଦିକ ଗଣିତ ସହ ସଂଯୋଜକ ପ୍ରସନ୍ନ ସାହୁ ଉପସ୍ଥିତ ଥିଲେ । ବିଦ୍ୟାଳୟ ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କୃତୀ ଛାତ୍ରଛାତ୍ରୀ ଗଣିତ ପ୍ରକଳ୍ପ, ପତ୍ରବାଚନ, ପ୍ରଶ୍ନମଞ୍ଚ, ପ୍ରୟୋଗ, ଆଚାର୍ଯ୍ୟ ପତ୍ରବାଚନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି ।

## ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୬।୯ (ସମିସ): ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଗୁରୁଦିବସ ପାଳନ ଅବସରରେ ବରିଷ୍ଠ ଶିକ୍ଷକ ସମ୍ବର୍ଦ୍ଧନା ସଭା ଆନନ୍ଦପୁର ଆନନ୍ଦଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଡ.ଅଭିନ୍ନଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ବରିଷ୍ଠ ଲେଖକ ରତ୍ନାକର ଦାସ ସଞ୍ଚାଳନ କରିଥିଲେ । ଘସିପୁରା ବ୍ଲକରୁ ଅବସରପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ଗୋଲକ ବିହାରୀ ଅଚାର୍ଯ୍ୟ, ଆନନ୍ଦପୁରରୁ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୀର୍ତ୍ତନ ସାହୁ ଓ ହାଟଡିହୀ ବ୍ଲକରୁ ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଚତୁର୍ଭୁଜ ପହୀଙ୍କୁ ମାନପତ୍ର, ଫଳକ ଓ ଉତ୍ତରୀୟ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଦ୍ୱିତୀୟ ଅଧିବେଶନରେ କବି କୈଳାସଚନ୍ଦ୍ର ବେହେରା, ପବିତ୍ରମୋହନ ବେହେରା, ଚତୁର୍ଭୁଜ ଜେନା, ସନ୍ତୋଷ ସିଂହ, ରଙ୍ଗାଧର ନନ୍ଦୀ, ରାମଚନ୍ଦ୍ର ଜେନା, ସୁଦାମ ଚରଣ ସାହୁ, ନୀଳମଣି ବାରିକ ପ୍ରମୁଖ କବିମାନେ ଗୁରୁ ଦିବସ ସଂପର୍କିତ କବିତା ମାନ ଆବୃତ୍ତି କରିଥିଲେ । ପରିଷଦର ଉପସଭାପତି ପ୍ରଫେସର ରମାକାନ୍ତ ନାୟକ ଅନୁଷ୍ଠାନର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଂପାଦକ ପଦ୍ମନାଭ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବରିଷ୍ଠ ବିଦ୍ୱାନ ଚିତ୍ତରଞ୍ଜନ ଦାଶ, ଶିଶିର କର, ରଘୁନାଥ ପଣ୍ଡିତ, ବିନୋଦ ବିହାରୀ ଦାସ, ବିନୋଦ ବିହାରୀ ମିଶ୍ର, ଡ.ବିଜୟ ସାହୁ, ମମତା ଜେନା, ଜଗନ୍ନାଥ ପାଢୀ ପ୍ରମୁଖ ସଂକ୍ଷିପ୍ତ ଅଭିଭାଷଣ ପ୍ରଦାନ କରିଥିଲେ ।



ଆନନ୍ଦପୁର: ଘସିପୁରା କ୍ୟାରମ୍ ଏକାଡେମୀ ପକ୍ଷରୁ ବରିଷ୍ଠ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି

## ଡମ୍ଫର ଧକ୍କାରେ ଜଣେ ଗୁରୁତର

ବେଲବାହାଲି, ୬।୯(ସମିସ): ଘସିପୁରା ଥାନା ୨୦ନଂ ଜାତୀୟ ରାଜପଥ ବାରିଗାଁ ପେଟ୍ରୋଲ ପମ୍ପ ନିକଟରେ ଏକ ଡମ୍ଫର ଗାଡି ସାମନା ପଟୁ ବାଇକକୁ ଧକ୍କା ଦେବା ଫଳରେ ବାଇକ୍ ଚାଳକ ରାମଚନ୍ଦ୍ରପୁର ଥାନା ଜଳସୁଆଁ ଗ୍ରାମର ଆଦିତ୍ୟ ସାହୁ (୨୦) ଗୁରୁତର ଆହତ ହୋଇଛନ୍ତି । ଗ୍ରାମକୁ ଫେରୁଥିବା ସମୟରେ ରାଜପଥ କଡରେ ବେଆଇନି ପାର୍କିଂରେ ଛିଡାହୋଇଥିବା ଡମ୍ଫର (ଓଆର ୧୬ସି ୩୧୬୦) ଦ୍ରୁତ ଗତିରେ ରାସ୍ତା ଅତିକ୍ରମ କରୁଥିବା ବେଳେ ବାଇକର ସାମନା ପଟକୁ ଧକ୍କା ଦେଇଥିଲା । ଖବର ପାଇ ଅଗ୍ନିଶମ ବାହିନୀ ଏବଂ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଆଦିତ୍ୟଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତରିତ କରିଥିବା ଜଣାପଡିଛି । ଅନ୍ୟପଟେ ଉକ୍ତ ରାଜପଥ କଡ଼ରେ ବେଆଇନ ପାର୍କିଂ ଯୋଗୁଁ ଏଭଳି ଘଟଣା ଘଟିଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି ।

## ରସାୟନ ବିଜ୍ଞାନ ବିଭାଗରେ ସ୍ୱାଗତ ସଭା



ଆନନ୍ଦପୁର, ୬।୯ (ସମିସ): ଆନନ୍ଦପୁର ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ବିଭାଗୀୟ ମୁଖ୍ୟ ଡ ନିମାଇଁ ଚରଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡ ନାରାୟଣ ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଡ ଶକ୍ତିପ୍ରସାଦ ମହାପାତ୍ର, ଶ୍ରୀକାନ୍ତ କୁମାର ପଟେଲ, ଭାରତୀ ସାହୁ, ଅନିତା ଦାସ, ପ୍ରଫୁଲ୍ଲ ପଣ୍ଡା, ବିଶ୍ୱରଂଜନ ସାହୁ, ଆଦ୍ୟଦେବ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସଞ୍ଜୟ ସାହୁ ଓ ଦେବାଶିଷ ଦାସ ସଂଯୋଜନା କରିଥିଲେ । ସେମିନାର ସମ୍ପାଦକ ସଭାର ଉଦ୍ଦେଶ୍ୟ ଏବଂ ସମ୍ପାଦକ ଲକ୍ଷ୍ମୀପ୍ରିୟା ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ । ସମସ୍ତ ଛାତ୍ରଛାତ୍ରୀଙ୍କ ସହ ପାର୍ଥସାରଥୀ ବେଜ କାର୍ଯକ୍ରମ ପରିଚାଳନା କରିଥିଲେ ।

## ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

ରାମଚନ୍ଦ୍ରପୁର, ୬।୯ (ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ନୟାଗଡ଼ ଗ୍ରାମର ମଧୁସୂଦନ ପାଢ଼ୀଙ୍କ ଏକମାତ୍ର ପୁଅ ତ୍ରିଲୋଚନ (୩୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଗତ ମାର୍ଚ୍ଚ ୨୭ ତାରିଖ ଗୁରୁବାର ସଂଧ୍ୟା ୮ଟା ସମୟରେ କୌଣସି କାମରେ ବାଇକ୍ ଯୋଗେ ଯାଜପୁରକୁ ଯାଉଥିବା ବେଳେ ୨୦ ନଂ ଜାତୀୟ ରାଜପଥ ଅନ୍ଧାରୀ ନିକଟସ୍ଥ ରଘୁ ଢ଼ାବା ନିକଟରେ ଦୁର୍ଘଟଣା ଘଟିଥିଲା । ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ପରେ ସଙ୍କଟାପନ୍ନ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ଣରେ ଯୁବକଙ୍କ ମୃତ୍ୟୁ ଘଟିଛି ।



## ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ବାଲିବନ୍ଧ, ୬।୯(ସମିସ): ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ-୨୦୨୫ରେ ଝୁମ୍ପୁରା ବ୍ଲକ୍ ଝୁମ୍ପୁରା ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀ ପୁଷ୍ପଲତା ପଣ୍ଡା, ଶିକ୍ଷକ କ୍ଷେତ୍ରମୋହନ ନାୟକ, ରୋହିଦାସ ମାଝୀଙ୍କୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ମିଳିଛି । ସେହିପରି ଝୁମ୍ପୁରା ସରକାରୀ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଚନ୍ଦ୍ରକଳା ସାହୁଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର (ପ୍ରାଥମିକ ଶିକ୍ଷା ପୁରସ୍କାର) ପ୍ରଦାନ କରାଯାଇଛି । କେନ୍ଦୁଝରସ୍ଥିତ ପିଏମଶ୍ରୀ ଡିଏନ୍ ହାଇସ୍କୁଲ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ତେଲକୋଇ ବିଧାୟକ ଡା. ଫକୀରମୋହନ ନାଏକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଏଡିଏମ ମନ୍ଦରଧର ମହାଲିକ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବହିରା, ଜିଲ୍ଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷା କଲ୍ୟାଣୀ ମାଝୀ ପ୍ରମୁଖ ମାନପତ୍ର ସହ ଟ୍ରଫି ପ୍ରଦାନ କରିଛନ୍ତି । ଝୁମ୍ପୁରା ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ର, ଅତିରକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନବକିଶୋର ସାମଲ, ମୁକୁନ୍ଦ ବେହେରା, ଜୟନ୍ତୀ ମଲ୍ଲିକ, ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କର୍ମଚାରୀମାନେ ଉକ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

## ଭାରତୀୟ ଶିକ୍ଷଣ ମଣ୍ଡଳ ଉଖୁଣ୍ଡା ଶାଖାର ଗୁରୁପର୍ବ




ଝୁମ୍ପୁରା, ୬।୯(ସମିସ): ଭାରତୀୟ ଶିକ୍ଷଣ ମଣ୍ଡଳ ପୂର୍ବପ୍ରାନ୍ତ ଓଡ଼ିଶା ଦ୍ୱାରା ଶିକ୍ଷକ ସଂସ୍କୃତି ଭବନ ଝୁମ୍ପୁରା ବ୍ଲକ ଉଖୁଣ୍ଡାଠାରେ ଶୁକ୍ରବାର ବ୍ଲକସ୍ତରୀଦ ଗୁରୁପର୍ବ ପାଳିତ ହୋଇଯାଇଛି । ସଭାପତି ଅମୃତ ଚରଣ ମହାନ୍ତଙ୍କ ସହ ମୁଖ୍ୟଅତିଥି ସୁରେଶଚନ୍ଦ୍ର ମହାନ୍ତ, ମୁଖ୍ୟବକ୍ତା ନରେଶ କୁମାର କର, ସମ୍ମାନିତ ଅତିଥି ଭକ୍ତବନ୍ଧୁ ମହାନ୍ତ, ସୁରେନ୍ଦ୍ରନାଥ ରାଉତ, କହ୍ନେଇ ଚରଣ ନାୟକ, ବିଶ୍ୱନାଥ ସାହୁ ଯୋଗ ଦେଇଥିଲେ । ସୁଦର୍ଶନ ମହାନ୍ତ ମଞ୍ଚ ପରିଚାଳନା କରିଥିଲା ବେଳେ କର୍ମୁ ଦାସ, ସମ୍ପାଦକ ଅଜିତ୍ ମହାପାତ୍ର, ଅମୀୟ ପଲେଇ, ବଳଭଦ୍ର ମହାନ୍ତ, ଭରତଚନ୍ଦ୍ର ମହାନ୍ତ, ପବିତ୍ର ସାହୁ, କମଳାକାନ୍ତ ମହାନ୍ତ, ସୀତାରାମ ରାଉଳ, ରାଜୀବ ଲୋଚନ ମହାନ୍ତ, ସନ୍ତୋଷ ସାହୁ, ଅନନ୍ତ ତରାଇ, ଲିଟନ ବେହେରା, ରବିନ୍ଦ୍ର ମହାନ୍ତ, ଟିମାକର ମହାନ୍ତ, ଅଭୟ ନାଏକ, ପ୍ରତିମା ନାଏକ, ମନ୍ଦାକିନୀ ପାତ୍ର, ପୁଷ୍ପଲତା ମହାନ୍ତି, ଲଳିତା ନାଏକ, ପ୍ରଭାକର ମହାନ୍ତ, ବିରେନ୍ ମିତ୍ର ନାଏକ, କହ୍ନେଇ ନାଏକ, ପରମାନନ୍ଦ ନାଏକ ସହଯୋଗ କରିଥିଲେ । ବ୍ଲକର ବିଭିନ୍ନ ଅଞ୍ଚଳରୁ ଏକ ହଜାରରୁ ଅଧିକ ଅବସର ଓ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ବିଭୂତି ଭୁଷଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଭିନ୍ନ ବିଦ୍ୟାଳୟରେ ଗୁରୁଦିବସ ପାଳିତ

କେନ୍ଦୁଝର, ୬।୯(ସମିସ):




କେନ୍ଦୁଝର ବଡହଲସ୍ଥିତ ଯୁକ୍ତ ୨ ବିଜ୍ଞାନ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ସଭାପତି ଇଂ ଜିତେନ କ୍ରିଷ୍ଣାରାମ ଦାନୀ ସଭାପତିତ୍ୱ କରିଥିଲେ । ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ଗୁରୁଙ୍କୁ ଅତି ସୁନ୍ଦର ଭାବରେ ପୂଜାର୍ଚ୍ଚନା କରି ଉପହାର ପ୍ରଦାନ କରିଥିଲେ । ଶିକ୍ଷକଙ୍କ ବାର୍ତ୍ତା ପରେ ବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଛାତାଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

ବାଲିବନ୍ଧ: ଝୁମ୍ପୁରା ବ୍ଲକ୍ ଖେଣ୍ଡରାସ୍ଥିତ କେରଳା ଇଂରାଜୀ ମଧ୍ୟମ ବିଦ୍ୟାଳୟର ପ୍ରିନ୍ସପାଲ ଶୁଭ୍ରା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବକ୍ତୃତାରେ ଅଂଶଗ୍ରହଣ କରିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସେହିପରି ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା । ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନଆଚାର୍ଯ୍ୟ ଡମ୍ବରୁଧର ମହାନ୍ତ ଅଧ୍ୟକ୍ଷତା କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଚାର୍ଯ୍ୟ ମନୋଜ ସାହୁ ଗୁରୁ ଦିବସର ମହାତ୍ମ୍ୟ ବିଷୟରେ ଆଲୋକପାତ କରିଥିଲେ । ଚିତ୍ରାଙ୍କନ, ପ୍ରବନ୍ଧ, ସୁନ୍ଦର ହସ୍ତାକ୍ଷର, ସଙ୍ଗୀତ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବରିଷ୍ଠ ଆଚାର୍ଯ୍ୟ ମଧୁସୁଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଭାଲୁକ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ସରକାରୀ ମକ୍ତବ ବିଦ୍ୟାଳୟ, ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳିତ ହୋଇଯାଇଛି ।

ଚମ୍ପୁଆ: ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ରମାକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ କଳାକର ମହାନ୍ତ, ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତି ଓଡ଼ିଶା, ଉତ୍ତର ସମ୍ଭାଗର ସମ୍ପାଦକ ଗଙ୍ଗାଧର କର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ସୈନିକ ତଥା ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ଅରୁଣ ନାଏକ, ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ ସଦସ୍ୟା ମୋନାଲିସା ରାଉତ, ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ଓ ପ୍ରଧାନ ଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ମଞ୍ଚାସୀନ ଥିଲେ । ଛାତ୍ରଛାତ୍ରୀମାନେ ଅତିଥି ଓ ଗୁରୁଜୀ ଗୁରୁମାଆ ମାନଙ୍କୁ ବନ୍ଦାପନା କରିବା ସହିତ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ । ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିଚାଳିତ କାର୍ଯ୍ୟକ୍ରମକୁ ଛାତ୍ର ଆଶୁତୋଷ ପ୍ରଧାନ, ଛାତ୍ରୀ ଅର୍ଚ୍ଚିତା ପ୍ରଧାନ ପରିଚାଳନା କରିଥିଲେ । ରାଜସ୍ମିତା ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଲିପସା ମହାରଣା, ଇପସିତା ପ୍ରଧାନ, ଅଙ୍କିତା ପ୍ରିୟଦର୍ଶିନୀ ଦେହୁରୀ, ଅତନୁ ସବ୍ୟସାଚୀ ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରିୟାଂଶୁ ବାରିକ, ଶୁଭ୍ରା ରାମ, ସୁଦୀପ୍ତା ମହାନ୍ତ, ଗୋପୀନାଥ ବାରିକ, ଶୁଭମ ବେହେରା, ରୂପମ କାମିଲାଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ଶେଷ ହେଲା ଦେବଗଡ଼ ଗଣେଶ ମେଳା





ଦେବଗଡ଼,୬।୯ (ସମିସ): ଭସାଣି ଶୋଭାଯାତ୍ରା ସହ ୧୦ ଦିନ ବ୍ୟାପି ଅନୁଷ୍ଠିତ ଦେବଗଡ଼ ଗଣେଶ ମେଳାର ସମାପ୍ତି ଘଟିଛି। ପୂଜା ମଣ୍ଡପରୁ ବିଘ୍ନରାଜ ଶ୍ରୀଗଣେଶଙ୍କ ମେଢ଼କୁ ଏକ ସୁସଜ୍ଜିତ ଯାନରେ ସ୍ଥାପନା କରାଯାଇ ସଂକୀର୍ତ୍ତନ ମଣ୍ଡଳୀ ଓ ଘଣ୍ଟବାଦ୍ୟର ତାଳେ ତାଳେ ଭସାଣି ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାରେ ରାଜ୍ୟ ତଥା ରାଜ୍ୟ ବାହାରର ବହୁ ସାଂସ୍କୃତିକ ଦଳ ସାମିଲ ହୋଇ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୌରାଞ୍ଚଳର ବିଭିନ୍ନ ସାହି ଗଳି ଦେଇ ଶୋଭାଯାତ୍ରା ନଗର ପରିକ୍ରମା କରିବା ସହ ସ୍ଥାନୀୟ ଷୋହଳବଖରୀ କଟାରେ ଅଗ୍ନିଶମ ବାହିନୀ କର୍ମଚାରୀଙ୍କ ଉପସ୍ଥିତିରେ ଗଣେଶଙ୍କ ମୂର୍ତ୍ତିକୁ ବିସର୍ଜିତ କରାଯାଇଥିଲା। ଭସାଣି ଶୋଭାଯାତ୍ରା ଦେଖିବା ପାଇଁ ସହରର ପ୍ରତ୍ୟେକ ଛକରେ ଜନସାଧାରଣଙ୍କ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିଲା। ଶୋଭାଯାତ୍ରାରେ କମିଟିର ସଭାପତି ରାଜ କିଶୋର ଦାଶ, ଉପସଭାପତି ପ୍ରଦୀପ ଅମାତ, ସଂପାଦକ ପ୍ରଦ୍ୟୁମ୍ନ ଆଚାର୍ଯ୍ୟ, ସହସଂପାଦକ ପ୍ରଦ୍ୟୁମ୍ନ ବେହେରା, ଉପଦେଷ୍ଟା ଉମାଶଙ୍କର ସାହୁଙ୍କ ସମେତ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ପୌରପରିଷଦ ଦୁର୍ନୀତି ମାମଲା

# ଫେରାର ସାନିଟାରୀ ଏକ୍ସପର୍ଟଙ୍କୁ ଆଗୁଆ ଜାମିନ

ଝାରସୁଗୁଡ଼ା,୬।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ପୌର ପରିଷଦରେ ଆର୍ଥିକ ଅନିୟମିତତା ମାମାଲାରେ ଆଜି ଓପିଆଇଡି କୋର୍ଟରେ ହଜାର ହେଲେ ମଧୁସ୍ମିତା ସିଂ। ତାଙ୍କ ବେଲ୍ ଆବେଦନକୁ ଓପିଆଇଡି କୋର୍ଟ ନାମନଞ୍ଜୁର କରିଥିବା ବେଳେ ପୁଣି ୧୫ ତାରିଖ ଏହି ମାମଲାର ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଇଓଡବ୍ଲ୍ୟୁକୁ ମଧ ସିଡି ରିପୋର୍ଟ ଦାଖଲ କରିବା ପାଇଁ ଓପିଆଇଡି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଏହି ମାମଲାର ଅନ୍ୟ ଜଣେ ଅଭିଯୁକ୍ତ ଫେରାର ସାନିଟାରୀ ଏକ୍ସପର୍ଟଙ୍କୁ ଆଗୁଆ ଜାମିନ ମିଳିଛି। ସାନିଟାରୀ ଏକ୍ସପର୍ଟ ସୌମ୍ୟ ବିଶ୍ୱରଞ୍ଜନ ମହାଳିଙ୍କ ଆଗୁଆ ଜାମିନ ଆବେଦନ ଓଡ଼ିଶା ହାଇକୋର୍ଟ ମଞ୍ଜୁର କରିଛନ୍ତି। ଗିରଫ ଭୟରେ ସୌମ୍ୟ ଗତ ୧୮ ତାରିଖରୁ ଫେରାର ଥିବାବେଳେ ଗତ ୨୦ ତାରିଖ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ। ୨୨ ତାରିଖ ତାଙ୍କ ଆବେଦନ ପଞ୍ଜୀକରଣ ହୋଇଥିଲା। ତାଙ୍କ ଆବେଦନ ମଞ୍ଜୁର ହୋଇଥିବା ନେଇ ଆଜି ରାତି ୮ ଟାରେ ସୂଚନା ମିଳିଛି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୪ ତାରିଖ ଥିବାବେଳେ ଦୁର୍ନୀତି ମାମଲାର ତଦନ୍ତକାରୀ ସଂସ୍ଥା ମାମଲାରେ ସୌମ୍ୟଙ୍କୁ ନିଜ ହେପାଜତକୁ ନେଇ ପାରିବ ନାହିଁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ସୌମ୍ୟ ତଦନ୍ତକାରୀ ସଂସ୍ଥାକୁ ତଦନ୍ତରେ ସହଯୋଗ କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ପ୍ରକାଶ ଯେ, ଘଟଣାର ତଦନ୍ତ ଏବେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) କରୁଥିବାବେଳେ ବେଲପାହାଡ ପୌର ପରିଷଦର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁସ୍ମିତା ସିଂ ଏବଂ ଆକାଉଣ୍ଟାଣ୍ଟ ବିଭୁତି ଭୂଷଣ ସାହୁ ପୂର୍ବରୁ ଗିରଫ ହୋଇଛନ୍ତି।

**୧୫ରେ କୋର୍ଟରେ ପୁଣି ହାଜର ହେବେ ପୂର୍ବତନ ଇଓ**

# ଅମୃତ କୁଟୁମ୍ବର ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର

■ ୪୨ ୟୁନିଟ୍ ରକ୍ତ ସଂଗ୍ରହ



ଭେଡେନ,୬।୯ (ସମିସ): ଭେଡେନ ସ୍ଥିତ ହାଟପଡା ୟୁପି ସ୍କୁଲ ପରିସରରେ ଅମୃତ୍ କୁଟୁମ୍ ଭେଡେନ୍‌ର ପଞ୍ଚମ ପ୍ରତିଷ୍ଠା ଦିବସ ଓ ଗୁରୁ ଦିବସ ପାଳନ ଅବସରରେ ୫୧ତମ ରକ୍ତଦାନ୍ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ଅଗ୍ନି ପ୍ରଧାନ, ଘାସିରାମ ଦାଶ, ଭିଖାରି ଚରଣ ପଧାନ ପ୍ରମୁଖ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଭାପତି ଆନନ୍ଦ ଚନ୍ଦ୍ର ସୁନା ଓ ଉପଦେଷ୍ଟା ଭବାନି ଶଙ୍କର ପାଢ଼ୀ, ଉପେନ୍ଦ୍ର ଭୋଇ ଓ ରୁଦ୍ରନାରାୟଣ ସାହୁ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସାଧାରଣ ସଭା ସଭାପତି ଶ୍ରୀ ସୁନାଙ୍କର ସଭାପତିତ୍ୱରେ ହୋଇଥିଲା। ପ୍ରଥମେ ତିନି ଜଣ ଗୁରୁଙ୍କ ପାଦ ଧୋଇ ପୂଜା କରି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଉପଢୌକନ ତଥା ମାନପତ୍ର ଦେଇ ସମ୍ମାନିତ କରାଗଲା। ଅନୁଷ୍ଠାନ ତରଫରୁ ବରଗଡ଼ ରକ୍ତଭଣ୍ଡାର୍‌ର କର୍ମକର୍ତ୍ତା ଅମରଜିତ ମହାନ୍ତି ଶ୍ରିବତ୍ସ ସେଠ, ଭୁବନ ପଧାନ ଓ ବୁର୍ଲାରକ୍ତ ଭଣ୍ଡାର୍‌ର ଡ.ମନମନ୍ତ ଦାଶ, ଦେବାଶିଷ ମିଶ୍ର, ଲାଲୁ ବିଶ୍ୱାସ, ଜନକ ବେହେରାଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ତଥା ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଅନୁଷ୍ଠିତ ସଭାକୁ ସୁରେନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶିବିରରେ ମୋଟ ୪୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମକୁ ଗୋପି ମେହେର, ଘନସ୍ୟାମ ଅଗ୍ରୱାଲ, ବିରେନ୍ଦ୍ର ଭୋଇ, ବଂଶିଧର ବେହେରା, ମହେନ୍ଦ୍ର ସେଠ, ଘଡି ବେହେରା, ଭିଷ୍ମସିଂ ଛନ୍ଦ, ରଜତ ପାତ୍ର, ନରେନ୍ଦ୍ରେ ଭୋଇ, ଲଳିତ ସାହୁ, ଭିମ ଦୁବସାଗର ଶେଷଦେବ କର୍ଣ୍ଣ, ସେବା ପରିବାର, ମାହେଶ୍ୱରୀ ସେନା, କୋସଲ ସେନା ଓ କୃଷକ ସଂଗଠନ ଭେଡେନ ସହଯୋଗ କରିଥିଲେ।

# ଓକିଲ ସଂଘ ତରଫରୁ ମଧୁ ବାବୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ପଦ୍ମପୁର,୬।୯ (ସମିସ): ପଦ୍ମପୁର ଓକିଲ ସଙ୍ଘ ତରଫରୁ ସଙ୍ଘ କାର୍ଯ୍ୟାଳୟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଓଡ଼ିଶା ମାନବଧିକାର




କମିଶନ ଅଧ୍ୟକ୍ଷ ଜଷ୍ଟିସ ଶତ୍ରୁଘ୍ନ ପୁଝାରୀ ମୁଖ୍ୟ ଅତିଥି ଭାବେ ପ୍ରତିମାକୁ ଉନ୍ମୋଚିତ କରିଥିଲେ। ଏହାସହ ଓକିଲାତି ପେସାରେ ଦୀର୍ଘ ୫୦ ବର୍ଷ ଧରି କାର୍ଯ୍ୟ ତୁଲାଉଥିବା ଆଇନଜୀବୀ ରତିଶ ଚନ୍ଦ୍ର ଆଚାର୍ଯ୍ୟ, ରାଧାବଲ୍ଲଭ ପାଣିଗ୍ରାହୀ, ଗୌନ୍ତିଆ ସାହୁ, ପ୍ରେମରାଜ ଅଗ୍ରୱାଲ, ସୁରେଶ ଚନ୍ଦ୍ର ସାହୁଙ୍କୁ ସଙ୍ଘ ତରଫରୁ ସମ୍ମାନିତ କରା ଯାଇଥିଲା। ରାମକୃଷ୍ଣ ଦାସ, ଗଜାନନ ବାରିକଙ୍କୁ ମରଣୋତ୍ତର ସ୍ମୃତିପତ୍ର ତାଙ୍କ ପରିବାର ଲୋକଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଦୌରା ଜଜ ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ଉପଜିଲ୍ଲାପାଳ ସ୍ନେହା ଅରୁଗୁଲା, ସବ ଜଜ କୁମୁଦିନୀ ମୁଦୁଲି, ଏସଡିଜେଏମ ଧୃବି ସୋଲଙ୍କି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଦ୍ମପୁର ଓକିଲ ସଙ୍ଘର ସଭାପତି ରାମରତନ ପୁରୋହିତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଚିନ୍ମୟ ପଣ୍ଡା ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ଓକିଲ କିଶୋର ମେହେର ପରିଚାଳନା କରିଥିଲେ।

# କୁଳତା ସମାଜ ବିକାଶ ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍



ଝାରସୁଗୁଡ଼ା,୬।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସାନଜୋବ ଠାରେ ଶନିବାର କୁଳତା ସମାଜ ବିକାଶ ମଞ୍ଚ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଧୁମଧାମରେ ହୋଇଯାଇଛି। ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅତିଥି ଭାବେ ଡଲି ସା, ଟିକେନାଥ ବଢ଼ାଇ, ଈଶ୍ୱର ଚନ୍ଦ୍ର ବାରିକ, ଅକ୍ଷୟ ପ୍ରଧାନ, ଟଙ୍କଧର ସାହୁ, ସୁଶୀଲ ପ୍ରଧାନ, ନନ୍ଦ କିଶୋର ପ୍ରଧାନ, ସନ୍ତୋଷ ବଢ଼ାଇ, କ୍ଷୀରୋଦ ପ୍ରଧାନ, ଆଚର୍ଯ୍ୟ କ୍ଷମାନିଧି ସାହୁ, ଗଜାନନ ସାହୁ, ରମେଶ ଚନ୍ଦ୍ର ସା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗାୟିକା କୁଳତା ସମାଜର ଝିଅଙ୍କୁ ଏବଂ ବ୍ରଜରାଜନଗରର ସାମ୍ବାଦିକ ମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। କୁଳତା ସମାଜର କିପରି ଭାବେ ଆହୁରି ଉନ୍ନତି ହୋଇପାରିବ ତାକୁ ନେଇ ଆଲୋଚନା କରାଯାଇଥିଲା। ଶେଷରେ ନୃତ୍ୟଗୀତ ପରିବେଷଣ କରାଯିବା ସହିତ ସମସ୍ତଙ୍କ ପାଇଁ ଭୋଜନର ବ୍ୟବସ୍ଥା କରାଯାଇଥିଲା।

# ଲଖନପୁର କୋଇଲା କ୍ଷେତ୍ର ପକ୍ଷରୁ ନୂଆଁଖାଇ ଭେଟ



ଇବଥର୍ମାଲ,୬।୯ (ସମିସ): ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ପକ୍ଷରୁ ଚତୁର୍ଥ ବର୍ଷ ପାଇଁ ନୂଆଁଖାଇ ଭେଟଘାଟ ମହାସମାରୋହରେ ପାଳିତ ହୋଇଛି। କୋଇଲା କ୍ଷେତ୍ର ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମସିଏଲ ସିଏମ୍‌ଡି ଉଦୟ ଏ କାଉଲେ, ଝାରସୁଗୁଡ଼ା ଜିଲ୍ଲା ଡିଏଫ୍‌ଓ ଅଶୋକ ମନୁ ଭଟ୍ଟ, ଡାଇରେକ୍ଟର ଫାଇନାନ୍ସ ଅଜିତ ବେଉରା, ଡାଇରେକ୍ଟର ଡିଟି (ପିଏଣ୍ଡପି) ସଞ୍ଜୟ ଝା ପ୍ରମୁଖ ଯୋଗ ଦେଇଥିଲେ। କୋଇଲା କ୍ଷେତ୍ର ପକ୍ଷରୁ ଲଖନପୁର ବ୍ଲକ୍ ଅଧ୍ୟକ୍ଷା ସମେତ ୩୩ଟି ପଞ୍ଚାୟତର ସରପଞ୍ଚ ସମିତି ସଭ୍ୟ ସଭ୍ୟା, ସରକାରୀ ଅଧିକାରୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମହାପ୍ରବନ୍ଧକ ଅୱଦ ପାଣ୍ଡେ ସ୍ୱାଗତ ଭାଷଣ ଦେଇଥିଲେ। ଏମସିଏଲ ସିଏମ୍‌ଡି ଶ୍ରୀ କାଉଲେ ଏମସିଏଲର କୋଇଲା ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠତା ବିଷୟରେ କହିବା ସହ ଅଞ୍ଚଳରେ ଅନେକ କାମ ପାଇଁ ପ୍ରସ୍ତାବ ରଖିଥିଲେ। ମନ୍ତ୍ରୀ ଶ୍ରୀ ପୂଜାରୀ ତାଙ୍କ ବକ୍ତବ୍ୟରେ ଝାରସୁଗୁଡ଼ାରେ ହେବାକୁଥିବା ମେଡିକାଲ କଲେଜ୍‌ରେ ଏମସିଏଲର ସହଭାଗିତା ଓ ଲଖନପୁର କୋଇଲା କ୍ଷେତ୍ରରେ ଏକ ସେଣ୍ଟ୍ରାଲ ସ୍କୁଲ ଏମସିଏଲ ପକ୍ଷରୁ କରାଯାଉ ବୋଲି କହିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ହେତୁ କୋଇଲା କ୍ଷେତ୍ରରେ କାମ କରୁଥିବା ପ୍ରୀୟା ଓରାମ, ଦୀପଙ୍କର ଘୋଷ, ଅଭିଷେକ ସିହ୍ନା, ଲିଙ୍ଗରାଜ ବଢ଼େଇ, ମଞ୍ଜୁ ତପନ, ନବୀନ ବଢ଼େଇ, ଅନିରୁଦ୍ଧ କାଲୋ, ସତ୍ୟଭାମା ମେହେର ଆଦିଙ୍କୁ ମୁଖ୍ୟ ଅତିଥିଙ୍କ ହାତରେ ପୁରସ୍କୃତ କରା ଯାଇଥିଲା। ଏହି ଅବସରରେ ଡିଏଭି ସ୍କୁଲ ବନ୍ଧବାହାଲ, ସରସ୍ୱତୀ ଶିଶୁମନ୍ଦିର ବନ୍ଧବାହାଲ, ବିଦ୍ୟା ବିକାଶ ଏକାଡେମୀ ବନ୍ଧବାହାଲ, ଛର୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରୋଜବଡ ପ୍ଲେ ସ୍କୁଲ, ବନ୍ଧବାହାଲ ହାଇସ୍କୁଲ, ମନୋଜ ପାଢ଼ୀ ହାଇସ୍କୁଲ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଏମ୍ ମାଇନିଂ ସତ୍ୟ ଭୂଷଣ ବାରିକ ସଭା ସଞ୍ଚାଳନ କରିଥିବା ବେଳେ ସବିତା ସେଠ୍ ଓ ଲିଜା ପ୍ରଧାନ ସାଂସ୍କୃତିକ ମଞ୍ଚ ସଞ୍ଚାଳନ କରିଥିଲେ। ସୁରକ୍ଷା ଅଧିକାରୀ ନିରଞ୍ଜନ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଲପାହାଡ଼ ଓ ବ୍ରଜରାଜନଗରରୁ ଗଞ୍ଜେଇ ଜବତ, ୩ ଗିରଫ

ଝାରସୁଗୁଡ଼ା,୬।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଓ ବେଲପାହାଡ ଥାନାଞ୍ଚଳରୁ ପୁଲିସ ଗଞ୍ଜେଇ ଜବତ କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବ୍ରଜରାଜନଗରରେ ବେଆଇନ ଗଞ୍ଜେଇ ବିକ୍ରି ଚାଲିଥିବା ନେଇ ପୁଲିସକୁ ସୂଚନା ମିଳିବା ପରେ ଏକ ଟିମ ଚଢ଼ଉ କରିଥିଲା। ସେଠାରୁ ୩ କେଜି ୪୮୦ ଗ୍ରାମ ଗଞ୍ଜେଇ ଜବତ କରିବା ସହ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର ପୁଲିସ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ବ୍ରଜରାଜନଗରର ସୁକେଶ ସିଂ (୫୦) ଏବଂ ରାମଶଙ୍କର ସିଂ (୬୨) ବୋଲି ଜଣାପଡ଼ିଛି। ଅଭିଯୁକ୍ତ ମାନଙ୍କ ନିକଟରୁ ୩୨,୪୦୦ ଟଙ୍କା ପୁଲିସ ଜବତ କରିଛି। ସେହିପରି ଝାରସୁଗୁଡ଼ା ଜିଲ୍ଲା ବେଲପାହାଡରୁ ୧ କେଜି ୩୩୫ ଗ୍ରାମ ଗଞ୍ଜେଇ ପୁଲିସ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ବେଲପାହାଡର ହିମାଂଶୁ ଶେଖର ଜେନା ହୋଇଥିବା ବେଳେ ତାଙ୍କ ନିକଟରୁ ୧୩ ହଜାର ଟଙ୍କା ପୁଲିସ ପକ୍ଷରୁ ଜବତ କରାଯାଇଛି।

# ଇଜେଭି ଫାଉଣ୍ଡେସନ ପକ୍ଷରୁ ଗୁରୁ ଦିବସ

ଝାରସୁଗୁଡ଼ା,୬।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ସଂସ୍କୃତି ଭବନରେ ଇଜେଭି ଫାଉଣ୍ଡେସନ ପକ୍ଷରୁ ଧୁମାଧାମରେ ଗୁରୁ ଦିବସ ପାଳିତ ହୋଇଛି। ଏଥିରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ଗୁରୁ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଲଖନପୁର, ଲାଇକେରା, ଝାରସୁଗୁଡ଼ା ଆଦି ବ୍ଲକ୍‌ରୁ ଅନେକ ଗୁରୁ ଉପସ୍ଥିତ ରହିଥିଲେ। ପ୍ରଫେସର ସୁରେଶ ପଟେଲ, ରବୀନ୍ଦ୍ର ଦେବତା, ନାରାୟଣ ବାଗ, ଓ ଗିରିଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ପ୍ରଦାନ କରିଥିବା ବେଳେ




କାର୍ଯ୍ୟକ୍ରମରେ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜେସଡବ୍ଲ୍ୟୁର ବିଶାଳରାଜ ଓ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ଗୁରଫାନ ଖାନ ବିଶେଷ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗତ ୩୧ ତାରିଖରେ ହୋଇଥିବା ଭିନ୍ନ ଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଇଜେଭି ପରିବାରର ଗୁରୁ ମାନଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଇଜେଭିର ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ଓ ଡ.ମିନା ସୋନି ମଞ୍ଚ ପରିଚାଳନା କରିଥିବା ବେଳେ ଅଞ୍ଜଳି ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ରାଜେଶ ପାଢ଼ୀ, ଗଙ୍ଗାଧର ମେହେର, ବଲବିନ୍ଦର ସିଂ, ବ୍ରଜରାୟ, ଲୋକନ ଦେବତା, ପବିତ୍ର ସ୍ୱାଇଁ ଜୟକିଷାନ ତନ୍ତୀ ପ୍ରମୁଖ ଅତିଥି ସତ୍କାର କରିଥିବା ବେଳେ ମାନସୀ ପଣ୍ଡା, ଲିପିପୁଷ୍ପା ରାୟ, ପୂନମ ପଟେଲ, ପ୍ରିୟା ରାୟ, ସୋଭନା ସୋହେଲା, ଦୀପ୍ତି ବେହେରା, ସୁରଭି ପଟେଲ ଆଦି ପୁରସ୍କାର ବିତରଣ ସହିତ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରିଥିଲେ। ଶେଷରେ ଉପଦେଷ୍ଟା ଜ୍ୟୋତିର୍ମୟୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

ଅତାବିରା,୬।୯ (ସମିସ): କୁଲୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ତୃତୀୟ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ସିଆରସିସି ନନ୍ଦିଘୋଷ ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବୁଗବୁଗା କ୍ଲଷ୍ଟର ଅଧୀନ ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଏବଂ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଶ୍ରେଣୀ ଦାୟିତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ପରିଦର୍ଶନରେ ଆସି ଅଂଶଗ୍ରହଣକାରୀଙ୍କ ସହ ବହୁଶ୍ରେଣୀ ପରିଚାଳନା, ଶିକ୍ଷଣ ସାମଗ୍ରୀ ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ସେପ୍ଟେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ନିପୂଣ ସପ୍ତାହ, ଜିଲ୍ଲା ଭିତ୍ତିକ ଶୈକ୍ଷିକ ଆଲୋଚନା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡୋଳାମଣି ନାଏକ, ଶିକ୍ଷକ ସଞ୍ଜୟ ମେହେର, ମାନସ ସାହୁ ଏବଂ ଶିକ୍ଷୟିତ୍ରୀ ମିନତି ଭୋସାଗର ତଥା ବିଦ୍ୟାଳୟର ରୋଷେୟା ଓ ସହଯୋଗୀ ମାନେ ସହଯୋଗ କରିଥିଲେ।

# ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ହନ୍ତସନ୍ତ

କୁଣ୍ଢେଇଗୋଲା,୬।୯ (ସମିସ): ରିଆମାଳ ବ୍ଲକ୍ ଅଧୀନ କୁଣ୍ଢେଇଗୋଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ପଦବୀ ଖାଲି ପଡିଥିବାରୁ ଔଷଧ ବିତରଣରେ ବ୍ୟାଘାତ ସୃଷ୍ଟି ହେବା ସହ ରୋଗୀ ମାନେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଫାର୍ମାସିଷ୍ଟ ପଦବୀରେ ନର୍ସ ମାନଙ୍କ କାର୍ଯ୍ୟକୁ ଲୋକମାନେ ନାପସନ୍ଦ କରିଛନ୍ତି। କୁଣ୍ଢେଇଗୋଲା ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ହେଲେ ହେଁ ପ୍ରତ୍ୟହ ବହୁ ସଂଖ୍ୟାରେ ରୋଗୀ ଏଠାକୁ ଆସିଥାନ୍ତି। କିନ୍ତୁ ଏତେ ସଂଖ୍ୟକ ରୋଗୀଙ୍କୁ ସବୁ ସମୟରେ ସେବା ଯୋଗାଇବା ଜଣେ ମାତ୍ର ଡାକ୍ତରଙ୍କ ପକ୍ଷେ କାଠିକର ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉ ଜଣେ ଡାକ୍ତର ଆବଶ୍ୟକ ପଡୁଥିଲେ ବି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଜାଣିଶୁଣି ଚୁପ୍ ରହୁଛି। ଚଢ଼େଇମରା, ଡୁଙ୍ଗାମାଲ, ନୂଆଁପଡା ଓ କୁଣ୍ଢେଇଗୋଲା ପଞ୍ଚାୟତର ୫୨ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଚିକିତ୍ସା ମିଳିବାରେ ବିଫଳ ହୋଇ ବାଧ ହୋଇ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ନର୍ସିଂହୋମ ଉପରେ ନିର୍ଭର କରୁଛନ୍ତି। ଯଥାଶୀଘ୍ର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କୁ ଅବସ୍ଥାପିତ କରିବା ପାଇଁ ସ୍ଥାନୀୟ ଜନସାଧାରଣ ପକ୍ଷରୁ ଦାବି ହେଉଛି।

# ସମଡ଼ା ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକୀ ପ୍ରସ୍ତୁତି

ଝାରସୁଗୁଡ଼ା,୬।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଜଗନ୍ନାଥ କଲ୍ୟାଣ ମଣ୍ଡପରେ ସମଡ଼ା ପ୍ରାଥମିକ ବିଦ୍ୟାଳୟର ଶତ ବାର୍ଷିକୀ ପାଳନ ପାଇଁ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଗୋପୀନାଥ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଭାସ୍କର ପଟେଲ ପରିଚାଳନା କରିଥିଲେ। ୧୯୨୬ରୁ ଆରମ୍ଭ ହୋଇଥିବା ସମଡ଼ା ପ୍ରାଥମିକ ବିଦ୍ୟାଳୟକୁ ୨୦୨୬ରେ ବିଦ୍ୟାଳୟକୁ ୧୦୦ ବର୍ଷ ପୂରଣ ହେବାକୁ ଯାଉଛି। ବିଦ୍ୟାଳୟର ଶତ ବାର୍ଷିକୀ ଉତ୍ସବକୁ ଧୁମ୍ରଧାମରେ ପାଳନ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ନିଆଯାଇଛି। ବୈଠକରେ ବିଭିନ୍ନ ଦିଗ ଯଥା ପାଣ୍ଠି ସଂଗ୍ରହ, ଉତ୍ସବର ରୂପରେଖ ଇତ୍ୟାଦି ଉପରେ ଅନେକ ଆଲୋଚନା କରାଯାଇଛି।

# କଂଗ୍ରେସର ସଂଗଠନ ସୃଜନ ଅଭିଯାନ

ଝାରସୁଗୁଡ଼ା,୬।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡରେ କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କମିଟି ସଦସ୍ୟ ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ବେଲପାହାଡ ନଗରପାଳ ନିମାଇଁ ଚରଣ ପଣ୍ଡା ଏବଂ ବରିଷ୍ଠ, ଯୁବ, ମହିଳା କଂଗ୍ରେସ ନେତୃବୃନ୍ଦ ତଥା କର୍ମୀ ମାନେ ଉପସ୍ଥିତ ଥିଲେ। କଂଗ୍ରେସ ଦଳ ସରକାରକୁ ଫେରିଲେ ରାଜ୍ୟ ଏବଂ ଦେଶର ବିକାଶ ସମ୍ଭବ ହେବ ବୋଲି କଂଗ୍ରେସ ନେତୃ ମଣ୍ଡଳୀ ପ୍ରକାଶ କରିବା ସହ ସମସ୍ତେ ଏକ ହୋଇ ଜାତୀୟ କଂଗ୍ରେସକୁ ସଶକ୍ତ କରି ଦେଶର ବିକାଶରେ ଭାଗୀଦାରୀ ହୁଅନ୍ତୁ ବୋଲି କଂଗ୍ରେସ ନେତୃମଣ୍ଡଳୀ ଆହ୍ୱାନ ଦେଇଛନ୍ତି।

# ଶ୍ରୀ ସିମେଣ୍ଟ ପକ୍ଷରୁ ବିଜନେସ୍ ମିଟ୍

ଝାରସୁଗୁଡ଼ା,୬।୯ (ସମିସ): ଶ୍ରୀ ସେମେଣ୍ଟ କମ୍ପାନୀ ପକ୍ଷରୁ ଝାରସୁଗୁଡ଼ାରେ ଏକ ଘରୋଇ ହୋଟେଲ ପରିସରରେ ବ୍ୟବସାୟୀ ଓ ଖୁଚୁରା ବିକ୍ରେତାଙ୍କୁ ନେଇ ବିଜନେସ ମିଟ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ପାଖାପାଖି ୮୦ ଜଣ ବ୍ୟବସାୟୀ ଏବଂ ଖୁଚୁରା ବିକ୍ରେତା ଯୋଗ ଦେଇଥିଲେ। ବୈଠକରେ କମ୍ପାନୀର ଷ୍ଟେଟହେଡ ରବୀନ୍ଦ୍ର ପାଢ଼ି, ବୈଷୟିକ ଅଧିକାରୀ ସଚିଦାନନ୍ଦ ନାୟକ, ସମ୍ବଲପୁର ଆଞ୍ଚଳିକ ବିକ୍ରୟ ମୁଖ୍ୟ ଅଧିକାରୀ ଶ୍ରେୟ ସୌରଭ, ସମ୍ବଲପୁର ବିକ୍ରୟ ପ୍ରବନ୍ଧକ ସଞ୍ଜୟ ବେହେରା, ବୈଷୟିକ ଅଧିକାରୀ ଶୁଭେନ୍ଦୁ ଘଡେଇ, ପ୍ରକାଶ ସାହୁ, ଅନ୍ତର୍ଯ୍ୟାମୀ ରାଉତ ତଥା ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ ଜିଲ୍ଲାର ବିକ୍ରୟ ଉଦ୍ୟୋକ୍ତା ବାସୁଦେବ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ସହିତ ଲକି ଡ୍ର ଆୟୋଜନ କରାଯାଇଥିଲା। ଏଥିରେ ଅନେଜ ଖୁଚୁରା ବିକ୍ରେତା ପୁରସ୍କାର ପ୍ରାପ୍ତ କରିଥିଲେ। ଏହାସହ ଚଳିତ ବର୍ଷ ବିକ୍ରୟ କ୍ଷେତରେ ଉତ୍କର୍ଷତା ପାଇଁ ତିନି ଜଣ ଶ୍ରେଷ୍ଠ ବ୍ୟବସାୟୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ତୁଲା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଂରାଜୀ ଶିକ୍ଷକ ପାଇଲେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଝାରସୁଗୁଡ଼ା,୬।୯ (ସମିସ): ଝାରସୁଗୁଡ଼ା ଜିଲ୍ଲାସ୍ତରୀୟ ଶିକ୍ଷକ ଦିବସ ଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ସମାରୋହରେ ଦ୍ୱିତୀୟ ଭାଷା ଇଂରାଜୀ ଶିକ୍ଷକ ଭାବେ ପିଏମଶ୍ରୀ ଗିରିଧର ଲାଲ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ କୁଶ ସା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଓ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣଙ୍କଠାରୁ ସେ ଏହି ପୁରସ୍କାର ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା, ରବୀନ୍ଦ୍ର ମାଝୀ ଓ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଜଣେ କର୍ମପ୍ରବଣ ଶିକ୍ଷକ ଭାବେ ବୈଷ୍ଣବ ବାବା ଶିକ୍ଷା ଜନସେବା ଓ ଅନୁସନ୍ଧାନ ଟ୍ରଷ୍ଟ, ମହିମାପୁରମ୍, ବିଜାପାଲି ଆନୁକୂଲ୍ୟରେ ଇନ୍ଦ୍ରଧନୁଷ୍ କ୍ଲବ୍, ବନ୍ଧବହାଲଠାରେ ଆୟୋଜିତ ସମାରୋହରେ ଲଖନପୁର ବ୍ଲକ୍ ସ୍ତରୀୟ କୃତି ଶିକ୍ଷକ ସମ୍ମାନ-୨୦୨୫ରେ ଟ୍ରଷ୍ଟ ସଭାପତି ସନତ ସିଂଙ୍କ ଦ୍ୱାରା ମଧ ସମ୍ମାନିତ ହୋଇଛନ୍ତି। ଜିଲ୍ଲା ତଥା ରାଜ୍ୟସ୍ତରୀୟ ଅନେକ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଆସୁଛନ୍ତି। ଗୁରୁଦିବସ ଅବସରରେ ଏହି ସମ୍ମାନ ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଖୋର୍ଦ୍ଧା-ବଲାଙ୍ଗିର ଏନ୍ଏଚ୍‌ରେ ଠିକାଦାରଙ୍କ ରାତିଅଧିଆ ତାଳିପକା କାମ

# ଖୋଳିଲେ ପିଚୁ, ପକାଇଲେ ମୋରମ୍

ବେଗୁନିଆ,୬।୯ (ସମିସ)



ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ(ଏନ୍ଏଚ୍)ର ବାଘମାରୀ ବଜାର ମଧ୍ୟରେ ବଡ଼ ଖାଲ ହୋଇଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଥିଲା। ଏହି ରାସ୍ତା ଦେଇ ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ରାଜପଥରେ ପ୍ରତିଦିନ ଯାତ୍ରୀବାହୀ ବସ୍, ଲଘୁଯାନ, ଭାରୀଯାନ, ପଣ୍ୟବାହୀ ଟ୍ରକ୍ ଏବଂ ବାଇକ୍ ଯୋଗେ ଭୁବନେଶ୍ୱର, ନୟାଗଡ଼, କଣ୍ଟିଲୋ, କଳାପଥର, ବାଙ୍କୀ ଓ ଖୋର୍ଦ୍ଧା ଆଦି ସ୍ଥାନକୁ ଦିବା-ରାତ୍ରରେ ଯାତାୟାତ କରିଥାନ୍ତି। ତେବେ ରାସ୍ତାରେ ଖାଲ ହୋଇଥିବା ଯୋଗୁଁ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ଆହତ ହୋଇଥିବାର ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରୁଥିବା ଠିକାଦାର ଜଣକ ତରବରିଆ ଭାବେ କେବଳ ନାମକୁମାତ୍ର ଖାଲରେ ଡଷ୍ଟ ପକାଇଦେଇ ଚାଲିଯାଇଥିଲା। ଏହା ବର୍ଷା ଯୋଗୁଁ ଧୋଇ ହୋଇ ପୁନର୍ବାର ଖାଲରେ ରାତିଅଧିଆ ଖଣି ମୋରମ୍ ପକାଇବା ପାଇଁ ଜେସିବି ଦ୍ୱାରା ଖୋଳାଚାଲିଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକମାନେ ବିରୋଧ କରିବାରୁ ଛାଡ଼ିଦେଇ ପଳାଇଥିଲେ। ଏଥିରେ ସ୍ଥାନୀୟ ଲୋକମାନେ ରାତିରେ ଖାଲଟିକୁ ଦୃଶ୍ୟମାନ ହେବା ପାଇଁ ଗଛ ଡାଳ ଭାଙ୍ଗି ଜାତୀୟ ପତାକାକୁ ସଙ୍କେତ ସୂଚକ ରୂପେ ବ୍ୟବହାର କରିଥିଲେ। ତେବେ ରାତିର ଘଟଣା ଅବଗତ ଥାଇ ମଧ୍ୟ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହେବା ପରେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଖୋର୍ଦ୍ଧା ୧୩ କି.ମି. ରାସ୍ତାକୁ ଦୀର୍ଘ ୧୮ ଘଣ୍ଟା ବିଳମ୍ବରେ ପହଞ୍ଚିବାରୁ ସ୍ଥାନୀୟ ଅଞ୍ଚଳରେ ଦୁର୍ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଜନଆକ୍ରୋଶର ଶିକାର ହୋଇଥିଲେ। ଏହି ଖାଲଟିକୁ ଠିକାଦାର ପୋତିବା ପୂର୍ବରୁ ଏକ ଅଟୋ ଚାଳକ ଜାଣି ନ ପାରି ଅତର୍କିତ ଭାବେ ଖାଲରେ ପଡ଼ି ଓଲଟି ପଡ଼ିଥିଲା। ଫଳରେ ଅଟୋରେ ବସିଥିବା ମହିଳା ଓ ଗୋଟିଏ ଛୋଟ ଝିଅ ଆହତ ହୋଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଘୋର୍ ନିନ୍ଦା କରିବା ସହ ଠିକାଦାରକୁ ଦଣ୍ଡବିଧାନ କରିବାକୁ ଦାବି କରିଛନ୍ତି। ଏହି ସମସ୍ତ ଘଟଣାରେ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ଖୋର୍ଦ୍ଧା, ଠିକାଦାର ଓ ଜଣେ ଜାତୀୟ ଦଳର ବିଧାୟକଙ୍କ ସଲାସୁତରା ସାଧାରଣରେ ଚର୍ଚ୍ଚାର ପରିସରକୁ ଆସିଛି।

- ଜାତୀୟ ରାଜପଥରେ ଉଡ଼ିଲା ତ୍ରିରଙ୍ଗା
- ଓଲଟିଲା ବାଇକ୍ ଓ ଅଟୋ, ଯାତ୍ରୀ ଆହତ



## ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ନିରାକାରପୁର,୬।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ ଅଧୀନସ୍ଥ କାଶୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ଅବସରରେ ଏକ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ମାଧବେଶ୍ୱର ପାଇକରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ବ୍ଲକ୍‌ର ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା, ସମ୍ମାନିତ ଅତିଥି ଭାବେ ଡିଆ ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଆଜିର ଛାତ୍ରଛାତ୍ରୀ ଆସନ୍ତାକାଲିର ଭବିଷ୍ୟତ। ଗ୍ରାମାଞ୍ଚଳ ପିଲାଙ୍କ ମଧ୍ୟରେ ଥିବା ପ୍ରତିଭାର ବିକାଶ ପାଇଁ ଏହିପରି କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସର୍ବପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସବିତା ରଥ, ସହଶିକ୍ଷୟିତ୍ରୀ ମମତା ବେହେରା, ଅନିତା ନାୟକଙ୍କୁ ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ବିଦ୍ୟାଳୟର ଦୁଇ ପାଚିକା ମୀନା ବେହେରା ଓ ରଶ୍ମିତା ପ୍ରଧାନ, ବଡ଼ପାଟଣା ଅଙ୍ଗନବାଡ଼ି କର୍ମୀ ମନୋରମା ରାଉତରାୟ ଓ ଲିଲି ଦଲେଇ, ଗୌରତିସାହି ଅଙ୍ଗନବାଡ଼ି କର୍ମୀ ସୁଜାତା ମହାପାତ୍ର ଓ ସହାୟିକା ପୁଷ୍ପଲତା ପାଇକରାୟ, କାଶୀପୁର ଅଙ୍ଗନବାଡ଼ି କର୍ମୀ ସୌଦାମିନୀ ବେହେରା ଓ ସହାୟିକା ଚାରୁଲତା ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ବକ୍ତୃତା, ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ଶ୍ରୁତଲିଖନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ପୂର୍ଣ୍ଣ ଚନ୍ଦ୍ର ଲେଙ୍କା ଓ ଅବସରପ୍ରାପ୍ତ ଶିକ୍ଷକ କମଳ ଲୋଚନ ପ୍ରଧାନ ପରିଚାଳନା କରିଥିଲେ। ଅତିଥିଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କୈଳାସ ଦଲେଇ, ବିଦ୍ୟାସାଗର ପ୍ରଧାନ, ରବି ନାରାୟଣ ବାରିକ, ଭୀମସେନ ବେହେରା, ନୃସିଂହ ଦଲେଇ, ନିରଞ୍ଜନ ଦଲେଇ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## ଛାତ୍ରଙ୍କ ଅକାଳ ବିୟୋଗରେ ଶୋକସଭା



ଟାଙ୍ଗୀ,୬।୯ (ସମିସ): ଟାଙ୍ଗୀ ଦୂର୍ଗାଚରଣ ଚିଲିକା ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର ଆକାଶ ସାହୁଙ୍କ ଦୁର୍ଘଟଣାରେ ଅକାଳ ବିୟୋଗ ଯୋଗୁଁ ଶନିବାର ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ସୁଶାନ୍ତ ଶତପଥିଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଅଧ୍ୟାପକ ସଞ୍ଜୀବ ପରିଡ଼ା, ସୁକାନ୍ତ ପରିଡ଼ା, ସୁଶିଲ ମହାପାତ୍ର, ପ୍ରିୟରଞ୍ଜନ ପଟ୍ଟନାୟକ, ସୁମିତ୍ ଶୋଭନ ପାଟଯୋଶୀ, ଅଧ୍ୟାପିକା ରିଙ୍କିନା ପ୍ରଧାନ, ସଂଯୁକ୍ତା ସାହୁ, ସୁଭଦ୍ରା ବଳିୟାରସିଂହ, ଛାତ୍ରଛାତ୍ରୀ ସ୍ମୃତିଚାରଣ କରିଥିଲେ।

## ମହମ୍ମଦଙ୍କ ଜୟନ୍ତୀ ଅବସରରେ ସଫେଇ କାର୍ଯ୍ୟକ୍ରମ

ନିରାକାରପୁର,୬।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ପଞ୍ଚାୟତ ଖଜୁରୀପଡ଼ାଠାରେ ଟିସିଏଚ୍ ଟ୍ରଷ୍ଟ ତରଫରୁ ପାକ୍ ମହମ୍ମଦଙ୍କ ଜୟନ୍ତୀ ଅବସରରେ ଏକ ସଫେଇ କାର୍ଯ୍ୟକ୍ରମ କରାଯିବା ସହିତ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ଆମ ଗାଁ ଆମ ଗର୍ବ କାର୍ଯ୍ୟକ୍ରମ ଜରିଆରେ ଗ୍ରାମ ରାସ୍ତାଘାଟ ସଫା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ସୌକତ ଅଲ୍ଲୀ ଶାହା, ସାଗର ବାରିକ, ମୁସ୍ତାଫିଜ ଖାଁ, ହେଦାୟତ ଅଲ୍ଲୀ ଖାଁ ପ୍ରମୁଖ ସାମିଲ ହୋଇଥିଲେ।

## ସାମ୍ବାଦିକଙ୍କ ପିତୃ ବିୟୋଗ

ନିରାକାରପୁର,୬।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଡିଆ ପଞ୍ଚାୟତ ବ୍ରାହ୍ମଣ ସାହି ବାସିନ୍ଦା ସାମ୍ବାଦିକ ବିଭୂତିଭୂଷଣ ଦାଶଙ୍କ ପିତା ବିରଞ୍ଚି ନାରାୟଣ ଦାଶ (୮୬)ଙ୍କ ଶନିବାର ପରଲୋକ ଘଟିଛି। ସେ ଜଣେ ଅତ୍ୟନ୍ତ ସରଳ, ମିଷ୍ଟଭାଷୀ, ସ୍ନେହବତ୍ସଳ ଲୋକ ଥିଲେ। ସେ ଜଣେ ଭଲ ହାର୍‌ମୋନିୟମ୍ ବାଦକ ଭାବେ ବେଶ୍ ଲୋକପ୍ରିୟ ହାସଲ କରିଥିଲେ। ତାଙ୍କ ବିୟୋଗରେ ଟାଙ୍ଗୀ ବ୍ଲକ୍ ସାମ୍ବାଦିକ ସଙ୍ଘ, ନିରାକାରପୁର ସାମ୍ବାଦିକ ସଙ୍ଘ, ନିରାକାରପୁର ବଣିକ ସଙ୍ଘ, ଅଞ୍ଚଳର ବୁଦ୍ଧିଜୀବୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ନିରାକାରପୁର ରାମଦୟା ପରିଷଦ ସମ୍ପାଦକ ଗଙ୍ଗାଧର ତ୍ରିପାଠୀ, ସାମ୍ବାଦିକ ଦୀପକ ପ୍ରଧାନ, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରାଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ତାଙ୍କ ବାସଭବନରେ ଅନ୍ତିମ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବାବେଳେ ବଡ଼ ପୁଅ ଅଶୋକ ଦାଶ ମୁଖାଗ୍ନି ଦେଇଥିଲେ। ସାନପୁଅ ବିଭୂତିଭୂଷଣ ଦାଶ, ଗୋପବନ୍ଧୁ ସମାଜସେବା ସମ୍ପାଦକ ପ୍ରସାଦ ଦାସ ଓ ଦେବ ପ୍ରସାଦ ଦାଶ, ପ୍ରକାଶ ଦାଶ, ଡମ୍ବରୁଧର ଦାଶ, ଶ୍ୟାମସୁନ୍ଦର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଲକ୍ଷର ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ଖୋର୍ଦ୍ଧା,୬।୯ (ସମିସ): ଆଦର୍ଶ ଥାନା ପୁଲିସ ସାମନ୍ତରାପୁର ସିଦ୍ଧେଶ୍ୱର ମନ୍ଦିର ନିକଟରୁ ଜଣେ ବ୍ରାଉନ୍‌ସୁଗର ବେପାରୀକୁ କୋର୍ଟ ଚାଲାଣ କରିଛି।



ଗିରଫ ଜଣକ ହେଲେ ଶାଗୁଆନ ବଗିଚାର ନିରଞ୍ଜନ ପରମାଣିକ ଓରଫ ଚଗୁ (୩୪)। ତାଙ୍କଠାରୁ ୨୦ଗ୍ରାମ୍ ଓଜନର ବ୍ରାଉନ୍‌ସୁଗର ଜବତ ହୋଇଛି। ଯାହାର ମୂଲ୍ୟ ୨ଲକ୍ଷ ହେବ ବୋଲି ଆଦର୍ଶ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି।

ଏସପିଙ୍କ ସୂଚନା ଅନୁସାରେ, ଶୁକ୍ରବାର ସିଦ୍ଧେଶ୍ୱର ମନ୍ଦିର ନିକଟରେ ବ୍ରାଉନ୍‌ସୁଗର କାରବାର ହେଉଥିବା ବିଶେଷ ସୂତ୍ରରୁ ଖବର ମିଳିଥିଲା। ସେମାନଙ୍କୁ ଧରିବା ପାଇଁ ଏସ୍‌ପି ଶ୍ରୀ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ସଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏସ୍ଆଇ ବସନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଚଢ଼ଉ କରିଥିଲା। ଏହି ସମୟରେ ଚଗୁ ଖସିବାକୁ ଉଦ୍ୟମ କରିଥିଲେ ହେଁ ପୁଲିସ ତାକୁ କାବୁ କରିଥିଲା। ତା'ଠାରୁ ୨୦ ଗ୍ରାମ୍ ବ୍ରାଉନ୍‌ସୁଗର ସମେତ ଦୁଇଟି ମୋବାଇଲ୍ ଫୋନ୍ ଓ ଏକ ବାଇକ୍‌କୁ ଜବତ କରିଥିଲା। ସେ ବ୍ରାଉନ୍‌ସୁଗର କେଉଁଠାରୁ ଆଣେ ଏବଂ ଏଥିରେ କିଏ କିଏ ସମ୍ପୃକ୍ତ ଅଛନ୍ତି ପୁଲିସ ତା'ର ତଦନ୍ତ କରୁଥିବା ଏସ୍‌ପି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଥାନା ଅଧିକାରୀ ସଞ୍ଜୟ ନାୟକ, ଏସ୍ଆଇ ଦିନେଶ ପିଙ୍ଗୁଆ, ସ୍ୱାଗତିକା ଦାସ, ସସ୍ମିତା ବେହେରା, ପୂର୍ଣ୍ଣଚନ୍ଦ୍ର ଜେନା, ଏଏସ୍ଆଇ ଫୁଲମତୀ ହମ୍ବ୍ରମ, ଗୋପବନ୍ଧୁ ରାଉତ, ଗଙ୍ଗାଧର ହମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଅନ୍ନ ଅଭିଯାନ 'ମିଲେଟ୍ ମିଶନ ଫୁଡ୍ ଫେଷ୍ଟିଭାଲ'

ଗମ୍ଭାରୀମୁଣ୍ଡା,୬।୯ (ସମିସ): ଭାରତୀୟ ଉଦ୍ୟମିତ ବିକାଶ ସଂସ୍ଥା ଆନୁକୂଲ୍ୟରେ ଶନିବାର ବାଣପୁର ବ୍ଲକ୍‌ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ବ୍ଲକ୍ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଇଶାନେଶ୍ୱର ଯୁବକ ସଂଘ, ଖୋର୍ଦ୍ଧାର ମିଳିତ ଆନୁକୂଲ୍ୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ଟାଙ୍ଗୀ ଏଡିଓ ମନୋରଞ୍ଜନ ମିଶ୍ର, ବାଣପୁର କୃଷି ଅଧିକାରୀ ନାଜନୀନ କୌଶର, ଜିଲ୍ଲା ପ୍ରୋଗ୍ରାମିଂ ଅଧିକାରୀ ଜେସିକା ସାହୁ ଓ କୃଷି ବିଭାଗର ଗ୍ରାମ୍ୟସ୍ତରୀୟ କର୍ମଚାରୀ (ଭିଏଲ୍‌ଡବ୍ଲୁ) ଉପସ୍ଥିତ ଥିଲେ। ଗମ୍ଭାରୀମୁଣ୍ଡା ପଞ୍ଚାୟତର ସ୍ୱୟଂ ସେବିକା ସଂଘ ଯେଉଁମାନେକି ସରକାରଙ୍କ ସହଯୋଗରେ ମାଣ୍ଡିଆ (ମିଲେଟ୍) ବ୍ୟବହାରରେ ଭିନ୍ନ ଭିନ୍ନ ଖାଦ୍ୟ ପ୍ରସ୍ତୁତ କରିଥିଲେ। ବର୍ତ୍ତମାନ ଯୁଗରେ ଏକ ସୁସ୍ଥ ଓ ସୁରକ୍ଷିତ ଜୀବନଯାପନ ପାଇଁ ମାଣ୍ଡିଆ ଓ ଅନ୍ୟାନ୍ୟ ଖାଦ୍ୟଶସ୍ୟର ଉପକାରିତା ଚାଷ ଓ ପ୍ରକ୍ରିୟାକରଣ ଉପରେ ବକ୍ତବ୍ୟ ରଖିଥିଲେ ଏଡିଓ ଶ୍ରୀ ମିଶ୍ର। ବିଗତ କିଛି ଦିନ ଧରି ଗ୍ରାମ ପଞ୍ଚାୟତର ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଖାଦ୍ୟଶସ୍ୟର ଚାଷ, ଅମଳ ଓ ପ୍ରକ୍ରିୟାକରଣ ଉପରେ ସଚେତନତା କରାଯାଇଥିଲା।

ବର୍ତ୍ତମାନ ପରିପ୍ରେକ୍ଷୀରେ ସରକାର ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବା ସହ ମାଣ୍ଡିଆ ଖାଇବା ପାଇଁ ଜନସଚେତନା ସୃଷ୍ଟି କରିବା ସହ ରାସନ କାର୍ଡ ଉପଭୋକ୍ତାଙ୍କୁ ପ୍ରତ୍ୟେକ ରାସନ କାର୍ଡରେ ୧ କିଲୋଗ୍ରାମ ମାଗଣା ଓ ବାଧ୍ୟତାମୂଳକ କରିଥିବାବେଳେ ମାଣ୍ଡିଆର ଉତ୍ପାଦନ ବଢ଼ାଇବା ପାଇଁ ମାଣ୍ଡିଆ ଚାଷୀମାନଙ୍କୁ ପ୍ରୋତ୍ସାହନ ଅର୍ଥ ସହଯୋଗର ପ୍ରାଧିକାରଣ ରଖିବା ସହ ବିଭାଗୀୟ ଅଧିକାରୀଙ୍କୁ ଏହାର ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅହମ୍ମଦ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଖୋର୍ଦ୍ଧା,୬।୯ (ସମିସ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମ୍ମଦୀୟା ମୁସ୍‌ଲିମ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। ଏଥିରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନର ପ୍ରଥମ ମ୍ୟାଚ୍ କେରଙ୍ଗ ଅହମ୍ମଦିଆ (ବି) ଏବଂ ପାଇକ ତିଗିରିଆ ଏଫ୍‌ସି ମଧ୍ୟରେ ହୋଇଥିଲା। ଏଥିରେ ପାଇକତିଗିରିଆ ଏଫ୍‌ସି ୧-୦ ଗୋଲ୍ ବ୍ୟବଧାନରେ କେରଙ୍ଗ ଅହମ୍ମଦିଆ (ବି)କୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ୍ ଡିଏଚ୍‌ସି ଜଟଣୀ ଏବଂ ନିତା ଏକାଡେମୀ ପୁରୀ ମଧ୍ୟରେ ହୋଇଥିଲା। ଏଥିରେ ପୁରୀ ୧-୦ ଗୋଲ୍ ବ୍ୟବଧାନରେ ଜଟଣୀଠାରୁ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚ୍ ଏସ୍‌ଏସ୍‌ସି ଶରଧାପୁର ଏଫ୍‌ସି ଏବଂ ଦିବ୍ୟଜ୍ୟୋତି କ୍ଲବ୍ ପଙ୍ଖାଳ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଶରଧାପୁର ୨-୧ ଗୋଲ୍‌ରେ ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚ୍ କେରଙ୍ଗ ଅହମ୍ମଦିଆ (ଏ) ଏବଂ ବଜରଙ୍ଗବଲୀ ଘଟିକିଆ ମଧ୍ୟରେ ହୋଇଥିଲା। ଖେଳ ଶେଷ ସମୟ ପର୍ଯ୍ୟନ୍ତ ୧-୧ ଗୋଲ୍‌ରେ ଅମୀମାଂଶିତ ରହିଥିବାବେଳେ ଟାଇବ୍ରେକର ମାଧ୍ୟମରେ କେରଙ୍ଗ (ଏ) ୪-୨ ଗୋଲ୍‌ରେ ବିଜୟୀ ହୋଇଥିଲା।

## ମନ୍ଦିରରୁ ଲୁଟ୍ ଘଟଣାରେ ୨ ଗିରଫ

ଜଟଣୀ,୬।୯ (ସମିସ): ଜଟଣୀ ଥାନା ଅନ୍ତର୍ଗତ ରାଜାବଜାର ଅଞ୍ଚଳରୁ ମା' ମଙ୍ଗଳା ମନ୍ଦିରର ଦାନବାକ୍ସରୁ ଟଙ୍କା ଲୁଟ୍ ଘଟଣାରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଜାବଜାର ଫକଡ଼ ବସ୍ତିର ସୋହିଲ୍ ଖାଁ (୨୩) ଓ ୱାହିଦ୍ ସାହା ଓରଫ ୱାହୁ (୨୨)। ସେମାନଙ୍କ ନିକଟରୁ ଲୁଟ୍ ଟଙ୍କା ଜବତ କରିଛି ପୁଲିସ। ଉଭୟେ ପେସାଦାର ଅପରାଧୀ ହୋଇଥିବାବେଳେ ପୂର୍ବରୁ ସେମାନଙ୍କ ନାଁରେ ଜଟଣୀ ଥାନାରେ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଗତ ୪ତାରିଖ ବିଳମ୍ବିତ ରାତିରେ ଦୁଇ ଅଭିଯୁକ୍ତ ରାଜାବଜାରଠାରେ ଥିବା ମା' ମଙ୍ଗଳା ମନ୍ଦିରର ଗ୍ରିଲ୍ ତାଲା ଭାଙ୍ଗି ଦାନବାକ୍ସକୁ ଲୁଟିନେଇ ଫେରାର୍ ହୋଇଯାଇଥିଲେ। ପରଦିନ ସକାଳେ ମନ୍ଦିରରୁ ଲୁଟ୍ ହୋଇଥିବା ନେଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲା। ମନ୍ଦିର ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କ ଅଭିଯୋଗ ଅନୁସାରେ ଶନିବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

## ଅନନ୍ତ ବ୍ରତରେ ମହିଳା ବ୍ରତଧାରୀଙ୍କ ମନ୍ଦିରରେ ଭିଡ଼

ବାଣପୁର,୬।୯ (ସମିସ): ହିନ୍ଦୁ ପରମ୍ପରାରେ ବିବାହିତା ମହିଳାମାନେ ଅନନ୍ତ ବ୍ରତ ପାଳନ କରିଥା'ନ୍ତି। ଭଗବାନ ଅନନ୍ତ ବାସୁଦେବଙ୍କ କୃପା ହେଲେ ନିଜ ପରିବାର ସଦସ୍ୟ କେହି ବ୍ରତ ପାଇଲେ ମହିଳାମାନେ ବ୍ରତ କରିବା ନିତାନ୍ତ ଆବଶ୍ୟକ ବୋଲି ହିନ୍ଦୁ ନାରୀମାନଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଏହି ପରିପ୍ରେକ୍ଷୀରେ ଶନିବାର ଅନନ୍ତ ବ୍ରତଧାରୀ ମହିଳାମାନେ ବାଲୁଗାଁ ଏବଂ ଭଗବତୀ କ୍ଷେତ୍ର ବାଣପୁରରେ ଥିବା ଶ୍ରୀରଙ୍ଗନାଥ ଦେବଙ୍କ ମନ୍ଦିର ପରିସର, ସତ୍ୟନାରାୟଣ ଧର୍ମଶାଳା, ଐତିହାସିକ ଖାସମାହଲ ପଡ଼ିଆ ମଧ୍ୟରେ ଥିବା ସନ୍ତୋଷୀ ମା' ମନ୍ଦିର ଓ ଶ୍ରୀଚରଣ ଚକାଦେବଙ୍କ ମନ୍ଦିର ପରିସରରେ ଥିବା ଭଗବାନ ଶ୍ରୀଅନନ୍ତ ବାସୁଦେବଙ୍କ ନିକଟରେ ହଜାର ହଜାର ବ୍ରତଧାରୀ ମହିଳା ବିଭିନ୍ନ ଭୋଗରାଗ ସହ ଭଗବାନଙ୍କ ଅନନ୍ତ କାକରା ପିଠା ଧରି ପୂଜାର୍ଚ୍ଚନା ନିମନ୍ତେ ଧାଡ଼ି ଲଗାଇଥିବା ଦେଖିବାକୁ ମିଳିଥିଲା।

## ବାଣପୁରରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ବାଣପୁର,୬।୯ (ସମିସ): ବାଣପୁର ବ୍ଲକ୍ ଗମ୍ଭାରୀମୁଣ୍ଡା ପତିତପାବନ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଏକ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଲି ବଲ୍, ବ୍ୟାଡ୍‌ମିଣ୍ଟନ, ଚେସ୍, ହକି ଓ ବାସ୍କେଟ୍ ବଲ୍ ଆଦି ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ବାଣପୁର ବ୍ଲକ୍ ଅନ୍ତର୍ଗତ ୧୨ଟି ବିଦ୍ୟାଳୟ ଓ ୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମୁଦାୟ ୧୯୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବାଣପୁର ବିଦ୍ୟାଳୟ କ୍ରୀଡ଼ା ସଂଗଠନର ସଭାପତି ତଥା ବ୍ଲକ୍ ଶିକ୍ଷା ଅଧିକାରୀ ସନାତନ ଜାଲି ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଚଳା ଗୁରୁ, ଶିକ୍ଷକ ତ୍ରିନାଥ ହୋତା, ସମ୍ପାଦକ ପ୍ରଶାନ୍ତ ଜେନା, ପୂର୍ବତନ ସମ୍ପାଦକ ସୌମ୍ୟକାନ୍ତ ସାହୁ, ଦେବେନ୍ଦ୍ର ଦାସ, କନ୍ଧ ସ୍ୱାଇଁ ପ୍ରମୁଖ ଯୋଗଦେଇ ଅଭିଭାଷଣ ରଖିଥିଲେ। ବ୍ଲକ୍‌ର କ୍ରୀଡ଼ା ଶିକ୍ଷକ ଗତିକୃଷ୍ଣ ବିଶ୍ୱାଳ ପ୍ରାରମ୍ଭିକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ଦେଇଥିବାବେଳେ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ କ୍ରୀଡ଼ାର ବିଚାରକ ଭାବେ ଜୟନ୍ତ ବିଶ୍ୱାଳ, ଭାରତୀ ସୁନ୍ଦରାୟ, ସୁନୀଲ ପଟ୍ଟନାୟକ, ଅଭିନାଶ ଜେନା, ବିଜୁ ମାନସିଂହ, ଗତିକୃଷ୍ଣ ବିଶ୍ୱାଳ ଓ ସିଦ୍ଧାନ୍ତ ସ୍ୱାଇଁ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଧାନଶିକ୍ଷୟତ୍ରୀ ସଚଳା ଗୁରୁଙ୍କ ଦ୍ୱାରା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି।

## ଚିଲିକାରେ କଂଗ୍ରେସର 'ସଂଗଠନ ସୃଜନ ଅଭିଯାନ'

ବାଣପୁର,୬।୯ (ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟି ନିଷ୍ପତ୍ତି ଅନୁଯାୟୀ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଜିଲ୍ଲା ସଭାପତି ଚୟନ ନିମନ୍ତେ କଂଗ୍ରେସ ତରଫରୁ 'ସଂଗଠନ ସୃଜନ ଅଭିଯାନ' ଆରମ୍ଭ କରାଯାଇଥିବା ବେଳେ ଚିଲିକା ନିର୍ବାଚନମଣ୍ଡଳୀର ବାଣପୁର ସହିଦ କୃତ୍ତିବାସ ଭବନ ଏବଂ ବାଲୁଗାଁ ବିଜ୍ଞପିତ ଅଞ୍ଚଳ ପରିଷଦ କଲ୍ୟାଣ ମଣ୍ଡପ ପରିସରରେ ଚିଲିକା କଂଗ୍ରେସ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିଲିକା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ବାଣପୁର ଓ ଚିଲିକା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଦଳୀୟ କର୍ମୀଙ୍କୁ ନେଇ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରରୁ ଆସିଥିବା ପର୍ଯ୍ୟବେକ୍ଷକ ବିମଲ ସାହା, ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ଦେବାଶିଷ ମହାପାତ୍ର, ବିଶ୍ୱରଞ୍ଜନ ପଣ୍ଡା, ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ।

## ବିଘ୍ନବିନାଶକ ଶ୍ରୀଗଣେଶ ଭସାଣି ଉତ୍ସବ

ବାଲୁଗାଁ,୬।୯ (ସମିସ): ବାଲୁଗାଁ, ବାଣପୁର ସହରରେ ଧୂମ୍‌ଧାମରେ ବିଘ୍ନବିନାଶକ ଶ୍ରୀଗଣେଶ ଭସାଣି ଉତ୍ସବ ପାଳିତ ହୋଇଯାଇଛି। ଭସାଣିରେ ୧୫ରୁ ଉର୍ଦ୍ଧ୍ୱ ମେଢ଼ ସାମିଲ୍ ହୋଇଥିଲେ। ସନ୍ଧ୍ୟାରୁ ଭସାଣି କାର୍ଯ୍ୟ ଆରମ୍ଭ ହୋଇ ବିଭିନ୍ନ ପୂଜା ମଣ୍ଡପ ତଥା ବାଲୁଗାଁ ଚିଲିକାକୂଳ, ଗୁଣ୍ଡୁରୁପୁର, ସାମନ୍ତରାପୁର, ବିଦ୍ୟାଧରପୁର, ଅଶୋକ ନଗର, ଉତ୍ତମନଗର, ଗୋପିନାଥପୁର, କୁଲାକୁଣ୍ଡେଇ ନୂଆଗାଁ, ସରଳାପଦର, ଚକ୍ରଧରପୁର, ସୁବାସ ମାର୍ଗ ଓ ପାଟଣାସାହି ଆଦି ପୂଜା ମଣ୍ଡପର ମେଢ଼ ଶୋଭାଯାତ୍ରାରେ ବାହାରି ବିଘ୍ନରାଜ ଶ୍ରୀଗଣେଶଙ୍କୁ ଚିଲିକା ଜଳରାଶିରେ ଚଳିତ ବର୍ଷ ପାଇଁ ବିଦାୟ ଦେଇ ବିସର୍ଜନ କରାଯାଇଛି। ସେହିପରି ବାଣପୁର ବିଷରପାଟଣା, କଲେଜ ରୋଡ୍, ଚିଆଁଙ୍କ ସାହି ଓ ପାଇକ ସାହି ଆଦି ମଣ୍ଡପରେ ଭସାଣି ଉତ୍ସବ ପାଳନ କରାଯାଇଛି।

## ଉଗ୍ରତାରା ମନ୍ଦିର ରାସ୍ତାରେ ଲାଗିଲା ଫଳକ

ନିରାକାରପୁର,୬।୯ (ସମିସ): ଖୋର୍ଦ୍ଧା ଜିଲ୍ଲାର ପ୍ରସିଦ୍ଧ ତନ୍ତ୍ର ପୀଠ ହେଉଛି ମା' ଉଗ୍ରତାରା ମନ୍ଦିର। ଏଠାରେ ବର୍ଷକୁ ୨ଟି ବଡ଼ କାର୍ଯ୍ୟକ୍ରମ ଯଥା- ରଜ ମହୋତ୍ସବ ଏବଂ ସପ୍ତଚଣ୍ଡୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୁଏ। କିନ୍ତୁ ଜାତୀୟ ରାଜପଥ ସମ୍ପ୍ରସାରଣ ହେଲା ପରେ ଜାତୀୟ ରାଜପଥରୁ ମନ୍ଦିର ଯିବା ରାସ୍ତାଟି ପୂରା ଲୁଚି ଯାଇଥିଲା। ଯାତ୍ରୀମାନେ ପଥ ଜାଣି ନ ପାରି ଟାଙ୍ଗୀ ପର୍ଯ୍ୟନ୍ତ ପଳାଇ ଯାଉଥିଲେ। ପୁଣି ଫେରି ରାସ୍ତା ପଚାରି ମନ୍ଦିର ନିକଟରେ ପହଞ୍ଚୁଥିଲେ। ବାରମ୍ବାର ଏ ବିଷୟରେ ଗଣମାଧ୍ୟମରେ ଖବର ପ୍ରସାରଣ କରାଯିବା ପରେ ଜାତୀୟ ରାଜପଥ ଓ ପୂର୍ତ୍ତ ବିଭାଗ ତରଫରୁ ଦୁଇଟି ପୃଥକ୍ ପୃଥକ୍ ବଡ଼ ଫଳକ ଲଗାଯାଇଛି। ଫଳକ ଲାଗିବା ପରେ ଯାତ୍ରୀଙ୍କ ସୁବିଧା ହେବ ବୋଲି ଉଗ୍ରତାରା ନାରାୟଣୀ ୟୁଥ୍ କ୍ଲବ୍ ସଭାପତି ରବୀନ୍ଦ୍ର କୁମାର ଭୂଜବଳ, ଉପସଭାପତି ଜୀବନ କୁମାର ବିଶ୍ୱାଳ, ସମ୍ପାଦକ ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବିଭିନ୍ନ ଦାବିରେ ଏନ୍‌ପିଏସ୍ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

## ଦାବି ପୂରଣ ନ ହେଲେ ୧୮ ରେ ବିଧାନସଭା ଘେରଉ

ଖୋର୍ଦ୍ଧା,୬।୯ (ସମିସ)



ମାଧ୍ୟମିକ ଏନ୍‌ପିଏସ୍ ସଂଘ ଖୋର୍ଦ୍ଧା ଜିଲ୍ଲା ସଂଗଠନର ସରକାରୀ ଶିକ୍ଷକ ଶିକ୍ଷୟିତ୍ରୀ ୬ଦଫା ସମ୍ବଳିତ ଦାବି ପୂରଣ ନେଇ ଶନିବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରତିବାଦ କରିଥିଲେ। ପରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ପ୍ରଦାନ କରିଥିଲେ। ଏଥିସହିତ ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟଙ୍କୁ ଜିଲ୍ଲା ସଂଗଠନ ସଦସ୍ୟମାନେ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚାକିରି ଆରମ୍ଭରେ ହୋଇଥିବା ୬ ବର୍ଷର ଚୁକ୍ତି ଅବଧିକୁ ମୂଳ ଚାକିରି ସହିତ ଗଣନା କରିବା, ବାକିଥିବା ୬ଟି ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା, ସରକାରୀ ମାଧ୍ୟମିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର କ୍ୟାଡର ପୁନଃଗଠନ କରିବା, ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ରାଜ୍ୟ କ୍ୟାଡରଭୁକ୍ତ କରିବା, ୪୨୦୦ରୁ ୪୬୦୦ ଓ ୨୮୦୦ରୁ ୪୨୦୦ ଇଣ୍ଟିଗ୍ରେଡ୍ ପେ' ପ୍ରଦାନ କରିବା ଏବଂ ୨୦୧୬ ବ୍ୟାଚ୍‌ର ନିୟମିତ ହୋଇଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ବକୟା ପାଉଣା ପ୍ରଦାନ କରିବା ପ୍ରମୁଖ ୬ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୭ ଦିନ ମଧ୍ୟରେ ଦାବିଗୁଡ଼ିକ ପୂରଣ ନ ହେଲେ ଆସନ୍ତା ୧୮ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବା ସହିତ ବିଧାନସଭା ଘେରଉ କରାଯିବ ବୋଲି ସଂଘ ଚେତାବନୀ ଦେଇଛି।

ଏଥିରେ ଜିଲ୍ଲା ସଂଗଠନର ଆବାହକ ନିରଞ୍ଜନ ସାହୁ, ପ୍ରବୀର ମୋହନ ପଣ୍ଡା, ସନ୍ତୋଷ ସାହୁ, ପଞ୍ଚାନନ ଜେନା, ଦେବସ୍ମିତା ବେହେରା, ମଧୁସ୍ମିତା ସାହୁ, ପ୍ରତାପ ରାଉତ, ବାସୁଦେବ ନାୟକ, ଅଜୟ ନିଶଙ୍କ, ଅଜୟ ବରାଡ଼, ଚିନ୍ମୟୀ ପ୍ରଧାନ ପ୍ରମୁଖ ସାମିଲ୍ ହୋଇଥିଲେ।

## ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁ ଦିବସ



ନିରାକାରପୁର,୬।୯ (ସମିସ): ଖୋର୍ଦ୍ଧା ଜିଲ୍ଲା କମାଗୁରୁସ୍ଥିତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ ଅତିଥିଭାବେ ଅଧ୍ୟାପିକା ଡ. ରେଣୁବାଳା ସାମନ୍ତରାୟ, ଅଧ୍ୟାପକ ଚିତ୍ତରଞ୍ଜନ ସାହୁ, ରତ୍ନାକର ମହାପାତ୍ର, ଅଧ୍ୟାପକ ଶ୍ୟାମସୁନ୍ଦର ପଟ୍ଟନାୟକ, ଦିଲ୍ଲୀପ ବେହେରା, ସମୀର ରାଉତରାୟ, ହିମାଂଶୁ ଭୂଷଣ ଚମ୍ପତିରାୟ ଓ ଅଧ୍ୟାପିକା ସସ୍ମିତା ସାହୁ, କରିସ୍ମା ପଲେଇ ପ୍ରମୁଖ ଗୁରୁ-ଶିଷ୍ୟଙ୍କ ସମ୍ପର୍କ ବିଷୟରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।



ସମ୍ବଲପୁରରେ ରାଜ୍ୟସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ୍‌ର ଝଲକ୍

# ସମ୍ବଲପୁର-ରାଉରକେଲା ରାଜ୍ୟ ରାଜପଥରେ ପ୍ରଦୂଷଣ ହ୍ରାସ ପାଇଁ ହେବ ମନିଟରିଂ

**ସମ୍ବଲପୁର, ୬।୯ (ସମିସ)**

ସମ୍ବଲପୁରରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ଶିଳ୍ପ କରିଡରରେ ବହୁସଂଖ୍ୟାରେ ଶିକ୍ଷାନୁଷ୍ଠାନ ଗୁଡ଼ିକ ରହିଛି। ଏହି ରାଜ୍ୟ ରାଜପଥ ନଂ.୧୦ରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଭାରୀଯାନ ଯାତାୟାତ କରିଥାଏ। ବର୍ଷ ବର୍ଷ ଧରି କଳକାରଖାନାର ଧୂଆଁ, କୋଇଲା, ପାଉଁଶ ଓ ଧୂଳି ଉଡ଼ି ଏହି ରାସ୍ତା ପ୍ରଦୂଷିତ ହେଉଛି। ଏହି ରାସ୍ତାରେ ଦୃଶ୍ୟମାନତା (ଭିଜିବିଲିଟି) କମ୍ ରହୁଥିବାରୁ ବହୁ ସମୟରେ ଦୁର୍ଘଟଣାମାନ ଘଟୁଛି। ପରିବେଶ ପ୍ରଦୂଷଣକୁ ନେଇ ବିଭିନ୍ନ ମହଲରେ ବାରମ୍ବାର ଅଭିଯୋଗ ହେଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉନାହିଁ। ଏଭଳି କ୍ଷେତ୍ରରେ ଜିଲ୍ଲା ପ୍ରଶାସନ ଓ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିତ ଭାବେ ପ୍ରଦୂଷଣ ହ୍ରାସ କରିବାପାଇଁ ପଦକ୍ଷେପ ନିଆଯାଉଛି। ଏହାକୁ ନିୟମିତ ମନିଟରିଂ କରାଯିବ ବୋଲି ମଧ୍ୟ ଜଣାପଡ଼ିଛି। ଏନେଇ ସମସ୍ତ ଶିକ୍ଷାନୁଷ୍ଠାନ ସହ ଜିଲ୍ଲା ପ୍ରଶାସନ ଓ ପ୍ରଦୂଷଣ ବୋର୍ଡ କର୍ତ୍ତୃପକ୍ଷ ଆଲୋଚନା କରିଥିବାବେଳେ ଅକ୍ଟୋବର ୧ରୁ ଏହା ଲାଗୁ କରାଯିବ ବୋଲି ଜଣାପଡ଼ିଛି।

ଅଇଁଠାପାଲି ଛକରୁ ସମ୍ବଲପୁର ଜିଲ୍ଲା ସୀମା ପର୍ଯ୍ୟନ୍ତ କିଛି କିଛି ଭାଗ କରାଯାଇଛି। ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଏହି ରାସ୍ତାକୁ ଭାଗ ଭାଗ କରି କିଛି ଅଂଶ ଶ୍ୟାମ ମେଟାଲିକ୍ସ କମ୍ପାନୀକୁ ଦିଆଯାଇଥିବାବେଳେ ବିରାଜ ଷ୍ଟିଲ, ଜେଏସ୍‌ଡବ୍ଲୁ, ଆର୍ଯ୍ୟାନ ଇସ୍ପାତ, ଆଦିତ୍ୟ ଆଲୁମିନିୟମକୁ ଦିଆଯାଇଛି। ଏହି ରାସ୍ତାକୁ କମ୍ପାନୀ ଗୁଡ଼ିକ ଅନବରତ ଭାବେ ହସ୍ତଚାଳିତ (ମାନୁଆଲ) ଓ ଅଟୋମେଟିକ ସ୍ୱିପିଙ୍ଗ ମେସିନ ଜରିଆରେ ସଫା କରିବେ, ଭିଜିବିଲିଟି କମ୍ ରହୁଥିବାରୁ କମ୍ପାନୀ ସମ୍ମୁଖ ରାସ୍ତାରେ ଲାଇଟ୍ ଲଗାଇବେ, ପାଣି ସିଞ୍ଚନ କରିବେ। ଏହାବ୍ୟତୀତ ରାସ୍ତାକଡ଼ରେ ବହୁଳ ଭାବେ ଧୂଳି ରହୁଥିବାରୁ କମ୍ପାନୀ ଗୁଡ଼ିକ ରାଜ୍ୟ ରାଜପଥରୁ କମ୍ପାନୀ ପର୍ଯ୍ୟନ୍ତ ପେଭର୍ ବ୍ଲକ ପକାଇବେ ଏହାଦ୍ୱାରା ଧୂଳିର ମାତ୍ରା ହ୍ରାସ ପାଇବ।



ଫାଇଲ ଫଟୋ

ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡଃ ସତ୍ୟ ନାରାୟଣ ନନ୍ଦ କହିଛନ୍ତି, ଏଥିପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗୋଟିଏ ଟିମ୍ ଗଠନ କରାଯାଇଛି ଯେଉଁଥିରେ ଆର୍‌ଟିଓ, ସ୍ଥାନୀୟ ପୁଲିସ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ରହିଛନ୍ତି। ନିୟମିତ ଭାବେ ପ୍ରଦୂଷଣକୁ ନେଇ ଯାଞ୍ଚ କରାଯିବ। ଓଭରଲୋଡେଡ୍ ଗାଡ଼ି ଉପରେ କାର୍ଯ୍ୟାନୁଷ୍ଠାନ ସହ ପାଉଁଶ ଆଦି ନେଇ ଯାଉଥିବା ଗାଡ଼ି ଘୋଡ଼ାଇ ନଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସବୁ ଶିକ୍ଷାନୁଷ୍ଠାନକୁ ଡାକି ଆଲୋଚନା କରିବାସହ ସମସ୍ତ ନିୟମର ଅନୁପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କମ୍ପାନୀମାନେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସମୟ ମାଗିଥିବାବେଳେ ଏହାପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ ବୋଲି ଡଃ ନନ୍ଦ ସୂଚନା ଦେଇଛନ୍ତି।

ହୀରାଖଣ୍ଡ ନାଗରିକ ପରିଷଦ ସମ୍ପାଦକ ସୀତାଂଶୁ ତ୍ରିପାଠୀଙ୍କ ଅନୁଯାୟୀ, ଶିକ୍ଷାନୁଷ୍ଠାନ ଗୁଡ଼ିକ ବର୍ଷ ବର୍ଷ ଧରି ଏହି ରାସ୍ତାକୁ ପ୍ରଦୂଷିତ କରି ଆସୁଛନ୍ତି। ଏବେ ପ୍ରଶାସନର ତତ୍ତ୍ୱାବଧାନରେ ନିୟମିତ ଭାବେ ପାଣି ସିଞ୍ଚନ ସହ କମ୍ପାନୀ ଗୁଡ଼ିକ ମଧ୍ୟରେ ରାସ୍ତାର ଅଂଶଗୁଡ଼ିକ ଡିମାର୍କେସନ କରାଯିବା ଉଚିତ। ଆବଶ୍ୟକସ୍ଥଳେ ଏହି ରାସ୍ତାରେ ଦିଲ୍ଲୀ ଭଳିଆ ଉପରୁ କୃତ୍ରିମ ବର୍ଷା କରାଗଲେ ଭଲ ହୁଅନ୍ତା।

## ୧୫କୁ ଘୁଞ୍ଚିଲା ଗିରଫ ତହସିଲଦାରଙ୍କ ଜାମିନ ଆବେଦନ

**ସମ୍ବଲପୁର, ୬।୯ (ସମିସ):** ସରକାରୀ ଅର୍ଥ ହେରଫେର ମାମଲାରେ ମୟୁରଭଞ୍ଜ ଜିଲ୍ଲା ଜାମଦା ତହସିଲଦାର ମଧୁସ୍ମିତା ସିଂହଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଥିବା ବେଳେ ଜାମିନ ଆବେଦନ ଶୁଣାଣି ୧୫ ତାରିଖକୁ ଘୁଞ୍ଚିଯାଇଛି। ଓପିଆଇଡି କୋର୍ଟ ଜାମିନ ଆବେଦନର ବିଚାର ପାଇଁ ଏହି ମାମଲାର ସଦ୍ୟ ସିଡି ମାଗିଛନ୍ତି। ସିଡି ହସ୍ତଗତ ହେଲା ପରେ ଏହାର ତର୍ଜମା କରି ଶୁଣାଣି କରାଯିବ। ଉଲ୍ଲେଖଯୋଗ୍ୟ ଯେ, ଇଓଡବ୍ଲ୍ୟୁ ଗିରଫ ପରେ ଗତ ୩ ତାରିଖ ସମ୍ବଲପୁର ଓପିଆଇଡି (ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇନ୍ଭେଷ୍ଟ ଅଫ୍ ଡିପୋଜିଟର୍ସ) କୋର୍ଟରେ ହାଜର କରିଥିଲା। ସେତେବେଳେ ଅତିରିକ୍ତ ଜିଲ୍ଲା ଜଜ୍ ତଥା ଓପିଆଇଡି ବିଚାରପତି ୬ ତାରିଖକୁ ଜାମିନ ଆବେଦନ ଶୁଣାଣି ରଖିଥିଲେ। ସରକାରଙ୍କ ପକ୍ଷରୁ ଓକିଲ ଜ୍ଞାନରଞ୍ଜନ ପଣ୍ଡା ଓ ଗିରଫ ତହସିଲଦାରଙ୍କ ପକ୍ଷରୁ ବରିଷ୍ଠ ଓକିଲ ପ୍ରଦୀପ ବହିଦାର ପରିଚାଳନା କରିଥିଲେ।

ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ପୌରପରିଷଦରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିବାବେଳେ ମଧୁସ୍ମିତା ସିଂହ ପ୍ରାୟ ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନିୟମିତତା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁକରି ତତ୍‌କାଳୀନ ମ୍ୟୁନିସିପାଲିଟି ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗିରଫ କରିଥିଲା। ଏହି ମାମଲା ଅଗଷ୍ଟ ୨୭ ତାରିଖ ଇଓଡବ୍ଲ୍ୟୁକୁ ହସ୍ତାନ୍ତର ହୋଇଥିବା ବେଳେ ସିଂହଙ୍କ ସମୟରେ ଆର୍ଥିକ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ପରେ ରାଜସ୍ୱ ବିଭାଗ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିଲା।

## ହୀରାଖଣ୍ଡ ନାଗରିକ ପରିଷଦରେ ଗୁରୁ ସମ୍ବର୍ଦ୍ଧନା



**ସମ୍ବଲପୁର, ୬।୯ (ସମିସ):** ଗୁରୁ ଦିବସ ଅବସରରେ ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ଗୁରୁଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ନନ୍ଦକିଶୋର ଦେବତାଙ୍କ ଅଧ୍ୟକ୍ଷତାରେ ଗୁରୁ ବନ୍ଦନାରୁ ସଭ୍ୟା ସୁନନ୍ଦା ପଣ୍ଡା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶିକ୍ଷା ଓ ଶିକ୍ଷକ ମାନଙ୍କ ମାନ ସମାଜରେ ହ୍ରାସ ପାଉଥିବାରୁ ଏହାକୁ ନେଇ ଅନୁଷ୍ଠାନ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଶିକ୍ଷାରେ ବ୍ୟାପକ ପରିବର୍ତ୍ତନ ସହ ବ୍ୟୟ ବହୁଳ ଶିକ୍ଷାକୁ ନାପସନ୍ଦ କରାଯାଇଥିଲା। ପୂର୍ବରୁ ଗୁରୁମାନଙ୍କୁ ଦିଆଯାଉଥିବା ଶ୍ରଦ୍ଧା, ସମ୍ମାନ, ସ୍ନେହ, ଆଦର ହ୍ରାସ ପାଉଥିବା ସମସ୍ତଙ୍କୁ ବ୍ୟଥିତ କରିଛି। ସୁଭାଷ ପାଣିଗ୍ରାହୀ, ଡଃ ଲକ୍ଷ୍ମୀନାରାୟଣ ରଥ, ସୀତାଂଶୁ ପଟ୍ଟନାୟକ, ରାମେଶ୍ୱର ପାଢ଼ୀ ପ୍ରମୁଖ ଗୁରୁ ଏବଂ ଗୁରୁ ଦିବସ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବର୍ଷୀୟାନ ଶିକ୍ଷାବିତ୍ ପୂର୍ବତନ ଶିକ୍ଷା ମଣ୍ଡଳାଧୀଶ ଅରବିନ୍ଦ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ଶ୍ରୀ ମହାପାତ୍ର ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ, ପଥ ପ୍ରଦର୍ଶକ ହୋଇ ରହିବେ ବୋଲି ଅନୁଷ୍ଠାନର ସମ୍ପାଦକ ସୀତାଂଶୁ ତ୍ରିପାଠୀ ମତ ରଖିଥିଲେ। ଶେଷରେ ନାରାୟଣ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ ଶିବିରରେ ୭୬ ୟୁନିଟ୍ ସଂଗୃହୀତ

**ସମ୍ବଲପୁର, ୬।୯(ସମିସ):** ଧନୁପାଲି ମହାବୀର ପଡ଼ାସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ପଞ୍ଚମୁଖୀ ଯୁବକ ସଂଘର ଆବାହକତ୍ୱରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୭୬ ଜଣ ରକ୍ତଦାନ କରିଥିଲେ। ବୁର୍ଲା ଭିମସାର ରକ୍ତଭଣ୍ଡାର ଦ୍ୱାରା ପରିଚାଳିତ ଶିବିରକୁ ଅନୁଷ୍ଠାନର ସଭାପତି ତଥା ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାଏକ ଉଦ୍‌ଘାଟନ କରିଥିଲେ। ଧନୁପାଲିର ଚେତନା ନାଟ୍ୟ ଅନୁଷ୍ଠାନ, ନଟରାଜ ଓ ଓଆଇସି କମ୍ପ୍ୟୁଟର ସେଣ୍ଟର ପ୍ରମୁଖଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଶିବିରରେ ଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଉତ୍ସର୍ଗ ଉପଦେଷ୍ଟା ସୁଧୀର ପୂଜାରୀ, ସମ୍ବଲର ରାମଦାସ ପଣ୍ଡା, ସାଧନାର ସୂର୍ଯ୍ୟ ପାଣିଗ୍ରାହୀ, ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ସୁନୀଲ ସାହୁ ଓ ଓଡ଼ିଶା ଅଲମ୍ପିକ ଆସୋସିଏସନର ଉପସଭାପତି ଦୁଲାଲ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ରକ୍ତଦାନ ଶିବିର ପରିଚାଳନାରେ ଅନୁଷ୍ଠାନର ଉପସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ସମ୍ପାଦକ କାହ୍ନୁରାମ ଶର୍ମା, କୋଷାଧ୍ୟକ୍ଷ ସନ୍ତୋଷ ପଣ୍ଡା, ପ୍ରକାଶ ନାୟକ, ବିବେକାନନ୍ଦ ନାୟକ, ଅଶୋକ ପଟ୍ଟନାୟକ, ଶ୍ରୀକାନ୍ତ ବିଶ୍ୱାଳ, ବିକାଶ ମିଶ୍ର, ମହେଶ ପଟେଲ, ସଞ୍ଜୀବ ପାଣିଗ୍ରାହୀ, ବଳରାମ ହୋତା, ସନ୍ତୋଷ ପଣ୍ଡା, ତନୟ ରଞ୍ଜନ ପାଣିଗ୍ରାହୀ, ବଂଶୀଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ଗଞ୍ଜେଇ ଜବତ, ୪ ଗିରଫ



**ସମ୍ବଲପୁର, ୬।୯ (ସମିସ):** ଅବକାରୀ ବିଭାଗ ଚଢ଼ଉ କରି ଦୁଇଟି ପୃଥକ୍ ପୃଥକ୍ ଗଞ୍ଜେଇ ଚାଲାଣ ମାମଲାରେ ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ପ୍ରଥମ ମାମଲାରେ ଧନୁପାଲି ଛକ ନିକଟରେ ଚଢ଼ଉ କରି ଏକ କାର୍‌ରୁ ୫୦.୫ କିଲୋ ଗଞ୍ଜେଇ ଜବତ କରିବାସହ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ବଡ଼ବାହାଲ କେଲାକଟାର ସୁଶାନ୍ତ କୁମାର ନାୟକ (୨୬), ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ନରସିଂହପୁରର ଗଙ୍ଗାଧର ସିଂହ (୩୦) ଓ ରୁଗୁଡ଼ିକାନପାର ସନିତ ଛନ୍ଦ (୧୯)। ଏନେଇ ମାମଲା ରୁଜୁକରି ତିନିଜଣଙ୍କୁ ଗିରଫ କରାଯାଇଛି। ସେହିପରି ଅନ୍ୟ ଏକ ମାମଲାରେ ରେଙ୍ଗାଲି ରେଲଷ୍ଟେସନରେ ୬.୮ କିଲୋ ଗଞ୍ଜେଇ ଜବତ କରିବାସହ ସମ୍ପୃକ୍ତ ବିହାର ରାଜ୍ୟ ତରାଇଆ ଥାନା ଗଲିମପୁରର ପଙ୍କଜ କୁମାର ଯାଦବ (୨୬)କୁ ଗିରଫ କରାଯାଇଛି।

## ସ୍ନାତକୋତ୍ତର ଓଡ଼ିଆ ବିଭାଗ ସାହିତ୍ୟପତ୍ର 'ଶବ୍ଦଗଙ୍ଗା' ଲୋକାର୍ପିତ

**ସମ୍ବଲପୁର, ୬।୯ (ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଅନ୍‌ଲାଇନ୍ ମାସିକ ମୁଖପତ୍ର 'ଶବ୍ଦଗଙ୍ଗା' ମୁଖ୍ୟ ସମ୍ପାଦକ ତଥା ବିଭାଗମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ବେହେରାଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି। ଏହି ସଭାରେ ଅତିଥିକବି ଭାବେ କବିୟତ୍ରୀ ତଥା ଅଧ୍ୟାପିକା ଡଃ ସ୍ୱର୍ଣ୍ଣମୟୀ ପୁରୋହିତ ଆଭାସୀ ମାଧ୍ୟମରେ ଯୋଡ଼ିହୋଇ ସ୍ୱରଚିତ କବିତା 'ଖଡ଼ିଛୁଆଁ' ଆବୃତ୍ତି କରିବାସହ ତାଙ୍କ ବକ୍ତବ୍ୟରେ ସେ ଭାଷା ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ଆହ୍ୱାନ କରିଥିଲେ। 'ଶବ୍ଦଗଙ୍ଗା'ର ସହଯୋଗୀ ଛାତ୍ର ସମ୍ପାଦିକା ବର୍ଷାରାଣୀ ନନ୍ଦ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଛାତ୍ର ସମ୍ପାଦକ ଜଗନ୍ନାଥ ମେହେର ସମ୍ପାଦକୀୟ ଅଭିଭାଷଣ ରଖିଥିଲେ। ଯୁବ ପ୍ରତିଭା ପ୍ରତିଭାରାଣୀ ଦୀପ, ତୃପ୍ତା ଦାଶ ପ୍ରମୁଖ ପତ୍ରିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସହଯୋଗୀ ଛାତ୍ର ସମ୍ପାଦିକା ଇପ୍ସିତା ପ୍ରିୟଦର୍ଶିନୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମା' ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁ ଦିବସ

**ସମ୍ବଲପୁର, ୬।୯ (ସମିସ):** ମା' ଝାଡ଼େଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ପୁରୋହିତ ସଭାପତିତ୍ୱ କରିଥିବା ବେଳେ ଯୁକ୍ତ -୩ ଅଧ୍ୟକ୍ଷ ଅନିଲ ପ୍ରଧାନ ମୁଖ୍ୟଅତିଥି ତଥା ଓଡ଼ିଆ ଅଧ୍ୟାପକ ବଳଦେବ ମହାକୁର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସଭା ପୂର୍ବରୁ ପାରମ୍ପରିକ ରୀତିରେ ଛାତ୍ରଛାତ୍ରୀମାନେ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଫୁଲଚନ୍ଦନ ଓ ଉପାୟନ ଦେଇ ପୂଜା କରିଥିଲେ। ପଣ୍ଡିତ ବ୍ୟାସଦେବ ପଣ୍ଡା, ସତ୍ୟନାରାୟଣ ଦାଶ, ଡଃ ସିଦ୍ଧାର୍ଥ ପଣ୍ଡା, ମିନତୀ ଦାଶ, ରବୀନ୍ଦ୍ର ନାରାୟଣ ଠାକୁର, ବନୋଜ କୁମାର ସାହୁ, ମୌସୁମୀ ଷଡ଼ଙ୍ଗୀ ପ୍ରମୁଖ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଆଶୀର୍ବଚନରେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଛାତ୍ର ଶିବାସ ନାଗ ସଭା ସଂଯୋଜନା କରିଥିବାବେଳେ ସେଲିନା ମହାପାତ୍ର, ଅଙ୍କିତା ସାହୁ, ଶ୍ୟାମାରାଣୀ ବେହେରା, ଭାବନା ସାହୁ, ସଞ୍ଜୀବନୀ ପ୍ରଧାନ ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଲିଭା ଭୋଇ, ଅଞ୍ଜଳି ବୁଡେକ, ଲିଲିମା ଭୋଇ। ପ୍ରମୁଖ ଗୁରୁଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ସଂଯୋଜକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଓମ୍‌ପ୍ରକାଶ ସିଂ, ଭାରତ ପ୍ରସାଦ ସାହୁ, ମୋହିତ ସିଂ, ଅଭିଜୀତ ସାମନ୍ତ, ପଦ୍ମିନୀ ମଲ୍ଲିକ ପ୍ରମୁଖ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

### ବନମାଳୀବାବୁ ସ୍ମାରକୀ ବକ୍ତୃତାମାଳା

## ଯୁବପିଢ଼ି ସମୃଦ୍ଧ ଅତୀତକୁ ଫେରାଇ ଆଣନ୍ତୁ

**ସମ୍ବଲପୁର, ୬।୯ (ସମିସ):** ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ ଆନୁକୂଲ୍ୟରେ ଆଜି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ବନମାଳୀ ବାବୁ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବନମାଳୀ ବାବୁ ନୀତି ଓ ନୈତିକତାର ମୂଲ୍ୟବୋଧ ଆଧାରିତ ରାଜନୀତିକୁ ପ୍ରତିନିଧିତ୍ୱ କରୁଥିଲେ। ସେ ସମୟରେ ସମାଜର ସେବା ମନୋଭାବ ଗୁଣୀ ଜ୍ଞାନୀ ଲୋକେ ରାଜନୀତିକୁ ଆସୁଥିଲେ। ଏବେ ତାହା ଅପସରି ଯାଉଛି। ହେଲେ ବର୍ତ୍ତମାନର ପିଢ଼ୀ ନୀତି, ନୈତିକତା, ସଦାଚାର, ସାଧୁତା ଆଧାରିତ ସମୃଦ୍ଧ ଅତୀତକୁ ଫେରାଇ ଆଣିବା ପାଇଁ ଦାୟିତ୍ୱ ନିଅନ୍ତୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ଆହ୍ୱାନ ଦେଇଥିଲେ। ସେ କହିଲେ ଯେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଜରିଆରେ ଲୋକଙ୍କ ପାଖରେ ରାଜସ୍ୱ ଭଳି ସେବା ପହଞ୍ଚାଇବା ଆରମ୍ଭ କରିଛି। ଇତି ମଧ୍ୟରେ ୨୩ ହଜାର ସ୍କୁଲ କଲେଜକୁ ଜମିପଟ୍ଟା ହସ୍ତାନ୍ତର କରାଯାଇଛି। ଭିମସାର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଜିଏମ୍‌ୟୁ ଭଳି ଉଚ୍ଚଶିକ୍ଷାନୁଷ୍ଠାନର ଉନ୍ନୟନ ଓ ଜମି



ସମସ୍ୟାର ସମାଧାନ ଉଦ୍ୟମ କରାଯାଉଛି। ନିଜର ଅଞ୍ଚଳର କୌଣସି ବିକାଶକୁ ସମସ୍ତେ ସମର୍ଥନ ଦେବା ଜରୁରୀ। ହାଇକୋର୍ଟ ବେଞ୍ଚ ଓ ଡବ୍ଲ୍ୟୁଡିସି ମୁଖ୍ୟାଳୟ ନେଇ ମଧ୍ୟ ସର୍ବସମ୍ମତ ଭାବରେ ଦାୟିତ୍ୱ ଦେଲେ ରାଜ୍ୟ ସରକାର ଉଚିତ ପଦକ୍ଷେପ ନେବେ।

ଏହି ଅବସରରେ ସେ ଲାଇବ୍ରେରୀର ପଠନ ଏବଂ ଅଧ୍ୟୟନ ହଲ୍‌କୁ ଉଦ୍‌ଘାଟନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଏବଂ ଏନ୍‌ଆଇଆର୍‌ଏଫ୍‌ରେ ଉତ୍କର୍ଷତା ହାସଲ କରିଥିବା ଆଇଆଇଏମ୍ ସମ୍ବଲପୁରକୁ ସମ୍ମାନିତ କରିଥିଲେ। ଉଭୟ ସଂସ୍ଥାନ ପକ୍ଷରୁ ଜିଏମ୍‌ୟୁ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ ଏବଂ ପ୍ରଫେସର ଦିପ୍ତୀରଞ୍ଜନ ମହାପାତ୍ର ସମ୍ମାନ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପଣ୍ଡା କହିଲେ ଯେ, ଶିକ୍ଷାର ପ୍ରସାର, ବିଶ୍ୱବିଦ୍ୟାଳୟ, ଇଂଜିନିୟରିଂ କଲେଜ ସହିତ ଅନେକ ସ୍କୁଲ ଓ କଲେଜ ପ୍ରତିଷ୍ଠା କରି ବନମାଳୀ ବାବୁ ସ୍ମରଣୀୟ ହୋଇ ରହିଛନ୍ତି। ସବୁ ବର୍ଗ ଏବଂ ବୟସର ଲୋକଙ୍କୁ ସମାନ ଚକ୍ଷୁରେ ଦେଖୁଥିବାରୁ ସେ ନିଜକୁ ସମସ୍ତଙ୍କ ଆସ୍ଥାଭାଜନ କରିପାରିଥିଲେ। ଶେଷରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସଭ୍ୟ ସଚିବ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିପିଏଲ୍‌ଏଫ୍ ସିଏସ୍‌ଏସ୍‌ଙ୍କ ମାସିକ ସ୍ଥାୟୀ ଦରମା ଦାବି

**ସମ୍ବଲପୁର, ୬।୯(ସମିସ):** ଓଡ଼ିଶା ଜୀବିକା ମିଶନ / ମିଶନ ଶକ୍ତି ଅଧିନସ୍ଥ କର୍ମୀ ସଂଘର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସ୍‌ଏସ୍)ମାନେ ସେମାନଙ୍କୁ ପାରିଶ୍ରମିକ ବାବଦକୁ ମାସିକ ସ୍ଥାୟୀ (ଫିକ୍ସଡ) ଦରମା ଦେବାକୁ



ଶନିବାର ଜିଲ୍ଲାପାଳ ଓ ସମ୍ବଲପୁର ଜିଲ୍ଲା ଓଡ଼ିଶା ଜୀବିକା ମିଶନ ପ୍ରକଳ୍ପ ଅଧିକାରୀଙ୍କଠାରେ ଦାବି ଜଣାଇଛନ୍ତି। ପୂର୍ବରୁ ସ୍ଥାୟୀ ଦରମା ପାଉଥିବାବେଳେ ପ୍ରଦର୍ଶନ ପ୍ରୋତ୍ସାହନ (ପର୍‌ଫର୍ମେନ୍ସ ଇନ୍‌ସେଣ୍ଟିଭ୍) ହିସାବରେ ଦିଆଯାଉଥିବାରୁ ଗତ ଚାରିମାସ ହେଲା ଜିଲ୍ଲାର ସିଏସ୍‌ଏସ୍‌ମାନେ ଦରମା ନେଇନାହାନ୍ତି। ଏଭଳି ପ୍ରଦର୍ଶନ ପ୍ରୋତ୍ସାହନ ହିସାବରେ ଦରମା ଦିଆଗଲେ ସେମାନଙ୍କ ପରିବାର ପ୍ରତିପୋଷଣରେ ଅସୁବିଧାର ସମ୍ମୁଖୀନ ହେବେ ବୋଲି କହିଛନ୍ତି।

ଦାବିପତ୍ର ଅନୁଯାୟୀ, ଓଡ଼ିଶା ଜୀବିକା ମିଶନ/ ମିଶନ ଶକ୍ତି ଅଧିନସ୍ଥ କର୍ମୀ ସଂଘର ସିଏସ୍‌ଏସ୍ ମାନେ ବିଭିନ୍ନ ବ୍ଲକର ଗ୍ରାମ ପଞ୍ଚାୟତ ଲେଭେଲ ଫେଡେରେସନ (ଜିପିଏଲ୍‌ଏଫ୍) ଗୁଡ଼ିକରେ ନିଯୁକ୍ତି ପାଇ ପୂର୍ବରୁ ପାରିଶ୍ରମିକ ବାବଦକୁ ମାସିକ ସ୍ଥାୟୀ (ଫିକ୍ସଡ) ଦରମା ପାଉଥିଲେ। ସରକାରଙ୍କ ପତ୍ରସଂଖ୍ୟା ୨୬୭୦/୨୯-୩-୨୦୨୫ ଅନୁଯାୟୀ ପାରିଶ୍ରମିକ ବାବଦକୁ ଅର୍ଥ ରାଶି ସ୍ଥାୟୀ ଦରମା ପରିବର୍ତ୍ତେ ପ୍ରଦର୍ଶନ ପ୍ରୋତ୍ସାହନ (ପର୍‌ଫର୍ମେନ୍ସ ଇନ୍‌ସେଣ୍ଟିଭ୍) ହିସାବରେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳି କରାଗଲେ ପାଉଥିବା ମାସିକ ଦରମାରେ ସିଏସ୍‌ଏସ୍ ମାନଙ୍କ ମଧ୍ୟରେ ତାରତମ୍ୟ ସହିତ ଅସମାନତା ସୃଷ୍ଟି ହେବ। କାରଣ, ରାଜ୍ୟରେ ଥିବା ୬୭୯୪ ଗ୍ରାମ ପଞ୍ଚାୟତରେ ସମାନ ସଂଖ୍ୟକ ଏସ୍‌ଏଚ୍‌ଜି ଏବଂ ସିଏଲ୍‌ଏଫ୍ ଥିବା ସିଏସ୍‌ଏସ୍‌ମାନେ ଅଧିକ ପ୍ରାପ୍ୟ ପାଇବା ସୁଯୋଗ ଥିବାବେଳେ କମ୍‌ସଂଖ୍ୟକ ଏସ୍‌ଏଚ୍‌ଜି ଓ ସିଏଲ୍‌ଏଫ୍ ଥିବା ସିଏସ୍‌ଏସ୍‌ମାନେ କମ୍ ପରିମାଣର ପ୍ରାପ୍ୟ ପାଇବାର ସୁଯୋଗ ସୃଷ୍ଟି ହେବ। ଯଦି କୌଣସି କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସ୍‌ଏସ୍)ଙ୍କ ଶାରୀରିକ ଅସୁସ୍ଥତା ପାଇଁ କିଛିଦିନ କାର୍ଯ୍ୟ କରିନପାରନ୍ତି, ତେବେ ସେ ଏହି ପ୍ରଦର୍ଶନ ପ୍ରୋତ୍ସାହନର ପ୍ରାପ୍ୟ ପାଇପାରିବେ ନାହିଁ।

## ସୈରେନ୍ଦ୍ରୀ ନାୟକ ଆନ୍ତଃହାଇସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ



**ସମ୍ବଲପୁର, ୬।୯ (ସମିସ)**

ଜିଲ୍ଲା ବର୍ଷୀୟାନ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ୨୬ତମ ସୈରେନ୍ଦ୍ରୀ ନାୟକ ଟ୍ରଫି ଆନ୍ତଃ ହାଇସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜି ସିଂହପାଲି କାଇଁଶୀର ଫୁଟବଲ ପଡ଼ିଆରେ ବୟୋଜ୍ୟେଷ୍ଠ ସଦସ୍ୟ ସୁରେନ୍ଦ୍ର ମୋହନ ପୁରୋହିତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଆଜି ପ୍ରଥମ ଖେଳ କାଇଁଶୀର ହାଇସ୍କୁଲ ଓ ତାଲବ ହାଇସ୍କୁଲ ମଧ୍ୟରେ ହୋଇଥିବାବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ୧-୧ ଗୋଲରେ ଅମୀମାଂସିତ ରହିବାରୁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରି ୪-୨ ଗୋଲରେ କାଇଁଶୀର ହାଇସ୍କୁଲ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଲପଙ୍ଗା ଓ ଇନ୍ଦିରାଗାନ୍ଧୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ମୁଣ୍ଡେନପାଲି ମଧ୍ୟରେ ହୋଇଥିବାବେଳେ ୧-୦ ଗୋଲରେ ଇନ୍ଦିରାଗାନ୍ଧୀ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଦଳ ବିଜୟୀ ହୋଇଥିଲା। ଆଜିର ଖେଳକୁ ରେଫରୀ ମନୋଜ ଭୋଇ, ମଥୁରା ଓରାମ, ଲକ୍ଷ୍ମଣ ନାଥ, ଶାନ୍ତା ରଣବିଡ଼ା, ଜଳେନ୍ଦ୍ର ଓରାମ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସଂଘ ପକ୍ଷରୁ ଅଂଶଗ୍ରହଣ କରିଥିବା ସମସ୍ତ ୧୬ଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ଓ ଅଧ୍ୟକ୍ଷ ମାନଙ୍କୁ ଉପଢ଼ୌକନ ଓ ଚାରା ବଣ୍ଟନ କରି ସମ୍ମାନିତ କରାଯାଇଥିଲା। ଆସନ୍ତାକାଲି ରବିବାର ପ୍ରଥମ ଖେଳ ସେଭେନହିଲ୍ସ ପବ୍ଲିକ ସ୍କୁଲ ଓ ସେଣ୍ଟ ଜାଭିୟର ସ୍କୁଲ ଏବଂ ଦ୍ୱିତୀୟ ଖେଳ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲ ଓ ଗୁରୁନାନକ ପବ୍ଲିକ ସ୍କୁଲ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।

# ଝାରବନ୍ଧ ମୁଖ୍ୟରାସ୍ତାରେ ପୋଖରୀ ଭ୍ରମ



**ଝାରବନ୍ଧ, ୬।୯ (ସମିସ):** ଝାରବନ୍ଧ ବ୍ଲକ ମୁଖ୍ୟାଳୟକୁ ବିଭିନ୍ନ ସରକାରୀ ଅଫିସ, ସ୍କୁଲ କଲେଜ, ପଞ୍ଚାୟତ କାର୍ଯ୍ୟାଳୟ, ପେକ୍ସ, ବ୍ଲକ କାର୍ଯ୍ୟାଳୟକୁ ଦୈନିକ ହଜାର ହଜାର ଲୋକଙ୍କ ସହିତ ଛାତ୍ରଛାତ୍ରୀ ଏବଂ ସରକାରୀ କର୍ମଚାରୀ ଯିବା ଆସିବା କରନ୍ତି। ମୁଖ୍ୟରାସ୍ତା (ପୁରୁଣା ଥାନା ଗୃହ ପାର୍ଶ୍ୱ)ରେ ବର୍ଷା ହେଲେ ରାସ୍ତା ଉପରେ ଆଣ୍ଠୁଏ ପାଣି ଜମା ହୁଏ। ପ୍ରତ୍ୟହ ଯିବା ଆସିବା କଲାବେଳେ କାଦୁଅ ପାଣିର ଛିଟା ଯୋଗୁଁ ଅନେକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ଏହିରାସ୍ତା ଦେଇ ସମସ୍ତ ବଡ ବଡ ସରକାରୀ ବାବୁ ମାନେ ମଧ୍ୟ ଯିବା ଆସିବା କରନ୍ତି। ହେଲେ ସବୁ ଦେଖି ନ ଦେଖିଲା ପରି ନୀରବରେ ଚାଲିଯାଆନ୍ତି। ଫଳରେ ବର୍ଷା ଦିନେ ଜନସାଧାରଣଙ୍କ ପାଇଁ ରାସ୍ତା ଉପରେ ପୋଖରୀର ଭ୍ରମ ସୃଷ୍ଟି କରୁଛି। ଏହାର ସମାଧାନ କରି କିପରି ପାଣି ଜମା ନ ହେବ ଏବଂ ଲୋକେ ସୁବିଧାରେ ଯାତାୟାତ କରିପାରିବେ ତାହାର ବ୍ୟବସ୍ଥା କରିବାକୁ ପ୍ରଶାସନ ଦୃଷ୍ଟି ଦେବାକୁ ଜନସାଧାରଣରେ ମତ ପ୍ରକାଶ ପାଇଛି।

# ଭଟଲି କୁଳତା ସମାଜର ନୂଆଁଖାଇ ଭେଟ୍‌ଘାଟ୍

**ଭଟଲି, ୬।୯ (ସମିସ)**

ଭଟଲି ବ୍ଲକ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡୀ କୁଳତା ସମାଜର ନୂଆଁଖାଇ ଭେଟଘାଟ ନୂଆଁଗଡ଼ ସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଆନନ୍ଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସାଧାରଣ ସଭାରେ ଭଟଲି ବ୍ଲକ କୁଳତା ସମାଜ ସଭାପତି ସଞ୍ଜୟ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ମାଧବ ପ୍ରସାଦ ସାହୁ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ନିତ୍ୟାନନ୍ଦ ପଧାନ, ସୌରୀ ଚରଣ ବାରିକ, ଡ.ଅରୂପାନନ୍ଦ ସାହୁ, ଲୋକନାଥ ସାହୁ ଏବଂ କମଗାଁ ପୀଠରୁ ଆସିଥିବା ଶ୍ୟାମସୁନ୍ଦର ଗଡ଼ତିଆ ସମାଜକୁ ସଂଗଠିତ କରିବାରେ ନୂଆଁଖାଇ ଭେଟ୍‌ଘାଟ୍ ଏକ ମାଧ୍ୟମ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ସମାଜର ମହିଳା ମାନଙ୍କ ଦ୍ୱାରା ଆରିସା ପିଠା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଚଳିତ ବର୍ଷ ଲୋକଙ୍କ ସେବାରେ ଯୋଗ ଦେଇଥିବାରୁ ସୁକୁଡା ଗାଁର ଡ.ଦିନେଶ ନାଏକଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସମସ୍ତେ ସାମୂହିକ ପ୍ରସାଦ ସେବନ କରି ନୂଆଁଖାଇ ପାଳନ କରିଥିଲେ। ଉପ ସଭାପତି ବୈରାଗୀ ସାହୁଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବୀରେନ୍ଦ୍ର ସାହୁଙ୍କ କଣ୍ଠରେ ଏବଂ ଜୟଲାଲ ସାହୁ ଏବଂ ସୁଶୀଲ ବଡ଼େଇଙ୍କ ସହଯୋଗରେ ରାମଚଣ୍ଡିଙ୍କ ଜଣାଣ ଗାନ କରିଥିଲେ। କୁଳତା ସମାଜର କୁନି କୁନି ଛୁଆ ମାନେ ନୃତ୍ୟ ଗୀତ ପରିବେଷଣ କରିଥିଲେ। ପ୍ରସିଦ୍ଧ ହାସ୍ୟ କବି ଦେବେନ୍ଦ୍ର ସାହୁ, ଅଭିମନ୍ୟୁ ପଧାନ ଏବଂ ବାଙ୍କା ବିହାରୀ ସାହୁ ହାସ୍ୟରସାତ୍ମକ କବିତା ପାଠ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କାରୀଙ୍କୁ ପ୍ରଶଂଶା ପତ୍ର ପ୍ରଦାନ କରାଯାଇଥିଲା। ନୂଆଁଗଡ଼ ମନ୍ଦିର କମିଟିର ଜଗଦୀଶ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଭଟଲି ବ୍ଲକ କୁଳତା ସମାଜର ଉପସଭାପତି କ୍ଷୀରଧର ସାହୁ, ସହସମ୍ପାଦକ ରାଜାରାମ ସାହୁ, ଦୁଃଖନାସନ ସାମଲ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଭଟଲି ବ୍ଲକର ସମସ୍ତ ୧୬ ପଞ୍ଚାୟତରୁ କୁଳତା ସମାଜର ହଜାର ହଜାର ସଦସ୍ୟ ସପରିବାର ଯୋଗଦାନ କରିଥିଲେ। ଗୁରୁଦେବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ଶାରଦୀୟ ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପିତ

**ବରଗଡ଼, ୬।୯ (ସମିସ):** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ ୧ ନିଗମାନନ୍ଦ ବିହାର ଆସନ୍ତା ୨୮ ରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଶାରଦୀୟ ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପିତ ହୋଇଯାଇଛି। ପୂଜା କମିଟିର ସଭାପତି ଚନ୍ଦ୍ର ଶେଖର କର୍ମ ଓ ସମ୍ପାଦକ ନବୀନ ସାବତ ଓ ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ସଞ୍ଜୀବ ଦାଶ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ଏହି ଅବସରରେ ପଡ଼ାର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।



## ତହସିଲ ଛକ ଦୁର୍ଗା ପୂଜା ଶୁଭସ୍ତମ୍ଭ ସ୍ଥାପନ

**ବରପାଲି:** ବରପାଲି ତହସିଲ ଛକ ଦୂର୍ଗାପୂଜା ପାଇଁ ଶନିବାର ଦୁର୍ଗାମଣ୍ଡପରେ ନୀତିକାନ୍ତି ସହ ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ପଣ୍ଡିତ ହେମନ୍ତ ମିଶ୍ର ପୁରୋହିତ କାର୍ଯ୍ୟଭାର ତୁଲାଇଥିଲେ। ପୂଜାକମିଟି ସଭାପତି ପ୍ରଫେସର ସୁଶିଲ ଶତପଥୀଙ୍କ ସମେତ ବ୍ରାହ୍ମଣ ସମାଜର ସଭାପତି କୃଷ୍ଣ ଚନ୍ଦ୍ର ଦେବତା, ନରେନ୍ଦ୍ର ଶତପଥୀ, ରାଜ୍ୟ ସମବାୟ ସମିତି ଉପ ସଭାପତି ବିରୋସନ୍ ସାହୁ, ନରେନ୍ଦ୍ର ହୋତା, ଗୌର ହରି ମିଶ୍ର, ନିର ମିଶ୍ର ସମେତ ବହୁ କମିଟିର କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଜୟ ଜଗଦମ୍ବା କ୍ଲବ୍ ପକ୍ଷରୁ ଆୟୋଜିତ ଆଗାମି ଦୁର୍ଗାପୂଜାର ପୂଜକ ପଣ୍ଡିତ ହେମନ୍ତ ମିଶ୍ର ରହିଥିବା ବେଳେ ପୂଜାକର୍ତ୍ତା ଭାବେ ଚିତ୍ତରଞ୍ଜନ ମିଶ୍ର ସପତ୍ନୀଙ୍କ ଦ୍ୱାରା ଶୁଭସ୍ତମ୍ଭ ସ୍ଥାପନ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପ ସଭାପତି ଚିତ୍ତରଞ୍ଜନ ସାହୁ, ଶରତ ପାଣିଗ୍ରାହୀ, ପଦ୍ମଲୋଚନ ପଣ୍ଡା, ବୁଲୁ ଦାସ, ରୋହିତ ରାଉତ, ପ୍ରମୋଦ ଗହିର, ଭରତ ଗହୀର, ବଜରଙ୍ଗ ଗହିର, ପଦ୍ମଲୋଚନ ସାହୁ, ରଞ୍ଜନ ବେହେରା, ଦୁଷ୍ମନ୍ତ ମିଶ୍ର, ଭବାନୀ ଶର୍ମା, ପ୍ରମୋଦ ଷଡଙ୍ଗୀ, ଲଳିତ ଚିନ୍ଦା, ସରୋଜ ତ୍ରିପାଠୀ, ସନ୍ତୋଷ ସାହୁ, ସମାରୁ ପରିଡ଼ା, ସନ୍ତୋଷ ସାହୁ, ସୁଦାମରାଉତ, ସୁମନ ସାହୁ, କୁନା ବାରିକ, ଧନସିଂ ବରିହା, ମୁରଲୀ ପଧାନ ପ୍ରମୁଖ ସଭ୍ୟମାନେ ଉପସ୍ଥିତ ଥିଲେ।

# ଆଇଏସ୍‌ଟିଇ ଓଡ଼ିଶା ଶାଖାର ଫାକଲ୍ଟି କନଭେନସନ

**ସମ୍ବଲପୁର, ୬।୯ (ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ଠାରେ ଇଣ୍ଡିଆନ୍ ସୋସାଇଟି ଫର ଟେକ୍ନିକାଲ୍ ଏଜୁକେସନ (ଆଇଏସ୍‌ଟିଇ), ଓଡ଼ିଶା ଶାଖାର ୨୬ତମ ଫେକଲ୍ଟି କନଭେନସନ ଆଜି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଚାରୋଟି ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର କୁଳପତି ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଏବଂ ଧରଣୀଧର ବିଶ୍ୱବିଦ୍ୟାଳୟର, କେନ୍ଦୁଝରର ନବନିଯୁକ୍ତ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗ ଦେଇଥିଲେ। ତାଙ୍କ ସହ ଭିସୁଟ୍ କୁଳପତି ପ୍ରଫେସର ଦିପକ କୁମାର ସାହୁ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଥିଲେ ବିପିୟୁଟି, ରାଉରକେଲାର କୁଳପତି ପ୍ରଫେସର ଅମିୟ କୁମାର ରଥ ଓ ଓୟୁଟିଆର୍, ଭୁବନେଶ୍ୱରର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ। ଅତିଥିମାନେ ବୈଷୟିକ ଶିକ୍ଷାର ଭବିଷ୍ୟତ ସମ୍ପର୍କରେ ଅନୁପ୍ରେରଣାଦାୟକ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଇଏସ୍‌ଟିଇ ଓଡ଼ିଶା ଶାଖା ଅଧ୍ୟକ୍ଷ ପ୍ରଫେସର ପ୍ରବତ କୁମାର ପାଢ଼ୀ, ଭିସୁଟ୍ କୁଳସଚିବ ପ୍ରଦୀପ ଡାଙ୍ଗ ଏବଂ ଭିସୁଟ୍ ସିଡିସିଇ ପ୍ରଫେସର ଗଣେଶ୍ୱର ନାଥ ଉପସ୍ଥିତ ଥିଲେ। କମ୍ପ୍ୟୁଟର ସାଇନ୍ସ ଏବଂ ଇଞ୍ଜିନିୟରିଂ ବିଭାଗରୁ ପ୍ରଫେସର ପ୍ରଦୀପ୍ତ କୁମାର ଦାଶ କାର୍ଯ୍ୟକ୍ରମର ଆବାହକ ଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ, ପ୍ରଫେସର ଦେବଦତ୍ତ ମିଶ୍ର, ଡଃ ପତିତ ପାବନ ପଣ୍ଡା ଓ ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏନ୍‌ଆଇଆଇଟି, ରାଉରକେଲା ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଡଃ ସୁସ୍ମିତା ଦାସ ଓ ଏନ୍‌ଆଇଆଇଟି, ରାୟପୁର ମେକାନିକାଲ୍ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଶୁଭଙ୍କର ଭୌମିକ ବିଶିଷ୍ଟ ବକ୍ତା ଭାବରେ ଯୋଗ ଦେଇଥିଲେ। ସେମାନେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦କୁ ବୈଷୟିକ ଶିକ୍ଷାରେ କିପରି ପ୍ରାୟୋଗିକ କରାଯାଇପାରିବ ତାହା ଉପରେ ଆଲୋକପାତ କରିଥିଲେ।



# ରେଲୱେ ଟ୍ରାକ୍‌ରୁ ମୃତଦେହ ଉଦ୍ଧାର

**ବରପାଲି, ୬।୯ (ସମିସ):** ବରପାଲି ବ୍ଲକ ବାରଗୁଡା ଫାଟକ ନିକଟସ୍ଥ ରେଲୱେ ଟ୍ରାକ୍ ମଧ୍ୟରୁ ଏକ ମୃତଶରୀର ଉଦ୍ଧାର ହୋଇଛି। ଶନିବାର ହାୱାଡା ଜଗଦଲପୁର ଏକ୍ସପ୍ରେସ ଚାଳକ ନିକଟରୁ ଖବର ପାଇ ସମ୍ବଲପୁର ରେଲୱେ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ ମୃତଶରୀରକୁ ଜବତ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲା। ହେଲେ ମୃତକଙ୍କ ପରିଚୟ ମିଳିପାରି ନାହିଁ। ତେବେ ଘଟଣା ସମ୍ପର୍କରେ ଜମା ହୋଇଥିବା ଲୋକଙ୍କ ନିକଟରୁ ଭିନ୍ନଭିନ୍ନ କଥା ଶୁଣିବାକୁ ମିଳିଥିଲା। ପୁଲିସ ମୃତକଙ୍କ ଶରୀର ଏବଂ ଆଖପାଖରେ ଖାନ ତଲାସି କରିଥିଲା। ପରେ ପୁଲିସ ହେପାଜତରେ ମୃତଶରୀରକୁ ବ୍ୟବଚ୍ଛେଦ ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ନେଇଥିବା ସୂଚନା ରହିଛି।

# ପ୍ରବଳ ବର୍ଷାରେ ଭାଙ୍ଗିଲା ଘର, ବାସଗୃହ ପାଇଁ ନିବେଦନ

**ପଦ୍ମପୁର, ୬।୯ (ସମିସ):** ରାଜବୋରାସମ୍ବର ପଦ୍ମପୁର ବ୍ଲକ ବରଭଟା ଗାଁର ଚନ୍ଦ୍ରକାନ୍ତି ବରିହା, ସ୍ୱାମୀ ରାଜେଶ ବରିହାଙ୍କ ଘର ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଗତ ୩ ତାରିଖ ପ୍ରବଳ ବର୍ଷା ଯୋଗୁଁ ତାଙ୍କ ଘର ଭାଙ୍ଗି ଯାଇ ଚାଉଳ, ମୁଗ, ଲୁଗା, କପଡ଼ା, ବହିପତ୍ର, ଛେଳି, ସାଇକେଲ, ଖଟ ଓ ଅନ୍ୟାନ୍ୟ ଆସବାବ ପତ୍ର ବ୍ୟବହାର ଯୋଗ୍ୟ ହୋଇ ରହିନାହିଁ। ସମସ୍ତ ଜିନିଷ ପତ୍ର ତଥା ଘର ଭାଙ୍ଗି ଯାଇ ମାଟିରେ ପୋତି ହୋଇ ଯାଇଛି। ପାଳଥିବା ଛେଳିମାନେ ମରି ଯାଇଛନ୍ତି, ସାଇକେଲ ଚୂରମାର ହୋଇ ଯାଇଛି। ବର୍ତ୍ତମାନ ସେମାନେ ବାସହୀନ ଅବସ୍ଥାରେ କାଳାତିପାତ କରୁଛନ୍ତି। ବିଭାଗୀୟ ଅଧିକାରୀ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବା ସହ ଘର ଖଣ୍ଡିଏ ପାଇଁ ଗତ ୬ ତାରିଖରେ ତହସିଲଦାର ପଦ୍ମପୁରଙ୍କୁ ଚନ୍ଦ୍ରକାନ୍ତି ବରିହା ଲିଖିତ ନିବେଦନ କରିଛନ୍ତି।

# ପିରାମିଡ୍ ସ୍ପିରିଚ୍ୟୁଆଲ୍ ସୋସାଆଇଟିଜ୍ ମୁଭମେଣ୍ଟର ଧ୍ୟାନ କର୍ମଶାଳା




**ବରଗଡ଼, ୬।୯ (ସମିସ):** ବରଗଡ଼ ଗାନ୍ଧୀ ସ୍ମୃତି ଭବନରେ ଆନା-ଅପାନା-ସତୀ ଧ୍ୟାନର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରାଧ୍ୟାପିକା ରୀନା ଚକ୍ରବର୍ତ୍ତି ଓ ପିରାମିଡ ଧ୍ୟାନୀ ତପସ୍ୱନୀ ଦାଶଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ପିରାମିଡ ମାଷ୍ଟର ଧ୍ୟାନୀ ଇପସିତା ପୂଜାରୀ ମୁଖ୍ୟଅତିଥି ଓ ମୁନା ଲେଙ୍କା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିନିତା ହୋତା ଓ ସୁବାଷିନୀ ସାହୁ ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ତପସ୍ୱିନୀ ଦାଶ ଅତିଥି ପରିଚୟ ଏବଂ ରୀନା ଚକ୍ରବର୍ତ୍ତି ସ୍ୱାଗତ ଭାଷଣ ସହ ଆନା ପାନାସତୀ ଧ୍ୟାନର ପ୍ରାରମ୍ଭ ଓ ଗୁରୁତ୍ୱ ବିଷୟରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଇପସିତା ପୂଜାରୀ ବର୍ତ୍ତମାନର ସାମ୍ପ୍ରତିକ ପରିସ୍ଥିତିରେ ଶୃଙ୍ଖଳିତ ସମାଜ ଗଠନ ପାଇଁ ଧ୍ୟାନର ଆବଶ୍ୟକତା, ଏହାର ବୈଜ୍ଞାନିକ ପଦ୍ଧତି ଓ ଧ୍ୟାନର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ଧ୍ୟାନରେ ସାତ୍ତ୍ୱିକ ଆହାର ଉପରେ ମଧ୍ୟ ପୂଜାରୀ ଆଲୋକପାତ କରିଥିଲେ। ପରେ ପରେ ୪୫ ମିନିଟ ଆନାପାନା ସତୀ ଧ୍ୟାନ କରି ଏହାର ଅନୁଭବକୁ ବିଶ୍ଳେଷଣ କରାଯାଇଥିଲା। ଦର୍ଶକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ପୂଜାରୀ ଧ୍ୟାନ କର୍ମଶାଳାକୁ ସାରଗର୍ଭକ କରିଥିଲେ। ଶେଷରେ ମେଘମାଳା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ ପିଏସଏସଏମର ସଦସ୍ୟାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କର୍ମଶାଳାରେ ଉପସ୍ଥିତ ଥିଲେ।

# ଅଲମ୍ପିକ ଖେଳାଳିଙ୍କ ଫାର୍ମ ହାଉସରୁ ଟ୍ରାକ୍ଟର-ଟ୍ରଲି ଚୋରି

**ଅତାବିରା, ୬।୯ (ସମିସ):** ଅଲମ୍ପିକରେ ସ୍ୱର୍ଣ୍ଣ ପଦକ ଆଣିଥିବା ଏକମାତ୍ର ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ଅତାବିରା ସ୍ଥିତ ଫାର୍ମ ହାଉସରୁ ଚୋରି ହୋଇଥିବା ଅତାବିରା ଥାନାରେ ଅଭିଯୋଗ ହୋଇଛି। ପ୍ରମୋଦଙ୍କ ଭାଇ ଶେଖର ଭଗତଙ୍କ ନାମରେ ଥିବା ଟ୍ରାକ୍ଟର ସବୁ ଦିନ ଅତାବିରା-ଭୋଇପୁରା ରାସ୍ତା ଫାର୍ମ ହାଉସରେ ରହିଥାଏ। ଗତ ଅଗଷ୍ଟ ୨୪ ତାରିଖ ଭୋରରେ ଫାର୍ମ ହାଉସରେ କେହି ନଥିବା ସ୍ଥିତିରେ ୨ ଜଣ ଦୁର୍ବୃତ୍ତ ବାଇକରେ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଟ୍ରାକ୍ଟର ଚଳାଇ ଗୋଡ଼ଭଗା ପଟକୁ ନେଇଥିଲା। ଟ୍ରାକକ୍ଟରଟି ସକାଳ ୬.୧୫ମି ଭେଡେନ ବ୍ଲକ ମହୁଲପାଲି ଛକ ଦେଇ ଯାଇଥିବା ଏକ ସିସି କେମେରାରେ କଏଦ ହୋଇଥିବା ଗାଡ଼ି ମାଲିକ ଶେଖର କହିଛନ୍ତି। ୨୪ ତାରିଖ ଚୋରି ହେବା ପରେ ପ୍ରଥମେ ଖୋଜା ଖୋଜି କରିଥିଲେ। ନ ପାଇବାରୁ ୨ ତାରିଖ ଦିନ ଅତାବିରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚୋରଙ୍କୁ ଧରିବାକୁ ପୁଲିସ ଚେଷ୍ଟା ଚଳାଇଥିବା ଥାନାଧିକାରୀ ପ୍ରକାଶ କର୍ଣ୍ଣ ସୂଚନା ଦେଇଛନ୍ତି।



# ଅତିରିକ୍ତ ଜିଲ୍ଲାପାଳଙ୍କ ମାତୃ ବିୟୋଗ

**ପଦ୍ମପୁର, ୬।୯ (ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଡୁଙ୍ଗୁରିପାଲି ନିବାସୀ ତଥା ଜଗଦଲପୁର ହାଇସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପୂର୍ଣ୍ଣାନନ୍ଦ ଭୋଇଙ୍କ ଧର୍ମପତ୍ନୀ ଓ ଅତିରିକ୍ତ ଜିଲ୍ଲାପାଳ ବେଦ ଭୂଷଣ ଭୋଇଙ୍କ ମାତା କୁଞ୍ଜଲତା ଭୋଇ(୭୫)ଙ୍କ ଶୁକ୍ରବାର ବିୟୋଗ ଘଟିଛି। ଅସୁସ୍ଥତା ହେତୁ ସେ ଏକମାସ ଧରି ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତାଙ୍କ ନେତୃତ୍ୱରେ ଅଞ୍ଚଳର ମହିଳା ମିଶନ କାର୍ଯ୍ୟ କରୁଥିଲା। ତାଙ୍କ ପଛରେ ପୁଅ ଭାରତ ଭୂଷଣ, ଝିଅ ମିନାକ୍ଷୀ, ତନ୍ମୟୀ ରହିଛନ୍ତି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମରଶରୀର ଗାଁରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ ପୁଅ ବେଦ ଭୂଷଣ ମୁଖାଗ୍ନି ଦେଇଥିଲେ।



# ସଂସ୍କାର ସ୍କୁଲ୍‌ରେ ଶିକ୍ଷକ ଦିବସରେ ନୂଆଁଖାଇ ଭେଟ୍‌ଘାଟ୍




**ବରଗଡ଼, ୬।୯ (ସମିସ):** ବରଗଡ଼ ସ୍ଥିତ ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ଶିକ୍ଷକ ଦିବସରେ ନୂଆଖାଇ ଭେଟଘାଟ ସମାରୋହ ପାଳନ କରା ହୋଇଛି। ମୁଖ୍ୟ ଅତିଥି ଭାବେ ବରଡୋଲର ସରପଞ୍ଚ ଦୀପାଞ୍ଜଳି କୁମ୍ଭାର, ଡାକ୍ତର ମାଝି, କାର୍ତ୍ତିକ କୁମ୍ଭାର, କୈଳାଶ ପଣ୍ଡା, ଗଣେଶରାମ ଦୋରା, କପିଳେଶ୍ୱର ବାଗ, ଗୋବିନ୍ଦ ଭୋସାଗର, ଉପେନ୍ଦ୍ର ଦୋରା, ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡିଆ, ପରିଚାଳନା ସମିତି, ଶିକ୍ଷକମଣ୍ଡଳୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ସମ୍ବଲପୁରୀ ପୋଷାକରେ ଆସିଥିଲେ। ଶିକ୍ଷକମାନଙ୍କର ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାରର ରୋଚକ ଖେଳର ଆୟୋଜନ କରାଗଲା। ପରିଚାଳନା ସମିତି ଶିକ୍ଷକମାନଙ୍କୁ ଉପହାର ପ୍ରଦାନ କଲେ ଓ ସମସ୍ତେ ମିଶି ପାରମ୍ପରିକ ଓଡିଆ ଖାଦ୍ୟ ଭୋଜନ କଲେ। ଏହି କାର୍ଯ୍ୟକ୍ରମର ମଞ୍ଚ ସଞ୍ଚାଳନ ସଂସ୍କୃତ ଶିକ୍ଷକ ଦେବବ୍ରତ ପାଣିଗ୍ରାହୀ ଛାତ୍ରଛାତ୍ରୀଙ୍କ ସହିତ କରିଥିଲେ। ଛାତ୍ରଛାତ୍ରୀ ଓଡ଼ିଶାର ପାରମ୍ପରିକ ଲୋକନୃତ୍ୟ ରସରକେଲି, ଡାଲଖାଇ ଓ ମା' ସମଲେଶ୍ୱରୀଙ୍କ ଉଦ୍ଦେଶ୍ୟରେ ଭକ୍ତିଭରା ଭଜନ ପ୍ରସ୍ତୁତ କରିଥିଲେ। ହେଡ୍ ଗର୍ଲ ଜସମିତ୍ କୌର ତାଙ୍କର ଭାଷଣରେ ଶିକ୍ଷକମାନଙ୍କ ପ୍ରତି ସମ୍ମାନ ଓ ଆଭାର ପ୍ରକାଶ କରିଥିଲେ। ଆଶୁତୋଷ ସିଂହାନିଆ ଧନ୍ୟବାଦ ଜଣାଇ ସମାରୋହର ସମାପନ କଲେ।

# ପାଣିମୋରା ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ସୋହେଲା, ୬।୯ (ସମିସ):** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଭୁବନେଶ୍ୱର ଲୋକସେବା ଭବନ ଠାରେ ରାଜ୍ୟ ସ୍ତରୀୟ ଗୁରୁ ଦିବସ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହରେ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ସୋହେଲା ବ୍ଲକ ପାଣିମୋରା ସରକାରୀ ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷୟିତ୍ରୀ ରିତା ପ୍ରଧାନ ରାଜ୍ୟର ଶ୍ରେଷ୍ଠ ଦଶଜଣ ଶିକ୍ଷକଙ୍କ ମଧ୍ୟରେ ସ୍ଥାନ ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିକଟରୁ ସମ୍ମାନ ଜନକ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ଅଞ୍ଚଳ ପାଇଁ ଗୌରବ ହାସଲ କରିଛନ୍ତି। ପାଣିମୋରା ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ ରିତା ପଧାନ ଦଶମ ଶ୍ରେଣୀର ଦ୍ୱିତୀୟ ଭାଷା (ଇଂରାଜୀ) ବିଷୟରେ ତାଙ୍କର ଅନନ୍ୟ ଏବଂ ବହୁମୁଖୀ ଦକ୍ଷତା ପାଇଁ ଏହି ପୁରସ୍କାର ପାଇଛନ୍ତି। ବରଗାଁ ଗାଁର ବଙ୍ଗାଳୀ ପ୍ରଧାନ ଓ ସ୍ୱର୍ଗତ ସବିତା ପ୍ରଧାନଙ୍କ ଝିଅ ତଥା ଚିଚିଣ୍ଡ ଗାଁର ଡୋଳାମଣି ପ୍ରଧାନ ଓ ସ୍ୱର୍ଗତ ମିଥିଳା ପ୍ରଧାନଙ୍କ ବୋହୂ ଶିକ୍ଷୟିତ୍ରୀ ରିତା ପଧାନ ଦୀର୍ଘ ଦୁଇ ଦଶନ୍ଧି ଧରି ଶିକ୍ଷକତାକୁ ନିଜର ପେଶା ଓ ନିଶା ଭାବେ ଗ୍ରହଣ କରିଛନ୍ତି। ଛାତ୍ରଛାତ୍ରୀଙ୍କ ପ୍ରିୟ ଭାଜନ ହୋଇ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୪ ପାଇବା ଗୌରବ ଅର୍ଜନ କରିଛନ୍ତି।




# ଜାମସେଠ ଡାକ୍ତରଖାନାରେ ତାଲା ପକାଇଲେ ଅଞ୍ଚଳବାସୀ

**ପାଇକମାଳ, ୬।୯ (ସମିସ)**

ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଜାମସେଠ ଡାକ୍ତରଖାନାକୁ ଶନିବାର ଅଞ୍ଚଳବାସୀଙ୍କ ଦ୍ୱାରା ତାଲା ପକାଇ ବନ୍ଦ କରାଯାଇଛି। ଜଣେ ଏମବିବିଏସ ଡାକ୍ତର ନିଯୁକ୍ତି ନଥିବା ହେତୁ ଆୟୁଷ ଡାକ୍ତରଙ୍କ ଭରସାରେ ଚାଲିଛି ଡାକ୍ତରଖାନା। ଏପଟେ କର୍ମଚାରୀମାନେ ଠିକ୍ ସମୟରେ ପହଞ୍ଚୁ ନଥିବାରୁ ରୋଗୀମାନେ ହଇରାଣ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏନେଇ ଶନିବାର ଜାମସେଠ ଯୁବକ ସଂଘ, ଗ୍ରାମବାସୀ ତଥା ଅଞ୍ଚଳବାସୀ ଡାକ୍ତରଖାନାକୁ ଆସି ତାଲା ବନ୍ଦ କରିଦେଇଥିଲେ। ଏନେଇ ଖବର ଜାଣିବା ପରେ ପାଇକମାଳ ପୁଲିସ ଘଟଣା ସ୍ଥଳକୁ ପହଞ୍ଚି ଘଟଣା ଉପରେ ବୁଝାସୁଝା ପରେ ଧାରଣାରୁ ଅଞ୍ଚଳବାସୀ ଓହରି ଥିଲେ। ଏନେଇ ୭ ଦିନ ମଧ୍ୟରେ ଡାକ୍ତର ନିଯୁକ୍ତି ଦିଆ ନଗଲେ ଏକ ବଡ ଆନ୍ଦୋଳନ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କୁ ଚେତାବନୀ ଦେଇଛନ୍ତି। ଜାମସେଠ ଡାକ୍ତରଖାନା ଏ ଅଞ୍ଚଳ ପାଇଁ ବହୁ ପୁରୁଣା ଡାକ୍ତରଖାନା। ସମୟ ଥିଲା ଏହି ଡାକ୍ତରଖାନା ଉପରେ ବହୁ ଲୋକ ନିର୍ଭର କରୁଥିଲେ। ଏବେ ମୁଖ୍ୟ ଡାକ୍ତର ନଥିବାରୁ ଅଞ୍ଚଳବାସୀ ଏପଟେ ନୂଆପଡ଼ା ମୁଖ୍ୟ ଡାକ୍ତରଖାନା, ରାଇପୁର, ପଦ୍ମପୁର, ସମ୍ବଲପୁର ତଥା ବଲାଙ୍ଗିର ମୁଖ୍ୟ ଡାକ୍ତରଖାନାକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏଥିରେ ଜଣେ ନିୟମିତ ଏମବିବିଏସ ଡାକ୍ତର, ଆଟେଣ୍ଡେନ, ଷ୍ଟାଭ ନର୍ସ ଭଳି ପଦବୀ ଶିଘ୍ର ନିଯୁକ୍ତି କରାଯାଉ ବୋଲି ଦାବି କରିଛନ୍ତି। ଏପଟେ ନୂଆ ସରକାରୀ ଡାକ୍ତରଖାନା ତିଆରି ହୋଇ ସାରିଛି। ଆଉ କେତେ ଦିନ ପରେ ଉଦ୍‌ଘାଟନ ହେବ ଏନେଇ ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ପୂର୍ବ ସରକାରଙ୍କ ସମୟରେ ଜାମସେଠ ଡାକ୍ତରଖାନା ୨୪ ଘଣ୍ଟିଆ ଡାକ୍ତରଖାନା ଖୋଲାଯିବା ଭିତ୍ତି ପ୍ରସ୍ତର କରି ନୂତନ କୋଠ ତିଆରି ହୋଇଥିବା ବେଳେ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନଥିବା ଜଣାପଡ଼ିଛି।



## ଅବସରପ୍ରାପ୍ତ ୨୧ ଗୁରୁଙ୍କୁ ସମ୍ବର୍ଦ୍ଧନା

# ଅବସରପ୍ରାପ୍ତ ଗୁରୁ ଶିକ୍ଷାନୁଷ୍ଠାନର ସମ୍ପତ୍ତି



**ବରଗଡ଼, ୬।୯ (ସମିସ):** ଗୋଟିଏ ଶିକ୍ଷାନୁଷ୍ଠାନର ଅବସରପ୍ରାପ୍ତ ଗୁରୁ ମାନେ ହିଁ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ସମ୍ପତ୍ତି। ତେଣୁ ପ୍ରତି ଅନୁଷ୍ଠାନ ପାଇଁ ପୂଜ୍ୟ ପୂଜା ସଂସ୍କୃତି ହେବା ଉଚିତ୍ ବୋଲି ବରଗଡ଼ ବ୍ଲକ ଅଧୀନ ନୁନିଆ ଜାମ ପାଲି ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଠାରେ ଗୁରୁ ଦିବସ ପାଳନ ଅବସରରେ ପ୍ରଧାନଶିକ୍ଷକ ବିରେନ୍ଦ୍ର ଦାଶ ମତ ପ୍ରକାଶ କରିଛନ୍ତି। ଗୁରୁ ଦିବସ ପାଳନ ଅବସରରେ ବିଦ୍ୟାଳୟ ଆରମ୍ଭ ହେବା ଦିନ ଠାରୁ ଉକ୍ତ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା କିମ୍ବା ବିଦ୍ୟାଳୟ ସହିତ ଜଡିତ ଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଗୋଟିଏ ମଞ୍ଚରେ ଏକତ୍ରିତ କରାଯାଇଥିଲା। ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ଓ ତାଙ୍କର ଆଶୀର୍ବାଦ ଗ୍ରହଣ କରିବା ଭଳି ନିଆରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏହି ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିବା ସମସ୍ତ ୨୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

■ ଡ୍ରାଇଭରଙ୍କୁ ମାଡ଼ ମାରିବା ମହଙ୍ଗା ପଡ଼ିଲା

# ସରପଞ୍ଚଙ୍କ ଗିରଫ ଦାବିରେ ଶତାଧିକ ଡ୍ରାଇଭର ଥାନାର ଦ୍ୱାରସ୍ଥ



**ଲାଞ୍ଜିଗଡ଼, ୬।୯ (ସମିସ):** ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଠାରେ ଶୁକ୍ରବାର ଜଣେ ଡ୍ରାଇଭରଙ୍କୁ ମାଡ ମାରିଥିବା ନେଇ ଜଣେ ସରପଞ୍ଚଙ୍କୁ ମହଙ୍ଗା ପଡ଼ିଛି । ଏହାର ପ୍ରତିବାଦରେ ଡ୍ରାଇଭର ସଂଘ ସରପଞ୍ଚ ଚାଞ୍ଚେର ମାଝୀ ଓ ତା ସାଥୀ ବିଭୂତି କୁମାରଙ୍କୁ ଉତ୍ତମ ମଧ୍ୟମ ଦେଇଥିବା ଭିଡିଓଟି ଅଞ୍ଚଳରେ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି । ନ୍ୟାୟ ଦାବିରେ ଶତାଧିକ ଡ୍ରାଇଭର ଲାଞ୍ଜିଗଡ଼ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରି ସରପଞ୍ଚଙ୍କୁ ଓ ତା ସାଥୀଙ୍କୁ ଶୀଘ୍ର ଗିରଫ କର ନଚେତ ଥାନା ଆଗରେ ଧାରଣା ଦେବୁ ବୋଲି ଚେତାବନୀ ଦେଇଛନ୍ତି । ସୂଚନାନୁସାରେ ଜଗନ୍ନାଥପୁର ଗ୍ରାମର ଡ୍ରାଇଭର ହରପ୍ରସାଦ ଗୌଡ଼ ଆଜି ସକାଳ ୭ ଘଣ୍ଟା ୪୫ ମିନିଟ ସମୟରେ ନିଜ ଗାଡ଼ିରେ ବେଦାନ୍ତ କାରଖାନାରେ କାର୍ଯ୍ୟରତ କର୍ମଚାରୀଙ୍କୁ ନେଇ କାରଖାନାକୁ ଯାଉଥିବା ବେଳେ କାରଖାନା ମୁଖ୍ୟ ଫାଟକରେ ନିକଟରେ ଗହଳି ହୋଇଥିବା ଦେଖି ଗାଡି ଅଟକାଇଥିଲା । ଏହି ସମୟରେ ବସନ୍ତପଡ଼ା ସରପଞ୍ଚ ଚାଞ୍ଚେର ମାଝୀ ଏବଂ ଲାଞ୍ଜିଗଡ଼ ଗ୍ରାମର ବିଭୁତି କୁମାର ଦୁହେଁ ମିଶି ଗାଡି ଭିତରକୁ ଯାଇତୁ ଡ୍ରାଇଭର ସଂଘର ଉପସଭାପତି ଅଛୁ ବୋଲି କହି ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଗାଡି ଭିତରୁ ଟାଣି ଆଣି ମାଡ଼ ମାରି ଥିଲେ । ଏହି ଘଟଣାକୁ ନେଇ ନିଜ ଜୀବନ ଉପରେ ବିପଦ ରହିଥିବା ବେଳେ ଡରିଯାଇ ହରପ୍ରସାଦ ନିଜ ଡ୍ରାଇଭର ସଂଘକୁ ଜଣାଇଥିଲା । ଏହି ଖବର ଜାଣିବା ପରେ ଶତାଧିକ ଡ୍ରାଇଭର ଗାଡି ବନ୍ଦ କରି କାରଖାନା ସମ୍ମୁଖକୁ ଛୁଟି ଆସିଥିଲେ । ଏହା ପରେ ବୀକ୍ଷବ ପ୍ରଦର୍ଶନ କରିବା ସହ ବସନ୍ତପଡ଼ା ସରପଞ୍ଚ ଚାଁଚେର ମାଝୀ ଓ ବିଭୁତି କୁମାରଙ୍କୁ ଉତ୍ତମ ମଧ୍ୟମ ଦେଇଥିବା ଭିଡିଓ ଅଞ୍ଚଳରେ ଘୁରି ବୁଲୁଥିବା ଦେଖିବାକୁ ମିଳିଛି । ଏହି ପରେ ଡ୍ରାଇଭର ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଲାଞ୍ଜିଗଡ଼ ଥାନାର ଦ୍ୱାରସ୍ତ ହୋଇ ଲିଖିତ ଅଭିଯୋଗ କରି ସରପଞ୍ଚ ଶ୍ରୀ ମାଝୀ ଓ ସାଥି ଶ୍ରୀ କୁମାରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଅତିଶୀଘ୍ର ଚାଁଚେର ମାଝୀ ଓ ବିଭୁତି କୁମାରକୁ ଗିରଫ କରାନଗଲେ ଡ୍ରାଇଭର ସଙ୍ଘ ଆସନ୍ତା ରବିବାର ଦିନ ଲାଞ୍ଜିଗଡ଼ ଥାନା ସମ୍ମୁଖରେ ଧାରଣା ଦେବୁ ବୋଲି ଲାଞ୍ଜିଗଡ଼ ଡ୍ରାଇଭର ମହା ସଂଘର ସଭାପତି ଟଙ୍କଧର ଗଉଡ଼ ଚେତାବନୀ ଦେଇଛନ୍ତି । ଏହାର ପ୍ରତିବାଦରେ ସରପଞ୍ଚ ଚାଞ୍ଚେର ମାଝୀ ମଧ୍ୟ ଥାନାରେ ଲିଖିତ ଅଭିଯୋଗ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

ଅସ୍ଥାୟୀ ଭାବରେ ସିଲ୍ ହେଲା ଭବାନୀ ବିସ୍ଫୋରକ ଗୋଦାମ

# ବିନା ସୁରକ୍ଷାରେ ରହିଛି ହଜାର ହଜାର କେଜି ବିସ୍ଫୋରକ

**କେସିଙ୍ଗା, ୬।୯ (ସମିସ)**

କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ପୋଡ଼ଖମ ଗ୍ରାମର ସୁରୁଜୋର୍ ଜଙ୍ଗଲ ଭିତରେ ଥିବା ଭବାନୀ ବିସ୍ଫୋରକ ଗୋଦାମକୁ ଗତକାଲି ଆଗାମୀ ଆଦେଶ ପର୍ଯ୍ୟନ୍ତ ସିଲ୍ କରିଛି କେସିଙ୍ଗା ପ୍ରଶାସନ । ପ୍ରକାଶ ଥାଉକି ଏଠାରେ ପ୍ରାୟ ୪ ଏକର ଜାଗାରେ ୬ ବର୍ଷ ହେଲାଣି କେନ୍ଦ୍ର ସରକାରଙ୍କ ଠାରୁ ଲାଇସେନ୍ସ ଆଣି ଜେଲେଟିନ ଓ ଆଇଇଡି ଭଳି ବିସ୍ଫୋରକ ରଖାଯାଉଛି ।୨୦ ହଜାରକେଜି କ୍ଷମତା ବିଶିଷ୍ଟ ଉକ୍ତ ବିସ୍ଫୋରକ ଗୋଦାମରେ ବର୍ତ୍ତମାନ ମଧ୍ୟ ହଜାର ହଜାର କେଜି ବିସ୍ଫୋରକ ଗୋଦାମ ଭିତରେ ମହଜୁଦ ରହିଛି । ଶୁକ୍ରବାର ଦିନ କିଛି ଗଣମାଧ୍ୟମ ପ୍ରତିନିଧି ଉକ୍ତ ବିସ୍ଫୋରକ ଗୋଦାମରେ ବିନା ସୁରକ୍ଷାରେ ହଜାର ହଜାର କେଜି ବିସ୍ଫୋରକ ରହିଥିବା ଜାଣି ଖବର ପ୍ରସାରଣ କରିବା ପରେ ସେହି ଶୁକ୍ରବାର ଦିନ ଅପରାହ୍ନ ସମୟରେ କଳାହାଣ୍ଡି ଏସପିଙ୍କ ନିର୍ଦ୍ଦେଶକ୍ରମେ କେସିଙ୍ଗା ଏସଡିପି ଓ ସଦୀପ ମାଝୀ ଓ କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଥିଲେ । ଉକ୍ତ ସମୟରେ କେସିଙ୍ଗା ତହସିଲଦାର ପ୍ରଶାନ୍ତି ପ୍ରଧାନ ମଧ୍ୟ ମାଜିଷ୍ଟ୍ରେଟ ଦାଏତ୍ୱରେ ଘଟଣା ସ୍ଥଳରେ ଉପସ୍ଥିତ ରହି ବିପୁଳ ପରିମାଣର ବିସ୍ଫୋରକ ଥିବା ସତ୍ତ୍ୱେ କୌଣସି ସୁରକ୍ଷା କର୍ମୀ ନ ଥିବାର ଦେଖି ସଙ୍ଗେ ସଙ୍ଗେ ଆଗାମୀ ଆଦେଶ ପର୍ଯ୍ୟନ୍ତ ଭବାନୀ ବିସ୍ଫୋରକ ଗୋଦାମ କୁ ସିଲ୍ କରିଥିଲେ । ଖବର ନେବାରୁ ଜଣା ପଡ଼ିଛି ଯେ ଉକ୍ତ ଭବାନୀ ବିସ୍ଫୋରକ ଗୋଦାମ କୁ ସୁଦୂର ମହାରାଷ୍ଟ୍ର ର ନାଗପୁରରୁ ବାରୁଦ୍ ଆସିଥାଏ ଓ ଦରକାର ଅନୁଯାୟୀ ଛୋଟ ଛୋଟ ଗାଡ଼ିମାନଙ୍କରେ ସପ୍ଲାଇ ହୋଇଥାଏ । ହେଲେ ଉକ୍ତ ଭବାନୀ ବିସ୍ଫୋରକ କମ୍ପାନୀ କୌଣସି ସରକାରୀ ନୀତି ନିୟମକୁ ମାନୁନାହିଁ ବୋଲି ଜଣାପଡ଼ିଛି । ଏତେ ପରିମାଣର ବିସ୍ଫୋରକ ଗଚ୍ଛିତ ଗୋଦାମରେ କୌଣସି ସୁରକ୍ଷା ନାହିଁ ଓ ଗୋଦାମ ର ଅବସ୍ଥିତି ମଧ୍ୟ ସହରରୁ ପ୍ରାୟ ୧୫ କିମି ଦୂର ଜଙ୍ଗଲ ଭିତରେ ଯେ କୌଣସି ସମୟରେ ବିସ୍ଫୋରକ କୌଣସି ଦୁର୍ବୃତ୍ତଙ୍କ ହାତରେ ଲାଗିଗଲେ ପରିସ୍ଥିତି ଅତି ଭୟଙ୍କର ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।



ଯୁରିଆ ସାର ବିକ୍ରି ଘଟଣା

# ତାଗିଦ ପରେ ବି ବିକ୍ରି ହେଉଛି ୫୦୦ ଟଙ୍କାରେ ୟୁରିଆ ବସ୍ତା

**ଗୋଲାମୁଣ୍ଡା, ୬।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଖଲିଆକାନୀ ଠାରେ ପୁଣି ବିକ୍ରି ହେଉଛି ୫୦୦ ଟଙ୍କାରେ ୟୁରିଆ ବସ୍ତା । ଗତକାଲି ବ୍ଲକ କୃଷି ଅଧିକାରୀ ନୌକେଶ୍ୱର ନାଗ ପହଞ୍ଚି ତାରିଣୀ ଟ୍ରେଡ଼ର୍ସ ରାସାୟନିକ ସାର ଦୋକାନ ମାଲିକ ମୁରଲୀଧର ମେହେରଙ୍କୁ ସରକାରୀ ଧାର୍ଯ୍ୟ ଦରରେ ବିକ୍ରି କରିବାକୁ ବାରମ୍ବାର ତାଗିଦ କରିଥିଲେ । କୃଷି ଅଧିକାରୀ ଫେରିଲା ପରେ ମଧ୍ୟ ସରକାରୀ ଧାର୍ଯ୍ୟ ହିସାବରେ ୨୬୬ ଟଙ୍କା ରେ ନଦେଇ ଜଣେ ଦୁଇ ଜଣଙ୍କୁ ୩୦୦ ଟଙ୍କାରେ ୟୁରିଆ ବସ୍ତା ଦେଲେ । କିଛି ସମୟ ବିତିବା ପରେ ପୁଣି ୫୦୦ ଟଙ୍କାରେ ସାର ବିକ୍ରି କରିଥିବା ଚାଷୀମହଲରେ ପ୍ରକାଶ ପାଇଛି । ବ୍ଲକ କୃଷି ଅଧିକାରୀଙ୍କ ସମ୍ମୁଖରେ ସରକାରୀ ଧାର୍ଯ୍ୟ ମୁତାବକ ବିକ୍ରିକରିବାକୁ ମାନିଥିଲେ । ପରେ କୃଷି ଅଧିକାରୀଙ୍କ କଥାକୁ ଏଡାଇ ଦେଇ ଚଢା ଦରରେ ବିକ୍ରିକରି ଚାଷୀଙ୍କୁ ଶୋଷଣ କରିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏପଟେ ବ୍ଲକ ରାସାୟନିକ ସାର ହୋଲସେଲର ଘନଶ୍ୟାମ ମେହେର ଛୋଟ ଡିଲର ମାନଙ୍କୁ କମ କମ ଦେଇ ସମସ୍ତ ୟୁରିଆ ସାରକୁ ନିଜର ତାରିଣୀ ଟ୍ରେଡ଼ର୍ସ ଦୋକାନରେ ଚଢା ଦରରେ ବିକି ମାଲାମାଲ ହୋଇଥିବା ଚାଷୀ ମହଲରେ ଚର୍ଚ୍ଚା ଜୋର ଧରିଛି । ଏ ସମ୍ପର୍କରେ କୃଷି ଅଧିକାରୀ ଶ୍ରୀ ନାଗଙ୍କୁ ପଚାରିବାରୁ ବାରମ୍ବାର ତାଗିତ ସତ୍ତ୍ୱେ ଚଢା ଦରରେ ବିକ୍ରି କରୁଥିବାରୁ ତାରିଣୀ ଟ୍ରେଡ଼ର୍ସ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି ।

# ଅଘୋଷିତ ଛୁଟିରୁ ପଞ୍ଚାୟତ ଲୋକେ ହନ୍ତସନ୍ତ

**କଲମପୁର, ୬।୯ (ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳରେ ଗ୍ରାମ ପଞ୍ଚାୟତ ଗୁଡିକ ଅଘୋଷିତ ଛୁଟିରେ ଚାଲି ଆସୁଥିବାରୁ ଜନ ସାଧାରଣରେ ତିବ୍ର ଅସନ୍ତୋଷ ଦେଖାଦେଇଛି । କଲମପୁର ବ୍ଲକ ୧୧ଟି ପଞ୍ଚାୟତକୁ



ନେଇ ଗଠନ ହୋଇଥିବା ବେଳେ ପ୍ରାୟ ସମୟରେ ପଞ୍ଚାୟତ ଗୁଡିକରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି, ଶୁକ୍ରବାର ଦିନ ଛୁଟି ରହିଥିବା ବେଳେ ଘରକୁ ଯାଇ ଆଉ ଫେରିଲେନି ପଞ୍ଚାୟତ କର୍ମଚାରୀ । ଫଳରେ ଅଧିକାଂଶ ପଞ୍ଚାୟତ ମାନଙ୍କରେ ତାଲା ପଡ଼ିଥିଲା । ଏଥିପାଇଁ ବିଭିନ୍ନ କାମରେ ପଞ୍ଚାୟତକୁ ଆସିଥିବା ଜନ ସାଧାରଣ ହନ୍ତସନ୍ତ ହେଉଥିବା ବେଳେ ନିର୍ବାଚିତ ଜନ ପ୍ରତିନିଧି ମାନେ ନୀରବି ଯାଇଥିଲେ, ନୀୟମ ଅନୁସାରେ ପ୍ରତ୍ୟେକ ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ ନିଜ ନିଜ ପଞ୍ଚାୟତର ମୁଖ୍ୟାଳୟରେ ରହିବା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆବାସିକ ବାସସ୍ଥାନ ନିର୍ମାଣ କରି ଦେଇଛନ୍ତି, କିନ୍ତୁ କୌଣସି ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ନିୟମକୁ ଉଲ୍ଲଂଘନ କରି ପଞ୍ଚାୟତ ମୁଖ୍ୟାଳୟରେ ରହୁ ନାହାନ୍ତି, ପରିଦର୍ଶନ ବାହାନାରେ ପଞ୍ଚାୟତ ମାନଙ୍କରେ ଅନୁପସ୍ଥିତ ରହି ବହୁ ସମୟ ନିଜ ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ ରହୁଛନ୍ତି, ବାୟୋମେଟ୍ରିକ ଉପସ୍ଥାନ ଓ ଅଧିକା ସମୟ ଅଫିସରେ କାର୍ଯ୍ୟ କରିବା ନିମନ୍ତେ ସରକାର ନିର୍ଦ୍ଦେଶ ଦେଇଛନ୍ତି, କିନ୍ତୁ ପଞ୍ଚାୟତ ମାନଙ୍କରେ ଉପସ୍ଥାନ ଖାତା ବ୍ୟବହାର ହେଉନଥିବା ବେଳେ ଗସ୍ତ ସାରଣୀ ମଧ୍ୟ ବ୍ୟବହାର କରାଯାଉ ନାହିଁ । ଫଳରେ ପଞ୍ଚାୟତ କର୍ମଚାରୀମାନେ କୁଆଡ଼େ ଗଲେ କେତେବେଳେ ଫେରିବେ କିଛି ଜଣା ପଡୁନାହିଁ, ଏସମ୍ପର୍କରେ ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କ ସହିତ ପଚାରି ବୁଝିବାକୁ ଗଲା ବେଳେ ସେହି କାର୍ଯ୍ୟାଳୟରେ ମଧ୍ୟ ତାଲା ଝୁଲୁଥିବା ଦେଖିବାକୁ ମିଳିଥିଲା । ଏନେଇ ବ୍ଲକ ବିଭାଗୀୟ ଅଧିକାରୀ ସେ ଅନୁପସ୍ଥିତ ଥିବା କହିଥିଲେ, ବିନା ଛୁଟିରେ ସେ କିପରି ଅନୁପସ୍ଥିତ ରହିଲେ ବୋଲି ପଚାରିବାରୁ ସେହି ଉତ୍ତର ମିଳିପାରି ନ ଥିଲା । ଏନେଇ ବିଡିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କୁ ପଚାରିବାରୁ କେମିତି ବନ୍ଦ ରହିଲା, ନିଶ୍ଚିତ ପିଅନ ମାନେ ଥିବେ, କ'ଣ ହେଇଛି ବୁଝିବା ବୋଲି ହାଲୁକା ମତବ୍ୟକ୍ତ କରିଥିଲେ ।

# ମାଟି ଘର ଭୁଶୁଡି ୩ ଗୁରୁତର



**କୋକସରା, ୬।୯(ସମିସ):** କୋକସରା ବ୍ଲକ କନ୍ଦାବୁଟୁରା ଗ୍ରାମରେ ଶନିବାର ଏକ କଚ୍ଚା ଘର ଭୁଶୁଡ଼ି ଯିବାରୁ ଚାପିହୋଇ ୩ଜଣ ଗୁରୁତର ହୋଇଛନ୍ତି । ଗୁରୁତର ମାନେ ହେଲେ କନ୍ଦାବୁଟୁରା ଗ୍ରାମର ଯଦୁମଣି ପାତ୍ରଙ୍କ ସ୍ତ୍ରୀ ରତ୍ନୀ ପାତ୍ର (୬୦), ପୁତୁରା ଯୁଧିଷ୍ଠି ପାତ୍ର (୫୫) ଓ ନାତୁଣୀ ଇଶ୍ୱରୀ ପାତ୍ର (୫)ବୋଲି ଜଣାପଡ଼ିଛି । ସେମାନେ ଆଜି ଅପରାହ୍ନରେ ବସି ଥିବାବେଳେ ଦୁର୍ବଳ ଅବସ୍ଥାରେ ଥିବା କଚ୍ଚା ଘର ହଠାତ୍ ଭୁଶୁଡ଼ି ପଡ଼ିଥିଲା । ଫଳରେ ଚାଲ ଛପର, କାନ୍ଥ ପଡ଼ିଯିବାରୁ ରତ୍ନୀ, ଯୁଧିଷ୍ଠି ଓ ଇଶ୍ୱରୀ ଚାପି ହୋଇ ଯାଇଥିଲେ । ସେମାନଙ୍କୁ ସମ୍ପର୍କୀୟମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଗୁରୁତରଙ୍କୁ ଭବାନୀପାଟଣାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି ।

# ଯଶୋବନ୍ତ ସାହୁ କର୍ଲାମୁଣ୍ଡା ବ୍ଲକ୍ ବିଜେଡି ସଭାପତି



**କର୍ଲାମୁଣ୍ଡା, ୬।୯ (ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ବିଶିଷ୍ଟ ଯୁବ ନେତା ତଥା ପୂର୍ବତନ ସ. ମାଲପଡ଼ା ସମିତି ସଭ୍ୟ ଯଶୋବନ୍ତ ସାହୁ ମନୋନୀତ ହୋଇଥିବା ଜଣାଯାଇଛି । ଶୁକ୍ରବାର ଭାବନୀପାଟଣା ଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ ଏହା ଘୋଷଣା କରିଥିଲେ ଯଶୋବନ୍ତଙ୍କୁ ବିଜେଡି କର୍ମୀମାନେ ସ୍ୱାଗତ କରିବା ସହ ତାଙ୍କ ନେତୃତ୍ୱରେ ଦଳ ବ୍ଲକ ସ୍ତରରେ ଆହୁରି ସଙ୍ଗଠିତ ହୋଇ ସଫଳତା ହାସଲ କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି । ତେବେ ଯଶୋବନ୍ତ ତାଙ୍କୁ ବ୍ଲକ ସଭାପତି ଦାୟିତ୍ୱ ଦିଆ ଯାଇଥିବାରୁ ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ, ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କୁ କୃତଜ୍ଞତା ଜଣାଇ ଜଣାଇଛନ୍ତି । ସେ ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରିବେ ବୋଲି ପ୍ରକାଶ କରିଛନ୍ତି ।

# ନବମ ଶ୍ରେଣୀ ଛାତ୍ରୀ ନିଖୋଜ

**ଜୟପାଟଣା, ୬।୯ (ସମିସ)** କଳାହାଣ୍ଡି ଜିଲ୍ଲା ଜୟପାଟଣା ରେ ପୁଣି ଥରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ନବମ ଶ୍ରେଣୀ ପଢୁଥିବା ଜଣେ ଛାତ୍ରୀ କୁ ଅପହରଣ କରିଥିବା ଜୟପାଟଣା ଥାନା ଅଭିଯୋଗ ହୋଇଛି । ନାରୀ ଏବେବି ସୁରକ୍ଷିତ ନୁହନ୍ତି । ନାରୀମାନଙ୍କ ଉପରେ ଅପହରଣ ଏବଂ ଦୁଷ୍କର୍ମ ଦିନକୁ ଦିନ ବଢ଼ିବାରେ ଲାଗିଛି । ଜୟପାଟଣା ଥାନାରେ ଅଭିଯୋଗ ହୋଇଥିବା ବେଳେ କେଶ ନଂ ୨୦୧/୨୦୨୫ ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀଣୀ ମତ ପ୍ରକାଶ କରିଛନ୍ତି ।

# ହାଇସ୍କୁଲ ସମ୍ମୁଖରେ ଓଏସ୍ଆରଟି ବସ୍



**କୋମନା, ୬।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ଜିତାମିତ୍ର ହାଇସ୍କୁଲ ଗେଟ ସମ୍ମୁଖରେ ସରକାରଙ୍କ ଓଏସଆରଟି ବସ ବିଶ୍ରାମ ନେଉଛି । ଯାହାଦ୍ୱାରା ଛାତ୍ରଛାତ୍ରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ବର୍ତ୍ତମାନ କୋମନା ଠାରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ହେଉଥିବାରୁ ଭିତରକୁ ବସ୍ ପ୍ରବେଶ କରି ପାରୁନାହିଁ । ଫଳରେ ବସ୍ ଗୁଡିକ ସହରର ବିଭିନ୍ନ ସ୍ଥାନରେ ଛିଡା ହୋଇଥିବା ଦେଖିବାକୁ ମିଳୁଛି । ଅପରପଟରେ ସ୍କୁଲ ସମୟରେ ବସ୍ ଗୁଡିକ ଅନ୍ୟତ୍ର ଛିଡା ହେଲେ ଛାତ୍ରଛାତ୍ରୀ ତଥା ଅନ୍ୟମାନଙ୍କ ସୁବିଧା ହୁଅନ୍ତା ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି । ଓଏସଆରଟି କର୍ତ୍ତୃପକ୍ଷ ଏଥି ପ୍ରତି ବିଶେଷ ଧ୍ୟାନଦେବା ଜରୁରୀ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି ।

# ଶାରଦୀୟ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ

**କୋକସରା, ୬।୯(ସମିସ):** କୋକସରା ବ୍ଲକ ଲଡୁଗାଁ ଠାରେ ଶାରଦୀୟ ଦୁର୍ଗାପୂଜା ପାଇଁ ମାଟି ଅନୁକୂଳ କାର୍ଯ୍ୟ ସମ୍ପନ୍ନ ହୋଇଛି । ମା' ଙ୍କ ମୃଣ୍ମୟୀମୂର୍ତ୍ତି ନିର୍ମାଣ ପାଇଁ ରିତିନିତୀ ଅନୁସାରେ ପୂଜାର୍ଚ୍ଚନା କରାଯାଇ ସ୍ଥାନୀୟ ଦୁର୍ଗା ମନ୍ଦିର ନିକଟରୁ ପବିତ୍ର ମାଟି ସଂଗ୍ରହ କରାଯାଇଥିଲା । ମୁଖ୍ୟକର୍ତ୍ତା ଭାବେ ରାଜୀବ କୁମାର ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ରୀତା ଅଗ୍ରୱାଲ ରହିଛନ୍ତି । ପଣ୍ଡିତ ଗୋପାଳ ଜି ଠାକୁର ମୁଖ୍ୟପୂଜକ ଭାବରେ କାର୍ଯ୍ୟ ନିର୍ବାହ କରୁଛନ୍ତି । ଚଳିତ ବର୍ଷ ପୂଜା କମିଟି ସଭାପତି ଭାବେ ଦୁର୍ଗା ପ୍ରସାଦ ଅଗ୍ରୱାଲ, ଉପ ସଭାପତି ଲକ୍ଷ୍ମଣ ଶବର ଓ ମୋହନ ଚରଣ ଦାସ, ସମ୍ପାଦକ କହ୍ନେଇ ଚରଣ ଦାସ, ସହସମ୍ପାଦକ ଶ୍ରୀମନ୍ତ ପାଢ଼ୀ ଓ ପଓନ ଅଗ୍ରୱାଲ, କୋଷାଧ୍ୟକ୍ଷ ମୁକେଶ ଅଗ୍ରୱାଲ ଓ ଦୀପକ ଅଗ୍ରୱାଲ ରହିଛନ୍ତି । ସେହିପରି ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ମାଝୀ, ସହ ସମ୍ପାଦକ ଧ୍ୱଜ ମହାନନ୍ଦ ଓ ରବିନାରାୟଣ ଦାଶ, ପଙ୍କଜ ଚୌଧରି ପ୍ରମୁଖ ଦାୟିତ୍ୱରେ ରହିଛନ୍ତି ।

# ପଣ୍ଡିଗାଁ ସ୍କୁଲରେ ଜିଲ୍ଲାସ୍ତରୀୟ ଗୁରୁ ଦିବସ

**କଲମପୁର, ୬।୯ (ସମିସ):** କଳାହାଣ୍ଡି ଜିଲ୍ଲାସ୍ତରୀୟ ଗୁରୁ ଦିବସ ଅବସରରେ ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବରିଷ୍ଠ ନାଟ୍ୟକାର ତଥା ସମାଜ ସଂସ୍କାରକ ଉମେଶ ଚନ୍ଦ୍ର ଶତପଥି ଯୋଗଦେଇଥିଲେ । ଗୁରୁପୂର୍ଣ୍ଣିମା ଅବସରରେ ପ୍ରାଥମିକ ଶିକ୍ଷକ ସଂଘ ଖାରବେଳ ଭୁବନେଶ୍ୱରଙ୍କ ଅନୁବନ୍ଧିତ କଳାହାଣ୍ଡି ଶାଖା ପକ୍ଷରୁ ଜିଲ୍ଲାସ୍ତରୀୟ ଗୁରୁଦିବସ କଲମପୁର ବ୍ଲକ ପଣ୍ଡିଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳନ ହୋଇଥିଲା, କଳାହାଣ୍ଡି ଜିଲ୍ଲା ସଭାପତି ତଥା ପଣ୍ଡିଗାଁ ସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମୁଖ୍ୟଅତିଥି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମଧୁସ୍ମିତା ନାଏକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଉମେଶ ଚନ୍ଦ୍ର ଶତପଥି, ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଳମଣି ମାଝି, ଦିଲିପ କୁମାର ବେହେରା, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର ପଣ୍ଡା, ଜନାର୍ଦ୍ଦନ ମାଝି, ପୂର୍ବତନ ଶିକ୍ଷକ ସଂଘ ଜିଲ୍ଲା ସଭାପତି ଗଙ୍ଗାଧର ପ୍ରଧାନ, ଶିକ୍ଷକ ସଂଘର ଜିଲ୍ଲା ସମ୍ପାଦକ ସୁଧିର ରଥ, ସହ ସମ୍ପାଦକ ପ୍ରଦୀପ କୁମାର ମାଝୀ, ଉପସଭାପତି ପୀତବାସ ବେହେରା ପ୍ରମୁଖ ମଞ୍ଚାସୀନ ହୋଇଥିଲେ, ପାତ୍ରବସା ସ୍କୁଲର ପ୍ରଧାନଶିକ୍ଷକ ମନ୍ମଥ କୁମାର ମିଶ୍ର ମଞ୍ଚ ସଂଯୋଜନା କରିଥିଲେ । ଏହି ଅବସରରେ ଶିକ୍ଷୟିତ୍ରୀ ସଂଯୁକ୍ତା ମୁଣ୍ଡ, ଶିକ୍ଷକ ବିନୟ ପଣ୍ଡା, ଜୟସିଂ ମାଝୀ, ସୁଧିର ରଥ, ଦିଗାମ୍ବର ପରିଡ଼ା, ପ୍ରଶାନ୍ତ ପ୍ରଧାନ, ଗୌରାଙ୍ଗ ବାଗ, ଦୁର୍ଗା ପ୍ରସାଦ ଧଙ୍ଗଡ଼ା ମାଝି, ମୋହନ ପ୍ରସାଦ ମୁଣ୍ଡ, ଗୋପବନ୍ଧୁ ମୁଣ୍ଡ ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ଦେଇ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇ ଥିଲା, ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଲକ୍ଷ୍ମୀକାନ୍ତ ସାମରଥ, ପ୍ରଦୀପ ମାଝୀ, ମଧୁସ୍ମିତା ରଥ, ଦେବେନ୍ଦ୍ର ନାଏକ, ମନୋଜ ମେହେର ବସ୍ତ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଗଙ୍ଗାଧର ପ୍ରଧାନ-୨୦୨୫ ପାଇଁ ଶିକ୍ଷକ ମନ୍ମଥ କୁମାର ମିଶ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା, ଶିକ୍ଷୟିତ୍ରୀ ପଙ୍କଜିନୀ ମାଝୀ, ନୀହାରିକା ଗହିର, ମଞ୍ଜୁକଳା ମାଝୀ, ଶିକ୍ଷକ ଦେବରାଜ ବେମାଲ, କିଶୋର ଚନ୍ଦ୍ର ନାଏକ, ଲକ୍ଷ୍ମଣ ଛତ୍ରିଆ ପ୍ରମୁଖ ସହଯୋଗ



କରିଥିବା ବେଳେ ପଣ୍ଡିଗାଁ ଆଞ୍ଚଳିକ କେନ୍ଦ୍ର ସଂଯୋଜକ ନବଘନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ୨୦୨୫ ପାଇଁ ଶିକ୍ଷକ ମନ୍ମଥ କୁମାର ମିଶ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା, ଶିକ୍ଷୟିତ୍ରୀ ପଙ୍କଜିନୀ ମାଝୀ, ନୀହାରିକା ଗହିର, ମଞ୍ଜୁକଳା ମାଝୀ, ଶିକ୍ଷକ ଦେବରାଜ ବେମାଲ, କିଶୋର ଚନ୍ଦ୍ର ନାଏକ, ଲକ୍ଷ୍ମଣ ଛତ୍ରିଆ ପ୍ରମୁଖ ସହଯୋଗ କରିଥିବା ବେଳେ ପଣ୍ଡିଗାଁ ଆଞ୍ଚଳିକ କେନ୍ଦ୍ର ସଂଯୋଜକ ନବଘନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୩୦ରେ ମାଁ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା

**ଭବାନୀପାଟଣା, ୬।୯ (ସମିସ)**

ଆସନ୍ତା ୩୦ରେ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ଅନୁଷ୍ଠିତ ହେବ । ଉତ୍ସବ ପାଳନ ପାଇଁ ଶନିବାର ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅଧକ୍ଷତା କରିଥିଲେ । ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାଁ ମାଣିକେଶ୍ୱରୀଙ୍କର ପ୍ରସିଦ୍ଧ ଛତର ଯାତ୍ରା କିପରି ଶାନ୍ତି ଶୃଙ୍ଖଳା ଭାବରେ ପାଳନ କରାଯିବ ଓ ମାଁଙ୍କ ମନ୍ଦିରରେ ଠିକ ସମୟରେ ପହଞ୍ଚିବ ସେ ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ସେପ୍ଟେମ୍ବର ୩୦ ତାରିଖ ମହା ନବମୀ ପ୍ରାତ ୫ଟାରେ ଜେନାଖାଲଠାରେ ରୀତି ନୀତି ପୂଜା ଅର୍ଚ୍ଚନା ଶେଷ ପରେ ମାଁଙ୍କ ଛତର ଯାତ୍ରା ଘଣ୍ଟ ବାଦ୍ୟ, ଜେନା ବାଦ୍ୟ ଓ ଘଣ୍ଟ ଗିନି ଇତ୍ୟାଦି ସାଂସ୍କୃତିକ ଦଳର ହଜାର ହଜାର ଭକ୍ତ ଶ୍ରଦ୍ଧାଳୁଙ୍କ ଗହଣରେ ରାଜପ୍ରସାଦ ସ୍ଥିତ ମାଁ' ମାଣିକେଶ୍ୱରୀ ମନ୍ଦିର ମଧ୍ୟକୁ ପୂର୍ବାହ୍ନ ୧୧ଟା ୩୦ରେ ପ୍ରବେଶ କରିବାର ସମୟ ନିର୍ଦ୍ଧାରଣ ହୋଇଥିଲା । ଏଥିପାଇଁ ଭବାନୀପାଟଣା ସହରର ସମସ୍ତ ରାସ୍ତାଘାଟ, ନାଳ ନର୍ଦ୍ଦମା ସଫା ସୁତୁରା ସହିତ ସହରର ରାସ୍ତା ପାର୍ଶ୍ୱରେ ଲାଗିଥିବା ସମସ୍ତ ସିସି କ୍ୟାମେରାକୁ ଠିକ କରିବା ପାଇଁ ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପା?ୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଛତର ଯାତ୍ରାର ସୁପରିଚାଳନାରେ ଆବଶ୍ୟକ ଟ୍ରାଫିକ ବ୍ୟବସ୍ଥା, ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଆବଶ୍ୟକ ପୋଲିସ ମୁତୟନ, ପାନୀୟ ଜଳର ସୁବ୍ୟବସ୍ଥା, ଫାଷ୍ଟଏଡ ଆମ୍ବୁଲାନ୍ସ ସେବା, ବିଦ୍ୟୁତ ସରବରାହ, ସୂଚନା କେନ୍ଦ୍ର, ପୁଲିସ୍ କଣ୍ଟ୍ରୋଲ ରୁମ ଖୋଲିବା, ମଦ ଦୋକାନ ବନ୍ଦ ରଖିବା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଛତର ଯାତ୍ରା ସମୟରେ କଡନର ସୁପରିଚାଳନା, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଆରକ୍ଷୀ ଅଧକ୍ଷକଙ୍କ ନିଷ୍ପତ୍ତି ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବା ପାଇଁ ସ୍ଥିର କରାଯାଇଥିଲା । ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବୈତୁରା ଦୀପ, ଧର୍ମଗ? ଉପ ଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଭବାନୀପାଟଣା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଭାରତୀୟ ପ୍ରଶାସନିକ ସେବା (ପ୍ରୋବେଶନ) ଅନିମେଶ ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଶାନ୍ତ କୁମାର ସିଂ, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନଦ ମହାନନ୍ଦ, ଓଏସଆରଟିସିର



## ପ୍ରଶାସନ ପକ୍ଷରୁ ପ୍ରସ୍ତୁତି

ଜିଲ୍ଲା ପରିଚାଳକ ସ୍ୱଦେଶ କୁମାର ପାତ୍ର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ପୌରପାଳିକା ଅଧକ୍ଷ ବିଷ୍ଣୁ ପ୍ରଧାନ, ସଦର ବିଧାୟକଙ୍କ ପ୍ରତିନିଧି ଧନୁର୍ଯ୍ୟୟ ଗହିର, ସହକାରୀ ଜିଲାପାଳ ସୁଶାନ୍ତ କୁମାର ନାଏକ, ସଦର ଏସଡିପିଓ ନରେଶ ପ୍ରଧାନ, ସଦର ଆଇ.ଆଇ.ସି. ପ୍ରଦ୍ୟୁମ୍ନ କୁମାର ମହାପାତ୍ରଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଜିଲା ସ୍ତରୀୟ ଅଧିକାରୀ ଛତର ଯାତ୍ରା ପାଳନ କମିଟିର ସମସ୍ତ ସଦସ୍ୟ, ଗଣମାଧମ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦରୱାନ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

ସିନାପାଲି ବ୍ଲକ୍ ଏକ୍ସକ୍ୟାଡର ଶିକ୍ଷକ ସଂଘ ଗଠିତ

# ତରୁଣ ସଭାପତି ଓ ବେଣୁଧର ସମ୍ପାଦକ

**ସିନାପାଲି, ୬।୯(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକସ୍ତରୀୟ ଏକ୍ସକ୍ୟାର ଶିକ୍ଷକ ସଂଘର ନୂତନ କମିଟି ଗଠନ କରାଯାଇଛି । ସ୍ଥାନୀୟ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଠାରେ ବରିଷ୍ଠ ଶିକ୍ଷକ ଲୋକନାଥ ମେହେରଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ବିଦ୍ୟାଳୟରୁ ଏକ୍ସକ୍ୟାର ଶିକ୍ଷକ ଯୋଗଦେଇଥିଲେ । ନିକଟରେ ସିଆରସିସି ଭାବରେ ନିଯୁକ୍ତ ଏକ୍ସକ୍ୟାର ଶିକ୍ଷକ ତରୁଣ କୁମାର ମେହେରଙ୍କୁ ପ୍ରଥମେ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ସଂଘର ବିଭିନ୍ନ କାର୍ଯ୍ୟପନ୍ଥାକୁ ନେଇ ବିଷଦ ଆଲୋଚନା କରାଯିବା ସହନୂତନ କମିଟି ଗଠନ କରାଯାଇଥିଲା । କମିଟିର ସଭାପତି ଭାବରେ ତରୁଣ କୁମାର ମେହେର, ଉପସଭାପତି ଖଗେଶ୍ୱର ମେହେର ଓ ଆଲୋକ ପାଣିଗ୍ରାହୀ, ସମ୍ପାଦକ ବେଣୁଧର ନାଏକ, ସହସମ୍ପାଦକ ଅର୍ଜୁନ ନାଏକ ଓ ସାମନ୍ତ ଦାସ ଏବଂ କୋଷାଧ୍ୟକ୍ଷ ଭାବରେ ଭୂତେଶ୍ୱର ନାଏକଙ୍କୁ ମନୋନିତ କରାଯାଇଛି । ସେହିପରି ମିଡିଆ କୋର୍ଡିନେଟର ଭାବରେ ହିରାଲାଲ ସାହୁ ରହିଥିବା ବେଳେ ସଂଘର କାର୍ଯ୍ୟକାରୀ ସଭ୍ୟଭାବେ ଶିବ ମାଝୀ, ଦଶରଥ ଦଣସେନା, କ୍ଷିତିଶ କାଣ, ସନ୍ତୋଷ ସାହୁ, କ୍ରାନ୍ତି ବାଗ, ହୃଷିକେଶ ଛତ୍ରିଆ, ରମେଶ ମେହେର, ସତ୍ୟ ହରିଜନ, ଶଶିମୁଖୀ ପ୍ରଧାନ, ପୁଷ୍ପାଞ୍ଜଳି କାଛି, ଗିତୀକା ଖମାରୀ ରହିଛନ୍ତି । ଅବସରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ଯୋଷୀଙ୍କ ସହ ଲୋକନାଥ ମେହେର, ଧର୍ମୁ ନାଏକ, ଅଚ୍ୟୁତାନନ୍ଦ ମେହେର, ସରୋଜ ପାଢ଼ୀ ଉପଦେଷ୍ଟା ରହିଛନ୍ତି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କପୁରଚନ ମାଝୀ, କ୍ଷେତ୍ରମୋହନ ବନ୍ଦିଛୋର, କୋକିଳ ସୁନାନୀ, ବିନୋଦ ବିହାରୀ ଚିନାଗୁନ, ଲିଙ୍ଗ ନାଗ, ସତ୍ୟବ୍ରତ ଠାକୁର, ଲବ ମେହେର, ନରେଶ ମେହେର, ଭୁପେତ ନିଆଲ, ନୃସିଂହ କଟା, ରମେଶ ଖର୍ସେଲ, ତ୍ରିବିକ୍ରମ ଗହୀର, ରୋମାଞ୍ଚଳ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

# ଲଡୁ ନିଲାମରେ ମହାବିଭ୍ରାଟ; ଫିକା ପଡ଼ିଲା ସମାରୋହ





ତାଳଚେର ସହର/
ତାଳଚେର,୬।୯(ସମିସ)

ତାଳଚେରର ଗଣପର୍ବ ଶ୍ରୀଗଣେଶ ପୂଜା ୨୭ରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୭ ତାରିଖ ଉଦଯାପିତ ହେବ। ଏହି ଉପଲକ୍ଷେ ଶନିବାର କେନ୍ଦ୍ରୀୟ ଗଣେଶ ପୂଜା କମିଟି ପକ୍ଷରୁ ଗଜାନନଙ୍କ ଆଜ୍ଞାଲଡ୍ଡୁ ନିଲାମ କାର୍ଯ୍ୟକ୍ରମ ରଖାଯାଇଥିଲା। ତେବେ ଏହି ନିଲାମ ସମାରୋହ ବର୍ଷ ସମ୍ପୂର୍ଣ୍ଣ ଫିକା ପଡ଼ିଯାଇଥିଲା। ବିଭ୍ରାଟ କାରଣରୁ ଅସନ୍ତୁଷ୍ଟ ହୋଇ କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ତଥା ତାଳଚେର ଉପଜିଲ୍ଲାପାଳ କମିଟି ସଭାପତି ପଦରୁ ଇସ୍ତଫା ଦେବାନେଇ ଖୋଲା ମଞ୍ଚରେ ପ୍ରକାଶ କରିଛନ୍ତି।

ଲଡ୍ଡୁ ଗଣେଶ ମନ୍ଦିର ପାଖରୁ ଆସି ନିଲାମ ମଣ୍ଡପ ପାଖରେ ପହଞ୍ଚିବା ପାଇଁ କମିଟି ପକ୍ଷରୁ ଅପରାହ୍ନ ସାଢ଼େ ୪ଟା ସମୟ ନିର୍ଦ୍ଧାରଣ ହୋଇଥିଲା। କିନ୍ତୁ ସନ୍ଧ୍ୟା ୬ଟା ପରେ ଲଡ୍ଡୁ ମଣ୍ଡପ ପାଖରେ ପହଞ୍ଚିଥିଲା। ପରେ ଅଂଶୀଦାରମାନେ ବହୁ ବିଳମ୍ବ ପର୍ଯ୍ୟନ୍ତ ଲଡ୍ଡୁ ନିଲାମରେ ଭାଗ ନେଇନଥିଲେ। ଚଳିତ ବର୍ଷ ବହୁତ୍ କମ୍ ସଂଖ୍ୟକ ଦର୍ଶକ ନିଲାମ ପେଣ୍ଡାଲ ପାଖରେ ଉପସ୍ଥିତ ଥିଲେ। କମିଟିର ବହୁ ଅନୁରୋଧ ପରେ ମାତ୍ର ୨ରୁ ୩ ଜଣ ନିଲାମ ଡାକିଥିଲେ। ସର୍ବାଧିକ ୧୨ ଲକ୍ଷ ଡାକି ସୌଭାଗ୍ୟ ମହାରଣା ଆଜ୍ଞାଲଡ୍ଡୁ ନିଲାମ ଧରିଥିଲେ। ସନ୍ଧ୍ୟା ୭ଟାରେ ନିଲାମ ଶେଷ ହୋଇଥିବା ବେଳେ ରାତି ୯ଟା ପର୍ଯ୍ୟନ୍ତ ମଞ୍ଚରେ ଉପସ୍ଥିତ ଅତିଥି ଏବଂ କମିଟି ସଦସ୍ୟମାନେ ନିଲାମ ଜିତିଥିବା ଲୋକଙ୍କୁ ଅପେକ୍ଷା କରି ରହିଥିଲେ। ଶେଷରେ ଦର୍ଶକମାନେ କ୍ଷୁବ୍ଧ ହୋଇ ପେଣ୍ଡାଲ ପରିସରରୁ ପଳାଇଲେ। ୨୦୨୩ରେ ୨୨ ଲକ୍ଷ ୨୨ ହାଜର ୨୨୨ ଟଙ୍କାରେ ଲଡ୍ଡୁ ନିଲାମ ଯାଇଥିଲା। ସେହିପରି ୨୦୨୪ରେ ୧୯ ଲକ୍ଷରୁ ଅଧିକ ଟଙ୍କାରେ ନିଲାମ ଯାଇଥିଲା। କିନ୍ତୁ ଚଳିତ ଥର ମାତ୍ର ୧୨ ଲକ୍ଷ ଟଙ୍କା ନିଲାମ ଡାକ ହୋଇଥିଲେ ମଧ୍ୟ ନିଲାମ ଜିତିଥିବା ଅଂଶୀଦାର ପେଣ୍ଡାଲ ଛାଡ଼ି ପଳାଇ ଯାଇଥିଲେ। ଶେଷରେ ଦ୍ୱିତୀୟ ସର୍ବାଧିକ ନିଲାମ ଡାକିଥିବା ବ୍ୟକ୍ତିଙ୍କୁ ୧୧ ଲକ୍ଷ ୫୦ ହଜାର ଟଙ୍କାରେ ଲଡ୍ଡୁ ନେବାପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲେ ମଧ୍ୟ ସେ ରାଜି ନ ହେବାରୁ ତୃତୀୟ ବ୍ୟକ୍ତିଙ୍କୁ ପଚରାଯାଇଥିଲା। ତେବେ ସେ ମଧ୍ୟ ଲଡ୍ଡୁ ନ ନେବାରୁ ପୁନର୍ବାର ନିଲାମ ଡାକ କାର୍ଯ୍ୟ ହୋଇଥିଲା। ଏହାକୁ ବିରୋଧ କରି ପେଣ୍ଡାଲ ତଳେ ଉତ୍ତେଜନା ଦେଖାଯାଇଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ଶେଷରେ ଉପଜିଲ୍ଲାପାଳ ପେଣ୍ଡାଲ ଛାଡ଼ି ପଳାଇଥିଲେ।

- କେନ୍ଦ୍ରୀୟ ପୂଜା କମିଟି ସଭାପତି ପଦ ଛାଡ଼ିଲେ ଉପଜିଲ୍ଲାପାଳ
- ନିଲାମରେ ଅଂଶଗ୍ରହଣ କରିବାକୁ କାକୁତିମିନତି ହେଲା କମିଟି
- ବହୁ ବ୍ୟତିକ୍ରମ, କାର୍ଯ୍ୟାନୁଷ୍ଠାନ ହେବ କି ନାହିଁ, ଉଠିଲା ପ୍ରଶ୍ନ
- ୩ ଘଣ୍ଟା ଧରି ୧୨ ଲକ୍ଷରୁ ଉଠିଲା ନାହିଁ ନିଲାମ ଡାକ
- ନିଲାମ ଜିତିଥିବା ଅଂଶୀଦାର ପେଣ୍ଡାଲ ଛାଡ଼ି ପଳାଇଲେ

## ପୂଜାରେ ମନଇଚ୍ଛା ଗାତଖୋଳି ଫାଇନ ଗଣିଲେ

ଅନୁଗୋଳ,୬।୯(ସମିସ): ଗଣେଶ ପୂଜା ସମୟରେ ମନଇଚ୍ଛା ଗାତଖୋଳି ସରକାରୀ ରାସ୍ତା ନଷ୍ଟ କରିଥିବା ଅଭିଯୋଗରେ ଅନୁଗୋଳ ସହରର ବିଭିନ୍ନ ଟେଣ୍ଟ ହାଉସକୁ ଦଣ୍ଡ ଗଣିବାକୁ ପଡ଼ିଛି। ସ୍ୱସ୍ତିକ ଟେଣ୍ଟ ହାଉସକୁ ୧୬୦୦ ଟଙ୍କା, ସନ୍ତୋଷିନୀ ଟେଣ୍ଟ ହାଉସକୁ ୩୦୪୦ ଟଙ୍କା, ଜଳ ଟେଣ୍ଟ ହାଉସକୁ ୨୨୪୦ ଟଙ୍କା, ପ୍ରଧାନ ଟେଣ୍ଟ ହାଉସକୁ ୮୦୦୦ ଟଙ୍କା, ଉମାଶଙ୍କର ଟେଣ୍ଟ ହାଉସକୁ ୮୦୦ ଟଙ୍କା, ବିନାୟକ ଟେଣ୍ଟ ହାଉସକୁ ୪୮୦ ଟଙ୍କା, ସାକସିଙ୍ଗା ଟେଣ୍ଟ ହାଉସକୁ ୮୮୦ ଟଙ୍କା, ସାକସିଙ୍ଗା ପ୍ରଧାନ ଟେଣ୍ଟ ହାଉସକୁ ୭୩୬୦ ଟଙ୍କା ଓ ମହିମା ଟେଣ୍ଟ ହାଉସକୁ ୫୧୨୦ ଟଙ୍କା ଫାଇନ୍ କରାଯାଇଛି।

## ଚଳନ୍ତା ବାଇକ୍‌ରେ ଲାଗିଲା ନିଆଁ

ନାଲକୋନଗର,୬।୯(ସମିସ): ନାଲକୋ ନଗର ଥାନା ଅନ୍ତର୍ଗତ ସିପିପି ପ୍ଲାଣ୍ଟକୁ ସଂଯୋଗ କରୁଥିବା ରାସ୍ତାରେ ଏକ ଚଳନ୍ତା ବାଇକରେ ନିଆଁ ଲାଗିଯାଇଛି। ଶନିବାର ଅପରାହ୍ନ ୪ଟାରେ ବଅଁରପାଳ ବ୍ଲକ ତୁଳସୀପାଳ ଗ୍ରାମର ଶିବାଜୀ ଗୋଛାୟତ ବାଇକ୍‌ରେ ନାଲକୋ ଅଞ୍ଚଳରୁ ଏକ ଘରୋଇ ଗ୍ୟାସ ଟାଙ୍କି ବାନ୍ଧି ଘରକୁ ନେଉଥିବା ବେଳେ ସିପିପି ରୋଡରେ ହଠାତ୍ ତାଙ୍କ ବାଇକ୍‌ରୁ ଧୂଆଁ ବାହାରିବା ଜାଣିବାକୁ ପାଇଥିଲେ। ତେବେ ସେ ନିଜ ଉପସ୍ଥିତ ବୁଦ୍ଧି ଲଗାଇ ନିଆଁ ଲାଗିବା ପୂର୍ବରୁ ଗାଡ଼ିରୁ ଗ୍ୟାସ ସିଲିଣ୍ଡରକୁ ଓହ୍ଲାଇ ଦୂରକୁ ନେଇଯାଇଥିଲେ। ଏହାର କିଛିକ୍ଷଣ ମଧ୍ୟରେ ଗାଡ଼ିଟି ହୁ ହୁ ହୋଇ ଜଳି ଉଠିଥିଲା। ଖବର ପାଇ ନାଲକୋ ସିପିପି ପ୍ଲାଣ୍ଟ ସିଆଇଏସଏଫର ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଘଟଣା ପାଇଁ କିଛି ସମୟ ଉକ୍ତ ରାସ୍ତାରେ ଯାତାୟାତ ବନ୍ଦ ହୋଇଥିଲା।



## ଖମାରରୁ ଚୋରି ଟ୍ରାକ୍ଟର ମାଲକାନଗିରିରୁ ଉଦ୍ଧାର



ଖମାର,୬।୯(ସମିସ): ପାଲଲହଡ଼ା ଉପଖଣ୍ଡ ଖମାର ଥାନା ନିମିରିବେଡ଼ା ଗ୍ରାମର ପ୍ରଶାନ୍ତ କୁମାର ସାହୁଙ୍କ ପାଉଁଶ ଇଟା ଫାକ୍ଟ୍ରିରୁ ଗତ ଜୁଲାଇ ୧୫ ତାରିଖ ରାତିରେ ଚୋରି ହୋଇଥିବା ଟ୍ରାକ୍ଟର ମାଲକାନଗିରି ଜିଲ୍ଲା କାଲିମେଲା ଥାନା ତେଲରାଇ ପଞ୍ଚାୟତ ରାଜଲକୋଣ୍ଡା ଗ୍ରାମରୁ ଉଦ୍ଧାର ହୋଇଛି। ଟ୍ରାକ୍ଟର ଚୋରି ସମ୍ପର୍କରେ ପ୍ରଶାନ୍ତ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ଅରୁଣ କୁମାର ପଣ୍ଡା ମାମଲା ରୁଜୁକରି ତଦନ୍ତ ଚଳାଇଥିଲେ। ଚୋରି ହୋଇଥିବା ସ୍ଥାନରେ ସେହି ସମୟରେ ଥିବା ମୋବାଇଲଗୁଡ଼ିକ ଟ୍ରାକ୍ କରି ଚୋରଙ୍କୁ କାବୁ କରିବାରେ ସଫଳ ହୋଇଛନ୍ତି। ଟ୍ରାକ୍ଟର ଚୋରି କରିଥିବା ଖମାର ପଞ୍ଚାୟତ ଓଡ଼ଶ ଗ୍ରାମର ରଞ୍ଜନ କୁମାର ସାହୁଙ୍କ ପୁଅ ସୁନୀଲ କୁମାର ସାହୁ (୨୫), ସଦା ପଧାନଙ୍କ ପୁଅ ହରି ପଧାନ (୩୫)ଙ୍କୁ ଗିରଫ କରାଯାଇଛି। ସେହିପରି ଚୋରି ଟ୍ରାକ୍ଟର କିଣିଥିବା ମାଲକାନଗିରି ଜିଲ୍ଲା କାଲିମେଲା ଥାନା ରାଜଲକୋଣ୍ଡା ଗ୍ରାମର ଶୁକା କବାସୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜବତ ଟ୍ରାକ୍ଟରକୁ ମାଲିକ ପ୍ରଶାନ୍ତଙ୍କ ଜିମା ଦିଆଯାଇଛି।

## ହାତୀ-ମଣିଷ ସଙ୍ଘର୍ଷକୁ ନେଇ ସାଂସଦଙ୍କ ଉଦବେଗ

ଢେଙ୍କାନାଳ,୬।୯(ସମିସ): ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ରେଞ୍ଜରେ ପ୍ରତିଦିନ ହାତୀ-ମଣିଷ ସଙ୍ଘର୍ଷରେ ଜୀବନହାନି ଘଟୁଛି। ଏହାକୁ ନେଇ ସାଂସଦ ରୁଦ୍ରନାରାୟଣ ପାଣି ଉଦବେଗ ପ୍ରକାଶ କରିବା ସହ ହାତୀ ଉପଦ୍ରବରୁ ଜନଜୀବନ ସୁରକ୍ଷା ଦେବାକୁ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆଙ୍କ ସହ ଫୋନ ଯୋଗେ ଆଲୋଚନା କରିଛନ୍ତି। ଉପଖଣ୍ଡରେ ଉପଦ୍ରବ କରୁଥିବା ହାତୀମାନଙ୍କୁ ୧ ମାସ ମଧ୍ୟରେ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବା ସହ କେତେକ ହାତୀଙ୍କୁ ଟ୍ରାଙ୍କୁଲାଇଜ କରାଯାଇ ସ୍ଥାନାନ୍ତର କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## କାମାକ୍ଷାନଗରକୁ ଜିଲ୍ଲା ମାନ୍ୟତା ଦାବିକଲା କଂଗ୍ରେସ



କାମାକ୍ଷାନଗର,୬।୯(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରକୁ ଜିଲ୍ଲା ଘୋଷଣା କରିବା ସହ ବିଭିନ୍ନ ଦାବି ନେଇ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଆଳତୁମାଠାରେ ଅନୁଷ୍ଠିତ ସାମ୍ବାଦିକ ସମିଳନୀରେ ବରିଷ୍ଠ ନେତା ତଥା ଗତ ନିର୍ବାଚନରେ ଦଳର ବିଧାୟକ ପ୍ରାର୍ଥୀ ଥିବା ବିପ୍ରବର ସାହୁ ଉପସ୍ଥିତ ରହି କହିଲେ, ଜିଲ୍ଲା ସଦର ମହକୁମାଠାରୁ କାମାକ୍ଷାନଗର, କଙ୍କଡ଼ାହାଡ଼, ପରଜଙ୍ଗ, ଭୁବନ ଆଦି ବ୍ଲକ ବହୁ ଦୂରରେ ଥିବାରୁ ଏଠାକାର ଜନସାଧାରଣ ଜିଲ୍ଲା ସଦର ମହକୁମା ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି କାମାକ୍ଷାନଗରରୁ ଜିଲ୍ଲା ସଦର ମହକୁମା ଯିବାକୁ ବ୍ରହ୍ମଣୀ ଓ ରାମିଆଳ ନଦୀରେ ଥିବା ବ୍ରିଜ ଭାଙ୍ଗିରୁଜି ଯାଇଥିବା ବେଳେ ଅନେକ ସମୟରେ ପ୍ରତିବନ୍ଧକ ସାଜୁଥିବାରୁ ଜନସାଧାରଣ ଓ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୪ଟି ବ୍ଲକକୁ ନେଇ ଗଠିତ କମାକ୍ଷାନଗର ଉପଖଣ୍ଡ ରାଜ୍ୟର ସର୍ବବୃହତ ଉପଖଣ୍ଡ ହୋଇଥିବାରୁ ଏହା ଜିଲ୍ଲା ପାଇଁ ଯଥାର୍ଥ ବୋଲି ସାହୁ ପ୍ରକାଶ କରିଛନ୍ତି। ସେହିପରି ଉପଖଣ୍ଡର ଜିରାଳ, ପଣ୍ଡୁଆ, ବିରାଶାଳ, ମହାବିରୋଡ୍, ଅନଳକୁ ବ୍ଲକ ଘୋଷଣା କରିବା ପାଇଁ ଦାବି କରିଛନ୍ତି। ଭୁବନ ଓ କାମାକ୍ଷାନଗର ଏନଏସିକୁ ମ୍ୟୁନିସିପାଲିଟି ଘୋଷଣା କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଅନେକ ସମୟରେ କାମାକ୍ଷାନଗର ଉପଖଣ୍ଡରେ ଜଙ୍ଗଲୀ ଜନ୍ତୁଙ୍କ ଉପଦ୍ରବ ଯୋଗୁଁ ଧନଜୀବନ ନଷ୍ଟ ହେଉଛି। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର, ଗୋରଡ଼ିଆ-ମାର୍ଥାପୁର ରାସ୍ତା ମରାମତି କରିବା ପାଇଁ ଅନୁରୋଧ କରିଛନ୍ତି। ଦଳମତ ନିର୍ବିଶେଷରେ ଏହି ଆନ୍ଦୋଳନକୁ ବ୍ୟାପକ କରିବା ପାଇଁ ସେ ଆହ୍ୱାନ କରିଛନ୍ତି। ସାମ୍ବାଦିକ ସମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଦଳର ବରିଷ୍ଠ ଉପଦେଷ୍ଟା ଅଯୋଧ୍ୟା ପ୍ରସାଦ ଶତପଥୀ, ପୂର୍ବତନ ନଗର କଂଗ୍ରେସ ସଭାପତି କମାକ୍ଷାପ୍ରସାଦ ପଣ୍ଡା, ପୂର୍ବତନ ଜିଲ୍ଲା ସମ୍ପାଦକ ସଞ୍ଜୀବ ବେହେରା ପ୍ରମୁଖ ସାମିଲ ଥିଲେ।

# ବିଭିନ୍ନ ଅନୁଷ୍ଠାନରେ ଗୁରୁଦିବସ ଓ ଗୁରୁପୂଜନ କାର୍ଯ୍ୟକ୍ରମ

ଢେଙ୍କାନାଳ,୬।୯(ସମିସ)



ଢେଙ୍କାନାଳ ସହର ନିକଟ ସୁନ୍ଦରୀଖାଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତାଥା ପରିଚାଳନା ସମିତିର ପୂର୍ବତନ ସଭାପତି କ୍ଷେତ୍ରବାସୀ ସାହୁ ଯୋଗଦେଇ ଗୁରୁ ଯୋଗ୍ୟ ହେଲେ ଶିଶୁ ଯୋଗ୍ୟ ହେବ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ନଗେନ କୁମାର ଦାସ ଉଦ୍ଦେଶ୍ୟ କଥନ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ବାବୁଚାନ୍ଦ ମହାଲିକ ଅଧକ୍ଷତା କରିଥିଲେ। ଶିଶୁମାନଙ୍କ ଦ୍ୱାରା ଅତିଥି ଓ ଗୁରୁଜୀ ଗୁରୁମାମାନଙ୍କୁ ପୂଜନ କରାଯାଇଥିଲା। ସହପ୍ରଧାନ ଅଚାର୍ଯ୍ୟା ଅରୁନ୍ଧତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ମ୍ୟାନେଜର ଶିବରାମ ପାଣିଗ୍ରାହୀ ତାଙ୍କ ସହକର୍ମୀଙ୍କ ସହ ପ୍ରଧାନଗୁରୁଜୀ ନଗେନ କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଧୁସ୍ମିତା ମହାନ୍ତି, ଭଗବାନ ଦାସ, ଚିନ୍ତାମଣି ନାଥ, ପୁଷ୍ପିତା ନାୟକ ପ୍ରମୁଖ ସହଯୋଗ କରିଥିଲେ।

**ଗଁଦିଆ:** ଗୁରୁଦିବସ ଅବସରରେ ଢେଙ୍କାନାଳ ଜିଲ୍ଲା ଗଁଦିଆ ସୋରିଷିଆପଦା



ସରପଞ୍ଚ ପ୍ରଦୀପ କୁମାର ରାଉତ ଶିକ୍ଷକମାନଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପଞ୍ଚାୟତର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ୱାର୍ଡ ସଭ୍ୟସଭ୍ୟା ତଥା ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମରେନ୍ଦ୍ର ମିଶ୍ରଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ ଓଡ଼ିଶାର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦଣ୍ଡଧର ସାହୁ, ସୋରିଷିଆପଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଯଦୁମଣି ମହାନ୍ତଙ୍କୁ ସରପଞ୍ଚ ରାଉତ ଓ ନିର୍ବାହୀ ଅଧିକାରୀ ମିଶ୍ର ମାନପତ୍ର ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ନିରଞ୍ଜନ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମାଜସେବୀ ପବିତ୍ର ଲେଙ୍କା, ୱାର୍ଡ ସଭ୍ୟ ରଙ୍ଗାଧର ପ୍ରଧାନ, ରଞ୍ଜିତା ପ୍ରଧାନ ସହଯୋଗ କରିଥିଲେ।

**ଖଜୁରିଆକଟା:** ପବିତ୍ର ଗୁରୁଦିବସ ଅବସରରେ ସ୍ଥାନୀୟ ଓକେସିଏଲ୍ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ପକ୍ଷରୁ ହିନ୍ଦୋଳ ରଗଡ଼ିସାହି କାରନ୍ଦା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଫୁଲନଦେବୀ ପାଢ଼ୀ ଓ ମାଡୁଆ ତଅଁଳାସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଙ୍କଜ ଲୋଚନ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାକେନ୍ଦ୍ରର ପରିଚାଳକ ପ୍ରଶାନ୍ତ କୁମାର ଜେନାମଣି ଉଭୟଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମ୍ବର୍ଦ୍ଧନା ଉତ୍ସବରେ କାରନ୍ଦା କ୍ଲଷ୍ଟର ସିଆରସିସି ପ୍ରଦୀପ କୁମାର ପଣ୍ଡା, ମାଡୁଆ ତଅଁଳାସାହି ଗ୍ରାମ ସଭାପତି ଚକ୍ରଧର ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟା, ସମାଜସେବୀ ମାନସ ମାଝୀ, ଆଶିଷ ମାଝୀ ପ୍ରମୁଖ ଯୋଗଦେଇଥିଲେ।

**ତାଳଚେର ସହର:** ତାଳଚେର ବଡ଼ସିଂହଡ଼ାସ୍ଥିତ ଏଲିଟ୍ ଏକ୍ସିଲେନ୍ସ ଉଚ୍ଚ



ମାଧ୍ୟମିକ ବିଦ୍ୟାଳୟ ଓ ଏଲିଟ୍ ଏକାଡେମୀ ଆନୁକୂଲ୍ୟରେ ଜଗନ୍ନାଥ କ୍ଷେତ୍ର କଲ୍ୟାଣ ମଣ୍ଡପ ପରିସରରେ ଗୁରୁଦିବସ ପାଳିତ ହୋଇଛି। ବିଶ୍ୱହିନ୍ଦୁ ପରିଷଦ, ଓଡ଼ିଶା ପ୍ରଦେଶର ସାଧାରଣ ସମ୍ପାଦକ ପଣ୍ଡିତ ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ବାସ୍ତବ ମୂଲ୍ୟ ବିଷୟରେ କହିଥିଲେ। ଜବାହର ନବୋଦୟ ବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ଶିକ୍ଷୟିତ୍ରୀ ସାରଦାମଣି ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନରେ ଗୁରୁର ଭୂମିକା ବିଷୟରେ କହିଥିଲେ। ଅନୁଷ୍ଠାନର ଅଧକ୍ଷ ତଥା ପ୍ରତିଷ୍ଠାତା ସୁଶୀଲ ପ୍ରସାଦ ସାହୁ କହିଥିଲେ ଯେ ଗୁରୁମାନେ ଛାତ୍ରଛାତ୍ରୀଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ଅନ୍ୱେଷଣ କରି ତାକୁ ଆଗକୁ ନେବାକୁ ହେବ। କେବଳ ମାର୍କ ପାଇଁ ଅଧ୍ୟୟନ ନ କରି ବାସ୍ତବ ଜ୍ଞାନ ଅର୍ଜନ କରିବା ଆବଶ୍ୟକ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୈତିକତାର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନର ପ୍ରିନ୍ସିପାଲ ସୁଶାନ୍ତ କୁମାର ଲେଙ୍କା ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ କିଶୋର ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ କୀର୍ତ୍ତିକ୍ରିଷ୍ଟା ପ୍ରଧାନ ଓ ଆରାଧ୍ୟା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀମାନେ ଫୁଲଚନ୍ଦନ ଦେଇ ଗୁରୁପୂଜନ କରିଥିଲେ। ଏହି ଅବସରରେ ସାରଦାମଣି ଶତପଥୀଙ୍କୁ ଏଲିଟ୍ ଏକ୍ସିଲେନ୍ସ ଇନ ଏଜୁକେଶନ୍ ଆୱାର୍ଡ-୨୦୨୫ରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**କିଶୋରନଗର:** କିଶୋରନଗର ବେଦିକ ଟ୍ୟୁଟୋରିଆଲ ହଷ୍ଟେଲରେ ଗୁରୁଦିବସ ପାଳନ ହୋଇଛି। ଛାତ୍ରଛାତ୍ରୀମାନେ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକିଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିବା ସହ



ଗୁରୁମାନଙ୍କୁ ଫୁଲଚନ୍ଦନ ଦେଇ ପୂଜନ କରିଥିଲେ। ଗୁରୁଜୀ ସରୋଜ ପ୍ରଧାନ, ତନ୍ମୟ ବିଶ୍ୱାଳ, ଚିନ୍ମୟ ବିଶ୍ୱାଳ, ଯୁଗଳ କିଶୋର ପ୍ରଧାନ, ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଅନୁଗୋଳ:** ଅମଲାପଡ଼ାସ୍ଥିତ ବାଣୀରୂପା ଷ୍ଟଡି ସେଣ୍ଟର୍‌ରେ ଗୁରୁ ଦିବସ




ପାଳିତ ହୋଇଛି। ସେଣ୍ଟର ନିର୍ଦ୍ଦେଶକ ଶକ୍ତିପ୍ରସାଦ ପଟ୍ଟନାୟକ, ସମସ୍ତ ଶିକ୍ଷକ ଏବଂ ସମସ୍ତ ବିଭାଗର ଅଧାପକ ଏଥିରେ ଯୋଗଦେଇଥିଲେ। ଛାତ୍ରଛାତ୍ରୀମାନେ ଗୁରୁମାନଙ୍କୁ ପୁଷ୍ପ ଓ ଚନ୍ଦନ ଦେଇ ପୂଜା କରିଥିଲେ। ଶିକ୍ଷକମାନେ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ।

**ଢେଙ୍କାନାଳ:** ଢେଙ୍କାନାଳ ସହରସ୍ଥିତ ପିଏମଶ୍ରୀ ବ୍ରଜନାଥ ବଡ଼ଜେନା




ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁଦିବସ ପାଳନ କରାଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ପ୍ରଧାନଶିକ୍ଷକ ମନୋଜ ରଞ୍ଜନ ଦଳେଇ, ସହକାରୀ ଶିକ୍ଷୟିତ୍ରୀ ସୁନିତାବାଳା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ପ୍ରାକ୍ତନ ଓ ବର୍ତ୍ତମାନର ଛାତ୍ର-ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଏନସିସି ଅଫିସର ଧ୍ୟାନଚାନ୍ଦ ମିଶ୍ର ଯୋଗଦେଇଥିଲେ। ଛାତ୍ରଛାତ୍ରୀ ବି, ଶ୍ରେୟାନ୍, ଛାତ୍ରୀ ସାନଭି ତ୍ରିପାଠୀ, ସାଇସ୍ନେହା ବେହେରା, ଇପ୍ସିତା ପ୍ରିୟଦର୍ଶିନୀ ସାହୁ, ଶୁଭମ ଲେଙ୍କା, ରତ୍ନମଞ୍ଜରୀ ସାମଲ, ଅମିତ୍ ନାୟକ, ମେହେକା ଫାତ୍‌ମା, ତେଜସ୍ୱିନୀ ମିଶ୍ର, ଅଂଶୁପ୍ରଭା ଷେଣ୍ଡ, ଶ୍ରୀୟାଶ୍ରୀ ସାମଲ ଓ ସାଇପ୍ରସାଦ ମିଶ୍ର ପ୍ରମୁଖ ଗୁରୁଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପୂର୍ବତନ ବିଜ୍ଞାନ ଶିକ୍ଷକ ଡ. ଦେବୀପ୍ରସାଦ ମିଶ୍ର, ବରିଷ୍ଠ ଶିକ୍ଷୟିତ୍ରୀ ସୁନିତାବାଳା ଷଡ଼ଙ୍ଗୀ, ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର, ପ୍ରାକ୍ତନ ଛାତ୍ର ଦୀପ୍ତୀଶ କୁମାର ଶତପଥୀ, ଶିକ୍ଷକ ଧ୍ୟାନଚାନ୍ଦ ମିଶ୍ର, କିଶୋର ଚନ୍ଦ୍ର ସାମଲ, ସ୍ୱାଗତିକା ରଥ, ସୁଜାତା ପଣ୍ଡା, ସୁଚିତ୍ରା ସାହୁ, ନଳିନୀ ବେହେରା, ଜ୍ୟୋତିରଞ୍ଜନ ନାୟକ, ଅନୁପମା ପଣ୍ଡା, କଲ୍ୟାଣୀ ବଡ଼ଜେନା, କିରଣମୟୀ ମହାଳିକ, ସ୍ମିତିସୁଧା ଜେନା, କ୍ଷୀରାବ୍ଧିତନୟା ମହାପାତ୍ର, ଅନିତା ସାହୁ, ସ୍ମିତା ପଟ୍ଟନାୟକ, କାର୍ଯ୍ୟାଳୟ ସହକାରୀ ସୁଦର୍ଶନ ସାହୁ, ଅଜିତ କୁମାର ବାରିକ, ଭୋକେଶନାଲ ଶିକ୍ଷା ଦାୟିତ୍ୱରେ ଥିବା ଶୁଭଶ୍ରୀ ଦେବସ୍ମିତା ରାଉତ, ସୁଜିତ କୁମାର ବାରା, ବାସୁଦେବ ରଣା, ମମତା ବେହେରା, ରୁଦ୍ରାକ୍ଷ ଗଡ଼ନାୟକ, ସନ୍ତୋଷ ଜେନା, ନରହରି ଗୋଛାୟତ ପ୍ରମୁଖ ସହଯୋଗ କରିଥିଲେ।

**ଢେଙ୍କାନାଳ:** ସ୍ଥାନୀୟ ରୋଟାରୀ କ୍ଲବ ତରଫରୁ ଗୁରୁଦିବସ ପାଳନ କରାଯାଇଛି।



ଗଜମାରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କୁନି କୁନି ପିଲାମାନେ ସଙ୍ଗୀତ ଓ ନୃତ୍ୟ ପରବେଷଣ କରିଥିଲେ। ନବୀନ ଚନ୍ଦ୍ର ନାରାୟଣ ଦାସ, ବିରଞ୍ଚି ପାଣି, ପ୍ରଦୋଷ ଶତପଥୀ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସାନ୍ଧ୍ୟ ଅଧିବେସନରେ ରୋଟାରୀ କ୍ଲବ ପରିସରରେ ରୋଟାରୀ କ୍ଲବ ଏବଂ ଇନରହୁଇଲ କ୍ଲବ ମିଳିତ ଆନୁକୂଲ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି ସଗରିକା ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ସମ୍ପାଦକ ତପନ ପାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅବୋଧ କୁମାର ମହାପାତ୍ର, ଅଭିମନ୍ୟୁ ସାହୁ, ଇନରହୁଇଲ ଉପସଭାପତି ମଧୁଛନ୍ଦା, କବିତା ମହାନ୍ତି ଅଭିଭାଷଣ ରଖିଥିଲେ। ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନ ବିହାରୀ ନାୟକ, ମହୁଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତିମଞ୍ଜରୀ ଲେଙ୍କା, ଢେଙ୍କାନାଳ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ସୌମ୍ୟା ନନ୍ଦଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜକିଶୋର ବେହେରା, ସୁନୀଲ କୁମାର ମିଶ୍ର ମାନପତ୍ର ପାଠ କରିଥିଲେ। ଇନରହୁଇଲର ସଭ୍ୟ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା ଏବଂ କବିତା ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ରାଜେନ୍ଦ୍ର କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ବିନୋଦ ଅଗ୍ରୱାଲ, ମହେଶ ପ୍ରସାଦ ଅଗ୍ରୱାଲ, ଭବାନୀ ଶଙ୍କର ଦାଶ, ଗୌରବ ସରାଉଗୀ, ହେମନ୍ତ ମହାନ୍ତି, ତାପସ ରାଉତ, ସନ୍ଧ୍ୟା ମହାପାତ୍ର, ନିରଦାନନ୍ଦ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# 'ସଖୀ' ୱାନ୍ ଷ୍ଟପ୍ ସେଣ୍ଟରରେ ସୁରକ୍ଷା ଢିଲା

ବାଲେଶ୍ୱର, ୬।୯ (ସମିସ)

ବାଲେଶ୍ୱର ଜିଲ୍ଲାର "ସଖୀ' ୱାନ ଷ୍ଟପ ସେଣ୍ଟରରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠିଛି। ସେଣ୍ଟରରେ ୧୩ ଜଣ କର୍ମଚାରୀ ଥିବା ସତ୍ତ୍ୱେ ପୁଲିସ ଉଦ୍ଧାର କରି ଦେଇଥିବା ଜଣେ ଯୁବତୀ ଏବଂ ଜଣେ ନାବାଳିକା ଅନ୍ତେବାସୀଙ୍କୁ ସୁରକ୍ଷିତ ରଖିବାରେ ବିଫଳ ହୋଇଛି ସେଣ୍ଟର। ସନ୍ଧ୍ୟା ସମୟରେ କର୍ମଚାରୀ ଦାୟିତ୍ୱରେ ଥିବା ସତ୍ତ୍ୱେ ୨ ଅନ୍ତେବାସୀ ସେଣ୍ଟରରୁ କୁଆଡେ ପଳାଇଯିବା ସୁରକ୍ଷା ବ୍ୟବସ୍ଥା ଉପରେ ବିରାଟ ପ୍ରଶ୍ନବାଚୀ ଛିଡ଼ା କରିଛି।

ବ୍ୟକ୍ତିଗତ ଓ ସାର୍ବଜନୀନ ସ୍ଥାନରେ ମହିଳା, ଯୁବତୀ ଏବଂ ନାବାଳିକା ଉପରେ ହୋଇଥିବା ହିଂସାରୁ ସୁରକ୍ଷା ସହ ନାରୀମାନଙ୍କୁ ସାହାଯ୍ୟ ଓ ସମର୍ଥନ ପ୍ରଦାନ, ଚିକିତ୍ସା, ଆଇନ, ମନୋବିଜ୍ଞାନୀଙ୍କ ଓ କାଉନସିଲ ସହ ତ୍ୱରିତ ସେବା ସହ ଅସ୍ଥାୟୀ ସେଲଟର ଭାବେ ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ମେଡିକାଲ ପରିସରରେ କାର୍ଯ୍ୟରତ କରୁଛି 'ସଖୀ' ୱାନ୍ ଷ୍ଟପ ସେଣ୍ଟର। ଏଠାରେ ମାସିକ ୩୦ରୁ ଉର୍ଦ୍ଧ୍ୱ ନିର୍ଯାତିତ, ନିଷ୍ପେସିତ, ଦୁଷ୍କର୍ମର ଶିକାର ଆଇନ ସହାୟତା ତଥା ସୁରକ୍ଷା ଦୃଷ୍ଟିକୋଣରୁ ପୁଲିସ ନାବାଳିକାଙ୍କୁ ଶିଶୁ ମଙ୍ଗଳ କମିଟିରେ ହାଜର ପରେ ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶକ୍ରମେ ୱାନ ଷ୍ଟପ ସେଣ୍ଟରରେ ଛଡା ଯାଇଥାଏ। ସୁରକ୍ଷା ଦୃଷ୍ଟି କୋଣରୁ ସୁରକ୍ଷିତ ସ୍ଥାନ ଭାବି ଏଠାରେ ଅନ୍ତେବାସୀଙ୍କୁ ରଖା ଯାଉଛି। ଜଳେଶ୍ୱର ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ଥିବା ନେଇ ନାବାଳିକଙ୍କ ମାଆ ଜଳେଶ୍ୱର ଥାନାରେ ଜୁଲାଇ ୨୨ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ନାବଳିକାଙ୍କୁ ଗତ ଅଗଷ୍ଟ ୨୨ ତାରିଖରେ ସ୍ଥାନୀୟ ଅଞ୍ଚଳରୁ ଉଦ୍ଧାର କରିବାରେ ସଫଳ ହୋଇଥିଲା। ପୁଲିସ କୋର୍ଟର ବିଚାରପତିଙ୍କ ନିକଟରେ ନାବାଳିକାଙ୍କ ବୟାନ ରେକର୍ଡ ପରେ ବିଭିନ୍ନ ସମସ୍ୟା ଦେଖାଇ ଶିଶୁ ମଙ୍ଗଳ କମିଟିରେ ଗତ ୨୨ ତାରିଖରେ ହାଜର କରିଥିଲା। ପରେ ଶିଶୁ ମଙ୍ଗଳ କମିଟିର ନିର୍ଦ୍ଦେଶ କ୍ରମେ ସୁରକ୍ଷା ଦୃଷ୍ଟିକୋଣରୁ ନାବାଳିକାଙ୍କୁ ଫକୀର ମୋହନ ମେଡିକାଲ ପରିସରରେ ଥିବା 'ସଖୀ' ୱାନ ଷ୍ଟପ ସେଣ୍ଟରରେ ଛାଡ଼ିଥିଲା। ହେଲେ ସୁରକ୍ଷା ଦାୟିତ୍ୱରେ ଥିବା ସେଣ୍ଟରର କର୍ମଚାରୀଙ୍କ ଅବହେଳା ପାଇଁ ଗତ ୨୯ ତାରିଖରେ ଗଣେଶ ଠାକୁର ଭସାଣୀ ଚାଲିଥିବା ବେଳେ ସନ୍ଧ୍ୟା ସମୟରେ ନାବାଳିକାଜଣକ ଫେରାର ହୋଇ ଯାଇଥିଲା। ଏକା ନାବାଳିକା ନୁହନ୍ତି ବରଂ ପୁଲିସ ଉଦ୍ଧାର କରି ଦାୟିତ୍ୱରେ ରଖିବା ପାଇଁ ଦେଇଥିବା ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳର ଜଣେ ୧୯ ବର୍ଷୀୟ ଯୁବତୀ ମଧ ସେହି ଉକ୍ତ ସଖୀ ୱାନ ଷ୍ଟପ ସେଣ୍ଟରରୁ ଫେରାର ହୋଇ ଯାଇଥିଲେ। ଏ ବାବଦରେ ସେଣ୍ଟର ଅଧିକାରୀଙ୍କ ନିକଟରେ ସୂଚନା ନାହିଁ। କର୍ମଚାରୀ ଶୌଚାଳୟକୁ ଯାଇଥିବା ସମୟରେ ୨ ଅନ୍ତେବାସୀ ଚାବି ଖୋଲି ଲୁଚି ପଳାଇ ଥିବାର ଅଜବ ଉତ୍ତର ରଖିଛନ୍ତି ୱାନ ଷ୍ଟପର ପରିଚାଳକ ଗୋପାଳ କୃଷ୍ଣ କର। ସେପଟେ ୨ ଅନ୍ତେବାସୀ ନିଖୋଜ ହେବା ନେଇ ବାଲେଶ୍ୱର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ନିଖୋଜକୁ ୯ ଦିନ ବିତିଥିଲେ ସୁଦ୍ଧା ୨ ଫେରାର ଅନ୍ତେବାସୀଙ୍କୁ ଉଦ୍ଧାର କରିବାରେ ପୁଲିସ ବିଫଳ ହୋଇଛି।

ମାତ୍ର ୬ ଜଣ ଅନ୍ତେବାସୀ ଥିବାବେଳେ ସେଠାରେ ୧୩ ଜଣ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସନ୍ଧ୍ୟା ସମୟରେ ଚାବି ଖୋଲି ନାବାଳିକା ଫେରାର ହେବା ପଛରେ ବିଭାଗୀୟ କର୍ମଚାରୀ କିମ୍ବା ଅଧିକାରୀଙ୍କ ହାତ ଅଛି କି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାକୁ ୯ ଦିନ ବିତିଥିଲେ ମଧ ଜିଲ୍ଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ।




**ଉଦ୍ଧାର କରି ଛାଡିଲା ପୁଲିସ, ଖସିଗଲେ ୨ ଅନ୍ତେବାସୀ**

**ନିଖୋଜକୁ ୯ ଦିନ ବିତିଲା, ପୁଲିସ ହାତ ଖାଲି**

### ମତାମତ

▷ ସେଦିନ ଗଣେଶ ପୂଜା ଭସାଣୀରେ ପୁଲିସ ବ୍ୟସ୍ତ ଥିଲା, ସନ୍ଧ୍ୟାରେ ଆମ କର୍ମଚାରୀ ଶୌଚ ହେବାକୁ ଯାଇଥିବା ବେଳେ ଏହାର ସୁଯୋଗ ନେଇ ତାଲା ଖୋଲି ୨ ଅନ୍ତେବାସୀ କୁଆଡେ ପଳାଇ ଯାଇଛନ୍ତି। ବାଲେଶ୍ୱର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଜିଲ୍ଲାପାଳଙ୍କୁ ମଧ ଅବଗତ କରିଛୁ।

ଗୋପାଳକୃଷ୍ଣ କର, ପରିଚାଳକ ସଖୀ ୱାନ ଷ୍ଟପ ସେଣ୍ଟର

▷ ନାବାଳିକାଙ୍କ ମାଆଙ୍କ ପକ୍ଷରୁ ଅଭିଯୋଗ ପରେ ବିଭିନ୍ନ ସ୍ଥାନରେ ଚଢଉ ପରେ ନାବାଳିକାଙ୍କୁ ଉଦ୍ଧାର କରିବାରେ ସଫଳ ହୋଇଥିଲୁ, ବିଚାରପତିଙ୍କ ନିକଟରେ ହାଜର ପରେ ମାଆକୁ ହସ୍ତାନ୍ତର କରିଥିଲେ ସୁଦ୍ଧା ମାଆ ନାବାଳିକାକୁ ନେବାକୁ ଅମଙ୍ଗ ହୋଇଥିଲେ। ତେଣୁ ସୁରକ୍ଷା ଦୃଷ୍ଟିକୋଣରୁ ନାବାଳିକାକୁ ଶିଶୁ ମଙ୍ଗଳ କମିଟିରେ ହାଜର ପରେ ବାଲେଶ୍ୱର ସଖୀ ୱାନ ଷ୍ଟପ ସେଣ୍ଟରରେ ଛାଡିଥିଲୁ। ସେଠାରୁ ସେ କୁଆଡେ ଚାଲି ଯାଇଥିବାର ସୂଚନା ପାଇଛୁ।

କରନ ମାରାଣ୍ଡି, ମାମଲାର ତଦନ୍ତ ଅଧିକାରୀ, ଜଳେଶ୍ୱର ଥାନା

▷ ୨ ଅନ୍ତେବାସୀ ସଖୀ ୱାନ ଷ୍ଟପ ସେଣ୍ଟରରୁ ପଳାଇ ଯିବା ଘଟଣାର ତଦନ୍ତ ଚାଲିଛି, ଜିଲ୍ଲାପାଳଙ୍କୁ ମଧ ଅବଗତ କରାଯାଇଛି। ୨ ଅନ୍ତେବାସୀଙ୍କୁ ଉଦ୍ଧାର ପାଇଁ ଟାଉନ ଥାନା ପୁଲିସ ସହ ଯୋଗାଯୋଗରେ ଅଛୁ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ମୃତ୍ୟୁଞ୍ଜୟ ପଣ୍ଡା, ଅଧକ୍ଷ ଜିଲ୍ଲା ଶିଶୁ ମଙ୍ଗଳ କମିଟି

## ଲାୟନ୍ସ କ୍ଲବ ବାଲେଶ୍ୱର ଏମ୍‌ପାୱାର ପକ୍ଷରୁ ପ୍ରଧାନଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୬।୯ (ସମିସ): ଗୁରୁଦିବସ ଅବସରରେ ଲାୟନ୍ସ କ୍ଲବ ବାଲେଶ୍ୱର ଏମ୍‌ପାୱାର ପକ୍ଷରୁ ଶକୁନ୍ତଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁମତି ମଣ୍ଡଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀମତୀ ମଣ୍ଡଳ ଦୀର୍ଘ ୩୨ ବର୍ଷ ଧରି ବିଭିନ୍ନ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ହଜାର ହଜାର ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ବିଦ୍ୟାଳୟରେ କ୍ଲବର ସଭାପତି ରିତିକ ଜି, ପୂର୍ବତନ ସଭାପତି ମିତା ମାନ୍ନା, ନିର୍ଦ୍ଦେଶକ ସେଖ ଆୟୁବ, ନିର୍ଦ୍ଦେଶକ ବିଶ୍ୱରୂପ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମୋମେଣ୍ଟୋ, ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଅଭୟ କୁମାର ଦାସ, ବଳରାମ ସାମଲ, ଅଜିତ ବେହେରା, ପୁଷ୍ପାଞ୍ଜଳି ସାହୁ, ଲିଜା ଦିବେଦୀ, ମମତା ନାୟକ, ମମତା ହାଜରା, ରୁମାରାଣୀ ଚୌହ୍ୱାନ, ମମତା ଦେ, ଜୟନ୍ତୀ ଦାସ, ଶାଶ୍ୱତ ମହାପାତ୍ର, ମାନସ ରଞ୍ଜନ ଦାସ, ଜୟନ୍ତୀ ଦାସ, ମାନସୀ ଆଚାର୍ଯ୍ୟ, ଝରଣା ମଲ୍ଲିକ, ବବିତା ଗିରିଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ଭାରତୀୟ ଜୀବନ ବୀମା ନିଗମ ବାଲେଶ୍ୱର ଶାଖାର ବୀମା ସପ୍ତାହ ଉଦ୍‌ଯାପିତ

ବାଲେଶ୍ୱର, ୬।୯ (ସମିସ): ଭାରତୀୟ ଜୀବନ ବୀମା ନିଗମ (ଏଲଆଇସି) ବାଲେଶ୍ୱର ଶାଖା ପକ୍ଷରୁ ଚାଲିଥିବା ୬୯ ତମ ବୀମା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଶାଖା ମୁଖ୍ୟ ପ୍ରବନ୍ଧକ ମୃଣ୍ମୟ କୁମାର ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲେ। ଏଥିସହିତ ୬୯ ବର୍ଷରେ ପହଞ୍ଚିଥିବା ଜୀବନ ବୀମା ନିଗମର ବ୍ୟବସାୟିକ ସଫଳତା ସାଙ୍ଗକୁ ଜନସେବାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ବାଲେଶ୍ୱର ଶାଖାର ପ୍ରଶାସନିକ ପ୍ରବନ୍ଧକ ହରେକୃଷ୍ଣ ବେର୍ବେର୍ତ୍ତା, ମନୋଜ ରଂଜନ ଦାସ ଓ ବୀମା ପ୍ରବନ୍ଧକ ବୁଦ୍ଧିରାମ ସିଂ ମଞ୍ଚାସୀନ ହୋଇ ଏଲଆଇସି ବାଲେଶ୍ୱର ଶାଖାର କାର୍ଯ୍ୟଧାରା ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ବିଦ୍ୟାଳୟ ଛାତ୍ରଛାତ୍ରୀ, ଜୀବନ ବୀମା ନିଗମ କର୍ମଚାରୀ ଓ ଅଭିକର୍ତ୍ତାଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଏଥିରେ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ଅଭିକର୍ତ୍ତା ଅଞ୍ଜନ କୁମାର ସାହୁ ଶେଷରେ ଧନ୍ୟବାଦ ଦେଇଥିଲେ। ସୁସ୍ମିତା ଦାସ, ସସ୍ମିତା ବେହେରା, ମଞ୍ଜୁଲତା ସେଠୀ, ଅଞ୍ଜୁପ୍ରଭା ବହେରା, ଅଶୋକ କୁମାର ସ୍ୱାଇଁ, ଶିବାଶିଷ ବର୍ଗର୍ତ୍ତୀ, ଗିରିଜା ଶଙ୍କର ବେହେରା, ଭାଗିରଥୀ ପାତ୍ର, ବସନ୍ତ କୁମାର ପୁହାଣ, ସୁଧୀର କୁମାର ବଳ, ରଶ୍ମିରଂଜନ ଜେନା, ବିପ୍ଳବ କୁମାର ମହାନ୍ତି, କୌଶିକ ପଣ୍ଡା, ଅଜିତ କୁମାର ଦେଙ୍କ ପ୍ରମୁଖଙ୍କ ସମେତ ଶାଖାର ବିଭିନ୍ନ ବିଭାଗ ଅଧିକାରୀ, କର୍ମଚାରୀ ଓ ଅଭିକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୁଲଗ୍ନା ପବ୍ଲିକ ସ୍କୁଲ ପକ୍ଷରୁ ଗୁରୁ ଦିବସ



ବାଲେଶ୍ୱର, ୬।୯ (ସମିସ): ସୁଲଗ୍ନା ପବ୍ଲିକ ସ୍କୁଲ ପକ୍ଷରୁ ପବିତ୍ର ଗୁରୁ ଦିବସ ପାଳିତ ହୋଇଛି। ଆୟୋଜିତ ସମାରୋହରେ ସୁଲଗ୍ନା ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ମଧୁସ୍ମିତା ଦାସ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରଛାତ୍ରୀଙ୍କ ଦ୍?।ରା ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, କବିତା ଆବୃତ୍ତି ସହ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ବାଲେଶ୍ୱର, ମଠସାହି, ସରିତା ନଗରସ୍ଥିତ ସୁଲଗ୍ନା ପରିସରରେ ପାଳିତ ଗୁରୁଦିବସ ପାଳନ ସମାରୋହରେ ସୁଲଗ୍ନା ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ପ୍ରତିଷ୍ଠାତା ଡ. ଘନଶ୍ୟାମ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରତିଭାଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡ଼. ଶଙ୍କର୍ଷଣ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦୈନିକ ଅପରାହ୍ନର ସମ୍ପାଦକ ବଂଶୀଧର ଜେନା, ସୁଲଗ୍ନା ଡ଼ିଗ୍ରୀ କଲେଜର ପ୍ରିନ୍ସିପାଲ ଡ଼. ଧରଣୀଧର ପୋଷ, ସୁଲଗ୍ନା ଯୁକ୍ତ ୨ କଲେଜର ପ୍ରିନ୍ସପାଲ୍ ପ୍ରଫେସର ଚକ୍ରଧର ସାହୁ, ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ସଭାରେ ଉପସ୍ଥିତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼େ କନ ପ୍ରଦାନ କରି ସମ୍ମାନିତ କରାଯିବା ପରେ କଲେଜ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଇଂରାଜୀ ଅଧ୍ୟାପକ ଶ୍ରୀ ଜେନ୍ ମଞ୍ଚ ସଂଚାଳନ କରିଥିଲାବେଳେ ଅଧ୍ୟାପକ ଆର୍ଯ୍ୟବ୍ରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର, ୬।୯ (ସମିସ): ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ମେ ଆଇ ହେଲ୍ପ ୟୁ' ର ମିଳିତ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶୋଭାରାମପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ଏହି ଶିବିରରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହିତ ଔଷଧ ବଣ୍ଟନ କରାଯାଇଥିଲା। ଏଥି ସହିତ ୭୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନଙ୍କର ଆୟୁଷ୍ମାନ ବୟବନ୍ଦନା ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରସ୍ତୁତି କରାଯାଇଥିଲା। ଏହି ଶିବିରରେ ଡାକ୍ତର ଶୁଭଶ୍ରୀ ସାହୁ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

## ୮ରୁ 'ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ' ପାଳନ

ବାଲେଶ୍ୱର, ୬।୯ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆସନ୍ତା ୮ରୁ ୧୨ ସେପ୍ଟେମ୍ବର ପର୍ଯ୍ୟନ୍ତ 'ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ-୨୦୨୫' ପାଳିତ ହେବ। ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକ ଆଲୋକିତ କରିବା, ନିରବତାକୁ ଭାଙ୍ଗିବା, ଯୁବମନଙ୍କୁ ସଶକ୍ତ କରିବା ଓ ସାମୂହିକ ସମର୍ଥନର ସଂସ୍କୃତିକୁ ଦୃଢ଼ କରିବା ଇତ୍ୟାଦି ଏହି ସପ୍ତାହ ପାଳନର ଉଦ୍ଦେଶ୍ୟ ରହିଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସଂକଳିତ କାର୍ଯ୍ୟକ୍ରମ ମଧ୍ୟରେ ୮ ସେପ୍ଟେମ୍ବରରେ ସଂଶ୍ଳିଷ୍ଟ ମହାବିଦ୍ୟାଳୟଗୁଡ଼ିକରେ ସଚେତନତା ବ୍ୟାଖ୍ୟାନ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହେବ। ୯ ସେପ୍ଟେମ୍ବରରେ ନିବନ୍ଧ, ଚର୍ଚ୍ଚା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହେବ। ୧୦ ସେପ୍ଟେମ୍ବରରେ ଇଣ୍ଟର୍‌ଆକ୍ଟିଭ ସେମିନାର ଓ "ମେଣ୍ଟାଲ୍ ହେଲଥ୍ ଫାର୍ଷ୍ଟ-ଏଡ୍‌' ଟ୍ରେନିଙ୍ଗ ପ୍ରଖ୍ୟାତ ମନୋବିଜ୍ଞାନୀ ପ୍ରଫେସର ଅଜିତ କୁମାର ମହାନ୍ତି, ଡ଼କ୍ଟର ନରେନ୍ଦ୍ର ସିଂହ ଥଗୁଣା (ଆଭାସୀ ମାଧ୍ୟମ), ଡ. ଶଶୀମଣି ମିଶ୍ରଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ। ୧୧ ସେପ୍ଟେମ୍ବରରେ 'ମାନସିକ ସ୍ୱାସ୍ଥ୍ୟ ଓ ସୋସିଆଲ୍ ମିଡିଆ ଡିଜିଟାଲ୍ ଜୀବନରେ ସମତୁଳନ' ବିଷୟରେ କର୍ମଶାଳା ଆୟୋଜିତ ହେବ। ୧୨ ସେପ୍ଟେମ୍ବରରେ ଆଞ୍ଚଲ ରେଖାଣୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ସଚେତନତା ସଭା ସହିତ ଏହି ସପ୍ତାହ ଶେଷ ହେବ।

## ରାଜ୍ୟସ୍ତରୀୟ ମିନି ଏବଂ ସବ୍‌ଜୁନିଅର ରାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ବାଲେଶ୍ୱର, ୬।୯ (ସମିସ): ବ୍ୟାଡମିଣ୍ଟନ ସଂଘ ଏବଂ ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ସ୍ଥାନୀୟ ଆଇଟିଆଇସ୍ଥିତ ବିଜୁ ପଟ୍ଟନାୟକ ଇନଡୋର୍ ଷ୍ଟାଡିୟମ ଠାରେ ରାଜ୍ୟସ୍ତରୀୟ ମିନି (୯ ବର୍ଷରୁ ଓ ୧୧ ବର୍ଷରୁ କମ୍) ଏବଂ ସବ୍ ଜୁନିଅର ରାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ପ୍ରାୟ ୨୫୦ରୁ ଉଦ୍ଧ୍ୱର୍ ଖେଳାଳୀ ଅଂଶଗ୍ରହଣ କରିଛନ୍ତି। ବାଲେଶ୍ୱର ଜିଲ୍ଲାରୁ ୩୫ ଜଣ ଖେଳାଳି (ବାଳକ/ବାଳିକା) ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ୭ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ଏହି ପ୍ରତିଯୋଗିତା ସୁଚାରୁରୂପେ ପରିଚାଳନା ପାଇଁ ସ୍ୱୀକୃତି ପ୍ରାପ୍ତ ୨୫ ଜଣ ଅମ୍ପାୟାରଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଉପଜିଲ୍ଲାପାଳ ଶିବ ମାଲବ୍ୟ ମୁଖ୍ୟଅତିଥି, ସମାଜସେବୀ ଡ. ଶାନ୍ତନୁ ଦାସ ମୁଖ୍ୟବକ୍ତା ଏବଂ ଅନ୍ୟତମ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ସଭାପତି ଚିନ୍ମୟ ବିଶ୍ୱାଳ, ସଚିବ ମନୋରଞ୍ଜନ ପଣ୍ଡା, ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଯୁଗ୍ମ ସଚିବ ଜୟପ୍ରକାଶ ସିଂ, ପ୍ରତିଯୋଗିତା ନିର୍ଦ୍ଦେଶକ ସମୀର କାନ୍ତ ଦାସ, ପ୍ରତିଯୋଗିତା ନିରୀକ୍ଷକ ନିରଞ୍ଜନ ବିଶ୍ୱାଳ, ବାଲେଶ୍ୱର ଡିଆଇପିଆରଓ ରାଜେଶ ପ୍ରିୟଦର୍ଶୀ, ଅମ୍ପାୟାର ନିରୀକ୍ଷକ ସୁଭାଷ ସାହୁ, ମୁଖ୍ୟ ଖେଳ ପରିଚାଳକ ଲକ୍ଷପତି ନନ୍ଦ, ୟୁକୋ ବ୍ୟାଙ୍କର ମୁଖ୍ୟ ଆଞ୍ଚଳିକ ପରିଚାଳକ ସୁଦୀପ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ନିର୍ମାଣ ଲାଗି ବିଡିଓଙ୍କୁ ଦାବିପତ୍ର

ଜଳେଶ୍ୱର, ୬।୯ (ସମିସ): ଜଳେଶ୍ୱର ବ୍ଲକର ବର୍ତନା ପଂଚାୟତ ଅଧିନ ସେହି ଗାଁରେ ରାସ୍ତାର ଅବସ୍ଥା ଅବର୍ଣ୍ଣନୀୟ। ଗାଁର ଦକ୍ଷିଣସାହିରେ ଥିବା ରାମଚନ୍ଦ୍ର ବେହେରା ଘରଠାରୁ ଶ୍ୟାମ ଜେନା ଛକ, ଶ୍ୟାମ ଜେନା ଛକଠାରୁ ମୂରଲୀଧର ଜେନା ଘର ଓ ରାମଚନ୍ଦ୍ର ବେହେରା ଘରଠାରୁ ବର୍ତ୍ତନା ୟୁପି ସ୍କୁଲ ପର୍ଯ୍ୟନ୍ତ ରାସ୍ତାର କାଦୁଅରେ ପରିପୂର୍ଣ୍ଣ। କାର୍ତ୍ତିକ ବେହେରା ଘରଠାରୁ ଶ୍ୟାମସୁନ୍ଦର ଜେନାଙ୍କ ଘର ପର୍ଯ୍ୟନ୍ତ ରାସ୍ତା ମରାମତି ଲାଗି ପିଇଓ ମନୋଜ କୁମାର ଟୁଡୁଙ୍କ ନାମରେ ୪୩୨୧୦ ଟଙ୍କା ପୈଠ ହୋଇଥିଲେ ମଧ ଅଦ୍ୟାବଧି କୌଣସି ମରାମତି କରାଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସଂପର୍କରେ ସରପଂଚ ପ୍ରତିନିଧି ପଦ୍ମଲୋଚନ ବେହେରାଙ୍କୁ ପଚାରିବାରୁ ଉପରୋକ୍ତ ରାସ୍ତା ଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ଲାଗି ପ୍ରୟାସ ଚାଲିଛି। ଅତି ଆବଶ୍ୟକ ହେଉଥିବା ରାସ୍ତାରେ ଖୁବ୍‌ଶୀଘ୍ର ମରାମତି କରାଯିବ। ପୂର୍ବରୁ କାର୍ତିକ ବେହେରା ଘରଠାରୁ ବର୍ତନା ୟୁପି ସ୍କୁଲ ପର୍ଯ୍ୟନ୍ତ ରାସ୍ତା ମରାମତି ହୋଇଥିଲେ ମଧ ଏବେ ପୁଣି ତାହା ଖରାପ ହୋଇଯାଇଥିବା କହିଛନ୍ତି। ତେଣୁ ରାସ୍ତା ଗୁଡିକୁ ଉନ୍ନତିକରଣ କରାଯିବା ସହିତ କଂକ୍ରିଟ କିମ୍ବା ପିଚୁ ରାସ୍ତାରେ ରୂପାନ୍ତରିତ କରାଯିବା ଲାଗି ଗ୍ରାମର ବିଜୟ ସାମଲ, ତ୍ରିଲୋଚନ ଦାସ, ତପନ ଜେନା, ରବିନ୍ଦ୍ର ନାଥ ଜେନା, ଶ୍ରୀକାନ୍ତ ଜେନା, ଅକ୍ଷୟ ଜେନା, ଚନ୍ଦନ ଜେନା ପ୍ରମୁଖ ବିଡିଓଙ୍କୁ ଲିଖିତଭାବେ ଦାବି କରିଛନ୍ତି।

## ଇନଟାକ୍ ବାଲେଶ୍ୱର ଚାପ୍ଟରର ସ୍ୱନକ୍ଷତ୍ର ଉତ୍ସବ




ବାଲେଶ୍ୱର, ୬।୯ (ସମିସ): ଇଣ୍ଡିଆନ ନ୍ୟାସନାଲ ଟ୍ରଷ୍ଟ ଫର୍ ଆର୍ଟ ଏଣ୍ଡ କଲଚୁରାଲ ହେରିଟେଜ୍ "ଇନଟାକ୍' ପକ୍ଷରୁ ବାଲେଶ୍ୱର ଚାପ୍ଟରର ୧୬ତମ ସ୍ୱନକ୍ଷତ୍ର ଦିବସ ଉଦ୍ୟୋଗ ଭବନରେ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ବରିଷ୍ଠ ଅଧିକାରୀ ଜ୍ଞାନରଞ୍ଜନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପୁରାତନ ଐତିହ୍ୟ ସଂରକ୍ଷଣ କରିବାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥଲେ। ଇନଟାକ୍‌ର ରାଜ୍ୟ ଆବାହକ ବିଶ୍ୱଜିତ ମହାନ୍ତି ବହୁ ପୁରାତନ ଐତିହ୍ୟର ସୁରକ୍ଷା ନେଇ ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ବାଲେଶ୍ୱର ଚାପ୍ଟରର ଆବାହକ ଉଦୟ ରଂଜନ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସହ ଆବାହକ ଯୁବଦ୍ୟୋଗୀ ସଂଗ୍ରାମ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧକ୍ଷ ନିକୁଞ୍ଜ ବିହାରୀ ଦାସ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ସମ୍ପାଦିତ ସ୍ମରଣିକା "ପରମ୍ପରା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ବାଲି ଗୋହିରି ରତ୍ନାକର ଟାଉନ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଖିଳ କୁମାର ଦାସ ମାନପତ୍ର ପାଠ କରିଥିଲେ। ଏହା ସହିତ ପୂର୍ବରୁ ଆୟୋଜିତ ସେଲିବ୍ରେଟିଂ ଇଣ୍ଡିଆ, ବିଶ୍ୱ ଐତିହ୍ୟ ଦିବସରେ ଚିତ୍ରକଳା ପ୍ରତିଯୋଗିତା ଓ ସିଟି ରାଉଣ୍ଡ ଅଫ ହେରିଟେଜ୍ କୁଇଜ୍ ପ୍ରଭୃତି ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଲିଭା ଦାସ ଓ ସଂଘମିତ୍ରା ମହାନ୍ତି ଅତିଥିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଅତିରିକ୍ତ ସହ ଆବାହକ ଅର୍ଚ୍ଚନା ନନ୍ଦୀ, ମାତୃଦତ୍ତ ଦାସ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ହରେନ ରଣା ଧନ୍ୟବାଦ ଦେଇଥିଲେ। ଭାବଗ୍ରାହୀ ମହାନ୍ତି, ଯଶୋଦା ନନ୍ଦନ ଆଶ, ସୌରଭ କୁମାର ବେହେରା, ଶିତିକଣ୍ଠ ଦୀକ୍ଷିତ, ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ହରିଶ୍ଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପାଞ୍ଚଦିନିଆ ମଧ୍ୟସ୍ଥତା ତାଲିମ୍ କର୍ମଶାଳା ଉଦ୍‌ଯାପିତ



ବାଲେଶ୍ୱର, ୬।୯ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱର, ଭଦ୍ରକ ଏବଂ ଯାଜ୍‌ପୁର୍ ମନୋନୀତ ଆଇନ୍‌ଜୀବୀମାନଙ୍କ ପାଇଁ ଆୟୋଜିତ ୫ ଦିନିଆ/ ୪୦ ଘଂଟିଆ ମଧ୍ୟସ୍ଥତା ତାଲିମ୍ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ସମାରୋହରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର ଅଧ୍ୟକ୍ଷତା କରି ମଧ୍ୟସ୍ଥତା ବିବାଦର ସମାଧାନ ପ୍ରକ୍ରିୟାରେ ଏକ ଅବିଚ୍ଛେଦ୍ୟ ଅଂଶବିଶେଷ ବୋଲି ମତ ରଖିଥିଲେ। ଉପରୋକ୍ତ ସମାରୋହରେ ସର୍ବୋଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା ଏବଂ ସମନ୍ୱୟ ପ୍ରକଳ୍ପ କମିଟିର ବରିଷ୍ଠ ପ୍ରଶିକ୍ଷକ ନୀନା ଖରେ ଏବଂ ବରୁଣା ଭଣ୍ଡାରୀ, ଜିଲ୍ଲା କୋର୍ଟ ବାଲେଶ୍ୱରର ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ, ଜିଲ୍ଲା ବାର ଏସୋସିଏସନ୍ ସଭାପତି କେଶବ ଚନ୍ଦ୍ର ଆଚାର୍ଯ୍ୟ, ସମ୍ପାଦକ ସମ୍ବିତ୍ କୁମାର ନନ୍ଦୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ, ବାଲେଶ୍ୱରର ସଚିବ ତଥା ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ୍ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାନ୍ତ୍ରିକ ତ୍ରୁଟି; ଦେଢ ଘଣ୍ଟା ଅଟକିଲା କରମଣ୍ଡଳ ଏକ୍ସପ୍ରେସ

ବାଲେଶ୍ୱର, ୬।୯ (ସମିସ) : ବାଲେଶ୍ୱର ହଳଦୀପଦା ଷ୍ଟେସନ ନିକଟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଯାତ୍ରୀବାହୀ ଚେନାଇ ହାୱଡ଼ା କରମଣ୍ଡଳ ଏକ୍ସପ୍ରେସ ଟ୍ରେନ ଦୀର୍ଘ ଦେଢ ଘଣ୍ଟାରୁ ଅଧିକ ସମୟ ଅଟକିଥିବା ବେଳେ ଇଞ୍ଜିନ ସଜଡାଯିବା ପରେ ଗନ୍ତବ୍ୟ ସ୍ଥଳକୁ ଯାଇଥିବା ଜଣାପଡିଛି। ଆଜି ଡାଉନ ଲାଇନରେ ୧୨୮୪୨ ଚେନାଇ ହାୱଡ଼ା କରମଣ୍ଡଳ ଏକ୍ସପ୍ରେସ ଚେନାଇରୁ ହାୱଡ଼ା ଅଭିମୁଖେ ଫେରୁଥିଲା। ସକାଳ ୬.୪୩ ମିନିଟ୍ ସମୟରେ ହଳଦୀପଦା ଷ୍ଟେସନ ନିକଟରେ ଇଞ୍ଜିନରେ ଯାନ୍ତ୍ରିକ ତ୍ରୁଟି ପାଇଁ ଅଟକିଥିଲା। ରେଳ ବିଭାଗର ଇଞ୍ଜିନିୟର ପହଞ୍ଚି ଯାନ୍ତ୍ରିକ ତ୍ରୁଟି ଥିବା ଟ୍ରେନ ଇଞ୍ଜିନକୁ ସଜାଡ଼ିବା ପରେ ଟ୍ରେନ ୮.୫୬ ସମୟରେ ଗନ୍ତବ୍ୟସ୍ଥଳ ହାୱଡ଼ାକୁ ଯାଇଥିବା ଜଣାପଡିଛି। ଦୀର୍ଘ ଦେଢ ଘଣ୍ଟାରୁ ଅଧିକ ସମୟ ଧରି ଟ୍ରେନ ଅଟକି ରହିବା ଯୋଗୁଁ ଯାତ୍ରୀମାନେ ହନ୍ତସନ୍ତ ହୋଇଥିଲେ।

# ବାଲେଶ୍ୱର ଜିଲ୍ଲା ମେଡିକାଲରେ ଲିଫ୍ଟ ଅଚଳ

ବାଲେଶ୍ୱର, ୬।୯ (ସମିସ)

ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମସ୍ତ ବିଭାଗ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ ରେମୁଣାକୁ ସ୍ଥାନାନ୍ତର ହେବା ପରେ ବାଲେଶ୍ୱରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ସଙ୍କଟକୁ ଠେଲି ଯାଇଛି। ଅବ୍ୟବସ୍ଥା ଭିତରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚାଲିଥିବା ବେଳେ ରୋଗୀ ହନ୍ତସନ୍ତ ହେଉଛନ୍ତି। ମେଡିକାଲରେ ଦୀର୍ଘଦିନ ଧରି ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଲିଫ୍ଟ ମେଡିସିନ ୱାର୍ଡ ଏବଂ ଅସ୍ଥିଶଲ୍ୟ ବିଭାଗ ୱାର୍ଡରେ ଅଚଳ ହୋଇ ପଡି ରହିଛି। ରେମୁଣାରେ ଫକୀର ମୋହନ ମେଡିକାଲ କଲେଜ ଓ ହସପିଟାଲ ଖୋଲିବା ପରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗ ସହ ସହ ସ୍ୱାସ୍ଥ୍ୟ ସେବାରେ ନିଯୁକ୍ତ ଥିବା କର୍ମଚାରୀଙ୍କୁ ସେଠାକୁ ନିଆଯାଇଛି। ରେମୁଣା ମେଡିକାଲରେ ବିଭିନ୍ନ ବିଭାଗର ରୋଗ ପରୀକ୍ଷା ମେସିନ ନ ଥିବା ବେଳେ ବାଧ ହୋଇ ମେଡିକାଲ କଲେଜ ଜିଲ୍ଲା ଚିକିତ୍ସାଳୟ ଉପରେ ନିର୍ଭର କରୁଛି। ଫଳରେ ରୋଗୀମାନେ ରେମୁଣାରୁ ବାଲେଶ୍ୱର ଦୌଡି ଦୌଡି ନୟାନ୍ତ ହେଉଛନ୍ତି। ରୋଗୀ ଆଡମିଶନ ରେମୁଣାରେ ହୋଇଥିବା ବେଳେ ରୋଗ ପରୀକ୍ଷା ମେସିନ ଏବେ ବି ବାଲେଶ୍ୱରରେ ଜିଲ୍ଲାମୁଖ୍ୟ ଚିକିତ୍ସାଳୟରେ ରହିଛି। ଫଳରେ ରେମୁଣା ମେଡିକାଲ କଲେଜରୁ ରୋଗ ପରୀକ୍ଷା ପାଇଁ ରୋଗୀଙ୍କୁ ବାଲେଶ୍ୱର ଆଣିବାକୁ ପଡୁଛି। ଏହାର ଫାଇଦା ନେଇ ଅସାଧୁ ଘରୋଇ ଆମ୍ବୁଲାନ୍ସ ଚାଳକ ୧ ହଜାରରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଦାବି କରୁଛନ୍ତି, ରେମୁଣାରୁ ବାଲେଶ୍ୱରକୁ ଦୂରତା ମାତ୍ର ୭ କିମି ହୋଇଥିବା ବେଳେ ରୋଗୀଙ୍କୁ ୭ କିମି ରାସ୍ତା ଯିବାକୁ ହେଲେ ରୋଗୀଙ୍କ ସମ୍ପର୍କୀୟଙ୍କୁ ୧ ହଜାରରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡୁଛି। ଫଳରେ ରୋଗୀ ଯିବା ଆସିବାକୁ ୨ ହଜାରରୁ ୪ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ପରିବହନ ବିଭାଗ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଲିଫ୍ଟ ଅଚଳ ଯୋଗୁଁ ୪ ମହଲା ପର୍ଯ୍ୟନ୍ତ ରୋଗୀମାନଙ୍କୁ ଚଲାଇ ଚଲାଇ ନେବାକୁ ପଡୁଛି। ଅଚଳ ଲିଫ୍ଟ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

